# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ମାର୍ଚ୍ଚ ୫/୨୦୨୦ (୨୦ ପୃଷ୍ଠା) | Bhubaneswar, Thursday, March 5/2020 | ★★★★★★

୪୬ଶ ଭାଗ ୧୦୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




### ଶୀର୍ଷରେ ଶେଫାଳି

ଚଳିତ ମହିଳା ଟି୨୦ ବିଶ୍ୱକପ୍‌ରେ ପ୍ରଭାବୀ ପ୍ରଦର୍ଶନ ଯୋଗୁ ଭାରତୀୟ ମହିଳା କ୍ରିକେଟର୍ ଶେଫାଳି ବର୍ମା ଆଇସିସି ବ୍ୟାଟିଂ ମାନ୍ୟତାର ଶୀର୍ଷ ସ୍ଥାନ ହାସଲ କରିଛନ୍ତି।

୧୮

୧୦

### କୁକୁର ସହ ସ୍ନୁକର ଖେଳିଲେ ସୋନାକ୍ଷୀ

ବଲିଉଡ୍ ଅଭିନେତ୍ରୀ ସୋନାକ୍ଷୀ ସିହ୍ନାଙ୍କର ଏକ ଭିଡ଼ିଓ ସୋସିଆଲ୍ ମିଡ଼ିଆରେ ଭାଇରାଲ ହୋଇଛି। ଏଥିରେ ସୋନାକ୍ଷୀ ପୋଷାକୁକୁର ସହ ସ୍ନୁକର ଖେଳୁଥିବା ଦେଖିବାକୁ ମିଳିଛି।



# ସଙ୍କଟରେ କମଲନାଥ ସରକାର

**ଭାଜପା ବିରୋଧରେ ସାଂଘାତିକ ଅଭିଯୋଗ**

- କର୍ନାଟକ ପରେ ମଧ୍ୟପ୍ରଦେଶରେ 'ଅପରେଶନ କମଲ'
- ଶାସକ ପକ୍ଷର ୮ ବିଧାୟକଙ୍କୁ ଅପହରଣ
- ଗୁରୁଗାଓଁର ଏକ ହୋଟେଲରେ ପଣବନ୍ଦୀ କରାଯାଇଛି
- ଅଭିଯୋଗକୁ ଖଣ୍ଡନ କଲା ଭାଜପା
- କଂଗ୍ରେସର ଆଭ୍ୟନ୍ତରୀଣ କନ୍ଦଳରୁ ଏପରି ଅବସ୍ଥା

**ଆସନ ସଂଖ୍ୟା ୨୩୦**

| କମଲନାଥ ସରକାର | |
|---|---|
| ସପକ୍ଷରେ | |
| କଂଗ୍ରେସ | ୧୧୪ |
| ସ୍ୱାଧୀନ | ୪ |
| ବିଏସ୍‌ପି | ୨ |
| ଏସ୍‌ପି | ୧ |
| ବିପକ୍ଷରେ | |
| ଭାଜପା | ୧୦୭ |
| ଖାଲିପଡ଼ିଛି | ୨ |




**ଭୋପାଳ/ନୂଆଦିଲ୍ଲୀ,୪।୩**

କର୍ନାଟକ ଶୈଳୀର ନାଟକ ଏବେ ମଧ୍ୟପ୍ରଦେଶରେ ଦେଖିବାକୁ ମିଳିଛି। ମଧ୍ୟପ୍ରଦେଶର ଶାସକ ପକ୍ଷର ୮ ବିଧାୟକଙ୍କୁ ଭାଜପା ଏକ ହୋଟେଲରେ ପଣବନ୍ଦୀ କରି ରଖିଥିବା କଂଗ୍ରେସ ଅଭିଯୋଗ ଆଣିଛି। ଏହାକୁ ନେଇ ରାଜ୍ୟର କଂଗ୍ରେସ ସରକାର ଭାଗ୍ୟାକାଶରେ ସଙ୍କଟର କଳାବାଦଲ ଘୋଟିଛି। 'ଅପରେଶନ କମଲ'ରେ କର୍ନାଟକର କୁମାରସ୍ୱାମୀ ସରକାର ଭଳି ମଧ୍ୟପ୍ରଦେଶର କମଲନାଥ ସରକାର ଭାଙ୍ଗିଯିବା ଭଳି ସ୍ଥିତି ସୃଷ୍ଟି ହୋଇଛି। ତେବେ ମୁଖ୍ୟମନ୍ତ୍ରୀ କମଲନାଥ ତାଙ୍କ ସରକାର ପ୍ରତି ବିପଦ ନ ଥିବା ଦୃଢ଼ୋକ୍ତି ବାଢ଼ିଛନ୍ତି।

ମଙ୍ଗଳବାର ବିଳମ୍ବିତ ରାତିରେ ମଧ୍ୟପ୍ରଦେଶ ରାଜନୀତିରେ ହାଇଡ୍ରାମା ଦେଖିବାକୁ ମିଳିଥିଲା। କଂଗ୍ରେସର ୪ ସମେତ ୮ ବିଧାୟକଙ୍କୁ ଭାଜପା ପକ୍ଷରୁ ହରିୟାଣାର ଏକ ହୋଟେଲକୁ ନିଆଯାଇଥିଲା। କମଲନାଥଙ୍କ ସରକାରକୁ ଭାଙ୍ଗିଦେବା ପାଇଁ ଭାଜପା ଏଭଳି ଷଡ଼ଯନ୍ତ୍ର ରଚୁଥିବା ଉଚ୍ଚଶିକ୍ଷା ମନ୍ତ୍ରୀ ଜିତୁ ପଟୱାରି ଅଭିଯୋଗ ଆଣିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ, ପୂର୍ବତନ ମନ୍ତ୍ରୀ ନରୋତ୍ତମ ମିଶ୍ର, ଭୂପେନ୍ଦ୍ର ସିଂ ଓ ରାମପାଲ ସିଂ ସେମାନଙ୍କୁ ବଳପୂର୍ବକ ନେଇଯାଇଛନ୍ତି। ପଣବନ୍ଦୀ ଥିବା ବିଧାୟକମାନେ ଆମକୁ ଫୋନ୍ କରି ଏହି ବିଷୟ ଜଣାଇଛନ୍ତି। ତେବେ ସୂତ୍ରରୁ ମିଳିଥିବା ☞ପୃଷ୍ଠା-୪

### ଭାଙ୍ଗିଯିବ ମୁଙ୍ଗେରିଲାଲର ସ୍ୱପ୍ନ: କମଲନାଥ

ମଧ୍ୟପ୍ରଦେଶରେ ଚାଲିଥିବା ସଦ୍ୟ ରାଜନୈତିକ ଘଟଣାକ୍ରମକୁ ନେଇ ମୁଖ୍ୟମନ୍ତ୍ରୀ କମଲନାଥ କହିଛନ୍ତି, ୨୦୧୮



ଡିସେମ୍ବରରେ ଭାଜପାକୁ ଗାଦିଚ୍ୟୁତ କରି ତାଙ୍କ ସରକାର କ୍ଷମତାକୁ ଆସିଥିଲା। ତାଙ୍କ ନିକଟରେ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ରହିଛି, ଯାହାକି ବିଧାନସଭାରେ ବିଭିନ୍ନ ଅବସରରେ ପ୍ରମାଣିତ ହୋଇସାରିଛି। ଭାଜପା ସବୁବେଳେ କଂଗ୍ରେସ ସରକାରକୁ ଅଗଣତାନ୍ତ୍ରିକ ଉପାୟରେ ହଟାଇବା ପାଇଁ ଷଡ଼ଯନ୍ତ୍ର କରି ବିଫଳ ହୋଇଛି। ଏଥର ମଧ 'ମୁଙ୍ଗେରିଲାଲର ସ୍ୱପ୍ନ' ଭାଙ୍ଗିଯିବ। ଗୋଆ, କର୍ନାଟକ, ମହାରାଷ୍ଟ୍ର ଓ ହରିୟାଣା ଭଳି ଅନେକ ରାଜ୍ୟରେ ଭାଜପା ଗଣତନ୍ତ୍ର ଓ ସାମ୍ବିଧାନିକ ମୂଲ୍ୟବୋଧକୁ ହତ୍ୟା କରିସାରିଛି। ଭ୍ରଷ୍ଟାଚାରରୁ ଅର୍ଜିତ କଳାଧନ ଭାଜପାର ସମସ୍ତ ଷଡ଼ଯନ୍ତ୍ରକୁ ପଦାରେ ପକାଇଦେଇଛି।



କଂଗ୍ରେସ ନିଜ ବିଧାୟକମାନଙ୍କୁ ଠିକ୍ ଭାବେ ରଖିପାରୁ ନ ଥିବାବେଳେ ଭାଜପା ବିରୋଧରେ ଭିତ୍ତିହୀନ ଅଭିଯୋଗ ଆଣୁଛି। କଂଗ୍ରେସ ବିଧାୟକଙ୍କ ଘୋଡ଼ାବେପାରରେ ଆମର ସମ୍ପୃକ୍ତି ନାହିଁ।

-ଶିବରାଜ ସିଂ ଚୌହାନ, ପୂର୍ବତନ ମୁଖ୍ୟମନ୍ତ୍ରୀ

**ଆଜିର ସମ୍ପାଦକୀୟ**

ପ୍ରାଣୀଙ୍କ ନକଲପ୍ରିୟତା

**କିଛି ତଥ୍ୟ**

ଟେଲିକମ୍ କମ୍ପାନୀଙ୍କ ଉପରେ ୧.୩୦ ଲକ୍ଷ କୋଟି ଟଙ୍କାର ଆଡ୍‌ଜଷ୍ଟେଡ ଗ୍ରସ୍ ରେଭିନ୍ୟୁ (ଏଜିଆର୍) ବାବଦ ବକେୟା ରହିଛି। -ଟେଲିକମ୍ ମନ୍ତ୍ରଣାଳୟ

**ଆଜିର ମନ୍ତବ୍ୟ**

" ଘୃଣା ଓ ହିଂସା ବିକାଶର ଶତ୍ରୁ। ବିଭାଜନବାଦୀ ନୀତିରୁ 'ଭାରତମାତା'ର କ୍ଷତି ସାଧିତ ହେବ ।

**-ରାହୁଲ ଗାନ୍ଧୀ, କଂଗ୍ରେସ ନେତା**


Vencobb Fresh Chicken — Taste the difference!

04.03.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 36 | 75 | 85 |
| CTC | 36 | 75 | 85 |
| DKL | 35 | 74 | 84 |
| BDK | 36 | 75 | 85 |
| BLS | 38 | 77 | 87 |
| ANG | 35 | 74 | 84 |
| BMP | 33 | 72 | 82 |

*Conditions Apply

Issued in the Interest of Consumers








କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନଙ୍କୁ ହତ୍ୟା ଧମକ ଦିଆଯାଇଥିବା ବୁଧବାର ଶାସକ ସିପିଆଇଏମ୍ ପକ୍ଷରୁ ସୂଚନା ମିଳିଛି। ସିପିଆଇଏମ୍ ଯୁବ ଶାଖା କାର୍ଯ୍ୟାଳୟକୁ ଆସିଥିବା ଏକ ପତ୍ରରେ ଏହି ଧମକ ଦିଆଯାଇଛି। ଏସ୍‌ଡିପିଆଇ ଏବଂ ପପୁଲାର ଫ୍ରଣ୍ଟ ଅଫ୍ ଇଣ୍ଡିଆକୁ ସମାଲୋଚନା ଜାରି ରଖିଲେ ବିଜୟନ ଓ ଯୁବ ଶାଖା ରାଜ୍ୟ ସମ୍ପାଦକ ଏ.ଏ. ରହିମଙ୍କୁ ହତ୍ୟା କରାଯିବ ବୋଲି ଉଲ୍ଲେଖ କରାଯାଇଛି। ଏନେଇ ରହିମ ଥାନାରେ ଏକ ଏତଲା ଦେଇଛନ୍ତି।

# ଦେଶରେ ୨୯ କରୋନା ସଂକ୍ରମିତ

- ଦିଲ୍ଲୀ-ଏନ୍‌ସିଆର୍‌ରେ ସ୍କୁଲ ଛୁଟି ଘୋଷଣା
- ୬ ଲକ୍ଷ ଲୋକଙ୍କ ଯାଞ୍ଚ ସରିଲାଣି
- ପ୍ରତିଦିନ ସ୍ଥିତି ସମୀକ୍ଷା କରୁଛନ୍ତି ମୋଦି
- ବିଶ୍ୱବ୍ୟାପୀ ମୃତ୍ୟୁସଂଖ୍ୟା ୩୧୨୩କୁ ବୃଦ୍ଧି
- ଆକ୍ରାନ୍ତଙ୍କ ସଂଖ୍ୟା ୯୧, ୭୮୩ ଛୁଇଁଲା

ନୂଆଦିଲ୍ଲୀ,୪।୩



କରୋନା ଭାଇରସ୍ ସମ୍ପର୍କିତ ସମୀକ୍ଷା ବୈଠକରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡଃ. ହର୍ଷବର୍ଦ୍ଧନକ ବରିଷ୍ଠ ଅଧିକାରୀଙ୍କ ସହ ନୂଆଦିଲ୍ଲୀରେ ଆଲୋଚନା କରୁଛନ୍ତି। ନିକଟରେ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଉପସ୍ଥିତ ଅଛନ୍ତି।

ଭାରତରେ କରୋନା ଭାଇରସ୍ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ୨୯ରେ ପହଞ୍ଚିଛି। ଏମାନଙ୍କ ମଧ୍ୟରେ ୧୬ ଇଟାଲୀ ପର୍ଯ୍ୟଟକ ଅଛନ୍ତି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ହର୍ଷବର୍ଦ୍ଧନ ବୁଧବାର ପ୍ରକାଶ କରିଛନ୍ତି। ବାହାର ଦେଶରୁ ଭାରତକୁ ଆସୁଥିବା ପ୍ରତ୍ୟେକ ଯାତ୍ରୀଙ୍କୁ ବିମାନବନ୍ଦରଗୁଡ଼ିକରେ କଡ଼ା ଯାଞ୍ଚ କରାଯାଉଥିବା ସେ କହିଛନ୍ତି। ଦିଲ୍ଲୀର ମୟୂରବିହାରରେ ଜଣେ ଯୁବକ(୪୫), ଆଗ୍ରାରେ ଥିବା ତାଙ୍କର ୬ ସମ୍ପର୍କୀୟ କରୋନା ଭାଇରସ୍‌ରେ ଆକ୍ରାନ୍ତ ହେବା ପରେ ସେମାନଙ୍କୁ ସଫଦର୍‌ଗଞ୍ଜ ହସ୍ପିଟାଲରେ ଚିକିତ୍ସା କରାଯାଉଛି। ହାଇଦ୍ରାବାଦର ଜଣେ ଯୁବକ (୨୪)ଙ୍କଠାରେ ଏହି ଭୂତାଣୁ ଚିହ୍ନଟ କରାଯିବା ପରେ ତାଙ୍କୁ ଅଲଗା କରାଯାଇ ସ୍ୱତନ୍ତ୍ର ଚିକିତ୍ସା କରାଯାଉଛି। ଇଟାଲିରୁ ଆସିଥିବା ୧୬ ଜଣିଆ ପର୍ଯ୍ୟଟକ ଦଳ ଓ ସେମାନଙ୍କ ସହ ଥିବା ଭାରତୀୟ ଡ୍ରାଇଭର କରୋନା ଆକ୍ରାନ୍ତ ଅଛନ୍ତି। ସେହିଭଳି ଜୟପୁରରେ ଇଟାଲୀୟ ଦମ୍ପତି କରୋନା ଆକ୍ରାନ୍ତ ହୋଇ ଏସ୍‌ଏମ୍‌ଏସ୍ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ବୁଧବାର ରାତିରେ ଗୁରୁଗ୍ରାମସ୍ଥିତ ପେଟିଏମ୍ ଅଫିସ୍‌ର ଜଣେ କର୍ମଚାରୀ କରୋନା ସଂକ୍ରମିତ ହୋଇଥିବା ଜଣାପଡିଛି। ପୂର୍ବରୁ କେରଳରେ ଚିହ୍ନଟ ହୋଇଥିବା ୩ କରୋନା ଭାଇରସ୍ ରୋଗୀଙ୍କୁ ଚିକିତ୍ସା ପରେ ଛାଡ଼ି ଦିଆଯାଇଛି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ରିପୋର୍ଟରେ ତେଲଙ୍ଗାନାରେ ୨ ଆକ୍ରାନ୍ତ ଥିବା ସନ୍ଦେହ କରାଯାଉଛି। ଚାଇନା, ଦକ୍ଷିଣ କୋରିଆ, ଜାପାନ, ଇରାନ ଆଦି ଦେଶରେ କରୋନା ଉଗ୍ରରୂପ ଧାରଣ କରିଥିବା ବେଳେ ଭାରତରେ ସ୍ଥିତି କ୍ରମଶଃ ଜଟିଳ ଆଡ଼କୁ ଗତିକରୁଛି। ରାଜଧାନୀ ଦିଲ୍ଲୀ-ଏନ୍‌ସିଆର୍‌ରେ ସ୍କୁଲଗୁଡ଼ିକୁ ଏଥିଲାଗି ଛୁଟି ଘୋଷଣା କରାଯାଇଛି। କେତେକ ସ୍କୁଲ କରୋନା ସ୍ଥିତିକୁ ଦେଖି ଆଗୁଆ ଛୁଟି ଘୋଷଣା କରାଯାଇଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଏନେଇ ବ୍ୟାପକ ପ୍ରସ୍ତୁତି କରାଯିବା ସହ ବିମାନ ବନ୍ଦରଗୁଡ଼ିକରେ ଯାଞ୍ଚ କଡ଼ାକଡ଼ି କରାଯାଇଛି। ୨୧ ବିମାନ ବନ୍ଦରରେ ପ୍ରାୟ ୬ ଲକ୍ଷ ଲୋକଙ୍କୁ ଯାଞ୍ଚ କରାଯାଇଥିବା ରିପୋର୍ଟ ମିଳିଛି। ମାସ୍କ, ମେଡିସିନ ଓ ଚିକିତ୍ସା ସୁବିଧା ସହ ସ୍ଥିତି ଯାଞ୍ଚ କରାଯାଉଥିବା ସେ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୈନିକ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି। ବିଭିନ୍ନ ରାଜ୍ୟ ସରକାର ଏନେଇ ପ୍ରସ୍ତୁତ ରହିବା ଲାଗି ପରାମର୍ଶ ଦିଆଯାଇଛି। ଜନଗହଳିପୂର୍ଣ୍ଣ ଅଞ୍ଚଳରୁ ଦୂରେଇ ରହିବା ଓ ଶାରୀରିକ ଯୋଗାଯୋଗ ବିଚ୍ଛିନ୍ନ କରିବା ଲାଗି ସେ ଲୋକମାନଙ୍କୁ ପରାମର୍ଶ ଦେଇଛନ୍ତି। ସିବିଏସ୍‌ଇ ପରୀକ୍ଷା ଚାଲିଥିବା ବେଳେ ପରୀକ୍ଷାର୍ଥୀଙ୍କୁ ଏଥିଲାଗି ପ୍ରତିଷେଧକ ସାମଗ୍ରୀ ନେବା ଲାଗି ବୋର୍ଡ ସଚିବ ଅନୁରାଗ ତ୍ରିପାଠୀ ପରାମର୍ଶ ଦେଇଛନ୍ତି। ଫେସ୍ ମାସ୍କ, ସାନିଟାଇଜର ବ୍ୟବହାର ଲାଗି ସେ ଗୁରୁତ୍ୱାରୋପ କରିଛନ୍ତି।

ମିଡିଆକୁ ସମ୍ବୋଧନ କରି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି, ସ୍ୱାସ୍ଥ୍ୟ ଅଧିକାରୀଙ୍କ ସହ ବିଭିନ୍ନ ମନ୍ତ୍ରଣାଳୟ ଏନେଇ ସତର୍କ ଅଛନ୍ତି। ୪୨ ପରୀକ୍ଷାଗାରରେ ଏବେ କରୋନା ଭାଇରସ୍ ଯାଞ୍ଚ କରାଯାଉଛି। ଇରାନ୍‌ରେ କରୋନା ଆକ୍ରାନ୍ତ ଭାରତୀୟଙ୍କ ଲାଗି ପରୀକ୍ଷାଗାର ଓ ଅନ୍ୟାନ୍ୟ ସୁବିଧା ଯୋଗାଇ ଦିଆଯିବ ବୋଲି ସେ ମତବ୍ୟକ୍ତ କରିଛନ୍ତି। ବିଶ୍ୱବ୍ୟାପୀ କରୋନା ମୃତ୍ୟୁସଂଖ୍ୟା ୩,୧୨୩ରେ ପହଞ୍ଚିଥିବା ବେଳେ ଚାଇନାରେ ୨,୯୮୧, ଇରାନରେ ୭୭ ଲୋକଙ୍କ ପ୍ରାଣହାନି ଘଟିଲାଣି। ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧିପାଇ ୯୧,୭୮୩ ଛୁଇଁଲାଣି। ପ୍ରକାଶଥାଉ କି, ବିଶ୍ୱରେ ୬୬ ଦେଶକୁ କରୋନା ପ୍ରଭାବିତ ହୋଇସାରିଲାଣି।

## ପ୍ରସ୍ତୁତ ରହିବାକୁ ଡବ୍ଲ୍ୟୁଏଚ୍‌ଓର ପରାମର୍ଶ



ଡ. ପୁନମ୍ କ୍ଷେତ୍ରପାଲ ସିଂ

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ ଏନେଇ ଗଭୀର ଚିନ୍ତା ବ୍ୟକ୍ତ କରାଯାଇଛି। ବିଶେଷକରି ଦକ୍ଷିଣ-ପୂର୍ବ ଏସିଆରେ ସ୍ଥିତି ଜଟିଳ ହେଉଥିବାରୁ କଡ଼ା ପଦକ୍ଷେପ ଗ୍ରହଣ କରାଯିବାର ଆବଶ୍ୟକତା ରହିଛି ବୋଲି ସଂଗଠନର ଆଞ୍ଚଳିକ ନିର୍ଦ୍ଦେଶକ ଡ. ପୁନମ୍ କ୍ଷେତ୍ରପାଲ ସିଂ ଦର୍ଶାଇଛନ୍ତି। ଭାରତ, ମାଲେସିଆ, ଇଣ୍ଡୋନେସିଆ ଭଳି ଦେଶରେ ଏହା କାୟାବିସ୍ତାର କରିବାର ଆଶଙ୍କା ଥିବା ସେ ପ୍ରକାଶ କରିଛନ୍ତି। ଫ୍ଲୁ ଠାରୁ ଧୀରେ ଧୀରେ ଏହା ବ୍ୟାପୁଥିଲେ ହେଁ କରୋନା ସବୁଠାରୁ ମାରାତ୍ମକ ବୋଲି ସେ ଚେତାଇଛନ୍ତି। ଜ୍ୱର, କାଶ, କଫ, ନିଃଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରିବା ଏହାର ପ୍ରାରମ୍ଭିକ ସୂଚନା ଦେଇଥାଏ। ସଚେତନତା, ଆତ୍ମସୁରକ୍ଷା ଓ ଡାକ୍ତରୀ ଚିକିତ୍ସା ସହ ବ୍ୟାପକ ପ୍ରସ୍ତୁତି ଏଥିଲାଗି ଆବଶ୍ୟକ ବୋଲି ଡବ୍ଲ୍ୟୁଏଚ୍‌ଓ ପକ୍ଷରୁ ପରାମର୍ଶ ଦିଆଯାଇଛି।



ବେଙ୍ଗାଲୁରୁ ସିଟି ରେଲୱେ ଷ୍ଟେଶନରେ ଛାତ୍ରମାନେ କରୋନା ସଂକ୍ରମଣ ଭୟରେ ମୁହଁରେ ମାସ୍କ ବାନ୍ଧି ଯାଉଛନ୍ତି।

## ୪ ଦୋଷୀଙ୍କ ସବୁ ବିକଳ୍ପ ଶେଷ

ନୂଆଦିଲ୍ଲୀ,୪।୩(ପି.ଟି.)



**ନିର୍ଭୟା ମାମଲା**
- ପବନ ଗୁପ୍ତାଙ୍କ ରାଜକ୍ଷମା ଆବେଦନ ଖାରଜ
- ନୂଆ ଡେଥ୍ ୱାରେଣ୍ଟ ଜାରି ପାଇଁ କୋର୍ଟରେ ଦିଲ୍ଲୀ ସରକାର
- ୪ ଦୋଷୀଙ୍କୁ ଅଦାଲତ ନୋଟିସ

ବହୁଚର୍ଚ୍ଚିତ ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲାର ଅନ୍ୟତମ ଦୋଷୀ ପବନ ଗୁପ୍ତାଙ୍କ ମର୍ସି ପିଟିଶନକୁ ବୁଧବାର ରାଷ୍ଟ୍ରପତି ରାମନାଥ କୋବିନ୍ଦ ଖାରଜ କରିଦେଇଛନ୍ତି। ଏହାସହ ଏହି ମାମଲାର ୪ ଦୋଷୀଙ୍କ ପାଇଁ ସମସ୍ତ ବିକଳ୍ପ ଶେଷ ହୋଇଯାଇଛି। ମଙ୍ଗଳବାର ସକାଳ ୬ଟାରେ ସେମାନଙ୍କୁ ଫାଶୀ ଦେବା ଲାଗି ସ୍ଥିର ହୋଇଥିଲା। ଦିଲ୍ଲୀର ପଟିଆଲା ହାଉସ୍‌କୋର୍ଟ ସ୍ଥଗିତ ରଖିଥିବାବେଳେ ତିହାର ଜେଲ୍ କର୍ତ୍ତୃପକ୍ଷ ଡେଥ୍ ୱାରେଣ୍ଟ ଜାରି ପାଇଁ ପୁନର୍ବାର କୋର୍ଟରେ ଅନୁରୋଧ କରିଛନ୍ତି। ସେହିପରି ଦିଲ୍ଲୀ ସରକାର ମଧ୍ୟ ଦୋଷୀଙ୍କୁ ଫାଶୀ ଦେବା ପାଇଁ ନୂଆ ତାରିଖ ସ୍ଥିର କରିବା ସକାଶେ ଅଦାଲତଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ଦୋଷୀ ପବନ ଗୁପ୍ତାଙ୍କ ରାଜକ୍ଷମା ଆବେଦନକୁ ରାଷ୍ଟ୍ରପତି ଖାରଜ କରିବାର କିଛି ସମୟ ପରେ ଦିଲ୍ଲୀ ସରକାରଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ସମସ୍ତ ଦୋଷୀଙ୍କ ସବୁ ପ୍ରକାର ଆଇନଗତ ବିକଳ୍ପ ଶେଷ ହୋଇସାରିଥିବାରୁ ନୂଆ ଡେଥ୍ ୱାରେଣ୍ଟ ଜାରି କରିବା ଲାଗି ସରକାର ପଟିଆଲା ହାଉସ୍‌କୋର୍ଟରେ ଆବେଦନ କରିଛନ୍ତି। ଅତିରିକ୍ତ ସେସନ୍ସ ଜଜ୍ ଧର୍ମେନ୍ଦ୍ର ରାଣା ୪ ଦୋଷୀଙ୍କୁ ନୋଟିସ ଜାରି କରି ଗୁରୁବାର ସୁଦ୍ଧା ଜବାବ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଯେ, ମୁକେଶ କୁମାର ସିଂ (୩୨), ପବନ ଗୁପ୍ତା (୨୫), ବିନୟ ଶର୍ମା(୨୬) ଓ ଅକ୍ଷୟ କୁମାର ସିଂ (୩୧)ଙ୍କୁ ଫାଶୀ ଦେବା ଲାଗି ଏହା ପୂର୍ବରୁ ଦୁଇଥର ଡେଥ୍ ୱାରେଣ୍ଟ ଜାରି ହୋଇଥିଲା। ହେଲେ ଦୋଷୀଙ୍କ ଓକିଲ ଆଇନର ଗଳାବାଟ ଦେଇ ସେମାନଙ୍କୁ ବର୍ତ୍ତମାନ ପର୍ଯ୍ୟନ୍ତ ବଞ୍ଚାଇବା ପାଇଁ ସକ୍ଷମ ହୋଇଥିଲେ।

## କଶ୍ମୀରରେ ହଟିଲା ସୋସିଆଲ ମିଡିଆ କଟକଣା

**ଜମ୍ମୁ,୪।୩:** ଜମ୍ମୁ-କଶ୍ମୀରରେ ବୁଧବାର ସୋସିଆଲ ମିଡିଆ ଉପରୁ ପ୍ରଶାସନ ପକ୍ଷରୁ ବ୍ୟାନ୍ ହଟାଇ ଦିଆଯାଇଛି। ଏଣିକି ୨ଜି ମୋବାଇଲ ଡାଟା ସେବା ଓ ଫିକ୍ସଡ ଲାଇନ୍ ଇଣ୍ଟରନେଟ ସୁବିଧା କେନ୍ଦ୍ରଶାସିତ ଅଞ୍ଚଳବାସୀଙ୍କୁ ମାର୍ଚ୍ଚ ୧୭ ପର୍ଯ୍ୟନ୍ତ ମିଳିପାରିବ। ୩୭୦ ଧାରା ଉଚ୍ଛେଦ ପରେ ଅର୍ଥାତ୍ ଗତବର୍ଷ ଅଗଷ୍ଟ ୫ରୁ ଜମ୍ମୁ-କଶ୍ମୀରରେ ଇଣ୍ଟରନେଟ ସେବା ବନ୍ଦ ରହିଥିଲା। ପରିସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବା ପରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ପ୍ରମୁଖ ସଚିବ ଶଲିଲ୍ କାବ୍ରା ଏହି ନିର୍ଦ୍ଦେଶନାମା ଜାରି କରିଛନ୍ତି। ସୋସିଆଲ ମିଡିଆର ଅପବ୍ୟବହାର କରାଗଲେ, ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଯିବ ବୋଲି ଜମ୍ମୁ-କଶ୍ମୀର ପୋଲିସ କହିଛି।

**ଇତିହାସର ଆଇନାରେ**

## ମାର୍ଚ୍ଚ ୫ର ପ୍ରମୁଖ ଘଟଣା

**୧**୯୩୧ ମାର୍ଚ୍ଚ ୫ରେ ମହାତ୍ମା ଗାନ୍ଧୀ ଓ ବ୍ରିଟିଶ୍ ଭାଇସ୍‌ରାୟ୍ ଲର୍ଡ ଇର୍‌ୱିନ୍‌ଙ୍କ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଏହା ପୂର୍ବରୁ ଦୁହେଁ ୮ ଥର ଆଲୋଚନା କରିଥିଲେ।

**୨**୦୧୨ ମାର୍ଚ୍ଚ ୫ରେ ଦକ୍ଷିଣ ଆଫ୍ରିକା, ମୋଜାମ୍ବିକ୍ ଓ ଭଡ଼ାଗାସ୍କାରରେ ଭୟଙ୍କର ବାତ୍ୟା 'ଇରିନା ଦେଖାଦେଇଥିଲା। ଏହାର ପ୍ରଭାବରେ ୭୫ ଜଣ ପ୍ରାଣ ହରାଇଥିଲେ।

## 'ଘୃଣା, ହିଂସା ବିକାଶର ଶତ୍ରୁ'

ନୂଆଦିଲ୍ଲୀ,୪।୩(ପି.ଟି.)



ବ୍ରିଜ୍‌ପୁରୀସ୍ଥିତ ମସ୍‌ଜିଦ୍‌ରେ ମୁସଲମାନ ସମ୍ପ୍ରଦାୟର ଲୋକଙ୍କ ସହ ଆଲୋଚନା କରୁଛନ୍ତି କଂଗ୍ରେସ ନେତା ରାହୁଲ ଗାନ୍ଧୀ।

**ଦଙ୍ଗା ଅଞ୍ଚଳରେ କଂଗ୍ରେସ ଟିମ୍**

ଘୃଣା ଓ ହିଂସା ବିକାଶର ଶତ୍ରୁ। ଦେଶରେ ବିସ୍ତାର କରାଯାଉଥିବା ବିଭାଜନବାଦୀ ନୀତିରୁ 'ଭାରତମାତା'ର କ୍ଷତି ସାଧିତ ହେବ ବୋଲି ବୁଧବାର କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି। କଂଗ୍ରେସ ପ୍ରତିନିଧି ଦଳ ସହ ଉତ୍ତର-ପୂର୍ବ ଦିଲ୍ଲୀର ଦଙ୍ଗା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିବାବେଳେ ରାହୁଲ ଏଭଳି ମତ ଦେଇଛନ୍ତି।

କଂଗ୍ରେସ ପକ୍ଷରୁ ଦୁଇଟି ସ୍ୱତନ୍ତ୍ର ପ୍ରତିନିଧି ଦଳ ଉତ୍ତର-ପୂର୍ବ ଦିଲ୍ଲୀର ଦଙ୍ଗା ଅଞ୍ଚଳ ବୁଲିଛନ୍ତି। ରାହୁଲଙ୍କ ନେତୃତ୍ୱରେ ଗଠିତ ଦଳରେ କେ.ସି. ବେଣୁଗୋପାଳ, ଅଧୀର ରଞ୍ଜନ ଚୌଧୁରୀ, କେ. ସୁରେଶ, ମୁକୁଲ ୱାସନିକ୍, କୁମାରୀ ସେଲ୍‌ଜା, ଗୌରବ ଗୋଗୋଇ ଓ ରଣଦୀପ ସୁର୍ଜେୱାଲା ସାମିଲ ଥିଲେ। ଏହି ପ୍ରତିନିଧି ଦଳ ଦଙ୍ଗାକାରୀମାନେ ପୋଡ଼ିଦେଇଥିବା ବ୍ରିଜ୍‌ପୁରୀସ୍ଥିତ ଅରୁଣ ମଡର୍ନ ପବ୍ଲିକ୍ ସିନିୟର ସେକେଣ୍ଡାରି ସ୍କୁଲ ପରିଦର୍ଶନ କରିଥିଲେ। ଏହି ଅବସରରେ ରାହୁଲ କହିଥିଲେ, ଏହି ୩୨ ବର୍ଷ ପୁରୁଣା ସ୍କୁଲ ହେଉଛି ଭାରତର ଭବିଷ୍ୟତ। ଘୃଣା ଓ ହିଂସା ଏହାକୁ ଧ୍ୱଂସ କରିଦେଇଛି। ଏଥିରେ କେହି ଲାଭ ପାଇନାହାନ୍ତି। ହିଂସା ଓ ଘୃଣା ବିକାଶର ଶତ୍ରୁ। ପରେ ସେମାନେ ସ୍କୁଲ ନିକଟସ୍ଥ ଦଙ୍ଗା ପ୍ରଭାବିତ ଏକ ମସ୍‌ଜିଦକୁ ମଧ୍ୟ ପରିଦର୍ଶନରେ ଯାଇଥିଲେ। କଂଗ୍ରେସର ଅନ୍ୟ ଏକ ପ୍ରତିନିଧି ଦଳରେ ହିବି ଏଡେନ୍, ଗୁର୍‌ଜିତ୍ ସିଂ ଅଉଜଲା ଓ ଅବ୍‌ଦୁଲ୍ ଖାଲିକ୍‌ଙ୍କ ସମେତ କେତେଜଣ ଏମ୍‌ପି ସାମିଲ ଥିଲେ। ସେମାନେ କେରଳ ହାଉସ୍‌ରୁ ଏକ ବସ୍‌ରେ ଚାନ୍ଦବାଗ ଯାଇ ସ୍ଥାନୀୟ ଦୋକାନୀମାନଙ୍କ ସହ ସେମାନଙ୍କ କ୍ଷୟକ୍ଷତି ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରକାଶ ଯେ, ଗତ ସପ୍ତାହରେ କେନ୍ଦ୍ରର ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)କୁ ନେଇ ଜାତୀୟ ରାଜଧାନୀ ଦିଲ୍ଲୀରେ ହିଂସା ଘଟିଥିଲା। ସିଏଏ ସପକ୍ଷବାଦୀ ଓ ବିପକ୍ଷବାଦୀଙ୍କ ମଧ୍ୟରେ ଘଟିଥିବା ସଂଘର୍ଷ ସାମ୍ପ୍ରଦାୟିକ ଦଙ୍ଗାର ରୂପ ନେବା ପରେ ୪୮ ଜଣଙ୍କ ପ୍ରାଣହାନି ଘଟିଥିଲା। ଏହାସହ ୨୫୦ରୁ ଊର୍ଦ୍ଧ୍ୱ ଲୋକ ଏଥିରେ ଆହତ ହୋଇଥିଲେ।

## 'ଜିସାଟ୍-୧' ଉତ୍କ୍ଷେପଣ ସ୍ଥଗିତ

**ନୂଆଦିଲ୍ଲୀ, ୪।୩:** ପୃଥିବୀ ଉପରେ କଡ଼ା ନଜର ରଖିବା ପାଇଁ ଇସ୍ରୋ ପକ୍ଷରୁ ଶ୍ରୀହରିକୋଟାସ୍ଥିତି ସତୀଶ ଧାୱନ ମହାକାଶ କେନ୍ଦ୍ରରୁ ଉତ୍କ୍ଷେପଣ ହେବାକୁ ଥିବା ଜିସାଟ୍-୧ କ୍ଷେପଣାସ୍ତ୍ର ଉତ୍କ୍ଷେପଣ କାର୍ଯ୍ୟକ୍ରମକୁ ଶେଷ ମୁହୂର୍ତ୍ତରେ ବାତିଲ କରାଯାଇଛି। ଏନେଇ ଇସ୍ରୋ ପକ୍ଷରୁ ବୁଧବାର ଘୋଷଣା କରାଯାଇଛି। କେତେକ ବୈଷୟିକ ତ୍ରୁଟି ଯୋଗୁ ଏଭଳି ନିଷ୍ପତ୍ତି ନିଆଯାଇଥିବା କୁହାଯାଇଛି। ପରବର୍ତ୍ତୀ ସମୟରେ ଏହାର ଉତ୍କ୍ଷେପଣ ନେଇ ଘୋଷଣା କରାଯିବ। ଜିଏସ୍‌ଏଲ୍‌ଭି-ଏଫ୍-୧୦ ସହାୟତାରେ ଏହାକୁ ମହାକାଶକୁ ଉତ୍କ୍ଷେପଣ କରାଯାଇଥାନ୍ତା। ଏହାକୁ ପୃଥିବୀଠାରୁ ୩୬ ହଜାର କି.ମି. ଦୂର କକ୍ଷପଥରେ ଅବସ୍ଥାପିତ କରାଯାଇ ପାଣିପାଗ ସମ୍ପର୍କିତ ସୂଚନା ଓ ଫଟୋ ହାସଲ କରାଯାଇ ପାରିଥାନ୍ତା। ୨,୨୬୮ କିଗ୍ରା ଓଜନ ବିଶିଷ୍ଟ ଏହି ଉପଗ୍ରହର ଉତ୍କ୍ଷେପଣ ପାଇଁ ୧୮ ମିନିଟ୍ ୩୯ ସେକେଣ୍ଡ ଲାଗିବ ବୋଲି ଇସ୍ରୋ ପକ୍ଷରୁ ପୂର୍ବରୁ କୁହାଯାଇଥିଲା। ୨୨୮୦ ୱାଟ୍ କ୍ଷମତା ଥିବା ଜିସାଟ୍-୧ ଆଗାମୀ ୭ ବର୍ଷ ପାଇଁ କାର୍ଯ୍ୟ କରିବାକୁ ସକ୍ଷମ ହେବ ବୋଲି ଘୋଷଣା କରାଯାଇଥିଲା। ତେବେ ଶେଷ ମୁହୂର୍ତ୍ତରେ ଏହି କାର୍ଯ୍ୟକ୍ରମକୁ ବାତିଲ କରାଯାଇଥିବା ଇସ୍ରୋ ପକ୍ଷରୁ ସୂଚନା ଦିଆଯାଇଛି।

## ଆଲୋଚନା ନ ହେଲେ ଅଚଳ କରିବୁ ଗୃହ

ନୂଆଦିଲ୍ଲୀ,୪।୩



**ଦିଲ୍ଲୀ ଦଙ୍ଗା ନେଇ ପାର୍ଲାମେଣ୍ଟରେ କଂଗ୍ରେସର ଜିଦ୍**

ଦିଲ୍ଲୀରେ ସାମ୍ପ୍ରଦାୟିକ ହିଂସାକାଣ୍ଡ ନେଇ ପାର୍ଲାମେଣ୍ଟରେ ସର୍ବପ୍ରଥମେ ଆଲୋଚନା କରାଯାଉ ବୋଲି କଂଗ୍ରେସ ପକ୍ଷରୁ ବୁଧବାର ଦାବି କରାଯାଇଛି। ଏହା କରା ନ ଗଲେ ପାର୍ଲାମେଣ୍ଟ ଚଳାଇ ଦେବୁ ନାହିଁ ବୋଲି ଦଳୀୟ ସଦସ୍ୟମାନେ କହିଛନ୍ତି। ଲୋକ ସଭାରେ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ ସରକାର ନିଜର ଦାୟିତ୍ୱବୋଧ ରଖି ଏଭଳି ଦାବିକୁ ଗ୍ରହଣ କରିବା ଉଚିତ। ଉଭୟ ଗୃହରେ ଆଲୋଚନା ସହ ଏହି ଦଙ୍ଗା ମାମଲାରେ ସମ୍ପୃକ୍ତ ଦୋଷୀଙ୍କୁ ଦଣ୍ଡ ମିଳିବା ଆବଶ୍ୟକ ବୋଲି ସେ ପ୍ରକାଶ କରିଛନ୍ତି। ସରକାର ଏହି ଘଟଣାର ଆଲୋଚନା ହୋଲି ପରେ କରିବା ଲାଗି କହିଥିବା ବେଳେ ଏଭଳି ସ୍ପର୍ଶକାତର ପ୍ରସଙ୍ଗ ଆଲୋଚନାରେ ବିଳମ୍ୱ କରାଯିବା ଅନୁଚିତ ବୋଲି କଂଗ୍ରେସ କହିଛି। ବୁଧବାର ଏହି ଘଟଣାକୁ ନେଇ କଂଗ୍ରେସ ଏମ୍‌ପିମାନେ ଗୃହରେ ହଟ୍ଟଗୋଳ କରିଥିଲେ। ପାର୍ଲାମେଣ୍ଟରେ ଆଲୋଚନା ନ ହେବା ପର୍ଯ୍ୟନ୍ତ ଗୃହ ବାହାରେ ଓ ଭିତରେ ଏଭଳି ଆଲୋଚନା ଜାରି ରହିବ ବୋଲି ଚୌଧୁରୀ କହିଛନ୍ତି। କଂଗ୍ରେସ ମୁଖପାତ୍ର ସୟେଦ ନାସିର ହୁସେନ୍ ଆଲୋଚନା ଲାଗି ସରକାରଙ୍କ ଆନ୍ତରିକତା ନ ଥିବା କହିଛନ୍ତି। ପ୍ରଧାନମନ୍ତ୍ରୀ କିମ୍ବା ସ୍ୱରାଷ୍ଟ୍ରମନ୍ତ୍ରୀ ଏନେଇ ଉତ୍ତର ଦେବାକୁ ପ୍ରସ୍ତୁତ ନାହାନ୍ତି। ବାରମ୍ବାର ଆଲୋଚନା ଦାବି ପରେ ବି କିଛି ବୁଝାପଡୁ ନାହିଁ। ତେଣୁ ସମସ୍ତ ବିରୋଧୀ ଦଳ ଏକାଠି ହୋଇ ଆଲୋଚନା ନ ହେବା ପର୍ଯ୍ୟନ୍ତ ଗୃହକାର୍ଯ୍ୟ କରାଇ ଦିଆଯିବ ନାହିଁ ବୋଲି ନିଷ୍ପତ୍ତି ନିଆଯାଇଥିବା ସେ ପ୍ରକାଶ କରିଛନ୍ତି।



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ–** ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର କେତେକ ଜିଲାରେ ଘଡ଼ଘଡ଼ି ସହ ବର୍ଷା ଅନୁଭୂତ ହେବ।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ପାଗ ମେଘୁଆ ରହିବା ସହ ସାମାନ୍ୟ ବର୍ଷା ହେବ। ଗୁରୁବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୦ ଡିଗ୍ରୀ ଏବଂ ସର୍ବନିମ୍ନ ୨୨ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ବୁଧବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୯.୬ | ୧୮.୩ |
| ଚାନ୍ଦବାଲି | ୨୯.୩ | ୨୦.୪ |
| କଟକ | ୩୦.୨ | ୧୮.୦ |
| ପାରାଦ୍ୱୀପ | ୨୯.୫ | ୨୧.୭ |
| ଭୁବନେଶ୍ୱର | ୩୧.୮ | ୧୯.୪ |
| ଗୋପାଳପୁର | ୩୦.୦ | ୨୦.୭ |
| ପୁରୀ | ୩୦.୬ | ୨୧.୬ |
| ଅନୁଗୋଳ | ୨୭.୭ | ୧୫.୦ |
| ବାରିପଦା | ୨୮.୨ | ୧୯.୫ |
| ଝାରସୁଗୁଡ଼ା | ୩୦.୬ | ୧୭.୨ |
| କେନ୍ଦୁଝର | ୨୮.୩ | ୧୭.୪ |
| ସମ୍ବଲପୁର | ୩୧.୮ | ୧୭.୩ |
| ସୁନ୍ଦରଗଡ଼ | ୩୧.୦ | ୧୩.୫ |
| ହୀରାକୁଦ | ୩୧.୩ | ୧୯.୧ |
| ତାଳଚେର | ୩୦.୧ | ୧୭.୩ |
| ଭବାନୀପାଟଣା | ୩୨.୨ | ୧୯.୫ |
| ବଲାଙ୍ଗୀର | ୩୨.୫ | ୧୯.୦ |
| କୋରାପୁଟ | -- | ୧୫.୬ |
| ଫୁଲବାଣୀ | ୧୯.୦ | ୧୬.୪ |
| ଟିଟିଲାଗଡ଼ | ୩୩.୨ | ୧୪.୬ |
| ମାଲକାନଗିରି | ୩୫.୦ | ୧୫.୬ |
| ସୋନପୁର | ୩୧.୨ | ୧୪.୮ |
| ଦାରିଙ୍ଗିବାଡ଼ି | -- | ୧୩.୦ |

ଡିଗ୍ରୀ ସେଲ୍‌ସିୟସ୍

## ଦୌଡ଼ରୁ ଓହରିଲେ ବ୍ଲୁମ୍‌ବର୍ଗ

**ଆମେରିକା ରାଷ୍ଟ୍ରପତି ନିର୍ବାଚନ**

**ଜୋ ବିଡେନଙ୍କୁ ସମର୍ଥନ ଘୋଷଣା**







**ୱାଶିଂଟନ,୪।୩:** ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ପ୍ରାର୍ଥୀ ହେବା ପାଇଁ ଉଦ୍ଦିଷ୍ଟ ଡେମୋକ୍ରାଟିକ୍ ପ୍ରାଇମେରି ପ୍ରସେସ୍ 'ସୁପର ଟ୍ୟୁଜ୍‌ଡେ' ଦୁର୍ବଳ ପ୍ରଦର୍ଶନ ପରେ ଦୌଡ଼ରୁ ଓହରିଯାଇଛନ୍ତି ବିଲିଅନାରି ବିଜନେସମ୍ୟାନ୍ ମାଇକ୍ ବ୍ଲୁମ୍‌ବର୍ଗ। ସେ ପ୍ରତିଦ୍ୱନ୍ଦ୍ୱିତାରୁ ହଟିଯିବା ସହ ବର୍ତ୍ତମାନ ଦୌଡ଼ରେ ଆଗୁଆ ଥିବା ପୂର୍ବତନ ଉପରାଷ୍ଟ୍ରପତି ଜୋ ବିଡେନଙ୍କୁ ସମର୍ଥନ କରିଥିବା ଘୋଷଣା କରିଛନ୍ତି ନ୍ୟୁୟର୍କର ପୂର୍ବତନ ମେୟର ବ୍ଲୁମ୍‌ବର୍ଗ। ତିନିମାସ ପୂର୍ବେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ହରାଇବା ପାଇଁ ମୁଁ ଏହି ଦୌଡ଼ରେ ସାମିଲ ହୋଇଥିଲି। ଆଜି ମୁଁ ସେହି ଟ୍ରମ୍ପଙ୍କୁ ହରାଇବା ପାଇଁ ରାଷ୍ଟ୍ରପତି ପଦ ଦୌଡ଼ରୁ ଓହରିଯାଉଛି। କାରଣ ମୁଁ ଭଲ ଭାବେ ଜାଣିଛି ଯେ, ଦୌଡ଼ରେ ଲକ୍ଷ୍ୟ ହାସଲ ଅଧିକ କଠିନ ହୋଇପଡ଼ିବ ବୋଲି ବ୍ଲୁମ୍‌ବର୍ଗ ନିଜ ସମର୍ଥକମାନଙ୍କୁ ଇ-ମେଲ୍ କରି ଜଣାଇଥିଲେ। ଏହାର କିଛି ମିନିଟ ପରେ ସେ ଜୋ ବିଡେନଙ୍କ ପ୍ରାର୍ଥିତ୍ୱକୁ ସମର୍ଥନ ଘୋଷଣା କରିଥିଲେ। ବିଡେନଙ୍କୁ ଆମେରିକାର ପରବର୍ତ୍ତୀ ରାଷ୍ଟ୍ରପତି କରିବା ଲାଗି ସେ କାର୍ଯ୍ୟ କରିବେ ବୋଲି ଏକ ବିବୃତିରେ କହିଛନ୍ତି। ପ୍ରଚାର ବେଳେ ୫୦୦ ବିଲିୟନ୍ ଡଲାରୁ ଊର୍ଦ୍ଧ୍ୱ ଖର୍ଚ୍ଚ କରିଥିବା ବ୍ଲୁମ୍‌ବର୍ଗ 'ସୁପର ଟ୍ୟୁଜ୍‌ଡେ'ର ଆମେରିକାନ୍ ସାମୋଆରେ ଆଗରେ ଥିବାବେଳେ ତାଙ୍କ ପ୍ରଦର୍ଶନକୁ ଟ୍ରମ୍ପ ଟ୍ରୋଲ୍ କରିଥିଲେ। ବିଳମ୍ବରେ ଦୌଡ଼ରେ ପ୍ରବେଶ କରିଥିବା ଏହି କୋଟିପତି ବ୍ୟବସାୟୀ ଶେଷରେ ବ୍ୟୟବହୁଳ ପ୍ରତିଦ୍ୱନ୍ଦ୍ୱିତାରୁ ବିଦାୟ ନେଇଛନ୍ତି।




# ନିୟମିତ ହେଲେ ୪୪୯ ଚୁକ୍ତିଭିତ୍ତିକ ଶିକ୍ଷକ

ଭୁବନେଶ୍ୱର, ୪।୩(ବ୍ୟୁରୋ)

ରାଜ୍ୟରେ ହାଇସ୍କୁଲ ସ୍ତରରେ ନିଯୁକ୍ତି ପାଇଥିବା ୪୪୯ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନିୟମିତ କରାଯାଇଛି। ଏନେଇ ବୁଧବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଛନ୍ତି। ଗତ ୨୦୧୧-୧୨ ଶିକ୍ଷାବର୍ଷରୁ ଚୁକ୍ତିଭିତ୍ତିକ ଶିକ୍ଷୟିତ୍ରୀ ଶିକ୍ଷକ ଭାବେ ସେମାନେ ହାଇସ୍କୁଲରେ ଶିକ୍ଷାଦାନ କରିଆସୁଥିଲେ। ସରକାରୀ ନିର୍ଦ୍ଦେଶନାମା ଅନୁଯାୟୀ ୬ବର୍ଷ ଶିକ୍ଷାଦାନ କରିସାରିଥିବାରୁ ସେମାନଙ୍କ ଚାକିରି ନିୟମିତ କରାଯାଇଛି। ଏଥିପାଇଁ ଚୁକ୍ତିଭିତ୍ତିକ ଶିକ୍ଷକ ସଂଘର ପ୍ରତିନିଧି ମଣ୍ଡଳୀ ଓ କର୍ମକର୍ତ୍ତା ବୁଧବାର ମନ୍ତ୍ରୀ ଦାଶଙ୍କୁ କୃତଜ୍ଞତା ଜଣାଇଛନ୍ତି।







# ‘ପକ୍କାଘର ଯୋଗ୍ୟତା କାର୍ଡ’ ବଣ୍ଟନର ଶୁଭାରମ୍ଭ ଆଜି

ଭୁବନେଶ୍ୱର,୪।୩(ବ୍ୟୁରୋ): ପକ୍କାଘର ପାଇବାକୁ ଥିବା ଯୋଗ୍ୟ ହିତାଧିକାରୀମାନଙ୍କୁ ରାଜ୍ୟ ସରକାର ‘ଯୋଗ୍ୟତା କାର୍ଡ’ ପ୍ରଦାନ କରିବେ। ଗୁରୁବାର ପଞ୍ଚାୟତିରାଜ ଦିବସରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି କାର୍ଡ ବଣ୍ଟନ ଯୋଜନାର ଶୁଭାରମ୍ଭ କରିବେ। ଏହା ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ପ୍ରତାପ ଜେନା ବୁଧବାର ସୂଚନା ଦେଇଛନ୍ତି।

ଯୋଗ୍ୟତା କାର୍ଡ ସଂକ୍ରାନ୍ତରେ ସୂଚନା ଦେଇ ମନ୍ତ୍ରୀ କହିଥିଲେ ଯେ, ମାର୍ଚ୍ଚ ୫ରୁ କାର୍ଡ ବଣ୍ଟନ ପ୍ରକ୍ରିୟା ଆରମ୍ଭ ହେବ। ବିଡିଓମାନେ ଏଥିପାଇଁ ବ୍ଲକ, ପଞ୍ଚାୟତ ଓ କ୍ଲଷ୍ଟର ସ୍ତରରେ କ୍ୟାମ୍ପମାନ ଆୟୋଜନ କରିବେ। କାର୍ଡ ବଣ୍ଟନ ଲାଗି ହୋଇଥିବା ନିଷ୍ପତ୍ତି ଅନୁଯାୟୀ ୫୦ଟି ବିଧାନସଭା କ୍ଷେତ୍ରରେ ବ୍ଲକ ସ୍ତରରେ ଆୟୋଜିତ କ୍ୟାମ୍ପରେ ମନ୍ତ୍ରୀମାନେ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଡ ପ୍ରଦାନ କରିବେ। ସେହିଭଳି ଅନ୍ୟ ବ୍ଲକଗୁଡିକରେ ବିଧାୟକମାନେ ମୁଖ୍ୟଅତିଥି ହୋଇ କାର୍ଡ ବଣ୍ଟନ କରିବା ପାଇଁ କୁହାଯାଇଛି। ପ୍ରତି କ୍ୟାମ୍ପ ଆୟୋଜନ ଲାଗି ରାଜ୍ୟ ସରକାର ୨୦,୦୦୦ ଟଙ୍କାର ବ୍ୟବସ୍ଥା କରିଛନ୍ତି। ଘର ପାଇବାକୁ ଥିବା ପ୍ରାୟ ୨୦ଲକ୍ଷ ହିତାଧିକାରୀଙ୍କୁ ପକ୍କାଘର ଯୋଗାଣ ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିବା ପ୍ରତାପ କହିଛନ୍ତି। ଯୋଗ୍ୟ ହିତାଧିକାରୀମାନଙ୍କୁ ଚିହ୍ନଟ କରି ଯୋଗ୍ୟତା କାର୍ଡ ପ୍ରଦାନ ଲାଗି ସ୍ଥିର ହୋଇଛି। ବିଡିଓମାନେ ରାଜ୍ୟ ସରକାରୀ ୱେବସାଇଟ୍‌ରୁ କାର୍ଡଗୁଡିକ ଡାଉନଲୋଡ କରିବା ସହିତ ଏଥିରେ ହୋଲୋଗ୍ରାମ ଲଗାଇ ହିତାଧିକାରୀମାନଙ୍କୁ ଦେବାର ବ୍ୟବସ୍ଥା କରିବେ। ଏହି କାର୍ଡ ବିଭାଗ ପକ୍ଷରୁ ଡିଆର୍‌ଡିଏ ମାଧ୍ୟମରେ ବିଡିଓମାନଙ୍କୁ ପ୍ରଦାନ କରାଯାଇଛି। ହିତାଧିକାରୀମାନେ ଯେଭଳି ସୁରୁଖୁରୁରେ କାର୍ଡ ପାଇବେ ସେଥିପାଇଁ ବ୍ୟବସ୍ଥା କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

## ମଧୁସୂଦନ ଲ’ କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା

**ଭୁବନେଶ୍ୱର, ୪।୩(ବ୍ୟୁରୋ):** କଟକ ମଧୁସୂଦନ ଲ’ କଲେଜ ବିଶ୍ୱବିଦ୍ୟାଳୟ ମାନ୍ୟତା ହାସଲ କରିଛି। କଲେଜ ବଦଳରେ ‘ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ’ରେ ପରିଣତ ହୋଇଥିବା ନେଇ ବୁଧବାର ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ବିଶ୍ୱବିଦ୍ୟାଳୟ ଅଧୀନରେ କେବଳ ସ୍ୱୟଂଶାସିତ ନୁହେଁ, ସମସ୍ତ ଆଇନ ମହାବିଦ୍ୟାଳୟ ଅନ୍ତର୍ଭୁକ୍ତ ହେବ। ଅନ୍ୟ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ଆଇନ ମହାବିଦ୍ୟାଳୟଗୁଡ଼ିକ ଏହା ଅଧୀନକୁ ଆସିବେ ନାହିଁ। ଆସନ୍ତା ଜୁନ୍ ୧ରେ ଏହା ବିଧିବଦ୍ଧ ଭାବେ ଏହା କାର୍ଯ୍ୟକାରୀ ହେବ ବୋଲି ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।



ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୫ ମାର୍ଚ୍ଚ , ୨୦୨୦



୨୦୨୧ ପ୍ରଥମାର୍ଦ୍ଧରେ ଚନ୍ଦ୍ରୟାନ-୩ ପ୍ରେରଣ କରାଯିବ। କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ ଏନେଇ ଲୋକ ସଭାରେ ଏକ ଲିଖିତ ପ୍ରଶ୍ନର ଉତ୍ତର ଦେଇ କହିଛନ୍ତି। ଚନ୍ଦ୍ରୟାନ-୨ ଗତବର୍ଷ ଚନ୍ଦ୍ରପୃଷ୍ଠରେ ହାର୍ଡ ଲ୍ୟାଣ୍ଡିଂ କରିବା ଦ୍ୱାରା ସମସ୍ୟା ସୃଷ୍ଟି ହୋଇଥିଲା। ପରେ ଇସ୍ରୋ ପକ୍ଷରୁ ଏହାକୁ ଧ୍ୟାନରେ ରଖି ଚନ୍ଦ୍ରୟାନ-୩ ପ୍ରସ୍ତୁତ କରାଯାଉଛି। ଗଗନୟାନ ଲାଗି ପ୍ରସ୍ତୁତି ଜାରି ରହିଥିବା ସେ ପ୍ରକାଶ କରିଛନ୍ତି।




## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଓମ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଆଜି ବିଜୁ ଜୟନ୍ତୀ, ପଞ୍ଚାୟତିରାଜ ଦିବସ

- ସହରାଞ୍ଚଳ ବାସିନ୍ଦାଙ୍କୁ ମିଳିବ ଭୂମି ଅଧିକାର ଯୋଗ୍ୟତା ପ୍ରମାଣପତ୍ର
- ୨ ସପ୍ତାହ ଧରି ଚାଲିବ

ଭୁବନେଶ୍ୱର,୪।୩(ବ୍ୟୁରୋ)

ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୧୦୪ତମ ଜନ୍ମଦିବସକୁ ଗୁରୁବାର ବିଜେଡି ପକ୍ଷରୁ ସମଗ୍ର ରାଜ୍ୟରେ ପାଳନ କରାଯିବ। ବିଜୁ ଜୟନ୍ତୀକୁ ରାଜ୍ୟ ସରକାର ପଞ୍ଚାୟତିରାଜ ଦିବସ ଭାବେ ପାଳନ କରିଆସୁଛନ୍ତି। ଭୁବନେଶ୍ୱର ସ୍ଥିତ ବିଜେଡି ମୁଖ୍ୟ କାର୍ଯ୍ୟାଳୟରେ ବିଜୁ ଜୟନ୍ତୀ ସହ ରକ୍ତଦାନ ଶିବିର ଜୀବନବିନ୍ଦୁ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେବେ। ଏଥିସହିତ ବିଧାନସଭା ପରିସରରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟମନ୍ତ୍ରୀ ଶ୍ରଦ୍ଧା ସୁମନ ଅର୍ପଣ କରିବେ। ଅପରାହ୍ନ ୫ଟା ୩୦ ମିନିଟ୍‌ରେ ଲୋକସେବା ଭବନ ପରିସର କନ୍‌ଭେନ୍‌ସନ ସେଣ୍ଟରରେ ରାଜ୍ୟସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳନ କରାଯିବ। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଯୋଗଦେବା ସହ ସନ୍ଧ୍ୟାରେ ଜୟଦେବ ଭବନଠାରେ ଅନୁଷ୍ଠିତ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ।

ପ୍ରତ୍ୟେକ ବର୍ଷ ଭଳି ଏଥର ମଧ୍ୟ ଜନସାଧାରଣଙ୍କ ସହ ଏହି ଦିବସ ପାଳନ କରାଯିବ। ବିଜୁ ଜୟନ୍ତୀ ଦିବସଠାରୁ ୨ ସପ୍ତାହ ପର୍ଯ୍ୟନ୍ତ ଗ୍ରାମାଞ୍ଚଳରେ ପକ୍କାଘର ପାଇ ନ ଥିବା ଯୋଗ୍ୟ ହିତାଧିକାରୀଙ୍କୁ 'ପକ୍କାଘର ଯୋଗ୍ୟତା କାର୍ଡ' ପ୍ରଦାନ କରାଯିବ। ସେହିପରି ସହରାଞ୍ଚଳରେ ରହୁଥିବା ବସ୍ତି ବାସିନ୍ଦାଙ୍କୁ 'ଜାଗା ମିଶନ' ମାଧ୍ୟମରେ ଭୂମି ଅଧିକାର ଯୋଗ୍ୟତା ପ୍ରମାଣପତ୍ର ବଣ୍ଟାଯିବ। ଏହି କାର୍ଯ୍ୟକୁ ଆନ୍ତରିକତାର ସହିତ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ଦଳର ସମସ୍ତ କାର୍ଯ୍ୟକର୍ତ୍ତା, ପର୍ଯ୍ୟବେକ୍ଷକ, ଏମ୍‌ପି, ବିଧାୟକ, ଜିଲା ସଭାପତି, ଛାମୁଆ ସଙ୍ଗଠନର ରାଜ୍ୟ ସଭାପତି ଏବଂ ଜିଲା ପରିଷଦ ଅଧ୍ୟକ୍ଷ, ଉପାଧ୍ୟକ୍ଷମାନଙ୍କୁ ଚିଠି ଲେଖି ଜଣାଇଛନ୍ତି।

ଏଥର ବିଜୁ ଜୟନ୍ତୀ ମାର୍ଚ୍ଚ ୫ରୁ ଆରମ୍ଭ ହୋଇ ୨୦ ତାରିଖ ପର୍ଯ୍ୟନ୍ତ ପାଳନ ହେବ। ବ୍ଲକ ଏବଂ ପୌରାଞ୍ଚଳରେ ବୈଠକ କରାଯାଇ ନବୀନ ପଟ୍ଟନାୟକଙ୍କ ୨୦ବର୍ଷ ସରକାରର ସଫଳତା ସମ୍ପର୍କରେ ପ୍ରଚାର କରାଯିବ। ଏହି ଦିବସକୁ ପ୍ରତ୍ୟେକ ନିର୍ବାଚନମଣ୍ଡଳୀ ସ୍ତରରେ ପାଳନ କରାଯିବ। ବିଜୁ ଜୟନ୍ତୀଠାରୁ ତାଙ୍କ ତିରୋଧାନ ଦିବସ ଅର୍ଥାତ୍ ଏପ୍ରିଲ ୧୭ ତାରିଖ ମଧ୍ୟରେ ଛାମୁଆ ସଙ୍ଗଠନ ପକ୍ଷରୁ ପ୍ରତ୍ୟେକ ସ୍ଥାନରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଜୀବନବିନ୍ଦୁ କାର୍ଯ୍ୟକ୍ରମ ଚାଲିବ। ମାର୍ଚ୍ଚ ୮ ତାରିଖରେ ମହିଳା ଦିବସ ଅବସରରେ ଦଳର ମହିଳା ସଙ୍ଗଠନ ପକ୍ଷରୁ ନିର୍ବାଚନମଣ୍ଡଳୀ ସ୍ତରରେ ମହିଳା ସମାବେଶ ଆୟୋଜନ କରାଯାଇ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୧୦ଜଣ ସଫଳ ମହିଳାଙ୍କୁ ସମ୍ମାନିତ କରାଯିବ। ଏହାସହ କାର୍ଯ୍ୟକ୍ରମ ଶେଷ ହେବା ପରେ ସମସ୍ତେ ଏହାର ଫଟୋ ଏବଂ ଭିଡିଓ ରାଜ୍ୟ କାର୍ଯ୍ୟାଳୟକୁ ପଠାଇବାକୁ କୁହାଯାଇଛି।

## ପ୍ରଥମ ପୃଷ୍ଠାରୁ...

### ସଙ୍କଟରେ କମଲନାଥ ...

ସୂଚନାନୁସାରେ ହରିୟାଣାକୁ ନିଆଯାଇଥିବା ୮ ବିଧାୟକଙ୍କ ମଧ୍ୟରୁ ୪ କଂଗ୍ରେସର। ସେହିପରି ଦୁଇ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ଏବଂ ଜଣେ ସମାଜବାଦୀ ପାର୍ଟି (ଏସ୍‌ପି) ବିଧାୟକଙ୍କୁ ମଧ୍ୟ ଭାଜପା ରଖିଛି। ବିଏସ୍‌ପି ବିଧାୟିକା ରାମବାଈଙ୍କୁ ଭେଟିବା ପାଇଁ କଂଗ୍ରେସ ବିଧାୟକମାନେ ହରିୟାଣାର ଉକ୍ତ ହୋଟେଲରେ ପହଞ୍ଚିଥିବାବେଳେ ତାଙ୍କ ପ୍ରତି ଅଶାଳୀନ ବ୍ୟବହାର କରାଯାଇଥିଲା। ବରିଷ୍ଠ କଂଗ୍ରେସ ନେତା ଦିଗ୍‌ବିଜୟ ସିଂ ଦାବି କରିଛନ୍ତି ଯେ, ଜଣେ ବରିଷ୍ଠ ଭାଜପା ନେତା ଏକ ଚାର୍ଟାର୍ଡ ଫ୍ଲାଇଟ୍‌ରେ ବିଏସ୍‌ପି ବିଧାୟକଙ୍କୁ ଦିଲ୍ଲୀ ନେଇଛନ୍ତି। କଂଗ୍ରେସ ବିଧାୟକମାନଙ୍କୁ ଶିକାର କରିବା ଲାଗି ଭାଜପା ପକ୍ଷରୁ ଉଦ୍ୟମ ଚାଲିଛି। ସେମାନଙ୍କୁ ବିପୁଳ ଅର୍ଥ ଦେଇ କମଲନାଥ ସରକାରକୁ ଭାଙ୍ଗିବା ଲାଗି ଭାଜପା ଏପରି କରୁଛି। ସେହିପରି ଏଆଇସିସି ସାଧାରଣ ସମ୍ପାଦକ ଜ୍ୟୋତିରାଦିତ୍ୟ ସିନ୍ଧିଆ କହିଛନ୍ତି, କଂଗ୍ରେସ ବିଧାୟକମାନଙ୍କୁ ଘୋଡ଼ାବେପାର କରି ନିଜ ସପକ୍ଷକୁ ନେବା ଲାଗି ଭାଜପା ଚକ୍ରାନ୍ତ କରୁଛି। ଦିଲ୍ଲୀ ନିକଟସ୍ଥ ଗୁରଗାଓଁରେ ମଙ୍ଗଳବାର ରାତିରେ ଘଟିଥିବା ଘଟଣାରୁ ଏହା ପ୍ରମାଣିତ ହୋଇଛି। ତେବେ ମଧ୍ୟପ୍ରଦେଶର କଂଗ୍ରେସ ସରକାର ସମ୍ପୂର୍ଣ୍ଣ ଭାବେ ସୁରକ୍ଷିତ ଓ ସ୍ଥିର ରହିଥିବା ସେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ କଂଗ୍ରେସର ଏଭଳି ଅଭିଯୋଗକୁ ଭାଜପା ପକ୍ଷରୁ ଖଣ୍ଡନ କରାଯାଇଛି। ରାଜ୍ୟ ଭାଜପା ସଭାପତି ଭି.ଡି. ଶର୍ମା କହିଛନ୍ତି, ଏପରି ଅଭିଯୋଗ ଆଣିବା ଦୁର୍ଭାଗ୍ୟଜନକ। ଯାହା ଚାଲିଛି ସେଥିରେ ଭାଜପାର କିଛି ଯାଏଆସେ ନାହିଁ। ଏହା କଂଗ୍ରେସର ଆଭ୍ୟନ୍ତରୀଣ ସମସ୍ୟା। ଗୋଷ୍ଠୀକନ୍ଦଳରୁ ସୃଷ୍ଟି ହୋଇଥିବା ଏହି ପ୍ରସଙ୍ଗ ଉପରେ ମୁଖ୍ୟମନ୍ତ୍ରୀ କମଲନାଥ ଓ ବରିଷ୍ଠ କଂଗ୍ରେସ ନେତା ଜ୍ୟୋତିରାଦିତ୍ୟ ସିନ୍ଧିଆ ଉତ୍ତର ଦେବା ଉଚିତ।

ପ୍ରକାଶ ଯେ, ୨୩୦ ସଦସ୍ୟ ବିଶିଷ୍ଟ ମଧ୍ୟପ୍ରଦେଶ ବିଧାନସଭାରେ ସରକାର ଗଠନ ପାଇଁ କୁହୁକ ସଂଖ୍ୟା ହେଉଛି ୧୧୬। କଂଗ୍ରେସ ନିକଟରେ ୧୧୪ ବିଧାୟକ ରହିଥିବାବେଳେ ଭାଜପା ସଦସ୍ୟଙ୍କ ସଂଖ୍ୟା ୧୦୭। କମଲନାଥଙ୍କ ସରକାରକୁ ୪ ସ୍ୱାଧୀନ, ୨ ବିଏସ୍‌ପି ଏବଂ ଜଣେ ଏସ୍‌ପି ବିଧାୟକ ସମର୍ଥନ କରୁଛନ୍ତି। କଂଗ୍ରେସ ଓ ଭାଜପାର ଜଣେ ଲେଖାଏ ବିଧାୟକଙ୍କ ପରଲୋକ ହୋଇଥିବାରୁ ୨ଟି ଆସନ ଖାଲିପଡ଼ିଛି। ଇତିମଧ୍ୟରେ ଭ୍ୟାପମ୍ ଦୁର୍ନୀତିକୁ ସାମ୍ନାକୁ ଆଣିଥିବା ଜଣେ ହ୍ୱିସିଲ-ବ୍ଲୋୟର ଏକ ଭିଡିଓ ଜାରି କରିଛନ୍ତି। ଏଥିରେ ବରିଷ୍ଠ ଭାଜପା ନେତା ନରୋତ୍ତମ ମିଶ୍ର କମଲନାଥ ସରକାରର ପତନ ଘଟାଇବା ଲାଗି କେତେଜଣ କଂଗ୍ରେସ ବିଧାୟକଙ୍କୁ ୧୦୦ କୋଟି ଟଙ୍କା ଯାଚୁଥିବା ଦେଖିବାକୁ ମିଳିଛି। ତେବେ ଉକ୍ତ ଭିଡିଓର ସତ୍ୟତା ପ୍ରମାଣିତ ହୋଇନାହିଁ। ଭାଜପା ଏହାକୁ ବିଭ୍ରାନ୍ତିକର ବୋଲି ଦର୍ଶାଇଛି। ମାର୍ଚ୍ଚ ୨୬ରେ ମଧ୍ୟପ୍ରଦେଶର ୩ଟି ରାଜ୍ୟ ସଭା ଆସନରେ ନିର୍ବାଚନ ହେବାକୁ ଥିବାବେଳେ ଏଥିପାଇଁ କଂଗ୍ରେସ ପକ୍ଷରୁ ଦଳର ସମସ୍ତ ବିଧାୟକଙ୍କ ଉପରେ ହ୍ୱିପ୍ ଜାରି କରାଯିବ। ଆମର ୪ ବିଧାୟକଙ୍କ ମଧ୍ୟରୁ କେହି ଏହାକୁ ଉଲ୍ଲଂଘନ କଲେ ତାଙ୍କ ସଦସ୍ୟତା ଘଣ୍ଟାଏ ମଧ୍ୟରେ ରଦ୍ଦ କରାଯିବ ବୋଲି ମଧ୍ୟପ୍ରଦେଶ ସଂସଦୀୟ ବ୍ୟାପାର ମନ୍ତ୍ରୀ ଗୋବିନ୍ଦ ସିଂ ଖବରଦାତାମାନଙ୍କୁ ସୂଚନା ଦେଇଛନ୍ତି।

# ଲୋକଙ୍କ ଆଶା ପୂରଣ କରିବାକୁ ଆମେ ପ୍ରତିଶ୍ରୁତିବଦ୍ଧ: ମୁଖ୍ୟମନ୍ତ୍ରୀ



ମୋ ସରକାର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅନ୍ୟମାନେ।

ଭୁବନେଶ୍ୱର,୪।୩(ବ୍ୟୁରୋ)

**ମୋ ସରକାର ଅଧୀନ ହେଲା ୨୭ ବିଭାଗ**

ଗଣତନ୍ତ୍ରରେ ଲୋକମାନେ ପ୍ରକୃତ ମାଲିକ। ସେମାନେ ଭୋଟ ଦେଇ ଜନପ୍ରତିନିଧି ବାଛିଥାନ୍ତି। ତେଣୁ ସେମାନଙ୍କ ଆଶା ପୂରଣ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଲୋକ ସେବା ଭବନରେ ବୁଧବାର ଆୟୋଜିତ 'ମୋ ସରକାର' କାର୍ଯ୍ୟକ୍ରମ ଅବସରରେ ମୁଖ୍ୟମନ୍ତ୍ରୀ ଏହି କଥା କହିଛନ୍ତି। ସ୍କୁଲ ଓ ଗଣଶିକ୍ଷା, ଉଚ୍ଚଶିକ୍ଷା, ଶକ୍ତି, ଗ୍ରାମ୍ୟ ଉନ୍ନୟନ ଏବଂ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ପ୍ରଭୃତି ବିଭାଗ 'ମୋ ସରକାର' କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ ହୋଇଛି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସରକାରୀ କର୍ମଚାରୀ, ନିର୍ବାଚିତ ପ୍ରତିନିଧି ସାଧାରଣ ଜନତାଙ୍କ ସ୍ୱାର୍ଥକୁ ସର୍ବାଧିକ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ଏହା ହିଁ ପ୍ରତି ସରକାରଙ୍କ ପ୍ରାଥମିକତା। 'ମୋ ସରକାର' କାର୍ଯ୍ୟକ୍ରମକୁ ସଫଳତାର ସହ ପରିଚାଳନା କରିବା ପାଇଁ ବିଭାଗଗୁଡ଼ିକ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଥିବା ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଥିଲେ। ବିଭିନ୍ନ ପର୍ଯ୍ୟାୟରେ ୨୭ଟି ଗୁରୁତ୍ୱପୂର୍ଣ୍ଣ ବିଭାଗ ମୋ ସରକାର କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ହୋଇ ସାରିଲାଣି। ମୋ ସରକାର କାର୍ଯ୍ୟକ୍ରମରେ ଜନସାଧାରଣଙ୍କଠାରୁ ମତାମତ ସଂଗ୍ରହ କରିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ, ଏଥିପାଇଁ ସମସ୍ତ ପଦକ୍ଷେପ ସବୁ ସମୟରେ ପ୍ରସ୍ତୁତ ରଖିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ପରିଚାଳନା କରୁଥିବା କର୍ମଚାରୀ ଉପଯୁକ୍ତ ପ୍ରଶିକ୍ଷଣ ନେବା ଆବଶ୍ୟକ, ସେହିପରି ଏହି କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ ହାସଲ ସମ୍ପର୍କରେ ମଧ୍ୟ ସଚେତନ ହେବା ନିହାତି ଜରୁରୀ ବୋଲି କୁହାଯାଇଛି। ସେହିଭଳି ଭାରତବର୍ଷର ସମ୍ବିଧାନ 'ଆମେ ନାଗରିକ' ବାକ୍ୟରୁ ଆରମ୍ଭ ହୋଇଛି। ମହାନ ଦେଶର ମହାନ ଜନତା ହିଁ ସମ୍ବିଧାନ ଦେଇଛନ୍ତି। ତେଣୁ ସରକାର ଜନତାଙ୍କ ପ୍ରତିନିଧିତ୍ୱକୁ ଦର୍ଶାଉଛି, ଶାସକକୁ ନୁହେଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହାର ସୁପରିଚାଳନାକୁ ଆହୁରି ସୁସଙ୍ଗଠିତ କରିବା ପାଇଁ ୫-ଟି ସଚିବ ଭି.କେ. ପାଣ୍ଡିଆନ୍ ତୃଣମୂଳ ଅଧିକାରୀଙ୍କ ସହ ଆଲୋଚନା ମଧ୍ୟ କରିଥିଲେ। ସେ ଯାଜପୁର, ବାଲେଶ୍ୱର, ଅନୁଗୋଳ, ବରଗଡ, କଳାହାଣ୍ଡି, ରାୟଗଡା ଜିଲାର ବିଭିନ୍ନ କ୍ଷେତ୍ରୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ୫-ଟି ସଚିବ ସରକାରୀ କର୍ମଚାରୀଙ୍କୁ ଉତ୍ତମ ବ୍ୟବହାର ଏବଂ ସ୍ୱଚ୍ଛ ପ୍ରକ୍ରିୟାକୁ ସର୍ବାଧିକ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ଅରୁଣ ସାହୁ, ସମୀର ରଞ୍ଜନ ଦାଶ, ଦିବ୍ୟଶଙ୍କର ମିଶ୍ର, ସୁଶାନ୍ତ ସିଂ, ଅଶୋକ ପଣ୍ଡା, ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ ଏବଂ ଉନ୍ନୟନ କମିଶନର ସୁରେଶ ମହାପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ।

# ସର୍ବୋଚ୍ଚ ସ୍ତରରେ ସେବା କ୍ଷେତ୍ର ଉତ୍ପାଦନ

ନୂଆଦିଲ୍ଲୀ,୪।୩

ନୂଆ ଅର୍ଡରରେ ବୃଦ୍ଧି ଏବଂ ଉନ୍ନତ ବ୍ୟବସାୟିକ ବାତାବରଣ ଯୋଗୁ ଦେଶର ସେବା କ୍ଷେତ୍ର ପରଫରମାନ୍ସ ଫେବୃୟାରୀ ମାସରେ ଉନ୍ନତ ରହିଛି। ଏହି କ୍ଷେତ୍ରର ଉତ୍ପାଦନ ଫେବୃୟାରୀ ମାସରେ ୭ ବର୍ଷର ସର୍ବୋଚ୍ଚ ସ୍ତରରେ ରହିଥିବା ଜଣାପଡିଛି। ବୁଧବାର ପ୍ରକାଶ ପାଇଥିବା ସର୍ଭିସ ପରଚେଜିଂ ମ୍ୟାନେଜର୍ସ ଇଣ୍ଡେକ୍ସରେ ଏଭଳି ତଥ୍ୟ ସାମ୍ନାକୁ ଆସିଛି। ଆଇଏଚ୍‌ଏସ୍ ମାର୍କିଟ ଇଣ୍ଡିଆ ପକ୍ଷରୁ ପ୍ରକାଶ ପାଇଥିବା ସର୍ଭିସେସ ବିଜନେସ ଆକ୍ଟିଭିଟି ଇଣ୍ଡେକ୍ସ ଜାନୁୟାରୀରେ ୫୫.୫% ରହିଥିବା ବେଳେ ଏହା ଫେବୃୟାରୀରେ ୫୭.୫% ସ୍ତରରେ ପହଞ୍ଚିଛି। ଜାନୁୟାରୀ ୨୦୧୩ ପରଠାରୁ ସେବା କ୍ଷେତ୍ର ଉତ୍ପାଦନରେ ଏହା ସର୍ବାଧିକ ଅଭିବୃଦ୍ଧି ବୋଲି କୁହାଯାଇଛି। ଘରୋଇ ବଜାରକୁ ବିଦେଶରୁ ଆସୁଥିବା ଅର୍ଡରରେ ବୃଦ୍ଧି ଘଟିଛି। ଗତବର୍ଷ ସେପ୍ଟେମ୍ବର ପରଠାରୁ ଏହା ସର୍ବୋଚ୍ଚ ସ୍ତରର ଅଭିବୃଦ୍ଧି। ଗତ ବର୍ଷ ସେପ୍ଟେମ୍ବରରେ ସେବା କ୍ଷେତ୍ର ପରଫରମାନ୍ସ ୧୯ ମାସର ସବୁଠାରୁ ବଡ ହ୍ରାସ ଦେଖାଯାଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** – କର୍ମ ସ୍ଥାନରେ ରବି ଓ ଶନିଙ୍କ ସ୍ଥିତି ଆପଣଙ୍କୁ ଅଯଥା ବଦ୍‌ନାମଜନିତ ନିନ୍ଦିତ କରାଇପାରେ। ଉପରିସ୍ଥଙ୍କ ତାଗିଦା କାରଣରୁ ସ୍ଥଗିତ କାମକୁ ପୂରାଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେବେ। ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳପ୍ରାପ୍ତ ହେବା ସହ ଲାଭବାନ୍ ହେବେ। ଜମିଜମା କ୍ରୟ ବିକ୍ରୟ ଏବଂ ସାହିତ୍ୟ, କଳା କ୍ଷେତ୍ରରୁ ପ୍ରଶଂସିତ ହୋଇପାରନ୍ତି।

**ବୃଷ** – ଉଚ୍ଚ ରାଶିରେ ଚନ୍ଦ୍ର ଥିବାରୁ ଆତ୍ମୀୟମାନଙ୍କ ସହଯୋଗ ଲାଭକରି କାର୍ଯ୍ୟ ସାଧନ କରିବେ। ବିବାଦମାନ ସ୍ଥିତିରୁ ସହସା ମୁକ୍ତି ମିଳିବ। କେତେକ କ୍ଷେତ୍ରରେ ପରକଥାରେ ମନ ଦେଇ ନିଜ କାମକୁ ଅବହେଳା କରିବାର ସୂଚନା ରହିଛି। ପରିବାରର ଖର୍ଚ୍ଚ କ୍ରମଶଃ ବୃଦ୍ଧି ପାଇବା ସହ ସାମାଜିକ କ୍ଷେତ୍ରରେ ବେଶ୍ ଆଦୃତ ହେବେ।

**ମିଥୁନ** – ଚନ୍ଦ୍ର କେନ୍ଦ୍ରରେ ମଙ୍ଗଳ ରହିଥିବାରୁ ଅନ୍ୟମାନଙ୍କ ସାହାଯ୍ୟରେ କାମ ହାସଲ କରିପାରିବେ। ସକାଳୁ ସକାଳୁ ଭ୍ରମଣ ଓ କାର୍ଯ୍ୟସିଦ୍ଧି ଯୋଗୁ ମନ ପ୍ରଫୁଲ୍ଲ ରହିବ। ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟ ଲାଗି ରଖିଥିବା ଅର୍ଥ ଭିନ୍ନବାଟରେ ଖର୍ଚ୍ଚ ହୋଇଯାଇପାରେ। ବନ୍ଧୁମାନଙ୍କ ପରାମର୍ଶରେ ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇବେ।

**କର୍କଟ** – ଲାଭସ୍ଥାନରେ ରାଶ୍ୟାଧିପତି ଥିବାରୁ ଦୀର୍ଘଦିନରୁ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ବ୍ୟବସାୟ, ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳପ୍ରାପ୍ତି ହୋଇପାରେ। ସ୍ୱାସ୍ଥ୍ୟରେ ଉନ୍ନତି ଓ ବିବାଦୀୟ ଘଟଣାରେ ବିଜୟୀ ହେବେ। ଭାବପ୍ରବଣତା ସାମୟିକ ଭାବେ ମାନସିକ ସ୍ଥିତିକୁ ବିଡ଼ମ୍ବିତ କରିପାରେ।

**ସିଂହ** – ପାପଗ୍ରହ ମଧ୍ୟବର୍ତ୍ତୀ ଚନ୍ଦ୍ରଙ୍କ ଯୋଗୁ ମାନସିକ ସ୍ଥିରତା ନ ରହିଲେ ମଧ୍ୟ ପ୍ରତ୍ୟେକ କାମ କରିବାକୁ ବାଧ୍ୟ ହେବେ। ସାଧାରଣ କଥାରେ ବନ୍ଧୁମାନଙ୍କ ସହ ମନାନ୍ତର ଦେଖା ଦେଇପାରେ। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ। ସଭା ସମିତିରେ ଯୋଗଦେଲେ ସଫଳତା ହାସଲ କରିବେ ଏବଂ ସନ୍ଧ୍ୟାରେ ଭ୍ରମଣ ଯୋଗ ରହିଛି।

**କନ୍ୟା** – ବଳବାନ୍ ରାହୁ କର୍ମଭାବରେ ଥିବାରୁ ସ୍ଥଗିତ କାମକୁ ପୂରାଦମ୍‌ରେ କରି ସଫଳତା ହାସଲ କରିବେ। ଆପଣଙ୍କ କାର୍ଯ୍ୟଦକ୍ଷତା ଓ କୃତିତ୍ୱ କାରଣରୁ ବନ୍ଧୁବର୍ଗଙ୍କ ଦ୍ୱାରା ବହୁଚର୍ଚ୍ଚିତ ହେବେ। ବହୁତ ଦିନରୁ ଭାଙ୍ଗିପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବାର ସୂଚନା ପୂର୍ଣ୍ଣମାତ୍ରାରେ ରହିଛି। ବାଣିଜ୍ୟ, ବ୍ୟବସାୟ ଓ ଯାତ୍ରାରେ ସଫଳତା ପାଇବେ।

**ତୁଳା** – କର୍ମାଧିପତି ଚନ୍ଦ୍ର ଅଷ୍ଟମ ଭାବରେ ଅବସ୍ଥାନ କରିଥିବାରୁ କାର୍ଯ୍ୟକ୍ଷେତ୍ରରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ। ଉପରିସ୍ଥ ଅଧିକାରୀଙ୍କୁ କହିବା ପାଇଁ ଭାବୁଥିବା କଥାଟି ମୁହଁ ସାମ୍ନାରେ ପ୍ରକାଶ କରିପାରିବେନାହିଁ। ଆଜିର କଠିନ ଶ୍ରମ ଓ ଭ୍ରମଣ ହେତୁକ କ୍ଳାନ୍ତି ଏବଂ ଅବସାଦ ଅନୁଭବ କରିପାରନ୍ତି।

**ବିଛା** – ସ୍ୱାସ୍ଥ୍ୟ ଭଲ ରହିବା ସହ ଅଟକି ରହିଯାଇଥିବା କାମକୁ ତ୍ୱରାନ୍ୱିତ କରିବାରେ ଅନୁକୂଳତା ପ୍ରାପ୍ତ ହେବ। ନୂତନ ସମ୍ପର୍କ ସ୍ଥାପନ କ୍ଷେତ୍ରରେ ଆପଣଙ୍କୁ ନିରାଶ ହେବାକୁ ପଡ଼ିବ ନାହିଁ। ଆଜିର ଦିନଟି ପ୍ରତ୍ୟେକ ଦିଗରୁ ଭଲ ରହିବା ହେତୁ ଯାହା କରନ୍ତୁ ସେଥିରେ ସଫଳତା ନିଶ୍ଚିତ। ଶୁକ୍ରଙ୍କ ପ୍ରଭାବରୁ ଦିନଟି ଖୁସିରେ କଟିବ।

**ଧନୁ** – ସପ୍ତମସ୍ଥ ରାହୁ ପ୍ରଭାବରୁ ଯାତ୍ରାରେ ସଫଳତା ହାସଲ କରିବେ ଏବଂ ବିବାଦରେ ବିଜୟୀ ହେବେ। ବ୍ୟବସାୟ ଆରମ୍ଭ କରିବା ସକାଶେ ଭ୍ରାତୃ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେଇପାରନ୍ତି। ଦିନଟି ଭ୍ରମଣ, ରାଜନୀତି, ପ୍ରଶାସନ ପାଇଁ ବହୁତ ଭଲ। ସରକାରୀ ସ୍ତରରୁ ହଠାତ୍ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିପାରନ୍ତି।

**ମକର** – ରାଶିରେ ପାପଗ୍ରହ ମୁଖଭାବସ୍ଥ ବୁଧ ହେତୁ ଚିନ୍ତାଧାରା ଭଲ ରହିବ ନାହିଁ ଏବଂ କେତେବେଳେ କାହାକୁ କ'ଣ କହି ସମ୍ପର୍କ ନଷ୍ଟ କରିବାର ପରିସ୍ଥିତି ସୃଷ୍ଟି ହୋଇପାରେ। ଅବଶ୍ୟ ଶ୍ରବଣା ନକ୍ଷତ୍ର ବନ୍ଧୁମାନଙ୍କ ସାହାଯ୍ୟ ନେଇ ପାରିବାରିକ ସମସ୍ୟାର ସରଳ ସମାଧାନ କରିବେ। କ୍ରୀଡ଼ା, ଚଳଚ୍ଚିତ୍ର ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ।

**କୁମ୍ଭ** – ମିତ୍ରଗୃହୀ ବୁଧଜନିତ ବନ୍ଧୁଙ୍କ ଦୁଃଖରେ ସମଦୁଃଖୀ ହୋଇ ସହାନୁଭୂତି ପ୍ରଦର୍ଶନ କରିବେ। ଆଜି ଅଫିସ୍‌ର ଅସଫଳ କାମଗୁଡ଼ିକର ସମୀକ୍ଷା କରି କୌଣସି ନୂତନ ଦିଗ୍‌ଦର୍ଶନ ଦେଇପାରନ୍ତି। ଘରେ କୌଣସି ଦ୍ରବ୍ୟ ନଷ୍ଟ ହୋଇପାରେ, ଯାହାକି ଅଶାନ୍ତ ପରିସ୍ଥିତି ସୃଷ୍ଟି ହେବ। ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ କୌଣସି କାମ କଲେ ବହୁତ ଭୁଲ୍ କରିବେ।

**ମୀନ** – ଦୀର୍ଘଦିନରୁ ଲାଗି ରହିଥିବା କ୍ରନିକ୍ ରୋଗଜନିତ ସ୍ୱାସ୍ଥ୍ୟ ପ୍ରତି ସାବଧାନତା ଅବଲମ୍ବନ କରିବା ଭଲ ହେବ। ବ୍ୟବସାୟ କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱୀମାନଙ୍କ ସହ ପ୍ରତିଯୋଗିତା ମନୋଭାବ ଉପୁଜିପାରେ। ହଠାତ୍ ଜଣେ ବନ୍ଧୁଙ୍କଠାରୁ ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବେ। ପାରିବାରିକ ସ୍ଥିତି ପୂର୍ବପରି ରହିବ ଏବଂ ଶତ୍ରୁତା କାରଣରୁ ସମସ୍ୟା ମଧ୍ୟ ବଢ଼ିଯାଇପାରେ।

ଆଜି ଫାଲ୍‌ଗୁନ ଶୁକ୍ଳପକ୍ଷର ଫଗୁଦଶମୀଯୁକ୍ତ ଏକାଦଶୀ, ଗୁରୁବାର, ସୁଦଶାବ୍ରତ, ମାର୍ଚ୍ଚ-୫ ତାରିଖ, ଶ୍ରୀମନ୍ଦିର ପ୍ରତିଷ୍ଠା ଦିବସ, ପଞ୍ଚାୟତିରାଜ ଦିବସ, ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂମିପୁତ୍ର ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ, ରାଶି ନକ୍ଷତ୍ର-ସକାଳ ଘ୧୧।୫୪ମି. ଗତେ, ପୁନର୍ବସୁ/ମିଥୁନ, କନ୍ୟା ରାଶିର ଘାତଚନ୍ଦ୍ର, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ୧୦।୩୧ମି. ଗତେ ଘ୧୨।୦୦ମି. ମଧ୍ୟେ ଅମୃତବେଳା। ସକାଳ ଘ୭।୫୩ମି. ମଧ୍ୟେ ଘ୧୨।୦୦ମି. ଗତେ, ଘ୧।୨୮ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧।୨୬ମି. ଗତେ ଘ୨।୫୩ମି. ମଧ୍ୟେ ରାହୁକାଳ।


## classifieds Everyday

0674-2580101, 2549302

real estate

**SALE**

**Bhubaneswar Patia KIIT University ନିକଟରେ BDA yellowzone plot 30'road, electricity boundary ଥାଇ sqft.-850/-,1000/- (installment/ outrightରେ) ମିଳୁଅଛି। 9937025614, 7008390130.** D-68480

Plots gharabari demarcated low cast ready registration and boundary wall at Balianta, Bhingarpur, Bhubaneswar, Mob: 9938466916. D-16918

ଭୁବନେଶ୍ୱର Amri Hospital ଠାରେ 30' ରାସ୍ତାଥାଇ BDA yellowzone plot 7894216209. D-68494

ବାଲିଅନ୍ତା ପାଖରେ ସଙ୍ଗେ ସଙ୍ଗେ ଘରକଲା ଭଳି ଘରବାରି ବାଉଣ୍ଡରି, ଇଲେକ୍ଟ୍ରି ସୁବିଧା ଥାଇ ପ୍ଲଟ୍ ମିଳୁଅଛି। **9437166686, 7609956035.** D-68487

Flat sales 2bhk/ 3bhk, Patia Big Bazar, front (RERA) Approved. 7978867139. D-16925

**Sale of land 2600sqft. with house builtup area 1485sqft. carpet area 1167sqft. at plot 843/844 Talasahi, Laxmisagar, Bhubaneswar. Cost is Rs.1.45Crore. Contact: 9437506708.** D-17004

Bhubaneswar, Patia, Bigbazar ରୁ 3.5k.m ଘର କରିବା ପାଇଁ plot 50 x 30= 1500sqft. କୁ 8,25,000/-ରେ ମିଳୁଛି। 9937065503, 8249005131, 9337061817. D-68500

**Schedule caste gharabari boundary corner plot sale IIT Argul Station Bazar 5000sqft. 10,50,000/, 9439006524.** D-69102

Ready resale 2BHK-45lakhs, Nandan Vihar, Patia and 3BHK-65 lakhs flats, Damana, 7008346486. D-69238

**GENERAL**

**PURCHASE**

ପ୍ରିଣ୍ଟିଙ୍ଗ ମେସିନ୍ ଆବଶ୍ୟକ। Printing Machine required for purchase, Bhubaneswar. 9437008388. D-68340

to-let

**Residence/ Office, four rooms, Goutam Nagar, Bhubaneswar. Contact: 7008598255, 9437172991.** D-67299

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Independent bungalow, six rooms and 800sqft. centre room. Parking area 1500sqft. Suitable for bank, office, officer's quarter, office cum godown. Very near to Mahanadi-Zobra barrage at Nimpur Canal road. Contact: 9937547222, 9338112817. D-16893

healthcare

Monalisa Massage Club: All types body massage with hiprofile smart lady rooms service available- 9708545108. D-17005

Ayurvedic full body massage ladies/gents smart experts therapist:- 8480939300. D-68795

Full body herbal massage with refreshment expert therapist. 7381239385, 06742540855. D-69232

Experience full body massage with us (expert). Call: 7377048581, 06742597822. D-69233

Herbal full body massage by smart / expert therapist. Contact: 8338067247. D-69234

Experience winter therapeutic Abhyanga massage feeling refreshing energetic: Appointment- 9668374480. D-69235

Newly open full body massage by ladies, gents therapist. 8018656899 D-60878

Body massage @ 1099 at mystic Unisex Salon and Spa. 9556978408. D-69237

Rejuvenate and Ayurvedic full body massage by smart therapist. 9114402304. D-69236

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-**
classifieddharitri@gmail.com

Ayurvedic full body massage ladies and gents. Contact- 9861064981. D-68794

Fully body massage male to male home service available. 9090466257. D-17011

Experience full body massage by home service available, 7377196618, 9090535504. D-16990

Ayurvedic refreshment massage therapy refresh mind and body. Appointment: 7894855541. D-69301

**ଦଶମ ଜନ୍ମଦିନ ଶୁଭେଚ୍ଛା**



**ଆରିୟାନ ପାତ୍ରୀ (ଓମ୍)**
ଗ୍ରାମ: ବାହାରପାଳ, ପୋ: ଖେରଙ୍ଗ, ତିହିଡି, ଭଦ୍ରକ
ଆମ୍ଭେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ ଯେ, ତୋତେ ଠାକୁର ଭଲରେ ରଖନ୍ତୁ, ଭଲ ମଣିଷଟିଏ ହୁଅ।
-:ଶୁଭେଚ୍ଛା ସହ:-
ବାପା, ମାଆ, ଜେଜେବାପା, ଜେଜେମା', ଲୁଲୁ କକା, ସିମା ଖୁଡୀ, ସାଇ, ମଉସା, ମାଉସୀ, ନେତ କକା, ବୁଲା କକା, ବନ୍ଧୁ ଓ ପରିବାରବର୍ଗ।
ଧ-୧୭୦୧୪



ଆମେରିକା ପକ୍ଷରୁ ବୁଧବାର ତାଲିବାନ ଯୋଦ୍ଧାଙ୍କ ଉପରେ ଆକାଶ ମାର୍ଗରୁ ଆକ୍ରମଣ କରାଯାଇଛି। ଆମେରିକା-ତାଲିବାନ ଶାନ୍ତିଚୁକ୍ତି ପରେ ଏହା ପ୍ରଥମ ଆକ୍ରମଣ। ଆଫଗାନ୍ ସେନା ଉପରେ ମଙ୍ଗଳବାର ତାଲିବାନ ପକ୍ଷରୁ ୪୩ ଥର ଆକ୍ରମଣ କରାଯାଇ ୨୦ ଜଣଙ୍କୁ ହତ୍ୟା କରାଯିବା ପରେ ଆମେରିକା ସଦର୍ନ ହେଲ୍‌ମାଣ୍ଡ୍ ପ୍ରଦେଶରେ ଏଭଳି ଆକ୍ରମଣ କରିଛି। ଚୁକ୍ତି ଖିଲାପ କଲେ ତାଲିବାନ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆମେରିକା କହିଛି।

# ମଧୁସୂଦନ ବାଣିଜ୍ୟ, ପରିବହନ ପ୍ରମୁଖ ଶାସନ ସଚିବ ନିଯୁକ୍ତ

**ଭୁବନେଶ୍ୱର,୪।୩(ବ୍ୟୁରୋ)**

୧୯୯୧ ବ୍ୟାଚ୍ ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍) ଅଧିକାରୀ ମଧୁସୂଦନ ପାଢୀଙ୍କୁ ନୂତନ ପ୍ରଶାସନିକ ଦାୟିତ୍ୱ ପ୍ରଦାନ କରାଯାଇଛି। ରାଜ୍ୟପାଳଙ୍କ ପ୍ରମୁଖ ସଚିବ ଭାବେ କାର୍ଯ୍ୟ କରୁଥିବା ମଧୁସୂଦନଙ୍କୁ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଭାବେ ନିଯୁକ୍ତି ମିଳିଛି। ଏ ନେଇ ମଙ୍ଗଳବାର ବିଳମ୍ବିତ ରାତିରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ପ୍ରଶାସକ ପାଢୀ ଏଥି ସହ କଟକସ୍ଥିତ ଜମି ରେକର୍ଡ୍ସ ଏବଂ ଚକବନ୍ଦୀର କମିଶନର ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ ବୋଲି ଜଣାପଡିଛି। ସେହିପରି କିଛିଦିନ ପୂର୍ବେ ବାଣିଜ୍ୟ ଓ ପରିବହନ ବିଭାଗ କମିଶନର ତଥା ଶାସନ ସଚିବ ଭାବେ ନିଯୁକ୍ତ ହୋଇଥିବା ପ୍ରମୋଦ ମେହେର୍ଦ୍ଧାଙ୍କୁ ରାଜ୍ୟପାଳଙ୍କ କମିଶନର ତଥା ଶାସନ ସଚିବ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି।

# କୋଇଲା ବୋଝେଇ ବଗି ଛାଡ଼ି ଚାଲିଗଲା ଇଞ୍ଜିନ୍

**ବସ୍ତା,୪।୩(ଡି.ଏନ.ଏ.)**

ଦକ୍ଷିଣ-ପୂର୍ବ ରେଳପଥର ବସ୍ତା ଷ୍ଟେଶନ ନିକଟରେ ବୁଧବାର ସନ୍ଧ୍ୟା ୫ଟା ୫୦ ମିନିଟ୍ ସମୟରେ ଏକ କୋଇଲା ବୋଝେଇ ଟ୍ରେନ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଛି । କୋଇଲା ନେଇ ଯାଉଥିବା ଏହି ଟ୍ରେନ୍(ନଂ. ୩୨୪୨୧ )ରେ ମୋଟ ୫୮ଟି ବଗି ରହିଥିଲା। ଏହା ବାଲେଶ୍ୱରରୁ ଡାଉନ୍ ଲାଇନ୍‌ରେ ଜଳେଶ୍ୱର ଯାଉଥିବାବେଳେ ବସ୍ତା ରେଳଷ୍ଟେଶନ ନିକଟରେ ପହଞ୍ଚିବା ପୂର୍ବରୁ ଦକ୍ଷିଣ କ୍ୟାବିନ୍ ଠାରେ ହଠାତ୍ ଇଞ୍ଜିନ୍ ସହ ୩ଟି ବଗି ଅନ୍ୟ ବଗିଠାରୁ ଛିଣ୍ଡି ଅଲଗା ହୋଇଯାଇଥିଲା। ପଛରେ ଲାଗିଥିବା କେବଳ ୩ଟି ବଗି ନେଇ ଇଞ୍ଜିନ ପଳାଇ ଯାଇ ଷ୍ଟେଶନ ନିକଟରେ ଅଟକିଥିଲା। ଉକ୍ତ ମାଲବାହୀ ଟ୍ରେନର ବିଚ୍ଛିନ୍ନ ବଗିଗୁଡିକ କିଛି ଦୂର ଗଡ଼ି ଆସି ଦକ୍ଷିଣ କ୍ୟାବିନ୍ ନିକଟରେ ରହିଯିବାରୁ ଲେଭଲ କ୍ରସିଂ ବନ୍ଦ ହୋଇ ଯାଇଥିଲା। ଫଳରେ ରାସ୍ତାରେ ଶତାଧିକ ଗାଡ଼ିମୋଟର ଅଟକି ରହିଥିଲା। ଦୀର୍ଘ ଘଣ୍ଟାଏ ପରେ ରେଳବାଇ କର୍ମଚାରୀ ଇଞ୍ଜିନ୍‌କୁ ନେଇ ବଗି ସହିତ ଯୋଡ଼ିଥିଲେ। ଇଞ୍ଜିନ୍ ନେଇ ପଳାଇଥିବା ୩ଟି ବଗିକୁ ୪ନମ୍ବର ଲୁପ୍ ଲାଇନ୍‌ରେ ରଖି ଅନ୍ୟ ୫୫ଟି ବଗି ନେଇ ଟ୍ରେନ୍‌ଟି ସନ୍ଧ୍ୟା ୭ଟା ସମୟରେ ଗନ୍ତବ୍ୟସ୍ଥଳ ଅଭିମୁଖେ ଯାତ୍ରା କରିଥିଲା। କେଉଁ କାରଣରୁ ଏଭଳି ଘଟଣା ଘଟିଲା ରେଳବାଇ ସୂତ୍ରରୁ କୌଣସି ସୂଚନା ମିଳି ନାହିଁ। ଏହାର ତଦନ୍ତ କରାଯାଉଛି ବୋଲି କେବଳ ଷ୍ଟେଶନ ପକ୍ଷରୁ କୁହାଯାଇଛି। ଏଭଳି ଘଟଣା ଲାଗି ଡାଉନ୍ ଲାଇନ୍‌ରେ ଟ୍ରେନ୍ ଚଳାଚଳ ପ୍ରାୟ ୧ଘଣ୍ଟା ୨୦ ମିନିଟ୍ ଧରି ବନ୍ଦ ରହିଥିବା ଜଣାପଡିଛି।



ଲେଭଲ କ୍ରସିଂ ନିକଟରେ ଇଞ୍ଜିନ୍‌ରୁ ବିଚ୍ଛିନ୍ନ ବଗି ଅଟକି ରହିଛି।




# ଏପ୍ରିଲ ପହିଲାରୁ ପ୍ଲାଷ୍ଟିକମୁକ୍ତ ଶ୍ରୀମନ୍ଦିର

**ପୁରୀ ଅଫିସ, ୪।୩**

- ଏବେଠୁ ସଚେତନତା, ନ ମାନିଲେ ଫାଇନ
- ତାଳପତ୍ର ପେଡ଼ିରେ ଭକ୍ତ ନେବେ ମହାପ୍ରସାଦ

ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର ମଣିଷ ପାଇଁ ମାରାତ୍ମକ ସାବ୍ୟସ୍ତ ହେଲାଣି। ପରିବେଶ ଲାଗି ମଧ୍ୟ ଏହା ଘାତକ ପାଲଟିଛି। ତେଣୁ ପ୍ଲାଷ୍ଟିକ, ପଲିଥିନ ବ୍ୟବହାର ଉପରେ କଟକଣା ଲଗାଇଛନ୍ତି ସରକାର। ତେବେ ଶ୍ରୀମନ୍ଦିରରେ ଏହାର ଉଲ୍ଲଂଘନ ହେଉଛି। ତେଣୁ ଏ ନେଇ ଶ୍ରୀମନ୍ଦିର ଛତିଶା ନିଯୋଗ ବୈଠକରେ ଗଭୀର ଉଦ୍‌ବେଗ ପ୍ରକାଶ ପାଇଛି।ଆସନ୍ତା ଏପ୍ରିଲ ପହିଲାରୁ ଶ୍ରୀମନ୍ଦିରକୁ ସମ୍ପୂର୍ଣ୍ଣ ଭାବେ ପ୍ଲାଷ୍ଟିକମୁକ୍ତ କରିବା ଲାଗି ନିଷ୍ପତ୍ତି ହୋଇଛି। ଏଣିକି ଭକ୍ତମାନେ ତାଳପତ୍ର ପେଡ଼ିରେ ମହାପ୍ରସାଦ ନେବେ। ଏହି କଟକଣାକୁ ଯେଉଁମାନେ ନ ମାନିବେ ସେମାନଙ୍କଠାରୁ ଫାଇନ ଆଦାୟ କରାଯିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କହିଛନ୍ତି।

ଶ୍ରୀମନ୍ଦିରକୁ ପ୍ରତ୍ୟହ ହଜାର ହଜାର ଶ୍ରଦ୍ଧାଳୁ ଆସିଥାନ୍ତି। ମହାପ୍ରଭୁଙ୍କ ଦର୍ଶନ ପରେ ଅନେକ ଭକ୍ତ ମହାପ୍ରସାଦ ସେବନ କରିଥାନ୍ତି। ପୁଣି କେହି ସାଥିରେ ଅବଢା ନେଇଯିବାକୁ ଇଚ୍ଛା କରିଥାନ୍ତି। ଅଳ୍ପ ପରିମାଣର ମହାପ୍ରସାଦ ନେଉଥିବା ଭକ୍ତଙ୍କୁ ସୁଆର ସେବକମାନେ କୁଡୁଆ ଓ ପଲିଥିନରେ ଦେଇଥାନ୍ତି। ସେହିପରି ଆନନ୍ଦ ବଜାରରେ କେତେକ ସୁଆର ସେବକ ଶେଡ୍ ସମ୍ମୁଖରେ ପଲିଥିନ ଟାଣି ଅବଢା ବିକ୍ରି କରୁଛନ୍ତି। ଏହା ବାଦ୍ ବିଭିନ୍ନ ଭୋଗ ଦୋକାନରେ ପଲିଥିନରେ ଭୋଗ ଦିଆଯାଉଛି। ଶ୍ରୀମନ୍ଦିରର ଏଭଳି ସ୍ଥିତିକୁ ନେଇ ବୁଧବାର ଛତିଶା ନିଯୋଗ ବୈଠକରେ ଆଲୋଚନା କରାଯାଇଥିଲା। ଆନନ୍ଦ ବଜାରରେ ଟଣାଯାଇଥିବା ଜରିପାଲ ସମ୍ପୂର୍ଣ୍ଣ ଭାବେ ହଟାଯିବ ଏବଂ ମହାପ୍ରସାଦ ପାଇଁ କେହି ପଲିଥିନ ଯେପରି ବ୍ୟବହାର ନ କରନ୍ତି ସେଥିପ୍ରତି ଗୁରୁତ୍ୱ ଦେବାକୁ କୁହାଯାଇଥିଲା। ତେବେ ବର୍ତ୍ତମାନ ପଲିଥିନର ଯେଉଁ ବିକଳ୍ପ ବାହାରିଛି ସେଥିରେ ମହାପ୍ରସାଦ ନେବାବେଳେ ତାହା ତଳ ପଟୁ ଛିଣ୍ଡିଯାଉଛି, ତେଣୁ ଅନ୍ୟ ବ୍ୟବସ୍ଥା କରିବାକୁ ନିଯୋଗ ପକ୍ଷରୁ ଅନୁରୋଧ କୁହାଯାଇଥିଲା। ପୂର୍ବରୁ ଯେଉଁଭଳି ତାଳପତ୍ର ପେଡ଼ିରେ ଛୋଟ କୁଡୁଆ ପ୍ୟାକିଂ କରି ଦିଆଯାଉଥିଲା, ସେହିଭଳି ମହାପ୍ରସାଦ ଦେବା ଲାଗି ନିଷ୍ପତ୍ତି ହୋଇଛି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଅବଢା ପାଇଁ ପଲିଥିନର ବିକଳ୍ପ ଯୋଗାଣ ହେବ ବୋଲି ସୁଆର ମହାସୁଆର ନିଯୋଗ ସମ୍ପାଦକ କୃଷ୍ଣଚନ୍ଦ୍ର ପ୍ରତିହାରୀ କହିଛନ୍ତି।






> ସମସ୍ତ ପ୍ରକାର କାର୍ଯ୍ୟକୁ ଭଲ ଭାବେ ସଂପନ୍ନ କରିବାକୁ ଇଚ୍ଛା କର। ଉନ୍ନତି କରିବାକୁ ପ୍ରୟାସ କର। ଜୀବନରେ ସାଧାରଣ ମଣିଷଠାରୁ କିଛିଟା ଅଧିକ ଭଲ ହେବାକୁ ଆକାଂକ୍ଷା କର।
> –ଶ୍ରୀମା

# ପ୍ରାଣୀଙ୍କ ନକଲପ୍ରିୟତା



ପରିବେଶ ପରିଚିନ୍ତା

ମାନେକା ଗାନ୍ଧୀ

ପ୍ରାଣୀମାନେ ଆକାର, ପ୍ରକାର ଓ ରଙ୍ଗ ପରିବର୍ତ୍ତନ କରି ଅନ୍ୟକୁ ଅନୁକରଣ ବା ନକଲ କରିବାରେ ଧୁରନ୍ଧର। ଆମେ ଯଦି ଚାଇନା ବା ଆଫ୍ରିକୀୟ ଦେଶକୁ ଯାଇ ସେ ଦେଶର ଲୋକଙ୍କ ପରି ହେବାକୁ ଚେଷ୍ଟା କରିବା, ହୋଇପାରିବା କି? ନା ଆମେ ଡେଙ୍ଗା ବା ବାଙ୍ଗର ହୋଇପାରିବା, ନା ଡେଙ୍ଗା ନାକକୁ ଚେପ୍‌ଟା କରିପାରିବା ନା ଦେହର ରଙ୍ଗ ବଦଳାଇପାରିବା। କିନ୍ତୁ ପ୍ରାଣୀ ଓ କୀଟ ଏହା ସହଜରେ କରିପାରନ୍ତି। ସେମାନେ ଏମିତି ପ୍ରଜାତିର ଜୀବ ପରି ହୋଇଯାଆନ୍ତି ଯେ, ଶତ୍ରୁ ସେମାନଙ୍କୁ ଛାଡି ଚାଲିଯାଏ।

ଏସିଆର ମକ୍ ଭାଇପର୍ (ଏକ ପ୍ରକାର ସାପ) ଆଦୌ ବିଷାକ୍ତ ବା କ୍ଷତିକାରକ ନୁହେଁ। କିନ୍ତୁ ତିନିକୋଣିଆ ମୁଣ୍ଡ ଯୋଗୁ ଏହାକୁ ଦେଖିଲେ ବିପଜ୍ଜନକ ମନେହୁଏ। ମକ୍ ଭାଇପର୍‌ର ଆଖିରେ ଗୋଲାକାର ପଟଳ ରହିଛି। କିନ୍ତୁ ପ୍ରକୃତ ବିଷାକ୍ତ ପିଟ୍ ଭାଇପର୍‌ର ଭର୍ଟିକାଲ ସ୍ଲିଟ ରହିଥାଏ। ମକ୍ ଭାଇପର୍ ଏତେ ଚାଲାକ୍ ଯେ, ଯେତେବେଳେ ତା' ଉପରକୁ ବିପଦ ଆସେ ସେ ତା' ପଟଳକୁ ଅଚାନକ ପିଟ୍ ଭାଇପର୍ ଭଳି କରିଦିଏ ଏବଂ ତାକୁ ଦେଖି ଯେଉଁ ଆତଙ୍କ ସୃଷ୍ଟି ହୁଏ ତା' ଭିତରେ ସେ ଖସି ପଳାଇଯାଏ।

ପ୍ରାଣୀମାନେ ନିଜକୁ ରକ୍ଷା କରିବା ପାଇଁ କେବଳ ନକଲ କରନ୍ତିନି ବରଂ ଶିକାର କଲାବେଳେ ମଧ୍ୟ ଏହା କରିଥାନ୍ତି। ଶିକାରର ନିକଟତର ହେବାବେଳେ ସେମାନେ ତା' ପ୍ରତି ବିଶ୍ୱାସ ଜନ୍ମାଇ ତାକୁ ବୋକା ବନାଇଦିଅନ୍ତି। ଗ୍ରୀନ୍ ଲେସ୍‌ୱିଙ୍ଗ ଲାର୍ଭା ପିମ୍ପୁଡିମାନେ ଘେରବନ୍ଦୀ କରି ନେଇ ଯାଉଥିବା ଉଲି ଆଲ୍‌ଡର ଆଫିଡ୍‌କୁ ଖାଇଥାଏ। ଏହା ଆଫିଡ୍ ପଛରୁ ଏକ ପ୍ରକାର ଅଠାଳିଆ ଉଲ୍ ଟାଣିଆଣି ନିଜଠି ଲଗାଇଦିଏ ଏବଂ ପିମ୍ପୁଡି ଦଳକୁ ତାଙ୍କ ଗୋଷ୍ଠୀର ଅଂଶ ବୋଲି ବିଶ୍ୱାସ ଜନ୍ମାଇ ପିମ୍ପୁଡ଼ିଙ୍କ ଘେର ଭିତରେ ପଶି ଆଫିଡ୍‌ମାନଙ୍କୁ ଖାଏ। ଜୋନ୍ ଟେଲ୍ ହକ୍ (ଏକ ପ୍ରକାର ବାଜପକ୍ଷୀ) ଜିଅନ୍ତା ପ୍ରାଣୀଙ୍କୁ ଖାଏ। କିନ୍ତୁ ଏହା ମଲା ପ୍ରାଣୀଙ୍କ ମାଂସ ଖାଉଥିବା ଶାଗୁଣା ଭଳି ନକଲ କରି ଉଡ଼େ। ବାଜପକ୍ଷୀକୁ ଦେଖି ସାଧାରଣତଃ ଲୁଚୁଥିବା ଛୋଟ ଛୋଟ ପ୍ରାଣୀମାନେ ଶାଗୁଣା ଭଳି ଦେଖାଯାଉଥିବା ଜୋନ୍ ଟେଲ୍ ହକ୍ ଦ୍ୱାରା ଧୋକାର ଶିକାର ହୋଇଥାନ୍ତି। ସେମାନଙ୍କୁ ଜୋନ୍ ଟେଲ୍ ହକ୍ ଝାମ୍ପି ନେଇ ଖାଏ।

କ୍ଲିନର୍ ଫିସ୍ କ୍ଷତିକାରକ ନୁହେଁ। ବଡ଼ମାଛ ଉପରେ ରହିଥିବା ପରଜୀବୀଙ୍କୁ ଏମାନେ ଖାଇଥାନ୍ତି। ଶିକାରୀ ସେବର୍ ଟୁଥ୍ ବ୍ଲେନୀ ଶରୀରରେ କ୍ଲିନର୍ ଫିସ୍ ଭଳି କଳା ଓ ନୀଳ ଦାଗ ରହିଛି ଏବଂ ଏହା ତା'ର ପହଁରିବା ଶୈଳୀର ନକଲ କରେ। କ୍ଲିନିଂ ଷ୍ଟେଶନରେ ଏହା କ୍ଲିନର୍ ଫିସ୍‌କୁ ଠକି ବଡ଼ମାଛର ନିକଟତର ହୁଏ ଏବଂ ସେମାନଙ୍କ ଶରୀରର କିଛି ଅଂଶକୁ କାମୁଡି ପଳାଇଯାଏ। ୩ ଇଞ୍ଚିଆ ମାଛ ଡସ୍କି ଡଟିବ୍ୟାକ୍ କ୍ଷତିକାରକ ମାଛ ଭଳି ଦେଖାଯାଏନି। ଏହା ଭାରତୀୟ ପ୍ରଶାନ୍ତ ମହାସାଗରର ପ୍ରବାଳପ୍ରାଚୀରରେ ରହେ। ଏମାନଙ୍କର ରଙ୍ଗ ସାଧାରଣତଃ ଗୋଲାପିରୁ ଧୂସର ହୋଇଥାଏ। କିନ୍ତୁ ଏହା ଶିକାରର ରଙ୍ଗ ସହ ମିଶିଗଲା ପରି ତା' ଶରୀରକୁ ସବୁଜ, ହଳଦିଆମିଶା ଧୂସର ରଙ୍ଗକୁ ପରିବର୍ତ୍ତନ କରିପାରେ। କୌଶଳରେ ବଡ଼ମାଛ ଯାଆଁଳର ନକଲ କରି ତାକୁ ତା'ର ଯାଆଁଳ ବୋଲି ଭାବିବାକୁ ଦିଏ। ତା'ପରେ ଯାଆଁଳଙ୍କୁ ଖାଇଦିଏ। ଡାମ୍‌ସେଲ୍‌ଫିସ ଯାଆଁଳ ତା'ର ପ୍ରିୟ ଖାଦ୍ୟ। ଏଭଳି ସ୍ୱତନ୍ତ୍ର କୌଶଳ ପ୍ରୟୋଗ କରି ଡଟିବ୍ୟାକ୍ ଚିହ୍ନା ନ ପଡି ବଡ ଡାମ୍‌ସେଲଫିସ୍‌ର ନିକଟତର ହୋଇଥାଏ। ସେମାନେ ସତର୍କ ହେବାବେଳକୁ ସେ ଅନେକ ଛୁଆମାଛଙ୍କୁ ଖାଇସାରି ତା' ରଙ୍ଗ ବଦଳାଇ ଆଉ ଏକ ମାଛଦଳ ଭିତରକୁ ଚାଲିଯାଏ।

ସ୍ଲେଣ୍ଡର୍ ଟ୍ରମ୍ପେଟ୍ ଫିସ୍ କୋମଳ ପ୍ରବାଳ ଶାଖା ମଧ୍ୟରେ ଉପରୁ ତଳ ପହଁରେ ଏବଂ ଶୈବାଳ ରଙ୍ଗ ସହ ମେଳକରି ତା' ରଙ୍ଗ ବଦଳାଇଥାଏ। ଏହି ମାଛକୁ ତା'ର ଶିକାର ଛୋଟ ପ୍ରାଣୀମାନେ ପ୍ରାୟତଃ ଦେଖିପାରନ୍ତି ନାହିଁ। ମେରାଇନ୍ ଫ୍ଲାଟ୍‌ୱର୍ମ ସାମୁଦ୍ରିକ ସ୍ଲଗ୍ ଭଳି ଦେଖାଯିବା ପାଇଁ ଏହାର ଆକାର ବୃଦ୍ଧି କରେ। ଏହା ଏକ ପ୍ରକାର ବିଷାକ୍ତ ଓ କଟୁ ବାସ୍ନାଯୁକ୍ତ ପଦାର୍ଥ ନିର୍ଗତ କରେ ଯେଉଁଥିପାଇଁ ଜଳଚର ଶତ୍ରୁ ଜୀବ ଏହାକୁ ଛାଡି ଚାଲିଯାଆନ୍ତି।

ମିଲ୍କ ସ୍ନେକ୍ କ୍ଷତିକାରକ ନୁହେଁ, କିନ୍ତୁ ଧୀରେ ଧୀରେ ଏହାର ରୂପ ପରିବର୍ତ୍ତନ କରି ବିଷାକ୍ତ କୋରାଲ ସ୍ନେକ୍‌ର ପଟି ପଟି ଦାଗ ଭଳି ତା' ଶରୀରରେ ସୃଷ୍ଟି କରିଥାଏ। ଏହା କେବଳ ସେହି ଅଞ୍ଚଳରେ ଘଟିଥାଏ ଯେଉଁଠି ମିଲ୍କ ସ୍ନେକ୍ ଓ କୋରାଲ ସ୍ନେକ୍ ଏକାଠି ଦେଖିବାକୁ ମିଳନ୍ତି। ଅନ୍ୟ ଅଞ୍ଚଳରେ ମିଲ୍କ ସ୍ନେକ୍ କୋରାଲ ସ୍ନେକ୍ ଭଳି ଦେଖାଯାଇ ନ ଥାଏ।

ହଗ୍‌ନୋଜ୍‌ଡ ସାପ କ୍ଷତିକାରକ ନୁହେଁ। କିନ୍ତୁ ଭୟ ପାଇଲେ ତାହା ର୍‍ୟାଟ୍‌ଲସ୍ନେକ୍‌ର ବାହାନା କରେ। ସତେ ଯେମିତି କାମୁଡିବ ସେମିତି ମୁଣ୍ଡ ଉଠାଇଥାଏ ଏବଂ ଗଳାରୁ ର୍‍ୟାଟ୍‌ଲସ୍ନେକ୍ ପରି ଶବ୍ଦ ବାହାରକରେ। ଯଦି ଏହା କାମ ନ କରେ ତେବେ ଏହା ମୃତ ଭଳି ବାହାନା କରେ ଓ ଶରୀରରୁ ପଚା ଗନ୍ଧ ନିର୍ଗତ କରିଥାଏ।

ଆଫ୍ରିକାର ମାଉଥ୍ ବ୍ରିଡିଂ ମାଇ ସିଚ୍‌ଲିଡ ଫିସ୍ ମୋର ଅତି ପ୍ରିୟ। ଏହା ପାଟିବାଟେ ଅଣ୍ଡା ଦେବା ପରେ ତାହାକୁ ପାଟି ଭିତରକୁ ନେଇଯାଏ। ଏପରିକି ଅଣ୍ଡିରା ସିଚ୍‌ଲିଡ ଫିସ୍ ଶୁକ୍ରାଣୁ ଦ୍ୱାରା ଅଣ୍ଡାକୁ ନିଷିକ୍ତ କରିବା ପୂର୍ବରୁ ଏମିତି କରିଥାଏ। ଅଣ୍ଡିରା ସିଚ୍‌ଲିଡ ତା' ମଳଦ୍ୱାର ନିକଟରେ ହଳଦିଆ କିମ୍ବା କମଳା ରଙ୍ଗର ଚିହ୍ନ ବିକାଶ କରେ। ଏହା ଠିକ୍ ଅଣ୍ଡା ଭଳି ଦେଖାଯାଏ। ସେ ମାଇ ସିଚ୍‌ଲିଡ ପାଖକୁ ଆସି ତାହାକୁ ଦେଖାଇଥାଏ। ପରେ ମାଇ ସିଚ୍‌ଲିଡ ମନେକରେ ଯେ, ସେ କିଛି ଅଣ୍ଡା ବାହାରେ ଛାଡି ଦେଇଛି ଏବଂ ତାହାକୁ ପାଟି ଭିତରକୁ ନେବାକୁ ଚେଷ୍ଟା କରେ। ଯେମିତି ସେ ପାଟି ଖୋଲେ ସେମିତି ଅଣ୍ଡିରା ସିଚ୍‌ଲିଡ ତା' ପାଟି ଭିତରକୁ ଶୁକ୍ରାଣୁ ଛାଡିଦିଏ। ସେ ପାଟି ଭିତରେ ଏହି ଶୁକ୍ରାଣୁକୁ ରଖିବା ଦ୍ୱାରା ଅଣ୍ଡା ପାଟିରେ ନିଷିକ୍ତ ହୋଇଥାଏ। ଡେଥ୍‌ସ ହେଡ୍ ହକ୍‌ମଥ ମହୁ ଖାଇଥାଏ। ସେମାନେ ମହୁମାଛି ଭଳି ଗନ୍ଧ ଛାଡ଼ିଥାନ୍ତି। ଏହାଦ୍ୱାରା ମହୁମାଛି ତାକୁ ନ ବିନ୍ଧି ଫେଣା ଭିତରକୁ ପ୍ରବେଶ କରିବାକୁ ଦେଇଥାନ୍ତି। ସେଠାରେ ସେମାନେ ଫେଣା ଭିତରେ ଥିବା ମିଠା ମହୁ ଖାଇବାରେ ଲାଗିଯାନ୍ତି। ଯେମିତି ସେମାନେ ଫେଣା ଭିତରୁ ବାହାରନ୍ତି ସେମିତି ନିଜ ସ୍ୱାଭାବିକ ଗନ୍ଧକୁ ଫେରିଆସନ୍ତି।

ମୁଁ ଆଜି ପଢ଼ିଲି ଯେ, ଚାଇନାର ୟାଙ୍ଗ୍‌ସି ନଦୀରେ ରହୁଥିବା ୨୦୦ ନିୟୁତ ବର୍ଷ ତଳର ତଥା ଡାଏନୋସର ଅମଳର ପୁରୁଣା ପ୍ରଜାତିର ପ୍ୟାଡେଲ ଫିସ୍ ବଂଶ ଅତ୍ୟଧିକ ମାଛଧରା ଓ ଡ୍ୟାମ୍ ନିର୍ମାଣ ଯୋଗୁ ବିଲୁପ୍ତ ହୋଇଯାଇଛି। ଏହା ଏକ ଭିନ୍ନ ପ୍ରକାରର ମାଛ ଥିଲା ଓ ୨୩ ଫୁଟ ଯାଏ ବଢ଼ିପାରୁଥିଲା। ଏହା ଏକ ସ୍ୱତନ୍ତ୍ର ଖଣ୍ଡା ଭଳି ଶୁଣ୍ଢ ମାଧ୍ୟମରେ ବୈଦ୍ୟୁତିକ ପ୍ରତିକ୍ରିୟା ପ୍ରକାଶ କରି କଙ୍କଡା, ଗେଣ୍ଡା ଆଦି ଟାଣ ଖୋଳଥିବା ଜୀବ ଓ ମାଛ ଶିକାର କରୁଥିଲା। ଅଧିକାଂଶ ଲୋକଙ୍କର ଏହି ବିଚିତ୍ର ବିଶ୍ୱ ସମ୍ପର୍କରେ ଧାରଣା ନାହିଁ, ଯାହାକୁ ସେମାନେ ପ୍ରତିଦିନ ଧ୍ୱଂସ କରିଚାଲିଛନ୍ତି।

Email: gandhim@nic.in

# ବୁଲାକୁକୁରଙ୍କ ସ୍ମାର୍ଟ ସହର



ପ୍ରଭାତ କୁମାର ଦାସ

ଭୁବନେଶ୍ୱର ସ୍ମାର୍ଟ ସହର ହେଲା ପରେ ବୁଲାକୁକୁରଙ୍କ ସଂଖ୍ୟା ଆଶାତୀତ ଭାବରେ ବଢ଼ିଛି। ସରକାର ଏ ସହରକୁ ମଳମୁକ୍ତ ସହର ବୋଲି ଘୋଷଣା କଲେଣି। ବାହାରେ ଖୋଲାଜାଗାରେ କେହି ମଳତ୍ୟାଗ କଲେ ମୋଟା ଅଙ୍କର ଜରିମାନା ଆଦାୟ ହେବ ବୋଲି ଘୋଷଣା ହୋଇଛି। କିନ୍ତୁ ବୁଲାକୁକୁରଙ୍କୁ ରାସ୍ତା ଉପରେ ମଳତ୍ୟାଗ ପାଇଁ ଓ ପୋଷାକୁକୁରଙ୍କୁ ବୁଲାଇ, ରାସ୍ତା ଉପରେ ମଳତ୍ୟାଗ କରାଇବାକୁ ଅବାଧ ଛାଡିଦିଆଯାଇଛି। ଏବେ ଯେଉଁ ଗଳି ରାସ୍ତାରେ ପଶନ୍ତୁ, ଟିକିଏ ଅସାବଧାନ ହେଲେ କୁକୁର ମଳ ମାଡି ପକାଇବାର ସମ୍ଭାବନାକୁ ଏଡାଇଦେଇ ହେବ ନାହିଁ। ବର୍ଷା ସମୟର ଅବସ୍ଥା ତ ଆହୁରି ଖରାପ। ନାକରେ, ମୁହଁରେ ରୁମାଲ ନ ଦେଇ ଚାଲିବା ବି ସମ୍ଭବ ନୁହେଁ। ଜୋତା ପିନ୍ଧି ପାହାଚ ଚଢ଼ିଲେ ବି ସମସ୍ୟା।

ସରକାର କିମ୍ବା ସ୍ମାର୍ଟ ସହର ଯୋଜନା ଓ ମହାନଗର ନିଗମ ଦାୟିତ୍ୱରେ ଥିବା ଅଧିକାରୀମାନେ କେହି ଏ ସମସ୍ୟା ପାଇଁ ସମୁଚିତ ଦୃଷ୍ଟି ଦେଉନାହାନ୍ତି। ସଚେତନ ନାଗରିକମାନଙ୍କ କଥା ତ ନ କହିବା ଭଲ। ଜୀବେ ଦୟା ପାଇଁ ଘରର ବଳକା ଓ ଅଇଁଠା ଖାଦ୍ୟ ପଦାର୍ଥକୁ ବୁଲାକୁକୁରମାନଙ୍କୁ ଡାକିହାକି ଦେଉଛନ୍ତି। ପୁଣି ଗଳି ମୁଣ୍ଡରେ ମହାନଗର ନିଗମର ମଇଳା ସଂଗ୍ରାହକମାନେ କୁଢ କୁଢ ମଇଳା ଆଣି ଜମା କରୁଛନ୍ତି। ସେହି ସ୍ଥାନରେ ବୁଲାକୁକୁରମାନଙ୍କ ପାଇଁ ପର୍ଯ୍ୟାପ୍ତ ଖାଦ୍ୟ ମିଳିଯାଉଛି।

ସେମାନଙ୍କ ପାଇଁ ପ୍ରାୟୋଜିତ ବନ୍ଧ୍ୟାକରଣ ଯୋଜନା କେବେଠୁ ଅକାମୀ ହୋଇଗଲାଣି। ତେଣୁ ସେମାନଙ୍କୁ ସ୍ୱଚ୍ଛନ୍ଦ ବଂଶବୃଦ୍ଧିରେ କୌଣସି ପ୍ରତିବନ୍ଧକ ନାହିଁ। ପ୍ରତିବର୍ଷ ସେମାନଙ୍କ ସଂଖ୍ୟା ବଢୁଛି। ସେମାନେ ଦଳବଳ ଧରି ଛକ ଜାଗାମାନଙ୍କରେ ଏକାଠି ରହୁଥିବାରୁ ଓ ଗାଡିଗୁଡ଼ିକ ପଛରେ ଭୁକି ଭୁକି ଧାଉଁଥିବାରୁ ମୁଖ୍ୟ ରାସ୍ତାରେ ଦୁର୍ଘଟଣା ବି ଘଟୁଛି। ଅନେକ ସ୍ଥଳରେ ରାସ୍ତା ଉପରେ ଗାଡି ଚାପାରେ ଓ ଗାଡି ତଳେ ଶୋଇବା କାରଣରୁ ବି ସେମାନେ ମରୁଛନ୍ତି। ତାଙ୍କ ମଲା ଶରୀରକୁ ଉଠାଇବା ପାଇଁ ମହାନଗର ନିଗମ ପକ୍ଷରୁ କୌଣସି ତତ୍ପରତା ନାହିଁ। ସେଇଠି ସେ ଶବ ପଚି ଶଢି ଆପେ ନଷ୍ଟ ହେବା ପର୍ଯ୍ୟନ୍ତ ପଥଚାରୀ ଓ ସ୍ଥାନୀୟ ଅଧିବାସୀ କଷ୍ଟ ଭୋଗିବାକୁ ବାଧ୍ୟ। ଏଭଳି ଘଟଣା କୋଉଠି ନା କୋଉଠି ପ୍ରତିଦିନ ଘଟେ।

ଯଦି ମହାନଗର ନିଗମ ଓ ସ୍ମାର୍ଟ ସହର ଯୋଜନା, ସହର ଭିତରେ କୁକୁରଙ୍କ ମଳତ୍ୟାଗଜନିତ ପ୍ରଦୂଷଣକୁ ରୋକି ନ ପାରେ, ତେବେ ମଣିଷମାନଙ୍କ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ପାଇଖାନା ଯୋଜନା କରିବାରେ କିଛି ଅର୍ଥ ନାହିଁ, ତାହା କେବଳ ଲୋକଙ୍କ ଟିକସ ଧନର ଅପଚୟ।

ଯେଉଁମାନେ ପୋଷାକୁକୁରଙ୍କୁ ବୁଲାଇ ରାସ୍ତା ଉପରେ ମଳତ୍ୟାଗ କରାଉଛନ୍ତି ସେମାନଙ୍କଠାରୁ ମୋଟା ଅଙ୍କର ଜରିମାନା ଆଦାୟ କରାଯାଉ। ଯେଉଁ ଠିକାଦାରି ସଂସ୍ଥା ଗଳିମୁଣ୍ଡରେ ଖୋଲାରେ କୁଢ କୁଢ ମଇଳା ଜମା କରୁଛନ୍ତି, ସେମାନଙ୍କୁ ଦୃଢ ହସ୍ତରେ ନିୟନ୍ତ୍ରଣ କରାଯାଉ। ଯେଉଁମାନେ କୁକୁରଙ୍କ ବନ୍ଧ୍ୟାକରଣ ଦାୟିତ୍ୱରେ ଅଛନ୍ତି, ବୁଲାକୁକୁରଙ୍କ ସଂଖ୍ୟା ପ୍ରତିବର୍ଷ କେତେ କମୁଛି ସେହି ଅନୁପାତରେ ସେମାନଙ୍କୁ ପାରିଶ୍ରମିକ ଦିଆଯାଉ। ବିଧାନସଭାରେ ନଗର ଉନ୍ନୟନ ମନ୍ତ୍ରୀ ଯେଉଁ ପ୍ରଶ୍ନର ଉତ୍ତର ଦେଇଛନ୍ତି 'କୁକୁର ବନ୍ଧ୍ୟାକରଣ ପାଇଁ ଉପଯୁକ୍ତ ବ୍ୟବସ୍ଥା କରାଯାଇଛି' ତାହା ଅନ୍ଧକୁ ଆଖିଠାରିଲା ଭଳି କଥା। ଯଦି ତାଙ୍କ କଥା ଠିକ୍ ତେବେ ପ୍ରତିବର୍ଷ ବୁଲାକୁକୁରଙ୍କ ସଂଖ୍ୟା ବଢୁଛି କିପରି?

ସହରକୁ ପ୍ରକୃତରେ ମଳମୁକ୍ତ କରିବାକୁ ହେଲେ ମୂଳରୁ ସମସ୍ୟାକୁ ବିଚାର କରାଯିବା ଉଚିତ। କେବଳ ଅନ୍ୟ ସହର କି ବିଦେଶରୁ ଦେଖିଆସି, ଉପରଠାଉରିଆ ଭାବରେ ଯୋଜନାକୁ ପ୍ରଚାର କରାଇଦେଲେ ସମସ୍ୟାର ସମାଧାନ ହୋଇଯିବ ନାହିଁ। ଏଇଭଳି ଆଉ ଦଶବର୍ଷ ଚାଲିଲେ ବି ସହର କେବେ ବି ମଳମୁକ୍ତ ହେବ ନାହିଁ। ଆମ ଭାଷାରେ କଥାଟିଏ ଅଛି, ପୋଥି ପଢି ବାଲୁଙ୍ଗା ବାଛିବା ଭଳି। ଆମ ଯୋଜନା ରୂପାୟନର କର୍ତ୍ତାମାନେ ବୋଧହୁଏ ସେହିଭଳି କରୁଛନ୍ତି। ବାସ୍ତବତାକୁ ଧ୍ୟାନ ଦିଅନ୍ତୁ। ସବୁ ସୁଧୁରିଯିବ।

୫୮, ସ୍ୱର୍ଣ୍ଣପୁରୀ, ଭୁବନେଶ୍ୱର,
ମୋ–୯୪୩୭୦୧୫୨୫୦

## ଏଇ ଭାରତରେ

ଶିକ୍ଷା ପ୍ରତି ଝିଅମାନଙ୍କର ଆଗ୍ରହ ବଢ଼ାଇବା ଲାଗି ଗୁଜରାଟର ଏକ ପଞ୍ଚାୟତ ଆପଣାଇଛି ଏକ ଅଜବ ଉପାୟ। ଏଠାରେ ନିର୍ମାଣ କରାଯାଉଥିବା ରାସ୍ତାଗୁଡିକର ନାମକରଣ ପଞ୍ଚାୟତର ମେଧାବୀ ଝିଅମାନଙ୍କ ନାମରେ ନାମିତ କରାଯାଇ ସେମାନଙ୍କୁ ସମ୍ମାନ ଦିଆଯାଉଛି। ଏମିତି ଘଟଣା ଦେଖିବାକୁ ମିଳିଛି କଚ୍ଛ ଜିଲାର କୁକମା ପଞ୍ଚାୟତରେ। ଦେଢବର୍ଷ ମଧ୍ୟରେ ଏହି ପଞ୍ଚାୟତରେ ୧୬ ଜଣ ଝିଅଙ୍କ ନାମରେ ବିଭିନ୍ନ ରାସ୍ତା ନାମକରଣ କରାଯାଇ ସାରିଲାଣି। ଏଭଳି ନାମକରଣ ପ୍ରଥମେ ସେପ୍ଟେମ୍ବର ୨୦୧୮ରେ ଆରମ୍ଭ କରାଯାଇଥିଲା ବୋଲି କହନ୍ତି କୁକୁମା ସରପଞ୍ଚ କଙ୍କୁବେନ୍ ବଣକର। ଏଥିପାଇଁ ପଞ୍ଚାୟତ ସାଧାରଣ ସଭାରେ ଏକ ପ୍ରସ୍ତାବ ଗୃହୀତ ହୋଇଥିଲା। ଭୁଜ ତହସିଲ ଅନ୍ତର୍ଗତ ଏହି ପଞ୍ଚାୟତର ଏଭଳି କାର୍ଯ୍ୟ ସମ୍ପର୍କରେ ଏବେ ଚର୍ଚ୍ଚା ହେଉଛି ଓ ଏହା ଦେଖିବାକୁ ଆଖପାଖ ୫ଟି ଜିଲାର ସରପଞ୍ଚମାନେ ବି କୁକମାକୁ ଆସୁଛନ୍ତି। ଏହାକୁ ଦୃଷ୍ଟିରେ ରଖି କଚ୍ଛ ଜିଲା ମହିଳା ଓ ଶିଶୁ ବିକାଶ ଅଧିକାରୀ ଏକ ସର୍କୁଲାର ଜାରି କରି ସବୁ ପଞ୍ଚାୟତରେ ରାସ୍ତାର ନାମ ମେଧାବୀ ଝିଅମାନଙ୍କ ନାମରେ ନାମିତ କରିବାକୁ ସୁପାରିଶ କରିଛନ୍ତି।

## ଚିରନ୍ତନୀ

ବାଲୁକାଚରେ ଚକ୍ରବାକ
ଚରଇ ମହାନଦେ
ଗୋଧୂଳି ପଥ ଅରୁଣ ଆହେ
ଚରଣ ତବ ବନ୍ଦେ।
(ପଉଷ ସନ୍ଧ୍ୟା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୫ ମାର୍ଚ୍ଚ ୧୯୯୫

- ବ୍ୟାରିଂ ବ୍ୟାଙ୍କର ଟଙ୍କା ହେରଫେର କରିଥିବା ବ୍ୟବସାୟୀ ନିକ୍ ଲେସନଙ୍କୁ ଫ୍ରାଙ୍କଫର୍ଟ ବିମାନବନ୍ଦରଠାରେ ଗିରଫ କରାଯାଇଛି।
- ବିଶ୍ୱବ୍ୟାଙ୍କର ସହାୟତାରେ ନେପାଳରେ ଏକ ୮୦ ମିଲିୟନ ଡଲାର ଜଳବିଦ୍ୟୁତ୍ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରିବା ପାଇଁ ନିଷ୍ପତ୍ତି।
- ଟାଟା କନ୍‌ସଲଟାନ୍‌ସି ସର୍ଭିସେସ ଆମେରିକାର ନାଗରିକ ନ ଥିବା ବ୍ୟକ୍ତିମାନଙ୍କୁ କାଲିଫର୍ନିଆକୁ କାର୍ଯ୍ୟ କରିବାକୁ ଆଣି ଆମେରିକାର ମଜୁରି ନିୟମ ଉଲ୍ଲଂଘନ କରୁଛି ବୋଲି ତା' ବିରୁଦ୍ଧରେ ଦାଖଲ ଏକ ମକଦ୍ଦମାକୁ ଆମେରିକା କୋର୍ଟ ଖାରଜ କରିଛି।

## su | do | ku | ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 3 | 4 | 6 | 7 | | | E | A | 0 | | | | | |
| 5 | C | | | | | | | 9 | | | D | | B | |
| 7 | | | | 1 | A | | | 0 | | 9 | E | | | |
| | | | | | 8 | | | | | | 4 | 0 | 6 | |
| | | A | 0 | | D | | | C | | 8 | | 2 | | |
| D | | 2 | | 4 | | | | | | | | E | | |
| | 7 | | | A | 5 | 9 | | E | | 3 | | 8 | | |
| A | 8 | | 9 | | | | | 5 | | | | | | 7 |
| | | | | B | | 6 | 8 | | | E | | | 2 | |
| 4 | 1 | B | 8 | D | | | | | A | | | | 5 | |
| 2 | | | | | 3 | | 5 | | 8 | | | | 1 | |
| | 5 | | | 2 | | D | | 7 | | | | | 9 | |
| 0 | | | | | B | | 1 | | | | 2 | | D | |
| | 6 | 7 | | | 9 | | A | 8 | | 1 | 0 | | | |
| | B | | | E | | | | | | | C | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | 8 | 0 | 9 | D | B | 5 | 6 | 4 | 2 | E | C | 1 | 7 | 3 |
| 5 | 3 | 2 | E | 4 | 7 | C | 0 | 8 | 1 | A | D | 6 | B | 9 |
| 6 | 1 | E | C | 3 | 0 | B | 7 | D | 8 | 4 | 9 | 2 | A | 5 |
| B | 7 | C | 8 | A | 5 | 2 | 1 | 9 | 0 | 3 | 6 | E | D | 4 |
| D | 9 | 4 | 6 | 1 | 2 | E | 3 | A | 5 | B | 7 | 8 | 0 | C |
| 9 | 0 | 7 | 3 | 5 | 6 | 4 | A | E | D | 2 | B | C | 1 | 8 |
| C | D | B | 7 | 8 | 4 | 1 | 5 | 2 | 6 | 9 | 3 | A | E | 0 |
| 8 | 6 | A | 1 | 0 | E | 3 | D | C | 4 | 7 | 5 | 9 | 2 | B |
| 2 | E | 5 | D | C | 9 | 0 | B | 7 | A | 8 | 1 | 4 | 3 | 6 |
| 1 | 4 | 3 | 2 | B | A | 9 | 8 | 6 | C | 0 | E | 7 | 5 | D |
| 7 | B | 6 | 0 | 2 | C | A | 9 | 3 | E | D | 4 | 5 | 8 | 1 |
| 4 | 5 | D | A | 9 | 3 | 8 | E | 1 | 7 | C | 0 | B | 6 | 2 |
| 3 | A | 8 | 4 | 7 | 1 | 6 | C | 0 | B | 5 | 2 | D | 9 | E |
| E | 2 | 9 | B | 6 | D | 7 | 4 | 5 | 3 | 1 | 8 | 0 | C | A |
| 0 | C | 1 | 5 | E | 8 | D | 2 | B | 9 | 6 | A | 3 | 4 | 7 |

ଗତକାଲିର ଉତ୍ତର

# କୁଶଳୀ ମହିଳା ସମୃଦ୍ଧ ରାଷ୍ଟ୍ରର ପରିଚାୟକ

### ମାର୍ଚ୍ଚ ୮ ବିଶ୍ୱ ମହିଳା ଦିବସ ଉପଲକ୍ଷେ ସ୍ୱତନ୍ତ୍ର ଆଲେଖ୍ୟ



ଡ. ମହେନ୍ଦ୍ରନାଥ ପାଣ୍ଡେୟ

ମାର୍ଚ୍ଚ ୮ ହେଉଛି ଏକ ବିଶେଷ ଦିନ। ପ୍ରତିବର୍ଷ ଏହି ଦିନରେ ହିଁ ମହିଳାଙ୍କ ପ୍ରତି ଆଦର ଓ ସମ୍ମାନ ବ୍ୟକ୍ତ କରିବା ଲାଗି 'ଅନ୍ତର୍ଜାତୀୟ ମହିଳା ଦିବସ' ପାଳନ କରାଯାଇଥାଏ। ସମ୍ପ୍ରତି ଆମ ଦେଶର ମହିଳାମାନେ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ କ୍ଷେତ୍ରରେ ଅନେକ ଉପଲବ୍ଧି ହାସଲ କରୁଛନ୍ତି। ତେଣୁ ଆମେ ଏହି ବିଶେଷ ଦିନକୁ ମହିଳାମାନଙ୍କ ଉପଲବ୍ଧିର ଉତ୍ସବ ରୂପେ ମଧ୍ୟ ପାଳନ କରିପାରିବା। ମହିଳାଙ୍କ ମଧ୍ୟରେ ଅଦ୍ଭୁତ ସାହସ, ଅପରିମିତ ଶକ୍ତି, ଅସୀମ ଧୈର୍ଯ୍ୟ ଓ ଅତ୍ୟଧିକ କ୍ଷମତା ରହିଛି। କଠିନ ପରିଶ୍ରମ ମାଧ୍ୟମରେ ସବୁପ୍ରକାର ଆହ୍ୱାନକୁ ସାମ୍ନା କରିବାରେ ମହିଳାମାନେ ପାରଙ୍ଗମ। ଏହି ଦିବସ ଉପଲକ୍ଷେ ନାରୀ ଶକ୍ତି ନିକଟରେ ନତମସ୍ତକ ହୋଇ ସ୍ତମ୍ଭ ଲେଖିବା ବ୍ୟକ୍ତିଗତ ଭାବେ ମୋ ପାଇଁ ଅତ୍ୟନ୍ତ ସୁଖଦ ଅନୁଭୂତି।

ଦେଶ ଓ ସମାଜର ଉତ୍ଥାନରେ ମହିଳାମାନେ ସବୁବେଳେ ଅଗ୍ରଣୀ ଯୋଗଦାନ ଦେଇଛନ୍ତି। ଭାରତର ସ୍ୱାଧୀନତା ପାଇଁ ୧୮୫୭ର ସିପାହି ବିଦ୍ରୋହ ହେଉ କିମ୍ବା ୧୯୪୭ରେ ଶେଷ ହୋଇଥିବା ଦେଶର ସ୍ୱାଧୀନତା ସଂଗ୍ରାମ, ମହିଳାମାନେ ସର୍ବଦା ଦେଶକୁ ଗୌରବାନ୍ୱିତ କରିଛନ୍ତି। ଭାରତୀୟ ମହିଳାମାନେ ମାଟିରୁ ଆକାଶ ପର୍ଯ୍ୟନ୍ତ ସଫଳତାର ନୂତନ ସୋପାନରେ ସେମାନଙ୍କ ଭୂମିକା ତୁଲାଇପାରିଛନ୍ତି। ଦେଶର ବିକାଶ ଓ ସମାଜର ଉତ୍ଥାନ ଲାଗି ଆଜି ମଧ୍ୟ ମହିଳାମାନେ ନିଜର କର୍ତ୍ତବ୍ୟ ନିଷ୍ଠାର ସହ ନିର୍ବାହ କରୁଛନ୍ତି। ଶିକ୍ଷା, ସାହିତ୍ୟ, ସଙ୍ଗୀତ, ନୃତ୍ୟ, କ୍ରୀଡ଼ା, ମିଡିଆ, ଉଦ୍ୟୋଗ, ଆଇଟି, ବିଜ୍ଞାନ ଓ କାରିଗରି, ରାଜନୀତି ଏବଂ ସାମାଜିକ ସଂସ୍କାର ସମେତ ବିଭିନ୍ନ କ୍ଷେତ୍ରରେ ମହିଳାମାନେ କାର୍ଯ୍ୟ କରୁଛନ୍ତି।

କେବଳ ସେତିକି ନୁହେଁ, ଆଜିର ଦିନରେ ଭାରତୀୟ ମହିଳାମାନେ ଦିଲ୍ଲୀ, ମୁମ୍ବାଇ, କୋଲକାତା ଏବଂ ଚେନ୍ନାଇ ଭଳି ମହାନଗରରେ ରାଜନୀତିଠାରୁ ଆରମ୍ଭକରି କର୍ପୋରେଟ କ୍ଷେତ୍ର ପର୍ଯ୍ୟନ୍ତ ନିରନ୍ତର ଆଗକୁ ବଢ଼ି ଚାଲିଛନ୍ତି। ସେମାନେ କେବଳ ଦେଶର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ନାହାନ୍ତି, ବରଂ ସହରଠାରୁ ଦୂର ଗ୍ରାମୀଣ କ୍ଷେତ୍ରରେ ମଧ୍ୟ ନିରନ୍ତର ପ୍ରଗତି ହାସଲ କରିଚାଲିଛନ୍ତି। ଆଜି ସେମାନେ ପଞ୍ଚାୟତ ନିର୍ବାଚନରେ ନିଜର ଗୁରୁତ୍ୱପୂର୍ଣ୍ଣ ଭାଗୀଦାରି ମାଧ୍ୟମରେ ସମାଜକୁ ଏକ ନୂଆ ରାହା ଦେଖାଉଛନ୍ତି। ମହିଳାମାନଙ୍କ ମଧ୍ୟରେ ସଚେତନତା ବୃଦ୍ଧି ଏବଂ ସେମାନଙ୍କ ସଚ୍ଚୋଟ ଓ ସ୍ପଷ୍ଟ ଉଦ୍ଦେଶ୍ୟ ହିଁ ଆର୍ଥିକ, ସାମାଜିକ ଓ ସାଂସ୍କୃତିକ ବ୍ୟବସ୍ଥାକୁ ମଜଭୁତ କରୁଛି। ଏହା ଗଣତାନ୍ତ୍ରିକ ବ୍ୟବସ୍ଥା ଲାଗି ଅତ୍ୟନ୍ତ ଜରୁରୀ। କର୍ପୋରେଟ ଜଗତରେ ମହିଳାମାନଙ୍କ ସ୍ଥିତି କ୍ରମଶଃ ଉପରକୁ ଉଠିଚାଲିଛି। ବୋର୍ଡ ଡାଇରେକ୍ଟରଠାରୁ ଆରମ୍ଭକରି ସିଇଓ ପଦବୀ ପର୍ଯ୍ୟନ୍ତ, ସବୁଥିରେ ମହିଳାମାନଙ୍କ ପ୍ରତିନିଧିତ୍ୱ ବୃଦ୍ଧି ପାଉଛି। ଆଇଟି କ୍ଷେତ୍ର ସହିତ ବ୍ୟାଙ୍କିଙ୍ଗ୍ ଏବଂ ଫାଇନାନ୍ସରେ ମଧ୍ୟ ମହିଳାମାନଙ୍କ ଆଧିପତ୍ୟ ବଢ଼ୁଛି। ଗତବର୍ଷ ଚନ୍ଦ୍ରୟାନ–୨ର ସଫଳ ଉତ୍କ୍ଷେପଣରେ ୨ଜଣ ମହିଳା ସମ୍ପୂର୍ଣ୍ଣ ଯୋଗଦାନ ଦେଇଥିଲେ। ଏଥିରୁ ଭାରତୀୟ ମହିଳାଙ୍କ ଅତୁଳନୀୟ ଯୋଗ୍ୟତା ଓ କ୍ଷମତା ପ୍ରତିଫଳିତ ହେଉଛି।

ଆମର ପ୍ରାଚୀନ ଗ୍ରନ୍ଥରେ ମଧ୍ୟ ନାରୀଶକ୍ତି ପ୍ରତି ସମ୍ମାନ ଓ ଆଦର ପ୍ରକଟ କରି କୁହାଯାଇଛି– 'ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତାଃ।' ଅର୍ଥାତ୍ ଯେଉଁଠି ନାରୀ ପୂଜା ପାଆନ୍ତି ସେଠି ଦେବତା ଖୁସି ହୁଅନ୍ତି। ଏହା ସତ୍ୟ ଯେ, ଯଦି ଆମେ ନିଜ ପ୍ରାଚୀନ ସାଂସ୍କୃତିକ ପରମ୍ପରାକୁ ଆଧୁନିକତା ସହିତ ଯୋଡ଼ି ଦେଶର ସମସ୍ତ ଗତିବିଧିରେ ମହିଳାମାନଙ୍କୁ ଆଗରେ ରଖିବା ତା'ହେଲେ ଆମେ ରାଷ୍ଟ୍ର ଓ ସମାଜର ପ୍ରତିଷ୍ଠାକୁ ଆଗେଇ ନେଇପାରିବା। ମହିଳା ଓ ପୁରୁଷ ଏକ ସଙ୍ଗେ ଆଗେଇଲେ ହିଁ ଦେଶ ଓ ସମାଜର ବିକାଶ ସମ୍ଭବ ହୋଇପାରିବ। ଏଥିପାଇଁ ଆମକୁ ଝିଅମାନଙ୍କୁ ଉଚ୍ଚଶିକ୍ଷା ପ୍ରଦାନ କରି ରାଷ୍ଟ୍ର ନିର୍ମାଣରେ ସମର୍ପିତ କରିବାକୁ ହେବ।

ଆମ ଦେଶରେ ମହିଳାମାନଙ୍କ ସ୍ଥିତି ବିଭିନ୍ନ ସମୟ, ବିଭିନ୍ନ ବର୍ଗ, ସମୁଦାୟ ଓ ସମୂହରେ ଭିନ୍ନ ଭିନ୍ନ ରହିଆସିଛି। ସମୟ ବଦଳିବା ସହିତ ଦେଶର ମହିଳାମାନେ ସଶକ୍ତୀକରଣ ମାଧ୍ୟମରେ ଆଗକୁ ବଢୁଛନ୍ତି ଏବଂ ଅନେକ ପ୍ରକାର ନିଷ୍ପତ୍ତି ନେବାରେ ସକ୍ଷମ ହୋଇପାରିଛନ୍ତି। ମୋ ବିଚାରରେ ମହିଳାମାନଙ୍କୁ ସଶକ୍ତ କରିବାକୁ ହେଲେ ସେମାନଙ୍କର ଦକ୍ଷତା ବିକାଶ ଅତି ଆବଶ୍ୟକ। ଜଣେ ଶିକ୍ଷିତ ଓ କୁଶଳୀ ମହିଳା ଗୋଟିଏ ପରିବାର ଓ ସମାଜକୁ ମଧ୍ୟ ଶିକ୍ଷିତ ଓ କୁଶଳୀ କରିପାରିଥାନ୍ତି। ଆମ ଦେଶର ମହିଳାମାନେ ସମ୍ପୂର୍ଣ୍ଣ ଭାବେ ଶିକ୍ଷିତ, ଦକ୍ଷ ଓ ସମୃଦ୍ଧ ନ ହେବା ପର୍ଯ୍ୟନ୍ତ ଦେଶର ଆର୍ଥିକ ସମୃଦ୍ଧି ଲକ୍ଷ୍ୟ ପୂରଣ ହୋଇପାରିବ ନାହିଁ। ଏ ଦେଶର ପ୍ରତ୍ୟେକ ଗାଁ, ସହର ଓ ନଗରରେ ଥିବା ମହିଳାମାନେ ପ୍ରଗତି ହାସଲ କଲେ ସମଗ୍ର ଦେଶ ବିକାଶ ପଥରେ ଅଗ୍ରସର ହୋଇପାରିବ।

ମହିଳା ସଶକ୍ତୀକରଣ ଲାଗି ଆମ ସରକାର ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ମହିଳାମାନଙ୍କୁ ସଶକ୍ତ ଓ ସମୃଦ୍ଧ କରିବା ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା, ବେଟୀ ବଚାଓ ବେଟୀ ପଢ଼ାଓ ଯୋଜନା, ମହିଳା ଇ–ହାଟ ଯୋଜନା, ସୁକନ୍ୟା ସମୃଦ୍ଧି ଯୋଜନା, ସଖୀ ଯୋଜନା, ଲାଡ଼ଲୀ ଯୋଜନା, ଡିଜିଟାଲ ଲାଡୋ, ପ୍ରତି ଘରେ ଶୌଚାଳୟ ଆଦି ଅନେକ ଗୁରୁତ୍ୱପୂର୍ଣ୍ଣ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଆମ ସରକାର ମହିଳାଙ୍କ ପୁଷ୍ଟିସାଧନ ପାଇଁ ମଧ୍ୟ କାମ କରୁଛନ୍ତି। ଯଦି ଆମେ ମହିଳାମାନଙ୍କୁ ପୋଷଣଯୁକ୍ତ ଓ ସଶକ୍ତ କରିବା ତା'ହେଲେ ସେମାନେ ନିଜ ଶିଶୁମାନଙ୍କ ଲାଳନପାଳନ ଠିକ୍‌ଭାବେ କରିପାରିବେ। ଦେଶର ଆଗାମୀ ପିଢ଼ି ନିର୍ମାଣରେ ଏହା ଅତ୍ୟନ୍ତ ଜରୁରୀ।

ମୁଁ ଖୁସି ଯେ ମହିଳାମାନଙ୍କୁ କୁଶଳୀ କରିବା ଲାଗି ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟ, ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଓ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ପରସ୍ପରର ସହଯୋଗୀ ଭାବେ କାର୍ଯ୍ୟ କରୁଛନ୍ତି। ସବୁ ମନ୍ତ୍ରଣାଳୟ ସମ୍ପୂର୍ଣ୍ଣ ଉତ୍ତରଦାୟିତ୍ୱର ସହ ନିଜ ନିଜ ଭୂମିକା ନିର୍ବାହ କରୁଛନ୍ତି।

ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀଭାବେ ମୋର ପ୍ରାଥମିକତା ହେଉଛି ବିଭିନ୍ନ କ୍ଷେତ୍ରରେ କୁଶଳୀ ହେବା ଲାଗି ଆଗ୍ରହୀ ଥିବା ଆମ ଦେଶର ମହିଳାମାନଙ୍କୁ ସମ୍ପୂର୍ଣ୍ଣ ପ୍ରଶିକ୍ଷଣ ଏବଂ ନିଯୁକ୍ତି ସୁଯୋଗ ଉପଲବ୍ଧ କରାଇବା। ସେମାନେ ନିଜ କୌଶଳ ମାଧ୍ୟମରେ ସ୍ୱରୋଜଗାରକ୍ଷମ ଏବଂ ଉଦ୍ୟମୀ ହୋଇ ପ୍ରଗତି ହାସଲ କରନ୍ତୁ। ଆମେ ଆମର ଏହି ଉଦ୍ଦେଶ୍ୟ ପୂରଣରେ କେତେକାଂଶରେ ସଫଳ ମଧ୍ୟ ହୋଇଛୁ।

ଆମ ମନ୍ତ୍ରଣାଳୟର ଦକ୍ଷତା ବିକାଶ କାର୍ଯ୍ୟକ୍ରମ କଥା ଆଲୋଚନା କଲେ, ପିଏମ୍‌କେଭିୱାଇ ୨.୦ ଯୋଜନା ଦ୍ୱାରା ଦେଶର ପାଖାପାଖି ୬୮.୧୨ ଲକ୍ଷ ମହିଳା ପ୍ରଶିକ୍ଷଣ ହାସଲ କରିଛନ୍ତି। ଜନଶିକ୍ଷଣ ସଂସ୍ଥାନ ଯୋଜନା ଅନ୍ତର୍ଗତ ୨୦୧୮–୨୦ ଅବଧିରେ ୪.୮ ଲକ୍ଷ ମହିଳା ପ୍ରଶିକ୍ଷଣ ଲାଭ କରିଥିବା ବେଳେ ଶିଳ୍ପ ତାଲିମ ପ୍ରତିଷ୍ଠାନ (ଆଇଟିଆଇ)ରେ ୩୮.୭୨ ଲକ୍ଷ ମହିଳା ପ୍ରଶିକ୍ଷିତ ହୋଇପାରିଛନ୍ତି। ଆମ ଦେଶର ୧୮ଟି ଜାତୀୟ ଦକ୍ଷତା ପ୍ରଶିକ୍ଷଣ ସଂସ୍ଥାନରେ ବିଶେଷକରି ମହିଳାମାନଙ୍କୁ ପ୍ରଶିକ୍ଷଣ ଦିଆଯାଉଛି।

ଆଜି ଆମ ଦେଶର ମହିଳାମାନେ ଇଲେକ୍ଟ୍ରୋନିକ୍ସ, ଫ୍ୟାଶନ ଡିଜାଇନ, ପ୍ରଯୁକ୍ତି ଓ ବ୍ୟବସାୟ ପରିଚାଳନା ଆଦି ପାଠ୍ୟକ୍ରମରେ ଶିକ୍ଷା ଲାଭ କରୁଛନ୍ତି। ସେମାନେ ମଧ୍ୟ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ଡାଟା ଆନାଲିଟିକ୍ସ, ଥ୍ରୀ–ଡି ପ୍ରିଣ୍ଟିଂ ଆଦିରେ ସକ୍ରିୟ ଭାବେ ଅଂଶଗ୍ରହଣ କରୁଛନ୍ତି। ବ୍ୟୁଟି ଆଣ୍ଡ ୱେଲ୍‌ନେସ ଓ ସ୍ୱାସ୍ଥ୍ୟସେବା ସହିତ ଇଲେକ୍ଟ୍ରୋନିକ୍ସ ଓ ହାର୍ଡୱେରରେ ମଧ୍ୟ ଦେଶର ମହିଳାମାନେ ଆଗକୁ ବଢୁଛନ୍ତି।

ରାଷ୍ଟ୍ରୀୟ ଗ୍ରାମୀଣ ଆଜୀବିକା ମିଶନ ମାଧ୍ୟମରେ ମହିଳାମାନଙ୍କ ନିଯୁକ୍ତି କୌଶଳ ଅଧିକ ସୁଦୃଢ଼ ହୋଇଛି। ପ୍ରଧାନମନ୍ତ୍ରୀ କୌଶଳ କେନ୍ଦ୍ରରେ ସ୍ୱାବଲମ୍ବୀ ଟେଲର, ବ୍ୟୁଟି ଥେରାପିଷ୍ଟ, କଷ୍ଟମର କେୟାର ଏକ୍‌ଜିକ୍ୟୁଟିଭ, ହେୟାର ଷ୍ଟାଇଲିଷ୍ଟ, ଯୋଗ ଟ୍ରେନର ପ୍ରମୁଖଙ୍କ ଲାଗି ପ୍ରଶିକ୍ଷଣ ସୁବିଧା କରାଯାଉଛି। ଆୟୁଷ୍ମାନ୍ ଭାରତ, ସ୍ୱଚ୍ଛ ଭାରତ ମିଶନ ଓ ସ୍ମାର୍ଟ ସିଟି ମିଶନରେ ମଧ୍ୟ ମହିଳାମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ସାମ୍ନାକୁ ଆସିବ। ଆମ ସରକାରଙ୍କ ସମସ୍ତ ପ୍ରୟାସ ମହିଳାମାନଙ୍କୁ ଏଭଳି ଜାତୀୟ ମିଶନରେ ଯୋଡ଼ିବାରେ ବହୁତ ବଡ଼ ଭୂମିକା ନିର୍ବାହ କରିବ।

ଏକ ନୂତନ ଭାରତ ଗଠନ, ଦ୍ରୁତ ଓ ସାମଗ୍ରିକ ବିକାଶ ଏବଂ ସାମାଜିକ ସ୍ଥିରତା ହାସଲର ଲକ୍ଷ୍ୟ ମହିଳାମାନଙ୍କ 'କୌଶଳ ବିକାଶ' ଉପରେ ଅତ୍ୟଧିକ ନିର୍ଭରଶୀଳ। ସେଥିପାଇଁ ମହିଳାଙ୍କ ସର୍ବାଙ୍ଗୀନ ବିକାଶକୁ ଆମେ ନିଜର ସଂକଳ୍ପ ଭାବେ ଗ୍ରହଣ କରି ଆଗେଇ ଚାଲିଛୁ। ଗତ କିଛିବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଆମେ ଏପରି ଯୋଜନା ପ୍ରସ୍ତୁତ କରିଛୁ, ଯାହା ଦେଶର ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ ଏବଂ ସୁରକ୍ଷିତ କରିପାରିଛି। ଆମର ଏପରି ଯୋଜନାଗୁଡ଼ିକ ଦ୍ୱାରା ମହିଳାମାନଙ୍କ ଉନ୍ନତି ହେବା ସହିତ ଦେଶର ଆର୍ଥିକ ବିକାଶ ମଧ୍ୟ ତ୍ୱରାନ୍ୱିତ ହେବ।

(ଲେଖକ କେନ୍ଦ୍ର ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ)

## ପାଠକ ଶ୍ରେଷ୍ଠ ବିଚାରକ

### ଆତ୍ମରକ୍ଷା କୌଶଳ

ମହାଶୟ,

ଦୈନନ୍ଦିନ ଝିଅବୋହୂମାନେ ଯୌନରାକ୍ଷସମାନଙ୍କ ଦ୍ୱାରା ଅତ୍ୟାଚାରିତ ହେଉଥିବା ଖବର ଲୋକଲୋଚନକୁ ଆସୁଛି। ସରକାର ଓ ନ୍ୟାୟିକ ବ୍ୟବସ୍ଥା ସେମାନଙ୍କୁ ସୁରକ୍ଷା ଦେଇପାରୁ ନାହିଁ। ତେଣୁ ଝିଅବୋହୂମାନେ ନିଜ ଇଜ୍ଜତ ରକ୍ଷା ପାଇଁ ପୂର୍ଣ୍ଣପ୍ରାଣରେ ସାହସ ଜୁଟାଇବା ଆବଶ୍ୟକ। ଆତ୍ମବଳ, ସାହସ ଓ ବୁଦ୍ଧିକୁ ପାଥେୟକରି ଆତ୍ମରକ୍ଷା କୌଶଳ ଆପଣେଇବା ଆବଶ୍ୟକ। ଈଶ୍ୱର ଝିଅମାନଙ୍କୁ ହାତ, ଦାନ୍ତ ଓ ନଖ ଇତ୍ୟାଦି ପ୍ରଦାନ କରିଛନ୍ତି। ଏହାକୁ ବିନିଯୋଗକରି ସାହସର ସହ ଯୌନରାକ୍ଷସଙ୍କ ମୁକାବିଲା କରିବା ଉଚିତ ହେବ। ଏହାସହ ଆତ୍ମରକ୍ଷା ପାଇଁ ନିଜ ନିକଟରେ ଲଙ୍କାଗୁଣ୍ଡ, କାଗଜକଟା ଛୁରୀ ପ୍ରଭୃତି ଛୋଟ ଧରଣର ମାରଣାସ୍ତ୍ର ମଧ୍ୟ ରଖିବା ଉଚିତ। ଦୁର୍ବଳ ମାନସିକତାକୁ ପରିହାର ପୂର୍ବକ ସାହସର ସହ ସେମାନଙ୍କୁ ମୁକାବିଲା କଲେ ବିପଦ ଟଳିଯିବ। ଏହି ପରିପ୍ରେକ୍ଷୀରେ ଧରିତ୍ରୀରେ ପ୍ରକାଶିତ ସୌମ୍ୟା ସାରସ୍ୱତ ପଣ୍ଡାଙ୍କ 'ଝିଅର ନଖ ଓ ଦାନ୍ତ' ପ୍ରବନ୍ଧଟି ବେଶ୍ ମାର୍ମିକ।

ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା

### ଭୋଜିଭାତରେ ମାତ୍ରାଧିକ ତେଲମସଲା

ବାହାଘର ଆଦିରେ ହେଉଥିବା ଭୋଜିରେ ବଫେ ପଦ୍ଧତିରେ ଭୋଜନ ଯେତିକି ଅସମ୍ମାନଜନକ ଏହାଠାରୁ ଅଧିକ ଯନ୍ତ୍ରଣାପୂର୍ଣ୍ଣ ପ୍ରସ୍ତୁତ ହୋଇଥିବା ଉଗ୍ର ତେଲମସଲା ଯୁକ୍ତ ଖାଦ୍ୟ ଖାଇବା। ଏହା ବାଧ୍ୟବାଧକତାରେ ଖାଇବାକୁ ପଡୁଛି। ଯେଉଁମାନଙ୍କର ଅମ୍ଳଦୋଷ ଅଛି ସେମାନେ ଭୋଜିଭାତରେ ଉଗ୍ର ତେଲମସଲାଯୁକ୍ତ ଖାଦ୍ୟ କସ୍ମିନ୍‌କାଳେ ଖାଇବା ଉଚିତ ନୁହେଁ। ମୁଖ୍ୟତଃ ଚିକେନ, ମଟନ ଓ ପନିରରେ ବେଶି ତେଲମସଲା ରହିଥାଏ। ସୁପକାରମାନେ କମ୍ ତେଲମସଲା ପକାଇ ବ୍ୟଞ୍ଜନ ପ୍ରସ୍ତୁତ କରିବା ଆବଶ୍ୟକ। ଜାଣିଶୁଣି ଲୋକମାନଙ୍କ ସ୍ୱାସ୍ଥ୍ୟ ଖରାପ କରିବା ଉଚିତ ନୁହେଁ।

ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ପଶ୍ଚିମବଙ୍ଗର ଦାର୍ଜିଲିଂ ଜିଲାରେ ୫.୮୩ କେଜି ସୁନା ବିସ୍କୁଟ ସହ ୨ ଯୁବକଙ୍କୁ ଗିରଫ କରାଯାଇଛି। ବିଧାନନଗର ଅଞ୍ଚଳରେ ବସ୍‌ରେ ଯାଉଥିବା ବେଳେ ଡିଆର୍‌ଆଇ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଜବତ ସୁନା ବିସ୍କୁଟର ବଜାର ଦାମ ୨.୫୩ କୋଟି ଟଙ୍କା ହେବ ବୋଲି କୁହାଯାଉଛି। ବାଂଲାଦେଶରୁ ଚୋରିକରି ଏଗୁଡ଼ିକୁ ଭାରତ ଆଣିଥିବା ଅଭିଯୁକ୍ତ ଦ୍ୱୟ ପୋଲିସ ନିକଟରେ ପ୍ରକାଶ କରିଛନ୍ତି।

# ସରକାରୀ ବିଏଡ୍ କଲେଜ ବନ୍ଦ ନିର୍ଦ୍ଦେଶ ପରେ ତତ୍ପରତା

■ ଟେଲିଫୋନ କରି କେନ୍ଦ୍ରମନ୍ତ୍ରୀଙ୍କ ସହ କଥା ହେଲେ ଗଣଶିକ୍ଷା ମନ୍ତ୍ରୀ

■ ଆବଶ୍ୟକ ଅଧାପକ ନ ଥିବାରୁ ବନ୍ଦ ପାଇଁ ଏନ୍‌ସିଟିଇର ନିଷ୍ପତ୍ତି

■ ୧୪୯ ଅଧାପକ ନିଯୁକ୍ତି କରିବାକୁ ଓପିଏସ୍‌ସିକୁ ଚିଠି

ଭୁବନେଶ୍ୱର,୪।୩(ବ୍ୟୁରୋ)

ରାଜ୍ୟରେ ଥିବା ୧୪ଟି ସରକାରୀ ବିଏଡ୍ କଲେଜ ବନ୍ଦ କରିବାଦେବା ଲାଗି ଏନ୍‌ସିଟିଇ (ନ୍ୟାଶନାଲ୍ କାଉନ୍‌ସିଲ ଫର୍ ଟିଚର ଏଜୁକେଶନ) କମିଟି ୨ ମାସ ତଳୁ ରାଜ୍ୟ ସରକାରଙ୍କୁ ଚିଠି ଲେଖିସାରିଛି। ଏହି ସମସ୍ତ କଲେଜ ଆସନ୍ତା ବର୍ଷରୁ ଆଉ ଖୋଲାଯିବାର ସମ୍ଭାବନା କମ୍ ଥିବାବେଳେ ସ୍କୁଲ ଓ ଗଣଶିକ୍ଷା ବିଭାଗ ଏଭଳି ସମସ୍ୟାକୁ ଏଡାଇବା ପାଇଁ ଜୋରଦାର ପ୍ରୟାସ ଆରମ୍ଭ କରିଛି। ଖୋଦ୍ ବିଭାଗୀୟ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏ ବାବଦରେ ବୁଧବାର କେନ୍ଦ୍ରମନ୍ତ୍ରୀ ରମେଶ ପୋଖରିଆଲଙ୍କ ସହ ଟେଲିଫୋନ ଯୋଗେ କଥା ହୋଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। ଆସନ୍ତା ବର୍ଷ ଅର୍ଥାତ୍ ୨୦୨୦-୨୧ ବର୍ଷଠାରୁ ଏହି ସମସ୍ତ ସରକାରୀ ବିଇଡି କଲେଜ ବନ୍ଦ ହେବାକୁ ଥିବାବେଳେ ହଠାତ୍ ଏଭଳି ନିଷ୍ପତ୍ତି ନ ନେଇ ଆଉ ଅଧିକ ବର୍ଷେ ସମୟ ଦେବାକୁ ବିଭାଗ ପକ୍ଷରୁ କେନ୍ଦ୍ରମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଛି ବୋଲି ସୂଚନା ମିଳିଛି।

ସ୍କୁଲ ଓ ଗଣଶିକ୍ଷା ବିଭାଗ ଅଧୀନରେ ବିଏଡ୍ କଲେଜଗୁଡିକ ରହିଥିବାବେଳେ ଏହାର ପାଠ୍ୟକ୍ରମ ଉଚ୍ଚଶିକ୍ଷା ବିଭାଗ ଅଧୀନ ଅଧ୍ୟାପକଙ୍କ ଦ୍ୱାରା ସମ୍ପାଦନ କରାଯାଉଛି। ପ୍ରଥମରୁ ଉଚ୍ଚଶିକ୍ଷା ବିଭାଗ ଅଧ୍ୟାପକମାନେ ଏହି କଲେଜଗୁଡିକରେ ନିଯୁକ୍ତି ପାଇ ପାଠ ପଢାଉଛନ୍ତି। ଧୀରେ ଧୀରେ ସେମାନଙ୍କ ମଧ୍ୟରୁ ବହୁ ଅଧ୍ୟାପକ ଅବସର ନେଇସାରିଛନ୍ତି। ସେହି ଅନୁଯାୟୀ ଉକ୍ତ କଲେଜଗୁଡିକର ଅଧ୍ୟାପକଙ୍କ ସଂଖ୍ୟା ବହୁ ମାତ୍ରାରେ ହ୍ରାସ ପାଇଛି। ବିଇଡି କଲେଜଗୁଡିକରେ ମୋଟ ୩୧୭ଜଣ ଅଧ୍ୟାପକ ରହିବାକୁ ଥିବାବେଳେ ଏହି ସଂଖ୍ୟା ହ୍ରାସ ପାଇ ବର୍ତ୍ତମାନ ୧୧୨ରେ ପହଞ୍ଚିଛି। ଯେଉଁଥିଲାଗି କଲେଜଗୁଡିକରେ ପାଠପଢା ବ୍ୟାଘାତ ହେଉଛି। ଅନ୍ୟପଟେ ଉକ୍ତ ୧୧୨ ଜଣ ଅଧ୍ୟାପକଙ୍କ ମଧ୍ୟରୁ ୪୪ଜଣ ଅନୁଦାନପ୍ରାପ୍ତ ସ୍ଥାୟୀ କର୍ମଚାରୀ ହୋଇଥିବା ବେଳେ ବାକି ୬୮ଜଣ ଅତିଥି ଅଧ୍ୟାପକ ରହିଛନ୍ତି। ଉଚ୍ଚଶିକ୍ଷା ବିଭାଗରେ ବହୁ ଅଧ୍ୟାପକ ପଦବୀ ଖାଲି ପଡ଼ିଥିବା ଯୋଗୁ ଏହି ସରକାରୀ ବିଇଡି କଲେଜଗୁଡିକ ପାଇଁ ଅଧ୍ୟାପକ ଦେବାକୁ ବିଭାଗ ରାଜି ହେଉନାହିଁ। ଯେଉଁଥିପାଇଁ ଅଧ୍ୟାପକ ନିଯୁକ୍ତିରେ ସମସ୍ୟା ସୃଷ୍ଟି ହୋଇଥିବା ଜଣାପଡିଛି। ତେଣୁ ଅଧ୍ୟାପକ ସଂଖ୍ୟା ଅତି କମ୍ ଥିବା ଯୋଗୁ ଏବଂ ସ୍ଥାୟୀ ନିଯୁକ୍ତିପ୍ରାପ୍ତ ଅଧ୍ୟାପକ ନ ଥିବାରୁ ଏନ୍‌ସିଟିଇ ବୈଠକରେ ସବୁ ବିଇଡି କଲେଜଗୁଡିକୁ ଆସନ୍ତା ବର୍ଷ ସୁଦ୍ଧା ବନ୍ଦ କରିଦେବା ପାଇଁ ନିଷ୍ପତ୍ତି ହୋଇଛି।

ଏନ୍‌ସିଟିଇର ଏଭଳି ନିଷ୍ପତ୍ତି ପରେ ସ୍କୁଲ ଓ ଗଣଶିକ୍ଷା ବିଭାଗ ନିଦ ଭାଙ୍ଗିଛି। କିପରି ବିଏଡ୍ କଲେଜ ବନ୍ଦ ନ ହେବ ସେଥିପାଇଁ ପ୍ରୟାସ ଆରମ୍ଭ କରିଛି। ଓପିଏସ୍‌ସିକୁ ଯଥାଶୀଘ୍ର ସେକ୍ସନ-୧୨ ଅନୁଯାୟୀ ୧୪୯ଜଣ ଅଧ୍ୟାପକଙ୍କୁ ନିଯୁକ୍ତି ଦେବାକୁ ଚିଠି ଲେଖାଯାଇଛି। ଏହି ଚିଠି ଓପିଏସ୍‌ସିକୁ ଦିଆଯିବା ପରେ କେନ୍ଦ୍ରମନ୍ତ୍ରୀ ପୋଖରିଆଲଙ୍କୁ ରାଜ୍ୟ ଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ ଟେଲିଫୋନ କରି ଘଟଣା ସମ୍ପର୍କରେ ଜଣାଇବା ସହିତ ଆସନ୍ତା ବର୍ଷ ବନ୍ଦ ନ କରି ୧୪ ବିଇଡି କଲେଜକୁ ଖୋଲିବାର ଅନୁମତି ଦିଅନ୍ତୁ ବୋଲି ଅନୁରୋଧ କରିଛନ୍ତି। ମନ୍ତ୍ରୀଙ୍କ ଅନୁରୋଧକୁ ରଖିବା ପାଇଁ କେନ୍ଦ୍ରମନ୍ତ୍ରୀ ରାଜି ହୋଇଥିବା ଜଣାପଡିଛି।

ବିଏଡ୍ କରୁଥିବା ଛାତ୍ରୀଛାତ୍ରମାନେ ଦୁଇ ବର୍ଷର ପାଠ୍ୟକ୍ରମ ପଢୁଥିବା ବେଳେ ବର୍ତ୍ତମାନ ୨୦୧୯-୨୦ ଶିକ୍ଷାବର୍ଷରେ ନାମ ଲେଖାଇ ପାଠ ପଢୁଛନ୍ତି। ଯଦି ଚଳିତ ବର୍ଷରୁ ସରକାରୀ ବିଏଡ୍ କଲେଜଗୁଡିକୁ ବନ୍ଦ କରିଦିଆଯାଏ ତେବେ ୨ହଜାର ପିଲା ବିଇଡି ପାଠ୍ୟକ୍ରମରେ ନାମ ଲେଖାଇବାରୁ ବଞ୍ଚିତ ହେବେ। ଓଡିଶାରେ ବେସରକାରୀ ବିଏଡ୍ କଲେଜ ନ ଥିବାବେଳେ ଅଧିକାଂଶ ସମୟରେ ସରକାରୀ କଲେଜରେ ନାମ ଲେଖାଇବାକୁ ସକ୍ଷମ ହୋଇପାରୁ ନ ଥିବା ଛାତ୍ରୀଛାତ୍ରମାନେ ବାହାର ରାଜ୍ୟରୁ ପାଠପଢି ସାର୍ଟିଫିକେଟ ଆଣି ଏଠାରେ ଶିକ୍ଷକ ଭାବେ ନିଯୁକ୍ତି ପାଉଛନ୍ତି। ତେଣୁ ରାଜ୍ୟରେ ବେସରକାରୀ ବିଏଡ୍ କଲେଜ ଖୋଲିବା ଉପରେ ଗୁରୁତ୍ୱ ଦେବାକୁ ବୁଦ୍ଧିଜୀବୀମାନେ ମତ ରଖିଛନ୍ତି। ଅନ୍ୟପଟେ ବେସରକାରୀ ବିଏଡ୍ କଲେଜ ନ ଥିବାବେଳେ ରାଜ୍ୟରେ ୧୪ ସରକାରୀ ବିଏଡ୍ କଲେଜ ବନ୍ଦ ହେଲେ ପିଲାମାନେ କେବଳ ବିଶ୍ୱବିଦ୍ୟାଳୟ ଉପରେ ନିର୍ଭର କରିବାକୁ ବାଧ୍ୟ ହେବେ, ଯଦ୍ୱାରା ଅନେକ ପିଲା ଚଳିତ ବର୍ଷ ବିଏଡ୍ ପଢାରୁ ବାଦ୍ ପଡିବେ ଏବଂ ବାହାର ରାଜ୍ୟକୁ ଯିବାକୁ ବାଧ୍ୟ ହୋଇପାରନ୍ତି ବୋଲି ଶିକ୍ଷାବିତ୍‌ମାନେ କହିଛନ୍ତି।

## ଏଟିଏମ୍ କ୍ୟାଶ୍ ଟ୍ରେ ରେ ନାଗସାପ



କ୍ୟାଶ୍ ଟ୍ରେ ଭିତରେ ପଶି ରହିଥିବା ନାଗସାପ।

ଝାରସୁଗୁଡ଼ା ଅଫିସ, ୪।୩

ଝାରସୁଗୁଡ଼ା ଜିଲା ବ୍ରଜରାଜନଗରରେ ଥିବା ଗୋଟିଏ ଏଟିଏମ୍‌ରେ ବୁଧବାର ସକାଳେ ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଥିଲା। ସହରର ତାରିଣୀ ମନ୍ଦିର ଛକସ୍ଥିତ ଏଟିଏମ୍‌ର କ୍ୟାଶ୍ ଟ୍ରେ ଭିତରକୁ ଏକ ନାଗ ସାପ ପଶିଯାଇଥିଲା। ଏଟିଏମ୍‌କୁ ଟଙ୍କା ଭର୍ତ୍ତି କରିବାକୁ ଆସିଥିବା ଟିମ୍‌ର ନଜରରେ ପ୍ରଥମେ ଏହା ପଡିଥିଲା। ନିୟମ ଅନୁସାରେ ସେମାନେ କାଉଣ୍ଟରକୁ ଭିତର ପଟୁ ଲକ୍ କରି ମେଶିନ ଖୋଲିଥିଲେ। ଏହାପରେ ଟଙ୍କା ଭର୍ତ୍ତି କରିବା ପାଇଁ ବାହାରି ଥିଲେ। ହେଲେ ମେଶିନ ଭିତରେ ଥିବା କ୍ୟାଶ୍ ଟ୍ରେରେ ଏକ ନାଗ ସାପ ପଶି ରହିଥିବା ଦେଖି ଭୟଭୀତ ହୋଇ ପଡିଥିଲେ। ଏହା ସେମାନଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ତୁରନ୍ତ ସେମାନେ ମେଶିନକୁ ବନ୍ଦ କରିଦେଇ ଉପରିସ୍ଥ ଅଧିକାରୀଙ୍କୁ ଏ ସମ୍ପର୍କରେ ଜଣାଇ ଥିଲେ। ଏହାପରେ ସାପ ଉଦ୍ଧାରକାରୀ ଦଳକୁ ଖବର ଦିଆଯାଇଥିଲା। ସାପ ଉଦ୍ଧାରକାରୀ ଦଳ ପହଞ୍ଚି ମେଶିନ ଭିତରୁ ନାଗସାପକୁ ଖୁବ୍ ସତର୍କତାର ସହ ଉଦ୍ଧାର କରି ନିକଟସ୍ଥ ଜଙ୍ଗଲରେ ଛାଡିବାକୁ ନେଇ ଯାଇଥିଲେ। ଏହାପରେ ଟଙ୍କା ଭର୍ତ୍ତି କରିବାକୁ ଆସିଥିବା ଟିମ୍ ଆଶ୍ୱସ୍ତି ହୋଇଥିଲେ। ଶେଷରେ ସେମାନେ ଏଟିଏମ୍‌ରେ ଟଙ୍କା ଭର୍ତ୍ତି କରିଥିଲେ। ଏଟିଏମ୍‌ରୁ ସାପ ବାହାରିବା ଖବର ପ୍ରଚାରିତ ହେବା ପରେ ସେଠାରେ ଗଣମାଧ୍ୟମ ପ୍ରତିନିଧି ଓ ଲୋକମାନଙ୍କ ଭିଡ ଜମିଥିଲା।

# କରୋନା ମୁକାବିଲା ପାଇଁ କସରତ

**ବସିଲା ବୈଠକ, ସ୍ଥିତି ସମୀକ୍ଷା କଲେ ସଚିବ**

■ ରାଜ୍ୟରେ ଲାବ୍ ବ୍ୟବସ୍ଥା ପାଇଁ କେନ୍ଦ୍ରକୁ ଲେଖାଯିବ ଚିଠି

■ ହୋମ୍ ଆଇସୋଲେଶନରେ ରାଜ୍ୟର ୧୧୫

■ ସ୍କୁଲ ବନ୍ଦ ହେବାର ସମ୍ଭାବନା ନାହିଁ

**ଭୁବନେଶ୍ୱର, ୪।୩(ବ୍ୟୁରୋ):** ମାରାତ୍ମକ କରୋନା ଭୂତାଣୁ ଦିନକୁ ଦିନ କାୟା ମେଲିଚାଲିଛି। ଭାରତରେ ଇତିମଧ୍ୟରେ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ଚାଲିଥିବାବେଳେ ଓଡ଼ିଶାରେ ସନ୍ଦିଗ୍ଧଙ୍କୁ ନେଇ ଆତଙ୍କ ଖେଳିଯାଇଛି। ତେବେ ରାଜ୍ୟ ସରକାର ଆଗୁଆ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବା ସହ ମୁକାବିଲା ପାଇଁ କସରତ ଜାରି ରଖିଛନ୍ତି। ରାଜ୍ୟର ପ୍ରମୁଖ ହସ୍ପିଟାଲରେ ଆଇସୋଲେଶନ ୱାର୍ଡ ଖୋଲାଯିବା ସହ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ଓ ଆବଶ୍ୟକ ଔଷଧ ମହଜୁଦ୍ କରି ରଖାଯାଇଛି। ରାଜ୍ୟର ବିଭିନ୍ନ ପ୍ରବେଶପଥରେ ଯାଞ୍ଚ କଡାକଡି କରାଯିବାକୁ ନିର୍ଦ୍ଦେଶ ରହିଥିବାବେଳେ ସନ୍ଦିଗ୍ଧଙ୍କ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ବୁଧବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପ୍ରମୁଖ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ବୈଠକ ଡାକି କରୋନା ସ୍ଥିତିର ସମୀକ୍ଷା କରିଛନ୍ତି। ସେ କହିଛନ୍ତି, ରାଜ୍ୟରେ କରୋନା ପାଇଁ ଆବଶ୍ୟକ ପରୀକ୍ଷାନିରୀକ୍ଷା ଲାଗି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଚିଠି ଲେଖାଯିବ। କଟକ ଏସ୍‌ସିବି ଓ ଆର୍‌ଏମ୍‌ଆର୍‌ସିରେ ରକ୍ତ ପରୀକ୍ଷା ବ୍ୟବସ୍ଥା ପାଇଁ ପ୍ରସ୍ତାବ ରହିବ। ବୈଠକରେ ଡିଏମ୍‌ଇଟି ସିବିକେ ମହାନ୍ତିଙ୍କ ସହ ବରିଷ୍ଠ ଅଧିକାରୀମାନେ ଯୋଗଦେଇ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଛନ୍ତି।

ମିଳିଥିବା ସୂଚନାନୁସାରେ, କରୋନାକୁ ନେଇ ରାଜ୍ୟ ସରକାର ସଚେତନ ଅଛନ୍ତି। ଏ ସଂକ୍ରାନ୍ତରେ ଲୋକଙ୍କୁ ସଚେତନତା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ଆଗାମୀ ଦିନରେ ଭିଡିଓ କ୍ଲିପିଂ ଜରିଆରେ ଲୋକଙ୍କୁ ସଚେତନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଏପର୍ଯ୍ୟନ୍ତ ରାଜ୍ୟରେ ୧୧୫ଜଣଙ୍କୁ ହୋମ୍ ଆଇସୋଲେଶନରେ ରଖାଯାଇଛି। ଏଥିସହ ପାରାଦୀପରୁ ଆସିଥିବା ଦମ୍ପତିଙ୍କ ନମୁନା ପରୀକ୍ଷା ପାଇଁ ପଠାଯାଇଛି। କରୋନା ଆକ୍ରାନ୍ତଙ୍କ ଚିକିତ୍ସା ପାଇଁ କଟକ ଏସ୍‌ସିବିରେ ସ୍ୱତନ୍ତ୍ର ୱାର୍ଡ କରାଯାଇଛି। ଏହି ୱାର୍ଡରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏଠାକୁ ଆସୁଥିବା ସନ୍ଦିଗ୍ଧମାନେ ଯେପରି ଅନ୍ୟମାନଙ୍କ ସହ ନ ମିଶିବେ ସେଥିପ୍ରତି ନଜର ରଖାଯାଉଛି। ଏଥିସହ ଅନ୍ୟ ରୋଗୀମାନେ ମଧ୍ୟ ସେମାନଙ୍କ ସହ ଯେପରି ନ ମିଶି ପାରିବେ ସେ ନେଇ ଧ୍ୟାନ ଦିଆଯାଉଛି। ସେପଟେ ରାଜ୍ୟରେ କୌଣସି ସ୍ଥାନରେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇ ନ ଥିବାରୁ ଏବେ ରାଜ୍ୟରେ ସ୍କୁଲ ବନ୍ଦ ହେବାର ସମ୍ଭାବନା ନାହିଁ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ଦାଶ କହିଛନ୍ତି।

## ରାଜ୍ୟ ସରକାରଙ୍କ ପକ୍ଷରୁ ଆଡ୍‌ଭାଇଜରି ଜାରି

କରୋନାକୁ ନେଇ ସବୁଠି ଲୋକଙ୍କ ମନରେ ଆତଙ୍କ ଖେଳିଯାଇଛି। ଏପରି ପରିସ୍ଥିତିରେ ସମ୍ଭାବ୍ୟ ସଂକ୍ରମଣକୁ ନଜରରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ଆଡ୍‌ଭାଇଜରି ଜାରି ହୋଇଛି। କାର୍ଯ୍ୟକ୍ଷେତ୍ରରେ କ'ଣ ସତର୍କତା ଅବଲମ୍ବନ କରିବେ ସେ ନେଇ ପରାମର୍ଶ ଦିଆଯାଇଛି। ଏଥିରେ କୁହାଯାଇଛି, କାର୍ଯ୍ୟକ୍ଷେତ୍ରକୁ ସ୍ୱଚ୍ଛ ଓ ପରିଷ୍କାର ରଖିବା ସହିତ ଡେସ୍କ, ଟେବୁଲ, ଟେଲିଫୋନ, କମ୍ପ୍ୟୁଟର କି ବୋର୍ଡଗୁଡ଼ିକୁ ନିୟମିତ ସଫା କରନ୍ତୁ। ହାତକୁ ବାରମ୍ବାର ଭଲଭାବେ ଧୁଅନ୍ତୁ। ୱାଶ୍ ବେସିନ ନିକଟରେ ସାବୁନ, ସାନିଟାଇଜର ରଖନ୍ତୁ। ହାତ କିପରି ଧୋଇବେ ସେ ନେଇ କର୍ମଚାରୀଙ୍କୁ ପୋଷ୍ଟର ମାଧ୍ୟମରେ ଜଣାନ୍ତୁ। କାର୍ଯ୍ୟକ୍ଷେତ୍ରରେ ଟିସୁ ପେପର, ମାସ୍କ ଓ ବନ୍ଦ ଥିବା ଡଷ୍ଟବିନ୍ ରଖନ୍ତୁ। ଯଦି କୌଣସି କର୍ମଚାରୀଙ୍କଠାରେ ଥଣ୍ଡା କିମ୍ବା ଜ୍ୱରର ଲକ୍ଷଣ ଦେଖାଯାଉଛି ତେବେ ସେମାନଙ୍କୁ ଘରେ ଏକୁଟିଆ ରହି ଚିକିତ୍ସା କରିବାକୁ କୁହାଯାଇଛି। କର୍ମଚାରୀଙ୍କଠାରୁ ସର୍ବନିମ୍ନ ଏକ ମିଟର ଦୂରତାରେ ରୁହନ୍ତୁ। ପରସ୍ପର ସହ ହାତ ମିଳାନ୍ତୁ ନାହିଁ। ଅତି ଆବଶ୍ୟକ ନ ଥିଲେ ଜନଗହଳି ସ୍ଥାନ, ମଲ୍, ମାର୍କେଟ, ଷ୍ଟେଶନ, ବସ୍‌ଷ୍ଟାଣ୍ଡକୁ ଯିବା ପାଇଁ ବାରଣ କରାଯାଇଛି। ଥଣ୍ଡା, କାଶ, ଜ୍ୱରରେ ପୀଡିତ ଥିବା କର୍ମଚାରୀଙ୍କଠାରୁ ଦୂରରେ ରୁହନ୍ତୁ। ଜରୁରୀ ଆବଶ୍ୟକ ନ ଥିଲେ କରୋନା ସଂକ୍ରମିତ ହୋଇଥିବା ଦେଶଗୁଡ଼ିକୁ କର୍ମଚାରୀମାନଙ୍କୁ ପଠାନ୍ତୁ ନାହିଁ ବୋଲି ପରାମର୍ଶ ଦିଆଯାଇଛି।

## ଭିମ୍‌ସାରରେ ସ୍ୱାଇନଫ୍ଲୁ ରୋଗୀ

ସମ୍ବଲପୁର,୪।୩(ବ୍ୟୁରୋ)

ସମ୍ବଲପୁର ଜିଲା ବୁର୍ଲା ଭିମ୍‌ସାରରେ ସୁନ୍ଦରଗଡ଼ର ଜଣେ ସ୍ୱାଇନଫ୍ଲୁ ରୋଗୀ ଚିକିତ୍ସିତ ହେଉଛନ୍ତି। ତାଙ୍କୁ ସ୍ୱତନ୍ତ୍ର ବିଭାଗରେ ଚିକିତ୍ସା କରାଯାଉଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆସିଛି। ତାଙ୍କୁ ଚିକିତ୍ସା କରୁଥିବା ଡାକ୍ତର ସୁଦର୍ଶନ ପୋଥାଳ କହିଛନ୍ତି ଯେ, ସ୍ୱାଇନଫ୍ଲୁ ପାଇଁ ପ୍ରତିଷେଧକ (ଭ୍ୟାକସିନ) ରହିଛି। ଭୟ କରିବାର ନାହିଁ। ରୋଗୀଙ୍କୁ ଠିକ୍ ଭାବେ ଚିକିତ୍ସା କରା ଯାଉଛି। ଆଉ ୩/୪ ଦିନ ଭିତରେ ତାଙ୍କୁ ଡିସଚାର୍ଜ କରାଯିବ। ତାଙ୍କ ରକ୍ତ ଓ ସ୍ୱାବ୍‌ର ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠା ଯାଇଥିଲା। ରିପୋର୍ଟରେ ନେଗେଟିଭ ବାହାରିଥିଲାବେଳେ ସ୍ୱାଇନଫ୍ଲୁ ପଜିଟିଭ ଥିଲା।

## ଉତ୍କଳ ବିଶ୍ୱବିଦ୍ୟାଳୟରେ ୫-ଟି ପ୍ରସ୍ତୁତି ବୈଠକ

**ଭୁବନେଶ୍ୱର, ୪।୩(ବ୍ୟୁରୋ):** 'ମୋ ସରକାର'ରେ ସାମିଲ ହେବ ଉଚ୍ଚ ଶିକ୍ଷା ବିଭାଗ। ରାଜ୍ୟ ସରକାରଙ୍କ ୫-ଟି କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ଏହି ଯୋଜନାର ସଫଳ ରୂପାୟନ ନିମନ୍ତେ ବୁଧବାର ଉତ୍କଳ ବିଶ୍ୱବିଦ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସୌମେନ୍ଦ୍ର ମୋହନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏମ୍‌କେସିଜି ଅଡିଟୋରିୟମଠାରେ ଅନୁଷ୍ଠିତ ଏହି ବୈଠକରେ କୁଳସଚିବ ଦୟାନିଧି ନାୟକ ବିଶ୍ୱବିଦ୍ୟାଳୟର ପ୍ରଶାସନିକ ବ୍ୟବସ୍ଥାରେ ସ୍ୱଚ୍ଛତା ଆଣିବାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ। ପରୀକ୍ଷା ନିୟନ୍ତ୍ରକ ଶରତ କୁମାର ମାଝି ପରୀକ୍ଷା ବ୍ୟବସ୍ଥାରେ ସୁଧାର ଏବଂ ସ୍ୱଚ୍ଛତା ଆଣିବା ଦିଗରେ ବିଶ୍ୱବିଦ୍ୟାଳୟ ପ୍ରଯତ୍ନଶୀଳ ରହିବା ନିତାନ୍ତ ଆବଶ୍ୟକ ବୋଲି କହିଥିଲେ। ବୈଠକରେ ଅର୍ଥ ନିୟନ୍ତ୍ରକ ସୁରେନ୍ଦ୍ର କୁମାର ସାହୁ ଉପସ୍ଥିତ ଥିଲେ। ଏଥିରେ ପ୍ରାୟ ୫୦୦ ଶିକ୍ଷକ ଏବଂ ଅଣଶିକ୍ଷକ କର୍ମଚାରୀ ଯୋଗଦେଇଥିଲେ।

## ବେଲଜିୟମ ନାଗରିକଙ୍କୁ ନେଇ ଆତଙ୍କ

**ଅନୁଗୋଳ ଅଫିସ୍, ୪।୩:** କୌଣସି କାର୍ଯ୍ୟରେ ଅନୁଗୋଳ ଆସିଥିବା ଜଣେ ବେଲଜିୟମ ନାଗରିକଙ୍କୁ ନେଇ ବୁଧବାର ସନ୍ଧ୍ୟାରେ ଅନୁଗୋଳ ସହରରେ ଭୟର ବାତାବରଣ ଖେଳିଯାଇଥିଲା। କାଳେ ସମ୍ପୃକ୍ତ ବିଦେଶୀ ନାଗରିକ କରୋନାରେ ଆକ୍ରାନ୍ତ ହୋଇଥିବେ ସେହି ଆଶଙ୍କାରେ ଅନେକ ଆତଙ୍କିତ ହୋଇପଡ଼ିଥିଲେ। ଏ ନେଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଖବର ପହଞ୍ଚିବା ପରେ କର୍ତ୍ତୃପକ୍ଷ ମଧ୍ୟ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ତୁରନ୍ତ ମେଡିକାଲରୁ ଡିପିଏଚ୍‌ଓ ଡାକ୍ତର ଅନିଲ ପଟ୍ଟନାୟକ, ଏପିଡେମିଓଲୋଜିଷ୍ଟ ଡାକ୍ତର ବିନୋଦ ସାହୁ ଓ ମାଇକ୍ରୋ ବାୟୋଲୋଜିଷ୍ଟ ଡାକ୍ତର ଏସ୍.ଏସ୍. ତ୍ରିପାଠୀ ବେଲଜିୟମ ନାଗରିକ ରହୁଥିବା ହୋଟେଲରେ ପହଞ୍ଚି ତାଙ୍କ ସ୍ୱାସ୍ଥ୍ୟବସ୍ଥା ଯାଞ୍ଚ କରିଥିଲେ। ହେଲେ ତାଙ୍କ ନିକଟରେ ସେପରି କୌଣସି ଲକ୍ଷଣ ଦେଖାଯାଉ ନ ଥିବାରୁ ରକ୍ତ ନମୁନା ସଂଗ୍ରହ କରାଯାଇ ନ ଥିବା ଭାରପ୍ରାପ୍ତ ସିଡିଏମ୍‌ଓ ପ୍ରତାପ ବେହେରା ସୂଚନା ଦେଇଛନ୍ତି।

# ପୁଣେ ପଠାଗଲା ରକ୍ତ, ସ୍ୱାବ୍ ନମୁନା

**ଏସ୍‌ସିବିରେ ସନ୍ଦିଗ୍ଧ କରୋନା ଦମ୍ପତି**

**କଟକ ଅଫିସ, ୪।୩:** ଚାଇନାରୁ ସିଙ୍ଗାପୁର ହୋଇ ଜାହାଜରେ ପାରାଦୀପ ଆସିଥିବା ଏକ ଦମ୍ପତି କରୋନା ଭୂତାଣୁରେ ଆକ୍ରାନ୍ତ ହୋଇଥିବା ସନ୍ଦେହରେ କଟକସ୍ଥ ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ସେମାନଙ୍କୁ ସ୍ୱତନ୍ତ୍ର କରୋନା ଭୂତାଣୁ ୱାର୍ଡରେ ରଖାଯାଇଛି। ବୁଧବାର ଉଭୟଙ୍କ ରକ୍ତ ଏବଂ ସ୍ୱାବ୍ ନମୁନା ପରୀକ୍ଷା ପାଇଁ ପୁଣେସ୍ଥିତ ନ୍ୟାଶନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭାଇରୋଲୋଜି (ଏନ୍‌ଆଇଭି)କୁ ପଠାଯାଇଛି। ସେଠାରୁ ପରୀକ୍ଷା ରିପୋର୍ଟ ଆସିବା ପରେ ଏହି ଦମ୍ପତି କରୋନା ଭୂତାଣୁରେ ଆକ୍ରାନ୍ତ ହୋଇଛନ୍ତି କି ନାହିଁ, ତାହା ସ୍ପଷ୍ଟ ହେବ।

ଏମ୍.ଟି. କେମ୍‌ଷ୍ଟର୍ ଷ୍ଟେଲାର୍ ନାମକ ଏକ ଜାହାଜ ଚାଇନାରୁ ସିଙ୍ଗାପୁର ହୋଇ ଗତ ୧ ତାରିଖରେ ପାରାଦୀପ ବନ୍ଦରଠାରୁ ୬କିମି ଦୂର ଆଙ୍କରେଜ୍ ଅଞ୍ଚଳରେ ଲାଗିଥିଲା। ୨୪ଜଣ କ୍ରିଉ ସଦସ୍ୟଙ୍କ ମଧ୍ୟରୁ ଏହି ଦମ୍ପତି ଥଣ୍ଡା ଜ୍ୱରରେ ଆକ୍ରାନ୍ତ ହୋଇଥିଲେ। ସୋମବାର ଜାହାଜର କ୍ୟାପଟେନ୍ ଏ ନେଇ ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କୁ ସୂଚନା ଦେଇଥିଲେ। ମଙ୍ଗଳବାର ବନ୍ଦର ହେଲ୍‌ଥ ୟୁନିଟ୍‌ର ଏକ ଟିମ୍ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଜ୍ୱର ଏବଂ କାଶ ଯୋଗୁ କରୋନା ଭୂତାଣୁରେ ଆକ୍ରାନ୍ତ ହୋଇଥିବା ସନ୍ଦେହରେ କଟକ ଏସ୍‌ସିବିରେ ଭର୍ତ୍ତି କରାଯାଇଛି। ଏହି ଦମ୍ପତିଙ୍କ ଘର ଉତ୍ତରପ୍ରଦେଶର କାନପୁରରେ ବୋଲି ଜଣାପଡ଼ିଛି।

## ଭିମ୍‌ସାରରେ ପୁଣି କରୋନା ସନ୍ଦିଗ୍ଧ

**ସମ୍ବଲପୁର୪।୩(ବ୍ୟୁରୋ):** ସମ୍ବଲପୁର ଜିଲା ବୁର୍ଲା ବୀର ସରେନ୍ଦ୍ର ସାଏ ଇନଷ୍ଟିଚ୍ୟୁଟ୍ ଅଫ ମେଡିକାଲ ସାଇନ୍ସ ଆଣ୍ଡ ରିସର୍ଚ୍ଚ (ଭିମ୍‌ସାର)ରେ ପୁଣି ଜଣେ କରୋନା ସନ୍ଦିଗ୍ଧ ଭର୍ତ୍ତି ହୋଇଛନ୍ତି। ସେ ସୋନପୁର ଜିଲା ବିନିକା ଅଞ୍ଚଳର ବୋଲି ଜଣାପଡିଛି। ୩୩ ବର୍ଷ ବୟସ୍କ ଏହି ଯୁବକ ଜଣକ ନିକଟରେ ଦୁବାଇରୁ ଫେରିଛନ୍ତି। ଦିଲ୍ଲୀ ବିମାନ ବନ୍ଦରରେ ସେ ଓହ୍ଲାଇବା ପରେ କରୋନା ଭାଇରସ ନେଇ ପରୀକ୍ଷା କରାଯାଇଥିଲା। ହେଲେ ରିପୋର୍ଟ ନେଗେଟିଭ ବାହାରିଥିଲା। ଘରେ ପହଞ୍ଚିବା ପରେ କିନ୍ତୁ ସେ ଜ୍ୱର ଓ କାଶରେ ଆକ୍ରାନ୍ତ ହୋଇଥିଲେ। ଏଣୁ ପରିବାର ଲୋକେ ସ୍ଥାନୀୟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଇଥିଲେ। ହେଲେ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ପରିବର୍ତ୍ତନ ନ ହେବାରୁ ଏବେ ବୁର୍ଲା ଭିମସାରରେ ଭର୍ତ୍ତି କରାଯାଇଛି। ଏଠାରେ ତାଙ୍କୁ ସ୍ୱତନ୍ତ୍ର ଆଇସୋଲେଶନ ୱାର୍ଡରେ ଭର୍ତ୍ତି କରାଯାଇଛି। ତାଙ୍କ ରକ୍ତ ଓ ସ୍ୱାବ ନମୁନା ସଂଗ୍ରହ କରି ଭୁବନେଶ୍ୱର ଆରଏମ୍‌ଆରସିକୁ ପଠାଯାଇଛି। ରିପୋର୍ଟ ଆସିଲା ପରେ ଯାହା ଜଣାପଡିବ ବୋଲି ତାଙ୍କୁ ଚିକିତ୍ସା କରୁଥିବା ଡାକ୍ତର କହିଛନ୍ତି।

**ପୂର୍ବ ତଟ ରେଳପଥ**

**ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ST-OT-AMC-PRDP-WORKS-186, ତା.27.02.2020ରିଖ

**କାର୍ଯ୍ୟର ନାମ:** ଡିପୋଜିଟ୍ ସ୍କିମ୍ ଅଧୀନସ୍ଥ ପିପିଏଲ୍ ଲେଭେଲ କ୍ରସିଙ୍ଗ ଫାଟକ ନଂ.CP-55 ସ୍ଥିତ କି.ମି.491/17-19 ଠାରୁ କି.ମି.494/33 ରୁ ଅଠରବାଙ୍କୀ ଫ୍ଲାଇ ଓଭର ବ୍ରିଜ୍ ପର୍ଯ୍ୟନ୍ତ ପାରାଦ୍ୱୀପ ପୋର୍ଟ ଏକ୍ସଚେଞ୍ଜ ୟାର୍ଡ଼ ଠାରେ ବିବିଧ କାର୍ଯ୍ୟ ଏବଂ ପାରାଦ୍ୱୀପ ପୋର୍ଟ ଟ୍ରଷ୍ଟ (PPT) ସାଇଡିଙ୍ଗ୍‌ର ରକ୍ଷଣାବେକ୍ଷଣ ନିମନ୍ତେ ତିନି ବର୍ଷ ସମୟାବଧି ପାଇଁ ପ୍ରସ୍ତାବିତ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି (AMC) (ଯୋଗାଣ ଏବଂ ସମ୍ପାଦନ ଅଂଶ)।

**ଟେଣ୍ଡର ମୂଲ୍ୟ(ଟଙ୍କାରେ):** 64,54,721.02, EMD (ଟଙ୍କାରେ): 1,29,100/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 5,900/- (18% GST ସହିତ)।

ବିଡ୍ ଆରମ୍ଭ ହେବା ତାରିଖ: ତା.06.03.2020 ରିଖ, **ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.20.03.2020 ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର)/ ଖୋର୍ଦ୍ଧା ରୋଡ୍

PR-752/K/19-20







# ଦାନ୍ତ ପାଇଁ ଦନ୍ତା ଶିକାର

**ମେଟାଲ ଡିଟେକ୍ଟର ଦ୍ୱାରା ହାତୀ ଦେହରେ ରହିଥିବା ୨ ଗୁଳି ଠାବ**

**ସମ୍ବଲପୁର,୪।୩(ବ୍ୟୁରୋ):** ସମ୍ବଲପୁର ବନଖଣ୍ଡର ସଦର ରେଞ୍ଜ ଅଧୀନ ଇଚ୍ଛାପାଳ ଗାଁ ନିକଟରୁ ବୁଧବାର ଏକ ଦନ୍ତା ହାତୀର ମୃତଦେହ ଉଦ୍ଧାର ହୋଇଛି। ଗ୍ରାମବାସୀଙ୍କଠାରୁ ସୂଚନା ପାଇ ବନ ବିଭାଗ ଅଧିକାରୀ ଓ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ହାତୀର ବୟସ ପ୍ରାୟ ୧୨ ବର୍ଷ ହେବ। ଦାନ୍ତ ପାଇଁ ହିଁ ଏହି ଦନ୍ତା ହାତୀଟିକୁ ଶିକାର କରାଯାଇଥିବା ବନ ବିଭାଗ କହିଛି। ଝୁମ୍ପୁମୁରା ପ୍ରାଣୀଧନ କେନ୍ଦ୍ରର ଡାକ୍ତର ସତ୍ୟଜିତ୍ ପଣ୍ଡାଙ୍କ ନେତୃତ୍ୱରେ ସେଠାରେ ଦନ୍ତାର ମୃତଦେହକୁ ବ୍ୟବଚ୍ଛେଦ କରାଯିବା ପରେ ପୋତି ଦିଆଯାଇଛି। ମେଟାଲ ଡିଟେକ୍ଟର ଦ୍ୱାରା ହାତୀ ଦେହରେ ଗୁଳି ରହିଥିବା ଜଣା ପଡ଼ିଥିଲା। ଦାନ୍ତ ପାଖରୁ ଗୋଟିଏ ୪ ଇଞ୍ଚ ଲମ୍ବର ଦେଶୀ ଗୁଳି ଓ ବାମ ଗୋଡ ପାଖରୁ ଆଉ ଏକ ଗୁଳି ବାହାରିଥିଲା। ପ୍ରାୟ ୧୫ ଦିନ ପୂର୍ବରୁ ଗୁଳି ମାରି ହାତୀକୁ ଶିକାର କରାଯାଇଥିବା ସନ୍ଦେହ କରାଯାଉଛି। ଗୁଳିବିଦ୍ଧ ଯୋଗୁ ସେପଟିସେମିଆ ରୋଗରେ ପୀଡିତ ହୋଇ ହାତୀର ମୃତ୍ୟୁ ଘଟିଛି। ମୃତଦେହର ବିଭିନ୍ନ ସ୍ଥାନରେ କ୍ଷତ ରହିଛି। ବ୍ୟବଚ୍ଛେଦ ସମୟରେ କ୍ଷତ ସ୍ଥାନରେ ପୋକ ସାଲୁବାଲୁ ହେଉଥିବା ଦେଖିବାକୁ ମିଳିଥିଲା। ଏସିଏଫ୍ ତେଜରାଜ ନାଏକ, ଗୋକୁଳ ଚନ୍ଦ୍ର ପାଇକ, ସଦର ରେଞ୍ଜର ଗୌରୀ ଦାସ, ଆଲୋକ ଷଡ଼ଙ୍ଗୀଙ୍କ ସମେତ ବନ କର୍ମଚାରୀମାନେ ପରିସ୍ଥିତି ଅନୁଧ୍ୟାନ କରିଛନ୍ତି।



ସମ୍ବଲପୁର ସଦର ରେଞ୍ଜ ଇଚ୍ଛାପାଳ ଗ୍ରାମରେ ମୃତହାତୀର ବ୍ୟବଚ୍ଛେଦ କରାଯାଉଛି।

**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** — **ଡିମାଣ୍ଡ ନୋଟିସ୍**

ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ପ୍ଲଟ୍ ନଂ.: ୭୭୮, ପ୍ରଥମ ମହଲା, ସା/ପୋ: ସହୀଦ ନଗର, ଭୁବନେଶ୍ୱର-୭୫୧୦୦୭

**ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନ୍ତର୍ଗତ ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍**

ଏତଦ୍‌ଦ୍ୱାରା ଋଣଗ୍ରହୀତା: **ମେସର୍ସ ପି.କେ. ମୋଟର୍ସ, ପରିଚାଳନା ଅଂଶୀଦାର: ଶ୍ରୀ ଅନିଲ କୁମାର ଲେଙ୍କାଙ୍କୁ** ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ସେ ବ୍ୟାଙ୍କରୁ ନେଇଥିବା ଋଣର ବକେୟା ମୂଳ ଏବଂ ସୁଧ ପରିଶୋଧ କରିବାରେ ବିଫଳ ହୋଇଥିବାରୁ ସେମାନଙ୍କର ଋଣକୁ ଅଣ କାର୍ଯ୍ୟକାରୀ ସମ୍ପତ୍ତି (ଏନ୍‌ପିଏ) ଶ୍ରେଣୀଭୁକ୍ତ କରାଯାଇଛି। ସିକ୍ୟୁରିଟାଇଜେସନ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ୍ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ସେମାନଙ୍କର ଶେଷ ଜ୍ଞାତ ଠିକଣାରେ ରେଜେଷ୍ଟ୍ରି ଡାକ ସହିତ ଏ/ଡି ଯୋଗେ ନୋଟିସ୍ ଜାରି କରାଯାଇଥିଲା ଯାହାକି ପ୍ରଦାନ କରାଯାଇନପାରି ଫେରସ୍ତ ଆସିଅଛି, ତେଣୁ ଏହି କାରଣରୁ ଉକ୍ତ ବିଷୟରେ ଏହି ସର୍ବସାଧାରଣ ନୋଟିସ୍ ମାଧ୍ୟମରେ ଋଣଗ୍ରହୀତାମାନଙ୍କୁ ଅବଗତ କରାଗଲା।

| ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତିର ବିବରଣୀ/କାର୍ଯ୍ୟାନୁଷ୍ଠାନ ନିଆଯିବାକୁଥିବା ସୁରକ୍ଷିତ ସମ୍ପତ୍ତିର ଠିକଣା | ଡିମାଣ୍ଡ ନୋଟିସ୍ ତାରିଖ | ଏନ୍‌ପିଏ ତାରିଖ | ବକେୟା ଦେୟ |
|---|---|---|---|---|
| **ଋଣଗ୍ରହୀତା: ମେସର୍ସ ପି.କେ. ମୋଟର୍ସ, ପରିଚାଳନା ଅଂଶୀଦାର: ଶ୍ରୀ ଅନିଲ କୁମାର ଲେଙ୍କା, ଅଂଶୀଦାର: ଶ୍ରୀମତୀ ସୋନାଲି ଲେଙ୍କା / ଜାମିନ୍‌ଦାରମାନେ: ୧) ଶ୍ରୀ ଅନିଲ କୁମାର ଲେଙ୍କା,** ପିତା: ୰ ପଦ୍ମ ଚରଣ ଲେଙ୍କା, **୨) ଶ୍ରୀମତୀ ସୋନାଲି ଲେଙ୍କା,** ସ୍ୱାମୀ: ଶ୍ରୀ ଅନିଲ କୁମାର ଲେଙ୍କା, ସମସ୍ତଙ୍କ ଠିକଣା- ସା: ସତ୍ୟମଗୁଡା, ଦିପ୍ତୀ କନ୍‌ଭେଣ୍ଟ ସ୍କୁଲ ବିପରୀତ ପାର୍ଶ୍ୱ, ମାଲକାନଗିରି, ପୋ/ଜିଲ୍ଲା: ମାଲକାନଗିରି, ପିନ୍-୭୬୪୦୪୫ | **ଶ୍ରୀ ଅନିଲ କୁମାର ଲେଙ୍କା,** ପିତା: ୰ ପଦ୍ମ ଚରଣ ଲେଙ୍କାଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ମାଲକାନଗିରି, ତହସିଲ: ମାଲକାନଗିରି, ଥାନା/ଜିଲ୍ଲା: ମାଲକାନଗିରି, ଖାତା ନଂ.: ୯୯୪/୨୬୪୨, ପ୍ଲଟ୍ ନଂ.: ୧୯୫୧/୬୧୮୮/୮୪୬୦, କ୍ଷେତ୍ର: ଏକର୦.୦୮୪ଡିସିମିଲି, କିସମ: ଘରବାରି | ୧୪.୦୧.୨୦୨୦ | ୧୨.୦୮.୨୦୧୯ | ୧୩.୦୧.୨୦୨୦ ସୁଦ୍ଧା ଟ.୪୩,୨୩,୭୯୧/- |

ନୋଟିସ୍‌ର ବିକଳ୍ପ ସେବା ଭାବେ ପଦକ୍ଷେପମାନ ଗ୍ରହଣ କରାଯାଉଛି। ଉପରୋକ୍ତ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଜଣାଇଦିଆଯାଉଛି କି ସେମାନେ ଏହି ନୋଟିସ୍ ପ୍ରକାଶନର **୬୦ ଦିନ** ମଧ୍ୟରେ ସେମାନଙ୍କର ସମସ୍ତ ବକେୟା ଦେୟ ପରିଶୋଧ କରନ୍ତୁ ଅନ୍ୟଥା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ୍ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନ୍ତର୍ଗତ ଧାରା ୧୩ର ଉପଧାରା (୪) ଅନୁସାରେ ଉକ୍ତ ନୋଟିସ୍‌ର **୬୦ ଦିନ** ଅତିକ୍ରାନ୍ତ ପରେ ବ୍ୟାଙ୍କ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବ। ଏତଦ୍‌ଦ୍ୱାରା ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଜଣାଇଦିଆଯାଉଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା ୧୩ ଅନୁଯାୟୀ ବ୍ୟାଙ୍କର ଲିଖିତ ଅନୁମତି ବିନା ଏହି ନୋଟିସ୍‌ରେ ଦର୍ଶିତ ବନ୍ଧକ ସମ୍ପତ୍ତିକୁ ବିକ୍ରି, ଲିଜ୍ କିମ୍ବା ଅନ୍ୟମାଧ୍ୟମ ଦ୍ୱାରା ସେମାନେ ହସ୍ତାନ୍ତରିତ କରିପାରିବେ ନାହିଁ। ଏହି ନୋଟିସ୍‌ଟି ବ୍ୟାଙ୍କ ଦ୍ୱାରା କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ଯାହା ଆଇନ ଅନୁସାରେ ପ୍ରଯୁଜ୍ୟ ବୋଲି ମନେହେବ ତାହା ଆରମ୍ଭ କରିବାର ଅଧିକାରକୁ କୌଣସି ପ୍ରକାର ପ୍ରତିହତ କରିବ ନାହିଁ। ଏତଦ୍‌ଦ୍ୱାରା ଋଣଗ୍ରହୀତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।

ତାରିଖ : ୦୪.୦୩.୨୦୨୦
ସ୍ଥାନ : ଭୁବନେଶ୍ୱର

କ୍ଷମତାପ୍ରାପ୍ତ ଅଧିକାରୀ,
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ



"ତୁମ୍ଭମାନଙ୍କର ଶତ୍ରୁମାନଙ୍କୁ ପ୍ରେମକର, ଯେଉଁମାନେ ତୁମ୍ଭମାନଙ୍କୁ ଘୃଣା କରନ୍ତି, ସେମାନଙ୍କର ମଙ୍ଗଳ କର।
- ଯିଶୁଖ୍ରୀଷ୍ଟ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ବିଜେଡି ପକ୍ଷରୁ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ଶ୍ରଦ୍ଧାଞ୍ଜଳି ସଭା, ବିଜେଡି କାର୍ଯ୍ୟାଳୟ ସକାଳ ୮ଟା ୩୦।
- ଉତ୍କଳ ସମ୍ମିଳନୀ ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜନ୍ମ ଦିବସ ଅବସରରେ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ବିଜୁ ପଟ୍ଟନାୟକ ପାର୍କ, ଫରେଷ୍ଟ ପାର୍କ ଭିତରେ ଥିବା ପ୍ରତିମୂର୍ତ୍ତି, ସକାଳ ୯ଟା।
- ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ବିଧାନସଭା ପରିସର, ପୂର୍ବାହ୍ନ ୧୦ଟା ୨୫।
- ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ, ପ୍ରଦର୍ଶନୀ ପଡ଼ିଆ, ୟୁନିଟ-୩, ଅପରାହ୍ନ ୨ଟା।
- ଷ୍ଟେଟ ବିଜିନେସ୍ ଲିଡରଶିପ୍ ଆୱାର୍ଡସ୍, ସ୍ୱସ୍ତି ପ୍ରିମିୟମ, ଅପରାହ୍ନ ୫ଟା।
- ରାଜ୍ୟସ୍ତରୀୟ ପଞ୍ଚାୟତିରାଜ ଦିବସ, ଲୋକସେବା କନଭେନସନ ସେଣ୍ଟର, ଅପରାହ୍ନ ୫ଟା ୩୦।
- ୱେବ ପୋର୍ଟାଲ ଉନ୍ମୋଚନ ସମାରୋହ, ପ୍ଲଟ ନଂ ୫୧, ବ୍ଲକ ଏ, ସେକ୍ଟର ଏ, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ସନ୍ଧ୍ୟା ୬ଟା।
- ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ, ସୂଚନା ଭବନ, ସନ୍ଧ୍ୟା ୬ଟା ୨୦।
- ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଜାତୀୟ ନାଟ୍ୟ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

**ବାଲିଅନ୍ତା**

- ବ୍ଲକସ୍ତରୀୟ ପଞ୍ଚାୟତିରାଜ ଦିବସ, ବାଲିଅନ୍ତା ପଞ୍ଚାୟତ ସମିତି କାର୍ଯ୍ୟାଳୟ, ପୂର୍ବାହ୍ନ ୧୧ଟା।

# ରାସ୍ତାକଡ଼ରେ ଖୋଲିପାରିବନି ରଙ୍ଗ ଦୋକାନ

**ଭୁବନେଶ୍ୱର, ୪।୩(ବ୍ୟୁରୋ)**

**୩ ଜୋନାଲ ସ୍କ୍ୱାର୍ଡ ଗଠିତ, ଜୋରଦାର ହେବ ଚଢାଉ**

- ନିହାତି ଦରକାର ବିଏମ୍‌ସିର ଅନୁମତି: ଖୋଲାସ୍ଥାନ, ପଡ଼ିଆରେ ହେବ
- ଟ୍ରେଡ୍ ଲାଇସେନ୍ସ ବାଧ୍ୟତାମୂଳକ, ନ ହେଲେ ଦଣ୍ଡ ଗଣିବେ ଦୋକାନୀ

ଆସନ୍ତା ୧୦ ତାରିଖରେ ହୋଲି ପର୍ବ ପାଳିତ ହେବ। ଏଥିପାଇଁ ବ୍ୟବସାୟୀମାନେ ଭୁବନେଶ୍ୱରର ଏଣେତେଣେ କି ରାସ୍ତାକଡ଼ରେ ରଙ୍ଗ ବେପାର କରିବେ। ତେଣୁ ଏଥିରେ ରୋକ ଲଗାଇଛି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)। ବିଏମ୍‌ସିର ବିନା ଅନୁମତିରେ ବ୍ୟବସାୟୀମାନେ ରଙ୍ଗ ବ୍ୟବସାୟ କରିପାରିବେନି। ସହରରେ ଥିବା ଖୋଲାସ୍ଥାନ କିମ୍ବା ପଡ଼ିଆରେ ଗୋଟିଏ ସ୍ଥାନରେ ବ୍ୟବସାୟୀମାନେ ରଙ୍ଗ ବ୍ୟବସାୟ କରିବେ, ନଚେତ୍ ଦଣ୍ଡ ଗଣିବେ। ଆବଶ୍ୟକ ପଡିଲେ ଦୋକାନ ଭଙ୍ଗା ହେବ ବୋଲି ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ ପ୍ରକାଶ କରିଛନ୍ତି।

ବିଏମ୍‌ସି ମୁଖ୍ୟାଳୟରେ ବୁଧବାର ହୋଇଥିବା ବୈଠକରେ ଏ ନେଇ କମିଶନର ଚୌଧାରୀ ୩ ଜୋନ୍‌ର ଜୋନାଲ ଡେପୁଟି କମିଶନର ଓ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ସମୀକ୍ଷା କରିଛନ୍ତି। ୩ଟି ଜୋନ୍‌ରେ ଯାଞ୍ଚ ଓ ଚଢାଉ କରିବାକୁ ଜୋନାଲ ଡେପୁଟି କମିଶନରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏ ନେଇ ୩ଟି ଜୋନରେ ୩ଟି ସ୍କ୍ୱାଡ୍ ଗଠନ କରାଯାଇଛି। ଗୁରୁବାରଠାରୁ ଏ ନେଇ ଚଢ଼ାଉ ଆରମ୍ଭ ହେବ ବୋଲି ସମୀକ୍ଷା ପରେ ପ୍ରକାଶ ପାଇଛି।

କମିଶନର ଚୌଧାରୀ କହିଛନ୍ତି, ସହରରେ ଏବେ ଟ୍ରାଫିକ୍ ସମସ୍ୟା ଉତ୍କଟ ହେଉଥିବା ବେଳେ ରାସ୍ତାକଡ଼ରେ ରଙ୍ଗ ବ୍ୟବସାୟୀଙ୍କୁ ଦୋକାନ କରିବାକୁ ସ୍ଥାନ ଦେବା ସମସ୍ୟାକୁ ଆହୁରି ବଢ଼ାଇଦେବ। ତେଣୁ ବାଣ ବ୍ୟବସାୟ ପରି ରଙ୍ଗ ବ୍ୟବସାୟୀମାନେ ମଧ୍ୟ ଗୋଟିଏ ସ୍ଥାନରେ ତାଙ୍କ ଦୋକାନ ଦେବାକୁ କୁହାଯାଇଛି। ଏଥିସହ ଦୋକାନ ଲଗାଇବାକୁ ବିଏମ୍‌ସିର ଅନୁମତି ମଧ୍ୟ ଆବଶ୍ୟକ। ବିଏମ୍‌ସିକୁ ବିନା ଟ୍ରେଡ୍ ଲାଇସେନ୍ସ ଓ ଅନ୍ୟ ଦେୟ ପୈଠ ନ କରି ବ୍ୟବସାୟ କରିବା ଏକ ଅପରାଧ। ତେଣୁ ବ୍ୟବସାୟୀମାନେ ପ୍ରଥମେ ବିଏମ୍‌ସିଠାରୁ ଅନୁମତ ନେବା ପରେ ହିଁ ଦୋକାନ କରିବେ। ନଚେତ୍ ବିଏମ୍‌ସି ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସଦୃଶ ତାଙ୍କୁ ମୋଟା ଅଙ୍କର ଜରିମାନା ଦେବାକୁ ପଡିବ। ଏହାଛଡ଼ା ଆବଶ୍ୟକ ପଡିଲେ ସେମାନଙ୍କ ଦୋକାନ ଭଙ୍ଗା ହେବ ଓ ବ୍ୟବସାୟ ପାଇଁ ଆସିଥିବା କଞ୍ଚାମାଲକୁ ଜବତ କରାଯିବ ବୋଲି କମିଶନର କହିଛନ୍ତି।

ଉଲ୍ଲେଖଯୋଗ୍ୟ, ପୂର୍ବରୁ ମଧ୍ୟ ବିଏମ୍‌ସି ସିଜିନ୍ ବେପାର ସମୟରେ ଏପରି ଆଭିମୁଖ୍ୟ ଆପଣାଇଛି। ହେଲେ ବ୍ୟବସାୟୀମାନେ ନିଜ ମନମୁଖି କାର୍ଯ୍ୟ କରିଛନ୍ତି। ରାସ୍ତାକଡ଼ରେ ଦୋକାନ କରିବା ସହ ଖୁଲମଖୁଲା ବେପାର କରୁଛନ୍ତି। ତେବେ ଚଳିତ ଥର କମିଶନରଙ୍କ ନିର୍ଦ୍ଦେଶ ପରେ ଜୋନାଲ ଡେପୁଟି କମିଶନରମାନେ କ'ଣ ଆଭିମୁଖ୍ୟ ରଖୁଛନ୍ତି ତାହା ଦେଖିବାକୁ ବାକି ରହିଲା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମୁଖରେ ହରିନାମ**
**ରାତିରେ ଚୋରିକାମ।**

ଆକୃତି ବା ବାହ୍ୟ ସ୍ୱରୂପ ଦେଖି ପ୍ରକୃତି ବିଷୟରେ ଅନ୍ଦାଜ ଲଗାଇବା କଷ୍ଟକର ହୋଇଥାଏ। ସାଧୁବେଶ ହୋଇ ହରିନାମ ଗାଇ କିଛି କପଟୀ ସ୍ୱଭାବର ବ୍ୟକ୍ତି ଅନ୍ୟକୁ ପ୍ରଭାବିତ କରି ନିଜ ମନ୍ଦ ଉଦ୍ଦେଶ୍ୟ ଚରିତାର୍ଥ କରାଇବାରେ ବେଶ୍ ସିଦ୍ଧହସ୍ତ ହୋଇଥାନ୍ତି। ସରଳତାର ସୁଯୋଗ ନେଇ ବିଶ୍ୱାସ ଜନ୍ମାଇ ଅନ୍ୟକୁ ଠକି ଚାଲିଥାନ୍ତି। ଉପରକୁ ସାଧୁବେଶ ଧାରଣ ଅଥଚ ଭିତରେ ମନ୍ଦ ଆଚରଣ। ଭଣ୍ଡ ବା ଶଠ ପ୍ରକୃତିର ବ୍ୟକ୍ତିଙ୍କ ଏତାଦୃଶ ମନ୍ଦ ଚରିତ୍ର ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ମୁଣ୍ଡରେ ପଗଡ଼ି ପାଦରେ ତେଲ**
**ବଇଦ ସାଙ୍ଗରେ କରିବ ଗେଲ।**

ମୁଣ୍ଡରେ ପଗଡ଼ି ବାନ୍ଧିଲେ ଖରାଦାଉରୁ ରକ୍ଷା ମିଳିଥାଏ। ସେହିପରି ପାଦରେ ତେଲ ଲଗାଇବା ଦ୍ୱାରା ପାଦ ଚିକ୍କଣ ହେବା ସହ ଗୋଇଠି ଫାଟି ନ ଥାଏ। ପଗଡ଼ି ଓ ତେଲ ଉଭୟ ସ୍ୱାସ୍ଥ୍ୟ ପାଇଁ ଉପକାରୀ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା: ଲି:



ରବୀନ୍ଦ୍ର ମଣ୍ଡପରେ ବୁଧବାର ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଆୟୋଜିତ ନାଟକ 'କିନୁ କୋଉ' ର ଏକ ଦୃଶ୍ୟ।

# 'କିନୁ କୋଉ' କହିଲା ବାମନଙ୍କ ଦୁଃଖ

**ଭୁବନେଶ୍ୱର,୪।୩(ବ୍ୟୁରୋ)**

ବିଜ୍ଞାନ ସହିତ ଚିକିତ୍ସା ବିଜ୍ଞାନର ଆଧୁନିକୀକରଣ ସତ୍ତ୍ୱେ ବାମନମାନଙ୍କୁ ନେଇ ସମାଜରେ ଥିବା ଘୃଣ୍ୟଭାବ ଏବେ ବି ରହିଛି। ନିଜର ଶାରୀରିକ ଗଠନର ଅସମାନତା ଯୋଗୁ ସେମାନଙ୍କୁ ନିନ୍ଦା, ଭର୍ତ୍ସନା ଓ ସମାଲୋଚନାର ଶିକାର ହେବାକୁ ପଡ଼େ। ବାମନ ହୋଇ ଜନ୍ମ ହେବା, ସେମାନେ କରିଥିବା କୌଣସି ପୂର୍ବଜନ୍ମର ପାପର କର୍ମ ବୋଲି ସାଧାରଣ ଲୋକ ଭାବନ୍ତି। ହେଲେ ଶାରୀରିକ ଅସମାନତା ଥାଇ ମଧ୍ୟ ଅନ୍ୟମାନଙ୍କଠାରୁ ସେମାନେ ମାନସିକସ୍ତରରେ କୌଣସି ଗୁଣରେ କମ୍ ନୁହନ୍ତି। ସେହି ବାମନ ଲୋକମାନଙ୍କର ଜୀବନର ନିଷ୍ଠୁର ବାସ୍ତବତା, ଦୁଃଖ, କଷ୍ଟ, ଆଶା ଓ ସ୍ୱପ୍ନର ପରିଭାଷାକୁ ନେଇ ପ୍ରସ୍ତୁତ ଅହମୀୟା ନାଟକ 'କିନୁ କୋଉ' ମଙ୍ଗଳବାର ରବୀନ୍ଦ୍ର ମଣ୍ଡପଠାରେ ମଞ୍ଚସ୍ଥ ହୋଇଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ପକ୍ଷରୁ ଆୟୋଜିତ 'ପୂର୍ବରଙ୍ଗ ଜାତୀୟ ନାଟ୍ୟ ଉତ୍ସବ-୨୦୨୦'ରେ ବୁଧବାର ଏହି ନାଟକ ମଞ୍ଚସ୍ଥ ହୋଇଥିଲା। ଆସାମର 'ଦ ମିରର୍' ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ପରିବେଷିତ ଏହି ନାଟକର ରଚନା ଓ ନିର୍ଦ୍ଦେଶନା ଦେଇଥିଲେ ପବିତ୍ର ରାଭା। ସନ୍ଧ୍ୟାରେ ଅତିଥିଭାବେ ସଂସ୍କୃତି ବିଭାଗ ଉପଦେଷ୍ଟା ଜନ୍ମେଜୟ ଲେଙ୍କା, ନାଟ୍ୟକାର ଇଂ ଚନ୍ଦ୍ରଶେଖର ନନ୍ଦ, ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀର ପୂର୍ବତନ ସଚିବ ମନ୍ମଥ ଶତପଥୀ, ବିଶିଷ୍ଟ ନାଟ୍ୟ ବ୍ୟକ୍ତିତ୍ୱ ମିହିର ମେହେର, ହରେନ୍ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ନାଟକର ନିର୍ଦ୍ଦେଶକ ପ୍ରବୀର ରାଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ସୁଧାରିବା ପରେ ଖୋଲିଲା ପଟିଆ ମାରୁତି ମଲ୍

**ଭୁବନେଶ୍ୱର, ୪।୩(ବ୍ୟୁରୋ)**

- ହଟିଲା ବେସ୍‌ମେଣ୍ଟ ପାର୍କିଂରୁ ଗୋଦାମ, ଯାତାୟାତ ପାଇଁ ବାଟ ଫିଟିଲା
- ସର୍ବକ୍ଷମାରେ ପ୍ଲାନ୍ ଆପ୍ରୁଭାଲ ପାଇଁ ହୋଇଛି ଆବେଦନ: ବିଡିଏ
- ଅପାତକାଳୀନ ସ୍ଥିତିରେ ମୋବାଇଲ୍ ଓଡିଏ କୋର୍ଟ ବସି ସିଲ୍ ହୋଇଥିଲା

୧୪ଦିନ ପରେ ଭୁବନେଶ୍ୱରର ପଟିଆସ୍ଥିତ ମାରୁତି ମଲ୍ ଖୋଲିଛି। ବୁଧବାର ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)ର ଜୋନାଲ ଡେପୁଟି କମିଶନର ପ୍ରମୋଦ କୁମାର ପୃଷ୍ଟିଙ୍କ ତତ୍ତ୍ୱାବଧାନରେ ମଲ୍‌ରେ ଲଗାଯାଇଥିବା ସିଲ୍ ଖୋଲାଯାଇଛି। ସର୍ବକ୍ଷମା ଯୋଜନାରେ ବିଲ୍ଡିଂର ପ୍ଲାନ୍ ଆପ୍ରୁଭାଲ ପାଇଁ ଆବେଦନ ସହ ବିଲ୍ଡିଂର ବେସ୍‌ମେଣ୍ଟରେ ଥିବା ପାର୍କିଂ ସ୍ଥଳରୁ ଗୋଦାମ ହଟାଇବା ପରେ ମଲ୍ ଖୋଲିବା ପାଇଁ ଅନୁମତି ଦିଆଯାଇଥିବା ପୃଷ୍ଟି ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ମଲ୍ କର୍ତ୍ତୃପକ୍ଷ ପାର୍କିଂ ସ୍ଥଳରେ ଗୋଦାମ କରିଥିଲେ। ଫଳରେ ଲୋକେ ମଲ୍ ସମ୍ମୁଖ ଓ ରାସ୍ତା ଉପରେ ଗାଡି ରଖିବାରୁ ସର୍ବସାଧାରଣ ଯାତାୟାତରେ ଗୁରୁତର ସମସ୍ୟା ଉପୁଜୁଥିଲା। ସେହିଭଳି ପରିମଳ, ଅଗ୍ନି ନିର୍ବାପକ ଓ ଅନ୍ୟ କେତେକ କ୍ଷେତ୍ରରେ ନାନା ଅବ୍ୟବସ୍ଥା ରହିଥିବା ତଦନ୍ତବେଳେ ଜଣାପଡିଥିଲା। ତେଣୁ ଫେବୃୟାରୀ ୨୦ରେ ବିଏମ୍‌ସି କର୍ତ୍ତୃପକ୍ଷ ଅପାତକାଳୀନ ସ୍ଥିତିରେ ସେଠାରେ ଓଡିଏ କୋର୍ଟ ବସାଇ ମାରୁତି ମଲ୍‌କୁ ସିଲ୍ କରିଥିଲେ। ତେବେ ଉକ୍ତଦିନ ମଲ୍ ମାଲିକ ଜିତେନ୍ଦ୍ର ସିଂ ପ୍ଲାନ୍ ଆପ୍ରୁଭାଲ ପାଇଁ ବିଡିଏରେ ସର୍ବକ୍ଷମାରେ ଆବେଦନ କରିଥିବାବେଳେ ପରବର୍ତ୍ତୀ ସମୟରେ ପାର୍କିଂ ସ୍ଥଳରୁ ଗୋଦାମ ଘର ହଟାଇ ବିଏମ୍‌ସିକୁ ଅବଗତ କରିଥିଲେ। ଏଥିସହ ସେ ବିଏମ୍‌ସି ଦ୍ୱାରା କରାଯାଇଥିବା ଜରିମାନା ଓ କେତେକ ସର୍ତ୍ତରେ ସହମତି ପ୍ରକାଶ କରିଥିବା ଜଣାପଡିଛି।

ଉଲ୍ଲେଖଯୋଗ୍ୟ, ରାଜଧାନୀରେ ଦିନକୁ ଦିନ ଟ୍ରାଫିକ ସମସ୍ୟା ବଢ଼ି ଚାଲିଛି। ବିଶେଷକରି ମଲ୍, ସିନେମା ହଲ୍, ମଣ୍ଡପ ସମେତ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ସମ୍ମୁଖ ରାସ୍ତାରେ ଲୋକେ ଗାଡ଼ି ରଖୁଥିବାରୁ ଏହି ସମସ୍ୟା ଜଟିଳ ହେବାରେ ଲାଗିଛି। ଅନ୍ୟପକ୍ଷରେ ବହୁ ପ୍ରତିଷ୍ଠାନ ପାର୍କିଂସ୍ଥଳକୁ ଅନ୍ୟ ଉଦ୍ଦେଶ୍ୟରେ ବ୍ୟବହାର କରୁଥିବାରୁ ଲୋକେ ହଇରାଣ ହେଉଛନ୍ତି। ଏସବୁ ଯାଞ୍ଚ କରିବା ସହ ବେଆଇନ ଭାବେ ଚାଲିଥିବା ପ୍ରତିଷ୍ଠାନକୁ ସିଲ୍ କରିବାକୁ ସ୍କ୍ୱାଡ୍ ଗଠନ କରାଯାଇ ପଦକ୍ଷେପ ଜାରି ରହିଛି।

# ଏକାମ୍ର କ୍ଷେତ୍ରରେ ସହମତି ଭିତ୍ତିରେ ଉଚ୍ଛେଦ ଆରମ୍ଭ

**ପୁରୁଣା ଭୁବନେଶ୍ୱର, ୪।୩ (ଡି.ଏନ.ଏ.):** ଏକାମ୍ର କ୍ଷେତ୍ରର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଜାରି ରହିଛି। ଏଥିରେ ବାଧକ ସାଜିଥିବା ଘରୋଇ ଜମିକୁ ସହମତି ଭିତ୍ତିରେ ଅଧିଗ୍ରହଣ ହୋଇ ନ ପାରିବାରୁ ଉଚ୍ଛେଦ କାର୍ଯ୍ୟ କିଛିଦିନ ହେବ ବନ୍ଦ ରହିଥିଲା। ଫେବୃୟାରୀ ୨୬ ତାରିଖରେ ପ୍ୟାକେଜ ଅନୁଯାୟୀ ଅଧିକ ୧୦ ପ୍ରତିଶତ ମିଳିବା ଓ ଥଇଥାନ ନେଇ ଜିଲାପ୍ରଶାସନର ବରିଷ୍ଠ ଅଧିକାରୀ ବିଏମ୍‌ସି କାର୍ଯ୍ୟାଳୟରେ ଉପସ୍ଥିତ ରହି ତଦାରଖ କରିବା ସହ ଅନେକ ଜମି ମାଲିକଙ୍କୁ ମନେଇବାରେ ସଫଳ ହୋଇଥିଲେ। ଜମିମାଲିକଙ୍କ ସହମତି ମଳିବା ପରେ ବୁଧବାର ଗୌତମନଗର ଅନ୍ତର୍ଗତ ପ୍ଲଟ ନଂ. ୨୨୨୭ ଉପରୁ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଥିଲା। ମୋଟ ୫୦୬ ଡିସିମିଲ ପରିମିତ ଏହି କେଶରୀ ଭବନ ଜମିର କୋଟିତୀର୍ଥ ଲେନ ପଟର କେତେକ ଟିଣ ଘରକୁ ଜେସିବି ସାହାଯ୍ୟରେ ଭଙ୍ଗା ଯାଇଛି। ଗୁରୁବାରଠାରୁ ମିଳିତ ଉଚ୍ଛେଦ ଟିମ୍ ପକ୍ଷରୁ ଉତ୍ତରଦ୍ୱାର ସମ୍ମୁଖରୁ ସମ୍ମତି ପ୍ରଦାନ କରିଥିବା ଘରୋଇ ଜମିରୁ ଉଚ୍ଛେଦ କରାଯିବାର ବାଟ ଏକ ପ୍ରକାର ପରିଷ୍କାର ହୋଇଯାଇଛି।

# ନାବାଳିକାଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୪।୩ (ବ୍ୟୁରୋ):** ନାବାଳିକାଙ୍କୁ ପ୍ରେମ ଜାଲରେ ଫସାଇ ବିବାହର ପ୍ରତିଶ୍ରୁତି ଦେଇ ବଳାତ୍କାର କରିଥିବା ଅଭିଯୁକ୍ତଙ୍କୁ ଶହୀଦନଗର ଥାନା ପୋଲିସ ଗିରଫ କରିଛି। ସେ ହେଲେ ନୟାଗଡ଼ ଜିଲା ଓଡଗାଁ ଥାନା ଅଞ୍ଚଳର ଚନ୍ଦ୍ରଶେଖର ପ୍ରଧାନ(୩୭)। ସୂଚନା ମୁତାବକ, ଅଭିଯୁକ୍ତ ଚନ୍ଦ୍ରଶେଖର ଶହୀଦନଗର ଥାନା ଆଖଣ୍ଡଳମଣି ବସ୍ତିରେ ରହି ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଏକ ଜଳଖିଆ ଦୋକାନ କରିଥିଲେ। ସ୍ଥାନୀୟ ଅଞ୍ଚଳର ଜଣେ ନାବାଳିକାଙ୍କୁ ପ୍ରେମ ଜାଲରେ ଫସାଇ ବିବାହ ପ୍ରତିଶ୍ରୁତି ଦେଇ ସମ୍ପର୍କ ବଢ଼ାଇଥିଲେ। ପରେ ତାଙ୍କୁ ବଳାତ୍କାର କରିଥିଲେ। ନାବାଳିକାଙ୍କ ପରିବାର ଲୋକେ ଜାଣିବା ପରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଗତ ମଙ୍ଗଳବାର ଅଭିଯୁକ୍ତଙ୍କୁ ଗିରଫ କରିବା ସହ ୧୨୫/୨୦ରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଥିଲା। ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

# ପ୍ରଧାନଶିକ୍ଷୟିତ୍ରୀଙ୍କଠାରୁ ଚେନ୍ ଲୁଟ୍

**ବାଲିପାଟଣା,୪।୩(ଡି.ଏନ୍.ଏ.):** ବାଲିପାଟଣା ଥାନା ଅନ୍ତର୍ଗତ ବାଗଲପୁର ଗାମ ନିକଟ ରାସ୍ତାରୁ ପ୍ରଧାନଶିକ୍ଷୟିତ୍ରୀ ସ୍ୱିଗ୍ଧାରାଣୀ ମହାନ୍ତିଙ୍କ ବେକରୁ ବୁଧବାର ଦୁଇଜଣ ଦୁର୍ବୃତ୍ତ ଚେନ ଲୁଟି ନେଇଥିବା ଅଭିଯୋଗ ହୋଇଛି। ତେବେ ଚୋରି ହୋଇଥିବା ଚେନ ସୁନା ନୁହେଁ ବୋଲି ମହାନ୍ତି କହିଛନ୍ତି। ଏ ସମ୍ପର୍କରେ ପୋଲିସ ଏକ ମାମଲା(ନଂ.୭୧/୨୦) ରୁଜୁକରି ତଦନ୍ତ ଚଳାଇଛି। ବାଗଲପୁର ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ମହାନ୍ତି ଏକ ସ୍କୁଟିରେ ପୂର୍ବାହ୍ନ ପ୍ରାୟ ୧୧ଟାରେ ଅଠାନ୍ତର ସ୍କୁଲ ଯାଉଥିଲେ। ବାଗଲପୁର ଗାମ ନିକଟ ରାସ୍ତାରେ ଦୁଇ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ତାଙ୍କ ବେକରୁ ଚେନ ଛିଣ୍ଡାଇ ନେଇ ଫେରାର ହୋଇଯାଇଥିଲେ। ଏହା ପରେ ପ୍ରଧାନଶିକ୍ଷୟିତ୍ରୀ ଥାନାରେ ଅଭିଯୋଗ କରିଥିଲେ।

# ଅବସରକାଳୀନ ସମ୍ବର୍ଦ୍ଧନା

**ବାଲିଅନ୍ତା,୪।୩(ଡି.ଏନ୍.ଏ.):** ବାଲିଅନ୍ତା ବ୍ଲକ ଅଧୀନ ବଇଁଗୁଆଁ ପଞ୍ଚାୟତରେ କାର୍ଯ୍ୟରତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରବୀନ୍ଦ୍ର କୁମାର ମିଶ୍ରଙ୍କୁ ବୁଧବାର ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ପଞ୍ଚାୟତ କାର୍ଯ୍ୟାଳୟରେ ଏକ ସଭା ସରପଞ୍ଚ ବିଜୟ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ପରିଷଦ ସଭ୍ୟାସଭ୍ୟ ଅରୁନ୍ଧତୀ ସାହୁ, ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ସିଦ୍ଧେଶ୍ୱର ନାଥଙ୍କ ସମେତ ସମସ୍ତ ୱାର୍ଡ ସଭ୍ୟାସଭ୍ୟ ଯୋଗଦେଇ କାର୍ଯ୍ୟନିର୍ବାହୀ ଅଧିକାରୀ ମିଶ୍ରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜଣାଇଥିଲେ।

# ପରକୀୟା ପ୍ରୀତିକୁ ବିରୋଧ କରିବାରୁ ସ୍ତ୍ରୀଙ୍କୁ ଆକ୍ରମଣ

**ଭୁବନେଶ୍ୱର,୪।୩ (ବ୍ୟୁରୋ):** ପରକୀୟା ପ୍ରୀତିକୁ ବିରୋଧ କରିବାରୁ ସ୍ତ୍ରୀଙ୍କୁ ନିସ୍ଠୁକ ମାଡ଼ ମାରିବା ସହ କାମୁଡ଼ି କ୍ଷତାକ୍ତ କରିଛନ୍ତି ସ୍ୱାମୀ ଓ ତାଙ୍କ ପ୍ରେମିକା। ନିର୍ଯାତନା ଓ ଆକ୍ରମଣର ଶିକାର ମହିଳା ଜଣକ ଶେଷରେ ଏ ନେଇ ଶହୀଦନଗର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ତଦନ୍ତ ଆରମ୍ଭ କରିବା ସହ ଅଭିଯୁକ୍ତଙ୍କୁ ଧରିବାକୁ ଉଦ୍ୟମ ଚଳାଇଛି।

ସୂଚନା ମୁତାବକ, ଶହୀଦନଗର ଥାନା ଅନ୍ତର୍ଗତ ଶାନ୍ତିପଲ୍ଲୀ ବସ୍ତିରେ ଅଭିଯୋଗକାରିଣୀ ପରିବାର ସହ ରୁହନ୍ତି। ତାଙ୍କର ୧ବର୍ଷର ଶିଶୁପୁତ୍ର ଅଛନ୍ତି। ପ୍ରାୟ ଏକ ବର୍ଷ ହେବ ସ୍ୱାମୀ ଅନୀଲ କୁମାର ବେହେରା ତାଙ୍କୁ ନିର୍ଯାତନା ଦେଇ ଆସୁଛନ୍ତି। ଅନୀଲ ଅନ୍ୟଜଣେ ବିବାହିତ ମହିଳାଙ୍କ ସହ ସମ୍ପର୍କ ରଖିଥିବା ଜାଣିବା ପରେ ସେ ଓ ତାଙ୍କ ପରିବାର ଲୋକେ ଏହାକୁ ବିରୋଧ କରିଥିଲେ। ସୋମବାର ରାତିରେ ଅନୀଲ ତାଙ୍କ ବଡ଼ଭାଇଙ୍କୁ ମାଡ଼ମାରି ମୁଣ୍ଡ ଫଟାଇଦେବା ସହ ସ୍ତ୍ରୀଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ମଙ୍ଗଳବାର ଅନୀଲଙ୍କ ସହ ପ୍ରେମିକା ଜଣକ ତାଙ୍କ ଘରେ ପହଞ୍ଚି ନାନା ଧମକ ଦେବା ସହ ତାଙ୍କ ସ୍ତ୍ରୀଙ୍କୁ ଆକ୍ରମଣ କରି ହାତକୁ କାମୁଡ଼ି ଦେଇଥିଲେ। ଏହି ଘଟଣା ଅନୀଲ ଜାଣିବା ପରେ ପୁଣି ନିଜ ସ୍ତ୍ରୀଙ୍କୁ ମାଡ଼ମାରି ଘରୁ ବିଦା କରିବାକୁ ଧମକ ଦେଇଥିଲେ। ନ୍ୟାୟ ପାଇଁ ଅନୀଲଙ୍କ ସ୍ତ୍ରୀ ଓ ବାପଘର ଲୋକେ ଥାନାର ଦ୍ୱାରସ୍ଥ ହୋଇଥିଲେ।




ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ ଆଣ୍ଡ ଗାଇଡ୍ସ ପକ୍ଷରୁ ଅନୁଷ୍ଠିତ ସ୍କାଉଟ ଗାଇଡ ଫ୍ୟୁଜନରେ ଉପସ୍ଥିତ ଅତିଥିମାନେ ପୁସ୍ତିକା ଉନ୍ମୋଚନ କରୁଛନ୍ତି।

# ମାତ୍ରାଧିକ ଜରିମାନାକୁ ଯୁବ କଂଗ୍ରେସର ବିରୋଧ

**ଭୁବନେଶ୍ୱର,୪।୩(ବ୍ୟୁରୋ):** ରାଜ୍ୟରେ ବର୍ତ୍ତମାନ ପରିସ୍ଥିତିରେ ଟ୍ରାଫିକ୍ ନିୟମ ଏବଂ ଜରିମାନା ଆଦାୟକୁ ନେଇ ବାଦବିବାଦ ଚାଲିଥିବା ବେଳେ ପ୍ରଦେଶ ଯୁବ କଂଗ୍ରେସ ସଭାପତି ଲୋକନାଥ ମହାରଥୀ ଏହାକୁ ଲାଗୁ କରାଯାଇଥିବାରୁ ସ୍ୱାଗତ କରିବା ସହ ମାତ୍ରାଧିକ ଜରିମାନାକୁ ବିରୋଧ କରିଛନ୍ତି। କଂଗ୍ରେସ ଭବନଠାରେ ବୁଧବାର ଆୟୋଜିତ ଖବରାଦାତା ସମ୍ମିଳନୀରେ ଲୋକନାଥ କହିଛନ୍ତି ଯେ, ନୂଆ ନିୟମ ଅନୁଯାୟୀ ବିନା ହେଲମେଟ୍, ବିନା ଲାଇସେନ୍ସ, ସିଟ୍‌ବେଲ୍ଟ ନ ଲଗେଇବା, ଭୁଲ ରାସ୍ତାରେ ଯିବା, ମଦ ପିଇ ଗାଡ଼ି ଚଲେଇବା ଆଦି ବିରୋଧରେ ନିୟମକୁ କଡ଼ାକଡ଼ି ପାଳନ କରାଯାଉ। କିନ୍ତୁ ବର୍ତ୍ତମାନ ସମୟରେ ଯେହେତୁ ପରୀକ୍ଷା ଚାଲୁଛି ଏବଂ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ନିର୍ଭର କରୁଛି ସେଥିପାଇଁ ପରୀକ୍ଷାର୍ଥୀଙ୍କୁ ସାଙ୍ଗରେ ନେଇ ଯାଉଥିବା ଅଭିଭାବକମାନଙ୍କ କ୍ଷେତ୍ରରେ ଜରିମାନା ମୁକ୍ତ କରାଯାଉ। ରାଜ୍ୟବାସୀଙ୍କ ଆର୍ଥିକ ମାନଦଣ୍ଡ ସେତେଟା ସ୍ୱଚ୍ଛଳ ନୁହେଁ। ଏ କ୍ଷେତ୍ରରେ ମାତ୍ରାଧିକ ଅର୍ଥ ଜୁଲମ କରି ଆଦାୟ କରିବା ଅତ୍ୟନ୍ତ ନିନ୍ଦନୀୟ। ନିୟମ ଉଲ୍ଲଂଘନ କରୁଥିବା ବ୍ୟକ୍ତି ବିଶେଷଙ୍କୁ ପ୍ରାଥମିକ ଭାବେ ହଜାରେ ଟଙ୍କା ଜରିମାନା କରିବାକୁ ଲୋକନାଥ ଅନୁରୋଧ କରିଛନ୍ତି।

# ଜେଜିଏଲ୍ଏସ୍‌କୁ ନମ୍ବର ୧ ଲ' ସ୍କୁଲ ମାନ୍ୟତା

**ଭୁବନେଶ୍ୱର, ୪।୩:** ଓପି ଜିନ୍ଦଲ ବିଶ୍ୱବିଦ୍ୟାଳୟର ଜିନ୍ଦଲ ଗ୍ଲୋବାଲ ଲ' ସ୍କୁଲ(ଜେଜିଏଲ୍ଏସ୍)କୁ ଦେଶର ନମ୍ବର ୧ ଲ' ସ୍କୁଲ ମାନ୍ୟତା ମିଳିଛି। ଆଇନ କ୍ଷେତ୍ରରେ କ୍ୟୁଏସ୍ ୱାର୍ଲଡ ୟୁନିଭର୍ସିଟି ସବଜେକ୍ଟ ର୍ୟାଙ୍କିଙ୍ଗରେ ସ୍ଥାନିତ ହେବା ସହ ଭାରତକୁ ଗୌରବାନ୍ୱିତ କରିଛି। ଏକ ଦଶନ୍ଧି ମଧ୍ୟରେ ଏଭଳି ବିଶ୍ୱସ୍ତରୀୟ ମାନ୍ୟତା ହାସଲ କରିବାକୁ ଜେଜିଏଲ୍ଏସ୍ ସକ୍ଷମ ହୋଇଥିବା ସୂଚନା ରହିଛି। ବିଶ୍ୱର ପ୍ରମୁଖ ଲ' ସ୍କୁଲ ବର୍ଗରେ ଏହା ୧୦୦ରୁ ୧୫୦ ସ୍ଥାନ ମଧ୍ୟରେ ରହିଛି। ସେହିଭଳି ବାଙ୍ଗାଲୋରଭିତ୍ତିକ ନ୍ୟାଶନାଲ ଲ' ସ୍କୁଲ ଅଫ ଇଣ୍ଡିଆ ୟୁନିଭର୍ସିଟି(ଏନ୍ଏଲ୍ଏସ୍ଆଇୟୁ) ଏହି ତାଲିକାରେ ୧୫୧ରୁ ୨୦୦ ମଧ୍ୟରେ ରହିଛି। ତାଲିକାରେ ବିଶ୍ୱର ୩୦୦ ଲ ସ୍କୁଲ ସାମିଲ କରାଯାଇଥିବା ବେଳେ ଭାରତର ୨ ଅନୁଷ୍ଠାନ ରହିଛନ୍ତି। ଜେଜିଏଲ୍ଏସ୍‌କୁ ଭାରତର ନମ୍ବର ୧ ମାନ୍ୟତା ପ୍ରଦାନ କରାଯାଇଥିବା କ୍ୟୁଏସ କ୍ୟାକରେଲି ସେମଣ୍ଡସର ଆଞ୍ଚଳିକ ନିର୍ଦ୍ଦେଶକ ଅଶ୍ୱିନ ଫର୍ନାଣ୍ଡିସ କହିଛନ୍ତି। ଜିନ୍ଦଲ ଗ୍ଲୋବାଲ ୟୁନିଭର୍ସିଟି ଏବଂ ଜେଜିଏଲ୍ଏସ୍‌କୁ ଏଭଳି ସଫଳତା ନେଇ ଅତ୍ୟନ୍ତ ଖୁସି ଥିବା ବେଳେ ଏହା ଅନୁଷ୍ଠାନ ଲାଗି ଐତିହାସିକ ବୋଲି ଫାଉଣ୍ଡିଂ ଚାନସେଲର ନବୀନ ଜିନ୍ଦଲ କହିଛନ୍ତି।




# ପୂର୍ବ ବିବାଦରୁ ମାରପିଟ୍, ୨ ଗିରଫ

**କଟକ ରୋଡ, ୪।୩ (ଡି.ଏନ୍.ଏ.):** ମାରପିଟ୍ ଅଭିଯୋଗରେ ଲକ୍ଷ୍ମୀସାଗର ଥାନା ପୋଲିସ ବୁଧବାର ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅଧୀନ ଚିନ୍ତାମଣିଶ୍ୱେର ଫିଶେରୀ ଲେନରେ ରହୁଥିବା ଦୀପକ ଭୂୟାଁ ଓ ଗୋପୀନାଥ ରାଉତ।

# ଆପରାଧିକ ମାମଲାର ସଫଳ ପରିଚାଳନା

**ଭୁବନେଶ୍ୱର,୪।୩ (ବ୍ୟୁରୋ)**

**୫ ଅଧିକାରୀଙ୍କୁ ପୋଲିସ କମିଶନରଙ୍କ ସମ୍ବର୍ଦ୍ଧନା**

କମିଶନରେଟ୍ ପୋଲିସ ଅଞ୍ଚଳରେ ୨ଟି ପଡ ଆପରାଧିକ ମାମଲାର ସଫଳ ପରିଚାଳନା କରି ଅପରାଧୀଙ୍କୁ ଉଚିତ ଦଣ୍ଡ ବିଧାନ ହୋଇଛି। ଉଭୟ ମାମଲା ପରିଚାଳନା କରିଥିବା ଅତିରିକ୍ତ ପିପି ଓ ମାମଲାଗୁଡ଼ିକର ତଦନ୍ତକାରୀ ଅଧିକାରୀ(ଆଇଓ)ଙ୍କୁ ବୁଧବାର ପୋଲିସ କମିଶନର ସୁଧାଂଶୁ ଷଡଙ୍ଗୀ ଓ ଅତିରିକ୍ତ କମିଶନର ଅନୁପ କୁମାର ସାହୁ ପୋଲିସ ସେବା ଭବନରେ ସମ୍ବର୍ଦ୍ଧିତ କରିଛନ୍ତି। ଏହି ସମ୍ବର୍ଦ୍ଧନା ବିଭିନ୍ନ ଆପରାଧିକ ମାମଲାର ତଦନ୍ତ ଓ ପରିଚାଳନା କରୁଥିବା ଅଧିକାରୀମାନଙ୍କ ମନୋବଳକୁ ଅଧିକ ଉଚ୍ଚକୁ ନେବ ବୋଲି ଉଭୟ ଅତିରିକ୍ତ ପିପି ଓ ଆଇଓ ମତବ୍ୟକ୍ତ କରଥିଲେ। ୨୦୧୩ ମସିହାରେ ନୟାପଲ୍ଲୀ ଥାନା ଅଧୀନରେ ରହୁଥିବା ଅବସରପ୍ରାପ୍ତ ସେନା ଡାକ୍ତର ସୋମନାଥ ପରିଡ଼ା ତାଙ୍କ ସ୍ତ୍ରୀ ଉଷାଶ୍ରୀଙ୍କୁ ହତ୍ୟା କରିଥିଲେ। ହେଲେ ସମସ୍ତ ପ୍ରମାଣ ଲିଭାଇ ଦେବାକୁ ସେ ଆପ୍ରାଣ ଉଦ୍ୟମ କରିଥିଲେ। ମାମଲାରେ କେହି ପ୍ରତ୍ୟକ୍ଷଦର୍ଶୀ ସାକ୍ଷୀ ନ ଥିବାରୁ ପ୍ରମାଣ ଯୋଗାଡ କରିବାରେ ଅନେକ ବାଧା ସୃଷ୍ଟି ହୋଇଥିଲା। ତତ୍କାଳୀନ ନୂଆପଲ୍ଲୀ ଥାନା ଏସିପି ତଥା ବର୍ତ୍ତମାନର ପାରାଦୀପ ଅତିରିକ୍ତ ଏସ୍‌ପି ଭାବେ କାର୍ଯ୍ୟରତ ବିଷ୍ଣୁ ଚରଣ ମିଶ୍ରଙ୍କୁ କାଠିକର ପାଠ ହୋଇଥିଲା। କିନ୍ତୁ ପୋଲିସ ଉଚିତ ତଦନ୍ତ କରି ତଥ୍ୟ ପ୍ରମାଣ ଯୋଗାଡ କରିବା ସହ ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ଶରଦ ଚନ୍ଦ୍ର ସାମନ୍ତଙ୍କ ସଫଳ ପରିଚାଳନା କରିଥିଲେ। ଏହି ହତ୍ୟାକାଣ୍ଡ ଘଟାଇଥିବା ଅବସରପ୍ରାପ୍ତ ସେନାବାହିନୀ କର୍ମଚାରୀ ସୋମନାଥଙ୍କ ବିରୋଧରେ ୨୪ଟି ସାକ୍ଷୀ ଏବଂ ୪୪ଟି ଅନ୍ୟ ପ୍ରମାଣରେ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ ହୋଇଥିଲା। ସେହିଭଳି ୨୦୧୮ ରେ ଏୟାରଫିଲ୍ଡ ଥାନା ଅଧୀନରେ ରହୁଥିବା ଚନ୍ଦନ ମଲ୍ଲିକ ଶ୍ୱଶୁର ଅଭିମନ୍ୟୁ ନାୟକଙ୍କୁ ହତ୍ୟା ଉଦ୍ଦେଶ୍ୟ ରଖି ମରଣାନ୍ତକ ଆକ୍ରମଣ କରିଥିଲେ। ସଙ୍କଟାପନ୍ନ ଅବସ୍ଥାରେ ତାଙ୍କୁ କଟକ ବଡ ମେଡିକାଲ ଭର୍ତ୍ତି କରାଯାଇଥିଲ। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ତତ୍କାଳୀନ ଏୟାରଫିଲ୍ଡ ଥାନାର ଏସ୍‌ଆଇ ତଥା ବର୍ତ୍ତମାନର ରାଜନଗର ଥାନା ଏସ୍‌ଆଇ ଅଜୟ ସାହୁ ମାମଲାର ସଫଳ ତଦନ୍ତ କରିଥିଲେ। ଏସଆଇ ଅଜୟଙ୍କ ଉଦ୍ୟମ ବଳରେ ୨୪ ଘଣ୍ଟା ମଧ୍ୟରେ ଅଭିଯୁକ୍ତ ଗିରଫ ହେବା ସହ ଉଚିତ ତଥ୍ୟ ପ୍ରମାଣ ଯୋଗାଡ କରିଥିଲେ। ଅତିରିକ୍ତ ପିପି ସଲିଳ ପ୍ରଧାନଙ୍କ ଦକ୍ଷ ପରିଚାଳନା ବଳରେ ଅଭିଯୁକ୍ତ ଚନ୍ଦନକୁ ଆଜୀବନ କାରାଦଣ୍ଡାଦେଶ ହୋଇଛି।

## ସ୍ମୃତିରେ ବିଜୁବାବୁ



# ବିରଳ ବ୍ୟକ୍ତିତ୍ୱ



କେବଳ ଓଡ଼ିଶା କି ଭାରତ ନୁହେଁ, ବିଦେଶରେ ମଧ ଏକ ଚର୍ଚ୍ଚିତ ଓ ବିରଳ ବ୍ୟକ୍ତିତ୍ୱ ହେଲେ ବିଜୁ ପଟ୍ଟନାୟକ (ବିଜୟାନନ୍ଦ ପଟ୍ଟନାୟକ)। ବିଜୁ ବାବୁ ନାମରେ ସେ ବେଶି ପରିଚିତ। ଦେଶର ଆଗଧାଡ଼ିର ଓ ଜଣାଶୁଣା ରାଜନେତା, ଦକ୍ଷ ବୈମାନିକ ଏବଂ ଶିଳ୍ପପତି ଥିଲେ। ୧୯୬୧ ଜୁନ ୨୩ରୁ ୧୯୬୩ ଅକ୍ଟୋବର ୨ ଏବଂ ୧୯୯୦ ମାର୍ଚ୍ଚ ୫ରୁ ୧୯୯୫ ମାର୍ଚ୍ଚ ୧୫ ଯାଏ ସେ ଦୁଇଥର ଓଡ଼ିଶାର ମୁଖ୍ୟମନ୍ତ୍ରୀ ପଦ ଅଳଙ୍କୃତ କରିଥିଲେ ।

## ବାଲ୍ୟଜୀବନ ଓ ପାଠପଢ଼ା

କଟକର ତୁଳସୀପୁରଠାରେ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ଓ ଆଶାଲତା ପଟ୍ଟନାୟକଙ୍କ ତୃତୀୟ ସନ୍ତାନ ଭାବେ ୧୯୧୬ ମାର୍ଚ୍ଚ ୫ରେ ଜନ୍ମଗ୍ରହଣ କରିଥିଲେ ବିଜୁବାବୁ। କଟକସ୍ଥିତ ରେଭେନ୍‌ଶା କଲିଜିଏଟ ସ୍କୁଲରେ ପାଠପଢ଼ା ଶେଷ ହେବା ପରେ ରେଭେନ୍‌ଶା କଲେଜରେ ବିଜ୍ଞାନ ବିଷୟ ନେଇ ପଢ଼ିଥିଲେ। ପରେ ସେ ଦିଲ୍ଲୀର ଏରୋନଟିକ୍ସ ଟ୍ରେନିଂ ଶିକ୍ଷାନୁଷ୍ଠାନରେ ବିମାନ ଉଡ଼ାଣ ଶିକ୍ଷାରେ ଯୋଗଦେଇଥିଲେ।

## ବିବାହ ଓ ପରିବାର

ବିଜୁବାବୁ ୧୯୩୮ରେ ଜ୍ଞାନ ପଟ୍ଟନାୟକଙ୍କୁ ବିବାହ କରିଥିଲେ। ତାଙ୍କ ପୁଅ ନବୀନ ପଟ୍ଟନାୟକ ବର୍ତ୍ତମାନ ଓଡ଼ିଶା ମୁଖ୍ୟମନ୍ତ୍ରୀ ଥିବାବେଳେ ଝିଅ ଗୀତା ମେହେଟ୍ଟା ଜଣେ ବିଶିଷ୍ଟ ଲେଖିକା। ତାଙ୍କର ବଡ଼ ପୁଅ ପ୍ରେମ ପଟ୍ଟନାୟକ ଜଣେ ବ୍ୟବସାୟୀ ଭାବେ ଦିଲ୍ଲୀରେ ଅବସ୍ଥାପିତ।

## କର୍ମ ଜୀବନ

ବିମାନ ଉଡ଼ାଣ ଶିକ୍ଷା ସମାପ୍ତ ପରେ ବିଜୁବାବୁ ଇଣ୍ଡିଆନ ଏୟାରୱେଜ୍‌ରେ ପାଇଲଟ ଭାବରେ ଚାକିରି କରିଥିଲେ। ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ସେ ନିଜେ ବିମାନ ଚଳାଇ ଇଣ୍ଡୋନେସିଆର ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ ଡଚମାନଙ୍କଠାରୁ ଉଦ୍ଧାର କରିଥିଲେ। ଏହି ଦୁଃସାହସିକ କାର୍ଯ୍ୟ ପାଇଁ ତାଙ୍କୁ ଇଣ୍ଡୋନେସିଆର ସର୍ବୋଚ୍ଚ 'ଭୂମିପୁତ୍ର' ସମ୍ମାନରେ ସମ୍ମାନିତ କରାଯାଇଥିଲା।

## ରାଜନୀତିରେ ଯାତ୍ରା

ବିଜୁବାବୁଙ୍କ ରାଜନୈତିକ କ୍ୟାରିୟର ଆରମ୍ଭ ହୋଇଥିଲା ୧୯୪୬ରେ। ଉତ୍ତର କଟକ ନିର୍ବାଚନମଣ୍ଡଳୀରୁ ସେ ନିର୍ଦ୍ୱନ୍ଦ୍ୱରେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ଏହାପରେ ସେ ୧୯୫୨ ଏବଂ ୧୯୫୭ରେ ଯଥାକ୍ରମେ ଗଞ୍ଜାମ ଜିଲାର ଜଗନ୍ନାଥପ୍ରସାଦ ଏବଂ ସୋରଡ଼ାରୁ ଜିତିଥିଲେ। ୧୯୬୧ରେ ସେ ରାଜ୍ୟ କଂଗ୍ରେସର ସଭାପତି ହୋଇଥିଲେ। ତାଙ୍କ ନେତୃତ୍ୱରେ କଂଗ୍ରେସ ୧୪୦ରୁ ୮୨ ଆସନରେ ବିଜୟୀ ହୋଇଥିଲା। ବିଜୁବାବୁ ଚୌଦ୍ୱାର ଆସନରୁ ବିଜୟୀ ହୋଇ ୪୫ ବର୍ଷ ବୟସରେ ପ୍ରଥମଥର ନିମନ୍ତେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହୋଇଥିଲେ। କଂଗ୍ରେସକୁ ପୁନଃ ସତେଜ କରିବା ପାଇଁ ସେ ୧୯୬୩ ଅକ୍ଟୋବର ୨ରେ ମୁଖ୍ୟମନ୍ତ୍ରୀ ପଦବୀରୁ ଇସ୍ତଫା ଦେଇଥିଲେ। ହେଲେ ୧୯୭୧ରେ ହୋଇଥିବା ରାଜ୍ୟ ସଭା ନିର୍ବାଚନରେ ଟିକେଟ୍ ନ ମିଳିବାରୁ ବିଜୁବାବୁ କଂଗ୍ରେସ ଛାଡ଼ି ନିଜେ 'ଉତ୍କଳ କଂଗ୍ରେସ' ନାମରେ ଏକ ଦଳ ଗଢ଼ିଥିଲେ। ୧୯୭୧ ବିଧାନସଭା ନିର୍ବାଚନରେ ତାଙ୍କ ଦଳ ୩୩ ଆସନରେ ବିଜୟୀ ହୋଇଥିଲା। ଏହାପରେ ବିଜୁବାବୁ ତାଙ୍କ ପୁରୁଣା ବନ୍ଧୁ ଜୟପ୍ରକାଶ ନାରାୟଣଙ୍କ ସହିତ ପୁନଃ ସମ୍ପର୍କ ସ୍ଥାପନ କରିଥିଲେ ଏବଂ ୧୯୭୪ରେ ଜେ.ପି. ମୁଭମେଣ୍ଟରେ ଯୋଗଦେଇଥିଲେ। ୧୯୭୫ରେ ଯେତେବେଳେ ଜରୁରିକାଳୀନ ପରିସ୍ଥିତି ଘୋଷଣା ହେଲା ସେତେବେଳେ ଅନ୍ୟ ବିରୋଧୀ ନେତାମାନଙ୍କ ସହ ବିଜୁବାବୁ ଗିରଫ ହୋଇଥିଲେ। ୧୯୭୭ରେ ସେ ଜେଲରୁ ମୁକୁଳିବା ପରେ ସେହିବର୍ଷ କେନ୍ଦ୍ରାପଡ଼ା ଲୋକ ସଭା ଆସନରୁ ଲଢ଼ି ବିଜୟୀ ହୋଇଥିଲେ। ୧୯୮୦ ପର୍ଯ୍ୟନ୍ତ ଉଭୟ ମୋରାରଜୀ ଦେଶାଇ ଓ ଚୌଧୁରୀ ଚରଣ ସିଂହଙ୍କ ସରକାରରେ ଇସ୍ପାତ ଓ ଖଣି ମନ୍ତ୍ରୀ ହୋଇଥିଲେ। ଏହାପରେ ଜନତା ପାର୍ଟି ପ୍ରାର୍ଥୀ ଭାବେ ୧୯୮୦ ଓ ୧୯୮୪ ଲୋକ ସଭା ନିର୍ବାଚନରେ କେନ୍ଦ୍ରାପଡ଼ା ଆସନରୁ ବିଜୟୀ ହୋଇଥିଲେ। ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ମୃତ୍ୟୁ ପରେ ୧୯୮୪ ଲୋକ ସଭା ନିର୍ବାଚନରେ ସାରା ଦେଶରେ କଂଗ୍ରେସ ଲହରି ଥିଲା। କଂଗ୍ରେସ ବିପୁଳ ଆସନ ଦଖଲ କରିଥିଲେ ମଧ କେନ୍ଦ୍ରାପଡ଼ାରେ ତାହାର ପ୍ରଭାବ ପଡ଼ି ନ ଥିଲା। ୧୯୮୯ ଲୋକ ସଭା ନିର୍ବାଚନରେ କଂଗ୍ରେସ ପରାଜିତ ହେବା ପରେ ଜାତୀୟ ରାଜନୀତିରେ ବିଜୁ ବାବୁ ପୁଣିଥରେ ଚମକିଥିଲେ। ସେହି ସମୟରେ ଭି.ପି. ସିଂ ପ୍ରଧାନମନ୍ତ୍ରୀ ହେବା ପଛରେ ବିଜୁବାବୁଙ୍କ ଉଲ୍ଲେଖନୀୟ ଅବଦାନ ରହିଥିଲା। ଏହାପରେ ସେ ରାଜ୍ୟ ରାଜନୀତିରେ ମନୋନିବେଶ କରିଥିଲେ। ୧୯୯୦ ବିଧାନସଭା ନିର୍ବାଚନରେ ବିଜୁବାବୁଙ୍କ ନେତୃତ୍ୱରେ ଜନତା ଦଳ ୧୨୩ ଆସନରେ ବିଜୟୀ ହୋଇଥିଲା। ବିଜୁବାବୁ ୧୯୯୫ ମାର୍ଚ୍ଚ ୧୫ ପର୍ଯ୍ୟନ୍ତ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହୋଇଥିଲେ। ୧୯୯୬ରେ ସେ କଟକ ଓ ଆସିକା ଆସନରୁ ପୁନଃ ଲୋକ ସଭାକୁ ନିର୍ବାଚିତ ହୋଇଥିଲେ। କିନ୍ତୁ ୧୯୯୭ ଏପ୍ରିଲ ୧୭ରେ ତାଙ୍କର ପରଲୋକ ଘଟିଥିଲା।



ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ସହ ବିଜୁବାବୁ।



ବାପା ଲକ୍ଷ୍ମୀନାରାୟଣ ପଟ୍ଟନାୟକଙ୍କ ସହ।



ସହଧର୍ମିଣୀ ଜ୍ଞାନ ପଟ୍ଟନାୟକଙ୍କ ସହ।




ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ସହ ବିଜୁ ପଟ୍ଟନାୟକ।





ଜାତୀୟସ୍ତରୀୟ ନେତା ଏନ୍‌ଟି ରାମାରାଓ, ଏଚ୍.ଡି. ଦେବେଗୌଡ଼ା, ଜ୍ୟୋତି ବସୁ, ଏମ୍. କରୁଣାନିଧିଙ୍କ ଗହଣରେ ବିଜୁବାବୁ।



ଇଣ୍ଡୋନେସିଆରେ ବିଜୁବାବୁ।




ପୁରୀ ବେଳାଭୂମିରେ ସୁଦର୍ଶନ ପଟ୍ଟନାୟକ ବୁଧବାର ତିଆରି କରିଥିବା ବାଲୁକାକଳା।



ପୂର୍ବତନ ପ୍ରଧାନମନ୍ତ୍ରୀ ମୋରାରଜୀ ଦେଶାଇଙ୍କ ସହ ।



ସାଇକେଲରେ ବିଜୁବାବୁ ।




ବିଜୁବାବୁଙ୍କ ଉଦ୍ଦେଶ୍ୟରେ ପ୍ରଚଳିତ ପୋଷ୍ଟାଲ ଷ୍ଟାମ୍ପ।

# ଅନ୍ୟ ଟ୍ୟାଙ୍କରରେ ଭରାଗଲା ଗ୍ୟାସ୍

ବଇଣ୍ଡା, ୪।୩(ଡି.ଏନ.ଏ.)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଥାନା କମରେଇ ନିକଟ ୫୫ନଂ. ଜାତୀୟ ରାଜପଥରେ ମଙ୍ଗଳବାର ଦୁର୍ଘଟଣାଗ୍ରସ୍ତ ଏକ ପ୍ରୋପେନ ଗ୍ୟାସ୍ ବୋଝେଇ ଟ୍ୟାଙ୍କରରୁ ଗ୍ୟାସ୍ ଲିକ୍ ନେଇ ଯେଉଁ ଆତଙ୍କ ସୃଷ୍ଟି ହୋଇଥିଲା। ବୁଧବାର ଅପରାହ୍ନରେ ତାହାର ଅବସାନ ଘଟିଛି। ଓଲଟିପଡ଼ିଥିବା ଟ୍ୟାଙ୍କରରୁ ଗ୍ୟାସ୍ ଅନ୍ୟ ଏକ ଟ୍ୟାଙ୍କରରେ ଭରାଯିବା ପରେ କ୍ରେନ୍ ଯୋଗେ ଦୁର୍ଘଟଣାଗ୍ରସ୍ତ ଟ୍ୟାଙ୍କରକୁ ହଟାଯାଇଥିଲା। ଫଳରେ ଦୀର୍ଘ ୨୪ ଘଣ୍ଟା ପରେ ରାଜପଥରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା।

ପୋଲିସ କହିଛି, ଟ୍ୟାଙ୍କରଟି ହଳଦିଆରୁ ଛତିଶଗଡର ରାୟଗଡ ଅଭିମୁଖେ ଯାଉଥିଲା। ଚାଳକ ମଦ ନିଶାରେ ଥିବାରୁ କମରେଇ ନିକଟରେ ଗାଡ଼ିଟି ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡିବାରୁ ଗ୍ୟାସ୍ ଲିକ୍ ହୋଇ ଆଖପାଖ ଗ୍ରାମରେ ଆତଙ୍କ ଖେଳାଇ ଦେଇଥିଲା। ପ୍ରଶାସନ, ପୋଲିସ ଓ ୪ଟି ଅଗ୍ନିଶମ ଟିମ୍ ଉପସ୍ଥିତ ରହି ପରିସ୍ଥିତି ଉପରେ ନଜର ରଖିଥିବା ବେଳେ ରାତି ପ୍ରାୟ ୧୧ଟାରେ ବାଲେଶ୍ୱର, ହଳଦିଆ ଓ ଝାରସୁଗୁଡାରୁ ୩ଟି ବିଶେଷଜ୍ଞ ଦଳ ଘଟଣାସ୍ଥଳରେ ପହଞ୍ଚିଥିଲେ। ବୁଧବାର ସକାଳୁ ଦୁର୍ଘଟଣାଗ୍ରସ୍ତ ଟ୍ୟାଙ୍କରରୁ ଅନ୍ୟ ଏକ ଟ୍ୟାଙ୍କରରେ ଗ୍ୟାସ୍ ଫିଲିଙ୍ଗ କାମ ଆରମ୍ଭ ହୋଇଥିଲା। ପରେ ଜେଏସ୍‌ପିଏଲ୍‌ର ଏକ ହେଭି କ୍ରେନ୍ ଦ୍ୱାରା ଦୁର୍ଘଟଣାସ୍ତ ଟ୍ୟାଙ୍କରକୁ ରାଜପଥ ଉପରୁ ହଟାଯାଇଥିଲା। ଏହାପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା।




# ଯୁବକଙ୍କ ଶରୀରରୁ ବାହାରିଲା ୧୨କେଜିର ଟ୍ୟୁମର

ଭୁବନେଶ୍ୱର,୪।୩ (ବ୍ୟୁରୋ)

ଜଣେ ୨୯ ବର୍ଷୀୟ ଯୁବକଙ୍କ ଶରୀରରୁ ବାହାରିଛି ୧୨ କିଲୋ ଗ୍ରାମର ଏକ ବିରଳ ଜେନେଟିକ୍ ଟ୍ୟୁମର୍। ଦୀର୍ଘ ୩ ଘଣ୍ଟାର ଅସ୍ତ୍ରୋପଚାର ପରେ ଚନ୍ଦ୍ରକାନ୍ତ ଶର୍ମା ନାମକ ଜଣେ ରୋଗୀଙ୍କ ଦେହରୁ ନ୍ୟୁରୋଫାଇବ୍ରୋମାଟୋସିସ୍ ଟାଇପ୍-୧ (ଏନ୍‌ଏଫ୍୧) ଟ୍ୟୁମର୍ ବାହାର କରାଯାଇଛି। ୨୦ x ୨୫ ସେମି ବିଶିଷ୍ଟ ଏହି ଟ୍ୟୁମର୍ ଚନ୍ଦ୍ରକାନ୍ତଙ୍କ ଶରୀରରେ ପ୍ରାୟ ୧୫ବର୍ଷ ଧରି ରହିଥିଲା। ଏହା ପ୍ରଭାବରୁ କିଶୋରାବସ୍ଥାରୁ ବର୍ତ୍ତମାନ ପର୍ଯ୍ୟନ୍ତ ଚନ୍ଦ୍ରକାନ୍ତ ପ୍ରାୟ ଏକ ଦଶନ୍ଧି ହେଲା ଗୁରୁଣ୍ଡି ଗୁରୁଣ୍ଡି ଚାଲିବା ସହ ପ୍ରବଳ ଯନ୍ତ୍ରଣା ଭୋଗୁଥିଲେ। ଏନ୍‌ଏଫ୍-୧ ଶରୀରର ଗତିଶୀଳ କ୍ଷମତାକୁ ପ୍ରଭାବିତ କରିବା ଦ୍ୱାରା ତାଙ୍କ ଦେହରେ ବଢୁଥିବା ଏକାଧିକ ଟ୍ୟୁମର ତାଙ୍କର ମେରୁଦଣ୍ଡକୁ ପ୍ରଭାବିତ କରିଥିଲା। ଫଳରେ ସେ ସ୍କୋଲିଓସିସ୍‌ରେ ପୀଡିତ ହୋଇଥିଲେ ଓ ଟ୍ୟୁମର୍ ଧୀରେ ଧୀରେ ବଢି ଚାଲିଥିଲା। ଏହାଦ୍ୱାରା ଇଣ୍ଟ୍ରାଟ୍ୟୁମୋରାଲ ବ୍ଲିଡିଙ୍ଗ୍ ହୋଇ ପ୍ରାୟ ୨ଲିଟର ରକ୍ତ ସଞ୍ଚିତ ହୋଇଥିଲା, ଯାହାକି ପରେ ଆନେମିଆର କାରଣ ହୋଇଥିଲା। ତେବେ ବି.ଆର୍. ଲାଇଫ୍ କଳିଙ୍ଗ ହସ୍ପିଟାଲର ଲାପାରୋସ୍କୋପିକ୍ ସର୍ଜନ୍ ଡା. ରମ୍ୟରଞ୍ଜନ ବେହେରାଙ୍କ ଦ୍ୱାରା ବିପଦପୂର୍ଣ୍ଣ ତଥା ଜଟିଳ ଅସ୍ତ୍ରୋପଚାର କରାଯାଇ ଚନ୍ଦ୍ରକାନ୍ତଙ୍କ ଶରୀରରୁ ଉକ୍ତ ଟ୍ୟୁମରକୁ ବାହାର କରାଯାଇଛି। ଅତ୍ୟାଧୁନିକ ସର୍ଜିକାଲ ଟେକ୍ନୋଲୋଜିର ବ୍ୟବହାର ଦ୍ୱାରା ଟ୍ୟୁମର୍‌କୁ ସଫଳତାର ସହ ବାହାର କରାଯାଇଥିବା ଜଣାପଡ଼ିଛି।

ନ୍ୟୁରୋଫାଇବ୍ରୋମାଟୋସିସ୍ ଟାଇପ୍-୧ ହେଉଛି ଏକ ଜେନେଟିକ୍ ଅବସ୍ଥା ହୋଇଥିବାବେଳେ ଏହାଦ୍ୱାରା ରୋଗୀଙ୍କ ତ୍ୱଚାର ରଙ୍ଗରେ ପ୍ରଥମେ ପରିବର୍ତ୍ତନ ଦେଖାଯାଇଥାଏ। ତ୍ୱଚାର ସ୍ନାୟୁ, ମସ୍ତିଷ୍କ ଓ ଶରୀରର ଅନ୍ୟ ଅଂଶରେ ଏକାଧିକ କ୍ଷୁଦ୍ର ଓ ନରମ ଟ୍ୟୁମର ବଢିବା ଭଳି ଲକ୍ଷଣ ଦ୍ୱାରା ଏହାକୁ ଚିହ୍ନଟ କରାଯାଇଥାଏ। ୫୦ ପ୍ରତିଶତ ମାମଲାରେ ଏହା ପ୍ରଭାବିତ ପିତାମାତାଙ୍କ ଶରୀରରୁ ଜଣେ ବ୍ୟକ୍ତିଙ୍କ ଶରୀରକୁ ଯାଇଥାଏ। ଅନ୍ୟ କିଛି ମାମଲାରେ ଏକ ନୂଆ ପରିବର୍ତ୍ତନ କାରଣରୁ ଏହା ଲୋକଙ୍କଠାରେ ସୃଷ୍ଟି ହୋଇଥାଏ। ଏହି ରୋଗରେ ପୀଡିତ ଲୋକଙ୍କଠାରେ ଅଣ-କ୍ୟାନ୍‌ସରଯୁକ୍ତ ଓ କ୍ୟାନ୍‌ସରଯୁକ୍ତ ଟ୍ୟୁମର ହେବାର ଆଶଙ୍କା ରହିଥାଏ। ଶୀଘ୍ର ଚିହ୍ନଟ ଦ୍ୱାରା ଚିକିତ୍ସା ମାଧମରେ ଏହାକୁ ଭଲ କରାଯାଇପାରେ ବୋଲି ଡା. ରମ୍ୟରଞ୍ଜନ କହିଛନ୍ତି।




ସଫଳ ଅସ୍ତ୍ରୋପଚାର ସମ୍ପର୍କରେ ସୂଚନା ଦିଆଯାଉଛି।

# ବିଦ୍ୟୁତଜନିତ ଜୀବନହାନି ରୋକିବା ଉପରେ ଗୁରୁତ୍ୱ

ଭୁବନେଶ୍ୱର,୪।୩(ବ୍ୟୁରୋ)

ଆକସ୍ମିକ ଦୁର୍ଘଟଣାକୁ ହୁଏତ ରୋକା ଯାଇ ନ ପାରେ କିନ୍ତୁ ଦୁର୍ଘଟଣାରେ ଘଟୁଥିବା ଧନ ଓ ପ୍ରାଣହାନିକୁ ରୋକାଯାଇ ପାରିବ। ସେଥିପାଇଁ ଆମକୁ ସତର୍କତା ଅବଲମ୍ବନ କରିବାକୁ ହେବ। ପ୍ରତ୍ୟେକେ ଦାୟିତ୍ୱବାନ କର୍ମଚାରୀ ଭାବେ ନିଜ ନିଜର କର୍ତ୍ତବ୍ୟର ସୁଚାରୁ ରୂପେ ସମ୍ପାଦନ ପ୍ରତି ଧ୍ୟାନଦେବା, ନିଷ୍ଠାର ସହ କାର୍ଯ୍ୟ କରିବା ଏବଂ କାର୍ଯ୍ୟରେ କୌଣସି ତ୍ରୁଟିକୁ ପ୍ରଶ୍ରୟ ନ ଦେବା ତେବେ ମଣିଷ ଭଳି ଅମୂଲ୍ୟ ଜୀବନକୁ ସୁରକ୍ଷିତ ରଖିପାରିବା ବୋଲି ବୋଲି ଶକ୍ତିମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର କହିଛନ୍ତି। ବୁଧବାର ପୂର୍ବାହ୍ନରେ କୃଷିଭବନ ପ୍ରେକ୍ଷାଳୟରେ ଶକ୍ତି ବିଭାଗ, ଗ୍ରୀଡ୍‌କୋ ଏବଂ ଓଡ଼ିଶା ବିଦ୍ୟୁତ ଶକ୍ତି ସଞ୍ଚାରଣ ନିଗମ (ଓପିଟିସିଏଲ୍)ପକ୍ଷରୁ ଆୟୋଜିତ ୪୯ତମ ଜାତୀୟ ସୁରକ୍ଷା ଦିବସ ଅବସରରେ ଏକ ସଚେତନତା ସଭାରେ ମନ୍ତ୍ରୀ ଏହା କହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ, ଗ୍ରୀଡ୍‌କୋ ଏବଂ ଓପିଟିସିଏଲ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଡ. ସୌରଭ ଗର୍ଗ, ସେସୁର ମୁଖ୍ୟ ନିର୍ବାହୀ ଅଧିକାରୀ ଅରୁଣ ବୋଥ୍ରା, ଇଆଇସି ସନ୍ତୋଷ କୁମାର ଦାସ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଆଶିଷ ଈଶ୍ୱର ପାଟିଲ୍ ଯୋଗଦେଇ ସୁରକ୍ଷାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ମୁଖ୍ୟବକ୍ତା ଇଂ. ଉମାକାନ୍ତ ମିଶ୍ର ସୁରକ୍ଷାର ଆବଶ୍ୟକତା ଏବଂ ଏହାର ପ୍ରୟୋଗ ଉପରେ ଗଭୀର ଭାବେ ଆଲୋକପାତ କରିଥିଲେ। ବକ୍ତାମାନେ ସୁରକ୍ଷା ସମ୍ବନ୍ଧରେ ସ୍କୁଲ ସ୍ତରର ପାଠ୍ୟକ୍ରମରେ ଏକ ବିଷୟ ସ୍ଥାନିତ କରିବା ପାଇଁ ମତ ଦେଇଥିଲେ। ପରେ ଏହି ଦିବସ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏଥି ସହିତ ଶ୍ରେଷ୍ଠ ସୁରକ୍ଷିତ ଗ୍ରୀଡ୍ ଭାବେ କେନ୍ଦ୍ରାପଡ଼ା ଗ୍ରୀଡ୍ ସବ୍‌ଷ୍ଟେଶନ୍ ପ୍ରଥମ, ଗ୍ରୀଡ୍ ସବ୍‌ଷ୍ଟେଶନ୍ ଲକ୍ଷ୍ମୀପୁରକୁ ଦ୍ୱିତୀୟ ଏବଂ ଗ୍ରୀଡ୍ ସବ୍‌ଷ୍ଟେଶନ୍, ଆସ୍କାକୁ ତୃତୀୟ ପୁରସ୍କାର ପ୍ରଦାନ କରାଯାଇଥିଲା। ସର୍ବୋତ୍ତମ ନିର୍ମାଣ କାର୍ଯ୍ୟକ୍ଷେତ୍ର ଭାବେ ମଙ୍ଗେଶ୍ୱର ୧୩୨/୩୩ କେଭି ଜିଆଇଏସକୁ ପୁରସ୍କୃତ କରାଯାଇଥିଲା।



ଉତ୍ତରାଖଣ୍ଡ ପିଥୋରାଗଡ଼ର ନାପଡ଼ ଗାଁର ଜଣେ ପୋଷ୍ଟ ଗ୍ରାଜୁଏଟ୍ ଛାତ୍ରୀ ଏବେ ସୋସିଆଲ ମିଡ଼ିଆରେ ବେଶ୍ ଭାଇରାଲ ହେବାରେ ଲାଗିଛନ୍ତି। ତାଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା କୁମାୟୁନ୍ ସଂସ୍କୃତିର ୩୦୦ରୁ ଅଧିକ ଟିକ୍‌ଟକ୍ ଭିଡ଼ିଓ ଦେଖିବାକୁ ପ୍ରଶଂସକ ପସନ୍ଦ କରୁଛନ୍ତି। ଇତିମଧ୍ୟରେ ତାଙ୍କର ୧୦ଟି ଭିଡ଼ିଓକୁ ୧ନିୟୁତରୁ ଅଧିକ ଥର ମଧ ଦେଖା ସରିଛି। ତାଙ୍କର ଫଲୋଅର୍ସ ସଂଖ୍ୟା ୧୦ ଲକ୍ଷରୁ ଅଧିକ ରହିଛି। ଏହି ଛାତ୍ରୀ ଜଣକ ହେଉଛନ୍ତି ଭାବନା ତୁଫାଲ୍। ଗୋଟିଏ ବର୍ଷ ତଳେ ସେ କୁମାୟୁନ୍ ସଂସ୍କୃତି ଉପରେ ଟିକ୍‌ଟକ୍ ଭିଡ଼ିଓ ତିଆରି କରିବାକୁ ନିଷ୍ପତ୍ତି ଗ୍ରହଣ କରିଥିଲେ। ପରେ ଟିକ୍‌ଟକ୍‌ରେ ତାଙ୍କର ଫଲୋଅର୍ସଙ୍କ ସଂଖ୍ୟା ବଢ଼ିଚାଲିଥିଲା।

# ସପ୍ତାହେ ପାଇଁ ସ୍କୁଲ ଛାତ୍ରୀଙ୍କୁ ଜିଲାପାଳ ଦାୟିତ୍ୱ

**ବୁଲ୍‌ଢ଼ାଣା(ମହାରାଷ୍ଟ୍ର):** ଆଉ ଦୁଇ ଦିନ ପରେ ଅନ୍ତର୍ଜାତୀୟ ମହିଳା ଦିବସ। ଏଥିପାଇଁ ବିଭିନ୍ନ ସ୍ଥାନରେ ଆରମ୍ଭ ହେଲାଣି ପ୍ରସ୍ତୁତି। ଏହି ଦିନକୁ ପାଳିବା ପାଇଁ ମହିଳାମାନେ ମଧ ବିଭିନ୍ନ କାର୍ଯ୍ୟକ୍ରମ ସ୍ଥିର କରିଥିବେ। ହେଲେ ମହାରାଷ୍ଟ୍ର ରାଜ୍ୟ ବୁଲ୍‌ଢ଼ାଣା ଜିଲାରେ ସପ୍ତାହ ପୂର୍ବରୁ ଆରମ୍ଭ ହେଲାଣି ମହିଳା ଦିବସ ଉତ୍ସବ। ଜିଲାପାଳ ସୁମନ୍ ଚନ୍ଦ୍ରା ଏହାକୁ ସପ୍ତାହବ୍ୟାପୀ ପାଳିବାକୁ ଚିନ୍ତା କରିଥିବାବେଳେ ଏଥିପାଇଁ ଏକ ଅଭିନବ ପଦକ୍ଷେପ ହାତକୁ ନେଇଛନ୍ତି। ସ୍କୁଲ ଛାତ୍ରୀଙ୍କୁ ସଶକ୍ତ କରିବା ଓ ପ୍ରେରଣା ଯୋଗାଇବା ଲକ୍ଷ୍ୟ ନେଇ ପ୍ରତ୍ୟେକ ଦିନ



ବୁଲ୍‌ଢ଼ାଣା ଜିଲାପାଳଙ୍କ ଅଭିନବ ପ୍ରୟାସ

ଜିଲାର ଜଣେ ଲେଖାଏ ମେଧାବୀ ଛାତ୍ରୀଙ୍କୁ ଜିଲାପାଳ ଦାୟିତ୍ୱ ଦେଉଛନ୍ତି। ଗତ ୨ ତାରିଖରୁ ଏହି ନିଆରା କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ପ୍ରଥମ ଦିନରେ ପଡୋଲି ଜିଲାପରିଷଦ ସ୍କୁଲରେ ୮ମ ଶ୍ରେଣୀରେ ପଢୁଥିବା ମେଧାବୀ ଛାତ୍ରୀ ପୁନମ୍ ଦେଶମୁଖ୍ ଜିଲାପାଳଙ୍କ ଆସନରେ ବସି ଦିନକ ପାଇଁ ଜିଲାର ଦାୟିତ୍ୱ ସମ୍ଭାଳିଥିଲେ। ଜିଲାପାଳ ଚନ୍ଦ୍ରା ପୁନମ୍‌ଙ୍କୁ କର୍ମଚାରୀଙ୍କ ସହ ପରିଚୟ କରାଇଥିଲେ, ପୁନମ୍ ମଧ ଜିଲାପାଳଭାବେ ସମସ୍ତ କାର୍ଯ୍ୟର ତଦାରଖ କରିଥିଲେ। ଗଣମାଧମ ସହ ଆଲୋଚନା କରି ଜିଲାରେ ଅଦିନିଆ ବର୍ଷା ନେଇ ପୁନମ୍ ଚିନ୍ତା ବ୍ୟକ୍ତ କରିଥିଲେ। ପ୍ରଭାବିତ ଚାଷୀଙ୍କୁ ଆବଶ୍ୟକ ସହାୟତା ଯୋଗାଇଦେବା ପାଇଁ ମଧ ନିର୍ଦ୍ଦେଶ ଦିଆଯାଇଥିବା ଜିଲାପାଳ ଚନ୍ଦ୍ରା ପ୍ରକାଶ କରିଥିଲେ। ସେହିପରି ଦ୍ୱିତୀୟ ଦିନରେ ମଙ୍ଗରୁଲ୍ ନବ୍‌ଗରେ ଜେଡ଼ପି ସ୍କୁଲର ୯ମ ଶ୍ରେଣୀ ଛାତ୍ରୀ ଯୋଗିତା ମାଗର୍ ଜିଲାପାଳଙ୍କ ଭାର ସମ୍ଭାଳିଥିଲେ। କାର୍ଯ୍ୟାଳୟ ଦାୟିତ୍ୱ ସହ ସେ ଏକ ସଡ଼କ ନିର୍ମାଣ ଯୋଜନା ବିଷୟରେ ବୁଝିବା ପାଇଁ ଯାଇଥିଲେ। ସେଠାରେ ଠିକାଦାରଙ୍କ ସହ ଆଲୋଚନା କରି ଧୂଳି ପ୍ରଦୂଷଣ ପାଇଁ ପଦକ୍ଷେପ ନେବାକୁ କହିଥିଲେ। ଏଥିରେ ସ୍ଥାନୀୟ ଲୋକେ ମଧ ଯୋଗିତାଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ତେବେ ଏ ନେଇ ଜିଲାପାଳ ଚନ୍ଦ୍ରା କହିଛନ୍ତି, ଏଠାରେ ଏହି କୁନି ଜିଲାପାଳମାନେ ଅଧିକାରୀଭାବେ କୌଣସି ନିଷ୍ପତ୍ତି ନେବା ଗୁରୁତ୍ୱପୂର୍ଣ୍ଣ ବିଷୟ ନୁହେଁ, ତାହା ମୋ ଦାୟିତ୍ୱ। କିନ୍ତୁ ଜଣେ ଜିଲାପାଳଙ୍କ ପ୍ରକୃତ କର୍ତ୍ତବ୍ୟ ଏବଂ ସମସ୍ୟା ନେଇ ଆସୁଥିବା ଶହଶହ ଲୋକଙ୍କ ସହ କିପରି ମିଶିବେ ଏବଂ ଆଲୋଚନା କରିବେ ସେ ବିଷୟରେ ସେମାନେ ବୁଝିବାର ସୁଯୋଗ ପାଇଛନ୍ତି। ସେହିପରି ଦାୟିତ୍ୱ ଶେଷ ପରେ ସେମାନଙ୍କୁ ନିଜର ଅନୁଭବ ବିଷୟରେ ଏକ ସଂକ୍ଷିପ୍ତ ନିବନ୍ଧ ଲେଖିବାକୁ କୁହାଯାଇଛି। ଏହା ଭବିଷ୍ୟତରେ ସିଭିଲ୍ ସର୍ଭିସ୍ ପରୀକ୍ଷା ପାଇଁ ନିଜକୁ ପ୍ରସ୍ତୁତ କରିବାରେ ପ୍ରେରଣା ଯୋଗାଇବ ବୋଲି ଜିଲାପାଳ ଚନ୍ଦ୍ରା କହିଛନ୍ତି। ଏଭଳି ପଦକ୍ଷେପକୁ ସୋସିଆଲ୍ ମିଡିଆରେ ଅନେକେ ସ୍ୱାଗତ କରିଛନ୍ତି।

# ଏଆଇ ଧରିବ କରୋନା



**ବେଜିଂ:** କରୋନା ଆତଙ୍କରେ ଥରହର ହେଉଛି ସାରା ବିଶ୍ୱ। ଦିନକୁ ଦିନ ଏହି ଭୂତାଣୁ ଗୋଟିଏ ପରେ ଗୋଟିଏ ଦେଶରେ କାୟା ମେଲାଇ ଚାଲିଛି। ଏହି ଜଟିଳ ରୋଗର ଶତ ପ୍ରତିଶତ ନିରାକରଣ ଲାଗି ଅଦ୍ୟାବଧି ପ୍ରତିଷେଧକ ବାହାରିନାହିଁ, ଯାହା ସମସ୍ୟାକୁ ଆହୁରି ବଢ଼ାଇଦେଇଛି। ତେବେ ନିକଟରେ କରୋନା ସନ୍ଦିଗ୍ଧଙ୍କୁ ଚିହ୍ନଟ କରିବାକୁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଟେକ୍ନୋଲୋଜି ବେଶ୍ ଫଳପ୍ରଦ ହେବ ବୋଲି ଦାବି କରିଛନ୍ତି ବୈଜ୍ଞାନିକ। ଏହାଦ୍ୱାରା ପ୍ରଭାବିତ ଅଞ୍ଚଳରେ ଭୂତାଣୁର ଶିକାର ହୋଇଥିବା ରୋଗୀଙ୍କୁ ସହଜରେ ଠାବ କରାଯାଇପାରିବ। ମନୁଷ୍ୟ ଶରୀରର ତାପମାତ୍ରାକୁ ଆଧାର କରି ସନ୍ଦିଗ୍ଧ ରୋଗୀଙ୍କୁ ଚିହ୍ନଟ କରାଯାଇପାରିବ। ଏହାଦ୍ୱାରା ପ୍ରାରମ୍ଭିକସ୍ତରରୁ ରୋଗୀଙ୍କୁ ଚିକିତ୍ସା ସୁବିଧା ମିଳିପାରିବ। ମିଚିଗାନ ଏବଂ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ଏହି ଟେକ୍ନୋଲୋଜିର ବିକାଶ କରିଛନ୍ତି।

ଏହି ଟେକ୍ନୋଲୋଜି ଜରିଆରେ ୧୦୦୦ବର୍ଗ ଫୁଟ ଅଞ୍ଚଳରେ ନଜର ରଖାଯାଇପାରିବ ଏବଂ ଥରକେ ୧୦୦ଜଣଙ୍କ ଶରୀରର ତାପମାତ୍ରାକୁ ଯାଞ୍ଚ କରାଯାଇପାରିବ। ଏସବୁ କାମ ମାତ୍ର କେଇ ମାଇକ୍ରୋ ସେକେଣ୍ଡ ମଧ୍ୟରେ ହୋଇଯିବ। ଏହି ଟେକ୍ନୋଲୋଜିରେ ଇଣ୍ଟିଗ୍ରେଟେଡ୍ କ୍ୟାମେରା ସିଷ୍ଟମ, ଟେମ୍ପରେଚର ସେନ୍ସର, ନ୍ୟୁରଲ ନେଟ୍‌ୱାର୍କ ସିଷ୍ଟମର ବ୍ୟବହାର କରାଯିବ। ଉହାନ୍, ବେଜିଂ ସମେତ ଚାଇନାର ଅନେକ ସ୍କୁଲ, ହସ୍ପିଟାଲ, ସ୍କୁଲ ସମେତ ସର୍ବସାଧାରଣ ସ୍ଥାନରେ ଏହି ଟେକ୍ନୋଲୋଜିକୁ ବ୍ୟବହାର କରାଯିବାକୁ ଯୋଜନା କରାଯାଉଛି।

ଏଆଇ ଟେକ୍ନୋଲୋଜିରେ ଫାୟରଟାଇନ୍ସ ଇନ୍‌ଷ୍ଟଲ କରାଯାଇଛି। ଏହା ହେଉଛି ଏକ ଉଚ୍ଚ କ୍ଷମତା ସମ୍ପନ୍ନ ଇଣ୍ଟିଗ୍ରେଟେଡ୍ ସର୍କିଟ୍। ଏହାକୁ ଉପଯୋଗ କରି ୯୯% ଠିକ୍ ତାପମାତ୍ରା ରିଡିଂ କରାଯାଇପାରିବ। ଏହି ବୈଷୟିକ କୌଶଳ କ୍ଷୀପ୍ରଗତିରେ ସେଣ୍ଟ୍ରାଲ୍ ସର୍ଭରକୁ ଡାଟା ପ୍ରେରଣ କରିବ। ଏଥିରେ ଲାଗିଥିବା ଫେସିଆଲ ରେକଗ୍‌ନାଇଜେଶନ ସିଷ୍ଟମ ଏବଂ ନ୍ୟୁରଲ ପ୍ରୋସେସିଂ ୟୁନିଟ୍ ଏକ ସେକେଣ୍ଡରେ ୩ ଲକ୍ଷ କୋଟି ଗଣନା କରିବାକୁ ସକ୍ଷମ, ଯାହା କରୋନା ଭାଇରସ୍ ସନ୍ଦିଗ୍ଧଙ୍କୁ ଠାବ କରିବାରେ ସଫଳ ହେବ ବୋଲି ବୈଜ୍ଞାନିକମାନେ କହିଛନ୍ତି।

# କରୋନା ଭୟରେ ଗୋଡ଼ ମିଳାଉଛନ୍ତି ଲୋକେ



କରୋନାକୁ ନେଇ ଚାରିଆଡ଼େ ଭୟର ବାତାବରଣ। ସାମାନ୍ୟ ଥଣ୍ଡା ଜ୍ୱରରୁ ବ୍ୟାପୁଥିବା ଏହି ରୋଗଠାରୁ ଦୂରେଇ ରହିବା ଲାଗି ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦିଆଯାଉଛି। ଭାରତରେ ମଧ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି। ଏ ସବୁ ମଧ୍ୟରେ ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଏକ ଭିଡିଓ ଚର୍ଚ୍ଚାକୁ ଆସୁଛି। ଭିଡିଓରେ ଲୋକମାନେ ହାତ ନୁହେଁ, ବରଂ ଗୋଡ଼ ମିଳାଉଥିବା ଦେଖାଯାଉଛି। କରୋନା ଭୟରେ ସେମାନେ ଏଭଳି କରୁଥିବା କୁହାଯାଉଛି। ତେବେ କରୋନା ସଂକ୍ରମଣରୁ ଦୂରରେ ରହିବା ଲାଗି ହାତ ମିଳାଇବାକୁ ମନା କରାଯାଇଛି। ଏପରି କି ଆଲିଙ୍ଗନ ନ କରିବାକୁ ପରାମର୍ଶ ଦିଆଯାଇଛି। ଛୁଇଁବା ମାତ୍ରକେ ରୋଗ ବ୍ୟାପିବାର ଆଶଙ୍କା ରହିଛି। ଏଣୁ ପରିବେଶକୁ ସ୍ୱଚ୍ଛ ରଖିବା ଏବଂ ବାରମ୍ବାର ହାତ ଧୋଇବା ଆଦି ଅନେକ ଆଡ୍‌ଭାଇଜରି ଜାରି ହୋଇଛି। ଚାଇନାରେ ପ୍ରଥମେ ଦେଖାଦେଇଥିବା ଏହି ରୋଗ ଏବେ ଅନେକ ଦେଶକୁ ବ୍ୟାପିଲାଣି। ହାତ ମିଳାଇବା ପରିବର୍ତ୍ତେ ଗୋଡ଼ ମିଳାଇବାରେ କୌଣସି ସଂକ୍ରମଣ ଭୟ ନ ଥିବାରୁ ବିଦେଶରେ ଏଭଳି କାର୍ଯ୍ୟ କରାଯାଉଥିବା ଜଣାପଡ଼ିଛି।

# ମାତ୍ର ୧୭ ମିନିଟ୍‌ରେ ବାହାଘର



**ଚଣ୍ଡିଗଡ଼:** ହରିୟାଣାରେ ଏକ ନିଆରା ବିବାହ ଅନୁଷ୍ଠିତ ହୋଇଯାଇଛି। ନା ଏଥିରେ ଥିଲା ବରଯାତ୍ରୀ, ନା ବାଜା ବାଣ ରୋଷଣି। ଘୋଡ଼ା ଗାଡ଼ି ନ ଥିଲା କି ବିବାହ ପାଇଁ ନିମନ୍ତ୍ରଣ କାର୍ଡ ମଧ ଛପା ଯାଇ ନ ଥିଲା। କେବଳ ଗୋଟିଏ ସୂତାରେ ମାତ୍ର ୧୭ ମିନିଟ୍‌ରେ ଏହି ବିବାହ ସମ୍ପନ୍ନ ହୋଇଥିଲା। ଏପରି ବିବାହ ହରିୟାଣାର ଜିନ୍ଦ୍ ସହରରେ ଅନୁଷ୍ଠିତ ହୋଇଯାଇଛି। ବର ଏବଂ କନ୍ୟାଙ୍କୁ କେବଳ ଗୋଟିଏ ସୂତା ହିଁ ଜନ୍ମ ଜନ୍ମାନ୍ତର ପାଇଁ ଜୀବନସାଥୀ କରାଇ ଦେଇଛି। ଏହି ବିବାହ ପାଇଁ ଆଗରୁ କୌଣସି ପ୍ରସ୍ତୁତି ନ ଥିଲା।

ହରିନାଗର ଅଞ୍ଚଳର ସୁଖଦେବ ଦାସଙ୍କ ଝିଅ ସୁନୀତାଙ୍କ ବିବାହ ଭିକ୍‌ୱାଲା ଗାଁର ମାଷ୍ଟର ମଣିରାମଙ୍କ ପୁଅ ଦୀପକଙ୍କ ସହ ନିରାଡମ୍ବର ଭାବେ ସମ୍ପନ୍ନ ହୋଇଛି। ଆଜିର ପୁଅମାନେ ବିନା ଡିଜେ, ବାଜା, ବାଣ ବରଯାତ୍ରୀରେ ଘରୁ ବାହାରୁ ନ ଥିବାବେଳେ ଦୀପକ ଏପରି ବିବାହ କରି ସମାଜ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ସନ୍ଥ ରାମପାଲ ମହାରାଜଙ୍କ ନିର୍ଦ୍ଦେଶ ଅନୁଯାୟୀ, ଏହି ବିବାହ ମାତ୍ର ୧୭ ମିନିଟ୍ ମଧ୍ୟରେ ସମ୍ପନ୍ନ ହୋଇଥିଲା। ଏହି ବିବାହକୁ ନେଇ ଅଞ୍ଚଳରେ ଖୁବ୍ ଚର୍ଚ୍ଚା ଚାଲିଛି।

# ଗୋଟିଏ ବିଜ୍ଞାପନ ଲାଗି ୭ କୋଟି



ସଲମାନ ଖାନ୍

**ମୁମ୍ବାଇ:** ଯେକୌଣସି ଉତ୍ପାଦର ବିଜ୍ଞାପନ ପାଇଁ ବଲିଉଡ୍ ଷ୍ଟାର୍‌ମାନେ ମୋଟା ଅଙ୍କର ଅର୍ଥ ରୋଜଗାର କରିଥାନ୍ତି। ଏହି ତାଲିକାରେ ଅକ୍ଷୟ କୁମାରଙ୍କ ନାମ ସବୁଠୁ ଆଗରେ ଥିବା ବେଳେ ସଲମାନ ଏବେ ଏହି ରେକର୍ଡକୁ ଭାଙ୍ଗିଛନ୍ତି। ଇଣ୍ଡଷ୍ଟ୍ରିରେ ବେଶ୍ ନାଁ କମାଇଥିବା ସଲମାନ ବିଜ୍ଞାପନ ଦୁନିଆରୁ ବି ଖୁବ୍ ରୋଜଗାର କରୁଛନ୍ତି। ସଲମାନ ଗୋଟିଏ ମୋବାଇଲର ବିଜ୍ଞାପନ ପାଇଁ ୭ କୋଟି ଟଙ୍କା ନେଉଛନ୍ତି। ଜଣେ ଭାରତୀୟ କଳାକାର ହିସାବରେ ଆଜିପର୍ଯ୍ୟନ୍ତ ବିଜ୍ଞାପନରେ ଏତେ ଟଙ୍କା କେହି ନେଇ ନାହାନ୍ତି। ଅତି ବେଶିରେ ବିଜ୍ଞାପନ ବାବଦରେ ଭାରତୀୟ ଫିଲ୍ମ କଳାକାରଙ୍କୁ ୩ରୁ ୪ କୋଟି ପର୍ଯ୍ୟନ୍ତ ଟଙ୍କା ପ୍ରଦାନ କରାଯାଇଛି।

# କୁକୁର ସହ ସ୍ନୁକର ଖେଳିଲେ ସୋନାକ୍ଷୀ

ଇନଷ୍ଟାଗ୍ରାମ୍‌ରେ ଭିଡ଼ିଓ ଭାଇରାଲ

**ମୁମ୍ବାଇ:** ଏବେ ବଲିଉଡ୍ ଅଭିନେତ୍ରୀ ସୋନାକ୍ଷୀ ସିହ୍ନାଙ୍କର ଏକ ଭିଡ଼ିଓ ସୋସିଆଲ୍ ମିଡ଼ିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି। ୧ ମିନିଟ୍‌ର ଏହି ଭିଡ଼ିଓରେ ସୋନାକ୍ଷୀ ସ୍ନୁକର ଖେଳୁଥିବା ଦେଖିବାକୁ ମିଳିଛି। ତେବେ ତାଙ୍କ ପୋଷା କୁକୁର ସ୍ନୁକର ବଲ୍‌କୁ ଧରିବା ପାଇଁ ଟେବୁଲ ଚାରିପଟେ ଦୌଡ଼ି ବୁଲୁଛି। ସୋନାକ୍ଷୀଙ୍କୁ ଏହା ବେଶ୍ ଆନନ୍ଦ ଦେଉଥିବା ଦେଖିବାକୁ ମିଳୁଛି। ଶେଷରେ ସୋନାକ୍ଷୀ କୁକୁରକୁ କୁଣ୍ଢାଇ ପକାଉଛନ୍ତି। ଏହି ଭିଡ଼ିଓକୁ ସେ ଇନଷ୍ଟାଗ୍ରାମ୍‌ରେ ଶେୟାର କରିଛନ୍ତି। ବହୁ ୟୁଜର ପୋଷା କୁକୁର ସହିତ ସୋନାକ୍ଷୀଙ୍କ ଏଭଳି ଆଚରଣକୁ ପସନ୍ଦ କରି ସକାରାତ୍ମକ କମେଣ୍ଟ ଦେଇଛନ୍ତି।





# ଉତ୍କର୍ଷର ୨୦ ବର୍ଷ



# ବିଶ୍ୱାସର ସରକାର



ଭୁବନେଶ୍ୱର,୪।୩(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅପ୍ରତିଦ୍ୱନ୍ଦ୍ୱୀ ନେତା। ଦୀର୍ଘ ୨୦ବର୍ଷ ଶାସନ ପରେ ମଧ୍ୟ ତାଙ୍କର ନିର୍ମଳ ଭାବମୂର୍ତ୍ତି ଅମଳିନ ରହିଛି। ବହୁ ବାଧା ବିଘ୍ନ ସତ୍ତ୍ୱେ ନବୀନ ଓ ବିଜୁ ଜନତା ଦଳ କ୍ରମାଗତଭାବେ ରାଜ୍ୟବାସୀଙ୍କ ହୃଦୟ ଜିତିବାରେ ସକ୍ଷମ ହୋଇଛନ୍ତି। ନିର୍ମଳ ଏବଂ ସଚ୍ଚୋଟ ଭାବମୂର୍ତ୍ତି କେବଳ ରାଜ୍ୟ ନୁହେଁ, ଜାତୀୟ ରାଜନୀତିରେ ମଧ୍ୟ ନବୀନ ନିଜର ଶ୍ରେଷ୍ଠତା ପ୍ରମାଣିତ କରି ପାରିଛନ୍ତି। ବିଜେଡି କ୍ଷମତାକୁ ଆସିବା ବେଳେ ରାଜ୍ୟ ଏକ ବୃହତ ଆର୍ଥିକ ଦୁର୍ଦ୍ଦଶା ଦେଇ ଗତି କରୁଥିଲା। ଗତ ୨୦ ବର୍ଷ ମଧ୍ୟରେ ନବୀନଙ୍କ ବିଜେଡି ସରକାର ଓଡ଼ିଶାକୁ ଏକ ପ୍ରଗତିଶୀଳ ଏବଂ ଆର୍ଥିକ ମଜଭୁତ ରାଜ୍ୟରେ ପରିଣତ କରିବାରେ ସଫଳ ହୋଇଛି। କୃଷି, କୃଷକଙ୍କ ବିକାଶଠାରୁ ଆରମ୍ଭ କରି ମହିଳା ସଶକ୍ତୀକରଣ, ଅନୁସୂଚିତ ଜାତି, ଜନଜାତି, ପଛୁଆବର୍ଗଙ୍କ ବିକାଶ ଦିଗରେ ନିରନ୍ତର କାର୍ଯ୍ୟ କରି ଆସୁଛି। କୃଷକଙ୍କ ଆୟ ବହୁଗୁଣିତ କରିବା ଲକ୍ଷ୍ୟରେ ସରକାର ନିରନ୍ତର ପ୍ରୟାସ ଜାରି ରଖିଛନ୍ତି। ଓଡ଼ିଶାକୁ କ୍ଷୁଧାମୁକ୍ତ କରିବାକୁ ରାଜ୍ୟ ସରକାର ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା କରି ଗରିବଙ୍କ ପ୍ରତି ଥିବା ପ୍ରତିବଦ୍ଧତାକୁ ପ୍ରମାଣିତ କରିଛନ୍ତି। ସ୍ୱାସ୍ଥ୍ୟ, ଶିକ୍ଷା, ଜଳସେଚନ, ଗରିବଙ୍କୁ ପକ୍କାଘର, ସାମାଜିକ ନିରାପତ୍ତା, ଭିତ୍ତିଭୂମି ଆଦି କ୍ଷେତ୍ରରେ ରାଜ୍ୟ ଅନେକ ପ୍ରଗତି ହାସଲ କରିଛି। ସବୁ ସମୟରେ ଓଡ଼ିଶାକୁ ପ୍ରାକୃତିକ ବିପର୍ଯ୍ୟୟ ଭୟ ରହିଆସିଛି। ୧୯୯୯ ମସିହା ମହାବାତ୍ୟାରେ ବହୁ ଧନଜୀବନ କ୍ଷତି ରାଜ୍ୟକୁ ସହିବାକୁ ପଡିଥିଲା। ବିଜେଡି କ୍ଷମତାସୀନ ହେବା ପରେ ବିପର୍ଯ୍ୟୟରୁ ଲୋକଙ୍କ ଜୀବନ ବଞ୍ଚାଇବା ଥିଲା ନବୀନଙ୍କ ପ୍ରାଥମିକତା। ଏ ଦିଗରେ ରାଜ୍ୟ ସରକାର ସଫଳ ହୋଇଛନ୍ତି। ଫାଇଲିନ, ହୁଡ୍‌ହୁଡ୍, ତିତଲି, ଫନୀ ଭଳି ବାତ୍ୟାକୁ ରାଜ୍ୟ ସରକାର ସଫଳତାର ସହ ମୁକାବିଲା କରିଛନ୍ତି। ସେଥିପାଇଁ ଅନ୍ତର୍ଜାତୀୟ ସ୍ତରରେ ରାଜ୍ୟ ସରକାର ପ୍ରଶଂସିତ ହୋଇଛନ୍ତି। ଧାନ ଉତ୍ପାଦନରେ ଓଡ଼ିଶା ବଳକା ରାଜ୍ୟରେ ପରିଣତ ହୋଇପାରିଛି। ଏଥିପାଇଁ ଓଡ଼ିଶାକୁ ୪ଥର କୃଷି କର୍ମଣ ପୁରସ୍କାର ମିଳି ପାରିଛି।

ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ କ୍ଷମତା ବିକେନ୍ଦ୍ରୀକରଣକୁ ଗୁରୁତ୍ୱ ଦେଉଥିଲେ। ପଞ୍ଚାୟତସ୍ତରରେ ମହିଳାମାନଙ୍କୁ ସଶକ୍ତ କରିବାକୁ ସେ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା କରିଥିଲେ। ପ୍ରବାଦ ପୁରୁଷ ବିଜୁବାବୁଙ୍କ ଲକ୍ଷ୍ୟ ଓ ଆଦର୍ଶକୁ ପାଥେୟ କରି ବିଜେଡି ଆଗେଇ ଚାଲିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୌରାଞ୍ଚଳରେ ମହିଳାମାନଙ୍କ ପାଇଁ ୫୦ ପ୍ରତିଶତ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା କରି ବିଜୁବାବୁଙ୍କ ସ୍ୱପ୍ନକୁ ସାକାର କରିବାରେ ସଫଳ ହୋଇଛନ୍ତି। ରାଜ୍ୟ ସରକାର କ୍ଷମତା ବିକେନ୍ଦ୍ରୀକରଣ କରିବାକୁ ଯାଇ ୧୧ଟି ବିଭାଗର ୨୧ଟି ବିଷୟକୁ ତ୍ରିସ୍ତରୀୟ ପଞ୍ଚାୟତକୁ କ୍ଷମତା ହସ୍ତାନ୍ତର କରିଛନ୍ତି।

କ୍ରୀଡ଼ା କ୍ଷେତ୍ରରେ ଅଣଦେଖା ହୋଇ ଆସୁଥିବା ଓଡ଼ିଶା ବିଜେଡି ସରକାର ଅମଳରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛି। ରାଜ୍ୟକୁ ଭାରତର କ୍ରୀଡା ହବରେ ପରିଣତ କରିବା ଲକ୍ଷ୍ୟ ନେଇ ସରକାର ଉଦ୍ୟମ ଜାରି ରଖିଛନ୍ତି। ଉନ୍ନତମାନର କ୍ରୀଡ଼ା ଭିତ୍ତିଭୂମି ଏବଂ ଅନୁକୂଳ ପରିବେଶ ଜାତୀୟ ଓ ଅନ୍ତର୍ଜାତୀୟ କ୍ରୀଡ଼ା ଆୟୋଜନ ପାଇଁ ପଥ ପରିଷ୍କାର କରିଛି। ଏସିଆନ ଆଥ୍‌ଲେଟିକ ଚାମ୍ପିୟନସିପ୍, ପୁରୁଷ ହକି ବିଶ୍ୱକପ୍ ଏବଂ ହକି ଚାମ୍ପିୟନ୍ସ ଟ୍ରଫି ଆୟୋଜନ କରି ଓଡ଼ିଶା ନିଜର କ୍ରୀଡ଼ା ପ୍ରତିବଦ୍ଧତାକୁ ପ୍ରମାଣିତ କରିଛି। ରାଜ୍ୟରେ ନୂତନ କ୍ରୀଡ଼ା ପ୍ରତିଭା ସୃଷ୍ଟି କରିବାଠାରୁ ଆରମ୍ଭ କରି ପଞ୍ଚାୟତସ୍ତରରେ କ୍ରୀଡ଼ା ଭିତ୍ତିଭୂମି ପ୍ରସ୍ତୁତ କରିବା ଦିଗରେ ରାଜ୍ୟ ସରକାର ପ୍ରୟାସ ଜାରି ରଖିଛନ୍ତି।

ଲୋକମାନଙ୍କ ନିକଟରେ ଉତ୍ତମ ପ୍ରଶାସନିକ ସେବା ପହଞ୍ଚାଇବାକୁ ରାଜ୍ୟ ସରକାର ପ୍ରତିଶ୍ରୁତି ବଦ୍ଧ। ଲୋକମାନେ ହେଉଛନ୍ତି ମାଲିକ। ଜନସାଧାରଣ ସରକାରୀ କାର୍ଯ୍ୟାଳୟରୁ ଯେପରି ସୁଖଦ ଅନୁଭୂତି ନେଇ ଫେରିବେ ସେ ନେଇ ମୁଖ୍ୟମନ୍ତ୍ରୀ ପଞ୍ଚମ ପାଳି ଶାସନରେ ଗୁରୁତ୍ୱ ଦେଇଛନ୍ତି। ୩-ଡି (ପ୍ରତିବଦ୍ଧତା, ଉତ୍ସର୍ଗୀକୃତ ଏବଂ ଉତ୍ସାହପ୍ରଦ) ଜରିଆରେ ଲୋକଙ୍କ ସେବା କରିବାକୁ ମୁଖ୍ୟମନ୍ତ୍ରୀ ବିଧାୟକ ଓ ମନ୍ତ୍ରୀମାନଙ୍କୁ ପରାମର୍ଶ ଦେଇ ଆସିଛନ୍ତି। ପ୍ରଶାସନିକ ବ୍ୟବସ୍ଥାରେ ଅଧିକ ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ ପାଇଁ ସରକାର ୫-ଟି (ଟ୍ରାନ୍ସପାରେନ୍ସି, ଟିମୱାର୍କ, ଟେକ୍ନୋଲୋଜି, ଟାଇମ ଆଣ୍ଡ ଟ୍ରାନ୍ସଫରମେଶନ)ଏବଂ ମୋ ସରକାର ଭଳି ଅଭିନବ ବ୍ୟବସ୍ଥା ଆରମ୍ଭ କରିଛନ୍ତି। ଏହାଦ୍ୱାରା ପ୍ରଶାସନିକ ବ୍ୟବସ୍ଥାରେ ଅଧିକ ସ୍ୱଚ୍ଛତା ଆଣିବାରେ ସଫଳ ହୋଇ ପାରିଛନ୍ତି। ଦୁର୍ନୀତି କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ଜିରୋ ଟଲେରାନ୍ସ ବା ଶୂନ୍ୟ ସହନଶୀଳତା ନୀତି ଆପଣାଇଛନ୍ତି। ଦୁର୍ନୀତିଗ୍ରସ୍ତଙ୍କୁ ନବୀନ ବାହାର ରାସ୍ତା ଦେଖାଇ ସ୍ୱଚ୍ଛତାର ପ୍ରମାଣ ଦେଖାଇଛନ୍ତି।



























## ବିଜୁ କନ୍ୟାରତ୍ନ ଯୋଜନା

ରାଜ୍ୟରେ ଶିଶୁକନ୍ୟାଙ୍କ ସଂଖ୍ୟା ଆଶାତୀତ ଭାବେ ହ୍ରାସ ପାଉଛି। ଝିଅମାନଙ୍କ ପ୍ରତି ରହୁଥିବା ଭେଦଭାବକୁ ଦୂର କରିବାକୁ ରାଜ୍ୟ ସରକାର ୨୦୧୬ ସେପ୍ଟେମ୍ବର ୩ରେ ବିଜୁ କନ୍ୟାରତ୍ନ ଯୋଜନା ଆରମ୍ଭ କରିଥିଲେ। ଏଥିରେ ଜନ୍ମରୁ ୬ ବର୍ଷର ଶିଶୁ କନ୍ୟାମାନଙ୍କ ସ୍ୱାସ୍ଥ୍ୟ ଓ ଶିକ୍ଷା ଉପରେ ଗୁରୁତ୍ୱ ଦିଆଯାଉଛି।

## ମୁଖ୍ୟମନ୍ତ୍ରୀ ମହିଳା ସଶକ୍ତୀକରଣ ଯୋଜନା

ରାଜ୍ୟରେ ମହିଳାମାନଙ୍କୁ ସଶକ୍ତ କରିବା ଏହି ଯୋଜନାର ମୂଳ ଲକ୍ଷ୍ୟ। ୨୦୧୭ ମାର୍ଚ୍ଚରେ ଏହି ଯୋଜନା ଆରମ୍ଭ କରାଯାଇଥିଲା। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀରେ ମହିଳାଙ୍କୁ ସାମିଲ କରି ସେମାନଙ୍କ ଆର୍ଥିକ ଓ ସାମାଜିକ ବିକାଶ ପାଇଁ ଆର୍ଥିକ ସହାୟତା ଯୋଗାଇଦେବା ଏହି ଯୋଜନାର ଲକ୍ଷ୍ୟ। ରାଜ୍ୟ ସରକାର ମହିଳା ଏସ୍‌ଏଚ୍‌ଜିଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ବିନା ସୁଧରେ ଟଙ୍କା ଯୋଗାଇ ଦେଉଛନ୍ତି। ଏଥିରେ ରାଜ୍ୟର ୬ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)ର ୭୦ ଲକ୍ଷ ମହିଳା ଉପକୃତ ହେଉଛନ୍ତି।

## ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା

ରାଜ୍ୟରେ କୌଣସି ଲୋକ ଭୋକରେ ରହିବେ ନାହିଁ। ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରୁ ବାଦ ପଡିଥିବା ଗରିବ ଲୋକମାନଙ୍କୁ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ୧ ଟଙ୍କାରେ ଚାଉଳ ଯୋଗାଇଦେବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ୨୦୧୮ ଅକ୍ଟୋବର ୨ରୁ ଏହି ଯୋଜନା ଆରମ୍ଭ କରାଯାଇଛି। ଏଥିରେ ରାଜ୍ୟ ସରକାର ମୁଣ୍ଡପିଛା ୧ ଟଙ୍କା ଲେଖାରେ ୫ କିଲୋ ଚାଉଳ ଯୋଗାଇ ଦେଉଛନ୍ତି।

## ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା

ଲୋକଙ୍କୁ ସ୍ୱାସ୍ଥ୍ୟବୀମା ଯୋଗାଇଦେବା ଲାଗି ରାଜ୍ୟ ସରକାର ୨୦୧୮ ଅଗଷ୍ଟ ୧୫ ତାରିଖରୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏଥିରେ ପ୍ରତି ପରିବାରକୁ ବାର୍ଷିକ ୫ ଲକ୍ଷ ଏବଂ ମହିଳାମାନଙ୍କୁ ୧୦ ଲକ୍ଷ ଟଙ୍କାରେ ସ୍ୱାସ୍ଥ୍ୟବୀମା ଯୋଗାଇ ଦେବାକୁ ଘୋଷଣା କରିଛନ୍ତି। ରାଜ୍ୟର ଯେ କୌଣସି ବଡ଼ ଡାକ୍ତରଖାନାରେ ଗରିବ ଲୋକମାନେ ଚିକିତ୍ସା ସୁବିଧା ପାଇପାରିବେ।

## ବିଜୁ ଗ୍ରାମଜ୍ୟୋତି ଯୋଜନା

ରାଜୀବ ଗାନ୍ଧୀ ବିଦ୍ୟୁତୀକରଣ ଯୋଜନାରେ ଯେଉଁ ଅଞ୍ଚଳକୁ ବିଦ୍ୟୁତ ସଂଯୋଗ ହୋଇନାହିଁ, ସେହିସବୁ ଅଞ୍ଚଳକୁ ବିଦ୍ୟୁତ୍ ଶକ୍ତି ଯୋଗାଇ ଦେବାକୁ ରାଜ୍ୟ ସରକାର ବିଜୁ ଗ୍ରାମଜ୍ୟୋତି ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏହି ଯୋଜନାରେ କମ୍ ଜନସଂଖା ଥିବା ପଡ଼ା ଗୁଡିକୁ ବିଦ୍ୟୁତ ଶକ୍ତି ଯୋଗାଇ ଦିଆଯାଉଛି।





ସମଗ୍ର ପୃଥିବୀ ତୁମ ପାଇଁ ପରିବର୍ତ୍ତନ ହେବ ନାହିଁ, ତୁମେ ନିଜକୁ ହିଁ ପରିବର୍ତ୍ତନ କରିବାକୁ ପଡ଼ିବ।
- ସ୍ୱାମୀ ଚିଦାନନ୍ଦ ସରସ୍ୱତୀ



# ଜଙ୍ଗଲ ଭ୍ୟୁ ରେଷ୍ଟୁରାଣ୍ଟରେ ଫୁଟିଲା ଗୁଳି

ଭୁବନେଶ୍ୱର,୪।୩(ବ୍ୟୁରୋ)/ ବାରଙ୍ଗ (ଡି.ଏନ.ଏ.)

ଅପରାଧପ୍ରବଣ ହୋଇପଡ଼ିଲାଣି ରାଜଧାନୀ ଭୁବନେଶ୍ୱର। ଅପରାଧୀମାନେ ଖୁଲମ୍‌ଖୁଲା ଅପରାଧ ଘଟାଇ କମିଶନରେଟ ପୋଲିସକୁ ଚ୍ୟାଲେଞ୍ଜ କରୁଥିବାବେଳେ ବୁଧବାର ମଧ୍ୟାହ୍ନରେ ପୁଣି ଫୁଟିଛି ଗୁଳି। କିଛିଦିନ ତଳେ ଜଣେ କଲେଜ ଛାତ୍ରୀଙ୍କୁ ଗୁଳି ହୋଇଥିଲା। ଏଥର ଗୁଳିମାଡ଼ର ଶିକାର ହୋଇଛନ୍ତି ଜଣେ କଲେଜ ଛାତ୍ର। ବାରଙ୍ଗ କାଟେଣି ଛକସ୍ଥିତ ଜଙ୍ଗଲ ଭ୍ୟୁ ରେଷ୍ଟୁରାଷ୍ଟରେ ଘଟିଛି ଏହି ଗୁଳିକାଣ୍ଡ। ରେଷ୍ଟୁରାଣ୍ଟ ମାଲିକଙ୍କ ସହ ଝଗଡ଼ା ପରେ ଦୁର୍ବୃତ୍ତମାନେ ଫାଙ୍କା ଗୁଳି ଚଳାଇ ଆତଙ୍କ ଖେଳାଇଥିଲେ। ହେଲେ ଗୋଟିଏ ଗୁଳି ସେଠାରେ ଖାଉଥିବା ଜଣେ ଛାତ୍ରଙ୍କ ଦେହରେ ପଶିଯାଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଖବର ପାଇ ଡିସିପି ଓ ଚନ୍ଦକା ଥାନା ପୋଲିସ ସାଇଣ୍ଟିଫିକ୍ ଟିମ୍ ସହ ତନାଘନା ଚଳାଇଛି। ଆହତ ଜଣକ ଅସିମ୍ କାଲ୍‌ସି(୨୨)। ତାଙ୍କ ଘର ଉତ୍ତରପ୍ରଦେଶର ଲକ୍ଷ୍ନୌରେ। ସେ ଏଠାରେ ଏକ ମ୍ୟାନେଜମେଣ୍ଟ କଲେଜର




ଗୁଳିକାଣ୍ଡ ଘଟିଥିବା ରେଷ୍ଟୁରାଣ୍ଟ।



ଘଟଣାସ୍ଥଳରେ ଡିସିପି ଅନୁପ ସାହୁ ଅନୁଧ୍ୟାନ କରୁଛନ୍ତି।

ଶେଷବର୍ଷର ଛାତ୍ର ବୋଲି ଜଣାପଡିଛି।

ସୂଚନା ମୁତାବକ, ବୁଧବାର ଶେଷ ସେମିଷ୍ଟର ପରୀକ୍ଷା ସରିବା ପରେ ମଧ୍ୟାହ୍ନରେ ଅସିମ ସାଙ୍ଗମାନଙ୍କ ସହ ଜଙ୍ଗଲ ଭ୍ୟୁ ରେଷ୍ଟୁରାଣ୍ଟକୁ ଖାଇବା ପାଇଁ ଯାଇଥିଲେ। ଏହାପୂର୍ବରୁ ବିଲ୍‌କୁ ନେଇ ୩ଜଣ ଦୁର୍ବୃତ୍ତଙ୍କ ସହ ରେଷ୍ଟୁରାଣ୍ଟ ମାଲିକ ଓ କର୍ମଚାରୀଙ୍କର ଝଗଡ଼ା ହୋଇଥିଲା। ଦୁର୍ବୃତ୍ତମାନେ ପାଟିତୁଣ୍ଡ କରିବା ପରେ ଧମକ ଦେଇ କାର୍‌ରେ ଚାଲିଯାଇଥିଲେ। ଏହାର କିଛି ସମୟ ପରେ ଏକ ବାଇକରେ ୩ ଜଣ ମୁଖାଧାରୀ ଯୁବକ ସେଠାରେ ପହଞ୍ଚି ମାଲିକଙ୍କ କ୍ୟାଶ କାଉଣ୍ଟର ନିକଟରେ ଠିଆ ହୋଇ ଫାଙ୍କା ଗୁଳି ଚାଳନା କରିଥିଲେ। ଗୁଳି ଶବ୍ଦ ଶୁଣି ରେଷ୍ଟରାଣ୍ଟରେ ଖାଉଥିବା ଅସିମଙ୍କ ସମେତ ଅନ୍ୟମାନେ ଭୟରେ ଏଣେତେଣେ ଦୌଡ଼ିଥିଲେ। ଏହି ସମୟରେ ଏକ ଗୁଳି ଅସିମଙ୍କ ପିଠିରେ ବାଜିଥିଲା। ସେ ରକ୍ତଜୁଡୁବୁଡୁ ଅବସ୍ଥାରେ ତଳେ ପଡ଼ି ଚିତ୍କାର କରୁଥିବାବେଳେ ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ। ଖବର ପାଇ ଚନ୍ଦକା ଥାନା ପୋଲିସ ପହଞ୍ଚି ଅସିମଙ୍କୁ ଏକ ଘରୋଇ ହସ୍ପିଟାଲକୁ ପଠାଇଥିଲା। ଡିସିପି ଅନୁପ ସାହୁ ପୋଲିସ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚିଥିଲେ। କମିଶନରେଟ ପୋଲିସର ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ରକ୍ତ ନମୁନା, ଫିଙ୍ଗର ପ୍ରିଣ୍ଟ ଏବଂ ଅନ୍ୟ କେତେକ ନମୁନା ସଂଗ୍ରହ କରିଛି। ରେଷ୍ଟୁରାଣ୍ଟରେ ଲାଗିଥିବା ସିସିଟିଭି ଫୁଟେଜକୁ ଜବତ କରିବା ସହ ଗୁଳିକାଣ୍ଡରେ ସଂପୃକ୍ତ ଅପରାଧୀଙ୍କୁ ଧରିବାକୁ ଉଦ୍ୟମ ଚାଲିଥିବା ଥାନା ଅଧିକାରୀ ଦେବେନ୍ଦ୍ର ବିଶ୍ୱାଳ ସୂଚନା ଦେଇଛନ୍ତି।

ତେବେ ଉକ୍ତ ଯୁବକମାନେ କିଏ? ସେମାନେ ଲାଇସେନ୍ସପ୍ରାପ୍ତ ନା ଚୋରା ବନ୍ଧୁକରୁ ଗୁଳି କରିଛନ୍ତି ତାହାର ଖୋଳତାଡ଼ ଚାଲିଛି। ଏଥିସହ ପୋଲିସ ରେଷ୍ଟୁରାଣ୍ଟ ମାଲିକ, କର୍ମଚାରୀ ଓ ଉପସ୍ଥିତ ଅନ୍ୟମାନଙ୍କୁ ପଚରାଉଚରା କରିବା ସହ ଘଟଣା ସଂକ୍ରାନ୍ତରେ ଅସିମଙ୍କ ପରିବାର ଲୋକଙ୍କୁ ଜଣାଇଛି। ଅନ୍ୟପକ୍ଷରେ ଅସିମଙ୍କୁ ଗୁଳି ହୋଇଥିବା ଖବର ପ୍ରଚାରିତ ହେବା ପରେ ହସ୍ପିଟାଲରେ କଲେଜ ସାଙ୍ଗଙ୍କ ଗହଳି ଲାଗିଥିଲା। ଅସିମଙ୍କ ସହ ଥିବା ସାଙ୍ଗଙ୍କ ସୂଚନାନୁସାରେ, ଗୁଳିଟି ପଛପାର୍ଶ୍ୱ କାନ୍ଧରେ ବାଜିଛି। ହାର୍ଟଠାରୁ ୩ ଇଞ୍ଚ ଦୂରରେ ଗୁଳିଟି ଅଟକି ରହିଥିବାରୁ ବଡ଼ ବିପଦ ଟଳିଯାଇଛି। ଅପରେଶନ ପରେ ସେ ସୁସ୍ଥ ହୋଇଯିବେ ବୋଲି ତାଙ୍କୁ ଚିକିତ୍ସା କରୁଥିବା ଡାକ୍ତର ସୂଚନା ଦେଇଛନ୍ତି।



ରକ୍ତ ପଡ଼ିଥିବା ସ୍ଥାନକୁ ଚିହ୍ନଟ କରାଯାଇଛି।

- ମାଲିକଙ୍କ ସହ ଝଗଡ଼ା ପରେ ଆତଙ୍କ ଖେଳାଇଲେ
- ଗୁଳିମାଡ଼ରେ ଛାତ୍ର ଗୁରୁତର, ହସ୍ପିଟାଲରେ ଭର୍ତ୍ତି
- ଡିସିପି ଓ ସାଇଣ୍ଟିଫିକ ଟିମ୍‌ର ତନାଘନା

## ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ

ଭୁବନେଶ୍ୱର(ବ୍ୟୁରୋ)/ବାରଙ୍ଗ, (ଡି.ଏନ୍.ଏ.) ୪।୩

ବାରଙ୍ଗସ୍ଥିତ କାଟେଣୀ ଛକରେ ବୁଧବାର ରାତିରେ ୩ଜଣ ଯୁବକ ଜଣେ ଯୁବକଙ୍କୁ ଖଣ୍ଡାରେ ମରଣାନ୍ତକ ଆକ୍ରମଣ ହୋଇଛି। ଆହତ ଯୁବକ ହେଲେ କାଟେଣୀ ଗ୍ରାମର ତିଲୁଆ ସେନାପତି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ବୁଧବାର ଅପରାହ୍ନରେ ବାଙ୍କୀ ଥାନା ଅନ୍ତର୍ଗତ ଭଗିପୁରକୁ ଏକ ବରଯାତ୍ରୀରେ ତିଲୁଆ ସହ କଣ୍ଟାବାଡ଼ର କେତେଜଣ ଯୁବକ ଯାଇଥିଲେ। ସେଠାରେ କୌଣସି କାରଣକୁ ନେଇ ଏମାନଙ୍କର ପାଟିତୁଣ୍ଡ ହୋଇଥିଲା। ସନ୍ଧ୍ୟାରେ ବରଯାତ୍ରୀରୁ ଫେରିବା ପରେ ରାତି ୯ଟାରେ ତିଲୁଆ କାଟେଣୀ ଛକରେ ବସିଥିଲେ। ଏହି ସମୟରେ କଣ୍ଟାବାଡ ଗ୍ରାମର ତିନିଜଣ ଯୁବକ ଏକ ଖଣ୍ଡାରେ ତିଲୁଆକୁ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଗୁରୁତର ହୋଇଥିବା ତିଲୁଆକୁ ତା'ର ପରିବାରଲୋକ ଚିକିତ୍ସା ପାଇଁ ଏକ ଘରୋଇ ଡାକ୍ତରଖାନାକୁ ନେବା ସହ ପୋଲିସକୁ ଜଣାଇଥିଲେ। ପୋଲିସ ଆସି ଘଟଣାର ଅନୁଧ୍ୟାନ କରୁଥିବାବେଳେ ଅଦ୍ୟାବଧି କୌଣସି ଅଭିଯୋଗ ହୋଇ ନାହିଁ।

## ସଂକ୍ଷେପରେ

### ୯ରେ ମହାପ୍ରଭୁଙ୍କ ସୁନାବେଶ
ଦୋଳପୂର୍ଣ୍ଣିମା ନୀତି ନିର୍ଘଣ୍ଟ



ପୁରୀ ଅଫିସ, ୪।୩: ଆସନ୍ତା ୯ ତାରିଖରେ ଦୋଳ ପୂର୍ଣ୍ଣିମା। ଏହିଦିନ ମହାପ୍ରଭୁଙ୍କ ରାଜାଧିରାଜ ବା ସୁନାବେଶ ଅନୁଷ୍ଠିତ ହେବ। ଏଥିପାଇଁ ସକାଳ ୮ଟାରୁ ସାଢ଼େ ୯ଟା ମଧ୍ୟରେ ଦାରୁବିଗ୍ରହ ଏହି ଦୁର୍ଲ୍ଲଭ ବେଶରେ ସଜେଇ ହେବେ। ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ବୁଧବାର ଛତିଶା ନିଯୋଗ ବୈଠକରେ ଦୋଳ ପୂର୍ଣ୍ଣିମା ଏବଂ ମେଣ୍ଢାପୋଡ଼ି ନୀତି ନିର୍ଘଣ୍ଟ କରାଯାଇଛି। ଏହି ବୈଠକରେ ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର ଅଧକ୍ଷତା କରିଥିଲେ। ବୈଠକରେ ହୋଇଥିବା ଆଲୋଚନା ଅନୁଯାୟୀ, ୮ ତାରିଖରେ ମେଣ୍ଢାପୋଡ଼ି ନୀତିକୁ ସଅଳ ସାରି ରାତି ୧୨ଟାରେ ରାତ୍ର ପହୁଡ଼ କରାଯିବ। ରାତ୍ର ୩ଟାରେ ଦ୍ୱାର ଫିଟାଯାଇ ଅନ୍ୟାନ୍ୟ ନୀତି ଚାଲିବ। ୯ ତାରିଖ ପୂର୍ବାହ୍ନ ୧୦ଟାରେ ଶ୍ରୀଦୋଳଗୋବିନ୍ଦ, ଶ୍ରୀଦେବୀ, ଭୂଦେବୀ, ବିମାନକୁ ବିଜେ କରିବେ। ପୂର୍ବାହ୍ନ ସାଢ଼େ ୧୧ଟା ସୁଦ୍ଧା ବେଢ଼ା ପରିକ୍ରମା କରିସାରିବା ପରେ ଦୋଳବେଦିକୁ ବିଜେ କରିବେ। ଏହାପରେ ଗୋପାଳବଲ୍ଲଭ ଓ ସକାଳ ଧୂପ ସରିବା ପରେ ଅପରାହ୍ନ ସାଢ଼େ ୧ଟା ସୁଦ୍ଧା ଭୋଗମଣ୍ଡପ ଶେଷ ହେବ। ରାତ୍ର ୯ଟାରେ ଦୋଳବେଦି ନୀତି ସାରି ଠାକୁରମାନେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିବେ। ଅନ୍ୟାନ୍ୟ ନୀତି ବଢ଼ି ରାତି ୧୦ଟା ୩୫ରେ ଦାରୁବିଗ୍ରହଙ୍କ ସୁନାବେଶ ମଇଲମ ବା ଓଲାଗି କରାଯିବ। ଏହାପରେ ଅନ୍ୟାନ୍ୟ ନୀତି ସମ୍ପନ୍ନ ହୋଇ ରାତ୍ର ୩ଟା ୪୫ଟାରେ ରାତ୍ର ପହୁଡ଼ ହେବା ଲାଗି ନୀତି ନିର୍ଘଣ୍ଟ ହୋଇଛି। ପୂର୍ବବର୍ଷ ପହୁଡ଼ ବିଳମ୍ବରେ ହୋଇଥିଲା। ତେଣୁ ଚଳିତବର୍ଷ ନିର୍ଦ୍ଧାରିତ ସମୟରେ ପହୁଡ଼ କରିବା ପାଇଁ ପ୍ରଶାସନ ସେବାୟତଙ୍କ ସହଯୋଗ ଲୋଡ଼ିଥିଲା। ଏଥିରେ ସେବାୟତମାନେ ସହମତି ପ୍ରକାଶ କରିଥିବା ଜଣାପଡ଼ିଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲାପାଳ ବଲୱନ୍ତ ସିଂ, ଏସ୍‌ପି ଉମାଶଙ୍କର ଦାଶ, ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନାଙ୍କ ସମେତ ଛତିଶା ନିଯୋଗର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

### ଦ୍ୱିତୀୟ ଦିନରେ ୩୨ ଉଦ୍ଧାର
ପୁରୀକୁ ଭିକାରିମୁକ୍ତ ପ୍ରୟାସ

ପୁରୀ ଅଫିସ,୪।୩: ରାଜ୍ୟ ସରକାରଙ୍କ ଭିନ୍ନକ୍ଷମ ସଶକ୍ତୀକରଣ ଓ ସାମାଜିକ ସୁରକ୍ଷା ବିଭାଗ ସହାୟତାରେ ପୁରୀକୁ ଭିକାରିମୁକ୍ତ କରିବା ଲାଗି ଜିଲା ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଛି ନୀଳାଦ୍ରି ନିଳୟ ପ୍ରକଳ୍ପ। ପୁରୀ ସହରରେ ଭିକ୍ଷାବୃତ୍ତି କରି ଚଳୁଥିବା ଭିକାରିମାନଙ୍କ ଲାଗି ୮ଟି ନୀଳାଦ୍ରି ନିଳୟ (ଭିକାରି ପୁନର୍ବାସ କେନ୍ଦ୍ର)ର ବ୍ୟବସ୍ଥା କରାଯାଇଛି। ପ୍ରାଥମିକ ପର୍ଯ୍ୟାୟରେ ୬ଟି କେନ୍ଦ୍ର କାର୍ଯ୍ୟକ୍ଷମ କରିଛି। ଏଠାରେ ଭିକ୍ଷୁକଙ୍କ ନିମନ୍ତେ ରହିବା, ଖାଇବା ସହ ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତକୁ ଫେରାଇ ଆଣିବା ଲାଗି ସମସ୍ତ ବ୍ୟବସ୍ଥା କରାଯାଇଛି। ମଙ୍ଗଳବାର ପ୍ରଥମ ଦିନରେ ସିଂହଦ୍ୱାର ସମ୍ମୁଖରୁ ୩୧ଜଣ ଭିକାରିଙ୍କୁ କାଉନ୍‌ସେଲିଂ କରାଯାଇ ନୀଳାଦ୍ରି ନିଳୟକୁ ଅଣାଯାଇଥିଲା। ବୁଧବାର ଦ୍ୱିତୀୟ ଦିନରେ ୩୨ଜଣଙ୍କୁ ଉଦ୍ଧାର କରାଯାଇଛି ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଭିକାରିମାନଙ୍କୁ କେନ୍ଦ୍ରକୁ ନିଆଯାଇ ପଚରାଉଚୁରା କରାଯାଉଛି। ଯେଉଁମାନେ ପରିବାରଠାରୁ ଅଲଗା ହୋଇ ଏଭଳି ବୃତ୍ତିକୁ ଆଦରିଛନ୍ତି ସେମାନଙ୍କୁ ପୁନଶ୍ଚ ତାଙ୍କ ପରିବାରଙ୍କ ପାଖକୁ ପଠାଯିବା ଲାଗି ବ୍ୟବସ୍ଥା କରାଯାଉଛି। ଯଦି ଏଥିରେ କେହି ରାଜି ନ ହେବେ, ସେମାନଙ୍କୁ କେନ୍ଦ୍ରରେ ରଖାଯିବ ବୋଲି ଜଣାପଡ଼ିଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## 'ଇନ୍ ମେମୋରି ଅଫ୍ ବାପୁ' ଶ୍ରେଷ୍ଠ ଫିଲ୍ମ



ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ ଅବସରରେ ଯୁବ ଫିଲ୍ମ ନିର୍ମାତାମାନେ।

ଭୁବନେଶ୍ୱର,୪।୩(ବ୍ୟୁରୋ)

ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳନ ଅବସରରେ ପ୍ରଡକ୍ସନ ହାଉସ୍ 'ସ୍ୱର୍ଣ୍ଣ' ପକ୍ଷରୁ 'ଇଗ୍‌ନାଇଟ୍ ଶର୍ଟ ଫିଲ୍ମ ଫେଷ୍ଟିଭାଲ୍-୨୦୨୦'ର ତୃତୀୟ ସଂସ୍କରଣ ବୁଧବାର ନୟାପଲ୍ଲୀସ୍ଥିତ ୟୁସିସିଆଇ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ 'ଗାନ୍ଧୀଙ୍କ ଜୀବନ ଦର୍ଶନ' ଉପରେ ଆଧାରିତ ଏହି ଫେଷ୍ଟିଭାଲରେ ମହାତ୍ମା ଗାନ୍ଧୀଙ୍କୁ ନେଇ ନିର୍ମିତ ଫିଲ୍ମଗୁଡ଼ିକ ସାମିଲ ହୋଇଥିଲା। ଫିଲ୍ମଗୁଡ଼ିକ ସମାଜକୁ ସଚେତନ କରିବା ସହ ଗାନ୍ଧିଜୀଙ୍କ ଆଦର୍ଶକୁ ଉଜ୍ଜୀବିତ ରଖିବାରେ ସହାୟକ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

### ଇଗ୍‌ନାଇଟ୍ ଶର୍ଟ ଫିଲ୍ମ ଫେଷ୍ଟିଭାଲ୍

ପୁରସ୍କାର ବିତରଣ ସମାରୋହରେ ଅତିଥିଭାବେ ବରିଷ୍ଠ ସାମ୍ବାଦିକ ସମ୍ପଦ ମହାପାତ୍ର, ସନ୍ଦୀପ ସାହୁ ଏବଂ ଜାତୀୟ ପୁରସ୍କାରପ୍ରାପ୍ତ ଫିଲ୍ମନିର୍ମାତା ଅମର୍ତ୍ତ୍ୟ ଭଟ୍ଟାଚାର୍ଯ୍ୟ ପ୍ରମୁଖ ଯୋଗଦେଇଥିଲେ। ଯୁବ ଫିଲ୍ମ ନିର୍ମାତା ଶେଖ୍ ଗୁଲ୍‌ଜାର ହୁସେନ୍ 'ଇନ୍ ମେମୋରି ଅଫ୍ ବାପୁ' ଫିଲ୍ମ ପାଇଁ ପ୍ରଥମ ପୁରସ୍କାର ଲାଭ କରିବାସହ ୨୦ ହଜାର ଟଙ୍କାର ପୁରସ୍କାର ରାଶି ଗ୍ରହଣ କରିଥିଲେ। ସେହିଭଳି ଅନ୍ୟତମ ଯୁବ ଫିଲ୍ମନିର୍ମାତା ସଂଗ୍ରାମ କେଶରୀ 'ଗାନ୍ଧୀ ଆଉ ନାହାନ୍ତି' ଫିଲ୍ମ ପାଇଁ ପ୍ରଥମ ରନର୍ସଅପ୍ ଓ ଜ୍ଞାନରଞ୍ଜନ ସାଥୁଆ 'ସ୍ୱଚ୍ଛ ସଙ୍କଳ୍ପ' ଫିଲ୍ମ ପାଇଁ ଦ୍ୱିତୀୟ ରନର୍ସଅପ୍ ପୁରସ୍କାର ପାଇଥିଲେ। ଏହି ଅବସରର ସାମ୍ବାଦିକ ସମ୍ପଦ ମହାପାତ୍ର କହିଥିଲେ, ପରିବେଶ ଓ ସ୍ୱାସ୍ଥ୍ୟ ଉପରେ ଚଳଚ୍ଚିତ୍ର ନିର୍ମାଣ କରିବା ସହଜ, ହେଲେ ଅତୀତ ଘଟଣା ଆଧାରିତ ଫିଲ୍ମ କରିବା କଷ୍ଟସାଧ୍ୟ। ୧୦୦ ବର୍ଷ ପୁରୁଣା ଘଟଣା ଉପରେ ଫିଲ୍ମ ନିର୍ମାଣ କରି ଏହି ଯୁବ ନିର୍ମାତାମାନେ ନିଜ ଦକ୍ଷତାର ପରିଚୟ ଦେଇଛନ୍ତି ବୋଲି ସେ କହିଥିଲେ। ପୂର୍ବବର୍ଷ ତୁଳନାରେ ଚଳିତବର୍ଷ ପ୍ରତିଯୋଗୀଙ୍କ ସଂଖ୍ୟା କମ୍ ଥିଲା। ହେଲେ ଯେତିକି ବି ଫିଲ୍ମ ଆସିଥିଲା ତାହାମଧ୍ୟରୁ ଶ୍ରେଷ୍ଠ ଫିଲ୍ମ ବାଛିବା ଆମପାଇଁ କଷ୍ଟକର ଥିଲା ବୋଲି ଅମର୍ତ୍ତ୍ୟ ଭଟ୍ଟାଚାର୍ଯ୍ୟ କହିଥିଲେ।

## ଆସନ୍ତା ଶିକ୍ଷାବର୍ଷରୁ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ କାର୍ଯ୍ୟ ଆରମ୍ଭ

ଭୁବନେଶ୍ୱର, ୪।୩(ବ୍ୟୁରୋ): ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ କାର୍ଯ୍ୟ ଆସନ୍ତା ଶିକ୍ଷାବର୍ଷରୁ ଆରମ୍ଭ ହେବ। ବିଧିବଦ୍ଧ ଭାବେ ପୂର୍ଣ୍ଣକାଳୀନ କୁଳପତି ନିଯୁକ୍ତି ହେବା ଯାଏ ସର୍ବାଧିକ ବର୍ଷେ ପାଇଁ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ଅତିରିକ୍ତ ଦାୟିତ୍ୱରେ ରହିବେ। ସେହିପରି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି କଳାହାଣ୍ଡି ବିଶ୍ୱବିଦ୍ୟାଳୟ ଦାୟିତ୍ୱରେ ରହିବେ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ କହିଛନ୍ତି। ବୁଧବାର ରାଜେନ୍ଦ୍ର କଲେଜ ଆଲୁମ୍ନି ମନ୍ତ୍ରୀଙ୍କୁ ଭେଟିବା ସହିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଉଭୟ ନୂତନ ବିଶ୍ୱବିଦ୍ୟାଳୟରେ କୁଳପତି ଓ କୁଳସଚିବ ଭଳି ପ୍ରମୁଖ ପଦବୀଗୁଡ଼ିକରେ ନିଯୁକ୍ତି ପ୍ରକ୍ରିୟା ଚାଲିଥିବା ମନ୍ତ୍ରୀ କହିଛନ୍ତି। ସେହିପରି ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ଅଡିଟୋରିୟମ ପାଇଁ ପ୍ରଶାସନିକ ମଞ୍ଜୁରୀ ମିଳିଥିବା ମନ୍ତ୍ରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ଅନ୍ୟପକ୍ଷରେ ମୁଖ୍ୟଶାସନ ସଚିବ ଅସିତ ତ୍ରିପାଠୀଙ୍କ ସହିତ ମଧ୍ୟ ଆଲୋଚନା କରିଥିବା ଆଲୁମ୍ନି ସଭାପତି ଲଳିତ ନାୟକ, ସାଧାରଣ ସମ୍ପାଦକ ଅରବିନ୍ଦ ଦାସ, ସଂଯୋଜକ ହରି ନାରାୟଣ ପୂଜାରୀ ପ୍ରମୁଖ କହିଛନ୍ତି।

## ଚାଚେରୀ ବେଶରେ ଦର୍ଶନ ଦେଲେ ମହାପ୍ରଭୁ



ପୁରୀ ଅଫିସ, ୪।୩

ଶ୍ରୀମନ୍ଦିରରେ ବୁଧବାରଠାରୁ ଦୋଳପର୍ବ ଆରମ୍ଭ ହୋଇଛି। ମଧ୍ୟାହ୍ନ ଧୂପ ପରେ ୩ ବାଡ଼ରେ ମଇଲମ ହୋଇ ନୂଆଲୁଗା ଲାଗି କରାଯାଇଥିଲା। ପାଳିଆ ମେକାପ ଚନ୍ଦନ ବିଜେ କରାଇଥିଲେ। ଏହାପରେ ମହାପ୍ରଭୁଙ୍କ ସର୍ବାଙ୍ଗ ନୀତି ବଢ଼ିଥିଲା। ଶ୍ରୀଦେବୀ ଓ ଭୂଦେବୀ ଦକ୍ଷିଣୀ ଘରକୁ ବିଜେ କରିବା ପରେ ମହାପ୍ରଭୁଙ୍କ ଚାଚେରୀ ବେଶ ହୋଇଥିଲା। ଏହି ବେଶରେ ଠାକୁରମାନେ ଲାଲ ରଙ୍ଗର ବସ୍ତ୍ର ପରିଧାନ କରିଥିଲେ। ଏଥିସହ ବିଭିନ୍ନ ପ୍ରକାର ଅଳଙ୍କାର ଧାରଣ କରିଥିଲେ। ମହାପ୍ରଭୁଙ୍କ ଆଜ୍ଞାମାଳ ପାଇଁ ଦୋଳଗୋବିନ୍ଦ, ଶ୍ରୀଦେବୀ, ଭୂଦେବୀ ବିମାନରେ ଜଗନ୍ନାଥ ବଲ୍ଲଭକୁ ବିଜେ କରିଥିଲେ। ସେଠାରେ ଭୋଗ ଓ ଜଉଡ଼ାବ ଖେଳ ବଢ଼ିଲା ପରେ ବିମାନରେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ ହୋଇଥିଲେ। ଏହାପରେ ମହାପ୍ରଭୁଙ୍କ ଅନ୍ୟାନ୍ୟ ନୀତି ବଢ଼ି ପହୁଡ଼ ହୋଇଥିଲା।

## ମାଙ୍କଡ଼ ଛଡ଼ାଇନେଲା ଆଡ୍‌ମିଟ୍ କାର୍ଡ

କୃଷ୍ଣପ୍ରସାଦ,୪।୩(ଡି.ଏନ.ଏ.)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର କନ୍ଦାଖାଇ କଳା ଓ ବିଜ୍ଞାନ ମହାବିଦ୍ୟାଳୟକୁ ଯୁକ୍ତ ୨ ପରୀକ୍ଷା ଦେବାକୁ ଆସିଥିବା ଜଣେ ପରୀକ୍ଷାର୍ଥୀଙ୍କୁ ମାଙ୍କଡ଼ ଆକ୍ରମଣ କରିବା ସହ ତାଙ୍କ ଆଡମିଟ୍ କାର୍ଡ ଛଡାଇ ନେଇଛି। ମାଙ୍କଡ ଆକ୍ରମଣରେ ସେ ଗୁରୁତର ଆହତ ହୋଇଥିବାବେଳେ ପରୀକ୍ଷା ଦେବାରୁ ବଞ୍ଚିତ ହୋଇଛନ୍ତି। ସେ ହେଲେ ବଜ୍ରକୋଟ ଗ୍ରାମର ମାମାଲି ନାୟକ। ପ୍ରକାଶ ଯେ, ମାମାଲି ପରୀକ୍ଷା ଦେବା ପାଇଁ ମହାବିଦ୍ୟାଳୟକୁ ସାଇକେଲରେ ଆସୁଥିବାବେଳେ ରାସ୍ତାରେ ହଠାତ୍ ଏକ ମାଙ୍କଡ଼ ତାଙ୍କ ଉପରକୁ ଝାମ୍ପ ଦେବାରୁ ସେ ତଳେ ପଡ଼ିଯାଇଥିଲେ। ଏହାପରେ ଆଡ୍‌ମିଟ୍ କାର୍ଡ ଥିବା ପଲିଥିନ୍‌କୁ ଧରି ମାଙ୍କଡ଼ ପଳାଇଥିଲା। ଜଣେ ବ୍ୟକ୍ତି ମାମାଲିଙ୍କୁ ଉଦ୍ଧାର କରି ମହାବିଦ୍ୟାଳୟକୁ ପରୀକ୍ଷା ଦେବା ପାଇଁ ନେଇଥିଲେ। ତେବେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ମହାବିଦ୍ୟାଳୟର ଅଧ୍ୟକ୍ଷ ୧୦୮ ଆମ୍ବୁଲାନ୍ସ ଡକାଇ ତାଙ୍କୁ ଛତ୍ରପୁର ଡାକ୍ତରଖାନାକୁ ଚିକିତ୍ସା ପାଇଁ ପଠାଇଥିଲେ।

## କପି ଧରିବାରୁ ଶିକ୍ଷକଙ୍କୁ ଆକ୍ରମଣ

ପୁରୀ ଅଫିସ,୪।୩: କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ମାଲୁଦ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଜଣେ ବିଦ୍ୟାର୍ଥୀର କପି ଧରିବାକୁ କେନ୍ଦ୍ରକରି ଜଣେ ଶିକ୍ଷକ ଆକ୍ରମଣର ଶିକାର ହୋଇଥିବା ନେଇ ମଙ୍ଗଳବାର କୃଷ୍ଣପ୍ରସାଦ ଥାନାରେ ଅଭିଯୋଗ ହୋଇଛି। ଏ ନେଇ ବୁଧବାର ଥାନାରେ ଆଇପିସି ୩୪୧, ୨୯୪, ୩୫୩, ନଂ. ୨୨/୨୦ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ହାଇସ୍କୁଲରେ ଶିକ୍ଷକ ଅଜୟ କୁମାର ଜେନା ଓ ସ୍ତ୍ରୀ କବିତା ଦଲାଇ ଶିକ୍ଷକତା କରୁଛନ୍ତି। ଗତ ୨ତାରିଖରେ ମାଟ୍ରିକର ଶେଷ ପରୀକ୍ଷାରେ ସେ ଜଣେ ବିଦ୍ୟାର୍ଥୀଙ୍କ କପି କରୁଥିବା ଜାଣି ଧରିଥିଲେ। ଶେଷରେ ଡ୍ୟୁଟି ସାରି ଅଜୟ ଓ ତାଙ୍କ ସ୍ତ୍ରୀ ବାଇକରେ ଘରକୁ ଫେରୁଥିଲେ। ତେବେ ସ୍କୁଲ ଗେଟ୍‌ରୁ କିଛି ବାଟ ଦୂରରେ ଜଣେ ବ୍ୟକ୍ତି ହଠାତ୍ କାହିଁକି ମୋ ପୁଅର କପି ଧରିଲ ବୋଲି କହି ଗାଳିଗୁଲଜ କରିବା ସହ ଦମ୍ପତିଙ୍କୁ ଆକ୍ରମଣ କରିଥିଲେ ବୋଲି ଏତଲାରେ ଦର୍ଶାଇଛନ୍ତି।

## ଚିକିତ୍ସା ଭତ୍ତା ଦାବିକଲା ଅବସରପ୍ରାପ୍ତ କର୍ମଚାରୀ ମହାସଂଘ

ଭୁବନେଶ୍ୱର,୪।୩(ବ୍ୟୁରୋ): ଓଡ଼ିଶା ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଂଘର ୫ମ ଦ୍ୱିବାର୍ଷିକ ରାଜ୍ୟ ସମ୍ମିଳନୀ ବୁଧବାର ଭଞ୍ଜକଳା ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ରାଜ୍ୟ ପେନ୍‌ସନ୍‌ଭୋଗୀଙ୍କ ମୁଖ୍ୟ ଓ ମୌଳିକ ଦାବି ତଥା ଚିକିତ୍ସା ଭତ୍ତା ଓ ଚିକିତ୍ସା ସୁବିଧା ପ୍ରଦାନ ବିଷୟରେ ଆଲୋଚନା କରାଯାଇଥିଲା। ୨୦୦୬ରୁ ଲାଗାତର ମହାସଂଘ ପକ୍ଷରୁ ଚିକିତ୍ସା ଭତ୍ତା ପ୍ରଦାନ କରିବାକୁ ଦାବି ହୋଇଆସୁଥିଲେ ମଧ୍ୟ ରାଜ୍ୟ ସରକାର ତାହା ଲାଗୁ କରୁନାହାନ୍ତି। କେନ୍ଦ୍ର ସରକାରଙ୍କ ସହ ୨୩ ରାଜ୍ୟର ସରକାର ପେନସନ୍‌ଭୋଗୀଙ୍କୁ ଚିକିତ୍ସା ଭତ୍ତା ପ୍ରଦାନ କରୁଛନ୍ତି। ହେଲେ ଓଡ଼ିଶା ସରକାର ଏଥିପାଇଁ ଆବଶ୍ୟକ ଖର୍ଚ୍ଚର ଆକଳନ କରିଥିଲେ ମଧ୍ୟ ତାହା ଶୀତଳ ଭଣ୍ଡାରରେ ପଡ଼ିରହିଛି। ତେଣୁ ପେନ୍‌ସନ୍‌ଭୋଗୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ମହାସଂଘ ଦାବି କରିଛି। ସେହିଭଳି ୭ମ ବେତନ କମିଶନଙ୍କ ସୁପାରିସ ଭିତ୍ତିରେ ପେ-ମାଟ୍ରିକ୍ସର କୌଣସି ଫର୍ମୁଲାକୁ ଓଡ଼ିଶାରେ କାର୍ଯ୍ୟ କରାଯାଇ ନ ଥିବା ମହାସଂଘ ଅଭିଯୋଗ କରିଛି। ବୈଠକରେ ମହାସଂଘ ଅଧ୍ୟକ୍ଷ ପ୍ରତାପ ଚନ୍ଦ୍ର ଦାସ, ଉପାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ମିଶ୍ର ଓ ସୁରେଶ ମୁନି, ମହାସଚିବ ଗୋକୁଳାନନ୍ଦ ବେହେରା, କୋଷାଧ୍ୟକ୍ଷ ପ୍ରେମାନନ୍ଦ ଜେନା ଉପସ୍ଥିତ ଥିଲେ। ଏହି ଅବସରରେ ମହାସଂଘର ସ୍ମରଣିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ।



ସମ୍ମିଳନୀରେ ମହାସଂଘର ସ୍ମରଣିକା ଉନ୍ମୋଚନ କରାଯାଉଛି।

## ହିନ୍ଦୀ ଫିଲ୍ମ ଟ୍ରେଲର ଦେଖି ରାଗିଗଲେ ସାଗରିକା

ଭୁବନେଶ୍ୱର,୪।୩(ବ୍ୟୁରୋ)

ରାଜ୍ୟରେ ନୂଆ ମୋଟର ଯାନ ଆଇନକୁ ଲାଗୁ କରାଯିବା ସହ ମାର୍ଚ୍ଚ ୧ରୁ କଡ଼ାକଡ଼ି କରାଯାଇଛି। ଏହା ଲାଗୁ ହେବା ପରେ ରାଜ୍ୟରେ ଟ୍ରାଫିକ୍ ବ୍ୟବସ୍ଥା କଡ଼ାକଡ଼ି ହୋଇଛି। ସାଧାରଣ ଲୋକ ହୁଅନ୍ତୁ କି ଖୋଦ୍ ପୋଲିସ କର୍ମଚାରୀ ନିୟମ ଉଲ୍ଲଂଘନ କରି ଜରିମାନା ଗଣୁଛନ୍ତି। ଏଭଳିସ୍ଥଳେ

### ବିନା ହେଲ୍‌ମେଟ୍‌ରେ ବଲିଉଡ୍ ଅଭିନେତା

ଆଗାମୀ ଦିନରେ ରିଲିଜ ହେବାକୁ ଯାଉଥିବା ବହୁଚର୍ଚ୍ଚିତ ହିନ୍ଦୀ ଫିଲ୍ମ 'ସୂର୍ଯ୍ୟବଂଶୀ'ର ଟ୍ରେଲର୍‌ରେ ବଲିଉଡ୍ ଷ୍ଟାର୍ ଅକ୍ଷୟ କୁମାରଙ୍କୁ କିନ୍ତୁ ବିନା ହେଲମେଟ୍‌ରେ ବାଇକ୍ ଚଲାଉଥିବା ଦେଖିବାକୁ ମିଳିଛି। ଯାହାକୁ ଦେଖି ଖପ୍ପା ହୋଇଛନ୍ତି ଭୁବନେଶ୍ୱର-କଟକ ଟ୍ରାଫିକ୍ ଡିସିପି ସାଗରିକା ନାଥ। ଏନେଇ ଟୁଇଟର୍‌ରେ ଏକ ପୋଷ୍ଟ ମାଧ୍ୟମରେ ସାଗରିକା ନିଜ ମତ ରଖିବା ସହ ବଲିଉଡ୍ ଉପରେ ବର୍ଷିଛନ୍ତି। କେବଳ 'ସୂର୍ଯ୍ୟବଂଶୀ'ରେ ଅକ୍ଷୟ କୁମାରଙ୍କ ବିନା ହେଲ୍‌ମେଟ ଫଟୋ ନୁହେଁ, ଆଉଏକ ହିନ୍ଦୀ ଫିଲ୍ମ 'ଧୁମ୍-୩'ରେ ଅମୀର ଖାନ୍ କିଭଳି ରାସ୍ତା ମଝିରେ ବେଆଇନଭାବେ ବାଇକ୍ ଷ୍ଟଣ୍ଟ ଦେଖାଉଛନ୍ତି ତାହା ମଧ୍ୟ ସେ ଉକ୍ତ ଫଟୋ ସହ ଶେୟାର କରିଛନ୍ତି।




ଟ୍ରାଫିକ୍ ନିୟମ ମାନିବାକୁ ନୂଆ ନୂଆ ବ୍ୟବସ୍ଥା ଆପଣାଯାଉଛି। ଏଥିପ୍ରତି ଲୋକଙ୍କୁ ସଚେତନ କରିବାକୁ ସରକାର ବିଭିନ୍ନ କାର୍ଯ୍ୟକ୍ରମ କରୁଛନ୍ତି। ହେଲେ ଏଭଳି ସମୟରେ ବଲିଉଡ୍ କିନ୍ତୁ ଭୁଲ୍ ବାର୍ତ୍ତା ଦେଇ ଯୁବବର୍ଗଙ୍କୁ ଟ୍ରାଫିକ୍ ନିୟମ ପାଳନ ନ କରିବାକୁ ଏକପ୍ରକର ଉସ୍‌କାଉଛି। 'ସୂର୍ଯ୍ୟବଂଶୀ'ର ଟ୍ରେଲର୍ ଇତିମଧ୍ୟରେ ରିଲିଜ୍ ହୋଇ କୋଟି କୋଟି ଦର୍ଶକଙ୍କ ପ୍ରଶଂସା ସାଉଁଟୁଛି। ହେଲେ ଏଥିରେ ନାୟକ ଅକ୍ଷୟ କୁମାର ହେଲମେଟ୍ ନ ପିନ୍ଧି ବାଇକରେ ବସିବା ସହ ତାଙ୍କ ଆଗରେ ଯୁବତୀଙ୍କୁ ବସାଇ ଷ୍ଟଣ୍ଟ ମାରୁଛନ୍ତି। ତାଙ୍କ ସହ ଅଜୟ ଦେବଗନ ଓ ରଣବୀର ସିଂଙ୍କ ଅଭିନୀତ ସୂର୍ଯ୍ୟବଂଶୀର ଏହି ଟ୍ରେଲରକୁ ଇତିମଧ୍ୟରେ ପ୍ରାୟ ୫ କୋଟି ଦର୍ଶକ ଦେଖିସାରିଥିବାବେଳେ ଏହା ସେମାନଙ୍କ ଉପରେ କୁପ୍ରଭାବ ପକାଇବ ବୋଲି ସାଗରିକା ଉଲ୍ଲେଖ କରିଛନ୍ତି। ସେହିଭଳି ସାଗରିକା ଅପ୍‌ଲୋଡ୍ କରିଥିବା ଅନ୍ୟ ଏକ ଫଟୋରେ ଅମୀର ଖାନ୍ ବାଇକରେ ଷ୍ଟଣ୍ଟ ଦେଖାଉଛନ୍ତି। ଦର୍ଶକମାନେ ଫିଲ୍ମକୁ ଦେଖି ବାସ୍ତବ ଜୀବନରେ ସେଭଳି କରିବାକୁ ଅନେକଥର ଚେଷ୍ଟା କରନ୍ତି। ପୂର୍ବରୁ ଏହାର ଅନେକ ନଜିର ମଧ୍ୟ ରହିଛି। ହେଲ୍‌ମେଟ୍ ନ ପିନ୍ଧି ବାଇକ୍ ଚଲାଇବା କିମ୍ବା ରାସ୍ତାରେ ଷ୍ଟଣ୍ଟ ଆମ ପାଇଁ ଘାତକ ସାବ୍ୟସ୍ତ ହୋଇପାରେ ବୋଲି ସାଗରିକା ନିଜ ଟୁଇଟ୍‌ରେ ଇଙ୍ଗିତ କରିଛନ୍ତି। ଏଭଳି ପ୍ରସଙ୍ଗକୁ ବଲିଉଡ୍ ଗୁରୁତ୍ୱର ସହ ନେବାର ସମୟ ଆସିଛି। ଏକାଠି ମିଶି ରାସ୍ତାରେ ଘଟୁଥିବା ଦୁର୍ଘଟଣାକୁ ହ୍ରାସ କରିବାକୁ ସାଗରିକା କହିଛନ୍ତି। ଅନ୍ୟପକ୍ଷରେ ସଂଶୋଧିତ ମୋଟର ଯାନ ଆଇନ କଡ଼ାକଡ଼ି ହେବା ପରେ ଟ୍ୱିନ୍ ସିଟିର ସମ୍ପୂର୍ଣ୍ଣ ଟ୍ରାଫିକ୍ ପରିଚାଳନା ଦାୟିତ୍ୱ ଡିସିପି ସାଗରିକା ନାଥଙ୍କ ଉପରେ ରହିଛି। ଏଭଳି ସମୟରେ ତାଙ୍କ ଟୁଇଟ ବିଭିନ୍ନ ବର୍ଗର ଲୋକଙ୍କ ଦ୍ୱାରା ପ୍ରଶଂସିତ ହୋଇଛି।



ଅର୍ଥ, ମାନ, ଯଶ ଇତ୍ୟାଦି ପାଇବା ଆଶାରେ ମୋତେ ଠାକୁର ସଜାଇ ଭକ୍ତ ହୁଅ ନାହିଁ। ସାବଧାନ ହୁଅ, ଠକିଯିବ, ତୁମର ଠାକୁରତ୍ୱ ଜାଗ୍ରତ ନ ହେଲେ କେହି ତୁମର କେନ୍ଦ୍ର ବି ନୁହନ୍ତି, ଠାକୁର ବି ନୁହନ୍ତି ।
- ଠାକୁର ଅନୁକୂଳଚନ୍ଦ୍ର



## ଆଜି ନୂଆ ଏସ୍‌ସିବି କ୍ୟାମ୍ପସ ଶିଳାନ୍ୟାସ କରିବେ ମୁଖ୍ୟମନ୍ତ୍ରୀ

**କଟକ ଅଫିସ୍, ୪।୩**

ଶ୍ରୀରାମଚନ୍ଦ୍ର ଭଞ୍ଜ (ଏସ୍‌ସିବି) ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ନୂଆ ରୂପ ପାଇବ। ଏଥିପାଇଁ ପୂର୍ବରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରାୟ ୧୦୦୦ କୋଟି ଟଙ୍କାର ଅନୁଦାନ ଘୋଷଣା କରିଥିଲେ। ଏସ୍‌ସିବିର ନୂତନ କ୍ୟାମ୍ପସ ନିର୍ମାଣ ପାଇଁ ଶିଳାନ୍ୟାସ କରିବାକୁ ଗୁରୁବାର ମୁଖ୍ୟମନ୍ତ୍ରୀ କଟକ ଆସୁଛନ୍ତି। ଏହି ଗସ୍ତକୁ ନେଇ କଟକ ଜିଲା ପ୍ରଶାସନର ଅଧିକାରୀଙ୍କ ସମେତ ବିଜୁ ଜନତା ଦଳର ନେତା ଓ କର୍ମୀମାନେ ତତ୍ପର ହୋଇପଡ଼ିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ପୂର୍ବାହ୍ନ ୧୧ଟା ୫ମିନିଟ୍‌ରେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରସ୍ଥ ବିଜୁ ପଟ୍ଟନାୟକ ବିମାନବନ୍ଦରରୁ ହେଲିକପ୍ଟର ଯୋଗେ ବାହାରିବେ। ୧୧ଟା ୨୦ ମିନିଟ୍‌ରେ ଉପର ବାଲିଯାତ୍ରା ପଡ଼ିଆ ହେଲିପ୍ୟାଡ୍‌ରେ ଓହ୍ଲାଇବେ। ସେଠାରୁ ବାରବାଟୀ ଷ୍ଟାଡିୟମ୍ ଯିବେ। ଷ୍ଟାଡିୟମ୍‌ରେ ଗୁରୁବାର ଉଦ୍‌ଯାପନ ହେବାକୁ ଥିବା ଏସ୍‌ଡିସି ଟ୍ରାଇବାଲ୍ ଫୁଟବଲ୍ ଚାମ୍ପିୟନସିପ୍ କପ୍‌ର ମହିଳା ଏବଂ ପୁରୁଷ ବର୍ଗର ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରିବେ। ସେଠାରୁ ବାଲିଯାତ୍ରା ପଡ଼ିଆକୁ ଯିବେ। ଏସ୍‌ସିବିକୁ ବିଶ୍ୱସ୍ତରୀୟ ହସ୍‌ପିଟାଲ୍‌ରେ ପରିଣତ କରିବା ପାଇଁ ହାତକୁ ନିଆଯାଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଏବଂ ଛ' ଲେନ୍ ରିଂରୋଡ୍‌ର ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ଅନ୍ୟପଟେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ନେଇ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। କାର୍ଯ୍ୟକ୍ରମରେ ପ୍ରାୟ ୫୦ ହଜାରରୁ ଅଧିକ ଲୋକଙ୍କୁ ସାମିଲ୍ କରିବା ପାଇଁ ବିଜେଡି ଶିବିରରେ ପ୍ରସ୍ତୁତି ଚାଲିଛି। ନେତାମାନଙ୍କ ମଧ୍ୟରେ ତୁହାକୁ ତୁହା ବୈଠକ ବସୁଛି।

# ଭୁବନେଶ୍ୱରରେ ସର୍ବାଧିକ ବର୍ଷା

**ଭୁବନେଶ୍ୱର, ୪।୩(ବ୍ୟୁରୋ)**

ପଶ୍ଚିମବଙ୍ଗ ଓ ବାଂଲାଦେଶ ଆଖପାଖରେ ସୃଷ୍ଟି ହୋଇଥିବା ଲଘୁଚାପ ବଳୟ ଯୋଗୁ ବୁଧବାର ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହୋଇଛି। ଅଦିନିଆ ବର୍ଷା ଯୋଗୁ ଲୋକେ ହନ୍ତସନ୍ତ ହୋଇଛନ୍ତି। ଭୁବନେଶ୍ୱରରେ ସର୍ବାଧିକ ୧୩.୨ ମିମି ବର୍ଷା ହୋଇଥିବା ବେଳେ ଅନୁଗୋଳ ୪, ଭବାନିପାଟଣା ୩, ଫୁଲବାଣୀ ୮.୨, ଟିଟିଲାଗଡ଼ ୭ ମିମି ବର୍ଷା ହୋଇଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ରେକର୍ଡ କରାଯାଇଛି। ଏହାଛଡ଼ା ସୋନପୁର, ହୀରାକୁଦ, ତାଳଚେର, ସମ୍ବଲପୁର, କେନ୍ଦୁଝର, ଝାରସୁଗୁଡ଼ା, କଟକ, ପାରାଦୀପରେ ମଧ୍ୟ ବର୍ଷା ହୋଇଛି। ଭୁବନେଶ୍ୱରରେ ସକାଳୁ ସକାଳୁ ପାଗ କୋହଲା ଥିବା ବେଳେ ଅପରାହ୍ନରେ ହଠାତ୍ କଳାହାଣ୍ଡିଆ ମେଘ ସହ ପ୍ରବଳ ବେଗରେ ପବନ ଓ ବର୍ଷା ହୋଇଥିଲା।

ସେପଟେ ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ଏହିଭଳି ବର୍ଷା ଲାଗି ରହିବ। ୮ ତାରିଖରୁ ପାଗରେ ପରିବର୍ତ୍ତନ ଆସିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ୫ ତାରିଖରେ ରାଜ୍ୟର ଅଧିକାଂଶ ଜିଲାରେ ବର୍ଷା ହେବା ଆଶଙ୍କା ରହିଛି। ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶା ସମେତ ନୂଆପଡ଼ା, ରାୟଗଡ଼ା, ବଲାଙ୍ଗୀର, କଳାହାଣ୍ଡି, ସୋନପୁର, କନ୍ଧମାଳ, ବୌଦ୍ଧ, କଟକ ଆଦି ୮ ଜିଲାରେ ଅଧିକ ବର୍ଷା ହେବ। ଏହାଛଡ଼ା ବାଲେଶ୍ୱର, ଭଦ୍ରକ, ନୟାଗଡ଼, ଖୋର୍ଦ୍ଧା, ଯାଜପୁର ଓ ଗଞ୍ଜାମ ଆଦି ଜିଲାର କିଛି ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ଗୁରୁବାର ବିଭିନ୍ନ ଜିଲାକୁ ଝଡ଼ତୋଫାନ ସହିତ ବଜ୍ରପାତ ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହି ସବୁ ଜିଲାଗୁଡିକ ହେଲା ସୁନ୍ଦରଗଡ଼, ମୟୂରଭଞ୍ଜ, କେନ୍ଦୁଝର, କନ୍ଧମାଳ, ବଲାଙ୍ଗୀର, ସୋନୁପର, ବୌଦ୍ଧ, ଅନୁଗୋଳ, ଢେଙ୍କାନାଳ, ବାଲେଶ୍ୱର, କଟକ, ଯାଜପୁର ଓ ଭଦ୍ରକ। ସେହିଭଳି ବରଗଡ଼, ଝାରସୁଗୁଡ଼ା, ଦେବଗଡ଼, ସମ୍ବଲପୁର, ଖୋର୍ଦ୍ଧା ଓ ନୟାଗଡ଼ରେ ମଧ୍ୟ ବଜ୍ରପାତ ହେବ ବୋଲି ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି। ୬ତାରିଖ ଦିନ ଉତ୍ତର ଓଡ଼ିଶା, ସୋନପୁର, ବୌଦ୍ଧ, କନ୍ଧମାଳ, ନୟାଗଡ଼ ଓ ଖୋର୍ଦ୍ଧା ଜିଲାରେ ବର୍ଷା ହେବାର ଆଶଙ୍କା ରହିଛି। ସେଦିନ ସୁନ୍ଦରଗଡ଼, ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ, ଅନୁଗୋଳ, ବାଲେଶ୍ୱର, କନ୍ଧମାଳ, ଗଞ୍ଜାମ, ନୟାଗଡ଼, ବୌଦ୍ଧ, କଟକ, ଖୋର୍ଦ୍ଧା, ଯାଜପୁର, ଭଦ୍ରକ ଓ କେନ୍ଦ୍ରାପଡ଼ାରେ ଝଡ଼ତୋଫାନ ସହିତ ବଜ୍ରପାତ ହେବ। ସେଥିପାଇଁ ଏ ସମସ୍ତ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିପରି ୭ ତାରିଖ ଦିନ ଉପକୂଳ ଓଡ଼ିଶା ସମେତ ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ, କନ୍ଧମାଳ, ରାୟଗଡ଼ା, ସୁନ୍ଦରଗଡ଼ ଜିଲାର କିଛି ସ୍ଥାନରେ ବର୍ଷା ହେବା ସମ୍ଭାବନା ରହିଛି। ସେଦିନ ଉପକୂଳ ଓଡ଼ିଶା ସହ ମୟୂରଭଞ୍ଜ, କେନ୍ଦୁଝର, କନ୍ଧମାଳ ଓ ରାୟଗଡ଼ା ଜିଲାରେ ଝଡ଼ତୋଫାନ ଓ ବଜ୍ରପାତ ହେବ ବୋଲି ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି। ଏହାକୁ ଦୃଷ୍ଟିରେ ରଖି ଏ ସମସ୍ତ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଅନ୍ୟପଟେ ମାଲକାନଗିରିରେ ସର୍ବାଧିକ ୩୫ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି।



ବର୍ଷା ସମୟରେ ରାଜମହଲ ଛକର ଦୃଶ୍ୟ।

- ଆଜି ୧୩ ଜିଲାକୁ ବଜ୍ରପାତ ନେଇ ୟେଲୋ ୱାର୍ନିଂ
- ୮ରୁ ବଦଳିବ ପାଗ

### ପବନରେ ଉଡ଼ିଗଲା ବିଦ୍ୟାଳୟ ଆଜବେଷ୍ଟସ୍

**ବାଲିଅନ୍ତା, ୪।୩(ଡି.ଏନ୍.ଏ)**

ବୁଧବାର ଅପରାହ୍ନରେ ହୋଇଥିବା ଲଗାଣ ଝଡ଼ବର୍ଷାର ପ୍ରକୋପ ଭୁବନେଶ୍ୱର ଉପାନ୍ତ ଅଞ୍ଚଳ ବାଲିଅନ୍ତାରେ ଦେଖିବାକୁ ମିଳିଛି। ହଠାତ୍ ଜୋରରେ ପବନ ବୋହିବା ସହ ଲଗାଣ ବର୍ଷା ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଥିଲା। ଏହି ଝଡ଼ବର୍ଷା ଯୋଗୁ ବାଲିଅନ୍ତା ବ୍ଲକର ସର୍ବପୁରାତନ ଶିକ୍ଷାନୁଷ୍ଠାନ ଶ୍ରୀ ବକ୍ରେଶ୍ୱର ଉଚ୍ଚ ବିଦ୍ୟାଳୟର ୨ବଖରା ଶ୍ରେଣୀଗୃହ କ୍ଷତିଗ୍ରସ୍ତ ହୋଇଛି। ଦଶମ ଶ୍ରେଣୀ ପାଇଁ ଉଦ୍ଦିଷ୍ଟ ଥିବା ଏହି ଶ୍ରେଣୀଗୃହର ଗୋଟିଏ ପାର୍ଶ୍ୱ ଥିବା ଆଜବେଷ୍ଟସ ସମ୍ପୂର୍ଣ୍ଣ ଉଡ଼ିଯାଇଛି। ଗତ ଫନୀ ବାତ୍ୟାରେ ଏହି ଶ୍ରେଣୀଗୃହ କ୍ଷତିଗ୍ରସ୍ତ ହୋଇଥିଲା। ୪ ମାସ ତଳେ ହିଁ ମରାମତି ଶେଷ ହୋଇଥିଲା।



ଭୁବନେଶ୍ୱର ସୂଚନା ଭବନରେ ଆୟୋଜିତ ଓଡ଼ିଆ ସାହିତ୍ୟ ସମାରୋହରେ ଡ.ରବିନାରାୟଣ ସେନାପତିଙ୍କୁ 'ଭଞ୍ଜଭାରତୀ ଜୟଦେବ ଷଡ଼ଙ୍ଗୀ ସ୍ମୃତି ସମ୍ମାନ' ପ୍ରଦାନ କରାଯାଉଛି।

## ରବିନାରାୟଣଙ୍କୁ ଭଞ୍ଜଭାରତୀ ସ୍ମୃତି ସମ୍ମାନ

**ଭୁବନେଶ୍ୱର, ୪।୩(ବ୍ୟୁରୋ)**

ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ସାରସ୍ୱତ ସୃଷ୍ଟିରେ ଭରିରହିଛି କାଳଜୟୀ ମୂଲ୍ୟବୋଧର ଉଚ୍ଚାଙ୍ଗ ଦିଗ୍‌ଦର୍ଶନ। ସାହିତ୍ୟ ଓ ସାମାଜିକ ଜୀବନର ଅମୂଲ୍ୟ ସମ୍ପଦ ବୋଲି ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଛନ୍ତି। ସାରସ୍ୱତ ଅନୁଷ୍ଠାନ 'ଭୁବନେଶ୍ୱର ଭଞ୍ଜଭାରତୀ' ପକ୍ଷରୁ ସୂଚନା ଭବନଠାରେ ଆୟୋଜିତ 'ଓଡ଼ିଆ ସାହିତ୍ୟ ସମାରୋହ-୨୦୨୦'ର ଶେଷ ସନ୍ଧ୍ୟାରେ ଯୋଗଦେଇଥିବା ଅତିଥିମାନେ ଏହି ମତବ୍ୟକ୍ତ କରିଥିଲେ। ଅନୁଷ୍ଠାନର ସଭାପତି ନୀଳାଦ୍ରି ମୋହନ ଶତପଥୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସମାରୋହରେ ମୁଖ୍ୟଅତିଥିଭାବେ ପ୍ରଶାସକ ଦିଲୀପ ସାମନ୍ତରାୟ ଯୋଗଦେଇ ସାହିତ୍ୟ ଜଗତରେ କବି ଗଙ୍ଗାଧରଙ୍କ ସ୍ଥାନ ସ୍ୱତନ୍ତ୍ର ବୋଲି କହିଥିଲେ। ଏହି ଅବସରରେ ବିଶିଷ୍ଟ ସାରସ୍ୱତ ସାଧକ ଡ. ରବିନାରାୟଣ ସେନାପତିଙ୍କୁ ମର୍ଯ୍ୟାଦାଜନକ 'ଭଞ୍ଜଭାରତୀ ଜୟଦେବ ଷଡଙ୍ଗୀ ସ୍ମୃତି ସମ୍ମାନ-୨୦୨୦'ରେ ସମ୍ମାନିତ କରାଯାଇଥିଲା। ମେହେର ସାହିତ୍ୟ ଗବେଷକ ଡ. ଶ୍ୟାମ ଭୋଇ ଅନ୍ୟତମ ଅତିଥିଭାବେ ଯୋଗଦେଇ ଗଙ୍ଗାଧରଙ୍କ କାବ୍ୟ ଓ କ୍ଷୁଦ୍ରକବିତା ଉଭୟରେ ଥିବା ସଦାଚାର, ସହନଶୀଳତା ଓ ଶୃଙ୍ଖଳା ବିଷୟରେ କହିଥିଲେ। ଅନୁଷ୍ଠାନର ସମ୍ପାଦକ ଡ. କୃଷ୍ଣକେଶବ ଷଡ଼ଙ୍ଗୀ ଗଙ୍ଗାଧରଙ୍କ ସୃଷ୍ଟ ତପସ୍ୱିନୀ ମହାକାବ୍ୟ ସମ୍ପର୍କରେ ବିଶଦ୍‌ଭାବେ ଆଲୋଚନା କରିଥିଲେ। ପ୍ରାରମ୍ଭରେ କଣ୍ଠଶିଳ୍ପୀ ମହାପାତ୍ର ମିନତି ଭଞ୍ଜ ଓ ସାଥୀଙ୍କ ଦ୍ୱାରା ମେହେର ସଙ୍ଗୀତ ପରିବେଷଣ କରାଯାଇଥିଲା। ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ପ୍ରାଣବନ୍ଧୁ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ବିବାହ ମଣ୍ଡପରୁ ଉପହାର ଚୋରି ଘଟଣାର ଅଭିଯୁକ୍ତ ଗିରଫ

### ଅଳଙ୍କାର, ଦୁଇ ବାଇକ, ୪ ଲକ୍ଷ ଟଙ୍କା ଜବତ

**ଭୁବନେଶ୍ୱର,୪।୩(ବ୍ୟୁରୋ)**

ଭୁବନେଶ୍ୱରର ବିଭିନ୍ନ ବିବାହ ମଣ୍ଡପରୁ ଉପହାର ଚୋରିରେ ସଂପୃକ୍ତ ଅଭିଯୁକ୍ତଙ୍କୁ ବୁଧବାର ଖଣ୍ଡଗିରି ଥାନା ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଖୋର୍ଦ୍ଧା ଥାନା ଅନ୍ତର୍ଗତ କେରଙ୍ଗ ଅଞ୍ଚଳର ସେଖ୍ ଅବଦୁଲ(୩୫)। ପୋଲିସ ତାଙ୍କ ନିକଟରୁ ୨ ବାଇକ, ୨ ହଳ ସୁନା କାନଫୁଲ, ୩ ହଳ ରୁପା ପାଉଁଜି ସମେତ ଅନ୍ୟ ଅଳଙ୍କାର ସହ ନଗଦ ୩ ଲକ୍ଷ ୯୮ ହଜାର ଟଙ୍କା ଜବତ କରିଛି। ଅବଦୁଲ ରାଜଧାନୀର ଅନେକ ମଣ୍ଡପରୁ ଚୋରି କରିଥିବା ପୋଲିସ ସୂଚନା ଦେଇଛି।

ସୂଚନା ମୁତାବକ ୨୦୧୯ ମେ ୨୮ରେ ଖଣ୍ଡଗିରି ଥାନା ଅନ୍ତର୍ଗତ କୋଲଥିଆ ଅଞ୍ଚଳରେ ଥିବା ଏକ ମଣ୍ଡପରେ ବିବାହ ଉତ୍ସବ ଥିଲା। ନିମନ୍ତ୍ରିତ ଅତିଥିମାନେ ବରକନ୍ୟାଙ୍କ ପାଇଁ ଉପହାର ସ୍ୱରୂପ ବିଭିନ୍ନ ଅଳଙ୍କାର ଏବଂ ଟଙ୍କା ଦେଇଥିଲେ। ଉକ୍ତ ଉପହାରଗୁଡିକ ମଣ୍ଡପର ଏକ ଗୃହରେ ରଖାଯାଇଥିଲା। ବିବାହ ଶେଷ ହେବା ପରେ ସମସ୍ତେ ଘରକୁ ଯିବାକୁ ବାହାରିବା ସମୟରେ ଉପହାରଗୁଡିକ ଚୋରି ହୋଇଥିବା ଜଣାପଡ଼ିଥିଲା। ଏନେଇ ଖଣ୍ଡଗିରି ଅଞ୍ଚଳର ମୋଚିରାମ ବଳିଆରସିଂ ସ୍ଥାନୀୟ ଥାନାରେ ଅଭିଯୋଗ କରିଥିଲେ। ପ୍ରାୟ ୪ ଲକ୍ଷ ଟଙ୍କାର ଗିଫ୍ଟ ଚୋରି ହୋଇଥିବା ମୋଚିରାମ ଅଭିଯୋଗରେ ଦର୍ଶାଇଥିଲେ। ଖଣ୍ଡଗିରି ପୋଲିସ ୩୦୦/୧୯ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହାର ତଦନ୍ତ ଚାଲିଥିବାବେଳେ ସମାନ ଧରଣର ଚୋରି ହୋଇଥିବା ନେଇ ଆଉ ତିନି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ଗତ ସେପ୍ଟେମ୍ବର ୨୨ରେ କୋଲଥିଆ, ଡିସେମ୍ବର ୧୧ ଜାଗମରା ଓ ୧୩ରେ ଖାରବେଳ ନଗରସ୍ଥିତ ବିବାହ ମଣ୍ଡପରୁ ଉପହାର ଚୋରି ହୋଇଥିଲା। ଫଳରେ ପୋଲିସ ଗୁରୁତ୍ୱ ଦେଇ ଅଭିଯୁକ୍ତଙ୍କୁ ଖୋଜିଥିଲା।


**GOVERNMENT OF ODISHA** U-08
**ELECTRONICS & INFORMATION TECHNOLOGY DEPARTMENT**

Letter No.________ dated
EIT-OE-ESTT-0008-2016 Bhubaneswar

**TENDER CALL NOTICE**

Sealed Quotations/Tenders are invited within 7 days from the publication of the notice from the interested reputed Travel Agencies/Tour Operators or Private individuals for supply of one A/C Swift Dzire(Petrol) or equivalent vehicle and one A/c Indica or equivalent Car on hiring basis for one year for use of officers of E & IT Department. The details of the notice along with the terms and condition of hiring may be verified from the website of Government of Odisha in E & IT Department (https://it.odisha.gov.in/).

Deputy Secretary to Government
**OIPR- 16001/11/0001/1920**

**Odisha Power Transmission Corporation Limited**
(A Govt of Odisha Undertaking)
**OFFICE OF DGM (El.) EHT (C) Division.**
**Berhampur-760007.**
**NOTICE INVITING TENDER**
**TENDER CALL NOTICE NO.- 06/2019-20**
**Advt. No 06/2019-20** **Date 04.03.2020**

Sealed tenders are invited from Travel agencies/Vehicle owner having valid Good & Services Tax Registration Certificate, PAN, Fitness certificate, taxi permit & Insurance Policy, Non-Pollution Certificate, RC Book "HIRING OF DIESEL RUN COMMERCIAL REGISTERED LIGHT VEHICLES A/C INDIGO OR EQUIVALENT ON MONTHLY BASIS WITH DAILY HIRING RATE FOR EHT(C) DIVISION, BERHAMPUR". Cost of Tender paper (non-refundable) = Rs.4000/-+12% GST=Rs.4480/- EMD 1% of total estimated value (EMD cost-Rs 7.000/-). Sale of Tender documents: from 06.03.2020 to 19.03.2020. Last date of submission of tender: 03.00PM of 20.03.2020. Date of opening of tender 04.00PM of 20.03.2020. For details please visit our website www.optcl.co.in or office in official hours. Corrigendum if any will be published in the office notice board only.

**Sd./- DGM (Elect)**

**ODISHA SALES TAX TRIBUNAL, CUTTACK**
File No.X-09/2020/ 734/Trl., dt.29.02.2020

**QUOTATION CALL NOTICE**

**No. S-38:-** Sealed Quotations / tender are invited from interested reputed Travel Agencies/ Tour Operators or Private individuals of Cuttack/ Bhubaneswar for providing vehicles Swift Dzire(Petrol/ Diesel)/Zest (Petrol/Diesel)/Xcent (Petrol/Diesel)/Tigor (Petrol/ Diesel)/Etios (Petrol/Diesel), which must conform to the terms and conditions (Annexure-I) for Official use in Odisha Sales Tax Tribunal, Cuttack on monthly rate basis.

1. The Vehicle must be in Road worthy condition and shall not be more than three years old from the date of initial registration and must have valid registration certificate, insurance certificate, fitness certificate, Pollution certificate valid contract carriage permit, proof of up-to-date tax payment and coverage etc. which are mandatory for plying of vehicle.
2. The Driver of the vehicle must have a valid commercial driving licence for driving light transport passenger vehicles and should be sufficiently experienced in driving light motor vehicle.
3. The Driver should be well behaved, gentle and docile in nature.
4. A sum of Rs.5000/- shall be deposited by the intending quotationer in shape of Account Payee Bank Draft drawn in favour of the Registrar, Odisha Sales Tax Tribunal, Cuttack and submitted along with the tender with sealed quotation as security deposit. The amount will be refunded to those whose quotations are not accepted.
5. The monthly rate of hire charges shall be quoted separately in the general bid information (excluding fuel and Lubricants).
6. The vehicle Swift Dzire (Petrol/Diesel)/Zest(Petrol/Diesel)/ Xcent (Petrol/Diesel)/Tigor (Petrol/Diesel)/Etios (Petrol/Diesel) must achieve a fuel efficiency of 17Kms. per litre with A.C.
7. Details of the make and year of manufacture of the vehicle, Registration No., mileage (Kms covered per litre) and name of the Driver with Driving licence No. and period of validity should be specifically provided in the general bid information to be furnished with the quotation / tender.
8. It will be ensured through Service Providers of hired vehicles that the vehicles are kept under optimum running condition and avoid accidents attributable to lack of maintenance/upkeep. The hired vehicles cannot be used for any private/commercial purpose beyond office hours or during holidays.
9. Log books shall be maintained for the hired vehicles as in the case of Government vehicles, kilometer reading and POL drawn shall be necessarily recorded in relevant columns and verified regularly by an authorized officer before making payment.
10. GST registration and GeM registration are compulsory for any Service Provider to provide hired vehicles to Government offices through GeM or through open bidding.
11. The hiring may be discontinued immediately, when the vehicles are no longer required for offices.
12. The quotations completed in all respect should reach the undersigned on or before dtd. 9.4.2020 by 2.00 P.M. and shall be opened on the same day at 4.00 P.M. in presence of the quotationers / authorised representatives.
13. The application form quotation / tender containing General bid information and terms and conditions for hiring of vehicles will be available with the Registrar, Odisha Sales Tax Tribunal, Cuttack on payment of Rs.100/- and terms and conditions are available in official Website of the Government of Odisha Sales Tax Tribunal, Cuttack.(www.ostt.nic.in).
14. This office reserves the right to cancel the bidding process at any stage without assigning any reason thereof.

***Sd./- Registrar,***
***Odisha Sales Tax Tribunal, Cuttack***
OIPR-05003/11/0003/1920

**OFFICE OF THE EXECUTIVE ENGINEER, L.I. DIVISION, JAJPUR ROAD**
e-mail – eeli.jajpurroad@gmail.com
***e-Procurement Notice***
No. CAD-1067
**Bid Identification No. 445 / OLIC (JPR) / Dt. 03.03.2020**

The Executive Engineer, Lift Irrigation Division, Jajpur Road on behalf of Odisha Lift Irrigation Corporation Limited , Bhubaneswar invites percentage Rate bids for Revival, Installation and Energisation of Lift Irrigation Projects on turnkey basis from reputed Contractors/Firms having both valid PWD License of required class and valid HT license issued by E.L.B.O, Odisha, with experience in similar nature of works for the work of Erection of 11KV line, L.T. line & commissioning of electrical Substation for power supply to L.I Projects along with installation of pump set, starter and its energisation including Civil works. The proof of registration from the appropriate authority shall be enclosed along with the Bid.

| | | |
|---|---|---|
| 1. | Numbers of Package | 30 Numbers |
| 2. | Estimated Cost | Rs. 6.87 lakh to Rs. 53.78 lakh |
| 3. | Cost of tender paper | Rs.4000 /- , Rs. 6000 /- & Rs.10000/ against different Packages through on line mode + 5% GST as reverse charge basis vide challan no. as mentioned in DTCN |
| 4. | Date & time of publication | Dt.19.03.2020 from 10.00 A.M. |
| 5. | Date & time of closing | Dt. 26.03.2020 at 5.00 P.M. |
| 6. | Date & time of opening of bid | Dt. 30.03.2020 at 11.00 A.M. |
| 7. | The bidders have to participate in online bidding only. | |

Further details can be seen from the website www.tendersorissa.gov.in.
Addendum/corrigendum/cancellation of tender if any, can be seen in the said website

Sd/- Executive Engineer
OIPR-32146/11/0005/1920

**ତହସିଲଦାରଙ୍କ କାର୍ଯ୍ୟାଳୟ, ଢେଙ୍କାନାଳ**
ପତ୍ର ସଂଖ୍ୟା.୧୫୫୩ ତା.୦୨।୦୩।୨୦୨୦

**ବିଜ୍ଞାପନ**

**ଲଘୁ ଖଣିଜ ଦ୍ରବ୍ୟର ଦୀର୍ଘମିଆଦୀ ଲିଜ୍ ନିମନ୍ତେ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧୀନସ୍ଥ ଢେଙ୍କାନାଳ ଜିଲ୍ଲା, ତହସିଲ ଢେଙ୍କାନାଳ ଅନ୍ତର୍ଗତ ଲଘୁଖଣିଜ ଉତ୍ସଗୁଡିକର ଆସନ୍ତା ୫ବର୍ଷ (୨୦୨୦-୨୧ଠାରୁ ୨୦୨୪-୨୫) ନିମନ୍ତେ ଦୀର୍ଘ ମିଆଦୀ ଲିଜ୍ ପାଇଁ ତହସିଲଦାର ଢେଙ୍କାନାଳଙ୍କ ଦ୍ୱାରା ୨୧।୦୩।୨୦୨୦, ୩୦।୦୩।୨୦୨୦ ଓ ୦୭।୦୪।୨୦୨୦ରିଖ ଅପରାହ୍ନ ୪ଘଟିକା ସମୟରେ ଯଥା କ୍ରମେ ପ୍ରଥମ, ଦ୍ୱିତୀୟପର୍ଯ୍ୟାୟ, ତୃତୀୟ ପର୍ଯ୍ୟାୟରେ ନିଲାମ କରାଯିବ।

ଏହି ସୈରାତ ଉତ୍ସଗୁଡିକର ଲିଜ୍ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଓ ସର୍ତ୍ତାବଳୀ ଇତ୍ୟାଦିର ସବିଶେଷ ସୂଚନା ତହସିଲ କାର୍ଯ୍ୟାଳୟ ଢେଙ୍କାନାଳ (ଛୁଟିଦିନ ବ୍ୟତିତ) ସମସ୍ତ କାର୍ଯ୍ୟଦିବସରେ ଉପଲବ୍ଧ ହେବ ଏବଂ ଜିଲ୍ଲା ୱେବ୍‌ସାଇଟ୍ **www.dhenkanal.nic.in** ରେ ଉପଲବ୍ଧ ଅଛି। ଲିଜ୍ ଗ୍ରହଣ କରିବା ପାଇଁ ଦରଖାସ୍ତଗୁଡିକ ରେଜିଷ୍ଟ୍ରି/ସ୍ପିଡ୍ ପୋଷ୍ଟ ମାଧ୍ୟମରେ ଯଥାକ୍ରମେ ୨୧।୦୩।୨୦୨୦, ୩୦।୦୩।୨୦୨୦ ଓ ୦୭।୦୪।୨୦୨୦ ରିଖ ଅପରାହ୍ନ ୩ଘଟିକା ପୂର୍ବରୁ ଉକ୍ତ କାର୍ଯ୍ୟାଳୟରେ ପହଞ୍ଚିବା ଆବଶ୍ୟକ। ଧାର୍ଯ୍ୟ ତାରିଖ ଓ ସମୟ ପରେ ପ୍ରାପ୍ତ ହୋଇଥିବା ଦରଖାସ୍ତଗୁଡିକ ଗ୍ରହଣ ଯୋଗ୍ୟ ହେବ ନାହିଁ। ବିନା କାରଣ ଦର୍ଶାଇ ନିଲାମ ବାତିଲ କରିବାର ଅଧିକାର କର୍ତ୍ତୃପକ୍ଷଙ୍କ ପାଖରେ ରହିଅଛି।

ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ତାହା ସଂଶୋଧନ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଅଛି।

**ସ୍ୱା./- ତହସିଲଦାର, ଢେଙ୍କାନାଳ**

GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION, SUNDARGARH
E.Mail – rw_sundargarh@yahoo.co.in
E-PROCUREMENT NOTICE
**BID IDENTIFICATION NO. ONLINE-EESNG-18 of 2019-20**

1. Name of the Work :- Road & Building Repair works
2. Total No. of works :- 18 nos Building & 3 nos Road
3. Estimated cost :- Rs. 0.27 Lakhs to Rs. 4.43 Lakhs
4. Class of contractor :- 'D' & 'C'
5. Period of completion :- 10 days & 15 days
6. Type of Tender :- Single Cover
7. Other details

| Procurement Officer | Bid Identification No. | Availability of Tender On-line for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| **Executive Engineer, Rural Works Division, Sundargarh.** | **Online-EESNG-18 of 2019-20** | **06.03.2020 10.00 A.M** | **12.03.2020 05.30 P.M.** |

**Further details can be seen from the website : www.tendersorissa.gov.in**

**Sd./- Executive Engineer**
**Rural Works Division, Sundargarh**
**OIPR-25046/11/0030/1920**




GOVT OF ODISHA **No. O-1230**
OFFICE OF THE EXECUTIVE ENGINEER RURAL WORKS DIVISION SONEPUR
**E.mail- rw_sonepur@yahoo.co.in**
**e-Procurement Notice No. SNPR/Online-12/ 2019-20**

The Executive Engineer Rural Works Division Sonepur on behalf of Governor of Odisha invites **Percentage Rate** bids in single cover system through e-procurement. The bid should be submitted Online against web site www.tendersOdisha.gov.in for Improvement of respective work as detailed in the table by contractors registered with the State Government and Contractors of equivalent grade/class registered with central Govt./MES/Railways for Execution of Civil works on projection of definite proof from the appropriate authority. The bidders should have the necessary portal enrollment (with **his own Digital Signature Certificate)**

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of tender |
|---|---|---|---|---|---|
| | | From | To | | |
| Executive Engineer Rural Works Division Sonepur | Notification No. SNPR/Online-12/2019-20 | Dt.07.03.2020 at 11.00 AM | 16.03.2020 up to 5.00 PM | 13.03.2020 up to 5.00 PM | 17.3.2020 at 11.00 AM |

Further details can be seen from the website: www.tendersorissa.gov.in

Sd/-Executive Engineer R.W. Division Sonepur
**OIPR-25054/11/0022/1920**

**E-TENDER NOTICE**
**CENTRE FOR MODERNIZING GOVERNMENT INITIATIVE (CMGI)**
**REVISED E-TENDER FOR**
**SCANNING, INDEXING, CATALOGING AND DEVELOPMENT OF DOCUMENT MANAGEMENT SYSTEM OF THE CASE FILES OF OFFICE OF THE ADVOCATE GENERAL, CUTTACK FOR IMPLEMENTATION OF LITIGATION MANAGEMENT SYSTEM (LMS) AND LAND SECTION OF GA & PG DEPARTMENT**

No. : CMGI/PCU/ST-LMS/2019/709/570, Date :03.03.2020

**No. CAD-1065:-**

Centre for Modernizing government Initiative (CMGI) invites e-Tenders from professionally competent and experienced firms / organizations for the scanning, indexing and Cataloging & developing document management system of case files of Advocate General's Office, Cuttack for implementation of LMS and Land Section of GA & PG Department.The last date and time of submission of e-Tenders through Government of Odisha e-Procurement Portal (https:tendersodisha.gov.in) is 20.03.2020 at 11.30 AM.-

CMGI reserves the right to reject/cancel any or all tenders without assigning any reason thereof.

The Tender Document will be available in the official website of CMGI, i.e., www.cmgi.org.in/ https:tendersodisha.gov.in from 04.03.2020

By Order of Executive Director, CMGI
Procurement Officer, CMGI

Executive Director, Centre for Modernizing Government Initiative (CMGI),A2, 1st Floor, ToshaliBhawan, Satya Nagar, Bhubaneswar, Odisha, India, Pin : 751007
OIPR-09008/11/0009/1920

**GOVERNMENT OF ODISHA** O-1216
**OFFICE OF THE EXECUTIVE ENGINEER**
**RURAL WORKS DIVISION, BALLIGUDA**
PhoneNo.-06846-243114, Mobile No: 9437562286, E-Mail: rw_balliguda@yahoo.com
**No. 1061 / RWDB, Dated: 29.02.2020**
**Government of Odisha e-Procurement Notice**
**Bid Identification No. Online Tender/ 21 /EE RWD BLG/2019-20**

1 Name of the work :: Road & Building Works.
2 Total Number of Works :: 57 (Fifty Seven) Nos.
3 Estimated cost :: As per Annexure
4 Class of Contractors :: As per Annexure
5 Period of Completion :: As per Annexure
6 Others Details

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Executive Engineer Rural Works Division Balliguda | Online Tender/ 21 /EE RWD BLG/ 2019-20 | **06.03.2020** at 10.00 AM | **12.03.2020** up to 5.00 PM |

Further details can be seen from the e-procurement portal website **www.tendersorissa.gov.in**
**Executive Engineer, Rural Works Division, Balliguda**
**OIPR- 25150/11/0015/1920**

# ଓଡ଼ିଶାକୁ ପ୍ରତିନିଧିତ୍ୱ କରୁଥିବାରୁ ଖୁସି ଲାଗେ

ଡ୍ୟାନ୍ସରରୁ ଇଞ୍ଜିନିୟର। ଇଞ୍ଜିନିୟରରୁ ବ୍ଲଗର୍‌। ଆଉ ବ୍ଲଗର୍‌ରୁ ଆକ୍ଟର। ଏକାଧାରାରେ ଏତେ ପ୍ରତିଭାର ଅଧିକାରୀ ମେଘା ରାୟ ଏବେ ଜି ଟିଭିରେ ପ୍ରସାରିତ ହେଉଥିବା ଟେଲିଭିଜନ ଶୋ' 'ଦିଲ୍ ୟେ ଜିଦ୍ଦି ହୈ'ର ମୁଖ୍ୟ ନାୟିକା। ପ୍ରକୃତି ମିଶ୍ରଙ୍କ ପରେ ଦ୍ୱିତୀୟ ଓଡ଼ିଆଭାବେ ହିନ୍ଦୀ ଟେଲି ଧାରାବାହିକରେ ଲିଡ୍ ରୋଲ୍‌ରେ ଅଭିନୟ କରୁଥିବା ଭଦ୍ରକର ସଞ୍ଜୟ ଗୋପାଳ ଓ ସୁଜାତା ରାୟଙ୍କ କନ୍ୟା ମେଘାଙ୍କ ସହ ଏଥର ଧରିତ୍ରୀ ଆଳାପ।


ମେଘା ରାୟ



**ଇଞ୍ଜିନିୟରିଂ ଚାକିରି ଛାଡ଼ି ଅଭିନୟ ଆଡ଼କୁ କାହିଁକି ଆସିଲେ?**

▶ ପିଲାବେଳୁ ମୋର ଅଭିନୟ ଓ ଟେଲିଭିଜନ ପ୍ରତି ଦୁର୍ବଳତା ଥିଲା। ମୁଁ ଜଣେ ଡ୍ୟାନ୍ସର ଥିଲି। ଭାରତନାଟ୍ୟମ୍‌ରେ ମାଷ୍ଟର ଡିଗ୍ରୀ କରିଛି। ପାଠପଢ଼ାରେ ବି ଭଲ ଥିଲା। ମୁମ୍ବାଇ ବିଶ୍ୱବିଦ୍ୟାଳୟରୁ କମ୍ପ୍ୟୁଟର ଇଞ୍ଜିନିୟରିଂରେ ଶିକ୍ଷା ଗ୍ରହଣ କରିବା ପରେ ଏକ ପ୍ରତିଷ୍ଠିତ ଏମ୍‌ଏନ୍‌ସିରେ ବର୍ଷେ ଯାଏଁ ଚାକିରି କରିଥିଲି। ହେଲେ ପ୍ୟାଶନ୍‌କୁ ଅନୁକରଣ କରିବାକୁ ନିଷ୍ପତ୍ତି ନେଇଥିଲି ଓ ଚାକିରି ଛାଡି ଫୁଲ୍‌ଟାଇମ୍ ଆକ୍ଟିଂ ଉପରେ ଫୋକସ୍ କରିବି ବୋଲି ଭାବି ନେଇଥିଲି। ନୃତ୍ୟ କରିବା ଯୋଗୁ ଛୋଟବେଳୁ ଷ୍ଟେଜ୍ ସହ ମୋର ଭଲ ସମ୍ପର୍କ ଥିଲା। ତେଣୁ ଅଭିନୟ ମୋ ପାଇଁ ଏତେ କଷ୍ଟ ନଥିଲା।

**ହିନ୍ଦୀ ଫିଲ୍ମରେ ସୁଯୋଗ ମିଳିଲେ କେଉଁ ଚରିତ୍ରରେ ଅଭିନୟ କରିବେ?**

▶ ବଲିଉଡ୍ ଯିବାକୁ କାହାର ଇଚ୍ଛା ନ ଥାଏ। ମୋର ବି ଅଛି। କିଛି ଭଲ ଫିଲ୍ମ ଓ ଭଲ ନିର୍ମାତାଙ୍କ ସହ କାମ କରିବାକୁ ଇଚ୍ଛା ଅଛି। 'ଦିଲ୍ ୟେ ଜିଦ୍ଦି ହୈ'ରେ ଏବେ ମୁଁ ୟଙ୍ଗ୍ ଓ ବବ୍‌ଲି କ୍ୟାରେକ୍ଟର ପ୍ଲେ କରୁଛି। ଆଗକୁ ଯାଇ ଯଦି କିଛି ଇଣ୍ଟେନ୍ସ, ସିରିୟସ୍ କିମ୍ବା ଆକ୍ସନ, ମିଷ୍ଟ୍ରି ଫିଲ୍ମରେ ଅଭିନୟ କରିବାର ସୁଯୋଗ ମିଳେ ତା'ହେଲେ ମଜା ଆସିଯିବ।

**ପ୍ରଥମ ହିନ୍ଦୀ ଟେଲିଭିଜନ ଶୋ'ରେ ମୁଖ୍ୟ ଅଭିନେତ୍ରୀ ଚରିତ୍ର ଅଫର୍ ମିଳିବା ପରେ କେମିତି ଲାଗିଥିଲା?**

▶ ଲିଡ୍ ରୋଲ୍‌ରେ ଅଭିନୟ କରିବା ବହୁତ ପୂର୍ବରୁ ମୋର ସ୍ୱପ୍ନ ଥିଲା। ଭଗବାନଙ୍କ ଆଶୀର୍ବାଦରୁ ମୋତେ ବମ୍ବେ ଭଳି ସ୍ଥାନରେ ନବାଗତ ଭାବେ ଏତେ ସଂଘର୍ଷ କରିବାକୁ ପଡ଼ିନି। ଚାକିରି ଛାଡ଼ି ପ୍ରଥମେ ଫ୍ୟାଶନ ଓ ଲାଇଫ୍‌ଷ୍ଟାଇଲ୍ ବ୍ଲଗର୍‌ଭାବେ ପରିଚିତ ହେବାପରେ 'ଏମ୍‌ଏକ୍ସ ପ୍ଲେୟାର'ରେ ପ୍ରସାରିତ ୱେବ୍‌ସିରିଜ 'ପଓ୍ୱନ୍ ଆଣ୍ଡ୍ ପୂଜା'ରେ ଅଭିନୟ କରିଥଲି। ଏହାପରେ 'ଦିଲ୍ ୟେ ଜିଦ୍ଦି ହୈ'ରେ ମୋତେ ବ୍ରେକ୍ ମିଳିଥିଲା। ସବୁକିଛି ସ୍ୱପ୍ନ ଭଳି ଲାଗିଲା। ଜି ଟିଭି ଭଳି ପ୍ଲାଟ୍‌ଫର୍ମରେ ଲିଡ୍ କାଷ୍ଟ ପାଇବା ନିଶ୍ଚୟ ଏକ ବଡ଼ କଥା।

**ହିନ୍ଦୀ ଟେଲିଭିଜନ ଇଣ୍ଡଷ୍ଟ୍ରିରେ ଜଣେ ଓଡ଼ିଆ ଭାବେ କ'ଣ ଅନୁଭବ କରନ୍ତି?**

▶ ଓଡ଼ିଆ ଏବଂ ଓଡ଼ିଶାକୁ ପ୍ରତିନିଧିତ୍ୱ କରୁଥିବାରୁ ମୋତେ ବହୁତ ଖୁସି ଲାଗେ। ଓଡ଼ିଆ ଲୋକଙ୍କୁ ଇଣ୍ଡଷ୍ଟ୍ରିରେ ଦେଖିଲେ ଭଲଲାଗେ। ମୁମ୍ବାଇ ଭଳି ସ୍ଥାନରେ ଓଡ଼ିଆଙ୍କୁ ପାଇବା ବହୁତ କଷ୍ଟ। ହେଲେ ଯେତେବେଳ ଜଣେ ଓଡ଼ିଆଙ୍କ ସହ ଦେଖା ହୋଇଯାଏ ବହୁତ ଖୁସି ଓ ନିଜର ନିଜର ଲାଗେ। ଆଶା କରୁଛି ଯେ ଆଗକୁ ଯାଇ ଓଡ଼ିଶାକୁ ଜାତୀୟସ୍ତରରେ ଆହୁରି ଗୌରବାନ୍ୱିତ କରିବି।

**ମଡେଲିଂରେ ଆଗ୍ରହ ଅଛି କି?**

▶ ମୁଁ ପ୍ରଥମେ ମଡେଲିଂରୁ ହିଁ କରିୟର ଆରମ୍ଭ କରିଥିଲି। ଫ୍ୟାଶନ ବ୍ଲଗିଂ ମଧ୍ୟ କରୁଥିଲି। ପ୍ରଫେସନାଲ ମଡେଲ୍ ଭାବେ ସ୍ୱଟିଫାଏ ସହ ମୋର ପ୍ରଥମ ପ୍ରୋଜେକ୍ଟ ଥିଲା। ଚାରିଆଡେ ବଡ଼ ବଡ଼ ହୋର୍ଡିଂ ଦେଖି ବହୁତ ଖୁସି ଲାଗୁଥିଲା। ଏବେ ସିରିଏଲ୍ ମିଳିବା ପରେ ଆଉ ସମୟ ହେଉନି। ହେଲେ ଆଗକୁ ଯାଇ ନିଶ୍ଚୟ ମଡେଲିଂ ଜାରି ରଖିବି।

**ଓଡ଼ିଆ ଫିଲ୍ମରେ ସୁଯୋଗ ମିଳିଲେ ଓଡ଼ିଶା ଫେରିବେ ?**

▶ ହଁ, ନିଶ୍ଚୟ ଆସିବି। ନିଜ ମାତୃଭାଷାରେ ଅଭିନୟ କରିବାଠାରୁ ଭଲ କଥା ଆଉ କିଛି ନାହିଁ। ଭଲ ପ୍ରୋଜେକ୍ଟ ହାତକୁ ଆସିଲେ ମୁଁ ନିଶ୍ଚିନ୍ତ କରିବି।

**କ'ଣ ଖାଇବାକୁ ଭଲଲାଗେ?**

▶ ମୁଁ ବହୁତ ବଡ଼ ଫୁଡି। ଘରେ ମମ୍ମି ଯାହା କରନ୍ତି ସବୁ ଭଲଲାଗେ। ଏହାବ୍ୟତୀତ ମୁମ୍ବାଇର ଷ୍ଟ୍ରିଟ୍ ଫୁଡ୍ ବହୁତ ପସନ୍ଦ। ଭିନ୍ନ ଭିନ୍ନ ଦେଶର ଖାଦ୍ୟ ଖାଇବାକୁ ଭଲଲାଗେ। କଣ୍ଟିନେଣ୍ଟାଲ, ଥାଇ କୁଇଜିନ୍ ମୋର ଫେଭରାଇଟ୍। ଓଡ଼ିଆ ଖାଦ୍ୟ ଭିତରେ ପଖାଳ ଭାତ ମୋର ସବୁଠୁ ପ୍ରିୟ। ଏହାସହ ଚିଙ୍ଗୁଡି ଛେଚା ମିଳିଗଲେ ବାସ୍ ଆଉକିଛି ଦରକାର ପଡ଼େନା। ମୋ ମାମୁ ଘର କଟକ। ଓଡ଼ିଶା ଗଲେ ମୁଁ କଟକର ଚାଟ୍ ଖାଇବାକୁ କେବେ ଭୁଲେନା।

**ଯେଉଁମାନେ ଅଭିନୟକୁ କ୍ୟାରିୟର କରିବାକୁ ଚାହୁଁଛନ୍ତି ସେମାନଙ୍କୁ କ'ଣ କହିବେ?**

▶ ଫେମ୍, ଗ୍ଲାମର୍‌କୁ ଆଶା ରଖି କେବେ ବି ଏହି ଇଣ୍ଡଷ୍ଟ୍ରିକୁ ଆସିବା କଥା ନୁହେଁ। ହେଲେ କଳା ପ୍ରତି ଯଦି ଭଲପାଇବା ଅଛି, ଏହା ତୁମର ପ୍ୟାଶନ ତା'ହେଲେ ହିଁ ଆସ। ନଚେତ୍ ଏଠାରେ ତିଷ୍ଠି ରହିବା ବହୁତ କଷ୍ଟକର। କଳାକାରଭାବେ ବହୁତ ପରିଶ୍ରମ କରିବାକୁ ପଡ଼ିବ। ପ୍ରତିଦିନ ଅଭ୍ୟାସ କରିବାକୁ ପଡ଼ିବ। ପ୍ରତିଦିନ ଜୀବନରୁ ସମସ୍ତଙ୍କ ଠାରୁ କିଛି ନା କିଛି ଶିଖ ଓ ତାହାକୁ ନିଜ କଳାରେ ସାମିଲ କର।

**'ଦିଲ୍ ୟେ ଜିଦ୍ଦି ହୈ'ର ସ୍ମରଣୀୟ ମୁହୂର୍ତ୍ତ?**

▶ ଆମେ ଶୁଟିଂ କରିବାକୁ ଝାନ୍‌ସୀ ଯାଇଥିଲୁ। ଶୋ'ର କିଛିଟା ଆଉଟ୍‌ଡୋର୍ ଶୁଟ୍ ସେଠାରେ ହୋଇଥିଲା। ପ୍ରଥମ ଏପିସୋଡ୍‌ର ଏକ ଦୃଶ୍ୟ ଥିଲା। ମୋ ସହ ଅଭିନେତା ଭାବେ ଯିଏ ଏହି ଧାରାବାହିକରେ ଅଛନ୍ତି ତାଙ୍କ ସହ ସୁକ୍‌ମା ଡୁକ୍‌ମା ଡ୍ୟାମ୍ ପାଖରେ ଏକ ଦୃଶ୍ୟର ଶୁଟିଂ ହେଉଥିଲା। ହେଲେ ସେ ଡ୍ୟାମ୍ ଏତେ ସୁନ୍ଦର ଥିଲା ଯେ ତାହା ଉପରେ ମୋ ନଜର ହଟୁ ନ ଥିଲା। ଏହା ସାଙ୍ଗକୁ ସେ ସିନ୍‌ର କାହାଣୀ ମଧ୍ୟ ଆହୁରି ଭଲ ଥିଲା। ଆଜିଯାଏ ମୁଁ ସେ ଦୃଶ୍ୟକୁ ଭୁଲିପାରୁନି।

**ପାଠକଙ୍କୁ କ'ଣ କହିବେ?**

▶ ପାଠକଙ୍କୁ ଏତିକି କହିବି ମୋ ଶୋ'କୁ ଦେଖନ୍ତୁ। ମୋତେ ଆହୁରି ଭଲପାଇବା ଦିଅନ୍ତୁ। ଶୋ' ହିଟ୍ ହେଲେ ଓଡ଼ିଶାକୁ ହିଁ ପରିଚୟ ମିଳିବ।

– ସସ୍ମିତା ପାଇକରାୟ

ଖାଦ୍ୟ ରୁଚି

# ପନିର ମାଜିଷ୍ଟିକ୍



ସମ୍ବଲପୁର ସହରର ଜଗନ୍ନାଥ କଲୋନୀ ଛକଠାରେ ମିଡ୍‌ଟାଉନ୍ ରେସ୍ତୋରାଁ ଗ୍ରାହକମାନଙ୍କ ରୁଚି ଅନୁସାରେ ପ୍ରସ୍ତୁତ କରୁଛି ସ୍ୱାଦିଷ୍ଟ ଖାଦ୍ୟ। ପନିର ମାଜିଷ୍ଟିକ୍ ଏହାର ମୁଖ୍ୟ ଡିଶ୍। ଗୋଟିଏ ପ୍ଲେଟର ଦାମ୍ ୧୪୯ ଟଙ୍କା। ଏହାକୁ ଦୁଇ ଜଣ ଗ୍ରାହକ ଷ୍ଟାର୍ଟରରେ ଖାଇଥାନ୍ତି। ସମ୍ପ୍ରତି ଯୁବପିଢ଼ି ଓ ବୟସ୍କମାନଙ୍କ ନିରାମିଷ ଖାଦ୍ୟରୁଚିକୁ ଦୃଷ୍ଟିରେ ରଖି ପନିର ମାଜିଷ୍ଟିକ୍ ପ୍ରସ୍ତୁତ କରିଥାଉ ବୋଲି କହନ୍ତି ସେଫ୍ ସୁଜିତ ଦେହୁରୀ।

**ଆବଶ୍ୟକ ସାମଗ୍ରୀ**

- ପନିର: ୨୦୦ ଗ୍ରାମ
- ରସୁଣ: ୧୦ ଗ୍ରାମ
- ଅଦା: ୧୦ ଗ୍ରାମ
- କାଜୁ: ୨୦ ଗ୍ରାମ
- ଦହି: ୧ ଟେବୁଲ ଚାମଚ
- କଞ୍ଚା ଲଙ୍କା: ୫ ଗ୍ରାମ
- ଲାଲ ଲଙ୍କା: ୫ ଗ୍ରାମ
- ପୋଦିନାପତ୍ର: ୫ ଗ୍ରାମ
- ଗୋଲମରିଚ: ୫ ଗ୍ରାମ
- ଟମାଟୋ ସସ୍: ୧ ଟେବୁଲ ଚାମଚ
- ଚିଲି ସସ୍: ୧ ଟେବୁଲ ଚାମଚ୍
- ମଇଦା: ୫୦ ଗ୍ରାମ
- କନ୍‌ଫ୍ଲୋର: ୫୦ ଗ୍ରାମ
- ପାଣି: ୧ କପ୍
- କ୍ୟାପ୍‌ସିକମ୍: ୫ ଗ୍ରାମ
- ଲୁଣ: ସ୍ୱାଦ ଅନୁସାରେ
- ଧନିଆପତ୍ର: ୫ ଗ୍ରାମ


ସେଫ୍ ସୁଜିତ ଦେହୁରୀ

**ପ୍ରସ୍ତୁତି ପ୍ରଣାଳୀ**

୨୦୦ ଗ୍ରାମ ପନିରକୁ ଫିଙ୍ଗର ସାଇଜରେ ୮ପିସ୍ କରି ଏକ ସ୍ୱଚ୍ଛ ପାତ୍ରରେ ରଖନ୍ତୁ। ଅଳ୍ପ ପାଣିରେ ମଇଦା, କନ୍‌ଫ୍ଲୋର, ଲୁଣ, ଗୋଲମରିଚ ଗୁଣ୍ଡ ମିଶାଇ ପନିରକୁ ସେଥିରେ ଗୋଳାନ୍ତୁ। ପରେ ଏହାକୁ ଗରମ ତେଲରେ ଛାଣି ଅନ୍ୟ ଏକ ପାତ୍ରରେ ରଖନ୍ତୁ। ଅଳ୍ପ ଆଞ୍ଚରେ ଫ୍ରାଏପ୍ୟାନ୍ ରଖି ଏକ ଚା ଚାମଚ ତେଲ ଦିଅନ୍ତୁ। ତେଲ ଗରମ ହୋଇଗଲେ ସେଥିରେ ଗୋଟା ଲାଲ୍‌ଲଙ୍କା, ରସୁଣ, ଅଦା ଓ କ୍ୟାପ୍‌ସିକମ୍ ଦେଇ କିଛି ସମୟ ଭାଜନ୍ତୁ। ସେଥିରେ ଗୋଟା କାଜୁ, ପୋଦିନାପତ୍ର ଓ ଦହି, ଟମାଟୋ ସସ୍, ଚିଲି ସସ୍, ଲୁଣ, ଗୋଲମରିଚ ପକାଇ ଭାଜିବା ପରେ ପୂର୍ବରୁ ପ୍ରସ୍ତୁତ ହୋଇଥିବା ପନିର ଦେଇ ଧନିଆପତ୍ର ପକାନ୍ତୁ। ୨ ମିନିଟ ପରେ ପ୍ରସ୍ତୁତ ହୋଇଯାଏ ପନିର ମାଜିଷ୍ଟିକ୍। ସୁସଜ୍ଜିତ ପାତ୍ରରେ ଏହାକୁ ପରଷି ଦିଅନ୍ତୁ।

ପ୍ରସ୍ତୁତି: ବି. ଶଙ୍କର

ଫିଟ୍‌ନେସ୍

# ଡାଏଟିଂ କଷ୍ଟକର ଥିଲା

ଶିବାନୀ ସଙ୍ଗୀତା। ଓଡ଼ିଆ ସିନେ ଜଗତର ଜଣେ କ୍ୟୁଟ୍ ଓ ବବ୍‌ଲି ଅଭିନେତ୍ରୀ। ଶିଶୁ କଳାକାର ଭାବେ ସେ 'ମିତରେ ମିତ' ଚଳଚ୍ଚିତ୍ର ଜରିଆରେ ଓଡ଼ିଆ ଇଣ୍ଡଷ୍ଟ୍ରିକୁ ପ୍ରବେଶ କରିଥିଲେ। 'ସିଷ୍ଟର ଶ୍ରୀଦେବୀ' ଫିଲ୍ମରେ ସେ ବାବୁସାନଙ୍କ ଅପୋଜିଟ୍‌ରେ ଅଭିନେତ୍ରୀ ଭାବେ ଦେଖାଯାଇଥିଲେ। ପରେ ପରେ ସେ ଅନେକ ହିଟ୍ ଫିଲ୍ମରେ ଅଭିନୟ କରି ଦର୍ଶକଙ୍କ ପ୍ରିୟ ଅଭିନେତ୍ରୀ ହୋଇପାରିଛନ୍ତି। ତେବେ ଖାଇବାରେ ରୁଚି ରଖିଥିବା ଶିବାନୀ ନିଜକୁ ଫିଟ୍ ରଖିବା ପାଇଁ ବହୁତ କଷ୍ଟ କରିଛନ୍ତି। ଫିଲ୍ମରେ ଅଭିନୟ ପାଇଁ ତାଙ୍କୁ ଫିଟ୍‌ନେସ୍ ପ୍ରତି ଗୁରୁତ୍ୱ ଦେବାକୁ ପଡ଼ିଥିଲା। ଶିଶୁ କଳାକାର ସମୟରେ ସେ ଦେଖିବାକୁ ଚବି ଚବି ଥିଲେ। ତେଣୁ ଡାଏଟିଂ କରିବା ତାଙ୍କୁ କଷ୍ଟ ଥିଲା। ଜିମ୍ ଯାଇ ମଧ୍ୟ ଓଜନ କମାଇବା ସମ୍ଭବ ହୋଇପାରୁ ନ ଥିଲା। ତେବେ ଧୀରେ ଧୀରେ ସେ ତାଙ୍କ ଓଜନ କମାଇଲେ। ଏବେ ଖାଲି ନିଜକୁ ମେଣ୍ଟେନ୍ କରୁଛନ୍ତି। ଶିବାନୀ ସକାଳୁ ଓଟ୍‌ସ କିମ୍ବା କର୍ନଫ୍ଲେକ୍ସ ଖାଇଥାନ୍ତି। ରାତିରେ ଶୀଘ୍ର ଖାଆନ୍ତି। ଜଙ୍କ୍ ଫୁଡ୍, ତେଲଯୁକ୍ତ ଓ ମସଲାଯୁକ୍ତ ଖାଦ୍ୟ ବହୁତ କମ ଖାଇଥାନ୍ତି। ଯେବେ ଖାଇଥାନ୍ତି ସେଦିନ ୱାର୍କଆଉଟ୍ ଅଧିକ କରନ୍ତି। ଜିମ୍‌ରେ ସେ କାର୍ଡିଓ, ଲାଇଟ୍ ୱେଟ୍ ଭଳି ଏକ୍ସରସାଇଜ୍ କରୁଥିବା ଶିବାନୀ ଦିନକୁ ୫ଲିଟର ପାଣି ପିଇଥାନ୍ତି। ଫିଟ୍‌ନେସ୍‌କୁ ନେଇ ଶିବାନୀ କୁହନ୍ତି ଯେ, ଜଣେ କଳାକାର ବୋଲି ନୁହେଁ ସବୁ ଲୋକ ଫିଟ୍‌ନେସ୍ ପ୍ରତି ଧ୍ୟାନ ଦେବା ଉଚିତ। ମୋ ମା' ବାପା ମଧ୍ୟ ଏ ଦିଗରେ ବହୁତ ଗୁରୁତ୍ୱ ଦେଇଥାନ୍ତି।


ଶିବାନୀ ସଙ୍ଗୀତା

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


ଗାୟତ୍ରୀ


ରଶ୍ମିରଞ୍ଜନ


ବିକାଶ


ବିଭୂଦତ୍ତ


ଦୀପକ


ଶଙ୍କର


ରାଜେନ୍ଦ୍ର


ରିତେଶ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/

# ମେ ୧ରୁ ୧୦୬ ସହରାଞ୍ଚଳରେ 'ୱାନ୍ ନେଶନ, ୱାନ୍ ରାଶନ'

■ ମାଓବାଦୀ ପ୍ରବଣ, ଦୁର୍ଗମ ଅଞ୍ଚଳ ହିତାଧିକାରୀ ବାଦ୍ ପଡ଼ିବେ

■ ମେ'ରେ ମିଳିବ ମାର୍ଚ୍ଚ, ଏପ୍ରିଲର ରାଶନ

ଭୁବନେଶ୍ୱର,୪।୩(ବ୍ୟୁରୋ)

ଆସନ୍ତା ମେ ପହିଲାରୁ ରାଜ୍ୟର ୧୦୬ ସହରାଞ୍ଚଳରେ ୱାନ୍ ନେଶନ, ୱାନ୍ ରାଶନ ବ୍ୟବସ୍ଥା ଲାଗୁ ହେବ। ଜାତୀୟ ଖାଦ୍ୟ ସୁରକ୍ଷା ଆଇନ(ଏନ୍ଏଫଏସ୍ଏ) ଅଧୀନରେ ରାଶନ ପାଉଥିବା ସହରାଞ୍ଚଳ ହିତାଧିକାରୀ ଯେକୌଣସି ସହରରୁ ରାଶନ କାର୍ଡ ଦେଖାଇ ଚାଉଳ ଓ ଗହମ ନେଇପାରିବ। ଯେଉଁ ସହରରେ ହିତାଧିକାରୀମାନେ କାମ କରୁଥିବେ କିମ୍ବା ସ୍ଥାନାନ୍ତର ହୋଇଥିବେ ସେମାନେ ସେଠାରେ ଥିବା ଯେକୌଣସି ରାଶନ ଦୋକାନରୁ ଖାଦ୍ୟ ସାମଗ୍ରୀ ନେଇପାରିବେ। ସହରାଞ୍ଚଳଗୁଡିକରେ ୧୦୦ ପ୍ରତିଶତ ଆଧାର ଲିଙ୍କ୍ କାର୍ଯ୍ୟ ଶେଷ ହୋଇଛି। ଆସନ୍ତା ମେ ପହିଲାରୁ ହିତାଧିକାରୀଙ୍କୁ ୨ ମାସର (ମାର୍ଚ୍ଚ ଓ ଏପ୍ରିଲ) ଖାଦ୍ୟ ସାମଗ୍ରୀ ପ୍ରଦାନ କରାଯିବ। ମାର୍ଚ୍ଚରୁ ଡିଲରମାନଙ୍କର ଲାଇସେନ୍ସ ନବୀକରଣ କରାଯାଉଥିବାରୁ ଏପ୍ରିଲରେ ରାଶନ ନ ଦେଇ ମେ ମାସରେ ଦିଆଯିବ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

ସମସ୍ତ ଯୋଗ୍ୟ ହିତାଧିକାରୀଙ୍କ ଆଧାରକାର୍ଡ ସଂଯୋଗକୁ ବାଧ୍ୟତାମୂଳକ କରିବାକୁ ଯୋଗାଣ ବିଭାଗ ପକ୍ଷରୁ ସହରାଞ୍ଚଳର ଡିଲରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆଧାର ପଞ୍ଜୀକୃତ ହୋଇଥିବା ସମସ୍ତ ହିତାଧିକାରୀ କାର୍ଡ ଦେଖାଇ ନିକଟସ୍ଥ ଡିଲରଙ୍କ ନିକଟରୁ ରାଶନ ନେଇପାରିବେ। ସହରାଞ୍ଚଳଗୁଡିକରେ ମୋଟ ୧୯୪୬ ଡିଲର ରହିଛନ୍ତି। ସେମାନଙ୍କୁ ଆଇଆରଆଇଏସ୍ ସ୍କାନର ମେଶିନ ଯୋଗାଇ ଦିଆଯାଇଛି। ଆଙ୍ଗୁଠି ଛାପ ସମସ୍ୟା ହେଲେ ଆଇଆରଆଇଏସ ମେଶିନ ଜରିଆରେ ହିତାଧିକାରୀଙ୍କ ଆଖିକୁ ଯାଞ୍ଚ କରି ରାଶନ ଦେବାକୁ ବ୍ୟବସ୍ଥା କରାଯାଇଥିବା ଯୋଗାଣ ବିଭାଗ ପକ୍ଷରୁ କୁହାଯାଇଛି।

କନ୍ଧମାଳ, କୋରାପୁଟ, ରାୟଗଡ଼ା, ମାଲକାନଗିରି ଜିଲାର କେତେକ ଦୁର୍ଗମ ଅଞ୍ଚଳ ଏବଂ ମାଓବାଦୀ ପ୍ରବଣ ଅଞ୍ଚଳରେ ଇଣ୍ଟରନେଟ ସୁବିଧା ନାହିଁ। ସେମାନେ ୱାନ୍ ନେଶନ, ୱାନ୍ ରାଶନ ବ୍ୟବସ୍ଥାରୁ ବାଦ୍ ପଡିବେ। ସେଠାରେ ହିତାଧିକାରୀଙ୍କୁ କେବଳ ନିଜ ଅଞ୍ଚଳର ସରକାରୀ ପାଇକାରୀ ଦୋକାନରୁ ରାଶନ ନେବାକୁ ଅନୁମତି ଦିଆଯିବ। ଇଣ୍ଟରନେଟ ସୁବିଧା ନ ହେବା ଯାଏ ସେହି ହିତାଧିକାରୀ କେବଳ ଗୋଟିଏ ସ୍ଥାନରୁ ରାଶନ ନେବେ। ରାଜ୍ୟର ସମସ୍ତ ଅଞ୍ଚଳରେ ୱାନ୍ ନେଶନ, ୱାନ୍ ରାଶନ ବ୍ୟବସ୍ଥା ହୋଇଗଲେ ଓଡିଶାକୁ ଅନ୍ୟ ରାଜ୍ୟ ସହ ସଂଯୋଗ କରାଯିବ। ଫଳରେ ରାଜ୍ୟ ବାହାରେ ରହୁଥିବା ହିତାଧିକାରୀମାନେ ଦେଶର ଯେ କୌଣସି ସ୍ଥାନରୁ ଖାଦ୍ୟ ସାମଗ୍ରୀ ନେଇ ପାରିବେ। କେନ୍ଦ୍ର ସରକାର ମଧ ତୁରନ୍ତ ଆଧାର ଲିଙ୍କ କରିବାକୁ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇଛନ୍ତି। ରାଜ୍ୟରେ ମୋଟ ୩ କୋଟି ୨୬ ଲକ୍ଷ ଏନଏଫ୍ଏସଏ ହିତାଧିକାରୀ ରହିଛନ୍ତି।

ସୂଚନାଯୋଗ୍ୟ ଯେ, ୨୦୧୯ ସେପ୍ଟେମ୍ବର ପହିଲାରୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଞ୍ଚଳରେ ପାଇଲଟ ପ୍ରକଳ୍ପ ଭାବେ ୱାନ୍ ନେଶନ, ୱାନ୍ ରାଶନ ବ୍ୟବସ୍ଥା ଲାଗୁ କରାଯାଇଛି। ବିଏମ୍‌ସି ଅଞ୍ଚଳର ୧୨୭ ସରକାରୀ ପାଇକାରୀ ଦୋକାନରେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି। ଅନ୍‌ଲାଇନ ଜରିଆରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଏହାକୁ ନିୟମିତ ତଦାରଖ କରାଯାଉଛି। ବିଏମ୍‌ସି ଅଞ୍ଚଳରେ ଇଣ୍ଟରନେଟ ସୁବିଧା ଥିବାରୁ ଏଠାରୁ ପାଇଲଟ୍ ପ୍ରକଳ୍ପ ଆରମ୍ଭ କରାଯାଇଛି। ଅଙ୍ଗୁଳି ଛାପ କିମ୍ବା ଆଖି ସଙ୍କେତ ମାଧ୍ୟମରେ ହିତାଧିକାରୀଙ୍କୁ ରାଶନ ଯୋଗାଇ ଦିଆଯାଉଛି। ତେବେ ଯେଉଁମାନଙ୍କର ଆଙ୍ଗୁଠି ଚିହ୍ନ ନେଉ ନ ଥିବ କିମ୍ବା ହିତାଧିକାରୀ ବୟସ୍କ, ଦୁରାରୋଗ୍ୟରେ ପୀଡ଼ିତ, କୁଷ୍ଠରୋଗୀମାନଙ୍କୁ ବିନା ଆଧାରକାର୍ଡରେ ରାଶନ ଯୋଗାଇ ଦିଆଯାଉଛି।

## ଜିଲା ଚିଠି


### ରାୟଗଡ଼ା

## ନିଯୁକ୍ତିରେ ନୈରାଶ୍ୟ

ରାୟଗଡ଼ାରେ ବର୍ଷକୁ ପ୍ରାୟ ୧୦ ହଜାର ଶିକ୍ଷିତ ଯୁବତୀ ଯୁବକ ବାହାରୁଛନ୍ତି। ଏହାସହ ପାଠ ପଢ଼ି ନ ଥିବା କିମ୍ବା ଅଧାରୁ ପାଠ ଛାଡ଼ିଥିବା ଯୁବପିଢ଼ିଙ୍କ ସଂଖ୍ୟା ଏହାଠାରୁ ଯଥେଷ୍ଟ ଅଧିକ। ଏଭଳି ପରିସ୍ଥିତିରେ ରାୟଗଡ଼ା ଜିଲା ନିୟୋଜନ କାର୍ଯ୍ୟାଳୟର ତଥ୍ୟ ଉପରେ ଦୃଷ୍ଟି ପକାଇଲେ ନିରାଶ ହେବାକୁ ପଡ଼ିବ। ଗତ ୫ ବର୍ଷରେ ଜିଲାରେ ନିଯୁକ୍ତି ସମ୍ପର୍କିତ ଚିତ୍ର ନୈରାଶ୍ୟଜନକ। ୨୦୧୫ରେ ରାୟଗଡ଼ା ନିୟୋଜନ କାର୍ଯ୍ୟାଳୟରେ ୨୧୩୮ ଜଣ ଶିକ୍ଷିତ ଯୁବତୀଯୁବକ ନାମ ପଞ୍ଜୀକରଣ କରିଥିଲେ। ସେଥିରୁ କେବଳ ୧୪୪ ଜଣଙ୍କୁ ନିଯୁକ୍ତି ମିଳିଥିଲା। ସେହିପରି ଗୁଣପୁର ଉପଖଣ୍ଡ ନିୟୋଜନ କାର୍ଯ୍ୟାଳୟରେ ୧୭୮୯ ଜଣ ପଞ୍ଜୀକରଣ କରିଥିବା ବେଳେ ସେଥିରୁ ମାତ୍ର ୩ ଜଣ ନିଯୁକ୍ତି ସୁଯୋଗ ପାଇଥିଲେ। ୨୦୧୬ରେ ରାୟଗଡ଼ାରେ ୧୭୨୧ ଜଣ ପଞ୍ଜୀକୃତ ହୋଇଥିବା ବେଳେ ସେଥିରୁ ୧୨୫ ଜଣଙ୍କୁ ନିଯୁକ୍ତି ମିଳିଥିଲା। ଗୁଣପୁରରେ ୧୨୬୫ ଜଣ ପଞ୍ଜୀକୃତ ହୋଇଥିବା ବେଳେ ୧୬ ଜଣ ନିଯୁକ୍ତି ପାଇଥିଲେ। ୨୦୧୭ରେ ୧୮୮୬ ଜଣ ରାୟଗଡ଼ା ନିୟୋଜନ କାର୍ଯ୍ୟାଳୟରେ ପଞ୍ଜୀକୃତ ହୋଇଥିବା ବେଳେ ୬ ଜଣଙ୍କୁ ନିଯୁକ୍ତି ମିଳିଥିଲା। ଗୁଣପୁରରେ ୧୬୬୫ ଜଣ ପଞ୍ଜୀକୃତ ହୋଇଥିଲେ ମଧ୍ୟ ମାତ୍ର ଜଣେ ନିଯୁକ୍ତି ପାଇଥିଲେ। ୨୦୧୮ରେ ରାୟଗଡ଼ାରେ ୧୭୨୧ ନୂତନ ଯୁବତୀ ଯୁବକ ନାମ ପଞ୍ଜୀକୃତ କରିଥିବା ବେଳେ ସେଥିରୁ ମାତ୍ର ୫ ଜଣଙ୍କୁ ନିଯୁକ୍ତି ମିଳିଥିଲା। ଗୁଣୁପୁରରେ ପଞ୍ଜୀକୃତ ୧୭୫୦ ଜଣଙ୍କ ମଧ୍ୟରୁ ୩ ଜଣ ଚାକିରି ପାଇଥିଲେ। ୨୦୧୯ରେ ରାୟଗଡ଼ାରେ ୧୪୫୮ ଓ ଗୁଣପୁରରେ ୧୩୧୮ ଜଣ ପଞ୍ଜୀକୃତଙ୍କ ମଧ୍ୟରୁ ଜଣଙ୍କୁ ବି ନିଯୁକ୍ତି ମିଳି ନ ଥିଲା। ଏହିପରି ଗତ ୫ ବର୍ଷରେ ଜିଲାରେ ସମୁଦାୟ ପଞ୍ଜୀକୃତ ୧୬୭୯୧ ଜଣଙ୍କ ମଧ୍ୟରୁ ମାତ୍ର ୪୧୩ ଜଣ ନିଯୁକ୍ତି ପାଇଛନ୍ତି। ହଜାର ହଜାର ଶିକ୍ଷତ ଯୁବତୀ ଯୁବକଙ୍କ ପାଇଁ ନିଯୁକ୍ତି ସୁଯୋଗ ନାହିଁ। ଅପାଠୁଆ ବେକାରଙ୍କ ତଥ୍ୟ କାହା ପାଖରେ ନାହିଁ। ଏଥିରୁ ଜିଲାରେ ନିଯୁକ୍ତି ହାର କେତେ ଉଦ୍‌ବେଗଜନକ, ତାହା ସ୍ପଷ୍ଟ। ସରକାରୀ ଓ ଘରୋଇ କ୍ଷେତ୍ରରେ ଚାକିରି ନାହିଁ। ବ୍ୟବସାୟ ପାଇଁ ମୂଳଧନ ନାହିଁ କି ବ୍ୟାଙ୍କ ଋଣ କିମ୍ବା ସରକାରୀ ଆର୍ଥିକ ପ୍ରୋତ୍ସାହନ ମିଳୁନାହିଁ। ଉପାନ୍ତ ରାୟଗଡ଼ା ଜିଲାର ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳରେ ନିଯୁକ୍ତି ଚିତ୍ର ଅତ୍ୟନ୍ତ ଶୋଚନୀୟ। ତେଣୁ ଯୁବତୀ ଯୁବକ ବାହାର ରାଜ୍ୟକୁ କାମ ସନ୍ଧାନରେ ଯାଇ ଶୋଷଣର ଶିକାର ହେଉଛନ୍ତି, ନଚେତ୍ ଅପରାଧରେ ଲିପ୍ତ ରହୁଛନ୍ତି। ଜିଲା ପ୍ରଶାସନ ଏ ଦିଗରେ ପଦକ୍ଷେପ ନେବା ଉପରେ ବୁଦ୍ଧିଜୀବୀମାନେ ଗୁରୁତ୍ୱାରୋପ କରିଛନ୍ତି ।

– ଭାଗ୍ୟଶ୍ରୀ ମିଶ୍ର

# ଗଞ୍ଜାମରେ ଶନିବାର ନୋ ବ୍ୟାଗ୍ ଡେ

■ ପ୍ରଥମରୁ ପଞ୍ଚମ ଶ୍ରେଣୀ ପିଲା ନେବେନି ବହି, ଖାତା

■ ମାନସିକ, ବୌଦ୍ଧିକ ବିକାଶ ପାଇଁ ଦିଆଯିବ ଚାପମୁକ୍ତ ଶିକ୍ଷା



ଛତ୍ରପୁର,୪।୩(ଡି.ଏନ.ଏ.)

ପିଲାମାନେ ଅତ୍ୟଧିକ ଓଜନର ସ୍କୁଲବ୍ୟାଗ ନେଉଥିବାରୁ ସେମାନଙ୍କ ଶାରିରୀକ ସମସ୍ୟା ଦେଖାଦେଉଛି। ଏହାକୁ କମାଇବା ପାଇଁ ହାଇକୋର୍ଟ ଓ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ କେଉଁ ଶ୍ରେଣୀ ପର୍ଯ୍ୟନ୍ତ ପିଲା କେତେ ଓଜନର ବହିପତ୍ର ନେବେ ତାହା ସ୍ଥିର କରାଯାଇଛି। ଏହିକ୍ରମରେ ଗଞ୍ଜାମ ଜିଲା ପ୍ରଶାସନ ଏକ ନୂଆ ପ୍ରୟାସ ଆରମ୍ଭ କରିଛି। ଏଣିକି ପ୍ରତି ଶନିବାର ହେବ ନୋ ବ୍ୟାଗ ଡେ'। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଶିକ୍ଷାପ୍ରତି ଆଗ୍ରହ ସୃଷ୍ଟି କରିବା ଓ ସେମାନଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭା ଲୋକଲୋଚନକୁ ଆଣିବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆସନ୍ତା ୭ ତାରିଖଠାରୁ ଏହା କାର୍ଯ୍ୟକାରୀ ହେବ। ଜିଲାରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପିଲା ଶନିବାର ସ୍କୁଲକୁ ବହିଖାତା ନେବେନି। ପାରମ୍ପରିକ ଶିକ୍ଷା ବଦଳରେ ସେମାନଙ୍କୁ ଅଭିନବ ଶୈଳୀରେ ଶିକ୍ଷାଦାନ କରାଯିବ। ଶାରୀରିକ, ମାନସିକ ଏବଂ ବୌଦ୍ଧିକ ବିକାଶ ପାଇଁ ଚାପମୁକ୍ତ ଶିକ୍ଷା ପଦ୍ଧତି ଲାଭଦାୟକ ହେବ। ପିଲାଙ୍କୁ ପ୍ରଥମେ ଯୋଗଶିକ୍ଷା ଦିଆଯିବ। ପରେ ସାମୂହିକ ବିଦ୍ୟାଳୟ ସଫେଇ, ପ୍ଲାଷ୍ଟିକ୍ ବ୍ୟବହାର ନିଷେଧ, ଶୌଚାଳୟ ବ୍ୟବହାର କରିବାର ଉପକାରିତା ଏବଂ ଚାରାରୋପଣ ନେଇ ସଚେତନ କରାଯିବ। ପିଲାଙ୍କୁ ବିଭିନ୍ନ ଗପ ଶୁଣାଇ ସେମାନେ ଯେଉଁ ଗପ ଜାଣିଛନ୍ତି ତାହା କହିବା ପାଇଁ ଉତ୍ସାହିତ କରାଯିବ। ସୁନାମଧନ୍ୟ ବ୍ୟକ୍ତିବିଶେଷଙ୍କ ଜୀବନୀ ଉପରେ ଛାତ୍ରୀଛାତ୍ରଙ୍କୁ ମୌଖିକ ଶିକ୍ଷା ଦିଆଯିବ। ଏଥିସହ ସାଧାରଣ ଜ୍ଞାନ ସମ୍ପର୍କିତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ହେବ। ବାଳିକା ଶିକ୍ଷାର ଆବଶ୍ୟକତା ଉପରେ ଶିକ୍ଷକମାନେ ବକ୍ତବ୍ୟ ରଖିବେ। ମହିୟସୀ ମହିଳାମାନଙ୍କର କାର୍ଯ୍ୟାବଳୀ ଅବଗତ କରାଯିବ। ଛାତ୍ରୀଛାତ୍ରମାନେ ଚିତ୍ରାଙ୍କନ କରିବା ସହିତ ସାମ୍ପ୍ରତିକ ଘଟଣାବଳୀ ଉପରେ ସେମାନଙ୍କୁ ସୂଚନା ଦିଆଯିବ। ଏହି ଅଭିନବ ଶିକ୍ଷା ପଦ୍ଧତି ଦ୍ୱାରା ଛାତ୍ରୀଛାତ୍ର କେତେ ଅନୁପ୍ରାଣିତ ହୋଇପାରୁଛନ୍ତି, ଶିକ୍ଷକମାନେ ଏହାର ମୂଲ୍ୟାୟନ କରିବେ। ପ୍ରାଥମିକ ପର୍ଯ୍ୟାୟରେ ଜିଲାର ପ୍ରତ୍ୟେକ ବ୍ଲକ ଶିକ୍ଷାଧିକାରୀ ସେମାନଙ୍କ କାର୍ଯ୍ୟାଳୟ ଅଧୀନରେ ଥିବା ୨୦ଟି ବିଦ୍ୟାଳୟକୁ ଏହି କାର୍ଯ୍ୟକ୍ରମ ପାଇଁ ଚୟନ କରିବେ। ଏହାର ସଫଳତାକୁ ଅନୁଧ୍ୟାନ କରି ଅନ୍ୟ ବିଦ୍ୟାଳୟକୁ ସମ୍ପ୍ରସାରିତ କରାଯିବ ବୋଲି ଜିଲାପାଳ କହିଛନ୍ତି।

## ଚିଲିକା ମଝିରେ ଅଟକିଲା ଡଙ୍ଗା
# ୩୦ ଯୁକ୍ତ ୨ ପରୀକ୍ଷାର୍ଥୀ ୧ ଘଣ୍ଟା ଜଳବନ୍ଦୀ



ଅନ୍ୟ ଡଙ୍ଗାରେ ଯାତ୍ରୀମାନଙ୍କୁ ଗନ୍ତବ୍ୟସ୍ଥଳକୁ ନିଆଯାଉଛି।

**କୃଷ୍ଣପ୍ରସାଦ,୪।୩(ଡି.ଏନ.ଏ.):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ଜହ୍ନିକୁଦାଠାରୁ ସାତପଡ଼ା ଯାଉଥିବା ଯାତ୍ରୀବାହୀ ଡଙ୍ଗା ଯାନ୍ତ୍ରିକ ତ୍ରୁଟି ଯୋଗୁ ବୁଧବାର ଚିଲିକା ମଝିରେ ଅଟକି ଯାଇଥିଲା। ସେଥିରେ ଯାଉଥିବା ୩୦ ଜଣ ଯୁକ୍ତ ୨ ପରୀକ୍ଷାର୍ଥୀଙ୍କ ସମେତ ପ୍ରାୟ ୭୦ ଯାତ୍ରୀ ୧ ଘଣ୍ଟା ଧରି ଜଳବନ୍ଦୀ ହୋଇ ରହିଥିଲେ। ଉକ୍ତ ଡଙ୍ଗାରେ ୨୦ରୁ ଉର୍ଦ୍ଧ୍ୱ ମୋଟରସାଇକେଲ ମଧ୍ୟ ରହିଥିଲା। ଡଙ୍ଗା ଚାଳକ ସାତପଡ଼ାକୁ ଟେଲିଫୋନ କରି ଅନ୍ୟ ଡଙ୍ଗାଚାଳକଙ୍କୁ ଖବର ଦେବା ପରେ ଆଉ ଏକ ଡଙ୍ଗା ଆସି ସମସ୍ତ ଯାତ୍ରୀଙ୍କୁ ଉଦ୍ଧାର କରିଥିଲା। ସୁରକ୍ଷିତ ଭାବେ ସାତପଡ଼ା କୂଳରେ ପହଞ୍ଚିଥିଲେ ସମସ୍ତ ଯାତ୍ରୀ। ପରୀକ୍ଷାରୁ ବଞ୍ଚିତ ହେବାରୁ ଅଳ୍ପକେ ରକ୍ଷା ପାଇଗଲେ ୩୦ ପରୀକ୍ଷାର୍ଥୀ।

ପ୍ରକାଶ ଯେ, ଉକ୍ତ ଡଙ୍ଗାଟି ବୁଧବାର ପୂର୍ବାହ୍ନ ୮ଟାରେ ଜହ୍ନିକୁଦାରୁ ଯାତ୍ରୀମାନଙ୍କୁ ନେଇ ସାତପଡ଼ା ଅଭିମୁଖେ ବାହାରିଥିଲା। ଉଭୟ ସ୍ଥାନର ବ୍ୟବଧାନ ଜଳରାସ୍ତାରେ ୫କିମି ହୋଇଥିବାବେଳେ ଡଙ୍ଗାଟି ପ୍ରାୟ ୨କିମି ଯିବା ପରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଅଟକି ଯାଇଥିଲା। ଭୟଭୀତ ଅବସ୍ଥାରେ ଯାତ୍ରୀମାନେ ପ୍ରାୟ ୧ଘଣ୍ଟା କାଳ ଅଟକି ରହିବା ପରେ ଅନ୍ୟ ଡଙ୍ଗା ମାଧ୍ୟମରେ ନିର୍ଦ୍ଧାରିତ ସ୍ଥାନରେ ପହଞ୍ଚିଥିଲେ।

## ପରୀକ୍ଷା ଦେଇ ପାରିଲେନି ୪୦ ଯୁକ୍ତ ୨ ଛାତ୍ରୀଛାତ୍ର

**ସମ୍ବଲପୁର,୪।୩ (ବ୍ୟୁରୋ):** ସମ୍ବଲପୁର ଧନୁପାଲି ଥାନା ଅଧୀନ ଚାରଭାଟି ଅଞ୍ଚଳର ମା' ଯମୁନାଦେବୀ ନାମକ ଏକ ଅଣ ସ୍ୱୀକୃତିପ୍ରାପ୍ତ କଲେଜର ଛାତ୍ରୀଛାତ୍ର ଯୁକ୍ତ ୨ କଳା ପରୀକ୍ଷାରୁ ବଞ୍ଚିତ ହୋଇଛନ୍ତି। ଏମାନେ ପରୀକ୍ଷା ଦେବାକୁ ସୋନପୁର ଜିଲା ସିଣ୍ଡୋଳ ଆଞ୍ଚଳିକ କଲେଜ ପରୀକ୍ଷା କେନ୍ଦ୍ରକୁ ଯିବା ପରେ ଏହି ଘଟଣା ସାମନାକୁ ଆସିଛି। ଛାତ୍ରୀଛାତ୍ରଙ୍କ ଅଭିଯୋଗ କ୍ରମେ କଲେଜରେ ପ୍ରାୟ ୪୦ ଜଣ ନାମ ଲେଖାଇଛନ୍ତି। ଅଧକ୍ଷ ତୁଷାର ରଞ୍ଜନ ବାରିକ ଓ ମଞ୍ଜୁଲତା ବାରିକ କଲେଜ ପରିଚାଳନା କରୁଥିଲେ। ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କଠାରୁ ୩୬ ହଜାର ଟଙ୍କା ସହ ପରୀକ୍ଷା ପାଇଁ ସାଢେ ୩ ହଜାର ଟଙ୍କା ନେଇଥିଲେ। ପରୀକ୍ଷା ପାଇଁ ଫର୍ମ ପୂରଣ କରାଯାଇଥିଲା। ହେଲେ ପ୍ରବେଶିକା ପତ୍ର ଆସିଲା ନାହିଁ। ବାରମ୍ବାର ଅଭିଯୋଗ କଲା ପରେ ସିଣ୍ଡୋଳ କଲେଜରେ ପରୀକ୍ଷା ଦେବା ପାଇଁ ବ୍ୟବସ୍ଥା କରାଯାଇଛି। ସେଠାକୁ ଯାଇ ପ୍ରବେଶିକା ପତ୍ର ନେଇଯିବାକୁ କୁହାଗଲା। ହେଲେ ଏହି ଛାତ୍ରୀଛାତ୍ର ଯେତେବେଳେ ସେଠାକୁ ଗଲେ ସେମାନଙ୍କୁ ପ୍ରବେଶ ପାଇଁ ଅନୁମତି ମିଳିଲା ନାହିଁ। ଉକ୍ତ ପରୀକ୍ଷା କେନ୍ଦ୍ରରେ ସେମାନଙ୍କ ନାଁ ନାହିଁ। ଆଡମିଡ କାର୍ଡ ମଧ ନାହିଁ ବୋଲି କର୍ତ୍ତୃପକ୍ଷ କହି ଫେରାଇ ଦେଇଥିଲେ। ଏଣୁ ସେମାନେ ନିରାଶ ହୋଇ ଘରକୁ ଫେରିଛନ୍ତି। ଏମାନଙ୍କ ଭିତରୁ କେତେଜଣ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଅନ୍ୟପକ୍ଷେ ଓଡିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ସମ୍ବଲପୁର ଜୋନ ଡେପୁଟି ସେକ୍ରେଟାରୀ ଡ. ଉତ୍ତମ କୁମାର ପ୍ରଧାନ କହିଛନ୍ତ ଯେ, ଏହି କଲେଜକୁ ସ୍ୱୀକୃତି ପ୍ରଦାନ କରାଯାଇନାହିଁ।

# ଓଡ଼ିଶା-ଛତିଶଗଡ଼ରେ ମାଓବାଦୀ ମୁକାବିଲା ସମୀକ୍ଷା

ଭବାନୀପାଟଣାରେ ଜାତୀୟ ସୁରକ୍ଷା ବରିଷ୍ଠ ପରାମର୍ଶଦାତା କେ. ବିଜୟ କୁମାର

**ଭବାନୀପାଟଣା,୪।୩(ଡି.ଏନ.ଏ.):** ଜାତୀୟ ସୁରକ୍ଷା ବରିଷ୍ଠ ପରାମର୍ଶଦାତା କେ. ବିଜୟ କୁମାର ବୁଧବାର ଭବାନୀପାଟଣାରେ ପହଞ୍ଚିଛନ୍ତି। ଓଡ଼ିଶା ସୀମାନ୍ତ ଅଞ୍ଚଳରେ ଥିବା ଛତିଶଗଡ଼ ରାଜ୍ୟର ଗରିଆବନ୍ଧ, ମହାସମୁଦ ଓ ଧମ୍ୱନ୍ତରୀ ଜିଲା ଏବଂ ଓଡିଶାର କଳାହାଣ୍ଡି, ବଲାଙ୍ଗୀର ଓ ନୂଆପଡା ଜିଲାରେ ସମ୍ପ୍ରତି ଦେଖାଦେଇଥିବା ମାଓବାଦୀଙ୍କ କାର୍ଯ୍ୟକଳାପ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖାଯାଇଛି। ସେମାନଙ୍କୁ ଦୃଢ ହସ୍ତରେ ଦମନ କରିବା ସହିତ ସ୍ଥାନୀୟ ଜନସାଧାରଣଙ୍କୁ କିପରି ସୁରକ୍ଷା ପ୍ରଦାନ କରାଯାଇ ପାରିବ ଓ ମାଓବାଦୀପ୍ରବଣ ଅଞ୍ଚଳରେ କିଭଳି ଉପଯୁକ୍ତ ରାସ୍ତାଘାଟ ଓ ସ୍ୱାସ୍ଥ୍ୟସେବା ମିଳିବ ସେ ସମ୍ପର୍କରେ ସେ ଗୁରୁତ୍ୱରୋପ କରିଛନ୍ତି। ଭବାନୀପାଟଣା ଜିଲା ପୋଲିସ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ସମୀକ୍ଷା ବୈଠକରେ କେ. ବିଜୟ କୁମାରଙ୍କ ସହ ଏମ୍ଏଚ୍ଏ ଡି.ଏନ୍. ଯାଦବ୍, କମାଣ୍ଡାଣ୍ଟ ୬୫ ବାଟାଲିୟନ୍ ସିଆରପିଏଫ୍ ଏ.ଏଚ୍. ଆଂଶାରୀ, କମାଣ୍ଡାଣ୍ଟ ୨୧୧ ବାଟାଲିୟନ୍ ସିଆରପିଏଫ୍, ଛତିଶଗଡର ଧମ୍ୱନ୍ତରୀ ଜିଲା ଏସ୍‌ପି ଭାନୁପ୍ରତାପ, ଏସ୍‌ପି ଏସ୍ଆଇବି ଡି. ଶ୍ରଭନ୍, ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ସଫିଙ୍ଗ ଅହମ୍ମଦ ପ୍ରମୁଖ ଯୋଗଦେଇଥିଲେ। ଉଭୟ ରାଜ୍ୟର ସିଆରପିଏଫ୍ ଓ ବିଏସ୍ଏଫ୍ ପୋଲିସଙ୍କୁ ନେଇ ମିଳିତ ଅପରେଶନ୍ ଜରିଆରେ କିଭଳି ମାଓବାଦୀମାନଙ୍କୁ କାବୁ କରାଯାଇପାରିବ ସେ ବିଷୟରେ ବୈଠକରେ ମୁଖ୍ୟତଃ ଆଲୋଚନା କରାଯାଇଛି। ବ୍ୟାପକ ପୋଲିସ ଛାଉଣୀ ମଧ୍ୟରେ ଚାଲିଥିବା ଏହି ବୈଠକରେ ସିଆରପିଏଫ୍ ଏବଂ ବିଏସ୍ଏଫ୍‌ର ବରିଷ୍ଠ ଅଧିକାରୀମାନଙ୍କ ସହିତ ଛତିଶଗଡର ଗରିଆବନ୍ଧ, ମହାସମୁଦ ଓ ଧମ୍ୱନ୍ତରୀ ଜିଲା ଏବଂ ଓଡିଶାର କଳାହାଣ୍ଡି, ବଲାଙ୍ଗୀର ତଥା ନୂଆପଡା ଜିଲାର ଏସ୍‌ପିମାନେ ମଧ୍ୟ ବୈଠକରେ ଯୋଗଦେଇଥିଲେ।

## ଚିଟ୍‌ଫଣ୍ଡ ତଦନ୍ତକୁ ଗୁରୁତ୍ୱ ଦିଆଯାଉନି

**ଭୁବନେଶ୍ୱର,୪।୩(ବ୍ୟୁରୋ):** ଚିଟ୍‌ଫଣ୍ଡ ଦୁର୍ନୀତିର ତଦନ୍ତ କରୁଥିବା ଜଷ୍ଟିସ ମଦନମୋହନ ଦାସ କମିଶନଙ୍କ କାର୍ଯ୍ୟକାଳ ଶେଷ ହୋଇଯିବାରୁ ରାଜ୍ୟରେ ଲକ୍ଷ ଲକ୍ଷ କ୍ଷତିଗ୍ରସ୍ତ ଜମାକାରୀ ହତାଶ ହୋଇଛନ୍ତି। ବିଜେଡି ବିଧାୟକ, କର୍ମକର୍ତ୍ତା ଓ ବହୁ ନେତା ଚିଟ୍‌ଫଣ୍ଡ ଦୁର୍ନୀତିରେ ଜଡିତ ଥିବାରୁ ଚିଟ୍‌ଫଣ୍ଡ ଦୁର୍ନୀତିର ତଦନ୍ତ ପ୍ରକ୍ରିୟାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁତ୍ୱର ସହ ଗ୍ରହଣ କରୁନାହାନ୍ତି ବୋଲି ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଅଭିଯୋଗ କରିଛନ୍ତି। କଂଗ୍ରେସ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୁର କହିଛନ୍ତି ଯେ, ଚିଟ୍‌ଫଣ୍ଡ ଦୁର୍ନୀତି ବିରୋଧରେ ଚିତ୍କାର କରୁଥିବା ଭାଜପାର ରାଜ୍ୟ ଓ ଜାତୀୟ ନେତୃତ୍ୱ ଚିଟ୍‌ଫଣ୍ଡ ପ୍ରସଙ୍ଗରେ ବିଜେଡି ସରକାର ସହ ହାତ ମିଳେଇ ସାରିଛନ୍ତି। ଭାଜପା ଏ ପ୍ରସଙ୍ଗରେ ମୁହଁ ଖୋଲୁନାହିଁ। କାରଣ ବିଜେଡି-ଭାଜପା ଏ ପ୍ରସଙ୍ଗରେ କୋଳାକୋଳି। ସମୁଦ୍ରକୁ ଶଙ୍ଖେ ଭଳି ସରକାର ହଜାର ହଜାର କୋଟି ଟଙ୍କାର ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କ ପାଇଁ ମାତ୍ର ୩ ଶହ କୋଟି ଟଙ୍କାର କର୍ପସ ଫଣ୍ଡ ଘୋଷଣା କରିଥିଲେ। ଏଥିରୁ କିଏ କେତେ ପାଇଲା ନ ପାଇଲା ତା'ର ହିସାବ ନାହିଁ। ସିବିଆଇ ଦ୍ୱାରା ତଦନ୍ତ କରାଯାଉଥିବା ଚିଟ୍‌ଫଣ୍ଡ ଦୁର୍ନୀତିର ତଦନ୍ତ ପ୍ରକ୍ରିୟାକୁ କେନ୍ଦ୍ରର ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ବର୍ତ୍ତମାନ ଦୁର୍ବଳ କରିଦେଇଛି। ଏଣୁ ରାଜ୍ୟର ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତ ଲୋକେ ସେମାନଙ୍କ ଅର୍ଥ ଆଉ ଫେରି ପାଇବାର ଆଶା ହରାଇଲେଣି। ରାଜ୍ୟ ସରକାର କ୍ଷତିଗ୍ରସ୍ତଙ୍କୁ ଆଉ ନ୍ୟାୟ ଦେବା ଭଳି ମନେ ହେଉନାହିଁ ବୋଲି ସୁର କହିଛନ୍ତି।

# ପଞ୍ଚାୟତ କ୍ଷମତାକୁ ସଙ୍କୁଚିତ କରୁଛନ୍ତି ସରକାର: ଭାଜପା

**ଭୁବନେଶ୍ୱର,୪।୩(ବ୍ୟୁରୋ):** ପଞ୍ଚାୟତିରାଜ ବ୍ୟବସ୍ଥାର ଅସଲ ଉଦ୍ଦେଶ୍ୟ ଶାସନକୁ ବିକେନ୍ଦ୍ରୀକରଣ କରିବା । ଏହା ହେଲେ ସାଧାରଣ ଜନତାଙ୍କ ପାଖରେ ଯୋଜନା ପହଞ୍ଚିବାରେ ସହଜ ହୋଇପାରିବ । କିନ୍ତୁ ରାଜ୍ୟରେ ଦିନକୁ ଦିନ ପଞ୍ଚାୟତ କ୍ଷମତାକୁ ସରକାର ସଙ୍କୁଚିତ କରିବାରେ ଲାଗିଛନ୍ତି। ଶାସନ ବ୍ୟବସ୍ଥାର ବିକେନ୍ଦ୍ରୀକରଣ କରିବା ବଦଳରେ ସରକାର ଲୋକସେବା ଭବନରେ କେନ୍ଦ୍ରୀକରଣ କରିବାରେ ଲାଗିଛନ୍ତି । ଗାଁର କଥା ଗାଁରେ ନୁହେଁ ରାଜଧାନୀରୁ ନିୟନ୍ତ୍ରଣ କରିବା ପାଇଁ ସରକାର ଚେଷ୍ଟା କରୁଛନ୍ତି । ଏହାଦ୍ୱାରା ପଞ୍ଚାୟତ କ୍ଷମତାକୁ ସଙ୍କୁଚିତ କରି ସେଗୁଡ଼ିକୁ ପଙ୍ଗୁ କରୁଛନ୍ତି ବୋଲି ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ଅଭିଯୋଗ କରିଛନ୍ତି । ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସମୀର କହିଛନ୍ତି ଯେ ବିଜେଡି ପଞ୍ଚାୟତିରାଜ ବ୍ୟବସ୍ଥାକୁ ଦଳର ସ୍ୱାର୍ଥ ରକ୍ଷା ଓ ଭୋଟ ବ୍ୟାଙ୍କ ରାଜନୀତି ପାଇଁ ବ୍ୟବହାର କରୁଛି। ଅଫିସର ରାଜ ଚଳାଇବା ପାଇଁ ପଞ୍ଚାୟତିରାଜ ପ୍ରତିନିଧିଙ୍କୁ ଅଣଦେଖା କରାଯାଉଛି । ବିଜେଡିର ସ୍ୱାର୍ଥ ରକ୍ଷା ପାଇଁ ଗ୍ରାମର ବିକାଶ ଓ ପଞ୍ଚାୟତ ଜନପ୍ରତିନିଧି ୱାର୍ଡ ମେମ୍ବର, ସମିତି ସଭ୍ୟ ଓ ଜିଲା ପରିଷଦ ସଦସ୍ୟଙ୍କୁ ସମ୍ପୂର୍ଣ୍ଣରୂପେ ଅଣଦେଖା, ଅବହେଳିତ ଓ ଅପମାନିତ କରିବା ଏ ସରକାରର ପ୍ରାଥମିକତା। ବିଜୁ ଜୟନ୍ତୀକୁ ସରକାର ପଞ୍ଚାୟତିରାଜ ଦିବସ ଭାବେ ପାଳନ କରୁଛନ୍ତି । ମାତ୍ର ବାସ୍ତବରେ ଏଭଳି କରି ଯୋଜନାବଦ୍ଧ ଭାବେ ପଞ୍ଚାୟତକୁ ପଙ୍ଗୁ କରିବାକୁ ଚେଷ୍ଟା କରାଯାଉଛି। ପଞ୍ଚାୟତଗୁଡ଼ିକୁ କେନ୍ଦ୍ର ସରକାର ୪୦ ଲକ୍ଷ ପରିବର୍ତ୍ତେ ୧କୋଟି ଟଙ୍କାର ଅନୁଦାନ ଦେଉଛନ୍ତି। ଏହାକୁ ଖର୍ଚ୍ଚ କରିବାର କ୍ଷମତା ପଞ୍ଚାୟତକୁ ଦିଆଯାଇଛି । କିନ୍ତୁ ସରକାର ପର୍ଯ୍ୟାୟକ୍ରମେ ପଞ୍ଚାୟତକୁ ତା'ର ଅଧିକାରରୁ ବଞ୍ଚିତ କରି ସେହି ଅର୍ଥକୁ ଅନ୍ୟ ବାଟରେ ଖର୍ଚ୍ଚ କରୁଛନ୍ତି ବୋଲି ସମୀର କହିଥିଲେ।

# କ୍ଷମତା ବିକେନ୍ଦ୍ରୀକରଣରେ ଓଡ଼ିଶା ଆଗରେ: ବିଜେଡି

ଭୁବନେଶ୍ୱର, ୪।୩(ବ୍ୟୁରୋ)

ପଞ୍ଚାୟତଗୁଡ଼ିକୁ ରାଜ୍ୟ ସରକାର ସଙ୍କୁଚିତ କରୁଛନ୍ତି ବୋଲି ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ଅଭିଯୋଗ କରିବା ପରେ ବିଜେଡି ଏହା ଉପରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ବିଜେଡି ମୁଖପାତ୍ର ସସ୍ମିତ ପାତ୍ର କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ରାଜ୍ୟରେ ଚାଲିଥିବା ଶାସନରେ ପଞ୍ଚାୟତିରାଜ ସଂସ୍ଥାଗୁଡିକରେ କ୍ଷମତାର ବିକେନ୍ଦ୍ରୀକରଣ ହୋଇପାରିଛି। ଓଡିଶାର ଏଭଳି ପଦକ୍ଷେପ ଅନ୍ୟ ରାଜ୍ୟ ତୁଳନାରେ ଆଗରେ ରହିଛି। ମାତ୍ର ଭାଜପା ଲୋକଙ୍କୁ ଭୁଲ୍ ସୂଚନା ଦେଇ ଭ୍ରମିତ କରିବାର ଅପଚେଷ୍ଟା ଚଳାଇଛି।

ସସ୍ମିତ ଆହୁରି କହିଛନ୍ତି ଯେ, ଜାତୀୟ ଦଳ ଭାବେ ଭାଜପାର ଏଭଳି ଆଚରଣ ଦର୍ଶାଉଛି, ଓଡିଶାରେ ପଞ୍ଚାୟତିରାଜ ବ୍ୟବସ୍ଥାର ସୁଦୃଢ଼ୀକରଣ ସହିତ ବିକାଶ କାର୍ଯ୍ୟ ସଂକ୍ରାନ୍ତରେ ସେମାନେ ଆଦୌ ଅବଗତ ନାହାନ୍ତି । ବିଜୁ ପଟ୍ଟନାୟକ ପଞ୍ଚାୟତଗୁଡିକରେ ନିର୍ବାଚନ ଲଢ଼ିବା କ୍ଷେତ୍ରରେ ମହିଳାଙ୍କ ଲାଗି ୩୩ପ୍ରତିଶତ ସ୍ଥାନ ସଂରକ୍ଷଣ କରିଥିଲେ । ମୁଖ୍ୟମନ୍ତ୍ରୀ ଏହାକୁ ୫୦ପ୍ରତିଶତକୁ ବଢାଇ କେବଳ ମହିଳାଙ୍କୁ ସଶକ୍ତ କରିନାହାନ୍ତି ବରଂ ପଞ୍ଚାୟତିରାଜ ସଂସ୍ଥାଗୁଡିକୁ ଅଧିକରୁ ଅଧିକ ମଜଭୁତ କରିଛନ୍ତି । ଏପରିକି ଦେଶର ଅନେକ ଭାଜପା ଶାସିତ ରାଜ୍ୟ ମଧ ପଞ୍ଚାୟତିରାଜ ସଂସ୍ଥାଗୁଡିକରେ ଏଭଳି ପଦକ୍ଷେପ ଗ୍ରହଣ କରିଥିବାର ନଜିର ନାହିଁ। ଏଭଳି ସକାରାତ୍ମକ ପଦକ୍ଷେପରୁ ଭାଜପା ଶିକ୍ଷାଲାଭ କରିବା ଉଚିତ । ମାତ୍ର ତାହା ନ କରି ଉଦ୍ଦେଶ୍ୟମୂଳକ ଓ ଅବାସ୍ତବ ମନ୍ତବ୍ୟ ମାଧ୍ୟମରେ ଜନସାଧାରଣଙ୍କୁ ବିଭ୍ରାନ୍ତ ଲାଗି ଭାଜପା ଯେଉଁ ଉଦ୍ୟମ କରୁଛି ସେଥିରୁ ନିବୃତ୍ତ ରହିବା ଉଚିତ ବୋଲି ସସ୍ମିତ କହିଛନ୍ତି।


Ph. No.(06794)222054 E.mail-rairangpurn.hud@ori.nic.in Fax-06794 222054

**OFFICE OF THE MUNICIPAL COUNCIL, RAIRANGPUR**

No.901 **QUOTATION CALL NOTICE** Dt.03.03.2020

Sealed quotations are here by invited from the Registered Plastic Industries/ Trade / Firms having required certificate i.e. IT (PAN Card), GST and Industries certificates for purchase of plastic waste as raw materials for recycling from Rairangpur Municipality. The quotation should reach the undersigned on or before dt.16.03.2020 up to 2 P.M. and no quotation will be entertained beyond the stipulated period. The quotation will be opened on same day i.e.dt.16.03.2020 at 4PM in the presence of the quotationers or their authorized representatives. The quotation should clearly mentioned all the terms and condition/ specifications in their quotations.The undersigned reserve the right to reject any or all quotation without assigning any reason thereof.

| Sl. No. | Particulars | Rate/Quantity |
|---|---|---|
| 1 | Plastic waste raw materials | Per Kg. |

**Sd./- Executive Officer, Rairangpur Municipality**

**CHIKITI MAHAVIDYALAYA, CHIKITI, GANJAM**

Memo No.304/CM **SHORT QUOTATION CALL NOTICE** Date: 03.03.2020

Chikiti Mahavidyalaya invites quotation from reputed Manufacturers/Authorized dealers for supply of Laboratory Table (Steel) for Chemistry Laboratory as per the specification and terms & conditions available in the website: www.cmvedu.in for utilizing Rs.4 Lakhs sanctioned by Department of Higher Education. Odisha for Improvement of Science Laboratories. The quotation shall be submitted by Registered/Speed Post/ in person to Chikiti Mahavidyalaya. Last date of Submission of Quotation Document is 12th March 2020 (2:00 P.M) and quotation will be opened at 3:00 P.M on the same day.

**Sd./- Principal, Chikiti Mahavidyalaya, Chikiti, Ganjam**

**ବାରିପଦା ପୌର ପରିଷଦ**

**ବାରିପଦା, ମୟୂରଭଞ୍ଜ-୭୫୭୦୦୧**

**Tel: 06792-252703,**

**Website: www.baripadamunicipality.in,**

**e-mail: baripadam.hud@nic.in**

**ପତ୍ର ସଂଖ୍ୟା: 2514/ Tax** **ବିଜ୍ଞାପନ** **ତା. 03.03.2020 ରିଖ**

**No.C-545:-** ଏତଦ୍ୱାରା ବାରିପଦା ପୌରାଞ୍ଚଳର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ବାରିପଦା ପୌର ପରିଷଦର ନିଷ୍ପତ୍ତିକ୍ରମେ କଚେରି ମାର୍କେଟ ନିକଟରେ କାର୍ଯ୍ୟାଳୟ ତରଫରୁ ନୂତନ ଭାବେ ନିର୍ମିତ ହୋଇଥିବା ମାର୍କେଟ କମ୍ପ୍ଲେକ୍ସର ଦୋକାନଘରଗୁଡ଼ିକର ଆବଣ୍ଟନ ପ୍ରକ୍ରିୟା ସକାଶେ ଆବେଦନ ଫର୍ମ ବିକ୍ରୟ କରାଯିବ। ସେଥିପାଇଁ ଆବେଦନ ଫର୍ମ ଦୋକାନଘର ନିମନ୍ତେ ଧାର୍ଯ୍ୟ ହୋଇଥିବା ଟ.୧,୦୦୦.୦୦ (ଅଣଫେରସ୍ତ)ରେ ସର୍ତ୍ତାବଳୀ ସହିତ ଆସନ୍ତା ତା.୦୬।୦୩।୨୦୨୦ରିଖ ଠାରୁ ତା.୨୧।୦୩।୨୦୨୦ରିଖ ଦିବା ପୂର୍ବାହ୍ନ ୧୦ ଘଟିକାଠାରୁ ଅପରାହ୍ନ ୪ ଘଟିକା ପର୍ଯ୍ୟନ୍ତ (କେବଳ କାର୍ଯ୍ୟାଳୟ ଦିବସମାନଙ୍କରେ) ବିକ୍ରୟ କରାଯିବ ଏବଂ ଉପରୋକ୍ତ ସମୟସୀମା ମଧ୍ୟରେ ନିୟମାବଳୀରେ ଉଲ୍ଲେଖଥିବା ସମସ୍ତ ସର୍ତ୍ତ ଅନୁଯାୟୀ ଫର୍ମ ଦାଖଲ କରିବେ।

ଏହି ବିଜ୍ଞାପନ ବାରିପଦା ମ୍ୟୁନିସିପାଲିଟି ୱେବସାଇଟ୍- **Website www.baripadamunicipality.in** ରେ ଉପଲବ୍ଧ ରହିଛି।

ଉପରୋକ୍ତ ନିର୍ଦ୍ଧାରିତ ସମୟସୀମା ପରେ କୌଣସି ଆବେଦନକାରୀଙ୍କଠାରୁ ଫର୍ମ ଗ୍ରହଣ କରାଯିବ ନାହିଁ।

**କାର୍ଯ୍ୟନିର୍ବାହୀ ଅଧିକାରୀ, ବାରିପଦା ପୌର ପରିଷଦ**

**OIPR-13078/11/0023/1920**

**OFFICE OF THE MEDICAL OFFICER I/C, CHC LOISINGHA Dist:- BALANGIR**

No 44 Date: 04/03/2020

**CORRIGENDUM** No. 787-E

In pursuance to the Tender Call Notice published vide this office Advt. No. 34 Dt. 14.02.2020 for engagement of vehicles on monthly hiring basis for official use of Block Programme Management Unit, O/o of the Medical Officer I/c CHC Loisingha, Balangir. The tender date is hereby extend up to 18.03.2020 till 5 PM. The interested bidder submit their document by registered post/ speed post/ courier only. The tender documents received after the scheduled date & time and received without relevant documents will summarily be rejected. The details of tender documents are available in the office of the undersigned. The undersigned reserves the reject to cancel any or all tender without assigning any reason thereof.

**Sd/- Medical Officer I/c,CHC Loisingha, Balangir**

OIPR-10146/11/0002/1920

**ODISHA STATE BEVERAGES CORPORATION LIMITED**

(A GOVERNMENT OF ODISHA UNDERTAKING)

BHUBANESWAR-751023 (ODISHA)

CIN: U51228OR2000SGC006372

Tel: 0674-2303972(O)

Email:- osbcltd@gmail.com

**ADVERTISEMENT FOR ENGAGEMENT OF ONE SENIOR PROGRAMMER CONSULTANT FOR OSBC LTD.**

CAD-1069

Applications are invited from candidates for engagement of a Full Time Senior Programmer Consultant for OSBC Ltd. on monthly consolidated fee basis for a period of one year.

Interested candidates may visit the official website of OSBC Ltd. i.e. https://osbc.co.in for further details.

Last date of receipt of the resume/ application is 30.03.2020.

Sd/- **General Manager (Admn.)**

OIPR- 36003/11/0007/1920

**Government of Odisha** No.O-1209

**Office of the Executive Engineer, Rural Works Division,Dhenkanal**

**E-Mail: eerwdivisiondhenkanal@yahoo.co.in**

**e-procurement Notice No.20 Road & Building Work / 2019-2020.**

| | | |
|---|---|---|
| 1. | Name of the work | Road & Building Work |
| 2. | Total No. of Works | 12(Twelve) Nos. |
| 3. | Tender Cost | Rs. 0.89 lakh to Rs.4.43 Lakh (approx.) |
| 4. | Class Contractor | "D" & "C" Class |
| 5. | Period of Completion | 15(Fiftten) days. |
| 6. | Availability of Tender online for bidding | 07.03.2020 at 11.00 A.M. to 12.03.2020 up to 5.00 P.M. |
| 7. | Last Date & Time of seeking tender clarification | 11.03.2020 upto 4.00 P.M. |
| 8. | Date & Time of opening of tender | 13.03.2020 at 11.00 A.M. |

Other Details can be seen from the website **http://tendersorissa.gov.in.**

**Executive Engineer**

**R.W.Division, Dhenkanal**

**OIPR-25101/11/0012/1920**

# କରିନାଙ୍କ ଫ୍ୟାଶନ ଟିପ୍ସ





ଟାଇଗର

କରିନା ଏବେ ଫ୍ୟାଶନ ଟିପ୍ସ ବାଣ୍ଟିବାରେ ବ୍ୟସ୍ତ। ନିଜର ବଲିଉଡ୍ କ୍ୟାରିୟରରେ ସେ ଫ୍ୟାଶନ ବିଷୟରେ ଯେତିକି ଜ୍ଞାନ ଅର୍ଜନ କରିଛନ୍ତି ତାକୁ ସେ ନିଜ ସାଙ୍ଗମାନଙ୍କ ସହ ଶେୟାର କରୁଛନ୍ତି। ତାଙ୍କୁ କୁଆଡେ ଦେଶୀ ଫ୍ୟାଶନ ବେଶି ଭଲ ଲାଗେ। 'ଭିରେ ଦି ୱେଡିଙ୍ଗ୍'ରେ ସେ ଏକ ଗ୍ରେ କଲର୍ ଲେହେଙ୍ଗା ପିନ୍ଧିବା ସହ ଧଳା ଦୁପ୍ପଟ୍ଟା ପକାଇଥିଲେ। କିନ୍ତୁ ଶଟ୍ ଦେବା ପୂର୍ବରୁ ସେ ଆଦୌ ମେକ୍ଅପ ନେଇ ନ ଥିଲେ କି କୌଣସି ଜ୍ୱେଲାରୀ ପିନ୍ଧି ନ ଥିଲେ। 'ସେତେବେଳେ କେବଳ ଲେହେଙ୍ଗା ଗେଟ୍ଅପ ମୋତେ ଆହୁରି ଫ୍ୟାଶନେବୁଲ କରିଥିଲା। ତେଣୁ ମୁଁ କୌଣସି ମେକ୍ଅପ ନେବାକୁ କିମ୍ବା ଜ୍ୱେଲାରୀ ପିନ୍ଧିବାକୁ ପସନ୍ଦ କରି ନ ଥିଲି। ବିଶେଷକରି ମୋତେ ଦେଶୀ ଗେଟ୍ଅପରେ ରହିବାକୁ ଭଲ ଲାଗେ ବୋଲି କହନ୍ତି କରିନା।'

## ସ୍ପେଶାଲ ବାର୍ଥ ଡେ'

ବଲିଉଡ୍‌ର ୟଙ୍ଗ୍ ସେନ୍‌ସେସନ ଟାଇଗର ଶ୍ରଫ୍‌ଙ୍କୁ ନେଇ ଏବେ ଚର୍ଚ୍ଚା। ନିକଟରେ ସେ ନିଜର ବାର୍ଥ ଡେ' ପାଳନ କରିଥିଲେ। ଆଉ ଏହାକୁ ଭେରି ଭେରି ସ୍ପେଶାଲ ବୋଲି କହିଛନ୍ତି। ଏହି ଅବସରରେ ସେ ଅଭିନୟ କରିଥିବା ତଥା ଚଳିତ ମାସ ୬ରେ ରିଲିଜ୍ ହେଉଥିବା 'ବାଗୀ-୩'ର ସମସ୍ତ ସଦସ୍ୟଙ୍କୁ ନିମନ୍ତ୍ରଣ କରିଥିଲେ। କେବଳ ସେତିକି ନୁହେଁ, ଏହି ଫିଲ୍ମର କିଛି କ୍ଲିପ୍ ସେଠାରେ ପ୍ରଦର୍ଶିତ ହୋଇଥିଲା। 'ଏହି ଫିଲ୍ମଟି ମୋ ପାଇଁ ଏକ ଚ୍ୟାଲେଞ୍ଜ। ମୋତେ ମିଳିଥିବା ଭୂମିକା ଲାଗି ବେଶ୍ ପରିଶ୍ରମ କରିଛି। ଏଠାରେ ଫିଲ୍ମର ଥିମ୍ ସଙ୍ଗ୍ ରିଲିଜ୍ ହେଲା, ଯାହାକୁ ଦର୍ଶକ ନିଶ୍ଚୟ ଗ୍ରହଣ କରିବେ ବୋଲି ମୋର ଆଶା ଥିବା କହନ୍ତି ଟାଇଗର।' ଅପରପକ୍ଷରେ ଆକ୍ସନ୍‌ଭିତ୍ତିକ ଏହି ଫିଲ୍ମଟି ସୁପରହିଟ୍ ହେବ ବୋଲି ଚଳଚ୍ଚିତ୍ର ସମୀକ୍ଷକମାନେ ପୂର୍ବାନୁମାନ କରିସାରିଲେଣି। ଏଥିରେ ଟାଇଗରଙ୍କ ଅପୋଜିଟ୍‌ରେ ଅଛନ୍ତି ଶ୍ରଦ୍ଧା କପୁର। ସାଜିଦ୍ ନାଡିୱାଡୱାଲା ଫିଲ୍ମଟିର ପ୍ରଯୋଜନା କରିଥିବା ବେଳେ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି ଅହମ୍ମଦ ଖାଁ।

## ବିଜୁବାବୁ ଓ ଓଡ଼ିଆ ଚଳଚ୍ଚିତ୍ର

ଦିଲୀପ ହାଲି

ଜଣେ ଦୃଢ଼ମନା ରାଜନୀତିଜ୍ଞ ଏବଂ ଦକ୍ଷ ପ୍ରଶାସକ ଭାବେ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କର ଯଥେଷ୍ଟ ଖ୍ୟାତି ରହିଛି। ଜୀବନର ଅନ୍ତିମ ମୁହୂର୍ତ୍ତ ପର୍ଯ୍ୟନ୍ତ ସେ ସକ୍ରିୟ ରାଜନୀତିରେ ଜଡ଼ିତ ଥିଲେ। ରାଜନୀତି ବ୍ୟତୀତ ତାଙ୍କ ମନରେ ସଂସ୍କୃତିପ୍ରଣତା ଲୁଚି ରହିଥିଲା। ରାଜନୀତିରୁ ସାମାନ୍ୟ ସମୟ ପାଇବା ମାତ୍ରେ ସେ କଳା ଓ ସଂସ୍କୃତି କ୍ଷେତ୍ରରେ ନିଜକୁ ନିୟୋଜିତ



ରଖୁଥିଲେ। ୧୯୯୦-୧୯୯୫ ପର୍ଯ୍ୟନ୍ତ ଦ୍ୱିତୀୟଥର ମୁଖ୍ୟମନ୍ତ୍ରୀ ଥିବା ସମୟରେ ସଂସ୍କୃତି ପ୍ରତି ବିଜୁବାବୁଙ୍କର ଥିବା ମମତା ଓ ଆଗ୍ରହ ସମ୍ପର୍କରେ ଏକାଧିକ ଦୃଷ୍ଟାନ୍ତ ରହିଛି। ସେତେବେଳେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ନିୟମିତ ଦିଆଯାଉ ନ ଥିଲା। ପ୍ରତି ୩-୪ ବର୍ଷରେ ଥରେ ଏହି ପୁରସ୍କାର ଦିଆଯାଉଥିଲା। ସେତେବେଳେ ବେସରକାରୀସ୍ତରରେ ଓଡ଼ିଶା ସିନେକ୍ରିଟିକ୍ ଆସୋସିଏଶନ ଏକ ବିଶାଳ ସମାବେଶ ଆୟୋଜନ କରି ପ୍ରତିବର୍ଷ ନିୟମିତ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରୁଥିଲା। ସେହି ସମୟରେ ପୁରୁଣା ଯୁଗର ଲୋକପ୍ରିୟ କଳାକାର, ନିର୍ଦ୍ଦେଶକ ଏବଂ ଓଡ଼ିଆ ସିନେମା ସହ ଜଡ଼ିତ ବ୍ୟକ୍ତିବିଶେଷ ଏଥିରେ ଯୋଗଦେଇ ପୁରସ୍କାର ପ୍ରଦାନ ସମାରୋହକୁ ଉପଭୋଗ କରୁଥିଲେ। ସେତେବେଳେ ବିଜୁବାବୁ ତାଙ୍କର ପାଞ୍ଚବର୍ଷ ମୁଖ୍ୟମନ୍ତ୍ରୀତ୍ୱ ମଧ୍ୟରେ ଚାରିଥର ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଏହାର ମର୍ଯ୍ୟାଦା ବଢ଼ାଇଥିଲେ। ସବୁଠାରୁ ବଡ଼ ବିଶେଷତ୍ୱ ଥିଲା ଯେ, ସେତେବେଳେ ମୁଖ୍ୟନ୍ତ୍ରୀଙ୍କୁ ସ୍ୱତନ୍ତ୍ର ଭାବେ ଭେଟି ନିମନ୍ତ୍ରଣ ପତ୍ର ଦେବାର ଆବଶ୍ୟକତା ପଡୁ ନ ଥିଲା। କେବଳ ଟେଲିଫୋନ୍‌ରେ ସିନେକ୍ରିଟିକ୍ ଚଳଚ୍ଚିତ୍ର ଉତ୍ସବ ଆୟୋଜିତ ହେଉଥିବାର ଶୁଣି ସେ ତାଙ୍କ ଦପ୍ତରରେ ପ୍ରମୁଖ ସଚିବ ଓ ବ୍ୟକ୍ତିଗତ ସଚିବଙ୍କୁ ଗସ୍ତ କାର୍ଯ୍ୟକ୍ରମରେ ତାହାକୁ ସ୍ଥାନ ଦେବାକୁ ନିର୍ଦ୍ଦେଶ ଦେଉଥିଲେ। ବିଜୁବାବୁ ପ୍ରତି ଉତ୍ସବରେ ଯୋଗଦେବା ବେଳେ ପ୍ରବଳ ଜନସମାଗମକୁ ଲକ୍ଷ୍ୟକରି ଆମେ ଲୋକମାନଙ୍କଠାରୁ ଟିକେଟ୍ କରିଛୁ କି ନାହିଁ ପଚାରି ବୁଝୁଥିଲେ। ଆମେ କାହାଠାରୁ ପଇସାଟିଏ ନ ନେଇ ନିଜ ଖର୍ଚ୍ଚରୁ ଏହା ଆୟୋଜନ କରିଛୁ ଜାଣିବା ପରେ ସେ ଖୁବ୍ ଖୁସି ହେଉଥିଲେ। ଥରେ ଆମ ଦ୍ୱାରା ଆୟୋଜିତ ଚଳଚ୍ଚିତ୍ର ପୁରସ୍କାର ସମାରୋହରେ ବଲିଉଡ୍‌ର ପ୍ରଖ୍ୟାତ ଅଭିନେତ୍ରୀ ମୀନାକ୍ଷୀ ଶେଷାଦ୍ରି ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ। ସେତେବେଳେ ୧୯୯୧ ଲୋକ ସଭା ନିର୍ବାଚନ ପ୍ରଚାରରେ ବ୍ୟସ୍ତ ଥାଇ ମଧ୍ୟ ସେ ଏଥିରେ ଯୋଗଦେଇ ଶାସ୍ତ୍ରୀୟ ସଙ୍ଗୀତର ବିଭିନ୍ନ ଦିଗ ଉପରେ ନିଜର ବକ୍ତବ୍ୟ ରଖି ସମସ୍ତଙ୍କୁ ଚକିତ କରିଦେଇଥିଲେ। ବିଶେଷଭାବେ ଓଡ଼ିଶା ସିନେକ୍ରିଟିକ୍ ଆସୋସିଏଶନ ସହ ତାଙ୍କର ସମ୍ପର୍କ କେତେ ନିବିଡ଼ ଥିଲା, ତାହା ଭାଷାରେ ବର୍ଣ୍ଣନା କରିହେବ ନାହିଁ। ଓଡ଼ିଆ ସଂସ୍କୃତି ଓ କଳା ପ୍ରତି ଏହି ମହାନ୍ ବରପୁତ୍ରଙ୍କର ଯେଉଁ ଅବଦାନ ରହିଥିଲା, ତାକୁ ଏ ଜାତି ଆଦୌ ଭୁଲି ପାରିବ ନାହିଁ। ଆଜି ତାଙ୍କର ଜନ୍ମ ଶତବାର୍ଷିକୀ ଅବସରରେ ଏ ସମ୍ପର୍କରେ ବିଶେଷ ଆଲୋଚନା କରାଯିବାର ପ୍ରାସଙ୍ଗିକତା ରହିଛି।

ଓଡ଼ିଆ ତଥା ହିନ୍ଦୀ ଚଳଚ୍ଚିତ୍ରର ଅଭିନେତ୍ରୀ ବିଜୟା ଜେନା ଓରଫ ଡଲି ସେ ସମୟରେ ଏକ ଚଳଚ୍ଚିତ୍ର ନିର୍ମାଣ କରିବାକୁ ବିଜୁବାବୁଙ୍କୁ ଭେଟି ଅନୁରୋଧ କରିଥିଲେ। ଚଳଚ୍ଚିତ୍ର ନିଗମରୁ ଋଣ ନେଇ ଚଳଚ୍ଚିତ୍ର ନିର୍ମାଣ କରିବାକୁ ବିଜୁବାବୁ ତାଙ୍କୁ ସମସ୍ତ ସହାୟତା ଯୋଗାଇ ଦେଇଥିଲେ। ତା'ପରେ ଡଲି ଓଡ଼ିଆ ଚଳଚ୍ଚିତ୍ର 'ତାରା' ନିର୍ମାଣ କରିଥିଲେ, ଯାହା ଜାତୀୟ ଚଳଚ୍ଚିତ୍ର ଉତ୍ସବରେ ଶ୍ରେଷ୍ଠ ଆଞ୍ଚଳିକ ଚଳଚ୍ଚିତ୍ର ରୂପେ ପୁରସ୍କୃତ ହୋଇଥିଲା।

*-ସମ୍ପାଦକ, ଓଡ଼ିଶା ସିନେକ୍ରିଟିକ୍ ଆସୋସିଏଶନ, ବଡ଼ଗଡ଼, ଭୁବନେଶ୍ୱର, ମୋ: ୯୮୬୧୦୦୯୨୫୨*



ପରିଣିତି

## ବ | ଲି | ଉ | ଡ୍ | ହା | ଲ | ଚା | ଲ

▶ଦିବାକର ବାନାର୍ଜୀଙ୍କ 'ସନ୍ଦୀପ ଔର ପିଙ୍କି ଫେରାର' ଚଳିତ ମାସ ୨୦ରେ ରିଲିଜ୍ ହେଉଛି। ଏହାର ଲିଡ୍ ରୋଲ୍‌ରେ ଅଛନ୍ତି ଅର୍ଜୁନ କପୁର ଏବଂ ପରିଣିତି ଚୋପ୍ରା।

▶'ଲଭ୍‌ୟାତ୍ରୀ' ପରେ ଆୟୁଷ ଶର୍ମା ଆଉ ଏକ ସିନେମା ନିର୍ମାଣ କରିବାକୁ ଯାଉଛନ୍ତି, ଯାହାର ଟାଇଟଲ ଫାଇନାଲ ହୋଇନାହିଁ। ଏହା ଏକ ମରାଠୀ ଫିଲ୍ମ 'ମୁଲ୍‌ସୀ ପାଟର୍ନ'ର ରିମେକ୍ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଏହି ସିନେମାର ନିର୍ଦ୍ଦେଶନା ଦେବେ ଅଭିରାଜ ମିନେୱାଲା। ଏଥିରେ ଆୟୁଷ୍ମାନ ଖୁରାନା ଗ୍ୟାଙ୍ଗଷ୍ଟର ଭୂମିକାରେ ଅଭିନୟ କରିବେ। ସେଥିପାଇଁ ସେ ୧୨ କିଗ୍ରା ଓଜନ କମାଇଛନ୍ତି।

▶'ସୂର୍ଯ୍ୟବଂଶୀ'ର ଟ୍ରେଲର ନିକଟରେ ରିଲିଜ୍ ହୋଇଛି। ରୋହିତ ସେଟ୍ଟିଙ୍କ ନିର୍ଦ୍ଦେଶନାରେ ଅକ୍ଷୟ କୁମାର, ଅଜୟ ଦେବଗନ, ରଣବୀର ସିଂ ଏବଂ କ୍ୟାଟ୍ରିନା କୈଫ ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି। ଫିଲ୍ମଟି ଚଳିତ ମାସ ୨୪ରେ ରିଲିଜ୍ ହେବାକୁ ଯାଉଛି।

## ଖ ବ ର ଟ ବ ର

▶ରାଜୀବ ମହାନ୍ତିଙ୍କ ନିର୍ଦ୍ଦେଶିତ 'ଶହୀଦ ରଘୁ ସର୍ଦ୍ଦାର' ରିଲିଜ୍ ଅପେକ୍ଷାରେ ରହିଛି। ଏହାର ଟାଇଟଲ ଭୂମିକାରେ ଅଭିନୟ କରିଛନ୍ତି ଦେବାଶିଷ ପାତ୍ର।

▶ପୁଣିଥରେ ଦର୍ଶକ ଅମ୍ଲାନ-କୁମାର ଏବଂ ଝିଲିକ୍ ଯୋଡିକୁ ବଡ଼ ପରଦାରେ ଦେଖିବାକୁ ପାଇବେ। ଫିଲ୍ମଟି ହେଲା 'ବାଜିବଲୋ ସାହାନାଇ'। ଜନ୍ମେଜୟ ଡଗରାଙ୍କ ପ୍ରଯୋଜନାରେ ଏହାର ନିର୍ଦ୍ଦେଶନା ଦେଇଛନ୍ତି ଆଶୁତୋଷ ମହାପାତ୍ର। ଚିତ୍ରର ଅନ୍ୟତମ ନାୟକ ସାଜିଛନ୍ତି ସମ୍ବିତ୍।

▶ଏଥର ସ୍ୱରାଜଙ୍କ ଅପୋଜିଟ୍‌ରେ ଶିବାନୀ ଅଭିନୟ କରୁଛନ୍ତି। ଚଳଚ୍ଚିତ୍ରଟି ହେଲା 'ଦିଲ୍ ମୋର ମାନେନା'। ବାପୁନ କୁମାର ଏବଂ ଛବିତା ମାର୍ଥାଙ୍କ ପ୍ରଯୋଜନାରେ ଏହାର ନିର୍ଦ୍ଦେଶନା ଦେଇଛନ୍ତି ହିମାଂଶୁ ପରିଜା (ଚଣ୍ଡୀ)। ଫିଲ୍ମଟିର ଶୁଟିଂ ନିକଟରେ ଶେଷ ହୋଇଛି।

▶ଶଶିକାନ୍ତ ଜେନା ଏବଂ ବିନି ପଟ୍ଟନାୟକଙ୍କ ପ୍ରଯୋଜିତ ଦୁଇଟି ସିନେମା-'ହୀରାଲାଲ୍ ମୋତିଲାଲ୍ (ଅମର, ଅମ୍ରିତା) ଏବଂ 'ଲଭ୍ ଫିବର' (ରାଜବୀର ସିଂଦେଓ-ବନ୍ଦନା ପରମାଣିକ) ରିଲିଜ ଅପେକ୍ଷାରେ ରହିଛି।

▶ସଂପ୍ରୀତ ସ୍ୱରୂପ ଶତପଥୀଙ୍କ ପ୍ରଯୋଜନାରେ ନିର୍ମିତ 'ଗାଁର ନାଁ ଗାଲୁଆପୁର (ଅଜବ ଗାଁର ଗଜବ କଥା)ର ଗୀତଗୁଡ଼ିକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ସ୍ୱରକାର ଅମରେନ୍ଦ୍ର ମହାନ୍ତି। ଏହାର ନିର୍ଦ୍ଦେଶନା ଦେଇଛନ୍ତି ଜିତେନ୍ଦ୍ର ମହାପାତ୍ର। ଚିତ୍ରର ଲିଡ୍ ରୋଲ୍‌ରେ ଅଛନ୍ତି ପପୁ ପମ୍‌ପମ୍।



ଅମ୍ଲାନ

▶ବବି ମିଶ୍ରଙ୍କ ଦ୍ୱାରା ପ୍ରଥମ ଥର ପାଇଁ ପ୍ରଯୋଜିତ 'ଫ୍ଲପ୍ ସିନେମା'ର ପୋଷ୍ଟ ପ୍ରଡକ୍ସନ କାମ ଚାଲୁ ରହିଛି। ଏଥିରେ ବବି ମିଶ୍ର, ଶ୍ରୀତମ ଦାସ, ସମ୍ବିତ୍, ରିୟା, ବିଜୁ ବଡ଼ଜେନା ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିବ। ଚିତ୍ରଟିର ନିର୍ଦ୍ଦେଶନା ଦେଇଛନ୍ତି ନିରଞ୍ଜନ ବେହେରା।

ନୂଆ ସିନେମା

## ବାୟ ବାୟ ଦିଲ୍

ନୂଆ ଓଡ଼ିଆ ସିନେମା 'ବାୟ ବାୟ ଦିଲ୍'କୁ ନେଇ ଓଲିଉଡ୍‌ରେ ଚର୍ଚ୍ଚା। କାରଣ ଏହାର ନାୟିକା ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି ରୁଷୀୟ ଲଳନା ଆଲେକ୍‌ଜାଣ୍ଡ୍ରା ସ୍କେଲସୁନୋଭା ଓରଫ ସାସା। ମଡେଲିଂ ସହ ଜଡ଼ିତ ଏହି ନବାଗତା ପ୍ରଥମ ଥର ପାଇଁ ଓଡ଼ିଆ ସିନେମାରେ ଅଭିନୟ କରିବେ। ମହ୍ଲାର ଏଣ୍ଟରଟେନ୍‌ମେଣ୍ଟ ଏବଂ ଏ.ବି. ସଲ୍ୟୁଶନ ବ୍ୟାନରରେ ଏହାର ପ୍ରଯୋଜନା କରିଛନ୍ତି ନବାଗତା ଜୟଲକ୍ଷ୍ମୀ ମିଶ୍ର। ନିର୍ଦ୍ଦେଶନା ଦାୟିତ୍ୱ କୁନାଲ ପଟ୍ଟନାୟକ ତୁଲାଇଥିବା ବେଳେ ସଚି ମହାନ୍ତି ଏବଂ ସନ୍ତୋଷଙ୍କ ରଚିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଟୁନା ଭାଇ-ଉନା ଭାଇ। ଚିତ୍ରୋତ୍ତୋଳନ କରିଛନ୍ତି ରଞ୍ଜନ ମିଶ୍ର। ନିକଟରେ ଶୁଟିଂ ଶେଷ ହୋଇଥିବା ଏହି ଫିଲ୍ମରେ ସାସାଙ୍କ ଭୂମିକାଟି ହେଲା ଗ୍ଲୋରି। ଏଥିରେ ତାଙ୍କର ନାୟକ ସାଜିଛନ୍ତି ରାଜ୍। ସାସା-ରାଜ୍ ଯୋଡ଼ି ବ୍ୟତୀତ ପଲ୍ଲବୀ, ଜୀବନ ପଣ୍ଡା, ଜୟଲକ୍ଷ୍ମୀ, ପ୍ରୀତିରାଜ, କୁନାଲ, ଟୁଲୁ, ଶମ୍ଭୁ, ରାମବାବୁ ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି। ଖାସ୍ କଥା ହେଲା, ଶୁଟିଂ ସମୟରେ ସାସା ଓଡ଼ିଆ ଭାଷା କେତେକାଂଶରେ ଶିଖିଯାଇଛନ୍ତି। ବିଦେଶୀ ଲଳନା ଓଡ଼ିଆ ସିନେମାରେ ଅଭିନୟ କରିବା ନୂଆ କଥା ନୁହେଁ। ଏହାପୂର୍ବରୁ ପରଦେଶୀ ଚଢ଼େଇରେ ଉତ୍ତମ ମହାନ୍ତିଙ୍କ ସହ ଅରମିଣ୍ଟାଙ୍କୁ ନାୟିକା ଭାବେ ଦେଖିବାକୁ ମିଳିଥିଲା। ଏହା ବ୍ୟତୀତ ଚିତ୍ତରଞ୍ଜନ ତ୍ରିପାଠୀଙ୍କ ନିର୍ଦ୍ଦେଶିତ 'ମୁଖ୍ୟମନ୍ତ୍ରୀ'ରେ ବିଦେଶୀ ନାୟିକା ସବ୍ରିନା ଜେନିଫର ଅଭିନୟ କରିଥିଲେ। ତେବେ 'ବାୟ ବାୟ ଦିଲ୍'ରେ ସାସା ଦର୍ଶକଙ୍କୁ କେତେ ପ୍ରଭାବିତ କରିପାରୁଛନ୍ତି ତାହା ଦେଖିବାକୁ ବାକି ରହିଲା।



ଆଲେକ୍‌ଜାଣ୍ଡ୍ରା ସ୍କେଲସୁନୋଭା



"ରାଜପଥ ଲାଗି ଭଲ ଡିପିଆର୍ ପ୍ରସ୍ତୁତ କରିବାକୁ କୌଣସି ପ୍ରକଳ୍ପ ପରିଚାଳନା କନ୍‌ସଲଟାନ୍ସିର ଆବଶ୍ୟକତା ନାହିଁ।"
– ନୀତିନ ଗଡକରୀ, କେନ୍ଦ୍ର ସଡକ ପରିବହନ ମନ୍ତ୍ରୀ



"ସୂଚନା ଏବଂ ପ୍ରଯୁକ୍ତି ବିଦ୍ୟା ଆଇନ ୨୦୦୦ ଅନୁଯାୟୀ ୮ ହଜାର ସୋସିଆଲ ମିଡିଆ ଲିଙ୍କ୍ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।"
– ସଞ୍ଜୟ ଧୋତ୍ରେ, ଆଇଟି ରାଷ୍ଟ୍ର ମନ୍ତ୍ରୀ

# କ୍ରିପ୍ଟୋ କରେନ୍ସି ଟ୍ରେଡିଂ କଟକଣା ହଟିଲା





- ସୁପ୍ରିମକୋର୍ଟ ଦେଲେ ଅନୁମତି
- ଆର୍‌ବିଆଇ ପ୍ରତିବନ୍ଧକ ଲଗାଇଥିଲା

**ନୂଆଦିଲ୍ଲୀ, ୪–୩**

ବିବାଦୀୟ କ୍ରିପ୍ଟୋ କରେନ୍ସି କାରବାର ଉପରେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ୨ ବର୍ଷ ପର୍ବେ ପ୍ରତିବନ୍ଧକ ଲଗାଇଥିଲା। ଦେଶ ମଧ୍ୟରେ ଏହାର କାରବାର ନ କରିବାକୁ ଲୋକଙ୍କୁ ବାରଣ କରାଯାଇଥିଲା। ବୁଧବାର ସୁପ୍ରିମକୋର୍ଟ କ୍ରିପ୍ଟୋ କରେନ୍ସି କାରବାରକୁ ଅନୁମତି ପ୍ରଦାନ କରିଥିବା ଜଣାପଡିଛି। ସର୍ବୋଚ୍ଚ ନ୍ୟାୟାଳୟ ଆର୍‌ବିଆଇର ୨ ବର୍ଷ ପୁରୁଣା ସର୍କୁଲାରକୁ ଖାରଜ କରି ଦେଇଛନ୍ତି। ୬ ଏପ୍ରିଲ ୨୦୧୮ରେ କ୍ରିପ୍ଟୋକରେନ୍ସି ସହ ଜଡିତ ନେଣଦେଣ ଉପରେ କେନ୍ଦ୍ରୀୟ ବ୍ୟାଙ୍କ ରୋକ ଲଗାଇଥିଲେ। ଏହି କରେନ୍ସିର ନେଣଦେଣ ବନ୍ଦ କରିବା ଏବଂ ଏ ନେଇ କୌଣସି ପ୍ଲାଟଫର୍ମ ପ୍ରଦାନ ନ କରିବାକୁ ବ୍ୟାଙ୍କ ତଥା ଆର୍ଥିକ ପ୍ରତିଷ୍ଠାନକୁ ନିର୍ଦ୍ଦେଶରେ କୁହାଯାଇଥିଲା।

ଇଣ୍ଟରନେଟ ଆଣ୍ଡ ମୋବାଇଲ ଆସୋସିଏଶନ ଅଫ୍ ଇଣ୍ଡିଆ (ଆଇଏଏମ୍ଏଆଇ) ଏବଂ କ୍ରିପ୍ଟୋକରେନ୍ସି ଏକ୍ସଚେଞ୍ଜ ପକ୍ଷରୁ ରିଜର୍ଭ ବ୍ୟାଙ୍କର ଏଭଳି ନିଷ୍ପତ୍ତି ବିରୋଧରେ ସୁପ୍ରିମକୋର୍ଟରେ ପିଟିଶନ ଫାଇଲ କରାଯାଇଥିଲା। ଦେଶରେ ଏମିତି କୌଣସି ଆଇନ ନାହିଁ ଯାହା କ୍ରିପ୍ଟୋ କରେନ୍ସି କାରବାରକୁ ବନ୍ଦ କରିବ। ଏହି ଯୁକ୍ତିକୁ ଆଇଏଏମ୍ଏଆଇ ସୁପ୍ରିମକୋର୍ଟଙ୍କ ସାମ୍ନାରେ ରଖିଥିଲା। ଏଭଳି ସ୍ଥିତିରେ କ୍ରିପ୍ଟୋକରେନ୍ସି ନେଣଦେଣ ଲାଗି ରିଜର୍ଭ ବ୍ୟାଙ୍କ କୌଣସି ପ୍ରତିବନ୍ଧକ ଲଗାଇପାରିବ ନାହିଁ ବୋଲି ଯୁକ୍ତିରେ କୁହାଯାଇଥିଲା। ଏହି କରେନ୍ସିକୁ ନେଇ ରହିଥିବା ବିପଦ ସମ୍ପର୍କରେ ୨୦୧୩ ପରଠାରୁ ଲୋକଙ୍କୁ ଅବଗତ କରାଯାଉଛି ବୋଲି ଆରବିଆଇ ଯୁକ୍ତିର ଉତ୍ତରରେ କହିଛି। ଦେଶର ପେମେଣ୍ଟ ସିଷ୍ଟମ ଉପରେ ଯେଭଳି କୌଣସି ପ୍ରଭାବ ନ ଆସିବ ତାକୁ ବିଚାର କରି ଏଭଳି କରେନ୍ସି ଉପରେ କଟକଣା ଜାରି କରିବାର ଆବଶ୍ୟକତା ରହିଛି ବୋଲି ଆରବିଆଇ ସୁପ୍ରିମକୋର୍ଟଙ୍କୁ କହିଛି।

## ୧୦ ବର୍ଷ ଜେଲ ଦଣ୍ଡ ସୁପାରିସ ହୋଇଥିଲା

କ୍ରିପ୍ଟୋକରେନ୍ସିକୁ ନେଇ ଏକ ଆନ୍ତଃମନ୍ତ୍ରୀ ସ୍ତରୀୟ କମିଟି ଗତ ବର୍ଷ ଅର୍ଥ ମନ୍ତ୍ରଣାଳୟକୁ ଏକ ରିପୋର୍ଟ ଦେଇଥିଲା। ବ୍ୟାନିଂ ଅଫ କ୍ରିପ୍ଟୋକରେନ୍ସି ଆଣ୍ଡ ରେଗୁଲେଶନ ଅଫ୍ ଅଫିସିଆଲ ଡିଜିଟାଲ କରେନ୍ସି ବିଲ୍ ୨୦୧୯ ଆଇନ ଆଣିବା ନେଇ ସରକାରଙ୍କୁ ସୁପାରିଶ କରାଯାଇଥିଲା। ସରକାର ଏକ ଡିଜିଟାଲ କରେନ୍ସି ଆଣିବା ନେଇ ମଧ୍ୟ ସୁପାରିଶରେ କୁହାଯାଇଥିଲା। ଭାରତୀୟ ନାଗରିକଙ୍କୁ କ୍ରିପ୍ଟୋକରେନ୍ସିରୁ ସୁରକ୍ଷିତ ରଖିବା ନେଇ ପ୍ରସ୍ତାବ ରହିଥିଲା। ଏହି କରେନ୍ସି ଦ୍ୱାରା ଅନେକ ଲୋକ ଠକାମିର ଶିକାର ହୋଇଥିବାରୁ ଏହି କାରବାର ଅପରାଧ ବୋଲି ବିବେଚନା କରିବା ଏଭଳି କାରବାର କରୁଥିବା ବ୍ୟକ୍ତି ବିଶେଷଙ୍କୁ ୧୦ ବର୍ଷ ଯାଏ ଜେଲଦଣ୍ଡ ଦେବାକୁ କୁହାଯାଇଥିଲା। ସାରା ବିଶ୍ୱରେ ବିଟକଏନ ଅଧିକ ଭାଲ୍ୟୁ ବିଶିଷ୍ଟ କରେନ୍ସି ହୋଇପାରିଛି।

## ଚଳିତ ବର୍ଷ ୫୦% ଅଭିବୃଦ୍ଧି

ଚଳିତ ବର୍ଷ ଏଥିରେ ୫୦% ଅଭିବୃଦ୍ଧି ରହିଛି। ୨୦୧୯ ଅକ୍ଟୋବର ପରଠାରୁ ୧୦ ହଜାର ଡଲାର ଛୁଇଁଥିଲା। ବର୍ତ୍ତମାନ ଏହା ୮,୭୯୩ ଡଲାର ସ୍ତରରେ ରହିଛି। ସେହିଭଳି ଅନ୍ୟ କ୍ରିପ୍ଟୋକରେନ୍ସି ଇଥେରିୟମର ଭାଲ୍ୟୁ ୨ ଗୁଣ ହୋଇଥିବା ବେଳେ ରିପଲରେ ୭୫% ଅଭିବୃଦ୍ଧି ଦେଖାଯାଇଛି।

## ୩୫ ଦିନରେ ବଢ଼ିଥିଲା ୩ ଗୁଣ

ଏହି କରେନ୍ସିକୁ ଭର୍ଚୁଆଲ ୱାର୍ଲ୍ଡକୁ ସାତୋଶି ନାକାମୋତୋ ଗ୍ରୁପ ଆଣିଥିଲେ। ୨୦୦୯ରେ ବିଟକଏନ ଆରମ୍ଭ ହୋଇଥିଲା। ଏହାର କ୍ରୟ ବିକ୍ରୟ ଅନ୍‌ଲାଇନରେ ହୋଇପାରିବ। ୧୧ ବର୍ଷର ଇତିହାସରେ ବିଟ୍ କଏନ ଅନେକ ଉତ୍ଥାନ ପତନ ଦେଖିଛି। ୨୦୧୭ରେ ମାତ୍ର ୩୫ ଦିନରେ ଏହାର ଭାଲ୍ୟୁ ସାଢେ ୩ ଗୁଣ ବଢି ୨୦ ହଜାର ଡଲାର ଛୁଇଁଥିଲା। ଏହାର ୭ ସପ୍ତାହ ପରେ ଏଥିରେ ୭୦% ହ୍ରାସ ଦେଖାଯାଇଥିଲା। ଏହାର ଅସ୍ଥିରତାକୁ ନେଇ ଏଥିରେ ଟ୍ରେଡିଂକୁ ନେଇ ଅନୁମତି ଦିଆଯିବ କି ନାହିଁ ତାହା ଏବେ ବିବାଦୀୟ ରହିଛି।

## କ୍ରିପ୍ଟୋ କରେନ୍ସିର ସୁବିଧା, ଅସୁବିଧା

ଏକ ଡିଜିଟାଲ କରେନ୍ସି ଭାବେ କ୍ରିପ୍ଟୋକରେନ୍ସିକୁ ବିଭିନ୍ନ ଦେଶରେ ବ୍ୟବହାର କରାଯାଇପାରିବ। ଏହାର ଭାଲ୍ୟୁ ସବୁ ଦେଶରେ ସମାନ ରହିଥାଏ। କୌଣସି ଦେଶର ସରକାରଙ୍କ ଏହି କରେନ୍ସି ଉପରେ ନିୟନ୍ତ୍ରଣ ରହିପାରିବ ନାହିଁ। ଏହା କୌଣସି ଦେଶରେ କ୍ରରେନ୍ସି ନୁହେଁ। ଏଥି ଲାଗି କୌଣସି ଦେଶର ଆର୍ଥିକ ସ୍ଥିତି ଏହା ଉପରେ ପ୍ରଭାବ ଜାରି କରିପାରେ ନାହିଁ। ସେହିଭଳି କୌଣସି ଦେଶର ନିୟନ୍ତ୍ରଣ ଏହି କରେନ୍ସି ଉପରେ ରହୁ ନ ଥିବାରୁ ଏହାକୁ ନେଇ ବିବାଦ ରହିଛି। ଏଣୁ ଏହାର ଉତ୍ଥାନ କିମ୍ବା ପତନରେ ଲୋକଙ୍କୁ ଅଧିକ ଲାଭ କିମ୍ବା କ୍ଷତି ସହିବାକୁ ପଡିଥାଏ। ଏହାର ଅପବ୍ୟବହାରକୁ ମଧ୍ୟ ରୋକାଯିବା ନେଇ ବିଷୟ ବିବାଦୀୟ। ମାରାତ୍ମକ ଅସ୍ତ୍ର କିମ୍ବା ନିଶା କାରବାରେ ଏହାର ବ୍ୟବହାର ହୋଇପାରେ।

## ଫେସ୍‌ବୁକ୍ ଆଣିବ ନିଜସ୍ୱ କ୍ରିପ୍ଟୋ ୧କରେନ୍ସି




ଫେସବୁକ ଏହାର କ୍ରିପ୍ଟୋକରେନ୍ସି ଲିବ୍ରା ଚଳିତ ବର୍ଷ ଆଣିବା ଆଣିବା ନେଇ ଯୋଜନା ରଖିଛି। ଏହା ସହ ଫେସବୁକ ବିଭିନ୍ନ ଆର୍ଥିକ ସେବା ଯୋଗାଇ ଦେବା ନେଇ ଯୋଜନା ରଖିଛି। ଏହି ସେବାଗୁଡିକରେ ଲିବ୍ରା ବ୍ୟବହାରକୁ ଉତ୍ସାହିତ କରିବା ସପକ୍ଷରେ ଫେସ୍‌ବୁକ୍ ରହିଛି। ଏହି ସେବା ଗୁଡିକ ମଧ୍ୟରେ ପଣ୍ଡ ଟ୍ରାନ୍ସଫର, ବିଲ୍ ପେମେଣ୍ଟ, ଫୋନ ରିଚାର୍ଜ ଭଳି ସୁବିଧା ରହିଛି।

### କ୍ରିପ୍ଟୋକରେନ୍ସି କ'ଣ?

କ୍ରିପ୍ଟୋକରେନ୍ସି ଏକ ଡିଜିଟାଲ କରେନ୍ସି। ଅନ୍‌ଲାଇନ ମାଧ୍ୟମରେ ସାରା ବିଶ୍ୱରେ ଏହାର ନେଣଦେଣ ହେଉଛି। ଏହାକୁ ନିୟନ୍ତ୍ରଣ କରିବା ଲାଗି ଏନକ୍ରିପଶନ ଟେକ୍ନୋଲୋଜି ବ୍ୟବହାର ହୋଇଥାଏ। ଏହାକୁ କୌଣସି କେନ୍ଦ୍ରୀୟ ବ୍ୟାଙ୍କ, ଋଣ ପ୍ରଦାନକାରୀ ଅନୁଷ୍ଠାନ କିମ୍ବା ଆର୍ଥିକ ସଂସ୍ଥା ପକ୍ଷରୁ ଜାରି କରାଯାଇ ନଥାଏ। ଏଣୁ ଭର୍ଚୁଆଲ କରେନ୍ସି କୁ ଏକ ପ୍ରକାରର ଅନିୟନ୍ତ୍ରିତ ଡିଜିଟାଲ ଧନ ବୋଲି କୁହାଯାଇଥାଏ। ଏହାକୁ ପ୍ରସ୍ତୁତ କରିଥିବା ବ୍ୟକ୍ତିବିଶେଷ ଏହାର ଜାରି ଏବଂ ନିୟନ୍ତ୍ରଣ କରିଥାଏ। ୨୦୧୮ ଫେବୃୟାରୀ ଯାଏ ଭାରତରେ କ୍ରିପ୍ଟୋକରେନ୍ସିର ୫୦ ଲକ୍ଷ ଟ୍ରେଡର ଏବଂ ୨୫ ଏକ୍ସଚେଞ୍ଜ ସଂସ୍ଥା ସକ୍ରିୟ ଥିବା ଜଣାପଡିଛି। ବିଶ୍ୱର ବିଭିନ୍ନ ନିୟାମକ ସଂସ୍ଥା ଏବଂ ପ୍ରମୁଖ କ୍ରିପ୍ଟୋ କରେନ୍ସି ବିଟକଏନରେ ଟ୍ରେଡିଂ ବିରୋଧରେ ଚେତାବନୀ ଦେଇଛନ୍ତି। କିଛି ଦେଶ ଏହାର ବ୍ୟବହାର ସପକ୍ଷରେ ରହିଛନ୍ତି। ୨୦୧୭ରେ ଜାପାନ କ୍ରିପ୍ଟୋକରେନ୍ସିକୁ ବୈଧ ଭାବେ ମାନ୍ୟତା ଦେଇଛି।

### କେମିତି କିଣାଯାଏ...

କ୍ରିପ୍ଟୋକରେନ୍ସି ଏକ୍ସଚେଞ୍ଜ ୱେବସାଇଟରେ ଏହାକୁ କ୍ରୟ କରାଯାଇପାରିବ। ଏଥି ଲାଗି ପ୍ରଥମ ଏକ୍ସଚେଞ୍ଜ ଉପରେ ପଞ୍ଜୀକରଣ କରିବାକୁ ହୁଏ। ଏହା ପରେ ବ୍ୟାଙ୍କ ଖାତା କିମ୍ବା କ୍ରେଡିଟ କାର୍ଡରେ ପେମେଣ୍ଟ କରି କ୍ରିପ୍ଟୋକରେନ୍ସି ୟୁନିଟ କ୍ରୟ କରିବାକୁ ପଡେ। ଗ୍ରାହକ ନିଜ ଦେଶର ଆଇନ ବ୍ୟବସ୍ଥାକୁ ଧ୍ୟାନରେ ରଖି ଏସବୁ କରିବାକୁ ହୁଏ। ଭିନ୍ନ ଭିନ୍ନ ଏକ୍ସଚେଞ୍ଜ କମିଶନ ଭାବେ କିଛି କିଛି ଚାର୍ଜ ନେଇଥାନ୍ତି। ଗ୍ରାହକ କ୍ରିପ୍ଟୋକରେନ୍ସିକୁ ଅନ୍‌ଲାଇନ ୱାଲେଟରେ ରଖିପାରିବେ।

# ଏୟାର ଇଣ୍ଡିଆ ଘରୋଇକରଣ ଲାଗି ନୂଆ ପଦକ୍ଷେପ



- ୧୦୦% ଅଂଶଧନ କିଣିପାରିବେ ଏନ୍‌ଆର୍‌ଆଇ
- ମିଳିଲା କ୍ୟାବିନେଟ ଅନୁମୋଦନ

**ନୂଆଦିଲ୍ଲୀ,୪–୩**

ରାଷ୍ଟ୍ରାୟତ୍ତ ଏୟାର ଇଣ୍ଡିଆର ଘରୋଇକରଣ ଲାଗି ବର୍ତ୍ତମାନ ଯାଏ କୌଣସି ରାସ୍ତା ବାହାରି ପାରିନାହିଁ। ସରକାର ଏ ଦିଗରେ ପ୍ରୟାସ ଜାରି ରଖିଥିବା ବେଳେ ନୂଆ ପଦକ୍ଷେପ ଗ୍ରହଣ କରିଛନ୍ତି। ଏହି ବିମାନ କମ୍ପାନୀରେ ନନ୍ ରେସିଡେଣ୍ଟ ଇଣ୍ଡିଆନ(ଏନ୍ଆରଆଇ) ବା ପ୍ରବାସୀ ଭାରତୀୟମାନେ ୧୦୦% ଅଂଶଧନ କିଣିପାରିବେ। କେନ୍ଦ୍ର କ୍ୟାବିନେଟ ପକ୍ଷରୁ ବୁଧବାର ଏ ନେଇ ମଞ୍ଜୁରୀ ପ୍ରଦାନ କରାଯାଇଛି। ଏହା ପୂର୍ବରୁ ହୋଇଥିବା ନିୟମରେ ସରକାର ଏନ୍ଆରଆଇଙ୍କ ଲାଗି ୪୯% ଅଂଶଧନ କିଣିବା ନେଇ ଅନୁମତି ଦେଇଥିଲେ। ୨୦୧୮ରେ ଏୟାର ଇଣ୍ଡିଆର ଘରୋଇକରଣ ନେଇ ସରକାରଙ୍କ ପ୍ରୟାସ ବିଫଳ ହୋଇଥିଲା। ଏହି ସମୟରେ ସରକାର ବିମାନ କମ୍ପାନୀର ୭୬% ଅଂଶଧନ ବିକ୍ରି କରିବା ଲାଗି ଯୋଜନା ହାତକୁ ନେଇଥିଲେ। ଏୟାର ଇଣ୍ଡିଆ ଉପରେ ବର୍ତ୍ତମାନ ପ୍ରାୟ ୮୦ ହଜାର କୋଟି ଟଙ୍କାର ଋଣ ରହିଛି। ଆର୍ଥିକ ବର୍ଷ ୨୦୧୮–୧୯ରେ ଏୟାର ଇଣ୍ଡିଆକୁ ୮,୫୫୬ କୋଟି ଟଙ୍କା କ୍ଷତି ସହିବାକୁ ପଡିଥିଲା।

ଏହି ବିମାନ କମ୍ପାନୀରେ ହେବାକୁ ଥିବା ନିବେଶ ପ୍ରତ୍ୟକ୍ଷ ରୁଟ୍‌ରେ ହେବ। ଏଥି ଲାଗି ସାମ୍ଭାବ୍ୟ ବିଡରଙ୍କ ମଧ୍ୟରେ ଟାଟା ଗ୍ରୁପ୍ ଏବଂ ଲଣ୍ଡନର ଏନ୍ଆରଆଇ ହିନ୍ଦୁଜା ଗ୍ରୁପ୍‌ର ନାମ ସାମିଲ ରହିଛି। ଏଥି ଲାଗି ବିଡିଂ କରିବାକୁ ସରକାର ୨୭ ଜାନୁୟାରୀ ଯାଏ ସମୟ ସୀମା କରିଥିଲେ। ବର୍ତ୍ତମାନର ପ୍ରସ୍ତାବ ମୁତାବକ ଏୟାର ଇଣ୍ଡିଆ, ଏୟାର ଇଣ୍ଡିଆ ଏକ୍ସପ୍ରେସର ୧୦୦% ଅଂଶଧନ ବିକ୍ରିରେ ପ୍ରସ୍ତାବ ରହିଛି। ସେହିଭଳି ଯୌଥ ଉଦ୍ୟୋଗ ଏଆଇଏସ୍ଏଟିଏସ୍‌ର ୫୦% ଅଂଶଧନ ବିକ୍ରି କରିବାକୁ ପ୍ରସ୍ତାବ ରହିଛି। ଏୟାର ଇଣ୍ଡିଆ ଲାଗି ବିଡିଂର ଚୂଡାନ୍ତ ତାରିଖ ୧୭ ମାର୍ଚ୍ଚ ରହିଛି।

### ବ୍ୟାଙ୍କ ମିଶ୍ରଣକୁ ମଞ୍ଜୁରୀ

୧୦ ବ୍ୟାଙ୍କ ମିଶ୍ରଣକୁ କେନ୍ଦ୍ର କ୍ୟାବିନେଟ ପକ୍ଷରୁ ମଞ୍ଜୁରୀ ମିଳିଛି। ୧୦ ବ୍ୟାଙ୍କ ମିଶ୍ରଣ ଦ୍ୱାରା ୪ ବଡ ବ୍ୟାଙ୍କ ଗଠନ ନେଇ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଘୋଷଣା କରିଥିଲେ। ଏହି ପଦକ୍ଷେପ ଅନ୍ତର୍ଗତ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ସହ ଓରିଏଣ୍ଟାଲ ବ୍ୟାଙ୍କ ଅଫ୍ କମର୍ସ ଏବଂ ୟୁନାଇଟେଡ ବ୍ୟାଙ୍କର ମିଶ୍ରଣ ହେବ। କାନାରା ବ୍ୟାଙ୍କ ଏବଂ ସିଣ୍ଡିକେଟ ବ୍ୟାଙ୍କର ମିଶ୍ରଣ ଦ୍ୱାରା ନୂଆ ବ୍ୟାଙ୍କ ଗଠନ ହେବ। ସେହିଭଳି ୟୁନିୟନ ବ୍ୟାଙ୍କ ସହ ଆନ୍ଧ୍ର ବ୍ୟାଙ୍କ, କର୍ପୋରେଶନ ବ୍ୟାଙ୍କ ମିଶ୍ରଣ ହେବା ନେଇ ଯୋଜନା ରହିଛି। ଏପ୍ରିଲ ପହିଲାଠାରୁ ବ୍ୟାଙ୍କ ମିଶ୍ରଣ ପଦକ୍ଷେପ କାର୍ଯ୍ୟ କରିବ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି।

### କମ୍ପାନୀ ଆଇନରେ ସଂଶୋଧନ

କମ୍ପାନୀ ଆଇନରେ ବିଭିନ୍ନ ସଂଶୋଧନକୁ କେନ୍ଦ୍ର କ୍ୟାବିନେଟ୍ ମଞ୍ଜୁରୀ ଦେଇଛି। ଏହା ଦ୍ୱାରା କମ୍ପାନୀ ଆଇନ ୨୦୧୭ରେ ପ୍ରାୟ ୭୨ ପରିବର୍ତ୍ତନ କରାଯିବାର ପ୍ରସ୍ତାବ ରହିଛି। ଆଇନରେ ରହିଥିବା ବିଭିନ୍ନ ପ୍ରସ୍ତାବ ଦ୍ୱାରା ବ୍ୟବସାୟ ଧାରାକୁ ସୁଗମ କରିବା ଏବଂ ଡିକ୍ରିମିନାଇଜ ଭଳି ଦିଗକୁ ଧ୍ୟାନ ରଖାଯାଇଥିବା ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ସୂଚନା ଦେଇଛନ୍ତି।

### ଆର୍‌କମ୍ ରିଜୋଲ୍ୟୁଶନ ଯୋଜନାକୁ ମଞ୍ଜୁରୀ

**୨୩ ହଜାର କୋଟି ଫେରିପାଇବାକୁ ବ୍ୟାଙ୍କ ଆଶାବାଦୀ**

**ନୂଆଦିଲ୍ଲୀ,୪-୩:** ଅନିଲ ଅମ୍ବାନୀଙ୍କ ରିଲାଏନ୍ସ କମ୍ୟୁନିକେଶନ(ଆର୍‌କମ୍)ର ଦେବାଳିଆ ସମାଧାନ ଯୋଜନାକୁ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ପକ୍ଷରୁ ମଞ୍ଜୁରୀ ପ୍ରଦାନ କରାଯାଇଛି। ଏହି ପ୍ରକ୍ରିୟା ଦ୍ୱାରା ବ୍ୟାଙ୍କଗୁଡିକ ସେମାନଙ୍କ ୨୩ ହଜାର କୋଟି ଫେରିପାଇବାକୁ ଆଶା ରଖିଥିବା ପ୍ରକ୍ରିୟା ସହ ଜଡିତ ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ୟୁବି ଆସେଟ ରିକନଷ୍ଟ୍ରକଶନ କମ୍ପାନୀ ଆର୍‌କମ୍ ଏବଂ ରିଲାଏନ୍ସ କମ୍ୟୁନିକେଶନର ଆସେଟ ପାଇଁ ୧୪,୭୦୦ କୋଟି ଟଙ୍କାର ବିଡିଂ ଦାଖଲ କରିଛି। ସେହିଭଳି ମୁକେଶ ଅମ୍ବାନୀଙ୍କ ରିଲାଏନ୍ସ ଜିଓ, ଆର୍‌କମ୍‌ର ଟାୱାର ଏବଂ ଫାଇବର ବିଜନେସ (ରିଲାଏନ୍ସ ଇନଫ୍ରାଟେଲ)କୁ କିଣିବା ଲାଗି ୪,୭୦୦ କୋଟି ଟଙ୍କାର ଅଫର ଦେଇଛି। ଭାରତ ଏବଂ ଚାଇନାର କ୍ରେଡିଟରଙ୍କୁ ଆର୍‌କମ୍ ପ୍ରାଥମିକତା ଭିତ୍ତିରେ ୪୩୦୦ କୋଟି ଟଙ୍କା ପଇଠ କରିବାକୁ ପଡିବ। ଆର୍‌କମ୍ ଉପରେ ୩୩ ହଜାର କୋଟି ଟଙ୍କାର ଋଣ ରହିଛି। ଋଣ ପ୍ରଦାନକାରୀ ଅନୁଷ୍ଠାନଗୁଡିକ ୪୯,୦୦୦ କୋଟି ଟଙ୍କା ଦାବି କରୁଛନ୍ତି। ସମ୍ପତ୍ତି ବିକ୍ରି କରି ଋଣ ଶୁଝିବା ଲାଗି ରିଲାଏନ୍ସ ପୂର୍ବରୁ ଚେଷ୍ଟା କରି ସାରିଛି। ଏଥି ଲାଗି ଅନିଲ ଅମ୍ବାନୀ ରିଲାଏନ୍ସ ଜିଓ ସହ ସମ୍ପର୍କ କରିଥିଲେ। କିନ୍ତୁ କୌଣସି କାରଣବଶତଃ ଡିଲ୍ ହେବାରେ ଅସୁବିଧା ସୃଷ୍ଟି ହୋଇଥିଲା। ଆର୍‌କମ୍‌ର ବୃହତ୍ ପରିମାଣର କରଜ ଉଠାଇବା ଲାଗି ଜିଓ ପ୍ରସ୍ତୁତ ନ ହେବା ଯୋଗୁ ଡିଲ୍ ହୋଇ ପାରିଲା ନାହିଁ ବୋଲି କୁହାଯାଇଛି। ଏହାପରେ ସ୍ୱିଡେନ ଭିତ୍ତିକ ଏରିକଶନ କମ୍ପାନୀ ଆର୍‌କମ୍‌ର ଦେବାଳିଆ ପ୍ରକ୍ରିୟା ଲାଗି ଅପିଲ ଦାଏର କରିଥିଲା। ଏହାପରେ ପ୍ରକ୍ରିୟା ଆରମ୍ଭ ହୋଇଛି।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact: 0674-2580385, 7894447148, 7894447131, 9337021532, 7894447167, 7894447165

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786, 8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9903852257, 9818298397

BUSINESS

Hi TECH TOWER
କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ ଉପରେ Digital ଟାୱାର ଲଗାନ୍ତୁ । ଅଗ୍ରିମ- 60,00,000/-, ଭଡ଼ା 40,000/- + 25,000/-ର ଅନ୍ୟାନ୍ୟ ସୁବିଧା ।
(NOTE- କୌଣସି ଟାୱାର କମ୍ପାନୀରୁ ଠକାମିର ଶିକାର ହୋଇଥିଲେ କିମ୍ବା କାମ ଚାଲିଥିଲେ ତେବେ ଅଭିଯୋଗ କରି ନିଜର ଟଙ୍କା ଫେରିପାଆନ୍ତୁ ଓ ଅଟକି ରହିଥିବା କାମ ସମ୍ପୂର୍ଣ୍ଣ କରାଇ ଟାୱାର ଲଗାନ୍ତୁ।
HELPLINE No. 07488344055

BUSINESS
ମୋବାଇଲ ଟାୱାର
ସିୟା ରାମ ଟାୱାର କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ ଉପରେ ୪ଜି ମୋବାଇଲ ଟାୱାର ଲଗାନ୍ତୁ ।
ମାସିକ ଭଡା - ୯୦,୦୦୦/-, ଆଡଭାନ୍ସ - ୯୦ଲକ୍ଷ + ଚାକିରୀ + ୨୦ବର୍ଷ ଏଗ୍ରିମେଣ୍ଟ
9667567748, 9667567752

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଆଜି ହିଁ ସଂମ୍ପର୍କ କରନ୍ତୁ
R-25/8, Krishna Apartment, MG Road Bengaluru, Karnataka 560076
Email: galaxytower1999@gmail.com
WhatsApp No 9479667248

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

INDUS TOWER LTD
କୌଣସୀ ଖର୍ଚ୍ଚ ନାହିଁ ନିଜର ଖାଲିଥିବା ଜମି, ଛାତ, ପ୍ଲଟ ଓ ଘର ଆଦି ସମସ୍ତ ସ୍ଥାନରେ ଡିଜିଟାଲ ଟାୱର ବସାଇ ଅଗ୍ରୀମ 60,000,00/-, ଭଡା 50,000/- ଟଙ୍କା ପାଆନ୍ତୁ ।
Plot No 37 UA, Bungalow Rd, Kamla Nagar, New Delhi,
8882906098

FINANCE

ସରସ ଫାଇନାନ୍ସ
ଋଣ ନିଅନ୍ତୁ ମାତ୍ର ୨୪ ଘଣ୍ଟାରେ
ସମସ୍ତ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଲୋନ, ପଶୁପାଳନ, ବିଜ୍‌ନେସ୍ ଏବଂ ଘର ଋଣ
ସହଜ କିସ୍ତିରେ ସବୁ ପ୍ରକାର ଋଣ ଉପଲବ୍ଧ
Online ସୁବିଧା, ଥରେ ମାତ୍ର ବିଶ୍ୱାସ କରି ଦେଖନ୍ତୁ
ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741, 8595477915
Email: sarasfinance77@gmail.com

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତ୍ତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

JAGRUTI FINANCE
Jagruti Finance ସମସ୍ତ ପ୍ରକାର Loan ଯୋଗାଇ ଦେଉଛି । ସୁଧ 2%, ବିଶେଷ ରିହାତି ଅଛି । ମାର୍କଶିଟ୍, କୃଷି, ବ୍ୟକ୍ତିଗତ ଗୃହଋଣ, ବ୍ୟବସାୟ ଓ ପଶୁପାଳନ । Online ସୁବିଧା ଅଛି ।
8280202796, 7750826959, 8763049235
T-62, Yamuna puri, Exit Delhi, Gosainpada, Mahulpalli, Sambalpur-768227

DHARITRI Career appointment Every Wednesday and Saturday

ଋଣ ଧମାକା
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଦର୍ଶ ଫାଇନାନ୍ସ
ପୂରା ରାଜ୍ୟରେ ପ୍ରଥମ ଥର ପାଇଁ ପିଏମ୍ ଜନଧନ ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
2% ସୁଧ - 50% ରିହାତିରେ
ଆଧାରକାର୍ଡ | ରାଶନକାର୍ଡ | ପର୍ସନାଲ | ପ୍ରପର୍ଟି | ଏଗ୍ରିକଲ୍ଚର | ବ୍ୟବସାୟ | ଗୃହ ଋଣ | ଟୁ-ହ୍ୱିଲର୍ | ଗ୍ରୁପ୍ ଋଣ | ପଶୁପାଳନ
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
କମ୍ କାଗଜପତ୍ର କାମ
କମ୍ ଖରାପ ସିବିଲଧାରୀଙ୍କୁ ମଧ୍ୟ ଋଣ
8929889612, 7290830466
Shahajahanabad, Bhopal (MP)

ଶ୍ରୀ ସାଇ ଫାଇନାନ୍ସ
—ଖର୍ଚ୍ଚ ଋଣରୁ କଟିବ—
ନ୍ୟାଶନାଲ ଆୱାର୍ଡ ଭାରତର ନଂ.1 କମ୍ପାନୀ
ଦ୍ୱାରା ଶିକ୍ଷା, ପ୍ରପର୍ଟି, ଗ୍ରୁପ୍ ଋଣ, ପର୍ସନାଲ, ଗୃହ ଋଣ, ମୁଦ୍ରା, ଆଧାର କାର୍ଡ, ଇଟାଭାଟି ଋଣ, ସବୁ ବର୍ଗ ପାଇଁ ଘରେ ବସି ପାଆନ୍ତୁ 12 ଘଣ୍ଟାରେ ଋଣ।
2% ସୁଧ | 40%ଛାଡ଼
ମହିଳା ଓ କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ପ୍ରଥମେ ଆସନ୍ତୁ, ପ୍ରଥମେ ପାଆନ୍ତୁ
ସହାୟତା କେନ୍ଦ୍ର: 75992-54565, 89012-71684, 94506-10896

❝ ଏକବର୍ଷ ପରେ ଜାତୀୟ ଚୟନ କମିଟିର ନବନିଯୁକ୍ତ ସଦସ୍ୟଙ୍କ କାର୍ଯ୍ୟକଳାପ ଅନୁଧ୍ୟାନ କରାଯିବ। ସନ୍ତୋଷଜନକ ମନେ ନ ହେଲେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ।

–ମଦନ ଲାଲ, ବିସିସିଆଇ କ୍ରିକେଟ ପରାମର୍ଶଦାତା କମିଟି ସଦସ୍ୟ



❝ ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଟିମ୍ ମ୍ୟାନେଜମେଣ୍ଟ ରିଦ୍ଧିମାନ ଶାହଙ୍କ କ୍ୟାରିୟରକୁ ନେଇ ଖେଳୁଛି ।

–ସନ୍ଦୀପ ପାଟିଲ, ପୂର୍ବତନ ଭାରତୀୟ ଚୟନକର୍ତ୍ତା



## ସଂକ୍ଷେପରେ

### ଅନ୍ତର୍ଜାତୀୟ କ୍ରିକେଟକୁ ଫେରିପାରନ୍ତି ଡି ଭିଲର୍ସ



ଜୋହାନ୍ସବର୍ଗ,୪।୩- ପୂର୍ବତନ ଦକ୍ଷିଣ ଆଫ୍ରିକା ବ୍ୟାଟ୍ସମ୍ୟାନ ଏବି ଡି ଭିଲର୍ସ ଆଗାମୀ ଶ୍ରୀଲଙ୍କା ବିପକ୍ଷ ସିରିଜ୍‌ରେ ଅନ୍ତର୍ଜାତୀୟ କ୍ରିକେଟକୁ ଫେରିପାରନ୍ତି। ଦଳର ମୁଖ୍ୟ କୋଚ୍ ମାର୍କ ବାଉଚର ଜୁନ ୧ ତାରିଖ ସୁଦ୍ଧା ଭେଟେରାନ ବ୍ୟାଟ୍ସମ୍ୟାନଙ୍କୁ ଉପଲବ୍ଧ ହେବା ପାଇଁ କହିଛନ୍ତି। ନିକଟରେ ଶେଷ ହୋଇଥିବା ଅଷ୍ଟ୍ରେଲିଆ ବିପକ୍ଷ ଟି୨୦ ସିରିଜ୍ ପାଇଁ ୩୬ ବର୍ଷୀୟ ବ୍ୟାଟ୍ସମ୍ୟାନ ଦଳରେ ସ୍ଥାନ ପାଇ ନ ଥିଲେ। କିନ୍ତୁ ଡି ଭିଲର୍ସଙ୍କ ସମେତ ଇମ୍ରାନ ତାହିର ଓ କ୍ରିସ ମୋରିସ ଯଦି ଟି୨୦ ବିଶ୍ୱକପ୍‌ରେ ଖେଳିବାକୁ ଚାହୁଁଛନ୍ତି, ତେବେ ସେମାନଙ୍କୁ ଧାର୍ଯ୍ୟ ତାରିଖ ସୁଦ୍ଧା ଫ୍ରି ହେବାକୁ ପଡ଼ିବ। ଆଗକୁ ଆଇପିଏଲ ଭଳି ଇଭେଣ୍ଟ ରହିଛି। ଏଣୁ ସେମାନେ ଏଥିରେ ଖେଳନ୍ତୁ। ଆଇପିଏଲ ପରେ ସେମାନଙ୍କୁ ଅନ୍ତର୍ଜାତୀୟ କ୍ରିକେଟକୁ ଫେରିବାକୁ ପଡ଼ିବ। ଆଇପିଏଲ ପରେ ଓ ବିଶ୍ୱକପ୍ ପୂର୍ବରୁ ଆମ ନିକଟରେ ଆହୁରି ମ୍ୟାଚ୍ ଅଛି। ଜୁନ ୧ ତାରିଖରୁ ଶ୍ରୀଲଙ୍କା ଗସ୍ତ କରିବାର ଅଛି। ଆମେ ସେମାନଙ୍କୁ ଚୟନ କରିବୁ କି ନାହିଁ ତାହା ଭିନ୍ନ କଥା। ହେଲେ ସେମାନଙ୍କୁ ପ୍ରଥମେ ଫ୍ରି ହେବାକୁ ପଡ଼ିବ ବୋଲି କୋଚ୍ ବାଉଚର କହିଛନ୍ତି। ଉଲ୍ଲେଖଯୋଗ୍ୟ, ୨୦୧୮ ମେ ୨୩ ତାରିଖରେ ଅବସର ଘୋଷଣା କରିଥିବା ଡି ଭିଲର୍ସ ଗତବର୍ଷ ଟି୨୦ ବିଶ୍ୱକପ୍ ଖେଳିବା ପାଇଁ ଇଚ୍ଛା ପ୍ରକଟ କରିଥିଲେ।

### ମଙ୍ଗୋଲିଆ ପକ୍ଷରୁ ଖେଳିବେ ଜୁଡୋକା ମୋଲାଇ

ଲାଉସାନେ, ୪।୩(ଏଏଫ୍‌ପି)- ଇରାନରେ ଜନ୍ମିତ ପୂର୍ବତନ ବିଶ୍ୱ ଚାମ୍ପିୟନ ଜୁଡୋକା ସଇଦ ମୋଲାଇ ଏବେଠାରୁ ମଙ୍ଗୋଲିଆ ପାଇଁ ପ୍ରତିନିଧିତ୍ୱ କରିପାରିବେ। ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି ଏହା ବୁଧବାର ସ୍ପଷ୍ଟ କରିଛି। ୨୦୧୮ ବିଶ୍ୱ ଚାମ୍ପିୟନ ମୋଲାଇ ରାଜନୈତିକ ଚାପ ଆଗରେ ମୁଣ୍ଡ ନୁଆଁଇଥିଲେ। ଯାହାଫଳରେ ଇସ୍ରାଏଲର ସାଗି ମୁକି(୮୧ କେଜି ବର୍ଗ) ୨୦୧୯ ବିଶ୍ୱ ଚାମ୍ପିୟନଶିପ୍‌ରେ ତୃତୀୟ ସ୍ଥାନ ହାସଲ କରିଥିଲେ। ଇସ୍ରାଏଲ ଖେଳାଳିଙ୍କ ସହ କୌଣସି ଇଭେଣ୍ଟରେ ନ ଖେଳିବାକୁ ତାଙ୍କୁ ଇରାନ ବାଧ କରିଥିଲା। ଗତ ଅକ୍ଟୋବରରେ ଅନ୍ତର୍ଜାତୀୟ ଜୁଡୋ ଫେଡେରେଶନ ଇରାନକୁ ଅନ୍ତର୍ଜାତୀୟ ପ୍ରତିଯୋଗିତାରୁ ବାସନ୍ଦ କରିଥିଲା। ଆଇଓଏର ଘୋଷଣା ଯୋଗୁ ଜର୍ମାନୀରେ ରହୁଥିବା ମୋଲାଇ ୨୦୨୦ ଅଲିମ୍ପିକ୍ ଗେମ୍ସ ଯୋଗ୍ୟତା ହାସଲ କରିପାରିବେ।

# ପ୍ରତିଶୋଧ ଲକ୍ଷ୍ୟରେ ଭାରତ

**ସିଡନୀ, ୪।୩(ପି.ଟି.)**

ଅଷ୍ଟ୍ରେଲିଆରେ ଚାଲିଥିବା ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ମହିଳା ଟି୨୦ ବିଶ୍ୱକପ୍ ଏବେ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ଗୁରୁବାର ଟାଇଟଲ ଫେଭରାଇଟ୍ ଭାରତ ଓ ଇଂଲଣ୍ଡ ସିଡନୀ କ୍ରିକେଟ ଗ୍ରାଉଣ୍ଡରେ ପ୍ରଥମ ସେମିଫାଇନାଲରେ ମୁହାଁମୁହିଁ ହେବେ। ସେହିପରି ଏହି ଦିନ ଦ୍ୱିତୀୟ ସେମିଫାଇନାଲରେ ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ପରସ୍ପରକୁ ଭେଟିବେ। ଉପ-ମହାଦେଶର ଏକମାତ୍ର ଦଳ ଭାବେ ଭାରତ ସେମିକୁ ଉଠିଛି।

ବିଶ୍ୱକପ୍‌ରେ ଭାରତ ଏପର୍ଯ୍ୟନ୍ତ ସବୁଠାରୁ ଉନ୍ନତ ପ୍ରଦର୍ଶନ କରି ଲିଗ୍ ପର୍ଯ୍ୟାୟରେ ସବୁ ମ୍ୟାଚ୍ ଜିତିଛି। ସେମିରେ ବିଜୟୀ ହେଲେ ଭାରତ ପ୍ରଥମଥର ପାଇଁ ବିଶ୍ୱକପ୍ ଇତିହାସରେ ଫାଇନାଲ ଖେଳିବାକୁ ଯୋଗ୍ୟତା ହାସଲ କରିବ। ଏହାପୂର୍ବରୁ ଖେଳାଯାଇଥିବା ବିଶ୍ୱକପ୍‌ର ୬ଟି ସଂସ୍କରଣରେ ଭାରତ କେବେବି ଫାଇନାଲରେ ପ୍ରବେଶ କରି ନ ଥିଲା। ତେବେ ଏଥର ଦମ୍‌ଦାର ପ୍ରଦର୍ଶନ କରି ଭାରତ ଦୃଢ଼ ଦାବିଦାର ଭାବେ ଉଭା ହୋଇଛି। ପ୍ରଥମ ମ୍ୟାଚ୍‌ରେ ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆକୁ ଭାରତ ବିଜୟରୁ ଅଭିଯାନ ଆରମ୍ଭ କରିଥିଲା। ଭାରତ ଏହାପରେ ବାଂଲାଦେଶ, ନ୍ୟୁଜିଲାଣ୍ଡ ଓ ଶ୍ରୀଲଙ୍କାକୁ ପରାସ୍ତ କରିଥିଲା। ୪ଟି ମ୍ୟାଚ୍ ଖେଳି ୮ ପଏଣ୍ଟ ହାସଲ କରିବା ସହ ଗ୍ରୁପ୍- ଏ'ରେ ଶୀର୍ଷରେ ରହି ଭାରତ ସେମିକୁ ଉଠିଥିଲା।

ଭାରତ ଜବରଦସ୍ତ ଫର୍ମରେ ରହିଥିଲେ ମଧ୍ୟ ରେକର୍ଡ ଓ ଇତିହାସ ଇଂଲଣ୍ଡକୁ ସୁହାଉଛି। ବିଶ୍ୱକପ୍‌ରେ ଭାରତ ଓ ଇଂଲଣ୍ଡ ପରସ୍ପରକୁ ୫ଥର ଭେଟିଛନ୍ତି। ଏଥିରେ ଇଂଲଣ୍ଡ ସବୁଥିରେ ବିଜୟୀ ହୋଇଛି। ଶେଷଥର ପାଇଁ ଦୁଇ ଦଳ ୱେଷ୍ଟଇଣ୍ଡିଜରେ ଅନୁଷ୍ଠିତ ଗତ ଟି୨୦ ବିଶ୍ୱକପ୍ ସେମିଫାଇନାଲରେ ମୁହାଁମୁହିଁ ହୋଇଥିଲେ। ଏଥିରେ ଇଂଲଣ୍ଡ ୮ ଉଇକେଟରେ ବିଜୟୀ ହୋଇଥିଲା। ଏହାପୂର୍ବରୁ ଭାରତ ୨୦୦୯, ୨୦୧୨, ୨୦୧୪ ଓ ୨୦୧୬ ବିଶ୍ୱକପ୍‌ରେ ଗ୍ରୁପ ପର୍ଯ୍ୟାୟରେ ଇଂଲଣ୍ଡଠାରୁ ହାରିଥିଲା। ଏବେ କିନ୍ତୁ ଏକ ଭିନ୍ନ ପ୍ରକାର ଭାରତୀୟ ଦଳକୁ ଇଂଲଣ୍ଡ ଭେଟିବାକୁ ଯାଉଛି। ଗତ ବିଶ୍ୱକପ୍ ସେମିଫାଇନାଲ ପରାଜୟ ପରେ ଆମେ ଏକ ୟୁନିଟ୍ ଭାବେ ଖେଳିବାକୁ ନିଷ୍ପତ୍ତି ନେଇଥିଲୁ ବୋଲି ଭାରତୀୟ ଅଧିନାୟିକା ହରମନପ୍ରୀତ କୌର କହିଛନ୍ତି। ଆମେ ମଧ୍ୟ ସଂଘବଦ୍ଧ ଭାବେ ଖେଳିବାରେ ସଫଳ ହୋଇଛୁ। ଜଣେ କିମ୍ବା ଦୁଇଜଣ ଖେଳାଳିଙ୍କ ଉପରେ ଦଳ ନିର୍ଭରଶୀଳ ହୋଇ ରହିନାହିଁ। ଏବେକାର ୭ ଖେଳାଳି ୨୦୧୮ ସେମିଫାଇନାଲ ଖେଳିଥିଲେ। ଏଥର ଏହି ଖେଳାଳିମାନେ ମ୍ୟାଚ୍‌ରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବେ ବୋଲି ହରମନପ୍ରୀତ କୌର କହିଛନ୍ତି।

ଏହାପୂର୍ବରୁ ଅଷ୍ଟ୍ରେଲିଆରେ ଖେଳାଯାଇଥିବା ତ୍ରିରାଷ୍ଟ୍ରୀୟ ସିରିଜରେ ଭାରତ ଇଂଲଣ୍ଡକୁ ପରାସ୍ତ କରିଥିଲା। ଏହି ବିଜୟରୁ ଭାରତ ଏବେ ପ୍ରେରଣା ନେଇପାରିବ। ଫର୍ମ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଭାରତୀୟ ଖେଳାଳିମାନେ ବେଶ୍ ଆଗରେ ରହିଛନ୍ତି। ଟିଏଜ୍ ସେନସେସନ ଶେଫାଳି ବର୍ମା ଟୁର୍ନାମେଣ୍ଟରେ ୪ଟି ଇନିଂସରୁ ୧୬୧ ରନ ସଂଗ୍ରହ କରିଛନ୍ତି। ଏଥିସହିତ ସେ ଟି୨୦ ର୍‍ୟାଙ୍କିଙ୍ଗ୍‌ର ଶୀର୍ଷ ସ୍ଥାନକୁ ମଧ୍ୟ ଉଠିଛନ୍ତି। ୧୬ ବର୍ଷୀୟା ଶେଫାଳି ୪୦.୨୫ ରନ ହାରରେ ସର୍ବାଧିକ ରନ୍ ସଂଗ୍ରହ ତାଲିକାରେ ତୃତୀୟ ସ୍ଥାନରେ ରହିଛନ୍ତି। ଇଂଲଣ୍ଡର ନାଟାଲି ସ୍କିଭର ୨୦୨ ଓ ହିଦର ନାଇଟ୍ ୧୯୩ ରନ ସଂଗ୍ରହ କରି ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ରହିଛନ୍ତି।

ଫାଷ୍ଟ ଡାଉନ୍‌ରେ ବ୍ୟାଟିଂ କରିବାକୁ ଆସୁଥିବା ଜେମିମା ରୋଡ୍ରିଗୁଏଜ ମଧ୍ୟ ଭଲ ଫର୍ମରେ ରହିଛନ୍ତି। ବଡ଼ ସ୍କୋର ହାସଲ କରି ନ ଥିଲେ ମଧ୍ୟ ସେ ଉପଯୋଗୀ ବ୍ୟାଟିଂ କରି ବ୍ୟକ୍ତିଗତ ସର୍ବାଧିକ ୩୪ ରନ ସଂଗ୍ରହ କରିଛନ୍ତି। ମିଡଲ ଅର୍ଡରରେ ବେଦା କ୍ରିଷ୍ଣମୂର୍ତ୍ତି, ଶିଖା ପାଣ୍ଡେ ଓ ରାଧା ଯାଦବ ମଧ୍ୟ ନିଜର ଉପସ୍ଥିତି ଜାହିର କରିଛନ୍ତି। ତେବେ ସବୁଠାରୁ ଅଭିଜ୍ଞ ଖେଳାଳି ଅଧିନାୟିକା ହରମନପ୍ରୀତ ଓ ଓପନର ସ୍ମୃତି ମାନ୍ଧନା ଆଶାନୁରୂପ ପ୍ରଦର୍ଶନ କରିପାରି ନାହାନ୍ତି। ସେମିରେ ଏହି ଦୁଇ ଖେଳାଳି ଦୃଢ଼ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଆଶା କରାଯାଉଛି। ବୋଲିଂରେ ଲେଗ୍ ସ୍ପିନର ପୁନମ ଯାଦବ ୪ଟି ମ୍ୟାଚ୍‌ରୁ ୯ ଉଇକେଟ ହାସଲ କରି ତାଲିକାର ଶୀର୍ଷରେ ରହିଛନ୍ତି। ଶିଖା ପାଣ୍ଡେ ୪ଟି ମ୍ୟାଚ୍‌ରୁ ୭ ଉଇକେଟ ଅକ୍ତିଆର କରି ପୁନମ୍‌ଙ୍କୁ ଆବଶ୍ୟକୀୟ ସହାୟତା ପ୍ରଦାନ କରିଛନ୍ତି।

ଅପରପକ୍ଷରେ ଗ୍ରୁପ୍ ବି'ରେ ଇଂଲଣ୍ଡ ୩ଟି ବିଜୟ ଓ ଗୋଟିଏ ପରାଜୟ ସହ ଦ୍ୱିତୀୟ ସ୍ଥାନରେ ରହି ସେମିକୁ ଉଠିଛି। ବ୍ୟାଟିଂ ହେଉଛି ଇଂଲଣ୍ଡର ବଳ। ନାଟାଲି ୬୭.୩୩ ରନ ହାରରେ ୨୦୨ ରନ ସଂଗ୍ରହ କରିଛନ୍ତି। ଏଥିରେ ୩ଟି ଅର୍ଦ୍ଧଶତକ ସାମିଲ ରହିଛି। ଭାରତୀୟ ବୋଲର ନାଟାଲିଙ୍କୁ ରୋକିବା ଜରୁରୀ ହୋଇପଡିଛି। ବୋଲିଂ ବିଭାଗରେ ଇଂଲଣ୍ଡ ଦଳରେ କେତେକ କ୍ୱାଲିଟି ବୋଲର ରହିଛନ୍ତି। ବାମହାତୀ ସ୍ପିନର ସାଫି ଏକଲେଷ୍ଟୋନ ୮ ଓ ଦ୍ରୁତ ବୋଲର ଅନ୍ୟା ଶ୍ରୁବୋସଲେ ୭ ଉଇକେଟ ନେଇ ବୋଲିଂ ତାଲିକରେ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି।

**ଭାରତୀୟ ଦଳ:** ହରମନପ୍ରୀତ କୌର (ଅଧିନାୟିକା), ଜେମିମା ରୋଡ୍ରିଗୁଏଜ, ଶେଫାଳି ବର୍ମା, ସ୍ମୃତି ମାନ୍ଧନା, ଶିଖା ପାଣ୍ଡେ, ପୁନମ ଯାଦବ, ଦୀପ୍ତି ଶର୍ମା, ବେଦା କ୍ରିଷ୍ଣମୂର୍ତ୍ତି, ତାନିୟା ଭାଟିଆ (ଉଇକେଟକିପର), ରାଧା ଯାଦବ, ଅରୁନ୍ଧତି ରେଡ୍ଡୀ, ହରଲୀନ ଦେଓଲ, ରାଜେଶ୍ୱରୀ ଗାଏକ୍ୱାଡ. ରିଚା ଘୋଷ ଓ ପୂଜା ପସ୍ତ୍ରକାର।

**ଇଂଲଣ୍ଡ ଦଳ:** ହିଦର ନାଇଟ୍ (ଅଧିନାୟିକା), ଟାମି ବିଉମାଉଣ୍ଟ, କାଥେରାଇନ ବ୍ରଣ୍ଟ, କେଟ କ୍ରସ୍, ଫ୍ରେୟା ଡେଭିସ୍, ସୋଫି ଇକ୍କ୍ଲେଷ୍ଟୋନ, ଜର୍ଜିଆ ଏଲୱିସ୍, ସାରା ଗ୍ଲେନ, ଏମି ଜୋନ୍ସ, ନାଟାଲି ସ୍କିଭର, ଅନ୍ୟ ଶ୍ରୁବୋସ୍‌ଲେ, ମାଡି ଭିଲ୍ଲିଏର୍ସ, ଫ୍ରାନ୍ ୱିଲସନ, ଲଉରେନ ୱିନ୍‌ଫିଲ୍ଡ ଓ ଡାନି ୱାଟ୍।



ହିଦର ନାଇଟ୍





ହରମନପ୍ରୀତ କୌର

**ଆଇସିସି ମହିଳା ଟି୨୦ ବିଶ୍ୱକପ୍**
- ମ୍ୟାଚ୍ ଆରମ୍ଭ: ସକାଳ ୯.୩୦
- ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ

## ରିଜର୍ଭ ଡେ'କୁ ଆଇସିସିର ପ୍ରତ୍ୟାଖ୍ୟାନ

ଚଳିତ ମହିଳା ଟି୨୦ ବିଶ୍ୱକପ୍‌ରେ ଗୁରୁବାର ଆୟୋଜନ ହେବାକୁ ଥିବା ଦୁଇଟି ଯାକ ସେମିଫାଇନାଲ ପାଇଁ ରିଜର୍ଭ ଡେ ରଖିବାକୁ କ୍ରିକେଟ ଅଷ୍ଟ୍ରେଲିଆ (ସିଏ) ଅନୁରୋଧ କରିଛି। ତେବେ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଏହାକୁ ପ୍ରତ୍ୟାଖ୍ୟାନ କରିଛି। ଗୁରୁବାର ଅପରାହ୍ନରେ ବର୍ଷା ହେବାର ସମ୍ଭାବନା ରହିଥିବାରୁ ବିଶ୍ୱକପ୍ ଆୟୋଜକ କ୍ରିକେଟ ଅଷ୍ଟ୍ରେଲିଆ ଦୁଇଟି ସେମିଫାଇନାଲ ମ୍ୟାଚ ପାଇଁ ରିଜର୍ଭ ଡେ ରଖିବାକୁ ଅନୁରୋଧ କରିଥିଲା। ଆଇସିସି ଏହାକୁ ପ୍ରତ୍ୟାଖ୍ୟାନ କରିଛି ବୋଲି ସିଏ ମୁଖ୍ୟ କେଭିନ ରବର୍ଟ୍ସ କହିଛନ୍ତି। ବର୍ଷା ପାଇଁ ଡ୍ରେନେଜ ବ୍ୟବସ୍ଥା ରହିଛି। ବିଶେଷ ପରିସ୍ଥିତିରେ ଆଇସିସି ନିୟମ ଅନୁସାରେ ଅତିକମ୍‌ରେ ୨୦ ଓଭର ଖେଳାଯିବ। ଏ କ୍ଷେତ୍ରରେ ଦୁଇ ଦଳ ୧୦ ଓଭର ଲେଖାଏ ଖେଳିବେ।

ଯଦି ବର୍ଷା ଯୋଗୁ ଦୁଇଟି ଫାଇନାଲ ବାତିଲ ହୁଏ, ତେବେ ଗ୍ରୁପ୍ ବିଜେତା ଭାବେ ଭାରତ ଓ ଦକ୍ଷିଣ ଆଫ୍ରିକା ଫାଇନାଲରେ ପ୍ରବେଶ କରିବେ। ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ ରବିବାର ଫାଇନାଲ ମ୍ୟାଚ୍ ଖେଳାଯିବ। ଗତ ମଙ୍ଗଳବାର ଗ୍ରୁପ୍ ବି'ର ଅନ୍ତିମ ମ୍ୟାଚ୍ ବର୍ଷା ଯୋଗୁ ଗୋଟିଏ ହେଲେ ବି ବଲ୍ ବୋଲିଂ କରାଯାଇ ନ ଥିଲା ଓ ମ୍ୟାଚ୍ ବାତିଲ ହୋଇଥିଲା।

# ଶେଫାଳିଙ୍କୁ ଶୀର୍ଷ ମାନ୍ୟତା

**ସିଡ୍‌ନୀ,୪।୩(ପି.ଟି.)**

**ଆଇସିସି ମହିଳା ଟି୨୦ ର୍‍ୟାଙ୍କିଙ୍ଗ**



ଭାରତୀୟ ମହିଳା ବ୍ୟାଟିଂ ସେନସେସନ ଶେଫାଳି ବର୍ମା ବୁଧବାର ଆଇସିସି ମହିଳା ଟି୨୦ ଅନ୍ତର୍ଜାତୀୟ ବ୍ୟାଟ୍ସଓମେନଙ୍କ ର୍‍ୟାଙ୍କିଙ୍ଗ୍ ଶୀର୍ଷକୁ ଉଠିଛନ୍ତି। ଚଳିତ ବିଶ୍ୱକପ୍‌ରେ ଚମତ୍କାର ପ୍ରଦର୍ଶନ ଯୋଗୁ ୧୬ ବର୍ଷୀୟା ଶେଫାଳିଙ୍କ ର୍‍ୟାଙ୍କିଙ୍ଗ୍‌ରେ ଉଲ୍ଲେଖନୀୟ ଉନ୍ନତି ଆସିଛି। ନ୍ୟୁଜିଲାଣ୍ଡର ସୁଜି ବାଟେଙ୍କୁ ହଟାଇ ଶେଫାଳି ଶୀର୍ଷସ୍ଥାନ ଅଧିକାର କରିଛନ୍ତି। ବାଟେ ଗତ ଅକ୍ଟୋବରଠାରୁ ଶୀର୍ଷରେ ଥିଲେ। ତାଙ୍କ ପୂର୍ବରୁ ଶୀର୍ଷସ୍ଥାନରେ ଥିଲେ ୱେଷ୍ଟଇଣ୍ଡିଜ ଅଧିନାୟିକା ଷ୍ଟେଫାନି ଟେଲର। ଆଇସିସି ଟି୨୦ ର୍‍ୟାଙ୍କିଙ୍ଗ୍‌ରେ ଶୀର୍ଷ ସ୍ଥାନ ହାତେଇବାରେ ଶେଫାଳି ଦେଶର ଦ୍ୱିତୀୟ ବ୍ୟାଟ୍ସଓମେନ। ତାଙ୍କ ପୂର୍ବରୁ ମିଥାଲି ରାଜ ଏହି ସଫଳତା ପାଇଥିଲେ। ଭାରତୀୟ ଓପ୍‌ନର ସ୍ମୃତି ମନ୍ଧାନା ୨ଟି ପାହାଚ ତଳକୁ ଖସି ୬ଷ୍ଠ ସ୍ଥାନରେ ରହିଛନ୍ତି। ଶେଫାଳି ଓ ଇଂଲଣ୍ଡ ସ୍ପିନର ସୋଫି ଇକଲେଷ୍ଟୋନ ଶୀର୍ଷ ର୍‍ୟାଙ୍କ୍‌ଧାରୀ ବ୍ୟାଟ୍ସଓମ୍ୟାନ ଓ ବୋଲର ଭାବେ ବିଶ୍ୱକପ୍ ସେମିଫାଇନାଲରେ ଖେଳିବେ। ଭାରତ ଗୁରୁବାର ଇଂଲଣ୍ଡକୁ ଭେଟିବ। ବର୍ମା ୪ ଇନିଂସରେ ସର୍ବାଧିକ ୧୬୧ ରନ୍ କରିଛନ୍ତି। ସେ ଶ୍ରୀଲଙ୍କା ବିପକ୍ଷରେ ୪୭ ଓ ନ୍ୟୁଜିଲାଣ୍ଡ ବିପକ୍ଷରେ ୪୬ ରନ୍ କରିଥିଲେ। ଇକଲେଷ୍ଟୋନଙ୍କ ନେତୃତ୍ୱାଧୀନ ଟପ୍ ବୋଲରଙ୍କ ତାଲିକାରେ ପୁନମ ଯାଦବ ୪ ସ୍ଥାନ ଉପରକୁ ଉଠି ୮ମ ସ୍ଥାନ ହାସଲ କରିଛନ୍ତି। ଟପ୍ ୧୦ ଅଲରାଉଣ୍ଡରଙ୍କ ତାଲିକାରେ ପ୍ରଥମଥର ପାଇଁ ସ୍ଥାନ ପାଇଛନ୍ତି ଦୀପ୍ତି ଶର୍ମା। ସେ ୭ମ ସ୍ଥାନରେ ରହିଛନ୍ତି। ବ୍ୟାଟ୍ସଓମେନଙ୍କ ତାଲିକାରେ ତାଙ୍କ ର୍‍ୟାଙ୍କିଙ୍ଗ୍ ୫୩। ଦଳଗତ ର୍‍ୟାଙ୍କିଙ୍ଗ୍‌ରେ ଅଷ୍ଟ୍ରେଲିଆ ସର୍ବାଧିକ ୨୯୦ ପଏଣ୍ଟ ସହ ଶୀର୍ଷରେ ରହିଛି। ଟପ୍ ୫ରେ ଇଂଲଣ୍ଡ (୨୭୮ ପଏଣ୍ଟ), ନ୍ୟୁଜିଲାଣ୍ଡ (୨୭୧), ଭାରତ (୨୬୬) ଓ ଦକ୍ଷିଣ ଆଫ୍ରିକା (୨୪୭) ରହିଛନ୍ତି।

## ପ୍ରଥମ ଟି୨୦ ଜିତିଲା ୱେଷ୍ଟଇଣ୍ଡିଜ

**ପାଲିକେଲ,୪।୩**

ଶ୍ରୀଲଙ୍କା ବିପକ୍ଷ ପ୍ରଥମ ଟି୨୦ ମ୍ୟାଚ୍‌ରେ ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ୨୫ ରନରେ ବିଜୟୀ ହୋଇଛି। ସ୍ଥାନୀୟ ପାଲିକେଲ ଅନ୍ତର୍ଜାତୀୟ ଷ୍ଟାଡିୟମରେ ବୁଧବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ୍ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୪ ଉଇକେଟ ହରାଇ ୧୯୬ ରନ ସଂଗ୍ରହ କରିଥିଲା। ଓପନର ଲିଣ୍ଡେଲ ସିମନ୍ସ ୫୧ ବଲରୁ ୭ ଚୌକା, ୨ ଛକା ସହ ଅପରାଜିତ ୬୭ ରନ ସଂଗ୍ରହ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ କିରନ ପୋଲାର୍ଡ ୩୪ (୧୫ ବଲ, ୩ ଚୌକା, ୨ ଛକା), ଆନ୍ଦ୍ରେ ରସେଲ ୩୫ (୧୪ ବଲ, ୨ ଚୌକା, ୪ ଛକା), ବ୍ରେଣ୍ଡନ କିଙ୍ଗ୍ ୩୩ ରନକରି ଆଉଟ ହୋଇଥିଲେ। ୧୯୭ ରନ ଟାର୍ଗେଟର ପିଛା କରି ଶ୍ରୀଲଙ୍କା ୧୯.୧ ଓଭରରେ ୧୭୧ ରନକରି ଅଲଆଉଟ ହୋଇଥିଲା। କୁଶଲ ପେରେରା ୬୬, ହାସରଙ୍ଗା ୪୪ ରନ କରି ଆଉଟ ହୋଇଥିଲେ। ୱେଷ୍ଟଇଣ୍ଡିଜ ତରଫରୁ ଓସେନ ଥୋମାସ ସର୍ବାଧିକ ୫ ଉଇକେଟ ଅକ୍ତିଆର କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

**ସଂକ୍ଷିପ୍ତ ସ୍କୋର:** ୱେଷ୍ଟଇଣ୍ଡିଜ୍ ୨୦ ଓଭରରେ ୧୯୬/୪ (ସିମନ୍ସ- ୬୭, ରସେଲ- ୩୫, ପୋଲାର୍ଡ- ୩୪, କିଙ୍ଗ୍- ୩୩, ହାସରଙ୍ଗା- ୧/୩୩)।

ଶ୍ରୀଲଙ୍କା ୧୯.୧ ଓଭରରେ ୧୭୧ ଅଲଆଉଟ (ପେରେରା- ୬୬, ହାସରଙ୍ଗା- ୪୪, ଥୋମାସ- ୫/ ୨୮, ରୋଭମାନ ପାୱେଲ- ୨/୩୧)।

## ଦକ୍ଷିଣ ଆଫ୍ରିକା ସିରିଜ ବିଜୟୀ

**ବ୍ଲୋଏମ୍‌ଫୋଣ୍ଟେନ, ୪।୩**

**ମଲନଙ୍କ ଶତକରେ ଅଷ୍ଟ୍ରେଲିଆ ପରାସ୍ତ**




ଜାନେମନ ମଲନଙ୍କ ଅପରାଜିତ ଶତକ ସହାୟତାରେ ଦକ୍ଷିଣ ଆଫ୍ରିକା ବୁଧବାର ଅନୁଷ୍ଠିତ ଦ୍ୱିତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ଅଷ୍ଟ୍ରେଲିଆକୁ ୬ ଉଇକେଟରେ ପରାସ୍ତ କରିଛି। ଅଷ୍ଟ୍ରେଲିଆ ୫୦ ଓଭରରେ ୨୭୧ ରନ କରିଥିବାବେଳେ ଦକ୍ଷିଣ ଆଫ୍ରିକା ୪୮.୩ ଓଭରରେ ୪ ଉଇକେଟ ହରାଇ ୨୭୪ ରନ ସଂଗ୍ରହ କରି ନେଇଛି। ୧୩୯ ବଲ୍‌ରୁ ୭ ଚୌକା ଓ ୪ ଛକା ସହାୟତାରେ ୧୨୯ ରନରେ ଅପରାଜିତ ରହି ଦକ୍ଷିଣ ଆଫ୍ରିକା ବିଜୟରେ ହିରୋ ସାବ୍ୟସ୍ତ ହୋଇଛନ୍ତି ମଲନ। ପଦାର୍ପଣ ମ୍ୟାଚରେ ଡକ୍(୦)ରେ ଆଉଟ ହୋଇଥିବା ମଲନ ଦ୍ୱିତୀୟ ମ୍ୟାଚରେ ମ୍ୟାଚ ବିଜୟୀ ଶତକୀୟ ଇନିଂସ ଖେଳି ନିଜ ଦକ୍ଷତାର ପରିଚୟ ଦେଇଛନ୍ତି। ଦକ୍ଷିଣ ଆଫ୍ରିକା ୨-୦ରେ ଅଗ୍ରଣୀ ରହିବା ସହ ୩ ମ୍ୟାଚ ବିଶିଷ୍ଟ ସିରିଜକୁ ଆଗୁଆ ଜିତିନେଇଛି।

ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିବା ଅଷ୍ଟ୍ରେଲିଆ ଅଧିନାୟକ ଆରନ ଫିଞ୍ଚଙ୍କ ୬୯ ଓ ଡି' ଆର୍ସି ଶର୍ଟଙ୍କ ୬୯ ରନ ବଳରେ ୨୭୧ ରନ କରିଥିଲା। ଦକ୍ଷିଣ ଆଫ୍ରିକା ପକ୍ଷରୁ ଲୁନ୍‌ଗି ଏନ୍‌ଗିଡି ୫୮ ରନ ବିନିମୟରେ ୬ ଉଇକେଟ ସଫଳତା ପାଇଥିଲେ। ଏନରିଚ୍ ନର୍ଜେଙ୍କୁ ୨ଟି ଉଇକେଟ ମିଳିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ମଲନଙ୍କ କ୍ୟାରିୟରର ପ୍ରଥମ ଅନ୍ତର୍ଜାତୀୟ ଶତକ ସହାୟତାରେ ଆହୁରି ୯ଟି ବଲ୍ ବାକିଥାଇ ବିଜୟ ଲକ୍ଷ୍ୟରେ ପହଞ୍ଚି ଯାଇଥିଲା। ହେନରିଚ୍ କ୍ଲାସେନ ୫୧, ଜେ. ସ୍ମୁଟ୍ସ ୪୧ ଓ ଡେଭିଡ ମିଲର ୩୭ ରନରେ ଅପରାଜିତ ରହି ମଲନଙ୍କୁ ଉପଯୁକ୍ତ ସହାୟତା କରିଥିଲେ। ଅଷ୍ଟ୍ରେଲିଆର ଆଡାମ ଜାମ୍ପା ସର୍ବାଧିକ ୨ଟି ଉଇକେଟ ପାଇଥିଲେ। ଏନ୍‌ଗିଡି ଓ ମଲନଙ୍କୁ ଯୁଗ୍ମଭାବେ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଛି।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ୫୦ ଓଭରରେ ୨୭୧/ଅଲଆଉଟ(ଫିଞ୍ଚ-୬୯, ଶର୍ଟ-୬୯, ମିଚେଲ ମାର୍ଶ-୩୬, ଡେଭିଡ ୱାର୍ନର-୩୫, ଏନଗିଡି-୬/୫୮, ନର୍ଜେ-୨/୫୯)। ଦକ୍ଷିଣ ଆଫ୍ରିକା ୪୮.୩ ଓଭରରେ ୨୭୪/୪(ମଲନ-୧୨୯*, କ୍ଲାସେନ-୫୧, ସ୍ମୁଟ୍ସ-୪୧, ମିଲର-୩୭*, ଜାମ୍ପା-୨/୪୮)।

# ଆଶାମଣୀଙ୍କୁ ସ୍ୱର୍ଣ୍ଣ, ରାମଚନ୍ଦ୍ର ରୌପ୍ୟ

**ଭୁବନେଶ୍ୱର, ୪।୩(କ୍ରୀଡ଼ା ପ୍ରତିନିଧି)**

**ସର୍ବଭାରତୀୟ ବନ ବିଭାଗ କ୍ରୀଡ଼ା**

ଏଠାରେ ଚାଲିଥିବା ୨୫ତମ ସର୍ବଭାରତୀୟ ବନ ବିଭାଗ କ୍ରୀଡ଼ାର ବୁଧବାର ଦ୍ୱିତୀୟ ଦିବସରେ ଓଡ଼ିଶା ୧ ସ୍ୱର୍ଣ୍ଣ ସହ ୪ଟି ପଦକ ହାସଲ କରିଛି। ସିନିୟର ବର୍ଗ ୪୦୦ ମିଟର ରେସ୍‌ରେ ଆଶାମଣୀ ସାହୁ ସ୍ୱର୍ଣ୍ଣ ପଦକଲାଭ କରିଛନ୍ତି। ରାମଚନ୍ଦ୍ର କାଣ୍ଡି ଡିସ୍କସ୍ ଥ୍ରୋରେ ରୌପ୍ୟ ପଦକ ପାଇଥିବାବେଳେ ଆରାଧନା ଭୋଇ ଲଙ୍ଗଜମ୍ପ ଏବଂ ସୁରେଶ ପନ୍ତ ସିନିୟର ବର୍ଗ ୫୦୦୦ ମିଟର ରେସ୍‌ରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ପଦକ ତାଲିକାରେ ଓଡ଼ିଶା ୫ମ ସ୍ଥାନରେ ରହିଛି। ଛତିଶଗଡ଼ ୮ ସ୍ୱର୍ଣ୍ଣ, ୮ ରୌପ୍ୟ ଓ ୩ ବ୍ରୋଞ୍ଜ ସହ ମୋଟ ୧୯ଟି ପଦକ ହାସଲ କରି ତାଲିକାର ଶୀର୍ଷସ୍ଥାନ ଅଧିକାର କରିଛି। କର୍ଣାଟକ ୧୮ (୮+୫+୫) ଓ କେରଳ ୧୨(୩+୩+୬) ପଦକ ପାଇ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛି। ପଏଣ୍ଟ ଟେବୁଲରେ ଓଡ଼ିଶା ଉପରକୁ ଥିବା ଅନ୍ୟ ଦଳ ହେଲା ତାମିଲନାଡୁ (୨+୨+୨=୬)। ଗୋଟିଏ ଲେଖାଏ ସ୍ୱର୍ଣ୍ଣ ପଦକ ପାଇଥିବା ଅନ୍ୟ ଦଳଗୁଡ଼ିକ ହେଲେ ହରିୟାଣା, ମଣିପୁର, ପଞ୍ଜାବ, ମଧ୍ୟପ୍ରଦେଶ ଓ ତ୍ରିପୁରା। ପ୍ରତିଯୋଗିତା ୭ ତାରିଖରେ ଉଦ୍‌ଯାପିତ ହେବ।







ସର୍ବଭାରତୀୟ ବନ ବିଭାଗ କ୍ରୀଡ଼ାର କଳିଙ୍ଗ ଷ୍ଟାଡିୟମରେ ବୁଧବାର ଅନୁଷ୍ଠିତ ଶୁଟିଂ ଓ ମହିଳା ହାଇଜମ୍ପ ଅବସରରେ ପ୍ରତିଯୋଗୀମାନେ। ପୁରୁଷ ୫୦୦୦ ମିଟର ରେସ୍‌ର କୃତୀ ପ୍ରତିଯୋଗୀଙ୍କୁ ପଦକ ପ୍ରଦାନ କରାଯାଉଛି।

## ସଂକ୍ଷେପରେ

### ମା'ଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି: ରୋନାଲ୍ଡୋ

ଜୁଭେଣ୍ଟସ,୪ା୩- ବିଶ୍ୱର ଲୋକପ୍ରିୟ ଫୁଟ୍‌ବଲ ଷ୍ଟାର କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କ ମା'ଙ୍କ ସ୍ୱାସ୍ଥ୍ୟାବସ୍ଥା ଏବେ ସ୍ଥିର ରହିଛି। ତାଙ୍କୁ ମେଡିକାଲରେ ରଖାଯାଇଛି ବୋଲି ପାଞ୍ଚଥର ବାଲୋନ ଡି'ଅର ପୁରସ୍କାରପ୍ରାପ୍ତ ରୋନାଲ୍ଡୋ ଟୁଇଟ୍ କରିଛନ୍ତି। ସେ ହୃଦ୍‌ଘାତର ଶିକାର ହୋଇଥିଲେ। ଏହାପରେ ମେଡିକାଲରେ ତାଙ୍କର ଅସ୍ତ୍ରୋପଚାର କରାଯାଇଛି। ଟୁଇଟ୍ କରି ରୋନାଲ୍ଡୋ ଡାକ୍ତରୀ ଦଳକୁ ଧନ୍ୟବାଦ ଜଣାଇଛନ୍ତି। ମା'ଙ୍କ ଷ୍ଟ୍ରୋକ୍ ସମ୍ପର୍କରେ ଜାଣିବା ପରେ ପର୍ତ୍ତୁଗାଲ ଷ୍ଟାର ମାଡେରାକୁ ଫେରିଆସିଛନ୍ତି। ଏଣୁ ଏସି ମିଲନ ବିପକ୍ଷ ଇଟାଲିଆ କପ୍‌ର ସେମିଫାଇନାଲର ଦ୍ୱିତୀୟ ଲେଗ୍ ମ୍ୟାଚ୍ ଖେଳିବେ କି ନାହିଁ ସେନେଇ ଅନିଶ୍ଚିତତା ଦେଖାଦେଇଛି। ରୋନାଲ୍ଡୋ ମ୍ୟାଚ୍ ପାଇଁ ଫେରିବେ କି ନା, ମୋତେ ଜଣାନାହିଁ। ଏହା ତାଙ୍କ ବ୍ୟକ୍ତିଗତ ସମସ୍ୟା ବୋଲି ଜୁଭେଣ୍ଟସ କୋଚ୍ ମାରିଜିଓ ସାରି କହିଛନ୍ତି।

### ଉନାଡକଟଙ୍କ ରେକର୍ଡ



ରାଜକୋଟ, ୪ା୩ (ପି.ଟି.): ରଣଜୀ ଟ୍ରଫି ସେମିଫାଇନାଲରେ ସୌରାଷ୍ଟ୍ରର ୨୮ ବର୍ଷୀୟ ଦ୍ରୁତ ବୋଲର ଜୟଦେବ ଉନାଡକଟ ଗୁଜରାଟର ୨ୟ ଇନିଂସରେ ୭୧ ରନ ବିନିମୟରେ ୭ ଉଇକେଟ୍ ନେବା ସହ ମ୍ୟାଚ୍‌ରେ ମୋଟ୍ ୧୦ ଉଇକେଟ୍ ଅକ୍ତିଆର କରିଛନ୍ତି। ପୂର୍ବରୁ ପ୍ରଥମ ଇନିଂସରେ ସେ ୮୬ ରନ୍ ଦେଇ ୩ ଉଇକେଟ୍ ନେଇଥିଲେ। ଏଥିସହ ଗୋଟିଏ ରଣ୍‌ଜୀ ସିଜନରେ ଦ୍ରୁତ ବୋଲର ଭାବେ ସର୍ବାଧିକ ଉଇକେଟ୍ ହାସଲ କରିବାର ରେକର୍ଡ ଉନାଡକଟଙ୍କ ନାମରେ ସ୍ଥାପିତ ହୋଇଛି। ସେମିଫାଇନାଲ ମ୍ୟାଚ୍ ଶେଷ ସୁଦ୍ଧା ଏହି ବାମହାତୀ ଦ୍ରୁତ ବୋଲର ୬୫ ଉଇକେଟ୍ ହାସଲ କରିସାରିଛନ୍ତି। ଉନାଡକଟ ଏହି ଅବସରରେ ୨୧ ବର୍ଷର ପୁରୁଣା ରେକର୍ଡ ଭାଙ୍ଗିଛନ୍ତି। ୧୯୯୮-୯୯ ସିଜନରେ କର୍ଣ୍ଣାଟକ ଦ୍ରୁତ ବୋଲର ଡୋଡ୍ଡା ଗଣେଶ ୬୩ ଉଇକେଟ୍ ନେଇ ଏହି ରେକର୍ଡର ଅଧିକାରୀ ରହିଥିଲେ।

### ଉଜବେକିସ୍ତାନକୁ ହରାଇଲା ଭାରତ

ଦୁବାଇ, ୪ା୩ (ପି.ଟି.)- ଫେଡ୍ କପ୍ ଟେନିସ ପ୍ରତିଯୋଗିତାରେ ବୁଧବାର ଖେଳାଯାଇଥିବା ଏକ ମ୍ୟାଚ୍‌ରେ ଭାରତ ୨-୦ରେ ଉଜବେକିସ୍ତାନକୁ ପରାସ୍ତ କରିଛି। ଉଭୟ ମହିଳା ସିଙ୍ଗଲ୍ସ ମ୍ୟାଚ୍‌ରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଦୁଇ ଖେଳାଳି ରୁତୁଜା ଭୋସାଲେ ଓ ଅଙ୍କିତା ରାଇନା ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚ୍‌ରେ ରୁତୁଜା ୨-୬, ୬-୨, ୭-୫ ସେଟ୍‌ରେ ପ୍ରତିପକ୍ଷ ଖେଳାଳି ଅକଗୁଲ ଅମାନମୁରାଡୋଭଙ୍କୁ ପରାସ୍ତ କରିଛନ୍ତି। ସେହିଭଳି ଅନ୍ୟ ଏକ ମ୍ୟାଚ୍‌ରେ ଅଙ୍କିତା ୭-୫, ୬-୧ ସେଟ୍‌ରେ ସାବିନା ଶାରିପୋଭାଙ୍କୁ ହରାଇଛନ୍ତି। ଏଥିପୂର୍ବରୁ ଭାରତ ପ୍ରଥମ ମ୍ୟାଚ୍‌ରେ ଟପ୍ ସିଡ୍ ଚାଇନା ନିକଟରୁ ୦-୩ରେ ପରାସ୍ତ ହୋଇଥିଲା। ଭାରତ ଏହାର ପରବର୍ତ୍ତୀ ମ୍ୟାଚ୍‌ରେ ଗୁରୁବାର କୋରିଆକୁ ଭେଟିବ। ପ୍ରକାଶଯୋଗ୍ୟ, ମହିଳା ଟେନିସ ଖେଳାଳିଙ୍କୁ ନେଇ ଫେଡ୍ କପ୍ ୧୯୬୩ରୁ ଅନୁଷ୍ଠିତ ହୋଇଆସୁଛି।



ଭାରତୀୟ ଲେଗ୍-ସ୍ପିନର ପୁନମ ଯାଦବ ସେମିଫାଇନାଲ ମ୍ୟାଚ୍‌ରେ ଆମ ପାଇଁ ବହୁତ ବଡ଼ ବିପଦ। ବିଶ୍ୱକପ୍‌ର ଗତ ସଂସ୍କରଣଠାରୁ ସେ ଉନ୍ନତି କରୁଛନ୍ତି ।
**-ହେଥର ନାଇଟ୍, ଇଂଲଣ୍ଡ ମହିଳା କ୍ରିକେଟ୍ ଅଧିନାୟିକା**



୨୦୧୮ ବିଶ୍ୱକପ୍ ସେମିଫାଇନାଲରେ ହାରିବା ପରେ ଆମକୁ ଗୋଟିଏ ୟୁନିଟ୍ ଭାବେ କାମ କରିବାକୁ ପଡ଼ିବ ବୋଲି ଅନୁଭବ କରିଥିଲୁ।
**-ହର୍‌ମନପ୍ରୀତ୍ କୌର, ଭାରତୀୟ ମହିଳା କ୍ରିକେଟ୍ ଅଧିନାୟିକା**

# ସୁନୀଲ ଜାତୀୟ ଚୟନ କମିଟି ଅଧ୍ୟକ୍ଷ



ସୁନୀଲ ଜୋଶୀ ଓ ହରବିନ୍ଦର ସିଂ।

- ସେଣ୍ଟ୍ରାଲ ଜୋନ୍‌ରୁ ହରବିନ୍ଦର ସିଂ
- ଚୟନ ପ୍ୟାନେଲର ଅନ୍ୟ ସଦସ୍ୟ ହେଲେ ଯତୀନ ପାରାଞ୍ଜପେ (ୱେଷ୍ଟ), ଦେବାଙ୍ଗ ଗାନ୍ଧୀ(ଇଷ୍ଟ) ଓ ଶରଣଦୀପ ସିଂ (ନର୍ଥ)
- ଜୋଷୀ ୧୯୯୬ରୁ ୨୦୦୧ ମଧ୍ୟରେ ୧୫ ଟେଷ୍ଟ, ୬୯ ଦିନିକିଆ ଖେଳିଛନ୍ତି। ସେ ଟେଷ୍ଟରେ ୪୧ ଓ ଦିନିକିଆରେ ୬୯ ଉଇକେଟ ନେଇଛନ୍ତି।
- ହରବିନ୍ଦର ୧୯୯୮ରୁ ୨୦୦୧ ମଧ୍ୟରେ ୩ ଟେଷ୍ଟ ଓ ୧୬ ଏକଦିବସୀୟ ଖେଳି ଯଥାକ୍ରମେ ୪ ଓ ୨୪ଟି ଉଇକେଟ ନେଇଛନ୍ତି।
- ସେପ୍ଟେମ୍ବରରେ ପାରାଞ୍ଜପେ, ଦେବାଙ୍ଗ, ଶରଣଦୀପଙ୍କ କାର୍ଯ୍ୟକାଳ ପୂରିବ

ମୁମ୍ବାଇ, ୪ା୩(ପି.ଟି.)

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)ର କ୍ରିକେଟ ପରାମର୍ଶଦାତା କମିଟି (ସିଏସି) ପକ୍ଷରୁ ପୂର୍ବତନ ସ୍ପିନର ସୁନୀଲ ଜୋଷୀଙ୍କୁ ଜାତୀୟ ଚୟନ କମିଟି ଅଧ୍ୟକ୍ଷ ମନୋନୀତ କରାଯାଇଛି। ପୂର୍ବତନ ଦ୍ରୁତ ବୋଲର ହରବିନ୍ଦର ସିଂ ୫ ସଦସ୍ୟ ବିଶିଷ୍ଟ ପ୍ୟାନେଲରେ ସାମିଲ ହୋଇଛନ୍ତି। ମଦନ ଲାଲ, ଆର.ପି. ସିଂ ଓ ସୁଲକ୍ଷଣା ନାୟକଙ୍କୁ ନେଇ ଗଠିତ ସିଏସି ସାଉଥ୍ ଜୋନ୍ ପାଇଁ ଏମଏସକେ ପ୍ରସାଦଙ୍କ ସ୍ଥାନରେ ଜୋଷୀଙ୍କୁ ଚୟନ କମିଟିରେ ନେଇଛି। ୪ ବର୍ଷ କାର୍ଯ୍ୟକାଳ ପୂରିବା ପରେ ମଧ୍ୟ ପ୍ରସାଦ ଜାତୀୟ ଚୟନ କମିଟି ଅଧ୍ୟକ୍ଷ ଦାୟିତ୍ୱ ନିର୍ବାହ କରି ଆସୁଥିଲେ। ଜୋଷୀ ଜାତୀୟ ପୁରୁଷ ସିନିୟର ଚୟନ କମିଟି ଅଧ୍ୟକ୍ଷ ହେଲେ ବୋଲି ବିସିସିଆଇ ସମ୍ପାଦକ ଜୟ ଶାହ ଆନୁଷ୍ଠାନିକଭାବେ ଘୋଷଣା କରିଛନ୍ତି।

ହରବିନ୍ଦର ସେଣ୍ଟ୍ରାଲ ଜୋନ୍‌ରୁ ଏହି ପ୍ୟାନେଲରେ ପ୍ରତିନିଧିତ୍ୱ କରିବେ। ସେ ଗଗନ ଖୋଡାଙ୍କ ସ୍ଥାନ ନେଇଛନ୍ତି। ଏହି ଦୁଇଜଣଙ୍କୁ ଛାଡ଼ିଦେଲେ ଚୟନ ପ୍ୟାନେଲରେ ଥିବା ଅନ୍ୟ ୩ ସଦସ୍ୟ ହେଲେ ଯତୀନ ପାରାଞ୍ଜପେ(ୱେଷ୍ଟ ଜୋନ୍), ଦେବାଙ୍ଗ ଗାନ୍ଧୀ(ଇଷ୍ଟ ଜୋନ୍) ଓ ଶରଣଦୀପ ସିଂ (ନର୍ଥ ଜୋନ୍)। ଜୋଶୀ ପୂର୍ବରୁ ବାଂଲାଦେଶ ଦଳର ସପୋର୍ଟ ଷ୍ଟାଫ୍ ରହି ସାରିଛନ୍ତି। ଏହା ବ୍ୟତୀତ ସ୍ପଷ୍ଟବାଦୀ ସ୍ୱଭାବ ପାଇଁ ସେ ପ୍ରଥମ ପସନ୍ଦ ହୋଇଥିଲେ ବୋଲି ମଦନଲାଲ କହିଛନ୍ତି। ଚୟନ କମିଟି ସଦସ୍ୟ ପାଇଁ ମୋଟ ୪୦ ଜଣ ଆବେଦନ କରିଥିବାବେଳେ ସିଏସି ଦ୍ୱାରା ୫ ଜଣଙ୍କୁ ଶର୍ଟଲିଷ୍ଟ କରାଯାଇଥିଲା। ସେମାନେ ହେଲେ ଜୋଷୀ, ହରବିନ୍ଦର, ଭେଙ୍କଟେଶ ପ୍ରସାଦ, ରାଜେଶ ଚୌହାନ ଓ ଏଲ.ଏସ. ଶିବରାମକ୍ରିଷ୍ଣନ। ଅଜିତ ଅଗରକର ଓ ନୟନ ମୋଙ୍ଗିଆ ଆବେଦନ କରିଥିଲେ ହେଁ ଶର୍ଟଲିଷ୍ଟ ମଧ୍ୟକୁ ଆସିପାରି ନ ଥିଲେ। ତେବେ ଆସନ୍ତା ସେପ୍ଟେମ୍ବରରେ ପାରାଞ୍ଜପେଙ୍କ କାର୍ଯ୍ୟକାଳ ସରିଲେ ଏ ଦୁହେଁ ଦୌଡ଼ରେ ସାମିଲ ହୋଇପାରିବେ। ସେ ସମୟରେ ଦେବାଙ୍ଗ ଓ ଶରଣଦୀପଙ୍କ କାର୍ଯ୍ୟକାଳ ମଧ୍ୟ ଶେଷ ହେବ। ସେପ୍ଟେମ୍ବରରେ ୩ ସଦସ୍ୟଙ୍କ କାର୍ଯ୍ୟକାଳ ସରିବା ପରେ ସିଏସି ପ୍ୟାନେଲ ବସି ସେମାନଙ୍କ ସ୍ଥାନରେ ନୂଆ ସଦସ୍ୟ ଚୟନ କରିବେ। ଏହା ବ୍ୟତୀତ ଏହି ବୈଠକରେ ନୂଆ ଚୟନ କମିଟିର କାର୍ଯ୍ୟକଳାପ ମଧ୍ୟ ସମୀକ୍ଷା ହେବ। ସାଉଥ୍‌ରୁ ଜୋଷୀ ଏବଂ ସେଣ୍ଟ୍ରାଲରୁ ହରବିନ୍ଦରଙ୍କୁ ଚୟନ ଦ୍ୱାରା ବୋର୍ଡ ୫ ଜୋନ୍ ପଲିସିରେ ଦୃଢ଼ ରହିଥିବା ସ୍ପଷ୍ଟ ହୋଇଯାଇଛି। କମିଟିରୁ ବିଦାୟ ନେଇଥିବା ପ୍ରସାଦ ଓ ଖୋଡା ଗତ ୨୦୧୫ରେ ନିଯୁକ୍ତ ହୋଇଥିଲେ। ଗତ ନଭେମ୍ବରରେ ସେମାନଙ୍କ କାର୍ଯ୍ୟକାଳ ବୃଦ୍ଧି କରାଯାଇଥିଲା।

୪୯ ବର୍ଷୀୟ ଜୋଷୀ ୧୯୯୬ରୁ ୨୦୦୧ ମଧ୍ୟରେ ୧୫ ଟେଷ୍ଟ, ୬୯ଟି ଦିନିକିଆ ଅନ୍ତର୍ଜାତୀୟ ମ୍ୟାଚ ଖେଳିଛନ୍ତି। ସେ ଟେଷ୍ଟରେ ୪୧ ଓ ଦିନିକିଆରେ ୬୯ଟି ଉଇକେଟ ନେଇଛନ୍ତି। ସେହିପରି ୪୨ ବର୍ଷରେ ପଦାର୍ପଣ କରିଥିବା ହରବିନ୍ଦର ଭାରତ ପକ୍ଷରୁ ୧୯୯୮ରୁ ୨୦୦୧ ମଧ୍ୟରେ ୩ଟି ଟେଷ୍ଟ ଓ ୧୬ଟି ଏକଦିବସୀୟ ଖେଳି ଯଥାକ୍ରମେ ୪ ଓ ୨୪ଟି ଉଇକେଟ ନେଇଛନ୍ତି। ପ୍ରସାଦଙ୍କ ନେତୃତ୍ୱାଧୀନ ପ୍ୟାନେଲ ସଦସ୍ୟଙ୍କ ଖେଳିବା ଅଭିଜ୍ଞତାକୁ ନେଇ ସବୁବେଳେ ପ୍ରଶ୍ନ ଉଠୁଥିଲା। ତେଣୁ ସିଏସି ଅଧିକ ଅଭିଜ୍ଞ ବ୍ୟକ୍ତିଙ୍କୁ ନେବାକୁ ମନସ୍ଥ କରିଥିଲା। ସଭାପତି ସୌରଭ ଗାଙ୍ଗୁଲିଙ୍କ ସମେତ ସମସ୍ତ ବିସିସିଆଇ କର୍ମକର୍ତ୍ତା ସିଏସିକୁ ଚୟନ ପ୍ୟାନେଲ ସଦସ୍ୟ ବାଛିବାପାଇଁ ସ୍ୱାଧୀନ ଅଧିକାର ଦେଇଥିଲେ ବୋଲି ଖବରଦାତା ସମ୍ମିଳନୀରେ ମଦନ ଲାଲ ପ୍ରକାଶ କରିଛନ୍ତି। ଏପରିକି ଗାଙ୍ଗୁଲି ଚୟନ ପ୍ରସଙ୍ଗରେ ଗୋଟିଏ ଶବ୍ଦ ମଧ୍ୟ କହି ନ ଥିଲେ ବୋଲି ସେ କହିଛନ୍ତି।

## ସିଏସିର ସମାନ ପ୍ରଶ୍ନ

ମୁମ୍ବାଇ,୪ା୩ (ପି.ଟି.)

ପୂର୍ବତନ ଅଲରାଉଣ୍ଡର ମଦନ ଲାଲଙ୍କ ଅଧ୍ୟକ୍ଷତାରେ କ୍ରିକେଟ ଉପଦେଷ୍ଟା କମିଟି (ସିଏସି) ସମ୍ଭାବ୍ୟ ଚୟନକର୍ତ୍ତା ତଥା ପ୍ରାର୍ଥୀଙ୍କୁ ସାକ୍ଷାତକାରରେ ଦୁଇଟି ସମାନ ପ୍ରଶ୍ନ ପଚାରିଥିଲେ। ସେ ଦୁଇଟି ପ୍ରଶ୍ନ ହେଲା ମହେନ୍ଦ୍ର ସିଂ ଧୋନୀଙ୍କ ଭବିଷ୍ୟତ ଓ ବିରାଟ କୋହଲିଙ୍କ ପ୍ରତିଷ୍ଠା ତଥା ଷ୍ଟାରଡମ୍‌କୁ ଭାରତୀୟ ଦଳ ସହ କିଭଳି ଭାବେ ହ୍ୟାଣ୍ଡେଲ କରିବ? ଚୟନକର୍ତ୍ତା ଦୌଡ଼ରେ ସାମିଲ ହୋଇଥିବା ୫ଜଣ ସଦସ୍ୟ ଯଥା ଲକ୍ଷ୍ମଣ ଶିବରାମାକ୍ରିଷ୍ଣା, ଭେଙ୍କଟେଶ ପ୍ରସାଦ, ସୁନୀଲ ଜୋଷୀ ଓ ହରବିନ୍ଦ ସିଂଙ୍କୁ ଏହି ଦୁଇଟି ପ୍ରଶ୍ନ ପଚରାଯାଇଥିଲା। ଦିନିକିଆ ବିଶ୍ୱକପ୍‌ରେ ଭାରତ ନ୍ୟୁଜିଲାଣ୍ଡଠାରୁ ପରାସ୍ତ ହେବା ପରେ ଧୋନୀ ଗୋଟିଏ ହେଲେ ବି ମ୍ୟାଚ୍ ଖେଳିନାହାନ୍ତି। ଆସନ୍ତା ୨୯ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଧୋନୀ ଚେନ୍ନାଇ ସୁପର କିଙ୍ଗ୍ସର ନେତୃତ୍ୱ ନେବେ।

ଜୋଷୀ ଓ ହରବିନ୍ଦର ନୂଆ ଚୟନକର୍ତ୍ତା ଭାବେ ମନୋନୀତ ହୋଇଛନ୍ତି। ଜାତୀୟ ୫ ଜଣିଆ କମିଟିରେ ଏହି ଦୁଇ ଜଣ ସାମିଲ ହେବେ। ଧୋନୀଙ୍କ ଭବିଷ୍ୟତ ନେଇ ଚୟନକମିଟି ତା'ର ନିଷ୍ପତ୍ତି ସ୍ପଷ୍ଟ କରୁ ବୋଲି ଭାରତୀୟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଚାହୁଁଛି। ଧୋନୀଙ୍କ ମାମଲା ବେଶ୍ ସ୍ପର୍ଶକାତର ହୋଇଥିବାରୁ ଏହି ପ୍ରଶ୍ନ ପଚରାଯାଇଥିଲା ବୋଲି କୁହାଯାଇଛି। ଆଉ କେତେକେ ପ୍ରାର୍ଥୀଙ୍କୁ କମିଟି ଅଧ୍ୟକ୍ଷ ହେବାର ଇଚ୍ଛା ଅଛି କି ନା ବା କେବଳ ମାତ୍ର କମିଟି ସଦସ୍ୟ ଭାବେ କାର୍ଯ୍ୟ କରିବାକୁ ଚାହୁଁଛନ୍ତି ବୋଲି ପ୍ରଶ୍ନ କରାଯାଇଥିଲା। ତେବେ ଜୋଷୀ ଓ ହରବିନ୍ଦର ଏହି ପ୍ରଶ୍ନଗୁଡିକର ଭଲ ଉତ୍ତର ଦେଇଥିଲେ।

## ଆଇପିଏଲ୍ ଚାମ୍ପିୟନ ରାଶି ହ୍ରାସ

ନୂଆଦିଲ୍ଲୀ,୪ା୩(ପି.ଟି.)

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଚଳିତ ବର୍ଷର ଆଇପିଏଲ ଚାମ୍ପିୟନ ଓ ରନର୍ସଅପ ପୁରସ୍କାର ରାଶି ଅଧା କାଟ୍ କରିବାକୁ ନିଷ୍ପତ୍ତି ନେଇଛି। ଏ ନେଇ ବିସିସିଆଇ ଏକ ସର୍କୁଲାର ଜରିଆରେ ସମସ୍ତ ଆଇପିଏଲ ଫ୍ରାଞ୍ଚାଇଜ ସୂଚନା ଦେଇଛି। ଆଇପିଏଲ ଚାମ୍ପିୟନ ଦଳକୁ ୨୦ କୋଟି ପରିବର୍ତ୍ତେ ୧୦ କୋଟି ଟଙ୍କା ପ୍ରଦାନ କରାଯିବ। ଆର୍ଥିକ ପୁରସ୍କାର ପୁନଃ ଧାର୍ଯ୍ୟ କରାଯାଇଛି। ଚାମ୍ପିୟନ ଦଳକୁ ୨୦ କୋଟି ବଦଳରେ ୧୦ କୋଟି ପ୍ରଦାନ କରାଯିବ। ଉପବିଜେତା ଦଳକୁ ୬.୨୫ କୋଟି ମିଳିବ। ପୂର୍ବରୁ ରନର୍ସଅପ୍ ଦଳକୁ ୧୨.୫ କୋଟି ଟଙ୍କା ଦିଆଯାଉଥିଲା ବୋଲି ବିସିସିଆଇ ସର୍କୁଲାରରେ ପ୍ରକାଶ କରାଯାଇଛି। କ୍ୱାଲିଫାୟର୍ସରେ ପରାସ୍ତ ହୋଇଥିବା ଦୁଇ ଦଳକୁ ୪.୩ କୋଟି ଲେଖାଏ ଦିଆଯିବ। ସମସ୍ତ ଫ୍ରାଞ୍ଚାଇଜ ଭଲ ଆୟ କରୁଛନ୍ତି। ଆୟ କରିବା ପାଇଁ ସେମାନଙ୍କ ନିକଟରେ ସ୍ପନଶରଶିପ ଭଳି ଅନ୍ୟ ବାଟ ରହିଛି ବୋଲି ବିସିସିଆଇ ସୂତ୍ରରୁ ଜଣାପଡ଼ିଛି। ପ୍ରତ୍ୟେକ ଆଇପିଏଲ ମ୍ୟାଚ୍ ଆୟୋଜନ ଲାଗି ବିସିସିଆଇ ଓ ଫ୍ରାଞ୍ଚାଇଜ ରାଜ୍ୟ ଆସୋସିଏଶନ ୫୦ ଲକ୍ଷ ଲେଖାଏ ଏକ କୋଟି ଟଙ୍କା ପ୍ରଦାନ କରିବେ। ଏହା ବ୍ୟତୀତ ବିସିସିଆଇର ମଧ୍ୟସ୍ତରୀୟ କର୍ମଚାରୀ ବିମାନ ଉଡାଣର ୮ ଘଣ୍ଟାରୁ କମ୍ ସମୟରେ ଏସିଆନ ଦେଶ (ବାଂଲାଦେଶ, ଶ୍ରୀଲଙ୍କା, ୟୁଏଇ)ଆଉ ବିମାନରେ ବିଜନେସ କ୍ଲାସରେ ଯାତ୍ରା କରିପାରିବେ ନାହିଁ।

## 'କଠିନ ପରିସ୍ଥିତିରେ ସିଏସ୍‌କେ ସାହାଯ୍ୟ କରିଛି'

ଚେନ୍ନାଇ,୪ା୩(ପି.ଟି.)




ମହେନ୍ଦ୍ର ସିଂ ଧୋନୀ

ଜଣେ ସଫଳ ଖେଳାଳି କଠିନ ପରିସ୍ଥିତିର ସମ୍ମୁଖୀନ ହେବା ପାଇଁ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ଫ୍ରାଞ୍ଚାଇଜକୁ ଶ୍ରେୟ ଦେଇଛନ୍ତି ଭାରତୀୟ ଦଳର ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ। ଗତବର୍ଷ ଆଇସିସି ବିଶ୍ୱକପ୍‌ଠାରୁ ଖେଳରୁ ଦୂରେଇ ରହିଥିବା ଧୋନୀ ଆଇପିଏଲ ପାଇଁ ଏମ୍‌ଏ ଚିଦାମ୍ବରମ ଷ୍ଟାଡିୟମରେ ଅଭ୍ୟାସ ଆରମ୍ଭ କରିଛନ୍ତି। ଏହି ଅବସରରେ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ମିଳିଥିଲା। ସିଏସ୍‌କେ ଯୋଗୁ ମୁଁ ସବୁକିଛିରେ ଉନ୍ନତି ଆଣିଛି। କେବଳ ଜଣେ କ୍ରିକେଟର ଭାବେ ଉନ୍ନତି କରିଛି ତା ନୁହେଁ, ଜଣେ ମଣିଷ ଭାବେ ମଧ୍ୟ। ଫିଲ୍ଡ ବାହାରେ ହେଉ କି ଭିତରେ କଠିନ ପରିସ୍ଥିତିର ସମ୍ମୁଖୀନ ହେବାରେ ଏହି ଫ୍ରାଞ୍ଚାଇଜ ସାହାଯ୍ୟ କରିଛି ବୋଲି ୩୮ ବର୍ଷୀୟ ଧୋନୀ କହିଛନ୍ତି। ତାଙ୍କୁ ସର୍ବଦା ସିଏସ୍‌କେ ଫ୍ୟାନ୍‌ମାନେ ଥାଲା ବୋଲି ଅଭିହିତ କରନ୍ତି। ଏହାର କାରଣ ମଧ୍ୟ ସେ ପ୍ରକାଶ କରିଛନ୍ତି। ସାଧାରଣ 'ଥାଲା'ର ଅର୍ଥ ଭାଇ। ଏହା ମୋତେ ପ୍ରଶଂସକଙ୍କ ସହ ଯୋଡ଼ିଥାଏ। ମୋ ପ୍ରତି ପ୍ରଶଂସକଙ୍କ ପ୍ରେମ ଓ ସ୍ନେହକୁ ଥାଲା ଶବ୍ଦ ଦର୍ଶାଏ। ମୁଁ ଯେତେବେଳେ ବି ଚେନ୍ନାଇ କିମ୍ବା ଦକ୍ଷିଣ ଭାରତ ଯାଏ, ସେମାନେ ମୋତେ କଦାପି ଧୋନୀ ନ ଡାକି ଥାଲା ବୋଲି ଡାକନ୍ତି।

## ଭିନ୍ନକ୍ଷମ କ୍ରିକେଟ ଦଳକୁ ୬୫ ଲକ୍ଷ ପୁରସ୍କାର

ମୁମ୍ବାଇ,୪ା୩ (ପି.ଟି.)

ଭାରତୀୟ ଭିନ୍ନକ୍ଷମ ଦଳକୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପୁରସ୍କୃତ କରିଛି। ଗତବର୍ଷ ୱାର୍ଲ୍ଡ ସିରିଜ ଜିତିଥିବାର ଏହି ଦଳକୁ ବୋର୍ଡ ୬୫ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରିଛି। ଅଧିନାୟକ ବିକ୍ରାନ୍ତ କେନିଙ୍କୁ ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି ଓ ସମ୍ପାଦକ ଜୟ ଶାହା ଚେକ୍ ପ୍ରଦାନ କରିଛନ୍ତି। ପ୍ରଶାସକ କମିଟି ପୁରସ୍କାର ପ୍ରଦାନକୁ ଅନୁମୋଦନ କରିଥିଲା। ଗତବର୍ଷ ଅଗଷ୍ଟରେ ଇଂଲଣ୍ଡକୁ ୩୬ ରନରେ ପରାସ୍ତ କରି ଭାରତୀୟ ଦଳ ଟି୨୦ ଫିଜିକାଲି ଡିସବିଲିଟି ୱାର୍ଲ୍ଡ କ୍ରିକେଟ ସିରିଜ ଟାଇଟଲ ହାସଲ କରିଥିଲା।

## ରିଲିଜ ଫି' କାଟିପାରେ ବିସିସିଆଇ

ମୁମ୍ବାଇ,୪ା୩

ଆଇପିଏଲ୍‌ରେ ଅଂଶଗ୍ରହଣ କରିବା ଲାଗି ବିଦେଶୀ ଖେଳାଳିଙ୍କୁ ଛାଡୁଥିବା ବିଭିନ୍ନ ଦେଶର କ୍ରିକେଟ ବୋର୍ଡକୁ ପ୍ରତି ସିଜନ ପିଛା ୨୦ ପ୍ରତିଶତ ଖେଳାଳିଙ୍କ ଫି' ପ୍ରଦାନ କରାଯାଏ। ଯଦ୍ୱାରା ବିଦେଶୀ ଖେଳାଳିମାନେ ପୂରା ଆଇପିଏଲ ପାଇଁ ଉପଲବ୍ଧ ରହିବେ। ଏଥିରେ ପରିବର୍ତ୍ତନ କରିବାକୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସମ୍ପାଦକ ଜୟ ଶାହା ଇଚ୍ଛା ପ୍ରକଟ କରିଛନ୍ତି। ଗତ ୧୨ ବର୍ଷ ମଧ୍ୟରେ ଏହି ନିୟମରେ ବହୁ ପରିବର୍ତ୍ତନ ହୋଇସାରିଛି। ଆଇପିଏଲ ଆରମ୍ଭରୁ ବିସିସିଆଇ ଚୁକ୍ତି ଅନୁଯାୟୀ, ଫ୍ରାଞ୍ଚାଇଜ୍‌ଗୁଡ଼ିକ ବିଦେଶୀ ଖେଳାଳିଙ୍କ ପାଇଁ ସେମାନଙ୍କ କ୍ରିକେଟ ବୋର୍ଡକୁ ୧୦ ପ୍ରତିଶତ ମ୍ୟାଚ୍ ଫି ପ୍ରଦାନ କରୁଥିଲେ। କିଛି ସିଜନ ପରେ ୨୦୧୭ରେ ବିସିସିଆଇ ପରିଚାଳନା ଦାୟିତ୍ୱରେ ଥିବା ପ୍ରଶାସକ କମିଟି (ସିଓଏ) ଏହାକୁ ୨୦ ପ୍ରତିଶତ ବୃଦ୍ଧି କରିଥିଲା। ଏହାର ଅଧା ଅର୍ଥାତ ୧୦ ପ୍ରତିଶତ ବିସିସିଆଇକୁ ଦେବାକୁ ପଡୁଥିଲା। ଶାହା ଏବେ ୨୦ ପ୍ରତିଶତରୁ ୧୦ ପ୍ରତିଶତକୁ ଆଣିବାକୁ ଚାହୁଁଛନ୍ତି। ଆଇପିଏଲରୁ ଫ୍ରାଞ୍ଚାଇଜ୍‌ମାନେ ଯଥେଷ୍ଟ ଅର୍ଥ ଆୟ କରୁଛନ୍ତି। ଏଣୁ ବିଦେଶୀ ଖେଳାଳିଙ୍କୁ ଉପଲବ୍ଧ ରହିବା ପାଇଁ ସେମାନେ ଶତପ୍ରତିଶତ ଅର୍ଥ ଦେବା ଉଚିତ। ଆଇପିଏଲ ବ୍ୟତୀତ ଅନ୍ୟ କୌଣସି ଲିଗ୍‌ରେ ଏଭଳି ନିୟମ ନାହିଁ।

## ସୌରାଷ୍ଟ୍ର-ବେଙ୍ଗଲ ଫାଇନାଲ

ରାଜକୋଟ, ୪ା୩ (ପି.ଟି.)



ବିଜୟ ହାସଲ ପରେ ସେଲ୍‌ଫି ନେଉଛନ୍ତି ସୌରାଷ୍ଟ୍ର ଖେଳାଳି।

**ରଣଜୀ ଟ୍ରଫି**

ଲଗାତର ୨ୟ ବର୍ଷ ଲାଗି ସୌରାଷ୍ଟ୍ର କ୍ରିକେଟ୍ ଦଳ ରଣ୍‌ଜୀ ଟ୍ରଫି ଫାଇନାଲରେ ପ୍ରବେଶ କରିବାର ସୌଭାଗ୍ୟ ଲାଭ କରିଛି। ସ୍ଥାନୀୟ ସୌରାଷ୍ଟ୍ର କ୍ରିକେଟ୍ ଆସୋସିଏଶନ ଷ୍ଟାଡିୟମରେ ଅନୁଷ୍ଠିତ ପ୍ରଥମ ସେମିଫାଇନାଲ ମ୍ୟାଚ୍‌ର ଅନ୍ତିମ ତଥା ୫ମ ଦିବସରେ ବୁଧବାର ଘରୋଇ ଦଳ ୯୨ ରନରେ ଗୁଜରାଟକୁ ପରାସ୍ତ କରିଛି। ଭାରତୀୟ ଘରୋଇ କ୍ରିକେଟ୍‌ର ଏହି ସମ୍ମାନଜନକ ଟ୍ରଫି ହାସଲ ପାଇଁ ଫାଇନାଲରେ ସୌରାଷ୍ଟ୍ରର ମୁକାବିଲା ବେଙ୍ଗଲ ସହ ହେବ। ପୂର୍ବରୁ ଅନ୍ୟ ଏକ ସେମିଫାଇନାଲରେ ବେଙ୍ଗଲ ୧୭୪ ରନରେ ୮ଥର ଚାମ୍ପିୟନ କର୍ଣ୍ଣାଟକକୁ ମାତ୍ ଦେଇ ଫାଇନାଲରେ ସ୍ଥାନ ପକ୍କା କରିସାରିଛି। ଏହି ଗ୍ରାଉଣ୍ଡରେ ଫାଇନାଲ ମ୍ୟାଚ୍ ସୋମବାରଠାରୁ ଖେଳାଯିବ।

ସୌରାଷ୍ଟ୍ର ପକ୍ଷରୁ ଧାର୍ଯ୍ୟ ୩୨୭ ରନର କଷ୍ଟସାଧ୍ୟ ଲକ୍ଷ୍ୟକୁ ପିଛା କରି ଗୁଜରାଟ ମଙ୍ଗଳବାର ୪ର୍ଥ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ଗୋଟିଏ ଉଇକେଟ୍ ହରାଇ ୭ ରନ କରିଥିଲା। ବୁଧବାର କିନ୍ତୁ ସୌରାଷ୍ଟ୍ର ଅଧିନାୟକ ତଥା ବାମହାତୀ ଦ୍ରୁତ ବୋଲର ଜୟଦେବ ଉନାଡକଟଙ୍କ ଅଗ୍ନିବର୍ଷୀ ବୋଲିଂକୁ ସାମ୍ନା କରି ନ ପାରି ଭ୍ରମଣକାରୀ ଦଳ ୭୨.୨ ଓଭରରେ ୨୩୪ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଗୁଜରାଟ ପକ୍ଷରୁ ଚିରାଗ ଗାନ୍ଧୀ ସର୍ବାଧିକ ୯୬ ରନ କରିଥିବାବେଳେ ଅଧିନାୟକ ପାର୍ଥିବ ପଟେଲ (୯୩) ତାଙ୍କୁ ଉପଯୁକ୍ତ ସହାୟତା କରିଥିଲେ। କିନ୍ତୁ ୮ଜଣ ବ୍ୟାଟ୍ସମ୍ୟାନ ଦୁଇ ଅଙ୍କ ସ୍ପର୍ଶ କରି ନ ପାରିବା ଗୁଜରାଟ ପାଇଁ ମହଙ୍ଗା ପଡ଼ିଥିଲା। ଓପନର୍ ସମିତ୍ ଗୋହେଲ (୫), ପ୍ରିୟଙ୍କ ପଞ୍ଚଲ (୦), ଭାର୍ଗବ ମେରାଇ (୧୪), ଧ୍ରୁବ ରାଭାଲ (୫), ରୁଜୁଲ ଭଟ୍ଟ (୧), ଅକ୍ଷର ପଟେଲ (୦), ରସ୍ କାଲାରିୟା (୧), ଚିନ୍ତନ ଗାଜା (୪*) ଓ ଅର୍ଜାନ ନାଗୱାସୱାଲା (୪) ନିରାଶ କରିଥିଲେ।

ପୂର୍ବରୁ ଏହି ମ୍ୟାଚ୍‌ରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ସୌରାଷ୍ଟ୍ର ଶେଲଡନ୍ ଜ୍ୟାକସନ (୧୦୪)ଙ୍କ ଶତକ ବଳରେ ପ୍ରଥମ ଇନିଂସରେ ୩୦୪ ରନ କରିଥିଲା। ଜବାବରେ ଗୁଜରାଟ ପ୍ରଥମ ଇନିଂସରେ ୨୫୨ ରନ କରି ଇନିଂସ ପଛୁଆ ରହିଥିଲା। ୫୨ ରନର ଅଗ୍ରଣୀ ଲାଭ କରିଥିବା ସୌରାଷ୍ଟ୍ର ୨ୟ ଇନିଂସରେ ଅର୍ପିତ ଭାସଭଦାଙ୍କ ୧୩୯ ରନ ବଳରେ ୨୭୪ ରନ କରିଥିଲା। ଅର୍ପିତ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ଉଲ୍ଲେଖଯୋଗ୍ୟ, ସୌରାଷ୍ଟ୍ର ଗତ ବର୍ଷ ଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ବିଦର୍ଭଠାରୁ ହାରି ରନର୍ସଅପ୍ ରହିଥିଲା।

## ବ୍ୟାଟ୍ସମ୍ୟାନଙ୍କ ଦୁର୍ବଳତା ପଦାରେ ପଡ଼ିଛି

ଭିଭିଏସ୍ ଲକ୍ଷ୍ମଣ

ଭାରତୀୟ କ୍ରିକେଟ ଦଳ ତା'ର ଅନ୍ୟତମ ସବୁଠାରୁ ଖରାପ୍ ବିଦେଶ ଗସ୍ତ ଶେଷ କରିଛି। ନ୍ୟୁଜିଲାଣ୍ଡଠାରୁ ଟେଷ୍ଟ ସିରିଜରେ ଭାରତ ୨-୦ରେ ପରାସ୍ତ ହୋଇଛି। ଏହି ପରାଜୟ ପାଇଁ ଅବଶ୍ୟ ଅଧିନାୟକ ବିରାଟ କୋହଲି କୌଣସି କ୍ଷମା ଚାହିଁନାହାନ୍ତି। ଏହା ମଧ୍ୟ ଏକ ଭଲ କଥା। ଆଗାମୀ ଡିସେମ୍ବରରେ ଭାରତ ତା'ର ପରବର୍ତ୍ତୀ ଟେଷ୍ଟ ସିରିଜ ଖେଳିବ। ଚଳିତ ବର୍ଷ ଶେଷଆଡକୁ ଭାରତ ଅଷ୍ଟ୍ରେଲିଆରେ ଖେଳିବାକୁ ଥିବା ସିରିଜରେ ଏହି ପ୍ରଦର୍ଶନ ଦୋହରାଇବାକୁ ଚାହିଁବ ନାହିଁ। ତେବେ ଏଥିପାଇଁ ଭାରତକୁ ତା'ର ତ୍ରୁଟି ଉପରେ ଧ୍ୟାନ ଦେବା ସହ ଏହାକୁ ସୁଧାରିବାର ଆବଶ୍ୟକତା ରହିଛି। ଭାରତର ବ୍ୟାଟିଂ ବିଭାଗ ଆଘାତ ପାଇଥିବ। ବ୍ୟାଟିଂ ବିଭାଗ ଉପରେ ବହୁତ କିଛି ଆଶା କରାଯାଉଥିଲା। ତେବେ ନ୍ୟୁଜିଲାଣ୍ଡ ବିପକ୍ଷରେ ଭାରତୀୟ ବ୍ୟାଟ୍ସମ୍ୟାନମାନେ ସାଂଘାତିକ ଭାବେ ବିଫଳ ହୋଇଥିଲେ। ନ୍ୟୁଜିଲାଣ୍ଡରେ ପରିବେଶ କଷ୍ଟକର ତଥା ଚ୍ୟାଲେଞ୍ଜପୂର୍ଣ୍ଣ ଥିବା ସ୍ୱୀକାର କରୁଛି। ତା'ର ମାନେ ନୁହେଁ ଯେ, ବ୍ୟାଟ୍ସମ୍ୟାନ ଏଭଳି ବିଫଳତାର ସମ୍ମୁଖୀନ ହେବେ। ଅପରପକ୍ଷରେ ନ୍ୟୁଜିଲାଣ୍ଡର ଯୋଜନ ତଥା ରଣନୀତି ସିଧାସଳଖ ଥିଲା। ନୂଆ ବଲକୁ ସୁଇଙ୍ଗ୍ କରିବା ସହ ମୁଭ୍‌ମେଣ୍ଟ ଦେବା ଘରୋଇ ବୋଲରଙ୍କ ମୁଖ୍ୟ ଲକ୍ଷ୍ୟ ଥିଲା। ପୁଣି ଶର୍ଟ ବଲ୍ ପକାଇ ଭାରତୀୟ ବ୍ୟାଟ୍ସମ୍ୟାନଙ୍କୁ ସମସ୍ୟାରେ ପକାଇବାକୁ ମଧ୍ୟ ନ୍ୟୁଜିଲାଣ୍ଡର ଯୋଜନା ଥିଲା।

ଖ୍ରୀଷ୍ଟଚର୍ଚ୍ଚରେ ଅଜିଙ୍କ୍ୟ ରାହାନେ ଦ୍ୱିତୀୟ ଇନିଂସରେ ବେଶ୍ ସମସ୍ୟାରେ ଥିବା ମନେ ହୋଇଥିଲା। ଏଥିରୁ ଭାରତୀୟ ବ୍ୟାଟ୍ସମ୍ୟାନଙ୍କ ଦ୍ୱନ୍ଦ୍ୱ ସ୍ପଷ୍ଟ ଜଣାପଡୁଥିଲା। ଜଣେ ଅଭିଜ୍ଞ ତଥା କମ୍ପାକ୍ଟ ବ୍ୟାଟ୍ସମ୍ୟାନ ଭାବେ ଜଣାଥିବା ରାହାନେ ନିଲ ୱାଗନର ଓ କାଏଲ ଜେମିସନଙ୍କ ଶର୍ଟ ବଲ୍ ବିପକ୍ଷରେ ବେଶ୍ ସଂଘର୍ଷ କରିବାର ଦେଖାଯାଇଥିଲା। ସେ ଶର୍ଟ ବଲ୍ ନିଜସ୍ୱ ଢଙ୍ଗରେ ଖେଳିବାକୁ ଯାଇଥିଲେ। ଏହା କିନ୍ତୁ ଆଦୌ ଗ୍ରହଣୀୟ ନ ଥିଲା। ଜଣେ ବ୍ୟାଟ୍ସମ୍ୟାନ ଗୋଟିଏ ଭୁଲକୁ ବାରମ୍ବାର ଦୋହରାଇବାର ଦେଖାଯାଇଥିଲା। କୋହଲି ଇନ୍ କମିଙ୍ଗ୍ ବଲ୍‌ରେ ଦ୍ୱିତୀୟ ଟେଷ୍ଟରେ ଦୁଇଥର ସମାନ ଢଙ୍ଗରେ ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ସେହିପରି ମୟଙ୍କ ଅଗ୍ରୱାଲ ଟ୍ରେଣ୍ଟ ବୋଲ୍ଟଙ୍କ ଇନ୍ ସୁଇଙ୍ଗରରେ ଖ୍ରୀଷ୍ଟଚର୍ଚ୍ଚରେ ଦୁଇଥର ସମାନ ଢଙ୍ଗରେ ଆଉଟ ହୋଇଥିଲେ। ପୃଥ୍ୱୀ ଶ ମଧ୍ୟ ସମାନ ତ୍ରୁଟି ଦୋହରାଇଥିଲେ। ଟେଷ୍ଟ କ୍ରିକେଟରେ ଏଭଳି ଭୁଲ ଅକ୍ଷମଣୀୟ ବୋଲି ଧରାଯାଇଥାଏ। ନ୍ୟୁଜିଲାଣ୍ଡ ଗସ୍ତରେ ଭାରତୀୟ ବ୍ୟାଟ୍ସମ୍ୟାନଙ୍କ ମାନସିକ ଓ ବୈଷୟିକ ତ୍ରୁଟି ତଥା ଦୁର୍ବଳତା ପଦାରେ ପଡିଛି ବୋଲି କହିଲେ ଭୁଲ ହେବ ନାହିଁ। ଯଦିଓ ଟି୨୦ ସିରିଜରେ ଭାରତ ଅପେକ୍ଷାକୃତ ଭଲ ପ୍ରଦର୍ଶନ କରି ୫-୦ରେ ବିଜୟୀ ହୋଇଥିଲା।

ଦିନିକିଆ ସିରିଜର ବିଫଳତା ପରେ ଯଶପ୍ରୀତ ବୁମ୍‌ରା ଟେଷ୍ଟରେ ଭଲ ପ୍ରଦର୍ଶନ କରିବା ସନ୍ତୋଷଜନକ ଥିଲା। ଦଳର ବିଫଳତା ପାଇଁ ବୋଲରଙ୍କୁ ଦାୟୀ କରାଯିବା ଠିକ୍ ହେବ ନାହିଁ। କାରଣ ସ୍କୋର ବୋର୍ଡରେ ବ୍ୟାଟ୍ସମ୍ୟାନମାନେ ବୋଲରଙ୍କ ପାଇଁ ଆବଶ୍ୟକ ରନ୍ ସଂଗ୍ରହ କରିପାରି ନ ଥିଲେ। ନିମ୍ନ କ୍ରମରେ ଜେମିସନ ମଧ୍ୟ ବହୁତ ରନ୍ ସଂଗ୍ରହ କରି ଭାରତକୁ ନିରାଶ କରିଥିଲେ। ଲୋୟର ଅର୍ଡରରେ ବ୍ୟାଟ୍ସମ୍ୟାନ ବିଫଳ ହେବା ଫଳରେ ଦୁଇଟି ଯାକ ମ୍ୟାଚ ଲୋ- ସ୍କୋରିଂ ହୋଇଥିଲା। ମୋଟାମୋଟି ଉପରେ ଏହି ଟେଷ୍ଟ ସିରିଜ ଲୋ- ସ୍କୋରିଂ ଥିଲା।

(ଗେମ୍‌ପ୍ଲାନ)



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଗୁରୁବାର, ମାର୍ଚ୍ଚ ୫/୨୦୨୦ Bhubaneswar, Thursday, March 5/2020

# ଖୋର୍ଦ୍ଧାରୁ ୩୦ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ

**ଭୁବନେଶ୍ୱର,୪।୩ (ବ୍ୟୁରୋ)**

- ଜେଲ୍ ରୋଡ୍‌ରୁ ଅଭିଯୁକ୍ତଙ୍କୁ ଗିରଫ କଲା ଏସ୍‌ଟିଏଫ୍
- ୩୦୫ ଗ୍ରାମ୍ ବ୍ରାଉନସୁଗାର ମିଳିଲା, ବାଇକ୍ ଜବତ

କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ମଙ୍ଗଳବାର ରାତିରେ ଖୋର୍ଦ୍ଧାରେ ଚଢ଼ାଉ କରି ୩୦୫ ଗ୍ରାମ୍‌ର ବ୍ରାଉନସୁଗାର ଜବତ କରିବା ସହ ସମ୍ପୃକ୍ତ ଜଣେ ବେପାରୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଖୋର୍ଦ୍ଧା ଟାଉନ ଥାନା ଅନ୍ତର୍ଗତ ଶରଧାପୁର ଗ୍ରାମର ପ୍ରିୟବ୍ରତ ଦାସ। ତେବେ ଚଢାଉବେଳେ ଅନ୍ଧାରର ସୁଯୋଗ ନେଇ ୨ ସହଯୋଗୀ ଭାଲିଆବାଡ଼ିର ସଞ୍ଜୟ ପ୍ରଧାନ ଓରଫ ସଞ୍ଜୁ ଓ ଉପରସାହିର ଦୀପକ ସ୍ୱାଇଁ ଓରଫ ଗୁଡ଼ିଚୋର ଘଟଣାସ୍ଥଳରୁ ଫେରାର ହୋଇଛନ୍ତି। ଜବତ ବ୍ରାଉନସୁଗାରର ବଜାର ମୂଲ୍ୟ ୩୦ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ଏସ୍‌ଟିଏଫ୍ ସୂତ୍ରରୁ ଜଣାପଡିଛି।

ସୂଚନା ମୁତାବକ, ପ୍ରିୟବ୍ରତ ଓ ୨ ସହଯୋଗୀ କୋଲକତା ଏବଂ ବାଲେଶ୍ୱରରୁ ବ୍ରାଉନସୁଗାର ଆଣି ଏଠାରେ ଦୀର୍ଘଦିନ ଧରି ବେପାର ଚଳାଇଛନ୍ତି। ଚୋରା ପଥରଖଣି ଓ ନିଶା କାରବାର ଉପରେ ଏସଟିଏଫ୍‌ର ନଜର ପଡିବା ପରେ ଏମାନେ ସେମାନଙ୍କ ବେପାରର ଧାରାକୁ ବଦଳାଇ ଦେଇଛନ୍ତି। ବାଇକରେ ରାଜଧାନୀ ତଥା ଉପକଣ୍ଠ ଅଞ୍ଚଳରେ ଥିବା ଛୋଟ ଛୋଟ ବେପାରୀଙ୍କୁ ବ୍ରାଉନସୁଗାର ଯୋଗାଇ ଆସୁଥିଲେ। ଏସ୍‌ଟିଏଫ୍ ପୂର୍ବରୁ ସୂଚନା ପାଇବା ସହ ସେମାନଙ୍କ ଉପରେ ନଜର ରଖିଥିଲା। ମଙ୍ଗଳବାର ରାତିରେ ଖୋର୍ଦ୍ଧା ଜେଲ ରୋଡ୍‌ରେ ଏକ ବଡ ଡିଲ୍ କରିବାକୁ ସେମାନେ ବାଇକ୍‌ରେ ଯାଉଥିବାବେଳେ ଏସଟିଏଫ୍ ଟିମ୍ ଚାରିପଟୁ ଘେରି ଯାଇଥିଲା। ତେବେ ଗିରଫ ପ୍ରିୟବ୍ରତଙ୍କୁ କୋର୍ଟଚାଲାଣ କରାଯାଇଥିବାବେଳେ ଆବଶ୍ୟକ ପଡ଼ିଲେ ଅଧିକ ପଚରାଉଚରା ପାଇଁ ରିମାଣ୍ଡରେ ଅଣାଯିବ ବୋଲି ଏସ୍‌ଟିଏଫ୍ ସୂଚନା ଦେଇଛି।

## ବେଗୁନିଆରୁ ୧୦ ଗ୍ରାମ୍ ଜବତ, ଜଣେ ଗିରଫ

**ଖୋର୍ଦ୍ଧା ଅଫିସ୍/ବେଗୁନିଆ, ୪।୩ (ଡି.ଏନ୍.ଏ.):** ବ୍ରାଉନ୍‌ସୁଗାର ବିକ୍ରି କରୁଥିବା ଅଭିଯୋଗରେ ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ପୋଲିସ ମଙ୍ଗଳବାର ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ବାଘମାରୀ ଥାନା ଅନ୍ତର୍ଗତ ପୋଡାଡିହ ଗ୍ରାମର ନବକିଶୋର ସାହୁ (୩୮)। ନବକିଶୋର ଦୀର୍ଘଦିନ ହେଲା ବ୍ରାଉନସୁଗାର ବିକ୍ରି କରୁଥିଲେ। ବିଶେଷକରି ସେ ବେଗୁନିଆ ଥାନା ଅଞ୍ଚଳର କେତେକ ଗାଁକୁ ଗାଁ ବୁଲି ବ୍ୟବସାୟ କରୁଥିବା ଖବର ମିଳିଥିଲା। ମଙ୍ଗଳବାର ରାତିରେ ସେ ବେଗୁନିଆ ଥାନା ବଡବେରଣା ଗ୍ରାମରେ ବ୍ରାଉନସୁଗାର ବିକ୍ରି କରୁଥିବା ଖବର ପୋଲିସଙ୍କୁ ହସ୍ତଗତ ହୋଇଥିଲା। ପୋଲିସ ଟିମ୍ ଚଢାଉ କରି ନବକିଶୋରଙ୍କୁ ଗିରଫ କରିବା ସହ ତାଙ୍କଠାରୁ ୧୦ ଗ୍ରାମ୍ ବ୍ରାଉନସୁଗାର ଜବତ କରିଥିଲା। ଜବତ ବ୍ରାଉନସୁଗାରର ମୂଲ୍ୟ ୫୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ହେବ। ନବକିଶୋରଙ୍କୁ ବୁଧବାର ଖୋର୍ଦ୍ଧା ଏସଡିଜେଏମ୍ କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଖୋର୍ଦ୍ଧା ଉପକାରାଗାରକୁ ପଠାଇ ଦିଆଯାଇଛି ବୋଲି ପୋଲିସ ସୂତ୍ରରୁ ପ୍ରକାଶ।

# ଅପହୃତ ସିକ୍ୟୁରିଟି ସଂସ୍ଥା ମାଲିକ, କର୍ମଚାରୀ ଉଦ୍ଧାର

**କଟକ ଅଫିସ, ୪।୩**

**୩ ଗିରଫ**

ବଜ୍ରକବାଟି ରୋଡ୍ ଅଞ୍ଚଳରୁ ଅପହୃତ ହୋଇଥିବା ଏକ ଘରୋଇ ସିକ୍ୟୁରିଟି ସଂସ୍ଥାର ମାଲିକ ଓ କର୍ମଚାରୀଙ୍କୁ ବୁଧବାର ବାଦାମବାଡ଼ି ଥାନା ପୋଲିସ ଭୁବନେଶ୍ୱରରୁ ଉଦ୍ଧାର କରିଛି। ଏଥିରେ ସମ୍ପୃକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ନୟାଗଡ଼ର ପ୍ରଦୀପ କୁମାର ସାହୁ (୪୦), କାକଟପୁରର ପ୍ରଶାନ୍ତ କୁମାର ସ୍ୱାଇଁ (୩୦) ଏବଂ ବ୍ରହ୍ମଗିରିର ପ୍ରଶାନ୍ତ ବେହେରା (୨୪)। ସୂଚନା ଅନୁଯାୟୀ, ବଜ୍ରକବାଟି ରୋଡଠାରେ 'କଳିଙ୍ଗ ୱାରିୟର ସିକ୍ୟୁରିଟି ସର୍ଭିସ' ନାମକ ଏକ ଘରୋଇ ସିକ୍ୟୁରିଟି ସଂସ୍ଥାର କାର୍ଯ୍ୟାଳୟ ରହିଛି। କିଛିଦିନ ପୂର୍ବେ ଏହି ସଂସ୍ଥା ପକ୍ଷରୁ ସିକ୍ୟୁରିଟି ଗାର୍ଡ ଆବଶ୍ୟକ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଗିରଫ ଅଭିଯୁକ୍ତମାନେ ଚାକିରି ଆଶାରେ ପ୍ରଥମେ କିଛି ଟଙ୍କା ଜମା କରିଥିଲେ। ଉକ୍ତ ସଂସ୍ଥା ତାଙ୍କୁ କିଛିଦିନ ପରେ ଚାକିରି ପ୍ରଦାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲଶ। ମାତ୍ର ସଂସ୍ଥା ପକ୍ଷରୁ ଚାକିରି ଦେବାରେ ଅହେତୁକ ବିଳମ୍ବ ହୋଇଥିଲା। ସେଥିପାଇଁ ଅଭିଯୁକ୍ତମାନେ ଗତ ୨ତାରିଖରେ ଉକ୍ତ ସଂସ୍ଥାର କାର୍ଯ୍ୟାଳୟରେ ପଶି ଗଣ୍ଡଗୋଳ କରିଥିଲେ। ମୁଖ୍ୟ ଅଭିଯୁକ୍ତ ପ୍ରଦୀପ ସାହୁ ୨୦ଜଣ ସହଯୋଗୀଙ୍କ ସହ ମିଶି ସଂସ୍ଥାର ମାଲିକ ମାନସ ରଞ୍ଜନ ଜେନାଙ୍କୁ ମାଡ଼ ମାରିବା ସହ କାର୍ଯ୍ୟାଳୟର ସମସ୍ତ ଜିନିଷପତ୍ର ଭଙ୍ଗାରୁଜା କରିଥିଲେ। ମାଲିକଙ୍କୁ ବଞ୍ଚାଇବାକୁ ଦୁଇଜଣ କର୍ମଚାରୀ ସେକ ଅସଲିମ ଓ ସନ୍ତୋଷ ବିଶ୍ୱାଳ ଆସିଥିଲେ। ମାତ୍ର ଉଭୟ ଆକ୍ରମଣର ଶିକାର ହୋଇଥିଲେ। ଅଭିଯୁକ୍ତମାନେ କାର୍ଯ୍ୟାଳୟରେ ଲାଗିଥିବା ସିସିଟିଭି କ୍ୟାମେରା ଭାଙ୍ଗିଦେବା ସହ ଡିଭିଆର ମେଶିନ ସମେତ ମାନସ ଓ ଅସଲିମଙ୍କୁ କାରରେ ଜବରଦସ୍ତ ନେଇ ସେଠାରୁ ଖସି ପଳାଇଥିଲେ। ବାଦାମବାଡି ଥାନା ପୋଲିସ ପହଞ୍ଚିବାବେଳକୁ ଅଭିଯୁକ୍ତମାନେ ଚମ୍ପଟ ମାରିଥିଲେ। ଏ ନେଇ ବାଦାମବାଡ଼ି ଥାନାରେ ଆଇପିସି ଦଫା ୩୬୫, ୩୦୭, ୩୯୫, ୪୫୫, ୩୪ ଅନୁଯାୟୀ କେସ୍ ନଂ. ୪୧/୨୦ ରୁଜୁ କରାଯାଇଛି। ପୋଲିସ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ପରେ ଅଭିଯୁକ୍ତଙ୍କ ପତ୍ତା ପାଇଥିଲା। ସେମାନେ ଦୁଇଜଣଙ୍କୁ ଅପହରଣ କରି ପ୍ରଥମେ ବାରଙ୍ଗ ନେଇଯାଇଥିଲେ। ପରେ ଖଣ୍ଡଗିରି ଓ ଶହୀଦନଗରରେ ଥିବା ଏକ ପରିତ୍ୟକ୍ତ ଘରେ ଲୁଚାଇ ରଖିଥିଲେ। ପୋଲିସ ଘଟଣାର ତଦନ୍ତ କରି ବୁଧବାର ସେହି ଘରୁ ଅପହୃତଙ୍କୁ ଉଦ୍ଧାର କରିବା ସହ ବାଣୀବିହାର ଛକ ଅଞ୍ଚଳରୁ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

## ନାବାଳିକା ବଳାତ୍କାରୀଙ୍କୁ ୧୦ ବର୍ଷ ଜେଲ

**ଭୁବନେଶ୍ୱର,୪।୩(ବ୍ୟୁରୋ):** ପାହାଡରେ ଛେଳି ଚରାଉଥିବା ୧୨ବର୍ଷର ନାବାଳିକାଙ୍କୁ ବଳାତ୍କାର ମାମଲାର ବିଚାର କରି ଅତିରିକ୍ତ ଜିଲା ଦୌରାଜଜ୍(୪) ତଥା ସ୍ୱତନ୍ତ୍ର ପୋକ୍ସୋ ବିଚାରପତି ସତ୍ୟରଞ୍ଜନ ପ୍ରଧାନ ଅଭିଯୁକ୍ତଙ୍କୁ ୧୦ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୨୦ ହଜାର ଟଙ୍କା ଜରିମାନା ଆଦେଶ ହୋଇଛି। ଜରିମାନା ଅନାଦାୟ ହେଲେ ଅଧିକ ୬ମାସ ଜେଲ୍ ଦଣ୍ଡ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଅଭିଯୁକ୍ତ ଜଣକ ହେଲେ ଖୋର୍ଦ୍ଧା ଜିଲା ଜଟଣୀ ନୂଆସାହି ଅଞ୍ଚଳର ପ୍ରମୋଦ କୁମାର ସାହୁ। ୨୦୧୫ ମାର୍ଚ୍ଚ ୧୬ରେ ଘଟଣା ଘଟିଥିବାବେଳେ ସରକାରଙ୍କ ପକ୍ଷରୁ ମାମଲାକୁ ସ୍ୱତନ୍ତ୍ର ପିପି ସୁବ୍ରତ ପ୍ରିୟଦର୍ଶୀ ପରିଚାଳନା କରୁଥିଲେ।







1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ତୁମ୍ଭମାନଙ୍କର ଶତ୍ରୁମାନଙ୍କୁ ପ୍ରେମକର, ଯେଉଁମାନେ ତୁମ୍ଭମାନଙ୍କୁ ଘୃଣା କରନ୍ତି, ସେମାନଙ୍କର ମଙ୍ଗଳ କର।

-ଯିଶୁଖ୍ରୀଷ୍ଟ



## ସଂକ୍ଷେପରେ

### ଅଂଶୁଘାତ ମୁକାବିଲାର ପ୍ରଶାସନିକ ପ୍ରସ୍ତୁତି

**ବାଙ୍କୀ,୪।୩(ସ୍ୱ.ପ୍ର): ବାଙ୍କୀରେ** ଗ୍ରୀଷ୍ମପ୍ରବାହ ସମୟରେ ଅଂଶୁଘାତର ମୁକାବିଲା ପାଇଁ ଉପଖଣ୍ଡସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବାଙ୍କୀ ଉପଜିଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ବୈଠକରେ ଉପଜିଲାପାଳ ରଞ୍ଜନ କୁମାର ଜେନା ଅଧକ୍ଷତା କରିଥିଲେ। ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହ ଜନିତ ପରିସ୍ଥିତିର ମୁକାବିଲା ପାଇଁ ଅଧିକାରୀମାନେ ସଜାଗ ଓ ତତ୍ପର ରହିବାକୁ ଉପଜିଲାପାଳ ଜେନା ନିର୍ଦ୍ଦେଶ ଦେଇଥିଲେ। ଗ୍ରୀଷ୍ମପ୍ରବାହ ସମୟରେ ପଞ୍ଚାୟତିରାଜ ବିଭାଗ ମାଧମରେ ସତର୍କ ସୂଚନା ପ୍ରଦାନ କରିବା, ପାନୀୟ ଜଳ ବ୍ୟବସ୍ଥା, ଅଂଶୁଘାତ ଚିକିତ୍ସାକେନ୍ଦ୍ର ଖୋଲିବା, ମୋବାଇଲ୍ ସ୍ୱାସ୍ଥ୍ୟ ୟୁନିଟ୍ ଖୋଲିବା, ବସ ଚଳାଚଳ ୧୧ଟାରୁ ୩ ପର୍ଯ୍ୟନ୍ତ ବନ୍ଦ ରଖିବା ପାଇଁ ସେ ପରାମର୍ଶ ଦେଇଥିଲେ। ଏହି ସମୟରେ ବିଦ୍ୟୁତ୍ ଯୋଗାଣ ବନ୍ଦ କରିବାପୂର୍ବରୁ ଆଗୁଆ ସୂଚନା ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ବିଦ୍ୟାଳୟଗୁଡିକରେ ପାଠପଢ଼ା ସମୟ ଦିନ ୧୦ଟା ୩୦ ମଧରେ ସୀମିତ ରଖିବାକୁ କୁହାଯାଇଥିଲା। ଚାଷୀମାନଙ୍କୁ ମଧାହ୍ନ ସମୟରେ କ୍ଷେତକୁ ନ ଯିବା ପାଇଁ ସଚେତନ କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧରେ ବୈଠକରେ ଶାରଦା ପ୍ରସାଦ ମହାନ୍ତି, ଡାକ୍ତର ଧୂଳେଶ୍ୱର ପ୍ରଧାନ, ଏନ୍ଏସି କାର୍ଯ୍ୟକାରୀ ଅଧିକାରୀ ବିନୟ ରଞ୍ଜନ ମହାପାତ୍ର, ତହସିଲଦାର ପଦ୍ମଚରଣ ସାହୁ, ଡମପଡ଼ା ତହସିଲଦାର କ୍ଷୀତିସ୍ କୁମାର ବେହେରା ଓ ସହକାରୀ ଜିଲାପାଳ ଦେବେନ୍ଦ୍ରନାଥ ଖଟୁଆଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

### ଭଗବତ ଗୋସ୍ୱାମୀଙ୍କ ୫ମ ବାର୍ଷିକ ସଂକୀର୍ତ୍ତନ ମେଳା

**ଆଠଗଡ, ୪।୩(ସ୍ୱ.ପ୍ର.):** ଆଠଗଡ ବ୍ଲକ ଅନ୍ତର୍ଗତ କରିକୋଲ ଗ୍ରାମରେ ଶ୍ରୀ ଶ୍ରୀ ଭଗବତ ଗୋସ୍ୱାମୀଙ୍କ ୫ମ ବାର୍ଷିକ ସଂକୀର୍ତ୍ତନ ମେଳା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ୨ ଦିନ ବ୍ୟାପୀ ଆୟୋଜିତ ଏହି ମେଳାରେ କରିକୋଲ ଗ୍ରାମର ବିଭିନ୍ନ ଦେବଦେବୀଙ୍କୁ ବିମାନରେ ନିଆଯାଇ ମଞ୍ଚରେ ଉପବିଷ୍ଟ କରାଇବା ପରେ ଅଧିବାସ ଓ ସଂକୀର୍ତ୍ତନ ଆରମ୍ଭ ହୋଇଥିଲା। ବୁଧବାର ୮ ଭାବଗତ ସଂକୀର୍ତ୍ତନ ମଣ୍ଡଳି ଏଥିରେ ଯୋଗଦେଇ ସଂକୀର୍ତ୍ତନ କରିଥିଲେ। ଉଦ୍‌ଯାପନ ପରେ ଗ୍ରାମର ଦିଅଁ ଦେବତାଙ୍କୁ ପୁର୍ନବାର ସୁସଜ୍ଜିତ ବିମାନରେ ଶୋଭାଯାତ୍ରାରେ ନିଜ ନିଜ ମନ୍ଦିରକୁ ନିଆଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ କରିକୋଲ ଗ୍ରାମ ସଭାପତି ଆକୁଳାନନ୍ଦ ସ୍ୱାଇଁ, ପତିତ ପାବନ ସ୍ୱାଇଁ, ବିଶ୍ୱନାଥ ସ୍ୱାଇଁ ଓ ବସନ୍ତ କୁମାର ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।

# ଲୁଟ୍ ଯୋଜନା କରିଥିଲେ ଅଭିଯୋଗକାରୀ

**ସେସୁ କାର୍ଯ୍ୟାଳୟରୁ ଟଙ୍କା ଲୁଟ୍ ଘଟଣାର ପର୍ଦ୍ଦାଫାଶ**

- ମୋବାଇଲ୍ ଟ୍ରାକିଂ ଜରିଆରେ ଧରାପଡିଲେ
- ୨ ସହଯୋଗୀଙ୍କ ବିରୋଧରେ ବିଭିନ୍ନ ଜିଲାରେ ରହିଛି ମାମଲା

**ସାଲେପୁର,୪।୩(ଡି.ଏନ୍.ଏ.)**

ସାଲେପୁର ସେସୁ ଅଧୀନ ରାଇସୁଙ୍ଗୁଡ଼ା ବିଦ୍ୟୁତ୍ ଡିଭିଜନ୍ କାର୍ଯ୍ୟାଳୟରୁ ଲକ୍ଷାଧିକ ଟଙ୍କା ଲୁଟ୍ ଘଟଣାର ବୁଧବାର ପର୍ଦ୍ଦାଫାଶ ହୋଇଛି। ଅଭିଯୋଗକାରୀ ଶୁଭଜ୍ୟୋତି ମହାପାତ୍ର ନିଜେ ଲୁଟ୍ ଯୋଜନା କରିଥିଲେ ବୋଲି ପୋଲିସ ଏକ ଖବରଦାତା ସମ୍ମିଳନୀ ଜରିଆରେ ପ୍ରକାଶ କରିଛି। ଏଥିସହ ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ୨ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ଜଗତ୍‌ସିଂହପୁର ଜିଲା ବାଲିକୁଦା ଥାନା ଅନ୍ତର୍ଗତ ଓଲାବର ଗ୍ରାମର ରାକେଶ ଦାସ ଓ ପଦନରୁଆ ଗ୍ରାମର ବିକାଶ ନାୟକ। ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କଠାରୁ ନଗଦ ୧ଲକ୍ଷ ୬୪ହଜାର ଟଙ୍କା, ଗୋଟିଏ ଖେଳଣା ବନ୍ଧୁକ, ଏକ ଛୁରି, ୪ ମୋବାଇଲ୍, ୨ ଏଟିଏମ୍ କାର୍ଡ ଓ ଲୁଟ୍ ଘଟଣାରେ ବ୍ୟବହୃତ ହୋଇଥିବା କଳା ପଲ୍‌ସର ଜବତ ହୋଇଛି।

ପୋଲିସ ସୂଚନା ଅନୁଯାୟୀ,ଜପକୁଦ ଓ ରାଇସୁଙ୍ଗୁଡ଼ା ସେକ୍ସନର ବିଦ୍ୟୁତ୍ ଗ୍ରାହକଙ୍କଠାରୁ ବିଲ୍ ଆଦାୟ ପାଇଁ ଫ୍ରାଞ୍ଚାଇଜ ନେଇଥିବା ଏକ ଘରୋଇ କମ୍ପାନୀରେ ସାଲେପୁର ଅଞ୍ଚଳର ଶୁଭଜ୍ୟୋତି କାମ କରନ୍ତି। ଗତ ୨୬ ତାରିଖରେ ଶୁଭଜ୍ୟୋତି ଜପକୁଦ ବିଦ୍ୟୁତ୍ ସେକ୍ସନ୍ ଅଞ୍ଚଳର ଗ୍ରାହକଙ୍କ ଠାରୁ ବିଲ୍ ବାବଦ ଟଙ୍କା ଆଦାୟ କରି ରାଇସୁଙ୍ଗୁଡ଼ା ସେକ୍ସନକୁ ଯାଇଥିଲେ।



ଖବରଦାତା ସମ୍ମିଳନୀରେ ପୋଲିସ ଅଧିକାରୀଙ୍କ ସହ ଅଭିଯୁକ୍ତମାନେ।

ସେ ରାଇସୁଙ୍ଗୁଡ଼ା ବିଦ୍ୟୁତ୍ ସେକ୍ସନ କାର୍ଯ୍ୟାଳୟରେ ବସିଥିବା ବେଳେ ପୂର୍ବ ଯୋଜନା ମୁତାବକ, ଅନ୍ୟ ୨ ଅଭିଯୁକ୍ତ କଳା ପଲସରରେ ସେଠାରେ ପହଞ୍ଚି ତାଙ୍କ ମୁଣ୍ଡରେ ନକଲି ବନ୍ଧୁକ ଲଗାଇ ଆଦାୟ ହୋଇଥିବା ଲକ୍ଷାଧିକ ଟଙ୍କା ନେଇ ଫେରାର ହୋଇଯାଇଥିଲେ। ପରେ ଶୁଭଜ୍ୟୋତି ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ଥାନାରେ ମାମଲା (ନଂ.୮୬/୨୦) ରୁଜୁ କରାଯାଇ ତଦନ୍ତ ଜାରି ରହିଥିଲା। ମାତ୍ର ଶୁଭଜ୍ୟୋତିଙ୍କ କାର୍ଯ୍ୟକଳାପରେ ପୋଲିସ ସନ୍ଦେହ କରି ତାଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା ଚଳାଇଥିଲା। ଏଥିସହ ତାଙ୍କ ମୋବାଇଲ ନମ୍ବର ଟ୍ରାକିଂ କରି ଅଭିଯୁକ୍ତ ରାକେଶ ଓ ବିକାଶଙ୍କୁ କେନ୍ଦୁପାଟଣା ଅଞ୍ଚଳରୁ ଗିରଫ କରିଥିଲା। ଉଭୟଙ୍କ ନାମରେ ପୂର୍ବରୁ ରାଜ୍ୟର ବିଭିନ୍ନ ଜିଲାରେ ଏକାଧିକ ମାମଲା ରହିଛି ବୋଲି ସାଲେପୁର ଥାନା ଅଧିକାରୀ ଆଇଆଇସି ଦେବେନ୍ଦ୍ର କୁମାର ମଲ୍ଲିକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସମସ୍ତ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ସାଲେପୁର ସବ୍‌ଜେଲ୍‌କୁ ପଠାଇ ଦିଆଯାଇଛି।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମୁଖରେ ହରିନାମ**
**ରାତିରେ ଚୋରିକାମ।**

ଆକୃତି ବା ବାହ୍ୟ ସ୍ୱରୂପ ଦେଖି ପ୍ରକୃତି ବିଷୟରେ ଅନ୍ଦାଜ ଲଗାଇବା କଷ୍ଟକର ହୋଇଥାଏ। ସାଧୁବେଶ ହୋଇ ହରିନାମ ଗାଇ କିଛି କପଟୀ ସ୍ୱଭାବର ବ୍ୟକ୍ତି ଅନ୍ୟକୁ ପ୍ରଭାବିତ କରି ନିଜ ମନ୍ଦ ଉଦ୍ଦେଶ୍ୟ ଚରିତାର୍ଥ କରାଇବାରେ ବେଶ୍ ସିଦ୍ଧହସ୍ତ ହୋଇଥାନ୍ତି। ସରଳତାର ସୁଯୋଗ ନେଇ ବିଶ୍ୱାସ ଜନ୍ମାଇ ଅନ୍ୟକୁ ଠକି ଚାଲିଥାନ୍ତି। ଉପରକୁ ସାଧୁବେଶ ଧାରଣ ଅଥଚ ଭିତରେ ମନ୍ଦ ଆଚରଣ। ଭଣ୍ଡ ବା ଶଠ ପ୍ରକୃତିର ବ୍ୟକ୍ତିଙ୍କ ଏତାଦୃଶ ମନ୍ଦ ଚରିତ୍ର ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ମୁଣ୍ଡରେ ପଗଡ଼ି ପାଦରେ ତେଲ**
**ବଇଦ ସାଙ୍ଗରେ କରିବ ଗେଲ।**

ମୁଣ୍ଡରେ ପଗଡ଼ି ବାନ୍ଧିଲେ ଖରାଦାଉରୁ ରକ୍ଷା ମିଳିଥାଏ। ସେହିପରି ପାଦରେ ତେଲ ଲଗାଇବା ଦ୍ୱାରା ପାଦ ଚିକ୍କଣ ହେବା ସହ ଗୋଇଠି ଫାଟି ନ ଥାଏ। ପଗଡ଼ି ଓ ତେଲ ଉଭୟ ସ୍ୱାସ୍ଥ୍ୟ ପାଇଁ ଉପକାରୀ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା: ଲି:

# ଗୁଣିଆଙ୍କୁ ଗିରଫ ଦାବିରେ ତହସିଲଦାରଙ୍କୁ ଭେଟିଲେ ଗ୍ରାମବାସୀ

**ସାଲେପୁର, ୪।୩(ଡି.ଏନ୍.ଏ.)**

**ନାବାଳିକାଙ୍କୁ ଶ୍ମଶାନରେ ବଳିଦେବା ଉଦ୍ୟମ ଘଟଣା**

ସାଲେପୁର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଶ୍ମଶାନରେ ବଳି ଦେବା ଉଦ୍ୟମ ଘଟଣାରେ ମାତାପିତା ଗ୍ରାମବାସୀଙ୍କ ସହ ବୁଧବାର ତହସିଲଦାରଙ୍କୁ ଭେଟି ଅଭିଯୁକ୍ତ ଗୁଣିଆକୁ ଗିରଫ କରିବାକୁ ଦାବି କରିଛନ୍ତି। ସୋମବାର ନାବାଳିକାଙ୍କ ବାପା ସାଲେପୁର ଥାନାରେ ଅଭିଯୋଗ କରିବା ପରେ ବୁଧବାର ପୋଲିସ ପକ୍ଷରୁ ମାମଲା (ନଂ.୯୪/୨୦)ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ଅଭିଯୋଗ ହେବା ପରେ ଅଭିଯୁକ୍ତ ଗଗନବିହାରୀ ସ୍ୱାଇଁ ଫେରାର ହୋଇଯାଇଥିବା ନେଇ ଥାନା ଆଇଆଇସି ଦେବେନ୍ଦ୍ର କୁମାର ମଲ୍ଲିକ କହିଛନ୍ତି। ଏଥିସହ ଭିନ୍ନ ଆଚରଣ ପ୍ରଦର୍ଶନ କରୁଥିବା ନାବାଳିକାଙ୍କ ୩ ଭାଇ କଟକ ବଡ ମେଡିକାଲରୁ ଫେରି କେନ୍ଦ୍ରାପଡ଼ାର ଏକ ଗୁଣିଆ ନିକଟରେ ଝଡ଼ାଫୁଙ୍କା ହେବା ପରେ ସୁସ୍ଥ ଅଛନ୍ତି ବୋଲି ପରିବାର ସଦସ୍ୟ କହିଛନ୍ତି। ଗତ ୨୨ତାରିଖ ସନ୍ଧ୍ୟାରେ ସାଲେପୁର ଥାନା ଅନ୍ତର୍ଗତ ମିର୍ଜାପୁର ପଞ୍ଚାୟତର ୧୩ ବର୍ଷର ନାବାଳିକା ସ୍ଥାନୀୟ ପଡ଼ିଆକୁ ଶୌଚ ହେବାକୁ ଯାଇଥିବା ବେଳେ ଉକ୍ତ ଅଞ୍ଚଳର ଗଗନବିହାରୀ ସହଯୋଗୀଙ୍କ ସହ ମିଶି ଝିଅକୁ ଅଚେତ କରି ଉଠାଇ ନେଇଥିଲେ। ସେମାନେ ନାବାଳିକାଙ୍କୁ ଏକ ଶ୍ମଶାନକୁ ନେଇ ଉଲଗ୍ନକରି ବଳିଦେବା ଉଦ୍ଦେଶ୍ୟରେ ପୂଜାର୍ଚ୍ଚନା କରିଥିଲେ। ନବାଳିକାଙ୍କ ଚେତା ଫେରିବା ପରେ କୌଶଳକ୍ରମେ ସେଠାରୁ ଖସିଆସି ଏ ବିଷୟରେ ପରିବାର ସଦସ୍ୟଙ୍କୁ ଜଣାଇଥିଲେ। ଏ ସମ୍ପର୍କରେ ତାଙ୍କ ପିତା ଅଭିଯୁକ୍ତଙ୍କୁ ପଚାରିବାରୁ ସେ ତାଙ୍କୁ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିଲେ। ଏହି ଘଟଣା ଘଟିବାର କିଛିଦିନ ପରେ ନାବାଳିକାଙ୍କ ୩ ଭାଇ ଭିନ୍ନ ଆଚରଣ ପ୍ରଦର୍ଶନ କରିବା ସହ ବାରମ୍ବାର ଅଚେତ ହୋଇପଡୁଥିବା ନେଇ ସେମାନଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ।

# ଫଟୋ ଏଡିଟ୍ କରି ଚାନ୍ଦା ମାଗୁଥିବା ଅଭିଯୋଗ

**ନିଶ୍ଚିନ୍ତକୋଇଲି, ୪।୩(ସ୍ୱ.ପ୍ର.)**

**୨ ସିଆରସିଙ୍କ ମଦ୍ୟପାନ ଫଟୋ ଭାଇରାଲ ଘଟଣା**

ନିଶ୍ଚିନ୍ତକୋଇଲି ଶିକ୍ଷାମଣ୍ଡଳ ଅଧୀନରେ କାର୍ଯ୍ୟରତ ୨ ସିଆରସିଙ୍କ ବାର୍‌ରେ ମଦ୍ୟପାନ କରିବା ଫଟୋ ଗତ ଗୁରୁବାର ଭାଇରାଲ ହୋଇଥିଲା। ଏହାପରେ ଉଭୟଙ୍କୁ ଚାକିରିରୁ ବହିଷ୍କାର ଦାବିରେ ସୋମବାର ଅଭିଭାବକ ଓ କେତେଜଣ ଗ୍ରାମବାସୀ ବିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ମଙ୍ଗଳବାର ଏହି ଘଟଣାର ମୋଡ଼ ବଦଳିଛି। ରାଜନୈତିକ ଫାଇଦା ଓ ଚାନ୍ଦା ମାଗିବା ଉଦ୍ଦେଶ୍ୟରେ କିଛି ଅସାମାଜିକ ଲୋକ ସେମାନଙ୍କ ଫଟୋ ଏଡିଟିଂ କରି ଭାଇରାଲ କରିଛନ୍ତି ବୋଲି ସିଆରସିସି ମୃତ୍ୟୁଞ୍ଜୟ ସେନାପତିଙ୍କ ସ୍ତ୍ରୀ ସୌଭାଗିନୀ ସେନାପତି ନିଶ୍ଚିନ୍ତକୋଇଲି ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ସ୍ୱାମୀ ଓ ଅନ୍ୟତମ ସିଆରସିସି ନାରାୟଣ ଚାନ୍ଦ ବନ୍ଧୁ ଅଟନ୍ତି। କିଛି ଅସାମାଜିକ ବ୍ୟକ୍ତି ଏହି ଫଟୋକୁ ଏକାଠି କରି ଏକ ବାର୍ ମଧରେ ମଦ୍ୟପାନ କରୁଥିବା ଦେଖାଇ ଏଡିଟିଂ କରିଥିଲେ। ଏଥିସହ ଫଟୋ ଭାଇରାଲ କରିଦେବାକୁ କହି ୨ ଲକ୍ଷ ଟଙ୍କା ମାଗିଥିଲେ। ମାତ୍ର ସୌଭାଗିନୀ ଏହି ଟଙ୍କା ନ ଦେବାରୁ ଫଟୋ ଭାଇରାଲ କରିଦେବା ସହ କିଛି ଗ୍ରାମବାସୀଙ୍କ ସହ ମିଶି ବିଇଓଙ୍କ ନିକଟରେ ମିଥ୍ୟା ଅଭିଯୋଗ କରିଛନ୍ତି। ସେ ଏକ ରାଜନୈତିକ ଦଳର ଆଗଧାଡିର ନେତ୍ରୀ ହୋଇଥିବାରୁ ମନ୍ଦ ଉଦ୍ଦେଶ୍ୟ ରଖି ଏପରି ଫଟୋ ଭାଇରାଲ କରାଯାଇଛି ବୋଲି ସୌଭାଗିନୀ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଏସମ୍ପର୍କରେ ଥାନା ଅଧିକାରୀ ଶୁଭେନ୍ଦୁ ଶେଖର ପରିଡା କୁହନ୍ତି ଏନେଇ ଅଭିଯୋଗ ମିଳିଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ହେବ।

## ଜାତୀୟ ନିରାପତ୍ତା ଦିବସ



**ସାଲେପୁର, ୪।୩(ଡି.ଏନ୍.ଏ.)**

ସାଲେପୁର ବ୍ଲକ ଅନ୍ତର୍ଗତ ରୋଧପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଜାତୀୟ ନିରାପତ୍ତା ଦିବସ ବୁଧବାର ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନିରୂପମା ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଚିତ୍ରାଙ୍କନ, ବକ୍ତୃତା ଓ ସ୍ଲୋଗାନ୍ ଆଦି ପ୍ରତିଯୋଗିତା ଆୟୋଜନ ହୋଇଥିଲା। ବିଦ୍ୟାଳୟର ପରିଚାଳନା କମିଟି ଅଧକ୍ଷ ହୃଷିକେଶ ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଶେଷରେ ଛାତ୍ରୀଛାତ୍ରମାନେ ହାତରେ ପ୍ଲାକାର୍ଡ ଧରି ସାଲେପୁର ବଜାର ପରିକ୍ରମା କରିଥିଲେ। ଏହାକୁ ବରିଷ୍ଠ ଶିକ୍ଷୟିତ୍ରୀ ରଞ୍ଜୁବାଳା ପାତ୍ର, ପ୍ରତିଭା ମହାନ୍ତି, ସୁଜାତା ଶତପଥୀ, ବନ୍ଦନା କୁମାରୀ ଜେନା ଓ ତୃପ୍ତିଲତା ଧଳ ପ୍ରମୁଖ ପରିଚାଳନା କରିଥିଲେ।

# ପ୍ରଶାସନ ଆଢୁଆଳରେ ଚାଲିଛି ବେଆଇନ ଇଟାଭାଟି

**ଟିଗିରିଆ,୪।୩(ଡି.ଏନ୍.ଏ.)**

ଟିଗିରିଆ ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମାଞ୍ଚଳରେ ବହୁ ସଂଖ୍ୟାରେ ବେଆଇନ ଇଟାଭାଟି ଚାଲିଛି। ଏସବୁ ଭାଟିରେ ଇଟା ପୋଡାଯିବା ଯୋଗୁ ବାହ୍ୟ ପ୍ରଦୂଷଣ ହେଉଥିବାନେଇ ବାରମ୍ବାର ଅଭିଯୋଗ ହେଉଥିଲେ ମଧ ତହସିଲ ପ୍ରଶାସନ ଏଥିପ୍ରତି ନଜର ନାହିଁ। ଟିଗିରିଆ ବ୍ଲକ ଅନ୍ତର୍ଗତ ଗୋପୀନାଥପୁର ଶାସନ, ପୁରୁଣାଟିଗିରିଆ ଗ୍ରାମ, ବାଲିଫୁଟ ଓ କଳିବୀର ଆଦି ଅଞ୍ଚଳରେ ବହୁସଂଖ୍ୟାରେ ଇଟାଭାଟି ସବୁ ଖୋଲାଯାଇଛି। ଏସବୁ ଭାଟିରେ ଇଟା ପୋଡିବା ପାଇଁ କୋଇଲା ଓ ଝୁରିଆ ସାର ଆଦି ଦିଆଯାଉଛି। ଫଳରେ ଭାଟିରୁ ବାହାରୁଥିବା ଧୂଆଁ ଯୋଗୁ ଆଖି ଜଳାପଡା ହେଉଛି। ଏନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ଟିଗିରିଆ ତହସିଲଦାର ପରେଶ କୁମାର ନାୟକ କୁହନ୍ତି, ବେଆଇନ ଇଟାଭାଟି ମାଲିକଙ୍କ ବିରୋଧରେ ପ୍ରଶାସନ ପକ୍ଷରୁ ମାମଲା ରୁଜୁ କରାଯାଇଛି। ଏପରିକି କିଛି ବ୍ୟବସାୟୀଙ୍କୁ ନୋଟିସ ମଧ ଜାରି କରାଯାଇଛି। ଆଗାମୀ ଦିନରେ ଗ୍ରୀଷ୍ମ ପ୍ରବାହ ହେବାକୁ ଥିବାରୁ ସେମାନଙ୍କ ବିରୋଧ ଚଢ଼ାଉ ଜୋରଦାର କରାଯିବ। ଏଥିସହ ବେଆଇନ ଇଟା ଭାଟିଗୁଡିକୁ ଭାଙ୍ଗି ଦେବାପାଇଁ ଦମକଳ ବାହିନୀର ସହଯୋଗ ନିଆଯିବ।



ଟିଗିରିଆ ଅଞ୍ଚଳରେ ଚାଲିଥିବା ବେଆଇନ ଇଟାଭାଟି।

# ଗ୍ୟାସ ସିଲିଣ୍ଡର ଲିକ୍‌ରୁ ଅଗ୍ନିକାଣ୍ଡ

**ସାଲେପୁର, ୪।୩(ଡି.ଏନ୍.ଏ.)**

ଗ୍ୟାସ୍ ସିଲିଣ୍ଡର ଲିକ୍‌ରୁ ଅଗ୍ନିକାଣ୍ଡ ଘଟି ସାଲେପୁର ବ୍ଲକ୍ ଅନ୍ତର୍ଗତ ଲୁଣାହାର ଗ୍ରାମର ଅକ୍ଷୟ କୁମାର ବେହେରାଙ୍କ ୨ ବଖରା ଜଳିଯାଇଛି। ସକାଳେ ରୋଷେଇ ଚାଲିଥିବା ବେଳେ ଏହି ଅଗ୍ନିକାଣ୍ଡ ହୋଇଥିଲା। ନିଆଁରେ ଘରେ ଥିବା ଧାନ ଚାଉଳ ସମେତ ଟଙ୍କା ଓ ବିଭିନ୍ନ ଆସବାବପତ୍ର ଜଳିପୋଡି ପାଉଁଶ ହୋଇଯାଇଛି। ଖବରପାଇ ସାଲେପୁର ଅଗ୍ନିଶମ ସେବାସଂସ୍ଥା କର୍ମଚାରୀ ଘଟଣସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

# ଧାନ ବିକ୍ରି କରିପାରିଲେନି ୩୧ ଚାଷୀ

**କଟକ ସଦର,୪।୩(ଡି.ଏନ୍.ଏ.)**

କଟକ ସଦର ବ୍ଲକ ଅନ୍ତର୍ଗତ ଗତିରାଉତପାଟଣା ସେବା ସମବାୟ ସମିତିର ପଞ୍ଜୀକୃତ ୩୧ଜଣ ଚାଷୀଙ୍କ ନିକଟକୁ ଧାନ ବିକ୍ରି ପାଇଁ ମଙ୍ଗଳବାର ଖାଦ୍ୟ ଓ ଯୋଗାଣ ବିଭାଗରୁ ମେସେଜ ଆସିଥିଲା। ମାତ୍ର ମିଲରଙ୍କୁ ନିର୍ଦ୍ଦେଶ ମିଳି ନ ଥିବାରୁ ଚାଷୀମାନେ ଧାନ ବିକ୍ରି ନ କରିପାରି ମଣ୍ଡିରୁ ଫେରିଯାଇଥିଲେ। ଉକ୍ତ ଚାଷୀଙ୍କଠାରୁ ୭ଦିନ ମଧରେ ଧାନ କିଣା ନ ଗଲେ ଟୋକନ ରଦ୍ଦ ହୋଇଯିବା ଆଶଙ୍କା ସୃଷ୍ଟି ହୋଇଛି।

# ଡିଇଓଙ୍କ ଚିଠି ପରେବି ବିଇଓ କଲେନି ତଦନ୍ତ

**ନିଶ୍ଚିନ୍ତକୋଇଲି,୪।୩(ସ୍ୱ.ପ୍ର.)**

**ମଧାହ୍ନ ଭୋଜନ ଦୁର୍ନୀତି**

ନିଶ୍ଚିନ୍ତକୋଇଲି ଶିକ୍ଷାମଣ୍ଡଳ ଅଧୀନ ଖଣ୍ଡାୟତପଟିକିରା ଉଚ୍ଚ ବିଦ୍ୟାଳୟରେ ମଧାହ୍ନ ଭୋଜନ ହୋଇଥିବା ଅନିୟମିତତା ଅଭିଯୋଗର ମଙ୍ଗଳବାର ୨ୟ ପର୍ଯ୍ୟାୟ ତଦନ୍ତ ଶେଷ ହୋଇଥିଲା। ବ୍ୟକ୍ତିଗତ ଭାବେ ଏହି ତଦନ୍ତ କରିବା ପାଇଁ ଡିଇଓ ତଥା ଜିଲା ଶିକ୍ଷାଧିକାରୀ (ଚିଠି ନଂ.୨୯୫୪/୩।୩।୨୦) ବିଇଓ (ବ୍ଲକ ଶିକ୍ଷାଧିକାରୀ)ଙ୍କୁ ନିର୍ଦ୍ଦେଶ ଦେଇଥିଲେ। ୭ ମାର୍ଚ୍ଚ ସୁଦ୍ଧା ଏହି ତଦନ୍ତ ରିପୋର୍ଟ ଦାଖଲ କରିବା ପାଇଁ ସେଥିରେ ଉଲ୍ଲେଖ ହୋଇଥିଲା। ମାତ୍ର ବିଇଓ ଏହି ତଦନ୍ତ ନିଜେ ନ କରି ଏବିଇଓ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଓ ଏମ୍‌ଡିଏମ୍ ନୋଡାଲ ଅଧିକାରୀ ନିକୁଞ୍ଜ ବିହାରୀ ମହାନ୍ତିଙ୍କ ଜରିଆରେ କରାଇଥିବା ସୂଚନା ମିଳିଛି। ଏହି ବିଦ୍ୟାଳୟରେ ମଧାହ୍ନ ଭୋଜନ ପ୍ରଦାନରେ ଦୁର୍ନୀତି ଅଭିଯୋଗ ପାଇବା ପରେ ରାଜ୍ୟ ମଧାହ୍ନ ଭୋଜନ ନୋଡାଲ ଅଫିସର ପତ୍ର ନଂ. ୧୨୮/୧୫।୨।୨୦ରେ ବିଇଓଙ୍କୁ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେତେବେଳେ ମଧ ବିଇଓ ନିଜେ ତଦନ୍ତ ନ କରି ଏବିଇଓ ଲକ୍ଷ୍ମଣ ଲେଙ୍କା ଓ ନିକୁଞ୍ଜ ବିହାରୀଙ୍କୁ ତଦନ୍ତ ଦାୟିତ୍ୱ ଦେଇଥିଲେ। ସିଆର୍‌ସିସି ଗତିକୃଷ୍ଣ ରାଉତ ରିପୋର୍ଟ ପ୍ରଦାନରେ ବିଳମ୍ବ ହେଉଥିବା ନେଇ ଅଭିଯୋଗ କରିବା ପରେ ଲେଙ୍କାଙ୍କୁ ଏହି ତଦନ୍ତ ଦାୟିତ୍ୱରୁ ହଟାଇଦିଆଯାଇଥିଲା। ବାରମ୍ବାର ତଦନ୍ତକୁ ନେଇ ଭିନ୍ନ ଭିନ୍ନ ଘଟଣା ପଦାକୁ ଆସିବା ପରେ ଏହାର ନିରପେକ୍ଷତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ବିଇଓଙ୍କୁ ଯୋଗାଯୋଗେ କରାଯାଇଥିଲେ ମଧ ଫୋନ ନ ଉଠାଇବାରୁ ଅଧିକ ସୂଚନା ମିଳି ପାରି ନ ଥିଲା।

# ଫେରୁଛି ମାଟି ପାତ୍ରର ଚାହିଦା

- ତନ୍ଦୁରି ଚାହା, ମାଟି ହାଣ୍ଡି ମାଂସ ଲୋକପ୍ରିୟ ହୋଇଛି
- ପ୍ଲାଷ୍ଟିକ ପାତ୍ରର ବ୍ୟବହାର ଯୋଗୁ କମିଥିଲା ଚାହିଦା

**ନରାଜ,୪।୩ (ଡି.ଏନ.ଏ)**

କାଇଁ କେଉଁ ଆଦିମ କାଳରୁ ମାଟିପାତ୍ରର ପ୍ରଚଳନ ହୋଇ ଆସୁଛି। ପୂର୍ବରୁ ନିତ୍ୟ ବ୍ୟବହାର କାର୍ଯ୍ୟ ପାଇଁ ମାଟିପାତ୍ରର ଆବଶ୍ୟକତା ହେଉଥିଲା। ପରବର୍ତ୍ତୀ ସମୟରେ ପ୍ଲାଷ୍ଟିକ ଓ ଷ୍ଟିଲ ତିଆରି ପାତ୍ରର ବହୁଳ ବ୍ୟବହାର ଫଳରେ ମାଟି ପାତ୍ରର ଚାହିଦା ହ୍ରାସ ପାଇଥିଲା। ଏବେ ପ୍ଲାଷ୍ଟିକ ବ୍ୟବହାର କମିବା ଫଳରେ ପୁନର୍ବାର ମାଟିପାତ୍ରର ଚାହିଦା ବଢ଼ିଛି। ଆଜିକାଲି ମାଟି ପାତ୍ରରେ ପ୍ରସ୍ତୁତ ତନ୍ଦୁରି ଚାହା ଓ ମାଟି ହାଣ୍ଡି ମାଂସ ଅଧିକ ଲୋକପ୍ରିୟ ହୋଇଛି। ଏଥିପାଇଁ ହୋଟେଲ, ରେଷ୍ଟୁରାଣ୍ଟ ଓ ଚାହା ଦୋକାନଗୁଡିକରେ ମାଟିପାତ୍ର ବହୁଳ ଭାବେ ବ୍ୟବହାର କରାଯାଉଛି। ସେହିପରି ଘରେ ମଧ ଠାକୁର ପୂଜା ଓ ରୋଷେଇ ସାମଗ୍ରୀ ଭାବେ ଏହାକୁ ବ୍ୟବହାର କରାଯାଉଛି। ଏବେ ଖରାଦିନ ଆସିଥିବା ବେଳେ ଲୋକେ ପୂର୍ବଭଳି ମାଠିଆରେ ପାଣି ପିଇବାକୁ ପସନ୍ଦ କରୁଛନ୍ତି। ଏହାଛଡା ମାଟି ପାତ୍ରର ରୋଗ ପ୍ରତିରୋଧକ ଶକ୍ତି ଅଧିକ ଥିବାରୁ ଲୋକେ ନିରୋଗ ରହିବା ପାଇଁ ପୂର୍ବଭଳି ଏହି ପାତ୍ରରେ ଖାଇବାକୁ ମଧ ଆଗଭର ହେଲେଣି ବୋଲି କୁମ୍ଭାକାରମାନେ କୁହନ୍ତି।



ସରକାର କୁମ୍ଭକାରଙ୍କ ପାଇଁ ଅନେକ ଯୋଜନା କରିଥିଲେ ମଧ ଏସବୁ ଯୋଜନା ସେମାନଙ୍କ ପାଖରେ ପହଞ୍ଚିପାରୁନାହିଁ। ଫଳରେ ବହୁ କୁମ୍ଭକାର ସେମାନଙ୍କ ମୌଳିକ ବୃତ୍ତି ବଞ୍ଚେଇ ରଖିବାକୁ ସକ୍ଷମ ହୋଇପାରୁନାହାନ୍ତି ବୋଲି ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବାରଙ୍ଗ ଅଞ୍ଚଳର କୁହ୍ନେଇପଡା ପଞ୍ଚାୟତ ଅନ୍ତର୍ଗତ କୁସିନ୍ଦା ଗ୍ରାମର ରାଜେଶ ମୁଦୁଲି କୁହନ୍ତି, ଦୀର୍ଘ ୧୫ ବର୍ଷ ଧରି ସେ ଏହି କୌଳିକ ବୃତ୍ତି କରି ଆସୁଛନ୍ତି। ସେ ଦଶମ ଶ୍ରେଣୀରେ ପଢୁଥିବା ବେଳେ ବାପା ଅନାଥ ମୁଦୁଲିଙ୍କ ଦେହ ଖରାପ ହୋଇଥିଲା। ଏହାପରଠାରୁ ବାପାଙ୍କ ବେଉସାକୁ ସେ ଆପଣେଇ ନେଇଛନ୍ତି। ଏବେ ମାଟି ପାତ୍ରର ଚାହିଦା ଅଧିକ ଥିବାରୁ ବିଭିନ୍ନ ଦୋକାନରୁ ଆସୁଥିବା ଅର୍ଡରକୁ ଠିକ୍ ସମୟରେ ଯୋଗାଇ ହେଉନି। ସରକାରୀ ପ୍ରୋତ୍ସାହନ ମିଳିଲେ ଏହି କାମକୁ ଅଧିକ ସହଜରେ କରାଯାଇ ପାରନ୍ତା ବୋଲି ମୁଦୁଲି କୁହନ୍ତି। ଏଥିପ୍ରତି ସରକାର ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ମାଟି ପାତ୍ର ପାଇଁ ଲୋକଙ୍କୁ ବାହାର ରାଜ୍ୟ ଉପରେ ନିର୍ଭର କରିବାକୁ ପଡିବ ବୋଲି ସେ ଆଶଙ୍କାବ୍ୟକ୍ତ କରିଛନ୍ତି।

## ସେମାନେ କୁହନ୍ତି



ଆମ ହୋଟେଲରେ ପ୍ରତିଦିନ ମାଟିହାଣ୍ଡିରେ ମାଂସ ରନ୍ଧା ଯାଉଛି। ଏବେ ଲୋକେ ମାଟି ପାତ୍ରରେ ଖାଇବାକୁ ଅଧିକ ପସନ୍ଦ କରୁଛନ୍ତି। ଏଥିପାଇଁ ଗ୍ରାହକଙ୍କ ଚାହିଦା ଅନୁସାରେ ସେମାନଙ୍କୁ ମାଟି ପାତ୍ରରେ ଖାଦ୍ୟ ମଧ ପରଷା ଯାଉଛି।

**– ରତ୍ନାକର ସାହ, ଇଣ୍ଡିଆନ ହୋଟେଲ ମାଲିକ**



ପୂର୍ବରୁ ମାଟି ପାତ୍ରର ଅଧିକ ବ୍ୟବହାର ହେଉଥିଲା। ମାତ୍ର ମଝିରେ ପ୍ଲାଷ୍ଟିକର ଚାହିଦା ବଢ଼ିବା ଫଳରେ ମାଟି ପାତ୍ର ବ୍ୟବହାର ଏକପ୍ରକାର ବନ୍ଦ ହୋଇଯାଇଥିଲା। ମାତ୍ର ପ୍ଲାଷ୍ଟିକ ପାତ୍ରରେ ଖାଇବା ଦ୍ୱାରା ଲୋକେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବା ଦ୍ୱାରା ପୁନର୍ବାର ମାଟି ପାତ୍ରକୁ ଆପଣେଇବା ଆରମ୍ଭ କରିଛନ୍ତି। ମାଟି ସରାରେ ଖାଇବା ଓ ମାଟି ଗ୍ଲାସରେ ଚା ପିଇବାକୁ ବହୁତ ଭଲ ଲାଗେ।

**– ସନ୍ତୋଷ ପାଣି, ଗ୍ରାହକ**



ଆଜିକାଲି ମାଟି ପାତ୍ରର ଚାହିଦା ବହୁ ପରିମାଣରେ ବଢ଼ିଯାଇଛି। କିନ୍ତୁ କଲିକତାରୁ ମାଟିର ପାତ୍ର ଆସିଯିବାରୁ ଆମ ମାଟିର ପାତ୍ରର ଚାହିଦା କମିବାରେ ଲାଗିଛି। ବର୍ତ୍ତମାନ ଏଠାରେ ମାଟି ଦର ଅଧିକ ଥିବାବେଳେ ଜାଳେଣି କାଠର ମଧ ଅଭାବ ରହିଛି। ଏଥିପାଇଁ କୁମ୍ଭକାରମାନଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ସରକାର ଏଥିପ୍ରତି ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ଏହି ବୃତ୍ତି ଲୋପ ପାଇଯିବାର ଆଶଙ୍କା ରହିଛି।

**– ରାମେଶ ବେହେରା, କୁମ୍ଭକାର କାରିଗର**



“ ତୁମ୍ଭମାନଙ୍କର ଶତ୍ରୁମାନଙ୍କୁ ପ୍ରେମକର, ଯେଉଁମାନେ ତୁମ୍ଭମାନଙ୍କୁ ଘୃଣା କରନ୍ତି, ସେମାନଙ୍କର ମଙ୍ଗଳ କର।
- ଯିଶୁଖ୍ରୀଷ୍ଟ



## ଆଜି କ'ଣ କେଉଁଠି

କଟକ

- ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଜୟନ୍ତୀ ପାଳନ, ବିଜୁ ପଟ୍ଟନାୟକ ଛକ, ତୁଳସୀପୁର, ସକାଳ ୮ଟା।
- ଏସ୍‌ଡିସି ଫୁଟବଲ ଫାଇନାଲ କପ, ବାରବାଟୀ ଷ୍ଟାଡିୟମ, ସକାଳ ୯ଟା।
- ହାଇକୋର୍ଟ ବାର୍ ଆସୋସିଏଶନ ପକ୍ଷରୁ ମାଗଣା ଚକ୍ଷୁ ପରୀକ୍ଷା ଶିବିର, କନଭେନସନ ହଲ୍, ଆସୋସିଏଶନ ପରିସର, ପୂର୍ବାହ୍ନ ୧୦ଟା।
- ଓଡ଼ିଶା ଭେଟେରାନ ସ୍ପୋର୍ଟ୍ସ ପର୍ସନ୍ସ ଆସୋସିଏଶନ ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୪ତମ ଜୟନ୍ତୀ ଉତ୍ସବ, ଆନନ୍ଦ ଭବନ, ତୁଳସୀପୁର, ପୂର୍ବାହ୍ନ ୧୧ଟା ୩୦।
- ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଆଦିବାସୀ ନୃତ୍ୟ ଓ ସଙ୍ଗୀତ ଉତ୍ସବ, ବାରବାଟୀ ଷ୍ଟାଡିୟମ ଅପରାହ୍ନ ୫ଟା ୩୦।
- ଶିରିଡ଼ି ସାଇବାବାଙ୍କ ସପ୍ତମ ବାର୍ଷିକ ଉତ୍ସବ ଉପଲକ୍ଷେ ସାଇ ଭଜନ ସମାରୋହ, ସୁମାଣ୍ଡି, ସାଇନଗର, ସନ୍ଧ୍ୟା ୭ଟା ୩୦।

# ଦୋଳପର୍ବ ପାଇଁ ଚଳଚଞ୍ଚଳ ଶଙ୍କରପୁରର ୬ ସାହି

## ଶେଷ ପର୍ଯ୍ୟାୟରେ ପ୍ରସ୍ତୁତି



କଟକ ଅଫିସ,୪।୩

ଆସୁଛି ଦୋଳ ପୂର୍ଣ୍ଣିମା। ଏହି ପର୍ବ ପାଳନ ପାଇଁ ଉତ୍ସବ ମୁଖର ହୋଇ ଉଠିଲାଣି କଟକ ସହର। ୭୨ ଦିଗଭାଗ ସଙ୍କୀର୍ତ୍ତନ ମଣ୍ଡଳୀ ଅଧୀନରେ ମୋଟ ୧୫୦ରୁ ଊର୍ଦ୍ଧ୍ୱ ବିମାନ ଗୋଟିଏ ସ୍ଥାନରେ ଏକତ୍ରିତ ହେବେ। ଏଥିପାଇଁ ସମସ୍ତ ପ୍ରସ୍ତୁତି ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଲାଣି। ୭୨ ଦିଗଭାଗ ସଙ୍କୀର୍ତ୍ତନ ମଣ୍ଡଳୀ ଅନ୍ତର୍ଗତ ଶଙ୍କରପୁରରେ ଦୋଳ ମେଳଣ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇସାରିଲାଣି। ଦୋଳପର୍ବ ପାଇଁ ଶଙ୍କରପୁରର ବାରିକ ସାହି, ପରିଡ଼ା ସାହି, ଉପର ସାହି, ତଳ ସାହି, ନୂଆ ସାହି ଓ ଡିଅ ସାହି ସଜେଇ ହେଲାଣି। ଦୋଳ ଉତ୍ସବ ପରମ୍ପରା କଟକ ସହରରେ ବହୁ ପୁରୁଣା। କେବେ ଏହି ସହରରେ ଦୋଳ ଉତ୍ସବ ଆରମ୍ଭ ହୋଇଛି ତାହାର କୌଣସି ଲିଖିତ ପ୍ରମାଣ ନାହିଁ। ଲୋକକଥା ଅନୁସାରେ ଏଠାରେ ପ୍ରାୟ ୭ଶହ ବର୍ଷ ପୂର୍ବରୁ ଦୋଳ ପର୍ବ ପାଳନ ହେଉଛି। ଶଙ୍କରପୁରରେ ଥିବା ଗୋପୀନାଥ ଜୀଉଙ୍କର ଦୋଳ ପର୍ବ ପାଇଁ ନବମୀରୁ ସଙ୍କୀର୍ତ୍ତନ ଓ ଦୋଳ ମେଳଣକୁ କିପରି ସଫଳତାର ସହ ସମ୍ପନ୍ନ କରାଯିବ ସେଥିପାଇଁ ବୈଠକରେ ଆଲୋଚନା କରାଯାଇଛି। ଗୋପୀନାଥ ଜୀଉଙ୍କର ଚାନ୍ଦି ବିମାନ ନିର୍ମାଣ ହୋଇଥାଏ। ଦୋଳ ମେଳଣ ୫ଦିନ ଧରି ଚାଲେ। ପ୍ରଥମ ଦିନରେ ଗୋପୀନାଥ ଜୀଉ ବିମାନରେ ସଜ୍ଜିତ ହୋଇ ତିନିଘରିଆ ମେଳଣ ପଡିଆରେ ପହଞ୍ଚନ୍ତି। ୭୨ ଦିଗଭାଗ ସଙ୍କୀର୍ତ୍ତନ ମଣ୍ଡଳୀର ପ୍ରାୟ ୩୬ଟି ବିମାନ ଏହି ଶୋଭାଯାତ୍ରରେ ସାମିଲ ହୋଇଥାନ୍ତି। ପରେ ଡିହସାହି ଛକଠାରେ ସମସ୍ତ ବିମାନ ଏକତ୍ରିତ ହୁଅନ୍ତି। ଗୋପୀନାଥଜୀଉ ଖାନ୍‌ନଗର ମେଳଣ, ଶଙ୍କରପୁର ମେଳଣ, ଚାଉଳିଆଗଞ୍ଜ ମେଳଣ, ଦରଘାପାଟଣା ମେଳଣରେ ମଧ୍ୟ ସାମିଲ ହୋଇଥାନ୍ତି।



“ ଗୋପୀନାଥ ଜୀଉଙ୍କ ଦୋଳଯାତ୍ରା ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ସୁରକ୍ଷା ବ୍ୟବସ୍ଥା ପାଇଁ ପୋଲିସ ପ୍ରଶାସନ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଛି। ଶାନ୍ତିଶୃଙ୍ଖଳାର ସହିତ ଉତ୍ସବକୁ ଶେଷ କରିବା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି।
**-କୃଷ୍ଣଚନ୍ଦ୍ର ପରିଡା, ଯୁଗ୍ମସମ୍ପାଦକ, ଶଙ୍କରପୁର ବାଦାମବାଡ଼ି ପୂଜା କମିଟି**



“ କଟକ ସହରରେ ଯେବେଠାରୁ ଦୋଳ ଉତ୍ସବ ଆରମ୍ଭ ହୋଇଛି ଶଙ୍କରପୁରରେ ସେବେଠାରୁ ଏହା ପାଳନ କରାଯାଉଛି। ଏଥିରେ ୬ଟି ସାହିର ବାସିନ୍ଦା ସହଯୋଗ କରିଥାନ୍ତି। ସମସ୍ତ ରୀତିନୀତି ଅନୁଯାୟୀ ଗୋପୀନାଥ ଜୀଉଙ୍କ ପୂଜାର୍ଚ୍ଚନା କରାଯାଇଥାଏ।
**-ସୁରେଶ ଚନ୍ଦ୍ର ବାରିକ, ସାହି ମୁରବି**



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମୁଖରେ ହରିନାମ
ରାତିରେ ଚୋରିକାମ ।**

ଆକୃତି ବା ବାହ୍ୟ ସ୍ୱରୂପ ଦେଖି ପ୍ରକୃତି ବିଷୟରେ ଅନ୍ଦାଜ ଲଗାଇବା କଷ୍ଟକର ହୋଇଥାଏ। ସାଧୁବେଶ ହୋଇ ହରିନାମ ଗାଇ କିଛି କପଟୀ ସ୍ୱଭାବର ବ୍ୟକ୍ତି ଅନ୍ୟକୁ ପ୍ରଭାବିତ କରି ନିଜ ମନ୍ଦ ଉଦ୍ଦେଶ୍ୟ ଚରିତାର୍ଥ କରାଇବାରେ ବେଶ୍ ସିଦ୍ଧହସ୍ତ ହୋଇଥାନ୍ତି। ସରଳତାର ସୁଯୋଗ ନେଇ ବିଶ୍ୱାସ ଜନ୍ମାଇ ଅନ୍ୟକୁ ଠକି ଚାଲିଥାନ୍ତି। ଉପରକୁ ସାଧୁବେଶ ଧାରଣ ଅଥଚ ଭିତରେ ମନ୍ଦ ଆଚରଣ। ଭଣ୍ଡ ବା ଶଠ ପ୍ରକୃତିର ବ୍ୟକ୍ତିଙ୍କ ଏତାଦୃଶ ମନ୍ଦ ଚରିତ୍ର ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ମୁଣ୍ଡରେ ପଗଡ଼ି ପାଦରେ ତେଲ
ବଇଦ ସାଙ୍ଗରେ କରିବ ଗେଲ ।**

ମୁଣ୍ଡରେ ପଗଡ଼ି ବାନ୍ଧିଲେ ଖରାଦାଉରୁ ରକ୍ଷା ମିଳିଥାଏ। ସେହିପରି ପାଦରେ ତେଲ ଲଗାଇବା ଦ୍ୱାରା ପାଦ ଚିକ୍କଣ ହେବା ସହ ଗୋଇଠି ଫାଟି ନ ଥାଏ । ପଗଡ଼ି ଓ ତେଲ ଉଭୟ ସ୍ୱାସ୍ଥ୍ୟ ପାଇଁ ଉପକାରୀ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।
ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା: ଲି:

## ମାତୃଭାଷା ଓଡ଼ିଆ ପରୀକ୍ଷା ଦେଇ ନ ପାରି ଫେରିଲେ ଛାତ୍ରୀ

**ଚୌଦ୍ୱାର,୪।୩(ଡି.ଏନ୍.ଏ.):** ଚୌଦ୍ୱାର ମହିଳା ମହାବିଦ୍ୟାଳୟର +୨ ଛାତ୍ରୀ କନିସ୍ ଫାତମା ବୁଧବାର ମାତୃଭାଷା ଓଡ଼ିଆ ପରୀକ୍ଷା ଦେଇ ନ ପାରିଥିବା ଜଣାପଡିଛି। ସୂଚନା ଅନୁଯାୟୀ, ଫାତମା ବୁଧବାର କଲେଜରେ ମାତୃଭାଷା ଓଡ଼ିଆ ପରୀକ୍ଷା ଦେବା ପାଇଁ ଆସିଥିଲେ। ତାଙ୍କ ଆଡମିଟ କାର୍ଡରେ ମାତୃଭାଷା ହିନ୍ଦୀ ଥିବାରୁ ସେ ପରୀକ୍ଷା ଦେଇ ପାରି ନ ଥିଲେ। ତେବେ ସେ ଫର୍ମ ଫିଲଅପ୍ ବେଳେ ମାତୃଭାଷା ଓଡ଼ିଆ ଲେଖିଥିବା ମହାବିଦ୍ୟାଳୟ ଅଧକ୍ଷା ଦେବୀ ଅର୍ଚ୍ଚନା ମହାନ୍ତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମାତ୍ର ତାଙ୍କ ଆଡମିଟ କାର୍ଡରେ ମାତୃଭାଷା ହିନ୍ଦୀ ଲେଖାଥିବାରୁ ସେ ପରୀକ୍ଷା ଦେବାରୁ ବଞ୍ଚିତ ହୋଇଥିଲେ। ଆସନ୍ତା ୨୧ ତାରିଖରେ ଫାତମା ହିନ୍ଦୀ ପରୀକ୍ଷା ଦେଇପାରିବେ ବୋଲି ଅଧକ୍ଷା ମହାନ୍ତି କହିଛନ୍ତି। ତେବେ ହିନ୍ଦୀ ପରୀକ୍ଷା ପାଇଁ ପ୍ରସ୍ତୁତ ହୋଇ ନ ଥିବା ଫାତମା କହିଛନ୍ତି।

## ଧାନ ବିକ୍ରି କରିପାରିଲେନି ୩୧ଚାଷୀ

**କଟକ ସଦର,୪।୩(ଡି.ଏନ୍.ଏ.):** କଟକ ସଦର ବ୍ଲକ ଅନ୍ତର୍ଗତ ଗତିରାଉତପାଟଣା ସେବା ସମବାୟ ସମିତିର ପଞ୍ଜୀକୃତ ୩୧ଜଣ ଚାଷୀଙ୍କ ନିକଟକୁ ଧାନ ବିକ୍ରି ପାଇଁ ମଙ୍ଗଳବାର ଖାଦ୍ୟ ଓ ଯୋଗାଣ ବିଭାଗରୁ ମେସେଜ ଆସିଥିଲା। ମାତ୍ର ମିଲରଙ୍କୁ ନିର୍ଦ୍ଦେଶ ମିଳି ନ ଥିବାରୁ ଚାଷୀମାନେ ଧାନ ବିକ୍ରି ନ କରିପାରି ମଣ୍ଡିରୁ ଫେରିଯାଇଥିଲେ। ଉକ୍ତ ଚାଷୀଙ୍କଠାରୁ ୭ଦିନ ମଧ୍ୟରେ ଧାନ କିଣା ନ ଗଲେ ଟୋକନ ରଦ୍ଦ ହୋଇଯିବା ଆଶଙ୍କା ସୃଷ୍ଟି ହୋଇଛି। ଏବେ ସୁଦ୍ଧା କଟକ ଜିଲାର ଚାଷୀଙ୍କଠାରୁ ୧୧ଲକ୍ଷ ୬୦ହଜାର କୁଇଣ୍ଟାଲ ଧାନ କିଣା ହୋଇଥିବା କଟକ ଜିଲା ଧାନ କ୍ରୟ ଅଧିକାରୀ ଜ୍ଞାନେନ୍ଦ୍ର ମିଶ୍ର କହିଛନ୍ତି। ପଞ୍ଜୀକୃତ ଚାଷୀଙ୍କଠାରୁ ଧାନ କିଣିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଥିଲେ। ଅନ୍ୟପକ୍ଷରେ ଚାଷୀଙ୍କଠାରୁ ଗୋଟିଏ ପାଳିରେ ୩୦କୁଇଣ୍ଟାଲ ଧାନ କ୍ରୟ କରାଯାଉଛି। ଅଧିକ ଜମିଥିବା ଚାଷୀଙ୍କଠାରୁ ଦ୍ୱିତୀୟ ଥର ଧାନ ନିଆଯିବ କି ନାହିଁ ସେ ନେଇ ସେ କୌଣସି ସୂଚନା ଦେଇ ନ ଥିଲେ।

# ଗଡ଼ଖାଇ କାର୍ଯ୍ୟ ଶୀଘ୍ର ଶେଷ କର: ଆର୍‌ଡିସି



ବୈଠକରେ ଆରଡିସି ଅନିଲ କୁମାର ସାମଲ ଓ ଅନ୍ୟମାନେ।

କଟକ ଅଫିସ, ୪।୩

ଗଡ଼ଖାଇ କୀର୍ତ୍ତିରାଜିର ସୁରକ୍ଷା ଓ ଉନ୍ନତୀକରଣ ନିମନ୍ତେ ମଙ୍ଗଳବାର କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ (ଆର୍‌ଡିସି) ଅନିଲ କୁମାର ସାମଲ ଅଧକ୍ଷତା କରିଥିଲେ। ଗଡ଼ଖାଇର ପୁନରୁଦ୍ଧାର, ସୌନ୍ଦର୍ଯ୍ୟକରଣ ପାଇଁ କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗକୁ ୮ କୋଟି ଟଙ୍କା ଦିଆଯାଇଛି। ଗଡ଼ଖାଇ ମନ୍ଦିର ସୌନ୍ଦର୍ଯ୍ୟକରଣ, ସପ୍ତଧାରା ପାର୍କ ଉନ୍ନତୀକରଣ ଏବଂ ମୁଖ୍ୟଗେଟ୍ ନିର୍ମାଣ ସହିତ ଯଥାଶୀଘ୍ର କାର୍ଯ୍ୟ ଶେଷ କରିବାକୁ ଆର୍‌ଡିସି ସାମଲ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ଅଧୀକ୍ଷକଙ୍କୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସିଏମ୍‌ସି କମିଶନର ଅନନ୍ୟା ଦାସ, ରାଜସ୍ୱ ଆୟୁକ୍ତଙ୍କ ଅତିରିକ୍ତ ସଚିବ ସଞ୍ଜିତା ଦାସଙ୍କ ସମେତ ଜିଲା ପ୍ରଶାସନ ଏବଂ ଏଏସ୍‌ଆଇର ଅଧିକାରୀମାନେ ଉପସ୍ଥିତ ଥିଲେ।

## ମୁଦ୍ରଣ ନକ୍ସା ଚାଲୁ ଦାବିରେ ଧାରଣା ଜାରି

କଟକ ଅଫିସ, ୪।୩

ମୁଦ୍ରଣ ନକ୍ସା ଚାଲୁ ହେବା ଦାବିରେ ମ୍ୟାପ୍ ପବ୍ଲିକେଶନ ୱାର୍କସ ୟୁନିୟନ ତରଫରୁ ଚାଲିଥିବା ଗଣଧାରଣା ବୁଧବାର ନବମ ଦିନରେ ପହଞ୍ଚିଛି। ଉକ୍ତ ଗଣଧାରଣାକୁ ବିଭିନ୍ନ ରାଜନୈତିକ ସଙ୍ଗଠନ ଏବଂ କଟକ ମହାନଗର ନାଗରିକ ମଞ୍ଚ ସମେତ ବହୁ ବୁଦ୍ଧିଜୀବୀ ସମର୍ଥନ ଜଣାଇଛନ୍ତି। ଗତ ୩ ତାରିଖରେ ରାଜସ୍ୱ ବିଭାଗର ଅତିରିକ୍ତ ଶାସନ ସଚିବ ମୁଦ୍ରଣ ନକ୍ସା କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ। ଏହି ସମୟରେ କର୍ମଚାରୀ ସଙ୍ଗଠନ ତରଫରୁ ମୁଦ୍ରଣ କାରଖାନାର ସକ୍ରିୟ ଯନ୍ତ୍ରାଂଶଗୁଡ଼ିକ ସମେତ ମହଜୁଦ ଥିବା ମୁଦ୍ରଣ ସାମଗ୍ରୀ ବିଷୟରେ ଅତିରିକ୍ତ ଶାସନ ସଚିବଙ୍କୁ ଅବଗତ କରାଯାଇଥିଲା। ମାତ୍ର ଏସବୁ ଜଣାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ମୁଦ୍ରଣ ନକ୍ସା ଚାଲୁ କରିବା ପାଇଁ କୌଣସି ପଦକ୍ଷେପ ନିଆଯାଇ ନାହିଁ। ତୁରନ୍ତ ମୁଦ୍ରଣ ନକ୍ସା ଚାଲୁ କରିବା ପାଇଁ ସଙ୍ଗଠନ ପକ୍ଷରୁ ଦାବି କରାଯାଇଛି। ଉକ୍ତ ଗଣଧାରଣାରେ ବସ୍ତି ବାସିନ୍ଦା ମିଳିତ ମଞ୍ଚର ଆବାହକ ଖଗେଶ୍ୱର ସେଠୀ, ଓଡ଼ିଶା କର୍ମଚାରୀ ସଂଗ୍ରାମ ସମିତିର ସୌଭାଗ୍ୟ କେତନ ସାମଲ, ୟୁନିୟନର ସଭାପତି ଭାଗୀରଥି ବେହେରା, ସମ୍ପାଦକ ନବଘନ ରାଉତ ପ୍ରମୁଖ ସାମିଲ ହୋଇଛନ୍ତି।

# ଚାନ୍ଦି ବିମାନ ଲୋକାର୍ପଣ



ଚାନ୍ଦି ବିମାନ ଲୋକାର୍ପଣ ଉତ୍ସବରେ ଅତିଥିଙ୍କ ସହ କର୍ମକର୍ତ୍ତା।

ଚୌଦ୍ୱାର,୪।୩(ଡି.ଏନ୍.ଏ.)

ଚୌଦ୍ୱାର ଶ୍ରୀ ରାହାସବିହାରୀ ଜୀଉଙ୍କ ଚାନ୍ଦି ବିମାନ ଲୋକାର୍ପଣ ଉତ୍ସବ ବୁଧବାର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥି ଭାବେ ଚୌଦ୍ୱାର ପୌରପାଳିକା ନିର୍ବାହୀ ଅଧିକାରୀ ପବିତ୍ର କୁମାର ବେହେରା ଯୋଗଦେଇ ଚୌଦ୍ୱାର ଅଞ୍ଚଳରେ ପ୍ରଥମ ଥର ପାଇଁ ନିର୍ମାଣ ହୋଇଥିବା ଏହି ଚାନ୍ଦି ବିମାନକୁ ଲୋକାର୍ପଣ କରିଥିଲେ। ଏହି ଅବସରରେ ଚାନ୍ଦି ବିମାନ ନିର୍ମାଣର ପଥ ପ୍ରଦର୍ଶକ ରାଜକିଶୋର ସାହୁ, ଚାନ୍ଦି କାରିଗର ବିଶ୍ୱନାଥ ଦେ, କାଠ ବିମାନ କାରିଗର ଚନ୍ଦ୍ରଶେଖର ମହାରଣା, ଦେବରାଜ ରାଉତଙ୍କ ସମେତ ପରିଚାଳନା କମିଟିର ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାହାସବିହାରୀ ମନ୍ଦିର ପରିଚାଳନା କମିଟି ସଭାପତି ମହେନ୍ଦ୍ର ସାହୁ ଉତ୍ସବ ପରିଚାଳନା କରିଥିଲେ। ନବକିଶୋର ସାହୁ, ଗନ୍ଧର୍ବ ସାହୁ, ହୃଦାନନ୍ଦ ସାହୁ, କନ୍ଦର୍ପ ସାହୁ, ପଦ୍ମନାଭ ସାହୁ, ପର୍ଶୁରାମ ସାହୁ, ବାବାଜୀ ସାହୁ, ଅନିରୁଦ୍ଧ ସାହୁ, ଅଶୋକ ସାହୁ, ଶୈଳେନ୍ଦ୍ର ନାରାୟଣ ସାହୁ, ମାନସ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଚାଷୀଙ୍କୁ ଋଣ ଦେବା ନାଁରେ ଲକ୍ଷାଧିକ ଟଙ୍କା ଠକେଇ

ଖୁଣ୍ଟୁଣୀ,୪।୩(ଡି.ଏନ୍.ଏ.)

ଆଠଗଡ଼ ବ୍ଲକ ଅଧୀନ ଗୁରୁଡିଝାଟିଆ ସେବା ସମବାୟ ସମିତି ସଭାପତି ଓ ସମ୍ପାଦକ କୋଳଥପଙ୍ଗୀ ଗ୍ରାମର ୨୫ରୁ ଊର୍ଦ୍ଧ୍ୱ ଚାଷୀଙ୍କୁ କୃଷି ଋଣ ଦେବା ନାଁରେ ଲକ୍ଷାଧିକ ଟଙ୍କା ଠକି ନେଇଥିବା ବୁଧବାର ଗୁରୁଡିଝାଟିଆ ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ୨୦୧୭ ମସିହାରେ ଗୁରୁଡିଝାଟିଆ ସେବା ସମବାୟ ସମିତି ସଭାପତି ଓ ସମ୍ପାଦକ ଉକ୍ତ ଚାଷୀଙ୍କୁ କୃଷିଋଣ ଦେବାକୁ କହି ସେମାନଙ୍କଠାରୁ ପାସବୁକ ଓ ଆବଶ୍ୟକ କାଗଜପତ୍ରରେ ଦସ୍ତଖତ ନେଇ ଆଉ ଋଣ ଦେଇ ନ ଥିଲେ। ପରେ ଚାଷୀମାନେ ସମ୍ପାଦକଙ୍କ ଘର ଆଗରେ ଧାରଣା ଦେବାରୁ ଚାଷୀଙ୍କ ପାସବୁକ ଫେରାଇଦେଇଥିଲେ। ଏହି ପାସବୁକରେ ଋଣ ଉଠିଛି କି ନାହିଁ ଚାଷୀମାନେ ଆଠଗଡ଼ ସହକାରୀ ସମବାୟ ନିବନ୍ଧକ ବିରଜାନନ୍ଦ ଦାସଙ୍କ ନିକଟକୁ ଯାଇଥିଲେ। ପାସବୁକ ଅପଡେଟ ପରେ ସମସ୍ତ ଚାଷୀଙ୍କ ନାମରେ ଲକ୍ଷାଧିକ ଟଙ୍କା ଋଣ ହୋଇଥିବା ଜଣାପଡିଥିଲା। ବୁଧବାର ଚାଷୀମାନେ ଥାନାରେ ଅଭିଯୋଗ କରିବା ସହ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ଏହି ଅଭିଯୋଗପତ୍ରରେ ଚାଷୀ ସଞ୍ଜୟ ସାହୁ, ହରିଶ୍ଚନ୍ଦ୍ର ସ୍ୱାଇଁ, ଚିନ୍ତାମଣି ପ୍ରଧାନ, ରମେଶ ପରିଡା, ଭଗବାନ ସାମଲ, ସମୀର ସ୍ୱାଇଁ, ଦାମୋଦର ମହାରଣାଙ୍କ ସମେତ ୨୮ଜଣ ଚାଷୀଙ୍କ ଦସ୍ତଖତ ରହିଛି। ଏ ନେଇ ଥାନା ଅଧିକାରୀ ବିଜୟ କେତନ ବିସି କୁହନ୍ତି, ଚାଷୀଙ୍କ ଠାରୁ ଏତଲା ପାଇଛି। ଏହି ସୋସାଇଟି ସରକାରୀ ସଂସ୍ଥା ହୋଇଥିବାରୁ ନିୟମାନୁଯାୟୀ ସମିତିକୁ କାଗଜପତ୍ର ମଗାଯାଇଛି। ପ୍ରମାଣ ମିଳିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ। ଅନ୍ୟପକ୍ଷରେ ସେବା ସମବାୟ ସମିତି ସଭାପତିଙ୍କ ମୋବାଇଲ ନଂ. ୭୫୦୪୮୦୩୧୯୫ ଓ ସମ୍ପାଦକଙ୍କ ମୋବାଇଲ ନଂ. ୮୯୧୭୪୧୬୩୪୪କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ।

## ନୂତନ ବିଡିଓଙ୍କ ଦାୟିତ୍ୱ ଗ୍ରହଣ

କଟକ ସଦର,୪।୩(ଡି.ଏନ୍.ଏ.)

କଟକ ସଦର ବ୍ଲକର ନୂତନ ବିଡିଓ ଭାବେ ବୁଧବାର ରାଜୀବ ଲୋଚନ ପରିଡା ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ପରିଡା ପିପିଲି ଉପନିବନ୍ଧକ ଭାବେ କାର୍ଯ୍ୟ କରୁଥିଲେ। ଦାୟିତ୍ୱ ଗ୍ରହଣ ସମୟରେ ଅତିରିକ୍ତ ବିଡିଓ ଜ୍ଞାନରଞ୍ଜନ ପଣ୍ଡା ଉପସ୍ଥିତ ଥିଲେ। ସୂଚନାଥାଉ କି, ୩ମାସ ହେବ ଏହି ପଦବୀ ଖାଲି ପଡିଥିଲା।

# ରେଭେନ୍‌ଶା-କେଟିଆର୍‌ଡିସି ମଧ୍ୟରେ ଏମ୍‌ଓୟୁ

କଟକ ଅଫିସ, ୪।୩

ରେଭେନ୍‌ଶା ବିଶ୍ୱବିଦ୍ୟାଳୟର କୁଳପତିଙ୍କ ସମ୍ମିଳନୀ କକ୍ଷରେ ରେଭେନ୍‌ଶା ଏବଂ ୟୁନିର୍ଭସିଟି ଅଫ୍ କେଣ୍ଟୁକିର ଟବାକୋ ରିସର୍ଚ୍ଚ ଆଣ୍ଡ ଡେଭଲପମେଣ୍ଟ ସେଣ୍ଟର (କେଟିଆର୍‌ଡିସି) ମଧ୍ୟରେ ଏକ ଚୁକ୍ତିନାମା (ଏମ୍‌ଓୟୁ) ବୁଧବାର ସ୍ୱାକ୍ଷରିତ ହୋଇଛି। ଏହି ଚୁକ୍ତିନାମା ଅନୁଯାୟୀ ଉଭୟ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର, ରିସର୍ଚ୍ଚର, ଅଧ୍ୟାପିକା ଅଧ୍ୟାପକଙ୍କୁ ରିସର୍ଚ୍ଚ ଏବଂ ଅନ୍ୟ କାର୍ଯ୍ୟ ପାଇଁ ଆଦାନ ପ୍ରଦାନ କରାଯିବ। ଏଥିପାଇଁ ପ୍ରାୟୋଜକ ଅନୁଷ୍ଠାନ ଯାତ୍ରା ସହାୟତା ପ୍ରଦାନ କରିବେ ଏବଂ ଆୟୋଜକ ଅନୁଷ୍ଠାନ ପରିଦର୍ଶନକାରୀ ରିସର୍ଚ୍ଚରଙ୍କୁ ରହିବା ସହ ଆନୁଷଙ୍ଗିକ ଖର୍ଚ୍ଚ ଦେବେ। ଉଭୟ ଅନୁଷ୍ଠାନର କର୍ତ୍ତୃପକ୍ଷଙ୍କ ପରାମର୍ଶରେ ରିସର୍ଚ୍ଚରମାନେ ଗବେଷଣା କରିପାରିବେ ବୋଲି ଏହି ଚୁକ୍ତିନାମାରେ ଉଲ୍ଲେଖ ରହିଛି। କୁଳପତି ପ୍ରଫେସର ଈଶାନ କୁମାର ପାତ୍ର, ୟୁନିଭର୍ସିଟି ଅଫ୍ କେଣ୍ଟୁକିର ପ୍ରଫେସର ଲିଂ ୟୁଆନ୍, ପ୍ରଫେସର ପି.କେ. ମହାପାତ୍ର, କୁଳସଚିବ ଅଶୋକ କୁମାର ଦାଶ, କେଣ୍ଟୁକି ବିଶ୍ୱବିଦ୍ୟାଳୟ ଆଲୁମ୍‌ନି ସଦସ୍ୟ ଡ. ସୌମେନ୍ଦ୍ର ନାୟକଙ୍କ ସମେତ ଉଦ୍ଭିଦ ଏବଂ ପ୍ରାଣୀ ବିଜ୍ଞାନ ବିଭାଗର ବହୁ କର୍ମଚାରୀ ଉପସ୍ଥିତ ଥିଲେ।

# ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଜବତ, ୪ ଗିରଫ

ଚୌଦ୍ୱାର,୪।୩(ଡି.ଏନ୍.ଏ)

ଘରେ ପଶି ସୁନାଅଳଙ୍କାର ଚୋରି କରିବା ଘଟଣାରେ ଚୌଦ୍ୱାର ପୋଲିସ ୪ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ କେନ୍ଦ୍ରାପଡ଼ା ଜିଲା ଇଚ୍ଛାପୁର ଗ୍ରାମର ବାବୁନା ଦାସ(୨୮), ରଞ୍ଜନ ଦାସ(୨୫), ପଟ୍ଟାମୁଣ୍ଡାଇ ଥାନା ବଡ଼ଝାରିଆ ଗ୍ରାମର ଦୀପକ ଦାସ(୨୫) ଓ ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଥାନା ଅଧୀନ ରାହାମା ଗ୍ରାମର ନିରଞ୍ଜନ ସାହୁ(୬୩)। ଏମାନଙ୍କ ନିକଟରୁ ୬୯.୩୬୦ମିଲିଗ୍ରାମ ସୁନା ଗହଣା, ୧୦.୭୭୦କେଜି ରୁପା ଗହଣା, ୬ ମୋବାଇଲ ଫୋନ ଏବଂ ୩୨,୪୫୦ଟଙ୍କା ଜବତ କରାଯାଇଛି। ଆଇଆଇସି ପଦ୍ମନାଭ ପ୍ରଧାନଙ୍କ ସୂଚନା ଅନୁଯାୟୀ, ଚୌଦ୍ୱାର ଥାନା ଅଧୀନ ସାନଚାଞ୍ଚୋ ଗ୍ରାମର ସଜିତ୍ର ମହାପାତ୍ରଙ୍କ ଘରେ ପଶି ୩ଜଣ ଦୁର୍ବୃତ୍ତ ଗଡରେଜ ଲକର ଭାଙ୍ଗି ୨୪ହଜାର ୫ଶହ ଟଙ୍କା, ୩ ମୋବାଇଲ ଫୋନ ନେଇଯାଇଥିଲେ। ଏ ନେଇ ଗତ ନଭେମ୍ବର ୨୯ରେ ସଜିତ୍ରଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ. ୪୮୪/୧୯)ରୁଜୁକରି ତଦନ୍ତ ଚଳାଇଥିଲା। ତଦନ୍ତକାରୀ ଅଧିକାରୀ ନିରଞ୍ଜନ ଗୌଡ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲେ। ଏମାନଙ୍କ ନାମରେ ପୂର୍ବରୁ କେନ୍ଦ୍ରାପଡ଼ା, ଯାଜପୁର ଓ କଟକ ଜିଲାର ବିଭିନ୍ନ ଥାନାରେ ମାମଲା ରହିଥିବା ପୋଲିସ କହିଛି।



ଗିରଫ ୪ ଅଭିଯୁକ୍ତ, ଜବତ ହୋଇଥିବା ସୁନା ରୁପା ଅଳଙ୍କାର ଓ ଟଙ୍କା।

# ‘ସବୁ ଧର୍ମରେ ଭରିରହିଛି ଅସରନ୍ତି ଜ୍ଞାନ’

## ରେଭେନ୍‌ଶା ୧୫୦ ବକ୍ତୃତା ସିରିଜ

କଟକ ଅଫିସ, ୪।୩

ସବୁ ଧର୍ମରେ କିଛି ଶିକ୍ଷଣୀୟ କଥାବସ୍ତୁ ରହିଛି। ଏଥିରେ ଭରି ରହିଛି ଅସରନ୍ତି ଜ୍ଞାନ। ଯାହାକୁ ଆମେ ଦୈନନ୍ଦିନ ଜୀବନରେ ପ୍ରୟୋଗ କରିବା ଅବଶ୍ୟକ। ଯାହାଦ୍ୱାରା ସମାଜରେ କାୟା ବିସ୍ତାର କରୁଥିବା ଅନ୍ଧବିଶ୍ୱାସର ଲୋପ ଘଟିବ। ମାନସିକ ସ୍ତରରେ ଶାନ୍ତି ଅନୁଭୂତ ହେବା ସହ ଜୀବନ ସୁଖମୟ ହେବ। ତେଣୁ ଦୈନନ୍ଦିନ ଜୀବନରେ ପୌରାଣିକ କଥାର ଗୁରୁତ୍ୱ ଅଧିକ ରହିଥିବାରୁ ଏହାକୁ ଉପଲବ୍ଧି କରିବାକୁ ହେବ ବୋଲି ପ୍ରଖ୍ୟାତ ଲେଖକ ଦେବଦତ୍ତ ପଟ୍ଟନାୟକ କହିଛନ୍ତି।

ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ସେଭେନ୍ ପିଲାର୍ସ ଅଫ୍ ୱିଜ୍‌ଡମ୍‌ସ୍ଥିତ ଅଡିଟୋରିୟମରେ ବୁଧବାର ‘ରେଭେନ୍‌ଶା ୧୫୦ ବକ୍ତୃତା ସିରିଜ’ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବକ୍ତା ଭାବେ ଦେବଦତ୍ତ ପଟ୍ଟନାୟକ ଯୋଗଦେଇ ଉପରୋକ୍ତ ମତ ରଖିଥିଲେ। ଏଥିସହ ସେ ସଫଳ ବ୍ୟବସାୟୀ ହେବାର ମନ୍ତ୍ର ପ୍ରଦାନ କରିବାକୁ ଯାଇ କହିଥିଲେ ଯେ, ନେତୃତ୍ୱ, କୌଶଳ ଓ ବୁଦ୍ଧିମତ୍ତା ଦ୍ୱାରା ଜଣେ ସଫଳ ବ୍ୟବସାୟୀ ହୋଇପାରିବ। ସେ ପ୍ରଭାବଶାଳୀ ବ୍ୟକ୍ତି ହେବାର ୧୨ଟି କାରଣ ଓ ଧର୍ମ ଏବଂ ପୌରାଣିକ କଥାରେ ଦୈନନ୍ଦିନ ଜୀବନରେ ସାମଞ୍ଜସ୍ୟ ଥିବା ବିଭିନ୍ନ ଉଦାହରଣ ଦେଇଥିଲେ। କୁଳପତି ପ୍ରଫେସର ଈଶାନ କୁମାର ପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଡ. ନେତାଜୀ ଅଭିନନ୍ଦନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଥିରେ ବିଶ୍ୱବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର, ଅଧ୍ୟାପିକା ଓ ଅଧ୍ୟାପକ ଉପସ୍ଥିତ ଥିଲେ।




କୁଳପତି ପ୍ରଫେସର ଈଶାନ୍ତ କୁମାର ପାତ୍ର ଓ ପ୍ରଖ୍ୟାତ ଲେଖକ ଦେବଦତ୍ତ ପଟ୍ଟନାୟକ।



ବକ୍ତୃତା ସିରିଜରେ ଉପସ୍ଥିତ ଅଧ୍ୟାପିକା,ଅଧ୍ୟାପକ ଓ ଛାତ୍ରୀଛାତ୍ର।



ତୁମ୍ଭମାନଙ୍କର ଶତ୍ରୁମାନଙ୍କୁ ପ୍ରେମକର, ଯେଉଁମାନେ ତୁମ୍ଭମାନଙ୍କୁ ଘୃଣା କରନ୍ତି, ସେମାନଙ୍କର ମଙ୍ଗଳ କର।
-ଯିଶୁଖ୍ରୀଷ୍ଟ

# ଅଳିଆ ପୋଡ଼ା ଧୂଆଁ ବଢ଼ାଉଛି ପ୍ରଦୂଷଣ



ଖୋର୍ଦ୍ଧା ଅନୁନିବନ୍ଧକ କାର୍ଯ୍ୟାଳୟ ପରିସରରେ ଅଳିଆ ଗଦାକୁ ନିଆଁ ଲଗାଇ ପୋଡି ଦିଆଯାଉଛି।



ସହରର ଏକ ଡ୍ରେନରେ ଆବର୍ଜନା ପଡିରହିଛି ।

## ଖୋର୍ଦ୍ଧା ସହରର ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ

**ଖୋର୍ଦ୍ଧା ଅଫିସ୍, ୪।୩ :**

ଖୋର୍ଦ୍ଧା ସହରର ଜନସଂଖ୍ୟା ଯେତିକି ମାତ୍ରାରେ ବୃଦ୍ଧିପାଉଛି, ସେହି ପରିମାଣରେ ବଢି ଚାଲିଛି ସହରର ପ୍ରଦୂଷଣ। ଯୁଆଡେ ଆଖି ବୁଲାଇଲେ କୁଢ଼ କୁଢ଼ ଆର୍ବଜନା, ପଲିଥିନି ଗଦା ଦେଖିବାକୁ ମିଳୁଛି। ସହରର ପରିମଳ ବ୍ୟବସ୍ଥା ଘରୋଇକରଣ ହୋଇଥିଲେ ମଧ ସେଥିରେ କୌଣସି ସୁଧାର ଆସିପାରୁନାହିଁ। ଦୈନିକ ସକାଳେ, ସନ୍ଧ୍ୟାରେ ସଫେଇ ହେବା ପରିବର୍ତ୍ତେ ମନଇଚ୍ଛା ଏହା ଚାଲିଛି। ଅନ୍ୟପକ୍ଷରେ ସଫେଇ କରାଯାଉଥିବା ଅଳିଆ ଆର୍ବଜନାକୁ କର୍ମଚାରୀଙ୍କ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ଗଦା କରି ନିଆଁ ଲଗାଇ ପୋଡି ଦିଆଯାଉଛି। ଫଳରେ ଅଳିଆ ପୋଡା ଧୂଆଁ ଯୋଗୁ ପ୍ରଦୂଷଣ ବଢିବାରେ ଲାଗୁଛି। ଏହାକୁ ନେଇ ସହରବାସୀଙ୍କ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଉଛି। ଖୋର୍ଦ୍ଧା ପୌରାଞ୍ଚଳ ୨୨ ୱାର୍ଡକୁ ନେଇ ଗଠିତ। ଏହାର ୨୫.୮୪ କିମି ବର୍ଗ ବ୍ୟାସାର୍ଦ୍ଧ। ସହରର ଜନସଂଖ୍ୟା ୫୦ ହଜାରରୁ ଊର୍ଦ୍ଧ୍ୱ। ସହରର ସଫେଇ ଓ ପରିମଳ ବ୍ୟବସ୍ଥାକୁ ସରସ ସୁନ୍ଦର କରିବାକୁ ପୌର କର୍ତ୍ତୃପକ୍ଷ ସଫେଇକୁ ଘରୋଇକରଣ ୨୦୧୬ ମେ'ରେ କରିଥିଲେ। ସହରରେ ଏବେ ଯାଏ ଡମ୍ପିଂୟାର୍ଡର ବ୍ୟବସ୍ଥା ଠିକ୍ ଭାବେ କରାଯାଇ ପାରିନାହିଁ। କେଉଁଠି ଆର୍ବଜନାରେ ନାଳନର୍ଦ୍ଦମା ପୋତି ହୋଇଗଲାଣି ତ ଆଉ କେଉଁଠାରେ ଡଷ୍ଟବିନ୍‌ଗୁଡିକରେ ଅଳିଆ ପଡି ଭର୍ତ୍ତି ହୋଇରହିଛି।

### ଜାଣିଶୁଣି ପ୍ରଦୂଷଣକୁ ଆମନ୍ତ୍ରଣ

ସଫେଇ କର୍ମଚାରୀମାନେ ଅଳିଆକୁ ଜମାକରି ନିଆଁ ଲଗାଇ ପୋଡି ଦେଉଛନ୍ତି। ଯାହାକି ସହର ପରିସରରେ ଥିବା ବିଭିନ୍ନ ଜନବସତି ଅଞ୍ଚଳରେ ଲୋକେ ଏଥିରୁ ନିର୍ଗତ ହେଉଥିବା ଧୂଆଁ ଓ ଦୁର୍ଗନ୍ଧ ଦ୍ୱାରା ହନ୍ତସନ୍ତ ହେଉଛନ୍ତି। ପରିବେଶ ପ୍ରଦୂଷିତ ହେଉଛି। ଅନ୍ୟପକ୍ଷେ ସହର ସଫେଇ କରୁଥିବା କର୍ମଚାରୀମାନେ ଡ୍ରେସ୍ କୋଡ ଓ ଜ୍ୟାକେଟ୍ ସହ ସଫେଇ ଉପକରଣ ବ୍ୟବହାର କରୁନାହାନ୍ତି। ଉପକରଣ ନାହିଁ ବୋଲି ଆଳ ଦେଖାଇ ଡ୍ରେନ୍‌ର ଭିତରକୁ ପ୍ରବେଶ ନ କରି ଉପରିସ୍ଥ ଭାଗରୁ ସଫେଇ କରି ରାସ୍ତା କଡରେ ଆବର୍ଜନାକୁ ଗଦା କରି ଦେଉଛନ୍ତି। ଏଥିଯୋଗୁ ଚଳପ୍ରଚଳ ସମୟରେ ଦୁର୍ଗନ୍ଧରେ ଜନସାଧାରଣଙ୍କ ନାକ ଫାଟି ପଡୁଛି।

### ବଢୁଛି ମଶା ଉପଦ୍ରବ

କଥାରେ ଅଛି ବର୍ଷାଦିନେ ମଶାଙ୍କ ଉପଦ୍ରବ ଦେଖାଦେଇଥାଏ। ମାତ୍ର ଏବେ ଫଗୁଣ ମାସ ଚାଲିଛି। ଏହି ମାସରେ ଖୋର୍ଦ୍ଧା ସହରରେ ମଶାଙ୍କ ଉପଦ୍ରବ ବଢିବାରେ ଲାଗିଛି। ପରିମଳ ବ୍ୟବସ୍ଥା ପାଇଁ ଏପରି ହେଉଥିବା ସହରବାସୀ ଦାୟୀ କରିଛନ୍ତି। ସହରକୁ ସରସ ସୁନ୍ଦର କରିବା ପରିବର୍ତ୍ତେ ସବୁଠି ଦେଖାଦେଇଛି ବିପର୍ଯ୍ୟସ୍ତ ପରିମଳ ସେବା। ସନ୍ତସନ୍ତିଆ ସ୍ଥାନ ଓ ଡ୍ରେନ୍ ପରିସରରେ ବ୍ଲିଚିଂ ସିଞ୍ଚନ ହେଉନାହିଁ। ସେହିପରି ମଶା ତେଲ ଓ ମଶା ଘଉଡାଇବା ପାଇଁ କୌଣସି ବ୍ୟବସ୍ଥା ମଧ କରାଯାଉନାହିଁ।

## ସଂକ୍ଷେପରେ

### ଟ୍ରକ ଧକ୍କାରେ ବାଇକ୍ ଚାଳକଙ୍କ ମୃତ୍ୟୁ

**ଝାଁଲା,୪।୩(ଡି.ଏନ.ଏ.):** ଜଟଣୀ ଥାନା ଅନ୍ତର୍ଗତ ଝାଁଲା ଫାଣ୍ଡି ପୋଷ୍ଟ ଅଫିସ ନିକଟରେ ବୁଧବାର ରାତି ସାଢେ ୮ରେ ଟ୍ରକ୍ ଧକ୍କାରେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ଭୁବନେଶ୍ୱରରୁ ଖୋର୍ଦ୍ଧାକୁ ବାଇକ୍(ନଂ.ଓଆର ୧୩ ଏଚ ୭୮୯୧)ରେ ବାଲିଅନ୍ତା ଥାନା ଅଞ୍ଚଳର ତାପସ ଦାସ(୩୫)ଯାଉଥିଲେ। ଏହି ସମୟରେ ଟ୍ରକ୍(ନଂ.ଏପି ୩୭ ଟିଏଫ ୩୬୨୯) ଜାତୀୟ ରାଜପଥ ୧୬ରେ ବାଇକ୍ ପଛକୁ ଧକ୍କା ଦେଇଥିଲା। ଫଳରେ ବାଇକ୍ ଚାଳକ ତାପସଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ତାଙ୍କୁ ଫାଣ୍ଡି ପୋଲିସ ପିସିଆର୍‌ରେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଏକାମ୍ର କ୍ଷେତ୍ରରେ ସହମତି ଭିତ୍ତିରେ ଉଚ୍ଛେଦ ଆରମ୍ଭ

**ପୁରୁଣା ଭୁବନେଶ୍ୱର,୪।୩(ଡି.ଏନ.ଏ.):** ଏକାମ୍ର କ୍ଷେତ୍ରର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଜାରି ରହିଛି। ଏଥିରେ ବାଧକ ସାଜିଥିବା ଘରୋଇ ଜମିକୁ ସହମତି ଭିତ୍ତିରେ ଅଧିଗ୍ରହଣ ହୋଇ ନ ପାରିବାରୁ ଉଚ୍ଛେଦ କାର୍ଯ୍ୟ କିଛିଦିନ ହେବ ବନ୍ଦ ରହିଥିଲା। ଫେବୃୟାରୀ ୨୬ ତାରିଖରେ ପ୍ୟାକେଜ ଅନୁଯାୟୀ ଅଧିକ ୧୦ ପ୍ରତିଶତ ମିଳିବା ଓ ଥଇଥାନ ନେଇ ଜିଲା ପ୍ରଶାସନର ବରିଷ୍ଠ ଅଧିକାରୀ ବିଏମ୍‌ସି କାର୍ଯ୍ୟାଳୟରେ ଉପସ୍ଥିତ ରହି ତଦାରଖ କରିବା ସହ ଅନେକ ଜମି ମାଲିକଙ୍କୁ ମନେଇବାରେ ସଫଳ ହୋଇଥିଲେ। ଜମିମାଲିକଙ୍କ ସହମତି ମିଳିବା ପରେ ବୁଧବାର ଗୌତମନଗର ଅନ୍ତର୍ଗତ ପ୍ଲଟ ନଂ. ୨୨୨୭ ଉପରୁ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଥିଲା। ମୋଟ ୫୦୬ ଡିସିମିଲ ପରିମିତ ଏହି କେଶରୀ ଭବନ ଜମିର କୋଟିତୀର୍ଥ ଲେନ ପଟର କେତେକ ଟିଣ ଘରକୁ ଜେସିବି ସାହାଯ୍ୟରେ ଭଙ୍ଗା ଯାଇଛି। ଗୁରୁବାରଠାରୁ ମିଳିତ ଉଚ୍ଛେଦ ଟିମ୍ ପକ୍ଷରୁ ଉତ୍ତରଦ୍ୱାର ସମ୍ମୁଖରୁ ସମ୍ମତି ପ୍ରଦାନ କରିଥିବା ଜମିରୁ ଉଚ୍ଛେଦ କରାଯିବାର ବାଟ ଏକ ପ୍ରକାର ପରିଷ୍କାର ହୋଇଯାଇଛି।

### ପଞ୍ଚାୟତ ଅଫିସ୍ ଗୃହରୁ ଲାପ୍‌ଟପ ଚୋରି ଅଭିଯୋଗ

**ଖୋର୍ଦ୍ଧା ଅଫିସ,୪।୩ :** ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଓଳସିଂ ପଞ୍ଚାୟତ କାର୍ଯ୍ୟାଳୟ ଗୃହରୁ ଲାପ୍‌ଟପ ଚୋରି ହୋଇଥିବା ନେଇ ବୁଧବାର ଜଙ୍କିଆ ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ନଂ. ୫୩/୨୦ରେ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ପ୍ରକାଶ ଯେ, ଗତ ୨୮ ତାରିଖ ରାତିରେ ପଞ୍ଚାୟତ ଅଫସ୍ ଗୃହରୁ ସେହି ଗ୍ରାମର ପ୍ରଭାକର ମହାନ୍ତି ନାମକ ଜଣେ ବ୍ୟକ୍ତି ୬୦ ହଜାର ଟଙ୍କା ମୂଲ୍ୟର ଗୋଟିଏ ଲାପ୍‌ଟପ ସହ ୧୪ ହଜାର ୮ ଶହ ଟଙ୍କା ଚୋରି କରି ନେଇ ପଳାଇଛନ୍ତି। ଏ ନେଇ ଥାନାରେ ସରପଞ୍ଚ ପ୍ରେମାନନ୍ଦ ପରିଡା ଅଭିଯୋଗ କରିଥିଲେ।

### ଜିଲା ଶିଶୁମଙ୍ଗଳ କମିଟି ପକ୍ଷରୁ ବାଳାଶ୍ରମ ପରିଦର୍ଶନ

**କଣାସ,(ସ୍ୱ.ପ୍ର.)-** ରାଜ୍ୟର ବିଭିନ୍ନ ବାଳାଶ୍ରମରୁ ପିଲାମାନେ ଛାଡ଼ି ଦେଉଛନ୍ତି। ପିଲାମାନେ କିପରି ବାଳାଶ୍ରମରେ ରହିବେ ସେଥିପ୍ରତି ସରକାର ଗୁରୁତ୍ୱ ଦେଉଛନ୍ତି। ପୁରୀ ଜିଲା ଶିଶୁ ମଙ୍ଗଳ କମିଟିର କର୍ମକର୍ତ୍ତା ମଙ୍ଗଳବାର କଣାସ ବ୍ଲକ ଅନ୍ତର୍ଗତ ଦୟାବିହାରରେ ପ୍ରତିଷ୍ଠିତ ବାଳାଶ୍ରମ ଓ ଶିଶୁ ଗୃହକୁ ପରିଦର୍ଶନ କରିଛନ୍ତି।

# ପ୍ରଦୂଷଣ ରୋକିବାକୁ ନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର

**ଜଟଣୀ,୪।୩(ଡି.ଏନ.ଏ.):**



ଜଟଣୀ ମ୍ୟୁନିସିପାଲିଟି ରାସ୍ତା ଉପରେ ଅଳିଆକୁ ରଖି ନିଆଁ ଲଗାଇ ଦିଆଯାଇଛି ।

ଜଟଣୀ ମ୍ୟୁନିସିପାଲିଟି ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ପଡୁଥିବା ଅଳିଆକୁ ନିଆଁ ଲଗାଇ ଦିଆଯାଉଛି। ଫଳରେ ପରିବେଶ ପ୍ରଦୂଷିତ ହେଉଛି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଅଳିଆକୁ ପୋଡା ନ ଯାଇ ଡଷ୍ଟବିନ୍‌ରେ ପକାଇବା ସହ ଲୋକଙ୍କୁ ସଚେତନ କରିବାକୁ ମହାତ୍ମା ଗାନ୍ଧୀ ସ୍ମୃତି କମିଟିର ସଭାପତି ବିଭୂତି ଭୂଷଣ ମିଶ୍ର କହିଛନ୍ତି। ଏ ସମ୍ପର୍କରେ ମିଶ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବୁଧବାର ନିର୍ବାହୀ ଅଧିକାରୀ ତପନ କୁମାର ମହାପାତ୍ରଙ୍କୁ ସାକ୍ଷାତ କରି ଦାବିପତ୍ର ଦେଇଛନ୍ତି। ଏ ନେଇ ବିଶଦ ଭାବେ ଆଲୋଚନା କରିଛନ୍ତି। ଆଲୋଚନା ପରେ କେହି ଯେପରି ଅଳିଆ ନ ପୋଡ଼ନ୍ତି ସେଥିପାଇଁ ସଫେଇ କର୍ମଚାରୀଙ୍କୁ ନିର୍ବାହୀ ଅଧିକାରୀ ନିର୍ଦ୍ଦେଶ ଦେଇଛନ୍ତି। ଏହାଛଡା ଲିଫ୍‌ଲେଟ୍, ଡାକବାଜି ଯନ୍ତ୍ର ମାଧମରେ ଏ ନେଇ ଲୋକଙ୍କୁ ସଚେତନ କରିବାକୁ ସ୍ମୃତି କମିଟି ସଭାପତି ବିଭୂତି ନିର୍ବାହୀ ଅଧିକାରୀଙ୍କୁ ପ୍ରସ୍ତାବ ଦେଇଥିଲେ। ଏଥିପ୍ରତି ମଧ ଦୃଷ୍ଟି ଦିଆଯିବ ବୋଲି ଅଧିକାରୀ ପ୍ରତିଶ୍ରୁତି ଦେଇଥିଲେ।

# ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟରେ ଗଜଜ୍ୟୋତି ଆରମ୍ଭ

**ଜଟଣୀ,୪।୩(ଡି.ଏନ.ଏ.)**

ଜଟଣୀସ୍ଥିତ ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟର ବାର୍ଷିକ ଉତ୍ସବ ବୁଧବାରଠାରୁ ଆରମ୍ଭ ହୋଇ ୭ ତାରିଖ ପର୍ଯ୍ୟନ୍ତ ଚାଲିବ। ୪ ଦିନ ଧରି ଅନୁଷ୍ଠିତ ହେଉଥିବା ଉତ୍ସବକୁ 'ଗଜଜ୍ୟୋତି' ନାମରେ ନାମିତ କରାଯାଇଛି। ଏହି ପରିପ୍ରେକ୍ଷୀରେ ବୁଧବାର ରୋଷେଇ ପ୍ରତିଯୋଗିତା ମାଷ୍ଟର ସେଫ୍ ଆୟୋଜିତ ହୋଇଥିଲା। ବିଭିନ୍ନ ଦିବସରେ ଭିନ୍ନଭିନ୍ନ ପ୍ରତିଯୋଗିତା ହେବ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ କୁହାଯାଇଛି। ସେହିପରି ଉତ୍ସବକୁ ସୁପରିଚାଳନା କରିବା ପାଇଁ କୁଳପତି ଡ. ସୁପ୍ରିୟା ପଟ୍ଟନାୟକ, ଡିନ୍ ଏକାଡେମୀ ଡ.ପ୍ରଶାନ୍ତ ମହାନ୍ତି, ନିର୍ଦ୍ଦେଶକ ପ୍ରଫେସର ଜଗନ୍ନାଥ ପାଢ଼ୀ, ଆଡମିଶନ ହେଡ୍ ସୁକାନ୍ତ ପରିଡ଼ା, କର୍ପୋରେଟ୍ ରିଲେଶନ୍ ମ୍ୟାନେଜର ସୌମ୍ୟରଞ୍ଜନ ମହାପାତ୍ର ଓ ଶିକ୍ଷାନୁଷ୍ଠାନର ଅନ୍ୟମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ।

# ଶ୍ରେଣୀଗୃହ, ବିଦ୍ୟୁତ୍ ସଂଯୋଗ, ଅନ୍ୟାନ୍ୟ ସୁବିଧା ନାହିଁ

## ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ

**ଜଟଣୀ,୪।୩(ଡି.ଏନ.ଏ.):**

ଜଟଣୀ ବ୍ଲକରେ ୯୬ଟି ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟ ରହିଛି। ଏହାଛଡ଼ା ମିଶ୍ରଣ ହୋଇଥିବା ୯ଟି ଓ ୬ଟି ବ୍ଲକ ଗ୍ରାଣ୍ଟ ସମେତ ୨୨ଟି ଉଚ୍ଚବିଦ୍ୟାଳୟ ରହିଛି। ତେବେ କେଉଁଠି ଶିକ୍ଷକ ଅଭାବ ତ ଆଉ କେଉଁଠାରେ ପାନୀୟ ଜଳ ବ୍ୟବସ୍ଥା ନାହିଁ। ଅନ୍ୟ କେଉଁଠି ବିଦ୍ୟୁତ୍ ସଂଯୋଗ କରାଯାଇନାହିଁ। ସେହିପରି କେଉଁ ସ୍କୁଲରେ ବିଦ୍ୟାର୍ଥୀ ଅନୁପାତରେ ଶ୍ରେଣୀ ଗୃହର ମଧ ବ୍ୟବସ୍ଥା ନାହିଁ। ଏପରି ଅବସ୍ଥାରେ ଜଟଣୀ ବ୍ଲକରେ ପ୍ରାଥମିକସ୍ତରରେ ଚାଲିଛି ଶିକ୍ଷା ବ୍ୟବସ୍ଥା। ଏପରି ସ୍କୁଲ ରହିଛି ଯାହାର ଛାତ ଘର ମଧ ନାହିଁ। ପିଲାସଂଖ୍ୟା ଦୃଷ୍ଟିରୁ ୮ଟି ସ୍କୁଲରେ ଆବଶ୍ୟକ ଶ୍ରେଣୀଗୃହ ନ ଥିବା ବେଳେ ୬ଟି ସ୍କୁଲରେ ଛାତ ଘରନାହିଁ। ବିଦ୍ୟୁତ୍ ସଂଯୋଗ ୯ଟି ସ୍କୁଲରେ ହୋଇନାହିଁ। ପାନୀୟ ଜଳଯୋଗାଣ ବ୍ୟବସ୍ଥା କଥା ଉଠିଲେ ୩ଟି ସ୍କୁଲରେ ନଳକୂପ ନ ଥିବାବେଳେ ୭୦ରୁ ଅଧିକ ଶିକ୍ଷୟିତ୍ରୀଶିକ୍ଷକ ପଦବୀ ଖାଲିପଡିଛି। ୧୬ଟି ହାଇସ୍କୁଲରେ ପ୍ରଧାନଶିକ୍ଷକ ନାହାନ୍ତି। ଏହାବ୍ୟତୀତ ଅନେକ ସ୍କୁଲରେ ପାଚେରି, ଖେଳପଡ଼ିଆ ନାହିଁ। କୌଣସି ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ପାଠାଗାର ବ୍ୟବସ୍ଥା ହୋଇ ନ ଥିବା ବେଳେ ଅନେକ ଉଚ୍ଚବିଦ୍ୟାଳୟରେ ଏପରି ବ୍ୟବସ୍ଥା ଏଯାବତ୍ ଉପଲବ୍ଧ ହୋଇନାହିଁ। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ଓ ଶିକ୍ଷାବିତ୍ ଚିନ୍ତାପ୍ରକଟ କରିଛନ୍ତି। ଏସବୁ ସମସ୍ୟା ଦୂର ଉପରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସେମାନେ ଦାବି କରିଛନ୍ତି।

# କାର୍ଯ୍ୟରେ ଯୋଗ ଦେଲେ ନୂତନ ଅତିରିକ୍ତ ଜିଲାପାଳ

**ଖୋର୍ଦ୍ଧା ଅଫିସ,୪।୩ :**

ଖୋର୍ଦ୍ଧାର ନୂତନ ଅତିରିକ୍ତ ଜିଲାପାଳ ଭାବେ ବୁଧବାର ମନୋଜ କୁମାର ପାଢ଼ୀ କାର୍ଯ୍ୟରେ ଯୋଗ ଦେଇଛନ୍ତି। ପାଢ଼ୀ ପୂର୍ବରୁ କ୍ରୀଡା ଓ ଯୁବ ସେବା ବିଭାଗରେ ଯୁଗ୍ମ ସଚିବ ଭାବେ କାର୍ଯ୍ୟ ନିର୍ବାହ କରୁଥିଲେ। ତେବେ ପୂର୍ବତନ ଅତିରିକ୍ତ ଜିଲାପାଳ ମନୋରଞ୍ଜନ ମଲ୍ଲିକଙ୍କର ଗଜପତି ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ବଦଳି ହୋଇଯିବା ପରେ ଏହି ପଦବୀଟି ଖାଲି ପଡିଥିଲା।




(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମୁଖରେ ହରିନାମ
ରାତିରେ ଚୋରିକାମ ।**

ଆକୃତି ବା ବାହ୍ୟ ସ୍ୱରୂପ ଦେଖି ପ୍ରକୃତି ବିଷୟରେ ଅନ୍ଦାଜ ଲଗାଇବା କଷ୍ଟକର ହୋଇଥାଏ। ସାଧୁବେଶ ହୋଇ ହରିନାମ ଗାଇ କିଛି କପଟୀ ସ୍ୱଭାବର ବ୍ୟକ୍ତି ଅନ୍ୟକୁ ପ୍ରଭାବିତ କରି ନିଜ ମନ୍ଦ ଉଦ୍ଦେଶ୍ୟ ଚରିତାର୍ଥ କରାଇବାରେ ବେଶ୍ ସିଦ୍ଧହସ୍ତ ହୋଇଥାନ୍ତି। ସରଳତାର ସୁଯୋଗ ନେଇ ବିଶ୍ୱାସ ଜନ୍ମାଇ ଅନ୍ୟକୁ ଠକି ଚାଲିଥାନ୍ତି। ଉପରକୁ ସାଧୁବେଶ ଧାରଣ ଅଥଚ ଭିତରେ ମନ୍ଦ ଆଚରଣ। ଭଣ୍ଡ ବା ଶଠ ପ୍ରକୃତିର ବ୍ୟକ୍ତିଙ୍କ ଏତାଦୃଶ ମନ୍ଦ ଚରିତ୍ର ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ମୁଣ୍ଡରେ ପଗଡ଼ି ପାଦରେ ତେଲ
ବଇଦ ସାଙ୍ଗରେ କରିବ ଗେଲ ।**

ମୁଣ୍ଡରେ ପଗଡ଼ି ବାନ୍ଧିଲେ ଖରାଦାଉରୁ ରକ୍ଷା ମିଳିଥାଏ। ସେହିପରି ପାଦରେ ତେଲ ଲଗାଇବା ଦ୍ୱାରା ପାଦ ଚିକ୍କଣ ହେବା ସହ ଗୋଇଠି ଫାଟି ନ ଥାଏ । ପଗଡ଼ି ଓ ତେଲ ଉଭୟ ସ୍ୱାସ୍ଥ୍ୟ ପାଇଁ ଉପକାରୀ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା: ଲି:

# ସମନ୍ୱିତ କୃଷି ବଢ଼ାଇବାକୁ ପ୍ରୟାସ

## ଗାଁକୁ ଯାଇ ଚାଷୀଙ୍କୁ ପରାମର୍ଶ ଦେବେ କୃଷି ଅଧିକାରୀ



ବେଗୁନିଆ ବ୍ଲକ କୃଷି କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ଅଧିକାରୀମାନେ ।

**ଖୋର୍ଦ୍ଧା ଅଫିସ୍/ବେଗୁନିଆ, ୪।୩ (ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅଞ୍ଚଳରେ କେତେଜଣ ଚାଷୀ ସମନ୍ୱିତ କୃଷି ପ୍ରତି ପ୍ରାଧାନ୍ୟ ଦେଉଛନ୍ତି। ଫଳରେ ବିଭିନ୍ନ ପ୍ରକାର ଅର୍ଥକରୀ ଫସଲ ନିଜ ଜମିରେ ଫଳାଇ ପରିବାର ଗୁଜୁରାଣ ମେଣ୍ଟାଉଛନ୍ତି। ଏଣେ ଦାଦନ ଯିବାରେ ରୋକ ଲଗାଇଛି। ଏଥିସହ ଚାଷ ପ୍ରତି ଉତ୍ସାହିତ ହୋଇ ନିଜର ଆତ୍ମସନ୍ତୋଷ ଲାଭ କରୁଛନ୍ତି ବୋଲି ଚାଷୀଙ୍କ ପକ୍ଷରୁ କୁହାଯାଉଛି। ତେବେ ବିଗତ ଦିନରେ ବେଗୁନିଆ ବ୍ଲକ ସମନ୍ୱିତ ଚାଷୀଙ୍କ କ୍ଷେତକୁ କୃଷି ବୈଜ୍ଞାନିକ, କୃଷି ଅଧିକାରୀମାନେ ଗସ୍ତ କରିଥିଲେ। ଏହାକୁ ନେଇ ବୁଧବାର ଖୋର୍ଦ୍ଧା ଜିଲାସ୍ତରୀୟ କୃଷି ଅଧିକାରୀଙ୍କ ଅଧିବେଶନ ବେଗୁନିଆ କୃଷି କାର୍ଯ୍ୟାଳୟ ସଭାଗୃହ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ମୁଖ୍ୟ କୃଷି ଅଫିସର ଭାସ୍କର ଚନ୍ଦ୍ର ବାରିକ, ଖୋର୍ଦ୍ଧା କୃଷି ଜିଲା ଅଧିକାରୀ ନିମାଇଁ ଚରଣ ସେଠୀ, ଭୁବନେଶ୍ୱର କୃଷି ଜିଲା ଅଧିକାରୀ ଦୁର୍ଯ୍ୟୋଧନ ପତଙ୍ଗ, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଅଜୟ କୁମାର ଦାସ ଓ ସୁରେନ୍ଦ୍ର ସିଂ, ଭୁବନେଶ୍ୱରସ୍ଥିତ ମୃତ୍ତିକା ରସାୟନବିତ୍ ସାରଦା ପ୍ରସନ୍ନ କୁମାର ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲାର ୧୦ଟି ବ୍ଲକର କୃଷି ଅଧିକାରୀ ଓ କର୍ମଚାରୀମାନେ ଏହି ଅଧିବେଶନରେ ଯୋଗ ଦେଇଥିଲେ। ତେବେ ଗାଁକୁ ଗାଁ ବୁଲି ଚାଷୀଙ୍କୁ ପରାମର୍ଶ କରିବେ। ଏହାସହ ସମନ୍ୱିତ କୃଷି ବଢାଇବା ପାଇଁ ପ୍ରୟାସ କରିବେ ବୋଲି ଅଧିବେଶନରେ ନିଷ୍ପତ୍ତି ନିଆଯାଇଥିଲା। ପରେ ସମସ୍ତ କୃଷି ଅଧିକାରୀ ସାରୁଅ ପଞ୍ଚାୟତ ଅନ୍ତର୍ଗତ କାଠଖୁଣ୍ଟିଆ ଗାଁକୁ ଯାଇ ଚାଷୀ ପବନ ଭୁଜବଳଙ୍କ ସମନ୍ୱିତ କୃଷି ଫାର୍ମ ବୁଲି ଫେରି ଯାଇଛନ୍ତି।

# କାଇପଦର କପ୍ କ୍ରିକେଟ ଟୁର୍ନାମେଣ୍ଟ: ଦେଉଳିଟାଙ୍ଗୀ, ଘାଟିକିଆ ବିଜୟୀ

**ଖୋର୍ଦ୍ଧା ଅଫିସ, ୪। ୩:**

ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ କାଇପଦର ସତ୍ୟପୀର କପ୍ କ୍ରିକେଟ୍ ଟୁର୍ନାମେଣ୍ଟର ବୁଧବାର ଦ୍ୱିତୀୟ ଦିବସ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଦେଉଳିଟାଙ୍ଗୀ କ୍ରିକେଟ କ୍ଲବ ୮ ରନ୍‌ରେ ଓ ଘାଟିକିଆ କ୍ରିକେଟ କ୍ଲବ ୩୫ ରନ୍‌ରେ ବିଜୟୀ ହୋଇଥିଲେ। ପ୍ରଥମ ମ୍ୟାଚ୍ ଦେଉଳି ଟାଙ୍ଗୀ କ୍ରିକେଟ୍ କ୍ଲବ ଓ ଭାଲିଆବାଡି କ୍ରିକେଟ୍ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇ ଦେଉଳି ଟାଙ୍ଗୀ କ୍ଲବ ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ୍ ହରାଇ ୨୫୧ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସ୍ୱାଧୀନ ପାଇକରାୟ ବ୍ୟକ୍ତିଗତ ୫୨ବଲ୍‌ରେ ୯୨ରନ୍ ସଂଗ୍ରହ କରି ଦଳ ବିଜୟୀ କରାଇଥିଲେ। ଜବାବରେ ଭାଲିଆବାଡି କ୍ରିକେଟ୍ କ୍ଲବ ୨୦ ଓଭରରେ ସମସ୍ତ ଉଇକେଟ୍ ହରାଇ ୨୪୩ ରନ୍ କରିବାରେ ସକ୍ଷମ ହୋଇଥିଲା। ସେହିପରି ଅନ୍ୟ ୨ୟ ମ୍ୟାଚ ଘାଟିକିଆ କ୍ରିକେଟ୍ କ୍ଲବ ଓ ସୁଆଙ୍ଗ କ୍ରିକେଟ୍ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ଘାଟିକିଆ ଦଳ ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୬୦ ରନ୍ ସଂଗ୍ରହ କରିଥିଲା। ଜବାବରେ ସୁଆଙ୍ଗ କ୍ରିକେଟ କ୍ଲବ ୧୫ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୨୫ ରନ୍ କରି ପରାଜୟ ବରଣ କରିଥିଲା। ତେବେ ଘାଟିକିଆ ଦଳର ପ୍ରଭାନ ଘଡେଇ ସୁନ୍ଦର ବୋଲିଂ ପ୍ରଦର୍ଶନ କରି ୪ ଓଭରରେ ୧୭ ରନ୍ ଦେଇ ୫ ଉଇକେଟ ହାସଲ କରିଥିଲେ। ଦେଉଳିଟାଙ୍ଗୀ କ୍ରିକେଟ କ୍ଲବର ଖେଳାଳି ସ୍ୱାଧୀନ ଏବଂ ଘାଟିକିଆ କ୍ରିକେଟ କ୍ଲବର ପ୍ରଭାନ ଉଭୟଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ବିବେଚନା କରାଯାଇଥିଲା । ଜଟ୍ଟ ସାମନ୍ତରାୟ ଓ ପ୍ରଶାନ୍ତ ମାର୍ଥା ଉଭୟ ମ୍ୟାଚ୍‌କୁ ପରିଚାଳନା କରିଥିଲେ।

# ଜଟଣୀ ବ୍ଲକ ବିଜେଡି ସାଙ୍ଗଠନିକ ନିର୍ବାଚନ

**ଜଟଣୀ,୪।୩(ଡି.ଏନ.ଏ.)**



ନିର୍ବାଚିତ ପଞ୍ଚାୟତ ସଭାପତିଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଉଛି ।

ଜଟଣୀ ବ୍ଲକସ୍ତରୀୟ ବିଜେଡିର ସାଙ୍ଗଠନିକ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ପଞ୍ଚାୟତସ୍ତରୀୟ ସଭାପତି ନିର୍ବାଚିତ ହୋଇଛନ୍ତି। ଏହି ବ୍ଲକର ବେଣାପଞ୍ଜରୀ ପଞ୍ଚାୟତ ବିଜେଡି ସଭାପତି ଭାବେ ମହମ୍ମଦ କୌସର ନିର୍ବାଚିତ ହୋଇଛନ୍ତି। ପଞ୍ଚୁପଲ୍ଲୀ ବିପିନ ବିହାରୀ ପ୍ରଧାନ, ହରିପୁର କୃତ୍ତିବାସ ସାହୁ, କନ୍ତିଆ କିରଣ କୁମାର ପ୍ରଧାନ, ପଦନପୁର ସୁରେଶ କୁମାର ଛୋଟରାୟ, ପ୍ରଧାନସାହି ସଞ୍ଜୟ କୁମାର ଭଞ୍ଜ, ଜାମୁକୋଳି ପଞ୍ଚାୟତରେ ଲିଙ୍ଗରାଜ ପାତ୍ର ସଭାପତି ହୋଇଛନ୍ତି। ସେହିପରି ଛଣଘର ଜୟନ୍ତ କୁମାର ସାହୁ, ଅଙ୍ଗାରପଡ଼ା ନକୁଳ ସାମନ୍ତରାୟ, ମଦନପୁର ସୁଧାଂଶୁ ଶେଖର ବଡଜେନା, ତିରିମଲ ରତ୍ନାକର ପ୍ରଧାନ, ତରାବୋଇ ମହମ୍ମଦ ହାମାଉନ୍, ଗଙ୍ଗପଡା ଅନୀଲ କୁମାର ପ୍ରଧାନ, ଛତାବର ମହେଶ୍ୱର ପରିଡା, ଝାଁଲା ତ୍ରୈଲୋକ୍ୟ ପ୍ରସାଦ ଦାସ ପଞ୍ଚାୟତସ୍ତରୀୟ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ସେହିପରି ଜଟଣୀ ବ୍ଲକ ବିଜେଡି ସଭାପତି ଭାବେ ବ୍ରଜବନ୍ଧୁ ପ୍ରଧାନ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଜିଲା ବିଜେଡି ନିର୍ବାଚନ ଅଧିକାରୀ ଦାୟିତ୍ୱରେ ଥିବା ରଶ୍ମିରଞ୍ଜନ ବ୍ରହ୍ମା, ବ୍ଲକର ସଞ୍ଜୟ କୁମାର ପାଇକରାୟ, ଜିଲା ବିଜୁ ଯୁବ ଜନତା ଦଳର ଉପସଭାପତି ଦୀପକ ମହାକୁଡ, ପ୍ରଶାନ୍ତ ପାଇକରାୟ ଓ ଅନ୍ୟମାନଙ୍କ ଉପସ୍ଥିତିରେ ଏହି ନିର୍ବାଚନ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା। ନିର୍ବାଚିତ ସଭାପତିମାନେ ବିଜେଡିର ଜିଲା ସଭାପତି ତଥା ପୂର୍ବତନ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଜଳସେଚନ ପଏଣ୍ଟକୁ ସଂଯୋଗ ହେଲାନି ବିଦ୍ୟୁତ୍

## ବାତ୍ୟା ଫନୀକୁ ପୂରିଲା ୧୦ ମାସ, ଚିନ୍ତାରେ ଚାଷୀ

**ଜଟଣୀ,୪।୩(ଡି.ଏନ.ଏ.):**

ବିଦ୍ୟୁତ୍ ସଂଯୋଗ ନ ଥିବାରୁ ଚାଷ ଜମି ପାଇଁ ଥିବା ଉଠା ଜଳସେଚନ ପଏଣ୍ଟଗୁଡ଼ିକ ଅଚଳ ଅବସ୍ଥାରେ ପଡି ରହିଛି। ଫଳରେ ଚାଷୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମାଟି ଶୁଖି ଫାଟି ଗଲାଣି। ଏଥିପାଇଁ ଚାଷୀ ଚିନ୍ତାରେ ପଡ଼ିଛନ୍ତି। ଫଳରେ ଚାଷୀ କୌଣସି ଚାଷ କରି ପାରୁନାହାନ୍ତି। ଜଟଣୀ ବ୍ଲକ ଅଙ୍ଗାରପଡ଼ା ପଞ୍ଚାୟତର ପଳାଶପୁର ଗ୍ରାମରେ ଏପରି ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଅନେକ ଚାଷୀ। ବିଭାଗୀୟ କର୍ତ୍ତୃପକ୍ଷଙ୍କଠାରୁ ଜିଲାପାଳଙ୍କୁ ଏ ନେଇ ଅଭିଯୋଗ କଲା ପରେ ବି କୌଣସି ପ୍ରତିକାର ହେଉନାହିଁ। ବାତ୍ୟା ଫନୀରେ ବ୍ଲକ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା।



ଫନୀରେ ଭାଙ୍ଗି ପଡିଥିବା ବିଦ୍ୟୁତ୍ ଖୁଣ୍ଟି ।

ଗ୍ରାମର ଅନେକ ସ୍ଥାନରେ ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ପଡ଼ିଥିଲା। ବିଦ୍ୟୁତ୍ ତାର ଛିଡିଯିବା ସହ ଟ୍ରାନ୍ସଫର୍ମରଗୁଡିକ ଅକାମୀ ହୋଇପଡ଼ିଥିଲା। ଚାଷଜମିକୁ ଜଳସେଚନ ସୁବିଧା ପାଇଁ ଲିଫ୍ଟ ଇରିଗେଶନ୍ ମାଧ୍ୟମରେ ଲାଗିଥିବା ପଏଣ୍ଟଗୁଡିକ ବିଦ୍ୟୁତ ସଂଯୋଗ ନ ଥିବାରୁ ଆଉ କାମ ନ କରି ପାରି ଅକାମୀ ହୋଇ ପଡିଥିଲା। ଫନୀର ୧୦ମାସ ପରେ ବି ବିଦ୍ୟୁତ୍ ସଂଯୋଗ ହୋଇପାରିନାହିଁ। ଫଳରେ ଶୀତ ଓ ଖରାଦିନିଆ ପନିପରିବା ଚାଷ କରାଯାଇ ପାରୁ ନ ଥିବା ଚାଷୀ ବିମଳ ଚନ୍ଦ୍ର ବେହେରା କହିଛନ୍ତି। ଏଣୁ ତୁରନ୍ତ ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସେ ଦାବି କରିଛନ୍ତି।



ତୁମ୍ଭମାନଙ୍କର ଶତ୍ରୁମାନଙ୍କୁ ପ୍ରେମକର, ଯେଉଁମାନେ ତୁମ୍ଭମାନଙ୍କୁ ଘୃଣା କରନ୍ତି, ସେମାନଙ୍କର ମଙ୍ଗଳ କର।
-ଯିଶୁଖ୍ରୀଷ୍ଟ



## ଆଜି କ'ଣ କେଉଁଠି

ପୁରୀ

- ବିଜେଡି ପକ୍ଷରୁ ବିଜୁ ଜୟନ୍ତୀ ପାଳନ ଅବସରରେ ପ୍ରଦୀପ ପ୍ରଜ୍ୱଳନ, ସିଂହଦ୍ୱାର, ସକାଳ ୭ଟା।

## ମହିଳାଙ୍କଠାରୁ ସୁନାଚେନ ଲୁଟ୍

**ନିମାପଡ଼ା,୪।୩(ଡି.ଏନ୍.ଏ.):** ନିମାପଡ଼ା ଏନ୍‌ଏସି ଅନ୍ତର୍ଗତ ଗଡ଼ଅଣ୍ଡିଆ ଗ୍ରାମର ମିନତି ନିଶଙ୍କଙ୍କ ବେକରୁ ବୁଧବାର ଦୁଇଜଣ ଦୁର୍ବୃତ୍ତ ସୁନାଚେନ ଲୁଟି ନେଇଥିବା ଅଭିଯୋଗ ହୋଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଗଡଅଣ୍ଡିଆ ଗ୍ରାମର ଟ୍ରକ ମାଲିକ ହରିହର ନିଶଙ୍କଙ୍କ ସ୍ତ୍ରୀ ମିନତି ପୂର୍ବାହ୍ନ ପ୍ରାୟ ୧୦ଟାରେ ଲୁଗା ଶୁଖାଉଥିବା ବେଳେ ଏକ ବାଇକରେ ଦୁଇଜଣ ଦୁର୍ବୃତ୍ତ ଆସି ତାଙ୍କ ବେକରୁ ସୁନାଚେନ ଝାମ୍ପି ନେଇ ଫେରାର ହୋଇଯାଇଥିଲେ। ସୁନାଚେନର ମୂଲ୍ୟ ୫୦ହଜାର ଟଙ୍କା ହେବ ବୋଲି ହରିହର ତାଙ୍କ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି।

## ପୁରୀରେ କରୋନା ସତର୍କତା

**ପୁରୀ ଅଫିସ,୪।୩:** ଏସ୍‌ସିବିରେ ଦୁଇଜଣ କରୋନା ସନ୍ଦିଗ୍ଧ ଭର୍ତ୍ତି ହେବା ପରେ ପୁରୀ ଜିଲା ପ୍ରଶାସନ ସତର୍କତା ଅବଲମ୍ବନ କରିଛି। ଏ ନେଇ ଆଡ୍‌ଭାଇଜରି ଜାରି କରାଯାଇଥିବା ବେଳେ ପୁରୀର ସବୁ ହୋଟେଲକୁ ଚିଠି କରାଯାଇଛି। ବିଶେଷକରି ବିଦେଶୀ ପର୍ଯ୍ୟଟକ ଯଦି ଆସୁଛନ୍ତି ତେବେ ତୁରନ୍ତ ଡିଆଇବିକୁ ଜଣାଇବାକୁ କୁହାଯାଇଛି। ଯଦି କାହା ପାଖରେ କୌଣସି କରୋନା ଲକ୍ଷଣ ଦେଖାଯାଏ ତେବେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବା ଲାଗି କୁହାଯାଇଛି। ଜିଲା ପ୍ରଶାସନ ପକ୍ଷରୁ ସତର୍କତା ନେଇ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହେବ ବୋଲି ଜଣାପଡିଛି।

## ସ୍ତମ୍ଭକାରଙ୍କ ନାମରେ ନକଲି ଫେସବୁକ ଆଇଡି

**ପୁରୀ ଅଫିସ,୪।୩ :** ସ୍ତମ୍ଭକାର ହରିଶଙ୍କର ମିଶ୍ରଙ୍କ ନାମରେ କେହି ବ୍ୟକ୍ତି ନକଲି ଫେସବୁକ୍ ଆଇଡି ଖୋଲି ମନ୍ଦ ଉଦ୍ଦେଶ୍ୟ ରଖି ବିଭିନ୍ନ ପ୍ରସଙ୍ଗ ଉପରେ ତାଙ୍କ ନାମରେ ଖବର ପୋଷ୍ଟ କରୁଥିବା ନେଇ ମଙ୍ଗଳବାର ତାଳବଣିଆ ଥାନାରେ ଅଭିଯୋଗ କରିଛନ୍ତି। ସେ ଅଭିଯୋଗରେ ଦର୍ଶାଯାଇଛନ୍ତି ଯେ, ହରିଶଙ୍କର ବିଭିନ୍ନ ଖବରକାଗଜରେ ସ୍ତମ୍ଭ ଲେଖାଲେଖି କରିବା ସହ ପଞ୍ଜିକା ସମୀକ୍ଷକ ଭାବେ କାର୍ଯ୍ୟ କରନ୍ତି। କୌଣସି ବ୍ୟକ୍ତି ତାଙ୍କ ନାମରେ ନକଲି ଫେସବୁକ ଆଇଡି ଖୋଲି ବିଭିନ୍ନ ପ୍ରସଙ୍ଗରେ ବଦନାମ କରୁଛନ୍ତି। ଫଳରେ ସମାଜରେ ମୋର ମାନସମ୍ମାନ ହାନି ଘଟିଛି। ଏହାର ନିରପେକ୍ଷ ତଦନ୍ତ ଲାଗି ସେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଏ ନେଇ ଥାନାରେ ନଂ.୨୭/୨୦ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

## ଅତିରିକ୍ତ ଶାସନ ସଚିବଙ୍କ ଗୋଷ୍ଠୀ କୃଷିକ୍ଷେତ୍ର ପରିଦର୍ଶନ

**ସାକ୍ଷୀଗୋପାଳ,୪।୩(ଡି.ଏନ୍.ଏ.):** କୃଷି ବିଭାଗ ଅତିରିକ୍ତ ଶାସନ ସଚିବ ରାଜଶ୍ରୀ ସିଂହ ବୁଧବାର ସତ୍ୟବାଦୀ ବ୍ଲକର ନୂଆସୋମେଶ୍ୱରପୁର ପଞ୍ଚାୟତରେ ଗୋଷ୍ଠୀ କୃଷିକ୍ଷେତ୍ର ପରିଦର୍ଶନ କରିଛନ୍ତି। ଉକ୍ତ ପଞ୍ଚାୟତର ବସ୍ତପଡା ଓ ଆଖପାଖ ମୌଜାର ଏକଶହ ହେକ୍ଟର ପଡିଆ ଜମିରେ ଚାଷ କରାଯାଇଥିବା ଡାଲିଜାତୀୟ ଫସଲ ସଚିବ ବୁଲି ଦେଖିଥିଲେ। ଗ୍ରାମର କୃଷକଙ୍କ ସହିତ ଆଲୋଚନା କରିବା ସହ କୃଷି ଯନ୍ତ୍ରପାତି, ଜଳସେଚନ ସୁବିଧା, ବିହନ ଓ ବୈଷୟିକ କୃଷି ପରାମର୍ଶ ପାଉଛନ୍ତି କି ନାହିଁ ପଚାରି ବୁଝିଥିଲେ। ଆତ୍ମା କାର୍ଯ୍ୟକ୍ରମ, ଆମ କୃଷି ଯୋଜନା, ଗୋଷ୍ଠୀ ଭିତ୍ତିକ ଚାଷ, ଚାଷ ଜମିରେ ପୋଖରୀ ଖୋଳି ଚାଷ ପାଇଁ ଜଳ ସଂଗ୍ରହ ନିମନ୍ତେ ସବ୍‌ସିଡି ଯୁକ୍ତ ସହାୟତା ଯେଭଳି ସମସ୍ତ ଚାଷୀ ପାଇ ପାରିବେ ସେଥିପାଇଁ କୃଷିକାନ୍ଥ, ଅଭିନୟ ଓ ଗୋଷ୍ଠୀଭିତ୍ତିକ ସଚେତନତା କାର୍ଯ୍ୟକ୍ରମର ଆୟୋଜନ ପାଇଁ ଉପସ୍ଥିତ କୃଷି ଅଧିକାରୀ ଓ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। ସିଂଙ୍କ ସହିତ ଜିଲା ମୁଖ୍ୟ କୃଷି ଅଧିକାରୀ ଏସ୍. ଚନ୍ଦ୍ରଶେଖର ରାଓ, ସତ୍ୟବାଦୀ ବ୍ଲକ କୃଷି ଅଧିକାରୀ କଲ୍ୟାଣ ରାୟ, ସହକାରୀ କୃଷି ଅଧିକାରୀ ହୃଦାନନ୍ଦ ସାମନ୍ତରାୟ, ଶାନ୍ତା ସୁଚରିତା ଦାସ, ସରପଞ୍ଚ କୃଷ୍ଣପ୍ରିୟା ଦାଶ ପ୍ରମୁଖ କ୍ଷେତ୍ର ପରିଦର୍ଶନ କରିଥିଲେ। କୃଷିକ୍ଷେତ୍ର କର୍ମଚାରୀ ରୋଜାଲିନ ଖୁଣ୍ଟିଆ, ସହକାରୀ ବୈଷୟିକ କୃଷି ପରାମର୍ଶଦାତା ଭଞ୍ଜ କିଶୋର ଗୌଡ, କୃଷକ ସାଥୀ ନିରଞ୍ଜନ ମିଶ୍ର ଓ ପକ୍ଷୀରାଜ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ସମସ୍ୟା ସମ୍ପର୍କରେ ଚାଷୀ ବିଭୂତିଭୂଷଣ ପଣ୍ଡା, ସୁଧୀର କୁମାର ମହାନ୍ତି, ପୁରୁଷୋତ୍ତମ ପାଇକରାୟ, ଉମେଶ ପଣ୍ଡା ଓ ପ୍ରଭାତ କର ପ୍ରମୁଖ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

# ପାନ ଖାଇଲେ ୫୦୦ ଟଙ୍କା ଦଣ୍ଡ

**ପୁରୀ ଅଫିସ,୪।୩**

**ଶ୍ରୀମନ୍ଦିର ସ୍ୱଚ୍ଛତା ଚିନ୍ତା**



ଶ୍ରୀମନ୍ଦିରକୁ ସ୍ୱଚ୍ଛ ଏବଂ ପରିଷ୍କାର ରଖିବା ଉପରେ ଗୁରୁତ୍ୱ ଦେଉଛି ମନ୍ଦିର ପ୍ରଶାସନ। ଏଥିପାଇଁ ବିଭିନ୍ନ ସମୟରେ କଟକଣା ଜାରି କରିବା ସତ୍ତ୍ୱେ କେହି କେହି ନ ମାନି ବେଖାତିର କରୁଛନ୍ତି। ତେଣୁ ଏଥର କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି ଶ୍ରୀମନ୍ଦିର ପ୍ରଶାସନ। ମନ୍ଦିର ଭିତରକୁ ଯଦି କେହି ପାନ, ଗୁଟ୍‌ଖା ଖାଇଯାଆନ୍ତି ତେବେ ସେମାନଙ୍କଠାରୁ ୫୦୦ଟଙ୍କା ଜରିମାନା ଆଦାୟ କରାଯିବ। ଏ ନେଇ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ନିଷ୍ପତ୍ତି ହୋଇଛି। ପୂର୍ବରୁ ଏହି ନିୟମ ଥିଲା। ଆରମ୍ଭରୁ ବେଶ୍ ଧରପଗଡ଼ ହେଲା, କେତେଜଣ ଜରିମାନା ବି ଦେଲେ। ପରବର୍ତ୍ତୀ ସମୟରେ କଟକଣାରେ ଗୁରୁତ୍ୱ ନ ରହିବାରୁ ପୁଣି ଶ୍ରୀମନ୍ଦିର ବେଢା ପରିସରରେ ପଡ଼ିଲା ପାନଛେପ। ତେଣୁ ଏଥର କଟକଣାକୁ କଡ଼ାକଡ଼ି ପାଳିବାକୁ ନିଷ୍ପତ୍ତି ହୋଇଛି। ଶ୍ରୀମନ୍ଦିର ଭିତରକୁ ଶୁଦ୍ଧପୂତ ଭାବେ ପରିଷ୍କାର ହୋଇଯିବାର ବିଧି ରହିଛି। କିନ୍ତୁ କିଛି ଭକ୍ତ, ସେବାୟତ ଏବଂ ମନ୍ଦିର କର୍ମଚାରୀ ପାନ, ଗୁଟ୍‌ଖା ଖାଇ ଭିତରକୁ ଗଲେ। ଫଳରେ ବେଢା ପରିସରର ବିଭିନ୍ନ ସ୍ଥାନରେ ପାନଛେପ, ଗୁଟ୍‌ଖା ଖୋଳ ପଡ଼ିଥିବା ଦେଖିବାକୁ ମିଳିଲା। ତେଣୁ ଏଥିରେ ଅଙ୍କୁଶ ଲଗାଇବା ପାଇଁ ମନ୍ଦିର ପ୍ରଶାସନ ଗତବର୍ଷ ଜୁଲାଇ ୨୯ରେ ପରିଚାଳନା କମିଟି ସହ ବୈଠକ କରି ଜରିମାନା ଆଦାୟ ପାଇଁ ନିଷ୍ପତ୍ତି ହୋଇଥିଲା। ତତ୍କାଳୀନ ମୁଖ୍ୟ ପ୍ରଶାସକ କହିଥିଲେ, ଏଣିକି କୌଣସି ସେବକ, ଭକ୍ତ କିମ୍ବା ଶ୍ରୀମନ୍ଦିର କର୍ମଚାରୀ ପାନ, ଗୁଟ୍‌ଖା ଖାଇ ମନ୍ଦିର ଭିତରକୁ ପ୍ରବେଶ କରିବେ ନାହିଁ। ପ୍ରବେଶ ପଥରେ ମଧ ଯାଞ୍ଚ ହେବ। ଯଦି କେହି ପାନ, ଗୁଟ୍‌ଖା ଖାଇ ମନ୍ଦିରକୁ ପ୍ରବେଶ କରିଥିବା ଧରାପଡିବେ ତାଙ୍କଠାରୁ ୫୦୦ ଟଙ୍କା ପର୍ଯ୍ୟନ୍ତ ଜରିମାନା ଆଦାୟ କରାଯିବ। ଏଥିପାଇଁ ଫଳକ ଲଗାଯାଇ ସମସ୍ତଙ୍କୁ ସଚେତନ କରାଯିବ। ଗତବର୍ଷ ଅଗଷ୍ଟ ୧ରୁ ଧରପଗଡ଼ କରାଯାଇଥିଲା। ଏବେ ପୁଣି ପାନ, ଗୁଟଖା ପଡ଼ିବାରୁ କଟକଣା ଲଗାଯାଇଛି । ବୁଧବାର ଛତିଶା ନିଯୋଗ ବୈଠକ ପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର କହିଛନ୍ତି, ପୂର୍ବରୁ ଏହା ଉପରେ କଟକଣା ଜାରି କରାଯାଇଥିଲା। ଏବେ ଏହି ଜରିମାନାକୁ କଡ଼ାକଡି କରାଯିବ। ପାନ, ଗୁଟ୍‌ଖା ଖାଇ ମନ୍ଦିର ଭିତରେ ଧରାପଡ଼ିଲେ ୫୦୦ ଟଙ୍କା ଫାଇନ କଟାଯିବ। ଏ ନେଇ ସଚେତନ କରାଯିବ ବୋଲି କହିଛନ୍ତି ମୁଖ୍ୟ ପ୍ରଶାସକ।



ପୁରୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ବୁଧବାର ସଙ୍ଗୀତଜ୍ଞ ସିଂହାରୀ ଜୟନ୍ତୀ ଅବସରରେ ନୃତ୍ୟଶିଳ୍ପୀ ଚିରସ୍ରୋତା ଖୁଣ୍ଟିଆଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ଉନ୍ନୟନ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ଜିଲାପାଳଙ୍କ ତାଗିଦ

**କୋଣାର୍କ, ୪।୩(ଡି.ଏନ୍.ଏ.)**

କୋଣାର୍କ ଯାତ୍ରୀନିବାସ ସମ୍ମେଳନ କକ୍ଷରେ ବୁଧବାର କୋଣାର୍କ ଏନ୍‌ଏସି ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା ଓ ତ୍ୱରାନ୍ୱିତ କରିବା ନେଇ ଜିଲାପାଳ ବଲୱନ୍ତ ସିଂ ଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ କାକଟପୁର ବିଧାୟକ ତଥା ମନ୍ତ୍ରୀ ତୁଷାରକାନ୍ତି ବେହେରା ଯୋଗଦେଇ ଉନ୍ନୟନମୂଳକ କାର୍ଯ୍ୟକୁ ତ୍ୱରାନିତ କରିବା ସହ ଯୁଦ୍ଧକାଳୀନ ଭିତ୍ତିରେ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କାର୍ଯ୍ୟ ପାଇଁ ଲକ୍ଷାଧିକ ଟଙ୍କା ବିନିଯୋଗ ହୋଇଥିଲେ ମଧ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ଯୋଗୁ ପ୍ରକଳ୍ପ କାର୍ଯ୍ୟରେ ମନ୍ଥରତା ନେଇ ଜିଲାପାଳ ସିଂ ଅସନ୍ତୋଷ ପ୍ରକାଶ କରିଥିଲେ। ଉନ୍ନୟନ କାର୍ଯ୍ୟରେ ଅବହେଳା କରୁଥିବା ଠିକାଦାରଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେବା ସହ ଉନ୍ନୟନ କାର୍ଯ୍ୟ ଶୀଘ୍ର ଶେଷ କରିବାକୁ ଏନଏସି ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ସହିତ ବର୍ଜ୍ୟବସ୍ତୁ ପରିଚାଳନା କାର୍ଯ୍ୟକ୍ରମର ସମୀକ୍ଷା କରିବା ସହ ଆଉ ୩ଟି ଡମ୍ପିଂୟାର୍ଡ କାର୍ଯ୍ୟ ନିମନ୍ତେ ଜାଗା ନିରୂପଣ କରି କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ କୋଣାର୍କ ଏନଏସି ନିର୍ବାହୀ ଅଧିକାରୀ ଏମ. ଶ୍ରୀନିବାସ, ଭାରତୀୟ ତୈଳ ପ୍ରତିଷ୍ଠାନ ସମନ୍ୱୟ ଅଧିକାରୀ ସନ୍ତୋଷ ରଞ୍ଜନ ଦାଶ, କୋଣାର୍କ ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ, କୋଣାର୍କ ରାଜସ୍ୱ ନିରୀକ୍ଷକ ସତ୍ୟବାଦୀ ଚିନେରା, ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ଦିଲୀପ ବିଶ୍ୱାଳ, ସହକାରୀ ଯନ୍ତ୍ରୀ ଶୁଭେନ୍ଦୁ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଶିଶୁମଙ୍ଗଳ କମିଟିର ବାଳାଶ୍ରମ ପରିଦର୍ଶନ

**କଣାସ,୪।୩(ସ୍ୱ.ପ୍ର.)**

ନାନା ସମସ୍ୟା ନେଇ ଅନେକ ବାଳାଶ୍ରମରୁ ପିଲାମାନେ ଚାଲିଯାଇଥିବାରୁ ସେମାନେ କିପରି ସ୍ୱଚ୍ଛରେ ରହିପାରିବେ ସେଥିପ୍ରତି ସରକାର ଗୁରୁତ୍ୱ ଦେଉଛନ୍ତି। ଏ ନେଇ ପୁରୀ ଜିଲା ଶିଶୁ ମଙ୍ଗଳ କମିଟିର କର୍ମକର୍ତ୍ତା ମଙ୍ଗଳବାର କଣାସ ବ୍ଲକ ଦୟାବିହାରରେ ନୀଳାଚଳ ସେବା ପ୍ରତିଷ୍ଠାନ ଦ୍ୱାରା ପରିଚାଳିତ ବାଳାଶ୍ରମ ଓ ଶିଶୁ ଗୃହକୁ ପରିଦର୍ଶନ କରିଛନ୍ତି। ବାଳାଶ୍ରମରେ ଥିବା ପିଲାମାନଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିବା ସହିତ କେଉଁ ଦିନ କେଉଁ ଖାଦ୍ୟ ଦିଆଯାଉଛି ଏବଂ ଚଳିତବର୍ଷ କେତେ ହଳ ପୋଷାକ, ଜୋତା, ଖେଳଉପକରଣ ଦିଆଯାଇଛି ସବୁ ପଚାରି ବୁଝିଥିଲେ। ପରେ ଅଫିସ୍ କାର୍ଯ୍ୟାଳୟରେ ଖାତାପାତ୍ର ତନଖି କରିଥିଲେ। ଏହି ପରିଦର୍ଶନରେ ଜିଲା ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ମହାବୀର ରୁଦ୍ର ନାରାୟଣ ସାହୁ, ସଦସ୍ୟ ରାମାଶଙ୍କର ପାତ୍ର ଓ ସଦସ୍ୟା ସୁଚିତା ଦାସ ଆସିଥିଲେ। ବାଳାଶ୍ରମ ପରିଚାଳକ ଅଭିମନ୍ୟୁ ସୁନ୍ଦରାୟ, ସନ୍ତୋଷ ପଣ୍ଡା ଏବଂ କର୍ମଚାରୀମାନେ କମିଟି ସଦସ୍ୟମାନଙ୍କୁ ବାଳାଶ୍ରମର ବିଭିନ୍ନ ସମସ୍ୟା ବିଷୟରେ ଜଣାଇଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମୁଖରେ ହରିନାମ**
**ରାତିରେ ଚୋରିକାମ ।**

ଆକୃତି ବା ବାହ୍ୟ ସ୍ୱରୂପ ଦେଖି ପ୍ରକୃତି ବିଷୟରେ ଅନ୍ଦାଜ ଲଗାଇବା କଷ୍ଟକର ହୋଇଥାଏ। ସାଧୁବେଶ ହୋଇ ହରିନାମ ଗାଇ କିଛି କପଟୀ ସ୍ୱଭାବର ବ୍ୟକ୍ତି ଅନ୍ୟକୁ ପ୍ରଭାବିତ କରି ନିଜ ମନ୍ଦ ଉଦ୍ଦେଶ୍ୟ ଚରିତାର୍ଥ କରାଇବାରେ ବେଶ୍ ସିଦ୍ଧହସ୍ତ ହୋଇଥାନ୍ତି। ସରଳତାର ସୁଯୋଗ ନେଇ ବିଶ୍ୱାସ ଜନ୍ମାଇ ଅନ୍ୟକୁ ଠକି ଚାଲିଥାନ୍ତି। ଉପରକୁ ସାଧୁବେଶ ଧାରଣ ଅଥଚ ଭିତରେ ମନ୍ଦ ଆଚରଣ । ଭଣ୍ଡ ବା ଶଠ ପ୍ରକୃତିର ବ୍ୟକ୍ତିଙ୍କ ଏତାଦୃଶ ମନ୍ଦ ଚରିତ୍ର ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ମୁଣ୍ଡରେ ପଗଡ଼ି ପାଦରେ ତେଲ**
**ବଇଦ ସାଙ୍ଗରେ କରିବ ଗେଲ ।**

ମୁଣ୍ଡରେ ପଗଡ଼ି ବାନ୍ଧିଲେ ଖରାଦାଉରୁ ରକ୍ଷା ମିଳିଥାଏ। ସେହିପରି ପାଦରେ ତେଲ ଲଗାଇବା ଦ୍ୱାରା ପାଦ ଚିକ୍କଣ ହେବା ସହ ଗୋଇଠି ଫାଟି ନ ଥାଏ । ପଗଡ଼ି ଓ ତେଲ ଉଭୟ ସ୍ୱାସ୍ଥ୍ୟ ପାଇଁ ଉପକାରୀ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା: ଲି:

## ବିନା ହଳରେ ଆଳୁ ଚାଷ: ସଫଳତା ପାଇଲେ ନଗେଶ



ଅମଳ ହୋଇଥିବା ଆଳୁକୁ ଲୋକେ ଦେଖୁଛନ୍ତି।

**ବଳଙ୍ଗା, ୪।୩(ଡି.ଏନ୍.ଏ.)**

ବଳଙ୍ଗା ଥାନା ଅନ୍ତର୍ଗତ ତରୋଇଶାସନ ଗ୍ରାମର ଜଣେ ଯୁବକ ସରକାରୀ ଓ ବେସରକାରୀ ସଂସ୍ଥା ଦ୍ୱାରା ଅନୁପ୍ରାଣିତ ହୋଇ କୃଷିକୁ ଆପଣାଇ ନେଇଛନ୍ତି। ସେ ହେଲେ ନଗେଶ କୁମାର ବେହେରା। + ୩ ବିଜ୍ଞାନ ପାସ୍ ପରେ ପ୍ରଥମେ ନୂତନ ପଦ୍ଧତି ଅନୁଯାୟୀ ପଡ଼ିଆ ଜମିରେ ନାହାଳ ଓ ଖୋଳାରେ ଗୋଟାଆଳୁ ରଖି ତା' ଚାରିପାଖେ ଆବଶ୍ୟକ ଜୈବିକ ଓ ରାସାୟନିକ ସାର ପକାଇ ନଡ଼ା ଘୋଡ଼ାଇ ଦେଇଥିଲେ। ତା' ପରେ ସିଞ୍ଚନ ପ୍ରଣାଳୀରେ ଜଳସେଚନ କରିବା ସହିତ କୃଷି ବିଶେଷଜ୍ଞଙ୍କ ପରାମର୍ଶ କ୍ରମେ ଅମଳ ପର୍ଯ୍ୟନ୍ତ ବିଭିନ୍ନ ତରଳ ସାର ପ୍ରୟୋଗ କରିଥିଲେ। ଆଳୁ ଚାଷ ବିଶେଷଜ୍ଞ (ସିଆରପି)ଙ୍କ ପକ୍ଷରୁ ପରୀକ୍ଷା ମୂଳକ ଭାବେ ଆଳୁ ଚାଷ ନିମନ୍ତେ ୪ ଡିସିମିଲ ଜମି ପାଇଁ ୫୦କେଜି ବିହନ ମିଳିଥିଲା। ଏହାକୁ ସେ ଲଗାଇଥିଲେ। ବୁଧବାର ଅମଳ ହୋଇଛି ୪ କୁଇଣ୍ଟାଲ ଅର୍ଥାତ୍ ଏକର ପ୍ରତି ଶହେ କୁଇଣ୍ଟାଲ ଆଳୁ। ପୁରାତନ ପଦ୍ଧତିରେ ସମ ପରିମାଣର ଆଳୁ ଉତ୍ପାଦନ ହୋଇଥିଲେ ମଧ ନୂତନ ପଦ୍ଧତିରେ କମ ଖର୍ଚ୍ଚ ହେଉଛି। ଚଳିତ ବର୍ଷ ନୂତନ ପଦ୍ଧତି ଆଳୁ ଚାଷ ଓଡ଼ିଶା ରାଜ୍ୟ ଉଦ୍ୟାନ ବିଭାଗ ଏବଂ ସିଆରପିଙ୍କ ମିଳିତ ଉଦ୍ୟମରେ ହୋଇଛି। ଆଳୁ ଅମଳ ସମୟରେ ପୁରୀ ଜିଲା କୃଷି ବିଜ୍ଞାନ କେନ୍ଦ୍ରର ବିଶେଷଜ୍ଞ ସଞ୍ଜୟ କୁମାର ମହାନ୍ତି, ସୋନିତାରାଣୀ ସେଠୀ, ସିଆରପି ବିଶେଷଜ୍ଞ ଡ. ସାହିଦ ଅଲ୍ଲୀ ଏବଂ ଗ୍ରାମର ଚାଷୀମାନେ ଉପସ୍ଥିତ ଥିଲେ। ଅଭାବୀ ବିକ୍ରୀ ଓ ଶୀତଳଭଣ୍ଡାରର ଅଭାବ ଯୋଗୁ ଆଳୁ ଚାଷ ପ୍ରଭାବିତ ହେଉଛି। ବଳଙ୍ଗା ଅଞ୍ଚଳରେ ସମବାୟ ସମିତି ମାଧ୍ୟମରେ ଧାନ ପରି ଆଳୁ ମଣ୍ଡି, ଶୀତଳଭଣ୍ଡାର ପ୍ରତିଷ୍ଠା ପାଇଁ ନଗେଶଙ୍କ ସମେତ ଅନ୍ୟ ଚାଷୀ ଦାବି କରିଛନ୍ତି।

## ସ୍ୱାମୀଙ୍କ ଦ୍ୱିତୀୟ ବିବାହ, ଥାନା ଆଗରେ ବସିଲେ ପ୍ରଥମ ସ୍ତ୍ରୀ

**ଗୋପ,୪।୩(ଡି.ଏନ୍.ଏ)**

ପ୍ରଥମ ସ୍ତ୍ରୀକୁ ଛାଡ଼ିବା ପରେ କୋର୍ଟଙ୍କ ନିର୍ଦ୍ଦେଶରେ ଭରଣପୋଷଣ ନ ଦେଇ ସ୍ୱାମୀ ଦ୍ୱିତୀୟ ବିବାହ କରିଛନ୍ତି। ସୋମବାର ଥାନାର ଦ୍ୱାରସ୍ଥ ହୋଇଛନ୍ତି ପ୍ରଥମ ସ୍ତ୍ରୀ। ଏଭଳି ଘଟଣା ଦେଖିବାକୁ ମିଳିଛି ପୁରୀ ଜିଲାର ଗୋପ ଥାନା ଅଞ୍ଚଳରେ। ପୋଲିସ ଅଭିଯୋଗକୁ ହାଲକା ଭାବେ ନେଇ ନୀରବଦ୍ରଷ୍ଟା ସାଜିଥିବାରୁ ବୁଧବାର ପ୍ରଥମ ସ୍ତ୍ରୀ, ତାଙ୍କ ପିଲାଙ୍କୁ ଧରି ଗୋପ ଥାନା ଆଗରେ ଧାରଣା ଦେଇଛନ୍ତି। ସୂଚନାଯୋଗ୍ୟ, ଏହି ଥାନା ଅଧୀନ ସାଉରିଆ ଗ୍ରାମର ଦୀପ୍ତିରଞ୍ଜନ ୨୦୧୫ ଜୁନ୍ ୧୩ରେ ଏହି ଥାନା ଅଧୀନ ପାଇକସାହିର ପୂଜାରାଣୀ ରାଉତଙ୍କୁ ବିବାହ କରିଥିଲେ। ବିବାହ ପରେ ପାରିବାରିକ ସମସ୍ୟାକୁ ନେଇ ଦୀପ୍ତିରଞ୍ଜନ ପୂଜାରାଣୀଙ୍କୁ ଛାଡ଼ିଦେଇଥିଲେ। ଏ ନେଇ ପୂଜାରାଣୀ କୋର୍ଟରେ ଏକ ମାମଲା ରୁଜୁ କରବାରୁ ମାନ୍ୟବର କୋର୍ଟ ଶୁଣାଣି କରି ମାସିକ ୬ ହଜାର ଟଙ୍କା ଲେଖାଏଁ ସ୍ତ୍ରୀଙ୍କୁ ଭରଣପୋଷଣ ଲାଗି ନିର୍ଦ୍ଦେଶ ଦେଇଥିଲେ। ମାତ୍ର ପ୍ରଥମ ସ୍ତ୍ରୀଙ୍କୁ ଭରଣପୋଷଣ ନ ଦେଇ ଦୀପ୍ତିରଞ୍ଜନ ଗତ ୧୫ଦିନ ତଳେ ଏହି ଥାନା ଅଧୀନ ସାରଡ଼ା ଗ୍ରାମରେ ଦ୍ୱିତୀୟ ବିବାହ କରିଥିଲେ। ଏହି ଖବର ପ୍ରଥମ ସ୍ତ୍ରୀ ଜାଣିବା ପରେ ଗତ ୨ ତାରିଖରେ ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ ଅଭିଯୋଗକୁ ଦୁଇଦିନ ବିତିଯାଇଥିଲେ ସୁଦ୍ଧା ମାମଲା ରୁଜୁ ନ କରିବାରୁ ପ୍ରଥମ ସ୍ତ୍ରୀ ବୁଧବାର ଥାନା ଆଗରେ ନ୍ୟାୟ ପାଇଁ ବସିଥିଲେ। ସ୍ୱାମୀ ଦ୍ୱିତୀୟ ସ୍ତ୍ରୀଙ୍କୁ ନେଇ କୋଣାର୍କରେ ରହିଥିବା ପ୍ରଥମ ସ୍ତ୍ରୀ ଜାଣିବାପରେ ପୋଲିସ୍ ଚଢ଼ାଉ କରି ଧରିବାକୁ ଦାବି କରିଛନ୍ତି।




ପୁରୀ ବେଳାଭୂମିରେ ବୁଧବାର ଶିଳ୍ପୀ ମାନସ ସାହୁ ତିଆରି କରିଥିବା ବାଲୁକା କଳା।



ଆଇନ ସେବା ପ୍ରାଧିକରଣ ପକ୍ଷରୁ ସ୍ତ୍ରୀ ଓ ସ୍ୱାମୀଙ୍କ ମଧ୍ୟରେ ଆପୋସ ବୁଝାମଣା କରାଯାଉଛି।

## ୫ ବର୍ଷ ପରେ ଏକାଠି ହେଲେ ଦମ୍ପତି

**ପୁରୀ ଅଫିସ,୪।୩**

ବିବାହ ଏକ ପବିତ୍ର ବନ୍ଧନ। ବୈଦିକ ରୀତିନୀତିରେ ବର କନ୍ୟା ମଧ୍ୟରେ ବିବାହ ସମ୍ପନ୍ନ ହୋଇଥାଏ। ତେବେ ପାରିବାରିକ ଅଶାନ୍ତି, ପରସ୍ପର ମଧ୍ୟରେ ମନମାଳିନ୍ୟ କାରଣରୁ ଏହି ପବିତ୍ର ବନ୍ଧନରେ ଛିଟା ପଡିଯାଇଥାଏ। ସାତ ଜନ୍ମ ଲାଗି ବିବାହ ବନ୍ଧନରେ ଆବଦ୍ଧ ହେବା ଲାଗି ନେଇଥିବା ନିଷ୍ପତ୍ତି ସାମାନ୍ୟ କିଛି କାରଣରୁ ପାଣି ଫୋଟକା ପରି ଅଲଗା ହୋଇଯାଇଥାନ୍ତି। ତେବେ ଏଭଳି କୌଣସି କାରଣକୁ ନେଇ ଗତ ୫ ବର୍ଷ ଧରି ଅଲଗା ହୋଇଥିବା ଏକ ଦମ୍ପତି ଜିଲା ଆଇନସେବା ପ୍ରାଧିକରଣ ସହାୟତାରେ ଉଭୟ ପରିବାର ସହମତି ଭିତ୍ତିରେ ପୁଣି ଏକାଠି ହୋଇଛନ୍ତି। ମିଳିଥିବା ସୂଚନା ପ୍ରକାରେ ବାଲିଘାଟର ପୂଜା ମିଶ୍ର ଓ ପୁରୀ ୱାଟରୱାର୍କ୍ସ ରୋଡର ଜ୍ୟୋତି ରଞ୍ଜନ ମିଶ୍ରଙ୍କ ମଧ୍ୟରେ ବୈଦିକ ରୀତିରେ ବିବାହ କରିଥିଲେ। କୌଣସି କାରଣକୁ ନେଇ ୨୦୧୫ ମସିହାରୁ ଉଭୟଙ୍କ ମଧ୍ୟରେ ବିବାହ ଉଚ୍ଛେଦ ହୋଇଥିଲା। ତେବେ ପୁଣି ଏକାଠି ହେବାର ମନସ୍ଥ କରି ଉଭୟଙ୍କ ପରିବାର ବରିଷ୍ଠ ଆଇନଜୀବୀ ସତ୍ୟବ୍ରତ ରଥ ଓ ଆଇନ ସେବା ପ୍ରାଧିକରଣ ସଚିବ ଅମରେଶ ମହାପାତ୍ରଙ୍କ ସହ ଯୋଗାଯୋଗ କରିଥିଲେ। ମଙ୍ଗଳବାର ଆଇନ ସେବା ସଚିବ ମହାପାତ୍ର ଉଭୟ ପରିବାରଙ୍କୁ ଡାକି ଆପୋସ ବୁଝାମଣା କରିଥିଲେ। ପରେ ଉଭୟ ସ୍ୱାମୀ ସ୍ତ୍ରୀ ଏକତ୍ର ରହିବା ଲାଗି ରାଜି ହୋଇଥିଲେ। ୫ ବର୍ଷ ବ୍ୟବଧାନ ପରେ ସ୍ୱାମୀ ସ୍ତ୍ରୀଙ୍କ ପୁଣିଥରେ ଏକାଠି ହୋଇଥିଲେ ମହାପାତ୍ର କହିଛନ୍ତି।

# ପେନ୍‌ସିଲ, ପେନ୍‌ରେ ସଚେତନତାର ବାର୍ତ୍ତା

## ପ୍ଲାଷ୍ଟିକମୁକ୍ତ, ଚାରାରୋପଣ ପାଇଁ ବସୁନ୍ଧରାଙ୍କ ନିଆରା ପ୍ରୟାସ

**ପୁରୀ ଅଫିସ, ୪।୩**

ଦିନକୁ ଦିନ ପ୍ଲାଷ୍ଟିକର ବହୁଳ ବ୍ୟବହାର ହେଉଛି। ପ୍ରତ୍ୟକ୍ଷ ଭାବେ ଏହାର କୁପ୍ରଭାବ ଜଣାପଡୁ ନ ଥିଲେ ମଧ ପରୋକ୍ଷରେ ଏହା ମାନବ ସଭ୍ୟତା ପାଇଁ ଘାତକ ସାଜୁଛି। ବିଭିନ୍ନ ପ୍ରକାର ରୋଗ ଏହି ପ୍ଲାଷ୍ଟିକ ଯୋଗୁ ହିଁ ହେଉଛି। ତେଣୁ ଏହାର ବ୍ୟବହାର ଉପରେ ରୋକ୍ ଲଗାଇବା ଜରୁରୀ ହୋଇପଡ଼ିଛି। ପ୍ଲାଷ୍ଟିକର ବହୁଳ ବ୍ୟବହାର କେବଳ ଭାରତ ପାଇଁ ନୁହେଁ, ସମଗ୍ର ବିଶ୍ୱ ପାଇଁ ଏବେ ଚିନ୍ତାର ବିଷୟ ପାଲଟିଛି। ସରକାର ପ୍ଲାଷ୍ଟିକ ଉପରେ କଟକଣା ଜାରି କରିଥିବାବେଳେ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ଏ ଦିଗରେ ଉଦ୍ୟମ ଚଳାଇଛନ୍ତି। ସେହିପରି ଦ୍ରୁତଗତିରେ ଜଙ୍ଗଲ କ୍ଷୟ ମଧ ହେଉଛି। ଦ୍ରୁତ ସହରୀକରଣ ପାଇଁ ବଳିପଡୁଛି ସବୁଜ ବନାନୀ। ତେଣୁ ପ୍ଲାଷ୍ଟିକ ବ୍ୟବହାର ନ କରିବା ଏବଂ ବୃକ୍ଷରୋପଣ ପ୍ରତି ଆଗ୍ରହ ସୃଷ୍ଟି କରିବା ଲାଗି ଅଭିନବ ପ୍ରୟାସ ଆରମ୍ଭ କରିଛନ୍ତି ବସୁନ୍ଧରା ଭଞ୍ଜଦେଓ। ସ୍କୁଲ ଛାତ୍ରୀଛାତ୍ରଙ୍କୁ ସଚେତନ କରିବା ଲକ୍ଷ୍ୟରେ ତିଆରି କରିଛନ୍ତି ବର୍ଦ୍ଧନ ଇକୋଫ୍ରେଣ୍ଡଲି ପେନ୍ ଆଣ୍ଡ ପେନ୍‌ସିଲ। ଅଦରକାରୀ ହେବା ପରେ ମଧ ପରିବେଶ ଉପରେ କୌଣସି ପ୍ରଭାବ ପକାଇ ପାରିବନି। ବରଂ ପେନ୍‌ସିଲର ବଳକା ଅଂଶ ମାଟିରେ ପୋତିଦେଲେ କିଛିଦିନ ପରେ ଗଛ ହୋଇଯିବ।

**ଇଣ୍ଟରନେଟ୍ ଦେଖାଇଲା ବାଟ**

କିପରି ଏଭଳି ଚିନ୍ତାଧାରା ମନକୁ ଆସିଲା ପ୍ରଶ୍ନରେ ବସୁନ୍ଧରା କହିଛନ୍ତି, ଏକଦା ଇଣ୍ଟରନେଟ୍‌ରୁ ସେ ଏଭଳି ପେନ୍ ଓ ପେନ୍‌ସିଲ ସମ୍ପର୍କରେ ଜାଣିବାକୁ ପାଇଲେ। ଏହାର ପ୍ରସ୍ତୁତି ଇଣ୍ଟରନେଟ୍‌ରୁ ଶିଖି ନିଜେ ତିଆରି କରିବାକୁ ମନସ୍ଥ କଲେ। ଏଥିପାଇଁ ଆବଶ୍ୟକ କାଗଜ ଏବଂ ଅନ୍ୟାନ୍ୟ କିଛି ସାମଗ୍ରୀ ଆଣି ଉଦ୍ୟମ କରି ସଫଳ ହେଲେ। ବିନା କାଠ ଆଉ ପଲିମରରେ ପେନ୍‌ସିଲ ଏବଂ ପେନ୍ ତିଆରି କରିଛନ୍ତି। ପରିବାର ଲୋକଙ୍କ ସହାୟତାରେ ଏହାକୁ ତିଆରି କରିବା ପରେ ଏବେ ଛାତ୍ରୀଛାତ୍ରଙ୍କ ପାଖରେ ପହଞ୍ଚିବାକୁ ଉଦ୍ୟମ ଆରମ୍ଭ କରିଛନ୍ତି। ଛାତ୍ରୀଛାତ୍ରଙ୍କ ପକେଟକୁ ସୁହାଇଲା ଭଳି ଦାମ୍‌ରେ ଦେଉଛନ୍ତି। ପ୍ରଥମେ ମଧୁବନ ଶିଶୁ ମନ୍ଦିର ଓ ପରେ ବୁଧବାର ବ୍ଲେସ୍‌ଡ ସାକ୍ରାମେଣ୍ଟ ହାଇସ୍କୁଲ ସମ୍ମୁଖରେ ଏହି ନିଆରା ପେନ୍, ପେନ୍‌ସିଲ ବିକ୍ରି କରୁଥିଲେ ବସୁନ୍ଧରା। ଏହାର ଉପକାରିତା ସମ୍ପର୍କରେ କହିବା ପରେ ଆଗ୍ରହର ସହ ଛାତ୍ରୀଛାତ୍ରମାନେ ମଧ ଏହାକୁ କିଣୁଥିଲେ।



ବସୁନ୍ଧରା ଭଞ୍ଜଦେଓଙ୍କଠାରୁ ଜଣେ ଛାତ୍ରୀ ଇକୋ ଫ୍ରେଣ୍ଡ୍‌ଲି ପେନ୍ ଓ ପେନ୍‌ସିଲ୍ କିଣୁଛନ୍ତି।

## ମାଟିରେ ପେନ୍‌ସିଲ ପୋତିଲେ ଗଛ ଉଠିବ

ପୁରୀ ମଧୁବନ ଅଞ୍ଚଳର ବସୁନ୍ଧରା ଭଞ୍ଜଦେଓ। ଶିକ୍ଷାଗତ ଯୋଗ୍ୟତା ବିଟେକ୍ ମେକାନିକାଲ। ଚାକିରି କରିଥିଲେ, କିନ୍ତୁ ଚାକିରି ଛାଡ଼ି ଏବେ ପରିବେଶ ପ୍ରଦୂଷଣକୁ କମାଇବା ନିଶାରେ ପଡ଼ିଯାଇଛନ୍ତି। ଗତ କିଛି ମାସ ହେବ ଏ ଦିଗରେ ଆରମ୍ଭ କରିଛନ୍ତି ନିଆରା ଅଭିଯାନ। ତିଆରି କରୁଛନ୍ତି ବର୍ଦ୍ଧନ ଇକୋ ଫ୍ରେଣ୍ଡଲି ପେନ୍ ଆଣ୍ଡ ପେନ୍‌ସିଲ। ବର୍ଜ୍ୟ କାଗଜରେ ପରିବେଶ ଅନୁକୂଳ ପେନ୍ ଏବଂ ପେନ୍‌ସିଲ ତିଆରି କରୁଛନ୍ତି। ତେବେ ତାଙ୍କ ଟାର୍ଗେଟରେ ରହିଛନ୍ତି ବିଦ୍ୟାଳୟର ଛାତ୍ରୀଛାତ୍ର। ଯଦି ଛାତ୍ରୀଛାତ୍ରମାନେ ସଚେତନ ହୁଅନ୍ତି ତେବେ ସମ୍ପୂର୍ଣ୍ଣ ପରିବାର ଉପରେ ଏହାର ପ୍ରଭାବ ପଡ଼ିଥାଏ। ଏଭଳି ମାନସିକତା ରଖି ବିଭିନ୍ନ ବିଦ୍ୟାଳୟ ସମ୍ମୁଖରେ କାଗଜରେ ତିଆରି ପେନ୍ ଏବଂ ପେନ୍‌ସିଲ ବିକ୍ରି କରୁଛନ୍ତି ବସୁନ୍ଧରା। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି, ବସୁନ୍ଧରାଙ୍କ ଇକୋ ଫ୍ରେଣ୍ଡଲି ପେନ୍‌ସିଲରେ ଚାରାରୋପଣ ବି କରିହେବ। ଅର୍ଥାତ୍ ଏହି ପେନ୍‌ସିଲ ପଛରେ ବିଭିନ୍ନ ପ୍ରକାର ଫୁଲ, ଫଳର ମଞ୍ଜି ରହିଛି। ପେନ୍‌ସିଲର ଗ୍ରାଫାଇଟ୍ ଦଣ୍ଡଟି ସରିଗଲା ପରେ ଏହାର ବଳକା ଅଂଶକୁ ମାଟିରେ ପୋତି ପାଣିଦେଲେ ମଞ୍ଜିରୁ ଚାରା ସୃଷ୍ଟି ହୋଇପାରିବ। ବର୍ଜ୍ୟ କାଗଜରେ ପେନ୍‌ସିଲ ତିଆରି କରିବା ଦ୍ୱାରା ଏଥିପାଇଁ ଗଛ କାଟିବାକୁ ପଡ଼ିବ ନାହିଁ। ସେହିପରି ତାଙ୍କ ପେନ୍ ୯୦ ପ୍ରତିଶତ ପ୍ଲାଷ୍ଟିକ ଫ୍ରି। କେବଳ ରିଫିଲଟି ପ୍ଲାଷ୍ଟିକ। ଏହାକୁ ମଧ ପ୍ଲାଷ୍ଟିକ ଫ୍ରି କରିବାକୁ ସେ ଉଦ୍ୟମ ଚଳାଇଛନ୍ତି। ଯଦି ସଫଳତା ମିଳେ ତେବେ ତାଙ୍କ ପେନ୍ ସମ୍ପୂର୍ଣ୍ଣ ପ୍ଲାଷ୍ଟିକ ମୁକ୍ତ ହୋଇପାରିବ ବୋଲି ବସୁନ୍ଧରା କହିଛନ୍ତି।